ସାମବେଦୀୟ ଛାନ୍ଦୋଗ୍ୟ ବ୍ରାହ୍ମଣ ଅନ୍ତର୍ଗତ

ଛାନ୍ଦୋଗ୍ୟୋପନିଷଦ୍

ଉପକ୍ରମଣିକା

ସାମବେଦୀୟ ଛାନ୍ଦୋଗ୍ୟ ବ୍ରାହ୍ମଣ ଅନ୍ତର୍ଗତ ଉପନିଷଦ ଭାଗଟି **'ଛାନ୍ଦୋଗ୍ୟଉପନିଷଦ'** ଭାବରେ ପ୍ରସିଦ୍ଧ ଅଟେ । ସାମବେଦ ତଲବକାର ଶାଖାର ଶେଷ ଆଠଗୋଟି ଅଧ୍ୟାୟକୁ ନେଇ ଏହି ଉପନିଷଦର ମାନ୍ୟତା ଉପସ୍ଥାପନ ହୋଇଛି । ଆଜିକାଲିର ବହୁଳ ବ୍ୟବହୃତ ତଥା ଅନୁମୋଦିତ ଏକାଦଶ ଉପନିଷଦ ମଧ୍ୟରୁ ଏହା ଦ୍ୱିତୀୟ ବୃହତ୍ ଉପନିଷଦ । ନାମାନୁସାରେ ଏହି ଉପନିଷଦଟିର ଆଧାର ଛନ୍ଦ ଅଟେ, ଯାହାକୁ ଉକ୍ତ ଉପନିଷଦରେ ବ୍ୟାପକ ଅର୍ଥରେ ପ୍ରୟୋଗ କରାଯାଇଛି । ପୁନଶ୍ଚ ବ୍ୟାପକାର୍ଥେ ଏହା ଆଚ୍ଛାଦନୀୟ ବା ଆଚ୍ଛାଦନ କରି ରଖିଥିବାକୁ ସ୍ୱୀକାର କରାଯାଏ । ସାହିତ୍ୟିକ ତଥା କବିମାନଙ୍କ ଭଳି ଋଷି ମଧ୍ୟ ମୂଳ ସତ୍ୟକୁ ବିବିଧ ମାଧ୍ୟମରେ ଉକ୍ତ ଉପନିଷଦ ଗ୍ରନ୍ଥରେ ଅଭିବ୍ୟକ୍ତ କରାଇଅଛନ୍ତି । ପ୍ରକୃତି ମାଧ୍ୟମରେ ପରମ ସତ୍ତାଙ୍କର ଉପଲବ୍ଧି କରାଇବାକୁ ଋଷି ଏହି ଉପନିଷଦଟିରେ ପର୍ଯ୍ୟାପ୍ତ ପ୍ରୟାସ କରିଥିବାର ବେଶ୍ ଅନୁମେୟ । ଅନେକ ରସ ମଧ୍ୟରୁ ଓମ୍‌କାରକୁ ଶ୍ରେଷ୍ଠରସ ମାନ୍ୟତା ଦେବାକୁ ଏହି ଉପନିଷଦ ପ୍ରସ୍ତୁତ ହୋଇଛି ।

- ତସ୍ମୈ ବ୍ରହ୍ମଣେ ନମଃ -

ପ୍ରଥମୋଽଧ୍ୟାୟଃ

ଏକାକ୍ଷର 'ଓଁ'ର ବର୍ଣ୍ଣନ

(ପ୍ରଥମ ଅଧ୍ୟାୟ-ପ୍ରଥମ ଖଣ୍ଡ)

୧. 'ଓମ୍‌କାର' ବ୍ୟାଖ୍ୟାନ

ଓମିତ୍ୟେତଦକ୍ଷରମ୍ ଉଦ୍‌ଗୀଥମୁପାସୀତ । ଓମିତି ହ୍ୟୁଦ୍‌ଗାୟତି ତସ୍ୟୋପବ୍ୟାଖ୍ୟାନମ୍ ।।୧।।

ଓଁ । ଏହି ଅକ୍ଷର ଉଦ୍‌ଗୀଥ ଅଟେ, ଏହାର ଉପାସନା କରିବା ଦରକାର । 'ଓମ୍' ଏହିଭଳି ଉଚ୍ଚାରଣକରି ଯଜ୍ଞରେ ଉଦ୍‌ଗାତା ଉଦ୍‌ଗାନ ବା ଉଚ୍ଚସ୍ୱରରେ ଗାୟନ ଆରମ୍ଭ କରିଥାନ୍ତି । ସେହି **ଉଦ୍‌ଗୀଥ** ଉପାସନାର ବ୍ୟାଖ୍ୟା ଏଠାରେ କରାଯାଇଛି ।।୧।।

ଏଷାଂ ଭୂତାନାଂ ପୃଥିବୀ ରସଃ ପୃଥିବ୍ୟା ଆପୋ ରସ । ଅପାମୋଷଧୟୋ ରସ ଓଷଧୀନାଂ ପୁରୁଷୋ ରସଃ ପୁରୁଷସ୍ୟ ବାଗ୍ରସୋ ବାଚ ଋଗ୍ରସ ଋଚଃ ସାମ ରସଃ ସାମ୍ନ ଉଦ୍‌ଗୀଥୋ ରସ ।।୨।।

ଏହି ଚରାଚର ପ୍ରାଣୀଙ୍କର ପୃଥିବୀ ରସ(ଉତ୍ପତ୍ତି, ସ୍ଥିତି ଓ ଲୟର ସ୍ଥାନ) ଅଟେ । ପୃଥିବୀର ରସ ଜଳ ଅଟେ, ଜଳର ରସ ଔଷଧୀ ଅଟେ, ଔଷଧୀର ରସ ପୁରୁଷ ଅଟେ, ପୁରୁଷର ରସ ବାକ୍ ଅଟେ, ବାକ୍‌ର ରସ ଋକ୍ ଅଟେ, ଋକ୍‌ର ରସ ସାମ୍ ଅଟେ ଆଉ ସେହି ସାମ୍‌ର ରସ ଉଦ୍‌ଗୀଥ ଅଟେ ।।୨।।[୧]

ସ ଏଷ ରସାନାଁ ରସତମଃ ପରମଃ ପରାର୍ଦ୍ଧ୍ୟୋଽଷ୍ଟମୋ

---

୧ ଯାହାଙ୍କର ଅକ୍ଷର, ପାଦ ଓ ସମାପ୍ତି – ଏମାନେ ନିୟତ ସଂଖ୍ୟାନୁସାରେ ହୋଇଥାନ୍ତି, ସେହି ମନ୍ତ୍ରକୁ ଋକ୍ କୁହାଯାଏ । ଯାହାଙ୍କର ଅକ୍ଷରାଦିର କୌଣସି ନିୟତ ସଂଖ୍ୟା ବା କ୍ରମ ନାହିଁ, ତାକୁ ଯଜୁଃ କୁହନ୍ତି । ଋକ୍ ସଂଜ୍ଞକ ମନ୍ତ୍ର ଯେତେବେଳେ ଗୀତ ପ୍ରଧାନ ହୋଇଯାଏ ବା ତାର ଗାନ କରାଯାଏ, ତାକୁ ସାମ ସଂଜ୍ଞା ଦିଆଯାଇପାରେ । ଏହି ସାମ୍‌ମନ୍ତ୍ର ଦ୍ୱାରା ବିଭିନ୍ନ ଦେବଗଣଙ୍କର ସ୍ତୁତି କରାଯାଇଥାଏ ।

ଯଦୁଦ୍‌ଗୀଥଃ ।।୩।।

ଏହି ଯେଉଁ ଉଦ୍‌ଗୀଥ ରହିଛି, ରସମାନଙ୍କ ମଧ୍ୟରେ ତାହା ରସୋତ୍ତମ ଅଟେ । ତାହା ଉତ୍କୃଷ୍ଟ ତଥା ପରମାତ୍ମାଙ୍କର ପ୍ରତୀକ ହେବା ଯୋଗ୍ୟ ଓ ପୃଥିବୀ (ଆଦି ରସ ମଧ୍ୟରେ) ଅଷ୍ଟମ ଅଟେ ।।୩

କତମା କତମର୍କ୍କତମକ୍ରତମତ୍ସାମ କତମଃ କତମ ଉଦ୍‌ଗୀଥ ଇତି ବିମୃଷ୍ଟଂ ଭବତି ।।୪।।

ଏବେ ଏହା ବିଚାର କରାଯାଉଛି କି, କିଏ କିଏ ଋକ୍ ଅଟନ୍ତି, କିଏ କିଏ ସାମ୍ ଆଉ କିଏ କିଏ ଉଦ୍‌ଗୀଥ ଅଟନ୍ତି ? ।।୪

ବାଗେବକ୍ ପ୍ରାଣଃ ସାମୋମିତ୍ୟେତଦକ୍ଷରମୁଦ୍‌ଗୀଥଃ । ତଦ୍ୱା ଏତନ୍ମିଥୁନଂ ଯଦ୍ୱାକ୍ଚ ପ୍ରାଣଶ୍ଚର୍କ୍ ଚ ସାମ ଚ ।।୫।।

ବାକ୍ ହିଁ ଋକ୍ ଅଟେ, ପ୍ରାଣ ସାମ୍ ଅଟେ ଆଉ 'ଓଁ' ଏହି ଅକ୍ଷର ଉଦ୍‌ଗୀଥ ଅଟେ । ଏହି ଯେଉଁ ଋକ୍ ଏବଂ ସାମ୍‌ରୂପକ ବାକ୍ ଓ ପ୍ରାଣ ରହିଛନ୍ତି, ସେମାନେ ପରସ୍ପର ମିଥୁନ ବା ଯୁକ୍ତ ଅଟନ୍ତି ।।୫

ତଦେତନ୍ମିଥୁନମୋମିତ୍ୟେତସ୍ମିନ୍ନକ୍ଷରେ ସଁସୃଜ୍ୟତେ ଯଦା ବୈ ମିଥୁନୌ ସମାଗଚ୍ଛତ ଆପୟତୋ ବୈ ତାବନ୍ୟୋନ୍ୟସ୍ୟ କାମମ୍ ।।୬।।

ସେହି ମିଥୁନ ଓଁ, ଏହି ଅକ୍ଷରରେ ସଂସୃଷ୍ଟ ହୋଇଥାଏ, ଯେଉଁ ସମୟରେ ମିଥୁନ(ମିଥୁନର ଅବୟବ) ପରସ୍ପର ମିଳିତ ହୋଇଥାନ୍ତି, ସେହି ସମୟରେ ଉଭୟେ କାମନାକୁ ପ୍ରାପ୍ତକରିବା ଯୋଗ୍ୟ ହୋଇଥାନ୍ତି ।।୬

ଆପୟିତା ହ ବୈ କାମାନାଂ ଭବତି ଯ ଏତଦେବଂ ବିଦ୍ୱାନ-କ୍ଷରମୁଦ୍‌ଗୀଥମୁପାସ୍ତେ ।।୭।।

ଯେଉଁ ବିଦ୍ୱାନ (ଉପାସକ) ଏହିଭଳି ଭାବରେ ଉକ୍ତ ଉଦ୍‌ଗୀଥ ରୂପ ଅକ୍ଷରର ଉପାସନା କରନ୍ତି, ସେ ସମ୍ପୂର୍ଣ୍ଣ କାମନାମାନଙ୍କୁ ପ୍ରାପ୍ତ ହୋଇଥାନ୍ତି ଅର୍ଥାତ୍ ତାଙ୍କର ସମସ୍ତ କାମନା ପୂର୍ତ୍ତି ହୋଇଥାଏ ।। ୭

ତଦ୍ୱା ଏତଦନୁଜ୍ଞାକ୍ଷରଂ ଯଦ୍ଧି କିଂ ଚାନୁଜାନାତ୍ୟୋମିତ୍ୟେବ ତଦାହ ଏଷା ଏବ ସମୃଦ୍ଧିର୍ଯଦନୁଜ୍ଞା । ସମର୍ଧୟିତା ହ ବୈ କାମାନାଂ ଭବତି ଯ ଏତଦେବଂ ବିଦ୍ୱାନକ୍ଷରମୁଦ୍‌ଗୀଥମୁପାସ୍ତେ ।।୮।।

ସେହି ଓମ୍‌କାର ହିଁ ଅନୁଜ୍ଞା ବା ଅନୁମତିସୂଚକ ଅକ୍ଷର ଅଟନ୍ତି । (ମନୁଷ୍ୟ) କାହାକୁ

ଯେକୌଣସି ଅନୁମତି ଦେଇଥାଏ, ସେତେବେଳେ 'ଓଁ' (ହଁ) ବୋଲି କହିଥାଏ । ଏହି ଅନୁଜ୍ଞା ସମୃଦ୍ଧିସୂଚକ ଅଟେ । ଏହିଭଳି ଜାଣିଥିବା ଯେଉଁ ପୁରୁଷ ସେହି ଏକାକ୍ଷର ଉଦ୍‌ଗୀଥଙ୍କର ଉପାସନା କରନ୍ତି, ସେ ନିଶ୍ଚିତଭାବରେ ସମ୍ପୂର୍ଣ୍ଣ କାମନାମାନଙ୍କର ସମୃଦ୍ଧକାରୀ ହୋଇଥାନ୍ତି ।।୮

ତେନେୟଂ ତ୍ରୟୀ ବିଦ୍ୟା ବର୍ତତ ଓମିତ୍ୟାଶ୍ରାବୟତ୍ୟୋମିତି ଶଁ ସତ ତ୍ୟାମିତୁଦ୍‌ଗାୟତ୍ୟେତସ୍ୟୈବାକ୍ଷରସ୍ୟାପଚିତ୍ୟୈ ମହିମ୍ନା ରସେନ ।।୯।।

ସେହି ଅକ୍ଷରରୁ ହିଁ ଏହି (ଋକ୍‌ବେଦାଦି ରୂପ) ତ୍ରୟୀବିଦ୍ୟା[୧] ପ୍ରବୃତ୍ତ ହୋଇଛନ୍ତି । 'ଓଁ' ଏହିଭଳି କହି (ଅଧ୍ୱର୍ଯ୍ୟୁ) ଆଶ୍ରାବଣ କର୍ମ କରିଥାଏ, 'ଓଁ' କହି ହୋତା ଶଂସନ କରିଥାଏ ଏବଂ 'ଓଁ' କହି ଉଦ୍‌ଗାତା ଉଦ୍‌ଗାନ କରିଥାଏ । ଏହି ଅକ୍ଷର(ପରମାତ୍ମା)ଙ୍କର ପୂଜା ପାଇଁ (ସମ୍ପୂର୍ଣ୍ଣ ବୈଦିକ କର୍ମ ଅଟେ) ଏବଂ ଏହାଙ୍କର ମହିମା ଓ ରସ (ଯବ, ବିରି ଆଦି ହବିପଦାର୍ଥ)ଦ୍ୱାରା ସମସ୍ତ କର୍ମ ପ୍ରବୃତ୍ତ ହୋଇଥାଏ ।।୯

ତେନୋଭୌ କୁରୁତୋ ଯଶ୍ଚୈତଦେବଂ ବେଦ ଯଶ୍ଚ ନ ବେଦ । ନାନା ତୁ ବିଦ୍ୟା ଚାବିଦ୍ୟା ଚ ଯଦେବ ବିଦ୍ୟୟା କରୋତି ଶ୍ରଦ୍ଧୟୋପନିଷଦା ତଦେବ ବୀର୍ଯ୍ୟବତ୍ତରଂ ଭବତୀତି ଖଲ୍ୱେତସ୍ୟୈବାକ୍ଷରସ୍ୟୋପବ୍ୟାଖ୍ୟାନଂ ଭବତି ।।୧୦।।

ଯିଏ ଏହି ଅକ୍ଷରକୁ ଏହିଭଳି ଭାବରେ ଜାଣନ୍ତି ଆଉ ଯିଏ ନ ଜାଣନ୍ତି ଉଭୟେ ତାଙ୍କଦ୍ୱାରା କର୍ମରେ ପ୍ରବୃତ୍ତ ହୋଇଥାନ୍ତି । କିନ୍ତୁ ବିଦ୍ୟା ଓ ଅବିଦ୍ୟା ଉଭୟେ ଭିନ୍ନ ଭିନ୍ନ ଫଳଦାୟୀ ଅଟନ୍ତି । ଯେଉଁ କର୍ମ ବିଦ୍ୟା, ଶ୍ରଦ୍ଧା ଓ ଯୋଗ ଆଦିରେ ଯୁକ୍ତହୋଇ କରାଯାଏ, ତାହା ପ୍ରବଳତର ହୋଇଥାଏ, ଏହିଭଳି ନିଶ୍ଚୟାତ୍ମକ ଭାବରେ ଉକ୍ତ ଅକ୍ଷରର ବ୍ୟାଖ୍ୟା କରାଯାଇଛି ।।୧୦

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ପ୍ରଥମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧।।

(ପ୍ରଥମ ଅଧ୍ୟାୟ-ଦ୍ୱିତୀୟ ଖଣ୍ଡ)

୨. 'ଓମ୍‌କାର' ଉପାସନା (ଆଧ୍ୟାତ୍ମିକ ଦୃଷ୍ଟି)

ଦେବାସୁରା ହ ବୈ ଯତ୍ର ସଂୟେତିର ଉଭୟେ ପ୍ରାଜାପତ୍ୟାସ୍ତଦ୍ଧ

---

୧ ଅଧ୍ୱର୍ଯ୍ୟୁ, ହୋତା ଓ ଉଦ୍‌ଗାତା— ଏହି ତିନୋଟିକୁ ତ୍ରୟୀବିଦ୍ୟାର ଅଙ୍ଗ ବୋଲି କୁହାଯାଏ ।

ଦେବା ଉଦ୍‌ଗୀଥମାଜହ୍ରୁରନେନୈନାନଭିଭବିଷ୍ୟାମ ଇତି ॥୧॥

ଏହା ପ୍ରସିଦ୍ଧ ଅଟେକି, ପୂର୍ବକାଳରେ ପ୍ରଜାପତିଙ୍କର(ଉଭୟ) ପୁତ୍ର ଦେବତା ଏବଂ ଅସୁର କୌଣସି କାରଣରୁ ପରସ୍ପର ମଧ୍ୟରେ କଳହ କରିବାକୁ ଲାଗିଲେ । ସେମାନଙ୍କ ମଧ୍ୟରେ ଦେବତାମାନେ ଚିନ୍ତା କରିଥିଲେ କି, ଏହା ସାହାଯ୍ୟରେ ସେମାନେ ତାଙ୍କର ପରାଭବ ପ୍ରଦର୍ଶନ କରିପାରିବେ, ତେଣୁ ସେମାନେ ଉଦ୍‌ଗୀଥ ଅନୁଷ୍ଠାନ କଲେ ॥୧॥

ତେ ହ ନାସିକ୍ୟଂ ପ୍ରାଣମୁଦ୍‌ଗୀଥମୁପାସାଂଚକ୍ରିରେ । ତଁ ହାସୁରାଃ ପାପ୍ମା ବିବିଧୁସ୍ତସ୍ମାତ୍ତେନୋଭୟଂ ଜିଘ୍ରତି ସୁରଭି ଚ ଦୁର୍ଗନ୍ଧି ଚ ପାପ୍ମନା ହ୍ୟେଷ ବିଦ୍ଧଃ ॥୨॥

ସେମାନେ ନାସିକାରେ ରହୁଥିବା ପ୍ରାଣ ରୂପରେ ଉଦ୍‌ଗୀଥଙ୍କୁ ଉପାସନା କଲେ କିନ୍ତୁ ଅସୁରମାନେ ତାଙ୍କୁ ପାପବିଦ୍ଧ କରି ପକାଇଲେ । ଫଳରେ ତାହା ସୁଗନ୍ଧ ଏବଂ ଦୁର୍ଗନ୍ଧ ଉଭୟକୁ ଘ୍ରାଣ କରିପାରିଲା କାହିଁକି ନାଁ ଯେହେତୁ ତାହା ପାପବିଦ୍ଧ ହୋଇଗଲା ॥୨॥

ଅଥ ହ ବାଚମୁଦ୍‌ଗୀଥମୁପାସାଂଚକ୍ରିରେ । ତାଁହାସୁରାଃ ପାପ୍ମନା ବିବିଧୁସ୍ତସ୍ମାତ୍ତୟୋଭୟଂ ବଦତି ସତ୍ୟଂ ଚାନୃତଂ ଚ ପାପ୍ମନା ହ୍ୟେଷା ବିଦ୍ଧା ॥୩॥

ପୁଣି ସେମାନେ ବାଣୀରୂପେ ଉଦ୍‌ଗୀଥଙ୍କୁ ଉପାସନା କଲେ କିନ୍ତୁ ଅସୁରମାନେ ମଧ୍ୟ ତାଙ୍କୁ ପାପବିଦ୍ଧ କଲେ । ଏହା ଦ୍ୱାରା ବାଣୀ ସତ ଆଉ ମିଛ ଉଭୟ ଭାବରେ ବିଦିତ ହେବାକୁ ଲାଗିଲା । ଲୋକେ ସେହି କାରଣରୁ ସତ-ମିଛ ଉଭୟ କହିବାକୁ ସକ୍ଷମ ହେଉଛନ୍ତି ॥୩॥

ଅଥ ହ ଚକ୍ଷୁରୁଦ୍‌ଗୀଥମୁପାସାଂଚକ୍ରିରେ । ତଦ୍ଧାସୁରାଃ ପାପ୍ମନା ବିବିଧୁସ୍ତସ୍ମାତ୍ତେନୋଭୟଂ ପଶ୍ୟତି ଦର୍ଶନୀୟଂ ଚାଦର୍ଶନୀୟଂ ଚ ପାପ୍ମନା ହ୍ୟେତଦ୍ବିଦ୍ଧମ୍ ॥୪॥

ପୁଣି ସେମାନେ ଚକ୍ଷୁରୂପେ ଉଦ୍‌ଗୀଥଙ୍କୁ ଉପାସନା କଲେ । ଅସୁରମାନେ ତାଙ୍କୁ ମଧ୍ୟ ପାପବିଦ୍ଧ କରିଦେଲେ । ଫଳରେ ଲୋକ ଦର୍ଶନୀୟ ଓ ଅଦୃଶ୍ୟ ଭାବରେ ପଦାର୍ଥମାନଙ୍କୁ ଦେଖିପାରିଲେ କାରଣ ଚକ୍ଷୁ ନାମକ ଇନ୍ଦ୍ରିୟଟି ପାପବିଦ୍ଧ ହୋଇଗଲା ॥୪॥

ଅଥ ହ ଶ୍ରୋତ୍ରମୁଦ୍‌ଗୀଥମୁପାସାଂଚକ୍ରିରେ । ତଦ୍ଧାସୁରାଃ ପାପ୍ମନା

ବିବିଧୁସ୍ତସ୍ମାତ୍ତେନୋଭୟଂ ଶୃଣୋତି ଶ୍ରବଣୀୟଂ ଚାଶ୍ରବଣୀୟଂ ଚ ପାପ୍ମନା ହ୍ୟେତଦ୍ୱିଦ୍ଧମ୍ ।।୫।।

ପୁଣି ସେମାନେ ଶ୍ରୋତ୍ର ରୂପେ ଉଦ୍‌ଗୀଥଙ୍କୁ ଉପାସନା କଲେ । ଅସୁରମାନେ ତାଙ୍କୁ ମଧ୍ୟ ପାପବିଦ୍ଧ କରିଦେଲେ । ଫଳରେ ଲୋକ ଶ୍ରବଣୀୟ ଓ ଅଶ୍ରବଣୀୟ ଉଭୟ ପ୍ରକାର ଶବ୍ଦକୁ ଶୁଣିପାରିଲେ କାହିଁକି ନାଁ ସେହି ଶ୍ରୋତ୍ରେନ୍ଦ୍ରିୟଟି ଅଧୁନା(ବର୍ତ୍ତମାନ) ପାପବିଦ୍ଧ ହୋଇଯାଇଥିଲା ।।୫।।

ଅଥ ହ ମନ ଉଦ୍‌ଗୀଥମୁପାସାଂଚକ୍ରିରେ । ତଦ୍ଧାସୁରାଃ ପାପ୍ମନା ବିବିଧୁସ୍ତସ୍ମାତ୍ତେନୋଭୟଂ ସଂକଳ୍ପୟତେ ସଂକଳ୍ପନୀୟଂ ଚାସଂକଳ୍ପନୀୟଂ ଚ ପାପ୍ମନା ହ୍ୟେତଦ୍ୱିଦ୍ଧମ୍ ।।୬।।

ପୁଣି ସେମାନେ ମନ ରୂପେ ଉଦ୍‌ଗୀଥଙ୍କୁ ଉପାସନା କଲେ । ସେହି ଅସୁରମାନେ ପୂର୍ବଭଳି ଉକ୍ତ ମନକୁ ମଧ୍ୟ ପାପବିଦ୍ଧ କରି ପକାଇଲେ । ଫଳରେ ଲୋକେ ସଂକଳ୍ପ ଓ ବିକଳ୍ପଯୁକ୍ତ କାର୍ଯ୍ୟ କରିବାପାଇଁ ଉଭୟପ୍ରକାରର ସଂକଳ୍ପ ନେଲେ । କାହିଁକି ନାଁ ତାହା ପାପବିଦ୍ଧ ହୋଇଗଲା ।।୬।।

ଅଥ ହ ଯ ଏବାୟଂ ମୁଖ୍ୟଃ ପ୍ରାଣସ୍ତମୁଦ୍‌ଗୀଥମୁପାସାଂଚକ୍ରିରେ । ତଂହାସୁରାଃ ଋତ୍ୱା ବିଦଧ୍ୱଂସୁର୍ଯ୍ୟଥାଶ୍ମାନମାଖଣମୃତ୍ୱା ବିଧ୍ୱଁ୍‌ସେତ ।।୭।।

ପୁନର୍ବାର ଏହି ଯେଉଁ ପ୍ରସିଦ୍ଧ ମୁଖ୍ୟ ପ୍ରାଣ ରହିଛି, ସେହିରୂପରେ ଉଦ୍‌ଗୀଥଙ୍କର ଉପାସନା କଲେ । ସେହି ପ୍ରାଣଙ୍କ ନିକଟରେ ପହଞ୍ଚି ଅସୁରଗଣ ବିଧ୍ୱସ୍ତ ହୋଇଗଲେ । ଯେଉଁଭଳି ଦୁର୍ଭେଦ୍ୟ ପାଷାଣ ନିକଟରେ ପହଞ୍ଚି ମାଟିର ଢେଲାଗୁଡ଼ିକ ନଷ୍ଟ ବିନଷ୍ଟ ହୋଇଯାଆନ୍ତି ।।୭।।

ଏବଂ ଯଥାଶ୍ମାନମାଖଣମୃତ୍ୱାବିଧ୍ୱଁ୍‌ସତ ଏବଁହୈବ ସ ବିଧ୍ୱଁ୍‌ସତେ ଯ ଏବଂବିଦି ପାପଂ କାମୟତେ ଯଶ୍ଚୈନମଭିଦାସତି ସ ଏଷୋଽଶ୍ମାଖଣ ।।୮।।

ଯେଉଁଭଳି ମାଟିର ଢେଲା ଦୁର୍ଭେଦ୍ୟ ପାଷାଣକୁ ପ୍ରାପ୍ତହୋଇ ବିନଷ୍ଟ ହୋଇଯାଏ, ସେହିଭଳି ଉକ୍ତ ବ୍ୟକ୍ତି ନାଶପ୍ରାପ୍ତ ହୋଇଯାଏ । ଯିଏ ଏଭଳି ଜାଣିଥିବା ପୁରୁଷମାନଙ୍କ ପ୍ରତି ପାପାଚରଣର କାମନା କରେ ଅବା ତାଙ୍କୁ ମାରିବାପାଇଁ ପ୍ରଚେଷ୍ଟା କରେ, ସେ ମଧ୍ୟ ସେହିଭଳି ହୁଏ । କାହିଁକି ନାଁ ଏହି ପ୍ରାଣ ଉପାସକ ଅଭେଦ୍ୟ ପାଷାଣ ସଦୃଶ ଅଟନ୍ତି ।।୮

ନୈବୈତେନ ସୁରଭି ନ ଦୁର୍ଗନ୍ଧି ବିଜାନାତ୍ୟପହତପାପ୍ମା ହ୍ୟେଷ ତେନ ଯଦଶ୍ନାତି ଯତ୍ପିବତି ତେନେତରାନପ୍ରାଣାନବତି । ଏତମୁ ଏବାନ୍ତତୋଽବିତ୍ତ୍ୱୋତ୍କ୍ରାମତି ବ୍ୟାଦଦାତ୍ୟେବାନ୍ତତ ଇତି ।।୯।।

ଲୋକ ଏହି ମୁଖ୍ୟ ପ୍ରାଣ ଦ୍ୱାରା ସୁଗନ୍ଧକୁ ଜାଣିପାରନ୍ତି ନାହିଁ କି ଦୁର୍ଗନ୍ଧକୁ ଅନୁଭବ କରିପାରନ୍ତି ନାହିଁ କାହିଁକି ନାଁ ଏହା ପାପ ଦ୍ୱାରା ପରାଭୂତ ହୋଇପାରିନାହିଁ । ତେଣୁ ଏହା ଯାହାକିଛି ଖାଏ ବା ପିଏ ତଦ୍ୱାରା ଅନ୍ୟ ପ୍ରାଣମାନଙ୍କର(ଇନ୍ଦ୍ରିୟମାନଙ୍କର) ପୋଷଣ କରିଥାଏ । ପରିଶେଷରେ ଏହି ମୁଖ୍ୟ ପ୍ରାଣକୁ ପ୍ରାପ୍ତ ନ ହୋଇପାରିବା କାରଣରୁ ହିଁ ଘ୍ରାଣାଦି ପ୍ରାଣସମୂହ ଉତ୍‌କ୍ରମଣ କରିଥାନ୍ତି । ଆଉ ତାହାରି ସାହାଯ୍ୟରେ ଶେଷରେ ପୁରୁଷ ମୁଖ ଉନ୍ମୋଚନ କରିବାକୁ ସକ୍ଷମ ହୋଇଥାଏ ।।୯।।

ତଁ ହାଙ୍ଗିରା ଉଦ୍‌ଗୀଥମୁପାସାଂଚକ୍ରେ ଏତମୁ ଏବାଙ୍ଗିରସଂ ମନ୍ୟନ୍ତେଽଙ୍ଗାନାଂ ଯଦ୍ରସଃ ।।୧୦।।

ଅଙ୍ଗିରା ଋଷି ଏହି (ମୁଖ୍ୟପ୍ରାଣ) ରୂପରେ ଉଦ୍‌ଗୀଥଙ୍କର ଉପାସନା କରିଥିଲେ ଅତଃ ଏହି ପ୍ରାଣକୁ ଅଙ୍ଗିରସ ବୋଲି କୁହାଯାଏ । ଯେହେତୁ ତାହା ସମ୍ପୂର୍ଣ୍ଣ ଅଙ୍ଗର ରସ ଅଟେ ।।୧୦।।

ତେନ ତଁହ ବୃହସ୍ପତିରୁଦ୍‌ଗୀଥମୁପାସାଂଚକ୍ରେ ଏତମୁ ଏବ ବୃହସ୍ପତିଂ ମନ୍ୟନ୍ତେ ବାଗ୍ଘି ବୃହତୀ ତସ୍ୟା ଏଷପତିଃ ।।୧୧।।

ଏହା ଦ୍ୱାରା ବୃହସ୍ପତି ସେହି ପ୍ରାଣ ରୂପରେ ଉଦ୍‌ଗୀଥଙ୍କୁ ଉପାସନା କଲେ, ତେଣୁ ଲୋକେ ପ୍ରାଣକୁ ବୃହସ୍ପତି ବୋଲି ମାନିବାକୁ ଲାଗିଲେ । ତାର କାରଣ ବାକ୍ ହିଁ ବୃହତୀ ଅଟେ ଆଉ ସେ ତାଙ୍କର ପତି ଅଟନ୍ତି ।।୧୧।।

ତେନ ତଁହାୟାସ୍ୟ ଉଦ୍‌ଗୀଥମୁପାସାଂଚକ୍ରେ ଏତମୁ ଏବାୟାସ୍ୟଂ ମନ୍ୟନ୍ତ ଆସ୍ୟାଦ୍ୟଦୟତେ ।।୧୨।।

ଏହାପରେ ଆୟାସ୍ୟ ମଧ୍ୟ ସେହି ପ୍ରାଣରୂପରେ ଉଦ୍‌ଗୀଥଙ୍କର ଉପାସନା କଲେ । ଲୋକେ ସେହି ପ୍ରାଣକୁ ଆୟାସ୍ୟ ବୋଲି ମାନିଲେ କାରଣ ଏହା ଆସ୍ୟ ବା ମୁଖରୁ ନିଃସୃତ ହୋଇଥାଏ ।।୧୨।।

ତେନ ତଁହ ବକୋ ଦାଲଭ୍ୟୋ ବିଦାଂଚକାର । ସ ହ ନୈମିଶୀୟାନାମୁଦ୍‌ଗାତା ବଭୂବ ସ ହ ସ୍ମୈଭ୍ୟଃ କାମାନାଗାୟତି ।।୧୩।।

ଅତଃ ଦାଲଭ୍ୟଙ୍କର ପୁତ୍ର ବକ ପୂର୍ବୋକ୍ତ ରୂପରେ ତାଙ୍କୁ ଜାଣିଲେ ଅର୍ଥାତ୍ ପୂର୍ବପ୍ରକାରେ

ପ୍ରାଣମୟ ଉଦ୍‌ଗୀଥଙ୍କର ଉପାସନା କଲେ । ସେ ନୈମିଷାରଣ୍ୟରେ ଯଜ୍ଞକାରୀଙ୍କର ଉଦ୍‌ଗାତା ହେଲେ ଆଉ ସେ ତାଙ୍କର କାମନାପୂର୍ତ୍ତି ପାଇଁ ଉଦ୍‌ଗାନ କଲେ ।।୧୩।।

ଆଗାତା ହ ବୈ କାମାନାଂ ଭବତି ଯ ଏତଦେବଂ ବିଦ୍ୱାନ୍‌କ୍ଷରମୁଦ୍‌ଗୀଥ–ମୁପାସ୍ତ ଇତ୍ୟଧ୍ୟାତ୍ମମ୍ ।।୧୪।।

ଏହାକୁ (ଉଦ୍‌ଗୀଥକୁ) ଏହିଭଳି ଜାଣିଥିବା ବିଦ୍ୱାନ ଉକ୍ତ ଉଦ୍‌ଗୀଥ ସଂଜ୍ଞକ ଅକ୍ଷର 'ଓଁ'କାରଙ୍କର ଉପାସନା କରନ୍ତି, ତାହା କାମନାମାନଙ୍କର ପୂର୍ତ୍ତିକାରୀ ହୋଇଥାଏ । ଏହିଭଳି ଭାବରେ ଅଧ୍ୟାତ୍ମ ଉପାସନା ବର୍ଣ୍ଣିତ ହେଲା ।।୧୪।।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ଦ୍ୱିତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨।।

(ପ୍ରଥମଅଧ୍ୟାୟ- ତୃତୀୟଖଣ୍ଡ)

୩. 'ଓମ୍‌କାର' ଉପାସନା (ଆଧିଦୈବିକ ଦୃଷ୍ଟି)

ଅଥାଧିଦୈବତଂ ଯ ଏବାସୌ ତପତି ତମୁଦ୍‌ଗୀଥମୁପାସୀତୋଦ୍ୟନ୍ୱା ଏଷ ପ୍ରଜାଭ୍ୟ ଉଦ୍‌ଗାୟତି । ଉଦଁ୍ୟସ୍ତମୋଭୟମପହନ୍ତ୍ୟପହନ୍ତା ହ ବୈ ଭୟସ୍ୟ ତମସୋ ଭବତି ଯ ଏବଂ ବେଦ ।।୧।।

ତଦନନ୍ତର ଅଧିଦୈବତ ଉପାସନାର ବର୍ଣ୍ଣନା କରାଯାଉଛି— ଯିଏକି (ଆଦିତ୍ୟ) ତାପିତ କରାନ୍ତି ଅର୍ଥାତ୍ ଯେଉଁ ସୂର୍ଯ୍ୟ ତାପ ପ୍ରଦାନ କରୁଛନ୍ତି, ତାଙ୍କୁ ଉଦ୍‌ଗୀଥ ରୂପରେ ଉପାସନା କରିବା ଦରକାର । ସେହି ସୂର୍ଯ୍ୟ ଉଦୟହୋଇ ପ୍ରଜାମାନଙ୍କ ପାଇଁ ଅନ୍ନାଦିର ଉତ୍ପତ୍ତି ଉଦ୍ଦେଶ୍ୟରେ ଉଦ୍‌ଗାନ କରନ୍ତି ଅର୍ଥାତ୍ ଅନ୍ନାଦିର ଉନ ପାଇଁ ଉନ୍ନତିର କାରକ ହୁଅନ୍ତି, ତେଣୁ ସେ ଉଦ୍‌ଗୀଥ ଅଟନ୍ତି । ଏତିକି ନୁହେଁ, ସେ ଉଦୟହୋଇ ଅନ୍ଧକାର ଓ ଭୟ ଆଦିକୁ ନାଶ କରିଦେଇଥାନ୍ତି । ତେଣୁ ଯିଏ ଏହିଭଳି ସୂର୍ଯ୍ୟଙ୍କର ପ୍ରଭାବକୁ ଜାଣନ୍ତି, ସେ ନିଜେ ଜନ୍ମ-ମୃତ୍ୟୁର ଭୟ ଓ ଅଜ୍ଞାନରୂପ ଅନ୍ଧକାରର ନାଶକାରୀ ହୁଅନ୍ତି ।।୧

ସମାନ ଉ ଏବାୟଂ ଚାସୌ ଚୋଷ୍ଣୋଽୟମୁଷ୍ଣୋଽସୌ ସ୍ୱର ଇତୀମମାଚକ୍ଷତେ ସ୍ୱର ଇତି ପ୍ରତ୍ୟାସ୍ୱର ଇତ୍ୟମୁଂ ତସ୍ମାଦ୍ୱା ଏତମିମମମୁଂ ଚୋଦ୍‌ଗୀଥମୁପାସୀତ ।।୨।।

ଏହି ପ୍ରାଣ ଆଉ ସେହି ସୂର୍ଯ୍ୟ ଉଭୟ ସମାନ ଅଟନ୍ତି କାହିଁକି ନାଁ ଏହି ମୁଖ୍ୟ ପ୍ରାଣ

ଉଷ୍ଣ ଅଟେ ଆଉ ସୂର୍ଯ୍ୟ ମଧ୍ୟ ଉଷ୍ଣ ଅଟନ୍ତି । ଏହି ପ୍ରାଣକୁ ଲୋକେ ସ୍ୱର (କ୍ରିୟାଶକ୍ତି ସମ୍ପନ୍ନ) କହି ସମ୍ବୋଧନ କରିଥାନ୍ତି ଆଉ ସେହି ସୂର୍ଯ୍ୟଙ୍କୁ ସ୍ୱର (ସ୍ୱୟଂ କ୍ରିୟାଶକ୍ତି ଯୁକ୍ତ) ଏବଂ ପ୍ରତ୍ୟାସ୍ୱର (ଅନ୍ୟକୁ କ୍ରିୟାଶକ୍ତି ପ୍ରଦାନକାରୀ) ଉଭୟ ନାମରେ ଡାକିଥାନ୍ତି । ଏଣୁ ପ୍ରାଣ ଏବଂ ସୂର୍ଯ୍ୟ ଉଭୟ ରୂପରେ ଉକ୍ତ ଉଦ୍‌ଗୀଥଙ୍କର ଉପାସନା କରିବା ଦରକାର ।।୨

ଅଥ ଖଲୁ ବ୍ୟାନମେବୋଦ୍‌ଗୀଥମୁପାସୀତ ଯଦ୍ୱୈ ପ୍ରାଣିତି ସ ପ୍ରାଣୋ ଯଦପାନିତି ସୋଽପାନଃ । ଅଥ ଯଃ ପ୍ରାଣାପାନୟୋଃ ସନ୍ଧିଃ ସ ବ୍ୟାନୋ ଯୋ ବ୍ୟାନଃ ସ ବାକ୍ । ତସ୍ମାଦପ୍ରାଣନ୍ନନପାନନ୍ୱାଚ-ମଭିବ୍ୟାହରତି ।।୩।।

ଏହା ପରେ ଅନ୍ୟ ପ୍ରକାରର ଉପାସନା କୁହାଯାଉଛି । ବ୍ୟାନରୂପେ ଉଦ୍‌ଗୀଥଙ୍କର ଉପାସନା କରିବା ଦରକାର । ମନୁଷ୍ୟ ଯେଉଁ ଶ୍ୱାସ ସାହାଯ୍ୟରେ ଅନ୍ତରସ୍ଥ ବାୟୁକୁ ବହିର୍ଗତ କରୁଛି, ତାହା ପ୍ରାଣ ଅଟେ: ଆଉ ଯେଉଁ ବହିଃସ୍ଥ ବାୟୁକୁ ଅନ୍ତରସ୍ଥ କରାଉଅଛି ତାହା ଅପାନ ଅଟେ । ପୁନଶ୍ଚ ଯେଉଁ ପ୍ରାଣ ଓ ଅପାନ ଉଭୟର ସନ୍ଧି ହେଉଛି ଅର୍ଥାତ୍ ଯେଉଁଠାରେ ସେମାନେ ମିଳିତ ହେଉଛନ୍ତି, ତାହା ବ୍ୟାନ ଅଟେ । ଯାହା ବ୍ୟାନ ଅଟେ, ତାହା ବାଣୀ ଅଟେ । ଏଣୁ ମନୁଷ୍ୟ ଶ୍ୱାସକୁ ଅନ୍ତରସ୍ଥ ଓ ବହିଃସ୍ଥ କରୁ ନଥିବା ସମୟରେ ମଧ୍ୟ ବାଣୀର ଉଚ୍ଚାରଣ କରିପାରେ । ମୋଟଉପରେ କହିଲେ ସାଧାରଣ ଭାବରେ ଉଚ୍ଚାରଣ କ୍ରିୟା ସମୟରେ ଶ୍ୱାସ-ପ୍ରଶ୍ୱାସର କ୍ରିୟା ବନ୍ଦ ହୋଇଯାଏ ।।୩

ଯା ବାକ୍‌ସର୍କ୍ତସ୍ମାଦପ୍ରାଣନ୍ନନପାନନ୍ନୃଚମଭିବ୍ୟା-ହରତି ଯର୍କ୍ତତ୍ସାମ ତସ୍ମାଦପ୍ରାଣନ୍ନନପାନନ୍‌ସାମ ଗାୟତି ଯତ୍ସାମ ସ ଉଦ୍ଗୀଥ-ସ୍ତସ୍ମାଦପ୍ରାଣନ୍ନନପାନନ୍ନୁଦ୍ଗାୟତି ।।୪।।

ଅତୋ ଯାନ୍ୟନ୍ୟାନି ବୀର୍ୟବନ୍ତି କର୍ମାଣି ଯଥାଗ୍ନେର୍ମନ୍ଥନମାଜେଃ ସରଣଂ ଦୃଢସ୍ୟ ଧନୁଷ ଆୟମନମପ୍ରାଣନ୍ନନପାନଁସ୍ତାନି କରୋତ୍ୟେତସ୍ୟ ହେତୋର୍ବ୍ୟାନମେବୋଦ୍ଗୀଥମୁପାସୀତ ।।୫।।

ଯାହା ବାଣୀ ଅଟେ, ତାହା ଋକ୍ ଅଟେ: ଏଣୁ ମନୁଷ୍ୟ ପ୍ରାଣ ଓ ଅପାନର କ୍ରିୟା ନ କରି ମଧ୍ୟ ବେଦର ଋଚା(ଋକ୍)ମାନଙ୍କୁ ଭଲ ଭାବରେ ଉଚ୍ଚାରଣ କରିପାରେ । ଯାହା ଋଚା ଅଟେ, ତାହା ସାମ ଅଟେ: କାହିଁକି ନାଁ ଏହି ଋକ୍‌ର ଅଂଶବିଶେଷ ସାମ ଅଟେ । ଏଣୁ ମନୁଷ୍ୟ ପ୍ରାଣ ଓ ଅପାନ ଉଭୟର କ୍ରିୟା ନ କରି ମଧ୍ୟ ସାମଗାନ

କରିପାରେ । ।୪।।[୧]

ଅର୍ଥାତ୍ ତିନୋଟି ଯାକ କ୍ଷେତ୍ରରେ ବ୍ୟାନର ପ୍ରଧାନତା ରହିଛି । ବ୍ୟାନହିଁ ସେମାନଙ୍କର ଆଧାର ଅଟେ । ତଦତିରିକ୍ତ ଯେଉଁ ବିଶେଷ ସାମର୍ଥ୍ୟର ଅପେକ୍ଷାକାରୀ କର୍ମ ଅଛି— ଯେଉଁଭଳି କାଷ୍ଠ ମନ୍ଥନରୁ ଅଗ୍ନି ଉନ ହୁଏ, ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଦଉଡ଼ିବା, ଟାଣ ଧନୁରେ ତୀରଦେବା ଇତ୍ୟାଦି— ଏହି ସବୁକୁ ମନୁଷ୍ୟ ପ୍ରାଣ ଓ ଅପାନ କ୍ରିୟାକୁ ରୋକି ବ୍ୟାନର ସାହାଯ୍ୟନେଇ ଅର୍ଥାତ୍ ବ୍ୟାନ ବଳରେ ସମ୍ପନ୍ନ କରିଥାଏ । ଏହିଭଳି ବ୍ୟାନର ଶ୍ରେଷ୍ଠତା ସିଦ୍ଧ ହୋଇଯିବା କାରଣରୁ ବ୍ୟାନରୂପେ ଉଦ୍‌ଗୀଥଙ୍କର ଉପାସନା ମଧ୍ୟ କରିବା ଦରକାର ।।୫।।

ଅଥ ଖଳୂଦ୍ଗୀଥାକ୍ଷରାଣ୍ୟୁପାସୀତୋଦ୍ଗୀଥଇତିପ୍ରାଣଏବୋତ୍ପ୍ରାଣେନ ହ୍ୟୁତ୍ତିଷ୍ଠତି ବାଗ୍ଗୀର୍ବାଚୋ ହ ଗିର ଇତ୍ୟାଚକ୍ଷତେଽନ୍ନଂ ଥମନ୍ନେ ହୀଦ୍ଁସର୍ବଁସ୍ଥିତମ୍ ।।୬ ।।

ଦ୍ୟୌରେବୋଦନ୍ତରିକ୍ଷଂ ଗୀଃ ପୃଥିବୀ ଥମାଦିତ୍ୟ ଏବୋଦ୍ୱାୟୁର୍ଗୀରଗ୍ନିସ୍ଥଁ ସାମବେଦ ଏବୋଦ୍ୟଜୁର୍ବେଦୋ ଗୀରଗ୍ବେଦସ୍ଥଂ ଦୁଗ୍ଧେଽସ୍ମୈ ବାଗ୍ଦୋହଂ ଯୋ ବାଚୋ ଦୋହୋଽନ୍ନବାନନ୍ନାଦୋ ଭବତି ଯ ଏତାନ୍ୟେବଂ ବିଦ୍ୱାନୁଦ୍‌ଗୀଥାକ୍ଷରାଣ୍ୟୁପାସ୍ତ ଉଦ୍‌ଗୀଥ ଇତି ।।୭।।

ଏବେ ଆଉ ଏକ ପ୍ରକାରର ଉପାସନା ବର୍ଣ୍ଣନା କରାଯାଉଛି । ତାହା ହେଉଛି ଉଦ୍‌ଗୀଥ ଶବ୍ଦର ଯେଉଁ ତିନିଗୋଟି ଅକ୍ଷର ରହିଛି, ସେହି ରୂପରେ ଉଦ୍‌ଗୀଥ ଶବ୍ଦବାଚ୍ୟ ପରମାତ୍ମାଙ୍କର ଉପାସନା କରିବା ଦରକାର । ଏମାନଙ୍କ ମଧ୍ୟରେ ପ୍ରଥମ 'ଉତ୍'ହିଁ ପ୍ରାଣ ଅଟେ କାହକି ନାଁ ମନୁଷ୍ୟ ପ୍ରାଣଯୋଗୁଁ ହିଁ ଉତ୍‌ଥାନ କରେ । ଆଉ ସେହି 'ଉତ୍'ଉତ୍ଥାନବାଚକ ଅଟେ । ଦ୍ୱିତୀୟ 'ଗୀ' ବାଣୀଦ୍ୟୋତକ ଅଟେ କାହିଁ କି ନାଁ ବାଣୀକୁ 'ଗୀଃ' ନାମରେ ସମ୍ବୋଧିତ କରାଯାଇଥାଏ । ଆଉ ତୃତୀୟ 'ଥ' ଅନ୍ନବାଚକ ଅଟେ ।।୬।।

'ଉତ୍'ସ୍ୱର୍ଗଲୋକ ଅଟେ, 'ଗୀଃ' ଅନ୍ତରୀକ୍ଷ ଲୋକ ଅଟେ ଆଉ 'ଥ' ଭୂଲୋକ ଅଟେ । ଭିନ୍ନ ଭାବରେ କହିଲେ 'ଉତ୍' ହିଁ ଆଦିତ୍ୟ, 'ଗୀଃ' ବାୟୁ ଆଉ 'ଥ'

---

୧ ଯାହା ସାମ ଅଟେ, ତାହା ଉଦ୍‌ଗୀଥ ଅଟେ: କାହିଁକି ନା ସାମର ହିଁ ମୁଖ୍ୟଭାଗ ଉଦ୍‌ଗୀଥ ଅଟେ, ଏଣୁ ମନୁଷ୍ୟ ପ୍ରାଣ ଓ ଅପାନ ଉଭୟ କ୍ରିୟାକୁ ନ କରି ମଧ୍ୟ ଉଚ୍ଚ ସ୍ୱରରେ ଉଦ୍‌ଗୀଥ ଗାନ କରିପାରେ ।

ଅଗ୍ନି ଅଟେ । 'ଉତ୍' ହିଁ ସାମ୍ ବେଦ ଅଟେ, 'ଗୀ' ଯଜୁର୍ବେଦ ଆଉ 'ଥ'ଋକ୍‌ବେଦ ଅଟେ । ଏହିଭଳି ଜାଣିଥିବା ଯେଉଁ ସାଧକ ଉଦ୍‌ଗୀଥ ଶବ୍ଦକୁ ଏହି ତିନିଗୋଟି ଅକ୍ଷରଭାବରେ (ଉଦ୍ଗୀଥ ବା ଓଁକାର) ପରମାତ୍ମାଙ୍କ ରୂପରେ ଉପାସନା କରିଥାଏ, ତାଙ୍କ ପାଇଁ ବାଣୀ ନିଜର ସମସ୍ତ ରହସ୍ୟକୁ ପ୍ରକଟ କରିଦେଇଥାନ୍ତି ଅର୍ଥାତ୍ ତାଙ୍କ ସମ୍ମୁଖରେ ସମସ୍ତ ବେଦର ତାତ୍ପର୍ଯ୍ୟ ସ୍ୱତଃ ପ୍ରକଟିତ ହୋଇଯାଆନ୍ତି । ସେ ସମସ୍ତ ପ୍ରକାରର ଭୋଗସାମଗ୍ରୀ ଦ୍ୱାରା ସମୃଦ୍ଧ ହୋଇଥାଏ ଏବଂ ସେଗୁଡ଼ିକ ଭୋଗିବାର ଶକ୍ତି ଧାରଣ କରିଥାଏ ।।୭।।

ଅଥ ଖଲ୍ୱାଶୀଃସମୃଦ୍ଧିରୁପସରଣାନୀତ୍ୟୁପାସୀତ ଯେନ ସାମ୍ନା ସ୍ତୋଷ୍ୟନ୍‌ସ୍ୟାତ୍ତଦ୍‌ସାମୋପଧାବେତ୍ ।।୮।।

ଯସ୍ୟାମୃଚି ତାମୃଚଂ ଯଦର୍ଷେୟଂ ତମୃଷିଂ ଯାଂ ଦେବତାମଭିଷ୍ଟୋ–ଷ୍ୟନ୍‌ସ୍ୟାତ୍ତାଂ ଦେବତାମୁପଧାବେତ୍ ।।୯।।

ଯେନଚ୍ଛନ୍ଦସା ସ୍ତୋଷ୍ୟନ୍‌ସ୍ୟାତ୍ତଚ୍ଛନ୍ଦ ଉପଧାବେଦ୍ୟେନ ସ୍ତୋମେନ ସ୍ତୋଷ୍ୟମାଣଃ ସ୍ୟାତ୍ତଁସ୍ତୋମମୁପଧାବେତ୍ ।।୧୦।।

ଯାଂ ଦିଶମଭିଷ୍ଟୋଷ୍ୟନ୍‌ସ୍ୟାତ୍ତାଂ ଦିଶମୁପଧାବେତ୍ ।।୧୧।।

ଆତ୍ମାନମନ୍ତତ ଉପସୃତ୍ୟ ସ୍ତୁବୀତ କାମଂ ଧ୍ୟାୟନ୍ନପ୍ରମତ୍ତୋଽଭ୍ୟାଶୋ ହ ଯଦସ୍ମୈ ସ କାମଃ ସମୃଧ୍ୟେତ ଯତ୍କାମଃ ସ୍ତୁବୀତେତି ଯତ୍କାମଃ ସ୍ତୁବୀତେତି ।।୧୨।।

ଅଧୁନା କାମନାମାନଙ୍କର ଉତ୍ତମ ସିଦ୍ଧିଜନିତ ନିଶ୍ଚିତ ସାଧନ ବତାଯାଉଛି । ଏଥିପାଇଁ ଉପାସନାର ଯେଉଁ ସପ୍ତଅଙ୍ଗ ବିଷୟରେ ଆଗକୁ ବତାଯିବ, ତାକୁ ଧ୍ୟାନ ରଖିବା ଦରକାର । ସେଥିରୁ,

୧. ପ୍ରଥମ ଅଙ୍ଗଟି ହେଉଛି, ଯେଉଁ ସାମ୍ ଦ୍ୱାରା ସାଧକ ନିଜ ଇଷ୍ଟଦେବଙ୍କ ସ୍ତୁତି କରିବାକୁ ଚାହିଁଥାନ୍ତି, ତାଙ୍କୁ ସର୍ବଦା ମନେରଖିବେ ।

୨. ଦ୍ୱିତୀୟ କଥା ହେଉଛି, ସେହି ସାମ— ଗାୟନଯୋଗ୍ୟ ମନ୍ତ୍ର ଯେଉଁ ଋଚାରେ ପ୍ରତିଷ୍ଠିତ ହୋଇଛନ୍ତି, ସେହି ଋଚାକୁ ମଧ୍ୟ ଧ୍ୟାନ ଦେବେ ।

୩. ତୃତୀୟ କଥା ହେଉଛି, ଯେଉଁ ଋଷିଙ୍କ ଦ୍ୱାରା ସେହି ମନ୍ତ୍ରର ସାକ୍ଷାତକାର ହୋଇଛି, ସେହି ଋଷିଙ୍କୁ ସ୍ମରଣ କରିବେ ।

୪. ଚତୁର୍ଥ କଥା ହେଉଛି, ଉକ୍ତ ସାମଗାନ ଦ୍ୱାରା ଯେଉଁ ଦେବତାଙ୍କର ସ୍ତୁତି କରାଯାଉଛି ଅର୍ଥାତ୍ ସ୍ତୁତି ଉପାସକଙ୍କର ଅଭୀଷ୍ଟ ହେଉଛି, ସେହି ଦେବତାଙ୍କୁ

ଭଲ ଭାବରେ ସ୍ମରଣ ରଖିବେ ।

୫. ପଞ୍ଚମ କଥା ହେଲା ଯେଉଁ ଛନ୍ଦରେ ମନ୍ତ୍ର ସ୍ତୁତ ହୋଇଛି, ସେହି ଛନ୍ଦକୁ ସ୍ମରଣ ରଖି ପାଠକରିବେ ।

୬. ଷଷ୍ଠ କଥା ହେଉଛି, ସାମବେଦର ଯେଉଁ ସ୍ତୋତ୍ରସମୂହ ସାହାଯ୍ୟରେ ସ୍ତୁତି କରାଯାଉଛି, ସେଗୁଡ଼ିକୁ ମଧ୍ୟ ଧ୍ୟାନ ଦେବେ ।

୭. ସପ୍ତମ କଥା ହେଲା ଯେଉଁ ଆଡ଼କୁ ମୁଖକରି ସ୍ତୁତି କରିବାକୁ ବିଚାର ହୋଇଛି, ସେହି ଦିଗ ପ୍ରତି ଧ୍ୟାନ ଦେବେ ।

୮. ପରିଶେଷରେ ପ୍ରମାଦରହିତ ଅର୍ଥାତ୍ ସାବଧାନପୂର୍ବକ ନିଜର ଅଭିଳାଷକୁ ମନରେ ରଖି ପରମାତ୍ମାଙ୍କ ନିକଟକୁ ଯାଇ ଅର୍ଥାତ୍ ଧ୍ୟାନଦ୍ୱାରା ସେମାନଙ୍କ ମଧ୍ୟରେ ସ୍ଥିତ ହୋଇ ସ୍ତୁତି କରିବା ଦରକାର: କାହିଁକି ନାଁ ଏହିଭଳି ସ୍ତୁତି କରୁଥିବା ଉପାସକ ଯେଉଁ କାମନା ମନ ଭିତରେ ପୋଷଣକରି ସ୍ତୁତି କରନ୍ତି, ତାଙ୍କର ସେହି କାମନା ଅତିଶୀଘ୍ର ସମ୍ପୂର୍ଣ୍ଣରୂପେ ଫଳପ୍ରଦ ହୁଏ ।।୮-୧୨।।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ତୃତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୩।।

(ପ୍ରଥମ ଅଧ୍ୟାୟ- ଚତୁର୍ଥ ଖଣ୍ଡ)

୪. ଓମ୍‌କାର ଆଶ୍ରୟରେ ଅମୃତତ୍ୱ ପ୍ରାପ୍ତି

ଓମିତ୍ୟେତଦକ୍ଷରମୁଦ୍‌ଗୀଥମୁପାସୀତୋମିତି ହ୍ୟୁଦ୍‌ଗାୟତି ତସ୍ୟୋପବ୍ୟାଖ୍ୟାନମ୍ ।।୧।।

'ଓଁ' ଅକ୍ଷର ହିଁ ଉଦ୍‌ଗୀଥ ଅଟେ । ଏହିଭଳି ବୁଝି ତାଙ୍କର ଉପାସନା କରିବା ଦରକାର, କାହିଁକି ନାଁ ଯଜ୍ଞରେ ଉଦ୍‌ଗାତା ନାମକ ଋତ୍ୱିଜ୍ 'ଓଁ' ଏହି ଅକ୍ଷର ଉଚ୍ଚାରଣ ବା ଉଚ୍ଚସ୍ୱରରେ ଗାୟନ କରିଥାନ୍ତି । ସେହି ଓମ୍‌କାରର ବ୍ୟାଖ୍ୟା ଏହିଠାରେ କରାଯାଉଛି ।।୧।।

ଦେବା ବୈ ମୃତ୍ୟୋର୍ବିଭ୍ୟତସ୍ତ୍ରୟୀଂ ବିଦ୍ୟାଂ ପ୍ରାବିଶଁସ୍ତେ ଛନ୍ଦୋଭିର ଚ୍ଛାଦୟନ୍ୟଦେଭିରଚ୍ଛାଦୟଁସ୍ତଚ୍ଛନ୍ଦସାଂ ଛନ୍ଦସ୍ତ୍ୱମ୍ ।।୨।।

ଏହା ପ୍ରସିଦ୍ଧ ଅଟେକି, ମୃତ୍ୟୁଭୟରେ ଦେବତାମାନେ ଋକ୍, ଯଜୁଃ ଓ ସାମ୍ ନାମକ ବେଦତ୍ରୟରେ ପ୍ରବେଶକଲେ ଅର୍ଥାତ୍ ତାଙ୍କର ଆଶ୍ରୟ ନେଲେ । ସେମାନେ ଗାୟତ୍ରୀ

ଆଦି ଭିନ୍ନ ଭିନ୍ନ ଛନ୍ଦରେ ଓ ମନ୍ତ୍ରମାନଙ୍କ ସାହାଯ୍ୟରେ ଅପାନକୁ ଆବୃତ୍ତ କରିଦେଲେ । ଅର୍ଥାତ୍ ତାଙ୍କୁ ନିଜର କବଚ ଭାବରେ ବ୍ୟବହାର କଲେ। ସେମାନେ ଯେଉଁ ଭିନ୍ନ ଭିନ୍ନ ଛନ୍ଦଯୁକ୍ତ ମନ୍ତ୍ରମାନଙ୍କ ଦ୍ୱାରା ଅପାନକୁ ଆଚ୍ଛାଦିତ କରିନେଲେ, ତାହାକୁ ଛନ୍ଦ କୁହାଗଲା । ଯିଏ ଆଚ୍ଛାଦନ କରେ, ତାହା ଛନ୍ଦ— ଯାହାକି 'ଛନ୍ଦସ୍' ଶବ୍ଦର ବ୍ୟୁତ୍ପତ୍ତି ଅଟେ ଅର୍ଥାତ୍ ଦେବଗଣଙ୍କୁ ଆଚ୍ଛାଦନ କରିଥିବା କାରଣରୁ ମନ୍ତ୍ରମାନଙ୍କର ନାମ ଛନ୍ଦ ହେଲା ।।୨।।

ତାନ୍ନୁ ତତ୍ର ମୃତ୍ୟୁର୍ଯଥା ମତ୍ସ୍ୟମୁଦକେ ପରିପଶ୍ୟେଦେବଂ ପର୍ଯପଶ୍ୟଦୃଚି ସାମ୍ନି ଯଜୁଷି । ତେ ନୁ ବିଦିତ୍ୱୋର୍ଧ୍ୱା ଋଚଃ ସାମ୍ନୋ ଯଜୁଷଃ ସ୍ୱରମେବ ପ୍ରାବିଶନ୍ ।।୩।।

ଯେଉଁଭଳି ମାଛ ଧରୁଥିବା ଧୀବର ଜଳ ଭିତରେ ମଧ୍ୟ ମାଛକୁ ଦେଖିପାରେ, ଠିକ୍ ସେହିଭଳି ମୃତ୍ୟୁ ବେଦତ୍ରୟ ମଧ୍ୟରୁ ଦେବଗଣଙ୍କୁ ଦେଖିପକାଇଲେ । ସେଠାରେ ମଧ୍ୟ ସେ ତାଙ୍କର ପିଣ୍ଡକୁ ଛାଡ଼ିଲେ ନାହିଁ । ଉକ୍ତ ଦେବଗଣ ମଧ୍ୟ ଏହି କଥାକୁ ଜାଣିପାରିଲେ, ତେଣୁ ଋକ୍, ସାମ ଓ ଯଜୁର୍ବେଦର ମନ୍ତ୍ରମାନଙ୍କ ସାହାଯ୍ୟରେ ଊର୍ଦ୍ଧ୍ୱକୁ ଉଠି ସସ୍ୱର ଅର୍ଥାତ୍ ସ୍ୱର ସାହାଯ୍ୟରେ ଓମ୍‌କାର ମଧ୍ୟରେ ପ୍ରବିଷ୍ଟ ହୋଇଗଲେ ।।୩।।

ଯଦା ବା ଋଚମାପ୍ନୋତ୍ୟୋମିତ୍ୟେବାତିସ୍ୱରତ୍ୟେ–ବଁସାମୈବଂ ଯଜୁରେଷ ଉ ସ୍ୱରୋ ଯଦେତଦକ୍ଷରମେତଦମୃତମଭୟଂ ତତ୍ପ୍ରବିଶ୍ୟ ଦେବା ଅମୃତା ଅଭୟା ଅଭବନ୍ ।।୪।।

ସ ଯ ଏତଦେବଂ ବିଦ୍ୱାନକ୍ଷରଂ ପ୍ରଣୌତ୍ୟେତଦେବାକ୍ଷରଁସ୍ୱରମମୃତ ମଭୟଂ ପ୍ରବିଶତି ତତ୍ପ୍ରବିଶ୍ୟ ଯଦ୍‌ମୃତା ଦେବାସ୍ତଦମୃତୋ ଭବତି ।।୫।।

ଯେତେବେଳେ କୌଣସି ବ୍ୟକ୍ତି ଋକ୍‌ର — ଋକ୍‌ବେଦୋକ୍ତ ମନ୍ତ୍ରମାନଙ୍କର ଜ୍ଞାନପ୍ରାପ୍ତି କରିନିଏ, ସେତେବେଳେ ସେ ନିଃସନ୍ଦେହରେ 'ଓଁ'କୁ ଉଚ୍ଚସ୍ୱରରେ ଉଚ୍ଚାରଣ କରିଥାଏ । ଏହିଭଳି ସାମକୁ ଓ ସେହିଭଳି ଯଜୁର୍ବେଦକୁ ଜାଣିଥିବା ବ୍ୟକ୍ତି ମଧ୍ୟ 'ଓଁ'ର ଗାୟନ କରିଥାନ୍ତି । ଅତଃ ଏଥିରୁ ସିଦ୍ଧ ହେଉଛି କି, ଏହି ଯେଉଁ ଓମ୍‌କାରରୂପୀ ଅକ୍ଷର ଅର୍ଥାତ୍ ତାହାର ବାଚ୍ୟଭୂତ ପରମାତ୍ମା ଅଛନ୍ତି, ସେ ପୂର୍ବବର୍ଣ୍ଣିତ ସ୍ୱର ଅଟନ୍ତି: ସେ ଅମୃତ— ମୃତ୍ୟୁ ବିହୀନ ଓ ଭୟରହିତ ସ୍ଥାନ ଅଟନ୍ତି । ଯାହାର ଆଶ୍ରୟ ନେଇ ଦେବଗଣ ଅମର ଓ ନିର୍ଭୟ ହୋଇପାରିଲେ । ଯିଏ ଓମ୍‌କାରଙ୍କୁ ଏହି ରୂପରେ ଜାଣନ୍ତି ଆଉ ତାଙ୍କର ଅର୍ଥଭୂତ ଅବିନାଶୀ ପରମେଶ୍ୱରଙ୍କର ରୂପକୁ

ସ୍ତୁତି ଓ ଉପାସନା କରନ୍ତି ଏବଂ ଏକମାତ୍ର ଏହି ଅମୃତରୂପ ସର୍ବଦା ଭୟରହିତ ଓ ଅବିନାଶୀ ପରମାତ୍ମାଙ୍କର ସ୍ୱରୂପଭୂତ ଏହି ସ୍ୱରରେ ପ୍ରବିଷ୍ଟ ହୋଇଯାଆନ୍ତି— ତାଙ୍କରି ଶରଣାପନ୍ନ ହୁଅନ୍ତି ଓ ଗମନ କରନ୍ତି ଅର୍ଥାତ୍ ପ୍ରାପ୍ତହୁଅନ୍ତି, ସେ ସେଥିରେ ପ୍ରବେଶକରି ଉକ୍ତ ଅମୃତକୁ ଲାଭ କରନ୍ତି, ଯେଉଁଭଳି ପୂର୍ବୋକ୍ତ ପ୍ରକାରେ ଦେବଗଣ ପ୍ରାପ୍ତ କରିପାରିଥିଲେ ।।୪-୫।।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ଚତୁର୍ଥଖଣ୍ଡଂ ସମ୍ପୂର୍ଣ୍ଣମ୍

(ପ୍ରଥମ ଅଧ୍ୟାୟ- ପଞ୍ଚମଖଣ୍ଡ)

୫. ସୂର୍ଯ୍ୟ ଏବଂ ପ୍ରାଣ ରୂପରେ ଓମ୍‌କାରଙ୍କର ଉପାସନା

ଅଥ ଖଳୁ ଯ ଉଦ୍ଗୀଥଃ ସ ପ୍ରଣବୋ ଯଃ ପ୍ରଣବଃ ସ ଉଦ୍‌ଗୀଥ ଇତ୍ୟସୌ ବା ଆଦିତ୍ୟ ଉଦ୍‌ଗୀଥ ଏଷ ପ୍ରଣବ ଓମିତି ହ୍ୟେଷ ସ୍ୱରନ୍ନେତି ।।୧।।

ଏବେ ଓମ୍‌କାର ଉପାସନାର ଅନ୍ୟପ୍ରକାର ବିଧି ବତାଯାଉଛି । ଏହା ନିଶ୍ଚୟ ଅଟେକି, ଯାହା ଉଦ୍‌ଗୀଥ— ଗାୟନଯୋଗ୍ୟ ପରମାତ୍ମା ଅଟେ, ତାହା ହିଁ ପ୍ରଣବ ଅର୍ଥାତ୍ ଓମ୍‌କାର ଏବଂ ଯାହା ପ୍ରଣବ ତାହା ହିଁ ଉଦ୍‌ଗୀଥ ଏଇଭଳି ବୁଝିନେବା ଦରକାର ।।୧।।[୧]

ଏତମୁ ଏବାହମଭ୍ୟଗାସିଷଂ ତସ୍ମାନ୍ମମ ତ୍ୱମେକୋଽସୀତି ହ କୌଷୀତକିଃ ପୁତ୍ରମୁବାଚ ରଶ୍ମୀଁ ସ୍ତ୍ୱଂ ପର୍ଯାବର୍ତୟାଦ୍‌ବହବୋ ବୈ ତେ ଭବିଷ୍ୟନ୍ତୀତ୍ୟଧିଦୈବତମ୍ ।।୨।।

ଏକଦା କୌଷୀତକି ଋଷି ନିଜ ପୁତ୍ରକୁ କହିଲେ—ପୁତ୍ର ! ଗୋଟିଏ ସମୟରେ ମୁଁ ଏହି ସୂର୍ଯ୍ୟଙ୍କୁ ଉପଲକ୍ଷ୍ୟ କରି ଓମ୍‌କାରକୁ ଭଲ ଭାବରେ ଗାୟନ କରିଥିଲି ।

---

୧ କାହିଁକି ନାଁ ନାମ ଓ ନାମୀରେ କୌଣସି ଭେଦ ନାହିଁ । ସେହି ଆକାଶରେ ବିଚରଣକାରୀ ସୂର୍ଯ୍ୟ ମଧ୍ୟ ଉଦ୍‌ଗୀଥ ଅଟନ୍ତି ଏବଂ ସେ ପ୍ରଣବ ମଧ୍ୟ ଅଟନ୍ତି । ଅର୍ଥାତ୍ ସୂର୍ଯ୍ୟଙ୍କଠାରେ ହିଁ ପରମାତ୍ମା ଆଉ ତଦ୍‌ବାଚକ 'ଓଁ'ର ଭାବନା କରିବା ଦରକାର । କାହିଁକି ନାଁ ଏହି 'ଓଁ' ଏହିଭଳି ଉଚ୍ଚାରିତ ହୋଇ ବିଚରଣ କରୁଥାନ୍ତି । ଏଠାରେ 'ସ୍ୱରନ୍ ଏତି' (ଉଚ୍ଚାରଣକରି ବିଚରଣ କରୁଥିବା କଥା) ସମ୍ଭବତଃ ସୂର୍ଯ୍ୟଙ୍କୁ କୁହାଯାଇଛି । ଯେଉଁଭଳି କି, 'ସୂର୍ଯ୍ୟ' ଶବ୍ଦର ବ୍ୟୁତ୍ପତ୍ତି ମଧ୍ୟ କରାଯାଇପାରେ ।

ତେଣୁ ତୁମେ ମୋର ଏକମାତ୍ର ପୁତ୍ର ଭାବରେ ଜନ୍ମନେଇଛ । ତୁମେ ମଧ୍ୟ ସୂର୍ଯ୍ୟଙ୍କର କିରଣକୁ ସବୁଦିଗରୁ ଆବର୍ତ୍ତନ କଲେ ନିଃସନ୍ଦେହରେ ତୁମର ଅନେକଗୁଡ଼ିଏ ପୁତ୍ର ଲାଭହେବ । ଅର୍ଥାତ୍ ସୂର୍ଯ୍ୟଙ୍କର କିରଣଗୁଡ଼ିକୁ ଓମ୍‌କାର ରୂପେ ବାରମ୍ବାର ଚିନ୍ତନକରି ତୁମେ ପୁତ୍ରପ୍ରାପ୍ତି ହୋଇପାରିବ । ଏହି ପ୍ରକାରେ ଉକ୍ତ ଆଧିଦୈବିକ ଦେବତା ସମ୍ବନ୍ଧୀ ଉପାସନା(ଅଧିଦୈବତ ଉପାସନା) ବର୍ଣ୍ଣିତ ହୋଇଛି ।।୨।।

ଅଥାଧ୍ୟାତ୍ମଂ ଯ ଏବାୟଂ ମୁଖ୍ୟଃ ପ୍ରାଣସ୍ତମୁଦ୍ଗୀଥମୁପାସୀତୋମିତି ହ୍ୟେଷ ସ୍ୱରନ୍ନେତି ।।୩।।

ଅଧୁନା ପୁନର୍ବାର ଆଧ୍ୟାତ୍ମିକ ଶରୀର-ସମ୍ବନ୍ଧ ରକ୍ଷାକାରୀ ଉପାସନାର ପ୍ରକାର କହିବା, ଯିଏକି ଶ୍ୱାସରୂପେ ଚାଳିତ ହେଉଥିବା ମୁଖ୍ୟ ପ୍ରାଣ ଅଟନ୍ତି, ସେହି ରୂପରେ ଉଦ୍‌ଗୀଥଙ୍କର-ଗାୟନଯୋଗ୍ୟ ପରମାତ୍ମାଙ୍କର ଉପାସନା କରିବା ଦରକାର, କାହିଁକି ନାଁ ସେ 'ଓଁ' ଏହିଭଳି ଭାବରେ ଉଚ୍ଚାରଣକରି ଗମନ କରୁଥାନ୍ତି ।।୩।।[୧]

ଏତମୁ ଏବାହମଭ୍ୟଗାସିଷଂ ତସ୍ମାନ୍ମମ ତ୍ୱମେକୋଽସୀତି ହ କୌଷୀତକିଃ ପୁତ୍ରମୁବାଚ ପ୍ରାଣାଁସ୍ତ୍ୱଂ ଭୂମାନମଭିଗାୟତାଦ୍‌ବହବୋ ବୈ ମେ ଭବିଷ୍ୟନ୍ତୀତି ।।୪।।

ଏକଦା କୌଷୀତକି ଋଷି ନିଜ ପୁତ୍ରକୁ ଏହି କଥା କହିଥିଲେ କି, ହେ ପୁତ୍ର ! ମୁଁ ଏହି ପ୍ରାଣକୁ ଲକ୍ଷ୍ୟକରି ଏଥିରେ ପରମାତ୍ମାଙ୍କର ଭାବନାକରି ଓମ୍‌କାରଙ୍କୁ ଭଲଭାବରେ ଗାୟନ ଓ ଆବର୍ତ୍ତନ କରିଥିଲି । ଏଣୁ ତୁମେ ମୋର ପୁତ୍ରରୂପେ ଜନ୍ମଗ୍ରହଣ କରିଛ । ନିଶ୍ଚିତଭାବରେ ମୋର ଅନେକଗୁଡ଼ିଏ ପୁତ୍ର ହେବେ, ଏହି ସଂକଳ୍ପରେ ତୁମେ ଅନେକ ରୂପରେ ପ୍ରତିଷ୍ଠିତ ପ୍ରାଣରୂପ ପରମାତ୍ମାଙ୍କୁ ଭଲଭାବରେ ଗାୟନ ଓ ଉପାସନା କର ।।୪।।[୨]

ଅଥ ଖଲୁ ଯ ଉଦ୍ଗୀଥଃ ସ ପ୍ରଣବୋ ଯଃ ପ୍ରଣବଃ ସ ଉଦ୍ଗୀଥ ଇତି ହୋତୃଷଦନାଦ୍ଧୈବାପି ଦୁରୁଦ୍ଗୀତମନୁସମାହରତୀତ୍ୟନୁ

---

୧ ପ୍ରାଣ ସୂର୍ଯ୍ୟରୂପ ଅଟେ, ଏଣୁ 'ସ୍ୱରନ୍ ଏତି' ଏହିପ୍ରକାରେ ଏଠାରେ ମଧ୍ୟ ବ୍ୟୁତ୍ପତ୍ତି କରାଯାଇଛି ଅର୍ଥାତ୍ ପ୍ରାଣ ଦ୍ୱାରା ନିରନ୍ତର ଓମ୍‌କାରରୂପକ ପରମାତ୍ମାଙ୍କର ଧ୍ୟାନକରିବା ଦରକାର ।

୨ ଯେଉଁକଥା ସେହି ଋଷି ଦ୍ୱିତୀୟ ମନ୍ତ୍ରରେ ସୂର୍ଯ୍ୟଙ୍କ ସମ୍ବନ୍ଧରେ କହିଥିଲେ, ତାହା ଏଠାରେ ପ୍ରାଣ ସମ୍ବନ୍ଧରେ କୁହାଯାଇଛି । ଏହା ଦ୍ୱାରା ପ୍ରାଣ ଓ ସୂର୍ଯ୍ୟଙ୍କର ଏକତା ମଧ୍ୟ ପ୍ରତିପାଦିତ ହେଉଛି । ଏହି ଏକତା ପ୍ରଶ୍ନୋପନିଷଦରେ ବିସ୍ତୃତ ଭାବରେ ନିରୂପିତ ମଧ୍ୟ ହୋଇଛି ।

ସମାହରତୀତି ।।୫।।

ଅଧୁନା କୁହାଯାଉଛି କି, ସାମଙ୍କର ଯେଉଁ ଉଦ୍‌ଗୀଥ ନାମକ ଭାଗ ରହିଛି, ତାହା ପ୍ରଣବ ଅଟେ, କାହିଁକି ନାଁ ପ୍ରଣବ ତାହାର ସାର ଅଟେ । ଆହୁରି ମଧ୍ୟ ଯେଉଁ ପ୍ରଣବ ରହିଛି, ତାହା ହିଁ ଉଦ୍‌ଗୀଥ ଅଟେ ଅର୍ଥାତ୍ ଉଭୟରେ କୌଣସି ପ୍ରଭେଦ ନାହିଁ । ଏହି ରହସ୍ୟକୁ ଜାଣିଥିବା ବ୍ୟକ୍ତି ନିଃସନ୍ଦେହରେ ହୋତା ଆସନରେ କରାଯାଇଥିବା ଦୋଷଯୁକ୍ତ ଉଦ୍‌ଗାନକୁ ପ୍ରଣବ ଭାବରେ ଉଦ୍‌ଗାତା ଦ୍ୱାରା ଉଚ୍ଚାରଣ କରି ପରେ ତାହାର ଶୁଦ୍ଧି କରିନେଇ ଥାଆନ୍ତି ।।୫।।[୧]

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ପଞ୍ଚମଖଣ୍ଡଂ ସମ୍ପୂର୍ଣ୍ଣମ୍

(ପ୍ରଥମ ଅଧ୍ୟାୟ- ଷଷ୍ଠ ଖଣ୍ଡ)

୬, ବିବିଧରୂପରେ ଉଦ୍‌ଗୀଥ ଓମ୍‌କାରଙ୍କର ଉପାସନା

ଇୟମେବର୍ଗଗ୍ନିଃ ସାମ ତଦେତଦେତସ୍ୟାମୃଚ୍ୟଧ୍ୟୂଢଁସାମ ତସ୍ମାଦୃଚ୍ୟଧ୍ୟୂଢଁସାମ ଗୀୟତ ଇୟମେବ ସାଗ୍ନିରମସ୍ତତ୍ସାମ ।।୧।।

ଅନ୍ତରିକ୍ଷମେବର୍ଗ୍ୱାୟୁଃ ସାମ ତଦେତଦେତସ୍ୟାମୃଚ୍ୟଧ୍ୟୂଢଁସାମ । ତସ୍ମାଦୃଚ୍ୟଧ୍ୟୂଢଁସାମ ଗୀୟତେଽନ୍ତରିକ୍ଷମେବ ସା ବାୟୁରମସ୍ତତ୍ସାମ ।।୨।।

ଦ୍ୟୌରେବର୍ଗାଦିତ୍ୟଃ ସାମ ତଦେତଦେତସ୍ୟାମୃଚ୍ୟଧ୍ୟୂଢଂସାମ । ତସ୍ମାଦୃଚ୍ୟଧ୍ୟୂଢଁସାମ ଗୀୟତେ । ଦ୍ୟୌରେବ ସାଦିତ୍ୟୋଽମସ୍ତତ୍ସାମ ।।୩।।

ନକ୍ଷତ୍ରାଣ୍ୟେବର୍କଚନ୍ଦ୍ରମାଃ ସାମ ତଦେତଦେତସ୍ୟାମୃଚ୍ୟଧ୍ୟୂଢଁସାମ । ତସ୍ମାଦୃଚ୍ୟଧ୍ୟୂଢଁସାମ

୧ ଏପରି କରନ୍ତି କାହିଁକି ନାଁ ଭଗବାନଙ୍କର ନାମୋଚ୍ଚାରଣରେ ଯଜ୍ଞର ସମସ୍ତ ତ୍ରୁଟି ଦୂର ହୋଇଯାଏ । ଏହା ହିଁ ଉକ୍ତ ଜ୍ଞାନର ମହିମା ଅଟେ ।

ଗୀୟତେ । ନକ୍ଷତ୍ରାଣ୍ୟେବ ସା ଚନ୍ଦ୍ରମା ଅମସ୍ତତ୍ସାମ ।।୪।।

ଏହି ପୃଥିବୀ ଋକ୍ ଅଟେ, ଅଗ୍ନି ସାମ୍ ଅଟେ । ଏହି ଅଗ୍ନିରୂପ ସାମ୍ ପୃଥିବୀ ରୂପ ଋକ୍‌ରେ ପ୍ରତିଷ୍ଠିତ ହୋଇଥାନ୍ତି ଅର୍ଥାତ୍ ଭଲଭାବରେ ସ୍ଥିତ ଅଟନ୍ତି । ଏଣୁ ଋକ୍‌ରେ ପ୍ରତିଷ୍ଠିତ ସାମ୍‌ଙ୍କର ଗାନ କରାଯାଏ । ପୃଥ୍ୱୀ 'ସା' ଅଟେ, ଅଗ୍ନି 'ଅମ୍' ଅଟେ । ଉଭୟର ମିଳିତରେ ସାମ୍ ନିଃସୃତ ହୁଏ । ସେହିଭଳି ଅନ୍ତରୀକ୍ଷ ଋକ୍ ଅଟେ, ବାୟୁ ମଧ୍ୟ ସାମ୍ । ଉକ୍ତ ବାୟୁରୂପ ସାମ୍ ଅନ୍ତରୀକ୍ଷ ରୂପ ଋକ୍‌ରେ ପ୍ରତିଷ୍ଠିତ । ଏଣୁ ଋକ୍‌ରେ ପ୍ରତିଷ୍ଠିତ ସାମ୍‌ଙ୍କର ଗାୟନ କରାଯାଏ । ଅନ୍ତରୀକ୍ଷକୁ 'ସା' ମନେକଲେ ବାୟୁ 'ଅମ୍' ହୁଏ । ଉଭୟର ମିଳନରେ 'ସାମ୍' ନିଃସୃତ ହୁଏ । ପୁନଶ୍ଚ ସେହିଭଳି ଦ୍ୟୁଲୋକ— ସ୍ୱର୍ଗଲୋକ ଋକ୍ ହେଲାବେଳେ ସୂର୍ଯ୍ୟ 'ସାମ୍' ଅଟନ୍ତି । ସୂର୍ଯ୍ୟରୂପ ସାମ୍ ସ୍ୱର୍ଗରୂପ ଋକ୍‌ରେ ପ୍ରତିଷ୍ଠିତ ଅଟନ୍ତି । ଏଣୁ ତାଙ୍କର ଗାନ କରାଯାଏ । ଦ୍ୟୁଲୋକକୁ 'ସା' ମନେକଲେ ସୂର୍ଯ୍ୟକୁ 'ଅମ୍' ମନେ କରାଯାଏ । ଉଭୟର ମିଳନରେ 'ସାମ୍' ହୁଏ । ସମସ୍ତ ନକ୍ଷତ୍ରମଣ୍ଡଳକୁ ଋକ୍ ମନେକଲେ ଚନ୍ଦ୍ରମା ସାମ୍ ହୁଏ । ସେହି ଚନ୍ଦ୍ରମାରୂପ ସାମ୍ ନକ୍ଷତ୍ରରୂପ ଋକ୍‌ରେ ପ୍ରତିଷ୍ଠିତ ହୋଇଛନ୍ତି । ଏଣୁ ଋକ୍‌ରେ ପ୍ରତିଷ୍ଠିତ ସାମ୍‌ଙ୍କର ଗାନ କରାଯାଏ । ସେହିଭଳି ନକ୍ଷତ୍ରମଣ୍ଡଳକୁ 'ସା' ମନେକଲେ ଚନ୍ଦ୍ରମା 'ଅମ୍' ହୁଏ । ଉଭୟର ମିଳନରେ ସାମ୍ ହୋଇଥାଏ ।।୧–୪।।

ଅଥ ଯଦେତଦାଦିତ୍ୟସ୍ୟ ଶୁକ୍ଲଂ ଭାଃ ସୈବର୍ଗଥ ଯନ୍ନୀଳଂ ପରଃ କୃଷ୍ଣଂ ତତ୍ସାମ ତଦେତଦେତସ୍ୟାମୃଚ୍ୟଧ୍ୟୂଢ଼ଁସାମ । ତସ୍ମାଦୃଚ୍ୟଧ୍ୟୂଢ଼ଁସାମ ଗୀୟତେ ।।୫।।

ଅଥ ଯଦେବୈତଦାଦିତ୍ୟସ୍ୟ ଶୁକ୍ଲଂ ଭାଃ ସୈବ ସାଥ ଯନ୍ନୀଳଂ ପରଃ କୃଷ୍ଣଂ ତଦମସ୍ତତ୍‌ସାମାଥ ଯ ଏଷୋଽନ୍ତରାଦିତ୍ୟେ ହିରଣ୍ମୟଃ ପୁରୁଷୋ ଦୃଶ୍ୟତେ ହିରଣ୍ୟଶ୍ମଶ୍ରୁର୍ହିରଣ୍ୟକେଶ ଆପ୍ରଣଖାତ୍‌ସର୍ବ ଏବ ସୁବର୍ଣଃ ।।୬।।

ତସ୍ୟ ଯଥା କପ୍ୟାସଂ ପୁଣ୍ଡରୀକମେବମକ୍ଷିଣୀ ତସ୍ୟୋଦିତି ନାମ ସ ଏଷ ସର୍ବେଭ୍ୟଃ ପାପ୍ମଭ୍ୟ ଉଦିତ ଉଦେତି ହ ବୈ ସର୍ବେଭ୍ୟଃ ପାପ୍ମଭ୍ୟୋ ଯ ଏବଂ ବେଦ ।।୭।।

ଏବେ ଦ୍ୱିତୀୟ କଥା କୁହାଯାଉଛି— ପ୍ରତ୍ୟକ୍ଷ ଦୃଷ୍ଟ ସୂର୍ଯ୍ୟଙ୍କର ଯେଉଁ ଶ୍ୱେତ ଆଭା ରହିଛି, ତାହା ଋକ୍ ଅଟେ, ତନ୍ମଧ୍ୟସ୍ଥ ନୀଳରଙ୍ଗ ଯାହାକି ଶ୍ୟାମଳ ବର୍ଣ୍ଣ, ତାକୁ ସାମ୍ କୁହାଯାଏ । ସେହି ଶ୍ୟାମ ଆଭାରୂପ ସାମ୍, ଏହି ଶ୍ୱେତ ଆଭାରୂପ ଋକ୍‌ରେ ପ୍ରତିଷ୍ଠିତ ହୋଇଛନ୍ତି, ତେଣୁ ତାଙ୍କର ଗାନ କରାଯାଏ । ଏହା ବ୍ୟତୀତ ସୂର୍ଯ୍ୟଙ୍କର

ଯେଉଁ ଶ୍ୱେତ ପ୍ରଭା ରହିଛି ଅର୍ଥାତ୍ ଉଜ୍ଜ୍ୱଳ ପ୍ରକାଶ, ତାହା 'ସା' ଅଟେ । ଯେଉଁ ନୀଳ ଏବଂ ଅତିଶୟ ଶ୍ୟାମଳ ପ୍ରଭା ରହିଛି, ତାହା 'ଅମ୍' ଅଟେ । ଉଭୟର ମିଳନରେ ସାମ୍ ହୋଇଥାଏ । ତାତ୍ପର୍ଯ୍ୟ ହେଉଛି, ସୂର୍ଯ୍ୟ ମଧ୍ୟସ୍ଥ ଅନ୍ତର୍ଯ୍ୟାମୀ ସ୍ୱର୍ଣ୍ଣସଦୃଶ ପ୍ରକାଶରୂପ ପୁରୁଷ ଭଳି ଦେଖାଯାଆନ୍ତି— ଯାହାଙ୍କର ଦାଢି ସୁବର୍ଣ୍ଣଭଳି ପ୍ରତୀତ ହୁଏ, ଆଉ କେଶସମୂହ ସ୍ୱର୍ଣ୍ଣଯୁକ୍ତ ଦେଦୀପ୍ୟମାନ ହୋଇଥାଏ । ତାଙ୍କର ନଖାଗ୍ରଠାରୁ ନେଇ କେଶାଗ୍ର ପର୍ଯ୍ୟନ୍ତ ସବୁକିଛି ସୁବର୍ଣ୍ଣ ଖଚିତ ବା ସ୍ୱର୍ଣ୍ଣାଭ ଦେଖାଯାଏ । ଏହାଙ୍କୁ ଆମେ ପରମପୁରୁଷ ପରମେଶ୍ୱର ବୋଲି ଜାଣୁ । ଏହି ସୁବର୍ଣ୍ଣ ସଦୃଶ, ପ୍ରକାଶଯୁକ୍ତ ପୁରୁଷଙ୍କର ନେତ୍ରଦ୍ୱୟ ରକ୍ତ କମଳ ସଦୃଶ ଅଟେ । ତାହାର ନାମ 'ଉତ୍' (ସର୍ବୋଚ୍ଚ ଶିଖରରେ ସ୍ଥିତ) ଅଟେ । ସେହି ପରମେଶ୍ୱର ପାପର ଊର୍ଦ୍ଧ୍ୱରେ ଅଛନ୍ତି । ଯେକୌଣସି ଉପାସକ ଏହାକୁ ଉପରୋକ୍ତ ପ୍ରକାରେ ବୁଝିପାରିଲେ ନିଶ୍ଚିତଭାବରେ ସମଗ୍ର ପାପରୁ ମୁକ୍ତ ହୋଇପାରିବେ ।।୫-୭।।

ତସ୍ୟର୍କ୍ଚ ସାମ ଚ ଗେଷ୍ଣୌ ତସ୍ମାଦୁଦ୍ଗୀଥସ୍ତସ୍ମାତ୍ତ୍ୱେବୋଦ୍ଗାତୈତସ୍ୟ ହି ଗାତା । ସ ଏଷ ଯେ ଚାମୁଷ୍ମାତ୍ପରାଞ୍ଚୋ ଲୋକାସ୍ତେଷାଂ ଚେଷ୍ଟେ ଦେବକାମାନାଂ ଚେତ୍ୟଧିଦୈବତମ୍ ।।୮।।

ଋକ୍‌ବେଦ ଏବଂ ସାମ୍‌ବେଦରେ ପରମାତ୍ମାଙ୍କର ଗୁଣଗାନ ଏହିଭଳି କରାଯାଇଛି । ତେଣୁ ତାହାକୁ ଉଦ୍‌ଗୀଥ କୁହାଯାଏ । ଏଥିରୁ ବୁଝାଯାଏ କି ଯିଏ ଏହାକୁ ଗାନ କରନ୍ତି, ସେ ଉଦ୍‌ଗାତା ହୁଅନ୍ତି । ତାଙ୍କର ସ୍ଥିତି ସ୍ୱର୍ଗଲୋକରୁ ମଧ୍ୟ ଊର୍ଦ୍ଧ୍ୱରେ ହୋଇଥାଏ । ତାଙ୍କର ଶାସନ କେବଳ ପରମାତ୍ମା କରିଥାନ୍ତି । ଦେବଲୋକ ବା ଅନ୍ୟକେହି କରିପାରନ୍ତି ନାହିଁ । ଏହାକୁ ଆଧିଦୈବିକ ଉପାସନା କୁହାଯାଏ ଅର୍ଥାତ୍ ଏହି ଉପାସନାର ଅବଗତିକୁ ଆଧିଦୈବିକ ଉପାସନା ନାମରେ ନାମିତ କରାଯାଇଥାଏ ।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ଷଷ୍ଠଖଣ୍ଡଂ ସମ୍ପୂର୍ଣ୍ଣମ୍

(ପ୍ରଥମ ଅଧ୍ୟାୟ- ସପ୍ତମ ଖଣ୍ଡ)

୭. ଶରୀର ଦୃଷ୍ଟିରେ ଉଦ୍‌ଗୀଥ (ଓମ୍‌କାର) ଉପାସନା

ଅଥାଧ୍ୟାତ୍ମଂ ବାଗେବର୍କ୍ପ୍ରାଣଃ ସାମ ତଦେତଦେତସ୍ୟାମୃଚ୍ୟଧ୍ୟୂଢ଼ଁସାମ ତସ୍ମାଦୃଚ୍ୟଧ୍ୟୂଢ଼ଁସାମ ଗୀୟତେ । ବାଗେବ ସା ପ୍ରାଣୋଽମସ୍ତତ୍ସାମ ।।୧।।

ଚକ୍ଷୁରେବର୍ଗାତ୍ମା ସାମ ତଦେତଦେତସ୍ୟାମୃଚ୍ୟଧ୍ୟୂଢ଼ଁସାମ ତସ୍ମାଦୃଚ୍ୟଧ୍ୟୂଢ଼ଁସାମ ଗୀୟତେ । ଚକ୍ଷୁରେବ ସାତ୍ମାମସ୍ତସ୍ଥାମ ।।୨।।
ଶ୍ରୋତ୍ରମେବର୍ଙ୍ମନଃ ସାମ ତଦେତଦେତସ୍ୟାମୃଚ୍ୟଧ୍ୟୂଢ଼ଁସାମ ତସ୍ମାଦୃଚ୍ୟଧ୍ୟୂଢ଼ଁସାମ ଗୀୟତେ । ଶ୍ରୋତ୍ରମେବ ସା ମନୋଽମସ୍ତସ୍ଥାମ ।।୩।।
ଅଥ ଯଦେତଦକ୍ଷ୍ଣଃ ଶୁକ୍ଳଂ ଭାଃ ସୈବର୍ଗଥ ଯନ୍ନୀଳଂ ପରଃ କୃଷ୍ଣଂ ତତ୍ସାମ । ତଦେତଦେତସ୍ୟାମୃଚ୍ୟଧ୍ୟୂଢ଼ଁସାମ । ତସ୍ମାଦୃଚ୍ୟଧ୍ୟୂଢ଼ଁସାମ ଗୀୟତେ । ଅଥ ଯଦେବୈତଦକ୍ଷ୍ଣଃ ଶୁକ୍ଳଂ ଭାଃ ସୈବ ସାଥ ଯନ୍ନୀଳଂ ପରଃ କୃଷ୍ଣଂ ତଦମସ୍ତସ୍ଥାମ ।।୪।।
ଅଥ ଯ ଏଷୋଽନ୍ତରକ୍ଷିଣି ପୁରୁଷୋ ଦୃଶ୍ୟତେ ସୈବର୍କ୍ତଦ୍‌ସାମ ତଦୁକ୍‌ଥଂ ତଦ୍ୟଜୁସ୍ତଦ୍‌ବ୍ରହ୍ମ । ତସ୍ୟୈତସ୍ୟ ତଦେବ ରୂପଂ ଯଦମୁଷ୍ୟ ରୂପଂ ଯାବମୁଷ୍ୟ ଗେଷ୍ଣୌ ତୌ ଗେଷ୍ଣୌ ଯନ୍ନାମ ତନ୍ନାମ ।।୫।।
ସ ଏଷ ଯେ ଚୈତସ୍ମାଦର୍ବାଞ୍ଚୋ ଲୋକାସ୍ତେଷାଂ ଚେଷ୍ଟେ ମନୁଷ୍ୟକାମାନାଂ ଚେତି । ତଦ୍ୟ ଇମେ ବୀଣାୟାଂ ଗାୟନ୍ତ୍ୟେତଂ ତେ ଗାୟନ୍ତି ତସ୍ମାତ୍ତେ ଧନସନୟଃ ।।୬।।
ଅଥ ଯ ଏତଦେବଂ ବିଦ୍ୱାନ୍‌ସାମ ଗାୟତ୍ୟୁଭୌ ସ ଗାୟତି ସୋଽମୁନୈବ ସ ଏଷ ଯେ ଚାମୁଷ୍ମାଦ୍‌ପରାଞ୍ଚୋ ଲୋକାସ୍ତାଁଶ୍ଚାପ୍ନୋତି ଦେବକାମାଁଶ୍ଚ ।।୭।।
ଅଥାନେନୈବ ଯେ ଚୈତସ୍ମାଦର୍ବାଞ୍ଚୋ ଲୋକାସ୍ତାଁଶ୍ଚାପ୍ନୋତି ମନୁଷ୍ୟକାମାଁଶ୍ଚ ତସ୍ମାଦୁ ହୈବଂବିଦୁଦ୍ଗାତା ବ୍ରୂୟାଦ୍ ।।୮।।
କଂ ତେ କାମମାଗାୟାନୀତ୍ୟେଷ ହ୍ୟେବ କାମାଗାନସ୍ୟେଷ୍ଟେ ଯ ଏବଂ ବିଦ୍ୱାନ୍‌ସାମ ଗାୟତି ସାମ ଗାୟତି ।।୯।।

ଅଧୁନା ଆଗକୁ ଆଧ୍ୟାତ୍ମ ଉପାସନା କଥା ଆସେ । ତେଣୁ ଉପରୋକ୍ତ କଥାକୁ ଶରୀର ଦୃଷ୍ଟିରୁ ବୁଝାଯାଉ । ବାକ୍ ଇନ୍ଦ୍ରିୟ ଋକ୍ ଅଟେ, ପ୍ରାଣ ସାମ୍ । ଉକ୍ତ ପ୍ରାଣରୂପ ସାମ୍ ବାଣୀରୂପ ଋକ୍‌ରେ ପ୍ରତିଷ୍ଠିତ ଅଟେ ଅର୍ଥାତ୍ ଉଭୟେ ଦୃଢଭାବରେ ସ୍ଥିତ ଅଟନ୍ତି । ଏଣୁ ଋକ୍‌ରେ ପ୍ରତିଷ୍ଠିତ ସାମ୍‌ର ଗାୟନ କରାଯାଏ । ବାଣୀ 'ସା' ହେଲେ ପ୍ରାଣ 'ଅମ୍' ଅଟେ । ଉଭୟେ ମିଳିତହେଲେ ସାମ୍ ହୁଅନ୍ତି । ସେହିଭଳି ନେତ୍ରକୁ ଋକ୍, ତନ୍ମଧ୍ୟସ୍ଥ ଡୋଳାକୁ ସାମ୍ ମନେ କରାଯାଇପାରେ । ପୁନଶ୍ଚ ଶ୍ରୋତ୍ରକୁ ଋକ୍ ମନେକଲେ ପ୍ରାଣକୁ ସାମ୍ ମନେକରାଯାଇପାରେ । ଉଭୟଙ୍କର

ମିଳିତରେ ସାମ୍ ହୁଏ । ଠିକ୍ ସେହିଭଳି ନେତ୍ର ମଧ୍ୟସ୍ଥ ଶ୍ୱେତ ଆଭାକୁ ଋକ୍ ମନେକରାଗଲେ, ତନ୍ମଧ୍ୟସ୍ଥ ଶ୍ୟାମଳ ବର୍ଣ୍ଣ ଆଭାକୁ ସାମ୍ କୁହାଯାଇପାରେ । ଉକ୍ତ ଶ୍ୟାମ ଆଭାରୂପ ସାମ୍ ଶ୍ୱେତଆଭାରୂପ ଋକ୍‌ରେ ପ୍ରତିଷ୍ଠିତ ହୋଇଛନ୍ତି । ତେଣୁ ଋକ୍‌ରେ ପ୍ରତିଷ୍ଠିତ ସାମ୍‌ଙ୍କର ଗାନ କରାଯାଇ ନେତ୍ରର ଶ୍ୱେତ ଆଭାକୁ 'ସା' ମନେକଲେ ନୀଳବର୍ଣ୍ଣକୁ 'ଅମ୍' ମନେ କରାଯାଏ । ସେହିଭଳି ନେତ୍ରମଧ୍ୟସ୍ଥ ପୁରୁଷକୁ ଋକ୍ ମନେକଲେ ତନ୍ମଧ୍ୟସ୍ଥ ପୁରୁଷକୁ ସାମ୍ ମନେକରାଯାଇପାରେ । ପୁନର୍ବାର ତାହାକୁ ଯଜୁଃ ମଧ୍ୟ ମନେ କରାଯାଇପାରେ । ଏହା ହିଁ ପ୍ରଥିତ ସ୍ତୋତ୍ର ସମୂହରେ ବ୍ରହ୍ମରୂପରେ ବିରାଜମାନ । ଏହି ପୁରୁଷଙ୍କର ସେହି ରୂପ ଅଟେ, ଯାହା ଷଷ୍ଠ ଖଣ୍ଡରେ ବର୍ଣ୍ଣିତ ଆଦିତ୍ୟ ପୁରୁଷଙ୍କର କରାଯାଇଛି । ଯିଏ ଏହାଙ୍କର ଗୁଣଗାନ କରନ୍ତି, ସେ ଉଦ୍ ବୋଲାନ୍ତି । ତାହା ହିଁ ତାଙ୍କର ନାମ ଅଟେ । ପୃଥିବୀ ତଳକୁ ଯେଉଁ ଲୋକ ଅଛି, ତାହାଙ୍କୁ ମଧ୍ୟ ଏହି ପୁରୁଷ ଶାସନ କରୁଛନ୍ତି ଅର୍ଥାତ୍ ମନୁଷ୍ୟମାନଙ୍କର ଭୋଗ ମଧ୍ୟ ତାହାଙ୍କର ଅଧୀନ ଅଟେ । ଏଣୁ ଯିଏ ବୀଣାଧରି ଗାୟନ କରନ୍ତି, ସେ ସେହି ପରମେଶ୍ୱରଙ୍କର ଗୁଣକୁ ହିଁ ଗାନ କରନ୍ତି । ଏହା ମାଧ୍ୟମରେ ସେ ଧନ ଲାଭ ବି କରନ୍ତି, ଅଭୀଷ୍ଟ ଲାଭ ମଧ୍ୟ କରନ୍ତି । ଏହାର ରହସ୍ୟକୁ ଉପରୋକ୍ତ ପ୍ରକାରେ ଯିଏ ବୁଝିଛନ୍ତି, ସେହି ଉପାସକ ସାମ୍‌ଗାନ କରିପାରନ୍ତି, ସେ ନେତ୍ରସ୍ଥିତ ଏବଂ ଆଦିତ୍ୟମଣ୍ଡଳସ୍ଥିତ ଉଭୟ ପୁରୁଷଙ୍କର ଗୁଣକୁ ଉଚିତ ଭାବରେ ବୋଧହୋଇ ଗାୟନ କରିପାରନ୍ତି । ତେଣୁ ସେ ପରମେଶ୍ୱରଙ୍କଠାରୁ ପ୍ରକୃତ ଅଭୀଷ୍ଟକୁ ଲାଭକରିପାରନ୍ତି । ସୂର୍ଯ୍ୟଲୋକ ଊର୍ଦ୍ଧ୍ୱରେ ଯେଉଁ ଲୋକ ରହିଛି, ସେ ସବୁକୁ ଏବଂ ଦେବଗଣଙ୍କର ଭୋଗକୁ ମଧ୍ୟ ସେ ଲାଭ କରିପାରନ୍ତି । ସେହିଭଳି ସୂର୍ଯ୍ୟଲୋକ ଏବଂ ମନୁଷ୍ୟଲୋକର ତଳକୁ ଯେଉଁଲୋକ ରହିଛି, ତାହାକୁ ଏବଂ ମନୁଷ୍ୟମାନଙ୍କର ସର୍ବୋଚ୍ଚଭୋଗକୁ ସେ ଉକ୍ତ ପରମପୁରୁଷଙ୍କ ଠାରୁ ପ୍ରାପ୍ତ କରିପାରନ୍ତି । ଏଣୁ ନିଃସନ୍ଦେହରେ ଏଭଳି ଜାଣିଥିବା ବ୍ୟକ୍ତି ଉଦ୍‌ଗାତା ଭାବରେ ଯଜମାନ ଆଗରେ ପ୍ରତିଷ୍ଠିତ ହୁଅନ୍ତି । ତାଙ୍କ ଦ୍ୱାରା ଏଭଳି ମଧ୍ୟ ବାକ୍ୟ ଶୋଭାପାଏ କି, ଯଜମାନକୁ ସେ ପଚାରିପାରନ୍ତି— ତୁମପାଇଁ ମୁଁ କେଉଁ ଅଭୀଷ୍ଟ ବସ୍ତୁକୁ କାମନା ବା ଆବାହନ କରିବି ? ଅର୍ଥାତ୍ ତାଙ୍କପାଇଁ ସବୁକିଛି ସହଜଲଭ୍ୟ ହୋଇଯାଇଥିବାରୁ ଏଭଳି କଥନ ତାଙ୍କଠାରେ ଶୋଭାପାଏ । ସେ ଉପଯୁକ୍ତ ରହସ୍ୟକୁ ଅବଗତ ହୋଇ ଉକ୍ତ ସାମ୍‌ଙ୍କର ଗାନ କରନ୍ତି । ଫଳରେ ବାଞ୍ଛିତ ଭୋଗକୁ ଗାୟନ ଦ୍ୱାରା ଆବାହନ କରିବାକୁ ସମର୍ଥ ହୁଅନ୍ତି ।।୧-୯।।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ସପ୍ତମଖଣ୍ଡଂ ସମ୍ପୂର୍ଣ୍ଣମ୍

(ପ୍ରଥମ ଅଧ୍ୟାୟ- ଅଷ୍ଟମ ଖଣ୍ଡ)

୮. ଉଦ୍‌ଗୀଥ ସମ୍ବନ୍ଧୀ ଶିଳକ ଦାଲଭ୍ୟ ସମ୍ବାଦ

ତ୍ରୟୋ ହୋଦ୍ଗୀଥେ କୁଶଳା ବଭୂବୁଃ ଶିଳକଃ ଶାଳାବତ୍ୟଶ୍ଚୈକିତାୟନୋ ଦାଲ୍‌ଭ୍ୟଃ ପ୍ରବାହଣୋ ଜୈବଲିରିତି ତେ ହୋଚୁରୁଦ୍ଗୀଥେ ବୈ କୁଶଳାଃ ସ୍ମୋ ହନ୍ତୋଦ୍ଗୀଥେ କଥାଂ ବଦାମ ଇତି ॥୧॥

ତଥେତି ହ ସମୁପବିବିଶୁଃ ସ ହ ପ୍ରବାହଣୋ ଜୈବଲିରୁବାଚ ଭଗବନ୍ତାବଗ୍ରେ ବଦତାଂ ବ୍ରାହ୍ମଣୟୋର୍ବଦତୋର୍ବାଚଁ-ଶ୍ରୋଷ୍ୟାମୀତି ॥୨॥

ପ୍ରସିଦ୍ଧ ଅଟେ କି, ତିନିଜଣ ଋଷି ଉଦ୍‌ଗୀଥ ତତ୍ତ୍ୱ ଜାଣିବାପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସେମାନେ ହେଲେ ଶାଳାବାନ୍‌ଙ୍କ ପୁତ୍ର ଶିଳକ, ଚିକିତାୟନଙ୍କ ପୁତ୍ର ଦାଲଭ୍ୟ ଏବଂ ଜୀବଳଙ୍କ ପୁତ୍ର ପ୍ରବାହଣ । ଏକଦା ତିନିହେଁ ନିଜନିଜ ମଧ୍ୟରେ ବିଚାରିଲେ, ନିଶ୍ଚିତ ଭାବରେ ଆମ୍ଭେମାନେ ଉଦ୍‌ଗୀଥ ସମ୍ବନ୍ଧୀ ଜ୍ଞାନ ଆହରଣ କରିଅଛେ । ଯଦି ଇଚ୍ଛୁକ ହେବା, ତେବେ ତଦ୍ ସମ୍ପର୍କିତ ଆଲୋଚନା ମଧ୍ୟ କରିବା । ଏହି କଥାରେ ଏକମତହୋଇ ଋଷିତ୍ରୟ ଗୋଟିଏ ସ୍ଥାନରେ ସୁଖପୂର୍ବକ ଉପବେଶନ କଲେ । ତନ୍ମଧ୍ୟରୁ ପ୍ରବାହଣ ଅନ୍ୟ ଦୁଇଜଣଙ୍କୁ ଅନୁରୋଧ କଲେ, ଆପଣମାନେ ଗୁରୁଜନ, ତେଣୁ କଥା ଆରମ୍ଭ କରନ୍ତୁ । ଆପଣଙ୍କ ଉପଦେଶପୂର୍ଣ୍ଣ ବଚନକୁ ମୁଁ ଶୁଣିବି । ଏହା କହି ସେ ନୀରବ ରହିଲେ ॥୧−୨॥

ସ ହ ଶିଳକଃ ଶାଳାବତ୍ୟଶ୍ଚୈକିତାୟନଂ ଦାଲ୍ଭ୍ୟମୁବାଚ ହନ୍ତ ତ୍ୱା ପୃଚ୍ଛାନୀତି ପୃଚ୍ଛେତି ହୋବାଚ ॥୩॥

କା ସାମ୍ନୋ ଗତିରିତି ସ୍ୱର ଇତି ହୋବାଚ । ସ୍ୱରସ୍ୟ କା ଗତିରିତି ପ୍ରାଣ ଇତି ହୋବାଚ । ପ୍ରାଣସ୍ୟ କା ଗତିରିତ୍ୟନ୍ନମିତି ହୋବାଚାନ୍ନସ୍ୟ କା ଗତିରିତ୍ୟାପ ଇତି ହୋବାଚ ॥୪॥

ଅପାଂ କା ଗତିରିତ୍ୟସୌ ଲୋକ ଇତି ହୋବାଚାମୁଷ୍ୟ ଲୋକସ୍ୟ କା ଗତିରିତି ନ ସ୍ୱର୍ଗଂ ଲୋକମତିନୟେଦିତି ହୋବାଚ ସ୍ୱର୍ଗଂ ବୟଂ ଲୋକଁସାମାଭିସଂସ୍ଥାପୟାମଃ ସ୍ୱର୍ଗସଁସ୍ତାବଁହି ସାମେତି ॥୫॥

କୁହାଯାଏ, ଏହାପରେ ଉଭୟ ଋଷି ଶିଳକ ଓ ଦାଲଭ୍ୟ ନିଜ ନିଜ ଭିତରେ କଥନ ପ୍ରାରମ୍ଭ କଲେ । ଶିଳକ ପଚାରିଲେ, ତାହାଲେ କୁହନ୍ତୁ— ସାମ୍‌ର ଆଶ୍ରୟ କିଏ ? ଦାଲଭ୍ୟ କହିଲେ, ସ୍ୱର ହିଁ ସାମ୍‌ର ଆଶ୍ରୟ । ସ୍ୱରର ଆଶ୍ରୟ କିଏ ? ଦାଲଭ୍ୟ କହିଲେ, ପ୍ରାଣ ହେଉଛି ସ୍ୱରର ଆଶ୍ରୟ । ପୁଣି ପ୍ରଶ୍ନ କଲେ, ପ୍ରାଣର ଆଶ୍ରୟ କିଏ ? ଉତ୍ତର ମିଳିଲା—ଅନ୍ନ । ଶିଳକ ପୁଣି ପ୍ରଶ୍ନ କଲେ, ଅନ୍ନର ଆଶ୍ରୟ କିଏ ? ଦାଲଭ୍ୟ ଉତ୍ତର ଦେଲେ— ଜଳ । ଜଳର ଆଶ୍ରୟ ? ଉତ୍ତର ହେଲା—ସ୍ୱର୍ଗଲୋକ । ସେହି ଲୋକର ଆଶ୍ରୟ ? ଉତ୍ତର ମିଳିଲା—ସ୍ୱର୍ଗ ଆଗକୁ ଯିବା ଦରକାର ନାହିଁ । କାରଣ ଆମ୍ଭେମାନେ ସମସ୍ତେ ସାମ୍‌ଙ୍କର ପୂର୍ଣ୍ଣତୟା ସ୍ଥିତିକୁ ସ୍ୱୀକାର କରୁଅଛେ ।।୩-୫।।

ତ୍ଁହଶିଳକଃ ଶାଳାବତ୍ୟଶ୍ଚୈକିତାୟନଂ ଦାଲ୍ଭ୍ୟମୁବାଚାପ୍ରତିଷ୍ଠିତଂ ବୈ କିଳ ତେ ଦାଲ୍ଭ୍ୟ ସାମ ଯସ୍ତ୍ୱେତର୍ହି ବ୍ରୂୟାନ୍ମୂର୍ଧା ତେ ବିପତିଷ୍ୟତୀତି ମୂର୍ଧା ତେ ବିପତେଦିତି ।।୬।।

ହନ୍ତାହମେତଦ୍‌ଭଗବତୋ ବେଦାନୀତି ବିଦ୍ଧୀତି ହୋବାଚାମୁଷ୍ୟ ଲୋକସ୍ୟ କା ଗତିରିତ୍ୟୟଂ ଲୋକ ଇତି ହୋବାଚାସ୍ୟ ଲୋକସ୍ୟ କା ଗତିରିତି ନ ପ୍ରତିଷ୍ଠାଂ ଲୋକମତିନୟେଦିତି ହୋବାଚ ପ୍ରତିଷ୍ଠାଂ ବୟଂ ଲୋକଁସାମାଭିସଁସ୍ଥାପୟାମଃ ପ୍ରତିଷ୍ଠାସଁସ୍ତାବଁହି ସାମେତି ।।୭।।

ଅଧୁନା ଚିକିତାୟନଙ୍କ ପୁତ୍ର ଦାଲଭ୍ୟ ସୁପ୍ରସିଦ୍ଧ ଋଷି ଶିଳକଙ୍କୁ ପଚାରିଲେ— ଦାଲଭ୍ୟ ! ତୁମ ବର୍ଣ୍ଣିତ ସାମ୍ ନିଃସନ୍ଦେହରେ ପ୍ରତିଷ୍ଠାହୀନ ଅଟନ୍ତି, ଅର୍ଥାତ୍ ତୁମେ ସାମ୍‌ଙ୍କର ଯେଉଁ ଅନ୍ତିମ ଆଶ୍ରୟ ସ୍ୱର୍ଗ ବୋଲି ବତାଉଅଛ, ତାହା ଠିକ୍ ନୁହେଁ । ସ୍ୱର୍ଗର ମଧ୍ୟ ନିଶ୍ଚିତ କୌଣସି ଆଶ୍ରୟ ରହିବା ଦରକାର । ଯଦି କୌଣସି ସାମ୍ ତତ୍ତ୍ୱଜ୍ଞ ବିଦ୍ୱାନ୍ ତୁମ ଅସମ୍ପୂର୍ଣ୍ଣ ଉତ୍ତର ଶୁଣି କହିବେ- ତୁମର ଶିରଚ୍ୟୁତ ହେଉ, ତେବେ ନିଃସନ୍ଦେହରେ ତୁମର ଶିରଚ୍ୟୁତ ହୋଇଯିବ । ସେହି କ୍ଷେତ୍ରରେ ତୁମେ କ'ଣ କରିବ ? ଦାଲଭ୍ୟ କହିଲେ, ତାହାଲେ ମୁଁ କ'ଣ ସାମ୍‌ର ତତ୍ତ୍ୱକୁ ଶ୍ରୀମାନ୍‌ଙ୍କଠାରୁ ଅବଗତ ହୋଇପାରିବି ? ଶିଳକ କହିଲେ- ହଁ ଠିକ୍ ଅଛି, ତେବେ ଶୁଣ— ସ୍ୱର୍ଗଲୋକର ଆଧାର କିଏ ? ଶିଳକ କହିଲେ- ଏହି ମନୁଷ୍ୟଲୋକ ହିଁ ସ୍ୱର୍ଗଲୋକର ଆଧାର ଅଟେ । ତେବେ ମନୁଷ୍ୟଲୋକର ଆଧାର କ'ଣ ? ଉତ୍ତର ଦେଲେ— ଯାହା ସବୁକିଛିର ପ୍ରତିଷ୍ଠା ଅଟେ, ସେହିଲୋକରୁ ଆଗକୁ କିଛି ପ୍ରଶ୍ନ କରିବା ଦରକାର ନାହିଁ । ସବୁକିଛିର ପ୍ରତିଷ୍ଠାରୂପ ମନୁଷ୍ୟ ଲୋକରେ ହିଁ ଆମେ ସାମ୍‌ଙ୍କର ସଂପୂର୍ଣ୍ଣ ସ୍ଥିତିକୁ ସ୍ୱୀକାର କରୁଅଛେ । କାହିଁକି ନାଁ ସାମ୍‌ଙ୍କୁ ସମସ୍ତଙ୍କର ପ୍ରତିଷ୍ଠାରୂପ ପୃଥିବୀ କହି

ଆମେ ତାଙ୍କର ସ୍ତୁତି କରୁଅଛେ ।

ତଁହ ପ୍ରବାହଣୋ ଜୈବଲିରୁବାଚାନ୍ତବଦ୍ୱୈ କିଲ ତେ ଶାଳାବତ୍ୟ ସାମ ଯସ୍ତେତର୍ହି ବ୍ରୂୟାନ୍ମୂର୍ଧା ତେ ବିପତିଷ୍ୟତୀତି ମୂର୍ଦ୍ଧା ତେ ବିପତେଦିତି ହନ୍ତାହମେତଦ୍‌ଭଗବତୋ ବେଦାନୀତି ବିଦ୍ଧୀତି ହୋବାଚ ।।୮।।

ଏହା ଶୁଣି ଜୀବଳଙ୍କ ପୁତ୍ର ପ୍ରବାହଣ ଶିଳକଙ୍କୁ କହିଲେ—ତୁମେ ବୁଝିଥିବା ସାମ୍ ନିଃସନ୍ଦେହରେ ସବୁକିଛି ଅଟେ । ତେବେ ଯଦି ସାମ୍‌ର ତତ୍ତ୍ୱକୁ ଅବଗତ ହୋଇଥିବା ଅନ୍ୟକେହି ତୁମକୁ ଅଭିଶାପ ଦିଅନ୍ତି, ତେବେ ତୁମର ଶିରଚ୍ୟୁତ ହେବ । ନିଃସନ୍ଦେହରେ ତାହାହିଁ ଘଟିବ । ଏହାଶୁଣି ଶିଳକ ଦାଲଭ୍ୟଙ୍କୁ କହିଲେ, ତେବେ ମୁଁ ଏହାର ରହସ୍ୟ କ'ଣ ଜାଣିପାରିବି ?

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ଅଷ୍ଟମଖଣ୍ଡଂ ସମ୍ପୂର୍ଣ୍ଣମ୍

(ପ୍ରଥମ ଅଧ୍ୟାୟ-ନବମ ଖଣ୍ଡ)

୯. ଶିଳକ - ପ୍ରବାହଣ ସମ୍ବାଦ

ଅସ୍ୟ ଲୋକସ୍ୟ କା ଗତିରିତ୍ୟାକାଶ ଇତି ହୋବାଚ ସର୍ବାଣି ହ ବା ଇମାନି ଭୂତାନ୍ୟାକାଶାଦେବ ସମୁତ୍ପଦ୍ୟନ୍ତ ଆକାଶଂ ପ୍ରତ୍ୟସ୍ତଂ ଯନ୍ତ୍ୟାକାଶୋ ହ୍ୟେବୈଭ୍ୟୋ ଜ୍ୟାୟାନାକାଶଃ ପରାୟଣମ୍ ।।୧।।
ସ ଏଷ ପରୋବରୀୟାନୁଦ୍ଗୀଥଃ ସ ଏଷୋଽନନ୍ତଃ ପରୋବରୀୟୋ ହାସ୍ୟ ଭବତି ପରୋବରୀୟସୋ ହ ଲୋକାଞ୍ଜୟତି ଯ ଏତଦେବଂ ବିଦ୍ୱାନ୍‌ପରୋବରୀୟଁସମୁଦ୍ଗୀଥମୁପାସ୍ତେ ।।୨।।

ଅଧୁନା ଶିଳକ କହିଲେ— ଏହି ମନୁଷ୍ୟଲୋକର ଆଶ୍ରୟ କିଏ ଅର୍ଥାତ୍ ମନୁଷ୍ୟର ଗତି କୁଆଡେ ?

ପ୍ରବାହଣ କହିଲେ— ଆକାଶ ଆଡକୁ ଅର୍ଥାତ୍ ସର୍ବତ୍ର ପ୍ରକାଶିତ ପରମାତ୍ମାଙ୍କ ପ୍ରତି । ନିଃ

ସନ୍ଦେହରେ ଏହି ସମଗ୍ର ଜୀବଜଗତ ଆକାଶରୁ ହିଁ ଉତ୍ପନ୍ନ ହୋଇଛନ୍ତି ଆଉ ସେଥିରେ ଲୀନ ହେବେ । କାହିଁକି ନାଁ ଆକାଶ ହେଉଛି ଏ ସମସ୍ତ ଠାରୁ ବିଶାଳ ତଥା ପରମାଶ୍ରୟୀ । ସେହି ଆକାଶସ୍ୱରୂପ ପରମାତ୍ମା ବିଶାଳରୁ ବିଶାଳ ଅଟନ୍ତି, ଆଉ ଉଦ୍‌ଗୀଥ ତହିଁର ଗାୟନଯୋଗ୍ୟ ତତ୍ତ୍ୱ ଅଟେ । ସେ ସର୍ବଥା ଅସୀମ ଅଟନ୍ତି । ଯେକୌଣସି ଉପାସକ ଏଭଳି ବୁଝି ଏହି ବିଶାଳରୁ ବିଶାଳତମ ଉଦ୍‌ଗୀଥରୂପ ପରମେଶ୍ୱରଙ୍କ ଉପାସନା କରେ, ତାଙ୍କ ଜୀବନ ନିଃସନ୍ଦେହରେ ଉଚ୍ଚରୁ ଉଚ୍ଚତର ହୋଇପାରିବ, ଫଳରେ ସେ ସର୍ବୋଚ୍ଚଲୋକକୁ ଲାଭ କରିବେ ।।୧-୨।।

ତଁହୈତମତିଧନ୍ୱା ଶୌନକ ଉଦରଶାଣ୍ଡିଲ୍ୟାୟୋକ୍ତ୍ୱୋବାଚ ଯାବତ୍ତ ଏନଂ ପ୍ରଜାୟାମୁଦ୍ଗୀଥଂ ବେଦିଷ୍ୟନ୍ତେ ପରୋବରୀୟୋ ହୈଭ୍ୟସ୍ତାବଦସ୍ମିଁଲୋକେ ଜୀବନଂ ଭବିଷ୍ୟତି ।।୩।।

ଏକଦା ସୁନକଙ୍କର ପୁତ୍ର ଅତିଧନ୍ୱା ନାମକ ଋଷି ଉଦରଶାଣ୍ଡିଲ୍ୟ ନାମକ ଋଷିଙ୍କୁ ଏହି ଉପର ବର୍ଣ୍ଣିତ ଉଦ୍‌ଗୀଥ ରହସ୍ୟ କହିଥିଲେ— ତୁମ ସନ୍ତାନମାନଙ୍କ ମଧ୍ୟରେ ଲୋକମାନେ ଯେତେବେଳେ ଏହି ଉଦ୍‌ଗୀଥକୁ ଜାଣିପାରିବେ, ସେତେବେଳେ ସାଧାରଣ ମନୁଷ୍ୟଭଳି ଜୀବନ ବିତାଉ ଥିଲେ ମଧ ଶ୍ରେଷ୍ଠତାକୁ ଲାଭ କରିବେ । ଏପରିକି ମୃତ୍ୟୁ ଅନନ୍ତର ସେମାନେ ସେହି ଲୋକରେ ନିବାସ କରିବେ, ଯେଉଁଠି କି ଉତ୍ତମ ସ୍ଥାନ ପ୍ରାପ୍ତ ହେବ ।।୩।।

ତଥାମୁଷ୍ମିଁଲ୍ଲୋକେ ଲୋକ ଇତି । ସ ଯ ଏତଦେବଂ ବିଦ୍ୱାନୁପାସ୍ତେ ପରୋବରୀୟ ଏବ ହାସ୍ୟାସ୍ମିଁଲ୍ଲୋକେ ଜୀବନଂ ଭବତି ତଥାମୁଷ୍ମିଁ ଲ୍ଲୋକେ ଲୋକ ଇତି ଲୋକେ ଲୋକ ଇତି ।।୪।।

ତେଣୁ ଉପରୋକ୍ତ ତତ୍ତ୍ୱକୁ ଏହିଭଳି ଜାଣିବା ଦରକାର । ଯେଉଁମାନେ ଅର୍ଥାତ୍ ଯେଉଁ ପୁରୁଷମାନେ ଉଦ୍‌ଗୀଥଙ୍କର ଉପାସନା କରନ୍ତି, ତାଙ୍କର ଜୀବନ ଏହି ମନୁଷ୍ୟଲୋକରେ ନିଶ୍ଚିତଭାବରେ ଶ୍ରେଷ୍ଠତା ପ୍ରତିପାଦକ ହୋଇପାରିବ । ମରଣୋତ୍ତର ସ୍ଥିତିରେ (ପରଲୋକରେ) ଶ୍ରେଷ୍ଠ ସ୍ଥାନ ପ୍ରାପ୍ତି ହୋଇଥାଏ । ଏହା ନିଶ୍ଚିତ ଅଟେ ।।୪।।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ନବମଖଣ୍ଡଂ ସମ୍ପୂର୍ଣ୍ଣମ୍

(ପ୍ରଥମ ଅଧ୍ୟାୟ-ଦଶମ ଖଣ୍ଡ)

୧୦. ଉଶସ୍ତି ଆଖ୍ୟାନ

ମଟଚୀହତେଷୁ କୁରୁଷ୍ୱାଟିକ୍ୟା ସହ ଜାୟୟୋଷସ୍ତିର୍ହ ଚାକ୍ରାୟଣ ଇଭ୍ୟଗ୍ରାମେ ପ୍ରଦ୍ରାଣକ ଉବାସ ।।୧।।

ସ ହେଭ୍ୟଂ କୁଲ୍ମାଷାନ୍‌ଖାଦନ୍ତଂ ବିଭିକ୍ଷେ ତଁହୋବାଚ । ନେତୋଽନ୍ୟେ ବିଦ୍ୟନ୍ତେ ଯଚ୍ଚ ଯେ ମ ଇମ ଉପନିହିତା ଇତି ।।୨।।

ଏତେଷାଂ ମେ ଦେହୀତି ହୋବାଚ ତାନସ୍ମୈ ପ୍ରଦଦୌ ହନ୍ତାନୁପାନମିତ୍ୟୁଚ୍ଛିଷ୍ଟଂ ବୈ ମେ ପୀତଁସ୍ୟାଦିତି ହୋବାଚ ।।୩।।

ନ ସ୍ୱିଦେତେଽପ୍ୟୁଚ୍ଛିଷ୍ଟା ଇତି ନ ବା ଅଜୀବିଷ୍ୟମିମାନଖାଦନ୍ନିତି ହୋବାଚ କାମୋ ମ ଉଦକପାନମିତି ।।୪।।

ଏକଦା କୁଆପଥର ବୃଷ୍ଟିରେ କୁରୁ ଦେଶର ଶସ୍ୟକ୍ଷେତ୍ରଗୁଡ଼ିକ ନଷ୍ଟ ହୋଇଯାଇଥିଲା । ସେ ସମୟରେ ଚକ୍ର ମୁନିଙ୍କର ପୁତ୍ର ଉଷସ୍ତି ଋଷି ନିଜର ଧର୍ମପତ୍ନୀ ଆଟିକୀଙ୍କ ସହିତ (ଯିଏ ଯୁବାବସ୍ଥା ଲାଭ କରି ନଥିଲେ) ଅତ୍ୟନ୍ତ ଦୁଃଖ ଓ ଦୈନ୍ୟ ଅବସ୍ଥାରେ କାଳାତିପାତ କରୁଥାନ୍ତି । ପରାଶ୍ରିତ ଉକ୍ତ ଦମ୍ପତି ଭିକ୍ଷାନ୍ନରେ ପ୍ରତିପାଳିତ ହୁଅନ୍ତି । ଏକଦା ସେହିଭଳି ଭିକ୍ଷା ଯାଚନା କରୁ କରୁ ଏକ ଅତ୍ୟନ୍ତ ନୀଚ ଜାତିର ଲୋକ ଦୁଆରେ ଉପସ୍ଥିତ ହେଲେ । ଗୃହକର୍ତ୍ତା ଜଣେ ମାହୁନ୍ତ ଯିଏକି ନିକୃଷ୍ଟ ଧରଣର କିଛି ତଣ୍ଡୁଳ ଭକ୍ଷଣ କରୁଥାନ୍ତି । ଦୟନୀୟ ଅବସ୍ଥାରେ ଥିବା ଉକ୍ତ ଋଷି ଭିକ୍ଷା ଯାଚନା କରନ୍ତେ, ହାତୀଆଳଟି କହିଲା, ଏହି ଉଚ୍ଛିଷ୍ଟ ଛଡ଼ା ଅନ୍ୟକୌଣସି ଖାଦ୍ୟ ମୋ ପାଖରେ ନାହିଁ, ତେଣୁ ଆପଣ ଚାହିଁଲେ ମୁଁ ଏଥିରୁ କିଛି ଦେଇପାରେ । ଏହାଶୁଣି ଋଷି ସହମତି ହେଲେ ଓ ସେଗୁଡ଼ିକୁ ନେଇ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ହାତୀଆଳ କହିଲା– ଏହାକୁ ଖାଇ ପାଣି ପିଇଦିଅନ୍ତୁ, ମାତ୍ର ଋଷି ସଙ୍ଗେ ସଙ୍ଗେ ମନା କରିଦେଲେ, କହିଲେ– ଉଚ୍ଛିଷ୍ଟ ଜଳ କିପରି ସେବନ କରିବି ? କୌତୁହଳି ହୋଇ ହାତୀଆଳ କହିଲା– ତାହାଲେ ଉଚ୍ଛିଷ୍ଟ ଖାଦ୍ୟ କିପରି ଗ୍ରହଣ କରିବ ? ଉତ୍ତରରେ ଋଷି କହିଲେ– ନିଶ୍ଚିତଭାବେ ଖାଦ୍ୟ ବିନା ମୋର ପ୍ରାଣ ଚାଲିଯାଇଥାନ୍ତା । ମାତ୍ର ଖାଦ୍ୟ ସେବନ ପରେ ଜଳ ସଂଗ୍ରହ କରିବାକୁ ସକ୍ଷମ ହୋଇପାରିବି । ତେଣୁ ମୁଁ ଉଚ୍ଛିଷ୍ଟ ପାନ କରିବି କାହିଁକି ? ୧–୪

ସ ହ ଖାଦିତ୍ୱାଽତିଶେଷାଞ୍ଜାୟାୟା ଆଜହାର ସାଽଗ୍ର ଏବ ସୁଭିକ୍ଷା ବଭୂବ ତାନ୍‌ପ୍ରତିଗୃହ୍ୟ ନିଦଧୌ ।।୫।।

ସ ହ ପ୍ରାତଃ ସଂଜିହାନ ଉବାଚ ଯଦ୍‌ବତାନ୍ନସ୍ୟ ଲଭେମହି ଲଭେମହି ଧନମାତ୍ରାଁରୋଜାସୌ ଯକ୍ଷ୍ୟତେ ସ ମା ସର୍ବୈରାର୍ତ୍ୱିଜ୍ୟୈ– ର୍ବୃଣୀତେତି ॥୬॥

ତଂ ଜାୟୋବାଚ ହନ୍ତ ପତ ଇମ ଏବ କୁଲ୍ମାଷା ଇତି ତାନ୍‌ଖାଦିତ୍ୱାମୁଂ ଯଜ୍ଞଂ ବିତତମେୟାୟ ॥୭॥

ଉଷସ୍ତି ଋଷି ଉଚ୍ଛିଷ୍ଟ ଧରି ଗୃହରେ ପହଞ୍ଚିଲେ, ମାତ୍ର ଆଗରୁ ଆଟିକୀ କିଛି ଭକ୍ଷଣ କରିପକାଇଥିଲେ, ତେଣୁ ସେଗୁଡ଼ିକୁ ସେ ସୁରକ୍ଷିତ ଭାବରେ ରଖିଦେଲେ । ପରଦିନ ସକାଳୁ ପୁନର୍ବାର ଭିକ୍ଷା ପାଇଁ ଯିବାକୁ ଋଷି ବାହାରିଲେହେଁ ମନେ ମନେ କିଛି ଅନ୍ନର କାମନା କରୁଥାନ୍ତି । ପତ୍ନୀ ପୂର୍ବଦିନର ସେହି ଉଚ୍ଛିଷ୍ଟକୁ ପରଶି ଦେଉଦେଉ କହିଲେ, ନିକଟବର୍ତ୍ତୀ ଗ୍ରାମରେ ରାଜା ଯଜ୍ଞ କରାଉଛନ୍ତି, ତୁମେ ସେଠାକୁ ଗଲେ କିଛି ଲାଭ ହୁଅନ୍ତା । ଏହାଶୁଣି ଉଷସ୍ତି କିଛି (ଉଚ୍ଛିଷ୍ଟାନ୍ନ) ସେବନ କରି ଯଜ୍ଞଶାଳାଆଡ଼େ ବାହାରିପଡ଼ିଲେ ॥ ୫–୭ ॥

ତତ୍ରୋଦ୍‌ଗାତୃନାସ୍ତାବେ ସ୍ତୋଷ୍ୟମାଣାନୁପୋପବିବେଶ ସ ହ ପ୍ରସ୍ତୋତାରମୁବାଚ ॥୮॥

ପ୍ରସ୍ତୋତର୍ୟା ଦେବତା ପ୍ରସ୍ତାବମନ୍ୱାୟତ୍ତା ତାଂ ଚେଦବିଦ୍ୱାନ୍‌ପ୍ରସ୍ତୋଷ୍ୟସି ମୂର୍ଧା ତେ ବିପତିଷ୍ୟତୀତି ॥୯॥

ଏବମେବୋଦ୍‌ଗାତାରମୁବାଚୋଦ୍‌ଗାତର୍ୟା ଦେବତୋଦ୍‌ଗୀଥମନ୍ୱାୟତ୍ତା ତାଂ ଚେଦବିଦ୍ୱାନୁଦ୍‌ଗାସ୍ୟସି ମୂର୍ଧା ତେ ବିପତିଷ୍ୟତୀତି ॥୧୦॥

ଏବମେବ ପ୍ରତିହର୍ତାରମୁବାଚ ପ୍ରତିହର୍ତର୍ୟା ଦେବତା ପ୍ରତିହାରମନ୍ୱାୟତ୍ତା ତାଂ ଚେଦବିଦ୍ୱାନ୍‌ପ୍ରତିହରିଷ୍ୟସି ମୂର୍ଧା ତେ ବିପତିଷ୍ୟତୀତି ତେ ହ ସମାରତାସ୍ତୁଷ୍ଣୀମାସାଂଚକ୍ରିରେ ॥୧୧॥

ସେଠାରେ ପହଞ୍ଚି ଯେଉଁଠାରେ ଉଦ୍‌ଗାତାମାନେ ବସି ସ୍ତୁତି କରୁଥିଲେ, ସେହି ସ୍ଥାନକୁ ଅଗ୍ରସର ହେଲେ । ଏହା ଦେଖି ସ୍ତୋତାଗଣ ପ୍ରଶ୍ନ କଲେ, ତୁମେ ଯାହାଙ୍କର ସ୍ତୁତି କରିବାକୁ ଯାଉଅଛ, ତାଙ୍କୁ ନଜାଣି ଯଦି ସ୍ତୁତି କରୁଥାଅ ତାହାଲେ ତୁମର ଶିରଚ୍ୟୁତ କରାଯିବ । ସେହିଭଳି ଉଦ୍‌ଗାତାଙ୍କୁ କହିଲେ, ଯେଉଁ ଦେବତାଙ୍କର ଉଦ୍‌ଗୀଥ ସହିତ ସମ୍ବନ୍ଧ ରହିଛି ଅର୍ଥାତ୍ ଯାହାଙ୍କୁ ତୁମେ ଉଦ୍‌ଗୀଥ ଦ୍ୱାରା ଗାନ କରିବାକୁ ଯାଉଛ ତାଙ୍କୁ ପ୍ରଥମେ ଅବଗତ ହେବା ଦରକାର । ଏହାପରେ ପ୍ରତିହର୍ତ୍ତାଙ୍କୁ କହିଲେ, ଯେଉଁ ଦେବତାଙ୍କର ପ୍ରତିହାର ସହିତ ସମ୍ବନ୍ଧ ରହିଛି ତାଙ୍କୁ ନଜାଣି ଯଦି ସ୍ତୁତି କରୁଥାଅ,

ତେବେ ତୁମର ଶିର ଅବଶ୍ୟ ଚ୍ୟୁତ ହେବ । ଏହାକହି ଋତ୍ୱିକ୍‌ଗଣ ସ୍ୱ-ସ୍ୱ କର୍ମରେ ବ୍ୟସ୍ତ ରହିଲେ ।।୮-୧୧।।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ଦଶମଖଣ୍ଡଂ ସମ୍ପୂର୍ଣ୍ଣମ୍

(ପ୍ରଥମ ଅଧ୍ୟାୟ-ଏକାଦଶ ଖଣ୍ଡ)

୧୧. ପ୍ରସ୍ତୋତା ଆଦି କର୍ମ ସମ୍ବନ୍ଧିତ ଦେବଗଣଙ୍କର ବର୍ଣ୍ଣନା

ଅଥ ହୈନଂ ଯଜମାନ ଉବାଚ ଭଗବନ୍ତଂ ବା ଅହଂ ବିବିଦିଷାଣୀତ୍ୟୁଷସ୍ତିରସ୍ମି ଚାକ୍ରାୟଣ ଇତି ହୋବାଚ ।।୧।।

ସ ହୋବାଚ ଭଗବନ୍ତଂ ବା ଅହମେଭିଃ ସର୍ବୈରାର୍ତ୍ୱିଜ୍ୟୈଃ ପର୍ଯ୍ୟୈଷିଷଂ ଭଗବତୋ ବା ଅହମବିତ୍ତ୍ୟାନ୍ୟାନବୃଷି ।।୨।।

ଭଗବାଁସ୍ତ୍ୱେବ ମେ ସର୍ବୈରାର୍ତ୍ୱିଜ୍ୟୈରିତି ତଥେ୍ୟଥ ତର୍ହ୍ୟେତ ଏବ ସମତିସୃଷ୍ଟାଃ ସ୍ତୁବତାଂ ଯାବତ୍ତ୍ୱେଭ୍ୟୋ ଧନଂ ଦଦ୍ୟାସ୍ତାବନ୍ମମ ଦଦ୍ୟା ଇତି ତଥେତି ହ ଯଜମାନ ଉବାଚ ।।୩।।

ଅତଃ ପୂର୍ବ ବର୍ଣ୍ଣିତ ଉଷସ୍ତି ଋଷିଙ୍କ ଦ୍ୱାରା ଯଜ୍ଞ କରାଇବା ପୂର୍ବରୁ ରାଜା କହିଲେ, ପ୍ରଥମେ ମୁଁ ଶ୍ରୀମାନଙ୍କର ଉଚିତ ପରିଚୟ ପ୍ରାପ୍ତ କରିବାକୁ ଚାହୁଁଛି । ଏହାଶୁଣି ଋଷି ଉତ୍ତରଦେଲେ, ମୁଁ ଚକ୍ରଙ୍କର ପୁତ୍ର, ଉଷସ୍ତି ନାମଧାରୀ ଋଷି ।।୧।।

ରାଜା କହିଲେ କି, କହିବାକୁ ଗଲେ ମୁଁ ଏ ସମଗ୍ର କର୍ମ ପାଇଁ ଋତ୍ୱିଜ୍‌ଭାବରେ ଆପଣଙ୍କର ହିଁ ଅନୁସନ୍ଧାନ କରୁଥିଲି । ମାତ୍ର ଆପଣ ନ ମିଳିବାରୁ ଅନ୍ୟମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା । ବର୍ତ୍ତମାନ ଆପଣ ଏ ସମସ୍ତ ଦାୟିତ୍ୱ ନିଅନ୍ତୁ ଏବଂ ଆପଣଙ୍କୁ ଉକ୍ତ କ୍ରିୟାର ଶ୍ରେଷ୍ଠ ଋତ୍ୱିଜ୍ ଭାବରେ ନିର୍ବାଚନ କରାଗଲା । ଋଷି କହିଲେ, ଠିକ୍‌ଅଛି ଭଲକଥା- ଏହା କହି ରାଜାଙ୍କ ପ୍ରସ୍ତାବକୁ ଅନୁମୋଦନ କଲେ ଓ କହିଲେ— ଅଧୁନା ମୋ' ଆଜ୍ଞାରେ ପ୍ରଥମ ଋତ୍ୱିଜ୍ ସ୍ତୁତି ଆରମ୍ଭ କରନ୍ତୁ ମାତ୍ର ଗୋଟିଏ କଥା ମନେରଖନ୍ତୁ— ଯେତିକି ଧନ ଆପଣ ଏମାନଙ୍କୁ ଦେବେ, ସେତିକି ମୋତେ ମଧ ଦେବେ । ରାଜା ତାହାହିଁ ହେବ କହି ସ୍ୱୀକୃତି ପ୍ରଦାନକଲେ ।।୨-୩।।

ଅଥ ହୈନଂ ପ୍ରସ୍ତୋତୋପସସାଦ ପ୍ରସ୍ତୋତର୍ଯା ଦେବତା ପ୍ରସ୍ତାବମନ୍ୱାୟତ୍ତା ତାଂ ଚେଦବିଦ୍ୱାନ୍‌ପ୍ରସ୍ତୋଷ୍ୟସି ମୂର୍ଧା ତେ

ବିପତିଷ୍ୟତୀତି ମା ଭଗବାନବୋଚକ୍ତମା ସା ଦେବତେତି ।।୪।।

ତଦନନ୍ତର ପ୍ରସ୍ତୋତାଗଣ ଉକ୍ତ ଋଷିଙ୍କ ନିକଟକୁ ଆସି କହିଲେ— ହେ ଶ୍ରୀମାନ ମୋତେ ଆପଣ କହିଥିଲେ କି, ହେ ପ୍ରସ୍ତୋତା ! ଆପଣ ଯେଉଁ ଦେବତାଙ୍କର ସ୍ତୁତି କରିବାକୁ ଯାଉଛନ୍ତି ତାଙ୍କୁ ନ ଜାଣି ଯଦି ସ୍ତୁତି କରନ୍ତି, ତେବେ ତୁମର ଶିର ଛେଦନ କରାଯିବ । ତାହେଲେ ସେହି ଦେବତା ଜଣକ କିଏ—ଏହା ମୁଁ ଜାଣିବାକୁ ଚାହୁଁଛି ।।୪।।

ପ୍ରାଣ ଇତି ହୋବାଚ ସର୍ବାଣି ହ ବା ଇମାନି ଭୂତାନି ପ୍ରାଣମେବାଭିସଂବିଶନ୍ତି ପ୍ରାଣମଭ୍ୟୁଜ୍ଜିହତେ ସୈଷା ଦେବତା ପ୍ରସ୍ତାବମନ୍ୱାୟତ୍ତା ତାଂ ଚେଦବିଦ୍ୱାନ୍‌ପ୍ରାସ୍ତୋଷ୍ୟୋ ମୂର୍ଧା ତେ ବ୍ୟପତିଷ୍ୟତ୍ତଥୋକ୍ତସ୍ୟ ମୟେତି ।।୫।।

ଋଷି ଉତ୍ତରଦେଲେ— ସେହି ଦେବତା ହେଉଛନ୍ତି ପ୍ରାଣ । ନିଃସନ୍ଦେହରେ ସମଗ୍ର ପ୍ରାଣୀ ପ୍ରଳୟ କାଳରେ ପ୍ରାଣରେ ପ୍ରାଣରୂପ ହୋଇ ବିଲୀନ ହେବେ ଏବଂ ପୁନଃ ସୃଷ୍ଟିକାଳରେ ପ୍ରାଣଠାରୁ ପ୍ରକଟିତ ହେବେ । ସେହି ବର୍ଣ୍ଣିତ ପ୍ରାଣ ପ୍ରସ୍ତାବ ଅର୍ଥାତ୍ ସ୍ତୁତି ଅନୁଗତ ଦେବତା ଅଟନ୍ତି । ତାଙ୍କୁ ନ ଜାଣି ଯଦି ତୁମେ ସ୍ତୁତି କର, ତୁମର ଶିର ନିଃସନ୍ଦେହରେ ଶରୀରରୁ ବିଚ୍ଛିନ୍ନ ହୋଇଯିବ, ଅବଶ୍ୟ ତାହା ହିଁ ହୋଇଥାଆନ୍ତା ।।୫।।

ଅଥ ହୈନମୁଦ୍ଗାତୋପସସାଦୋଦ୍ଗାତର୍ଯା ଦେବତୋଦ୍ଗୀଥମନ୍ୱାୟତ୍ତା ତାଂ ଚେଦବିଦ୍ୱାନୁଦ୍ଗାସ୍ୟସି ମୂର୍ଧା ତେ ବିପତିଷ୍ୟତୀତି ମା ଭଗବାନବୋଚକ୍ତମା ସା ଦେବତେତି ।।୬।।

ଆଦିତ୍ୟ ଇତି ହୋବାଚ ସର୍ବାଣି ହ ବା ଇମାନି ଭୂତାନ୍ୟାଦିତ୍ୟମୁଚ୍ଚୈଃ ସନ୍ତଂ ଗାୟନ୍ତି ସୈଷା ଦେବତୋଦ୍ଗୀଥମନ୍ୱାୟତ୍ତା ତାଂ ଚେଦବିଦ୍ୱାନୁଦଗାସ୍ୟୋ ମୂର୍ଧା ତେ ବ୍ୟପତିଷ୍ୟତ୍ତଥୋକ୍ତସ୍ୟ ମୟେତି ।।୭।।

ଏହାପରେ ଉଦ୍‌ଗାତା ଉଷସ୍ତିଙ୍କ ନିକଟକୁ ଆସି କହିଲେ— ହେ ଶ୍ରୀମାନ୍ ! ମୋତେ କୁହାଯାଇଥିଲା କି, ହେ ଉଦ୍‌ଗାତା ! ଯିଏ ଉଦ୍‌ଗୀଥଙ୍କ ସହ ସମ୍ବନ୍ଧ ରକ୍ଷାକାରୀ ଦେବତା ଅଟନ୍ତି ତାଙ୍କୁ ନ ଜାଣି ଯଦି ତୁମେ ଉଦ୍‌ଗାନ କରିବ, ତେବେ ତୁମର ମଧ୍ୟ ଶରୀର ଠାରୁ ଶିର ଛିନ୍ନ ହୋଇଯିବ । ତାହେଲେ ସେ କିଏ ? ଏହାଶୁଣି ଋଷି ଉଷସ୍ତି କହିଲେ ଯେ ସେହି ଦେବତା ହେଉଛନ୍ତି, ସୂର୍ଯ୍ୟ(ଆଦିତ୍ୟ) । ନିଶ୍ଚିତଭାବରେ ସମଗ୍ର ପ୍ରାଣୀଜଗତ ଆକାଶସ୍ଥ ଉକ୍ତ ସୂର୍ଯ୍ୟଙ୍କର ଯଶଗାନ କରନ୍ତି । ସେହି ସୂର୍ଯ୍ୟ ଏହି ଉଦ୍‌ଗୀଥ ସହିତ ସମ୍ବନ୍ଧ ରକ୍ଷାକାରୀ ଦେବତା ଅଟନ୍ତି ।

ତାଙ୍କୁ ନ ଜାଣି ଯଦି ତୁମେ ଉଦ୍‌ଗାନ କରିବ, ତେବେ ତୁମର ଅବସ୍ଥା ପୂର୍ବବତ୍ ହୋଇଥାଆନ୍ତା ।।୬-୭।।

ଅଥ ହୈନଂ ପ୍ରତିହର୍ତୋପସସା ଦ ପ୍ରତିହର୍ତୟା ଦେବତା ପ୍ରତିହାରମନ୍ୱାୟତ୍ତା ତାଂ ଚେଦବିଦ୍ୱାନ୍‌ପ୍ରତିହରିଷ୍ୟସି ମୂର୍ଧା ତେ ବିପତିଷ୍ୟତୀତି ମା ଭଗବାନବୋଚକ୍ତତମା ସା ଦେବତେତି ।।୮।।

ଅନ୍ନମିତି ହୋବାଚ ସର୍ବାଣି ହ ବା ଇମାନି ଭୂତାନ୍ୟନ୍ନମେବ ପ୍ରତିହରମାଣାନି ଜୀବନ୍ତି ସୈଷା ଦେବତା ପ୍ରତିହାରମନ୍ୱାୟତ୍ତା ତାଂ ଚେଦବିଦ୍ୱାନ୍‌ପ୍ରତ୍ୟହରିଷ୍ୟୋ ମୂର୍ଧା ତେ ବ୍ୟପତିଷ୍ୟତ୍ତଥୋକ୍ତସ୍ୟ ମୟେତି ତଥୋକ୍ତସ୍ୟ ମୟେତି ।।୯।।

ଏହାପରେ ପ୍ରତିହର୍ତ୍ତା ଉଷସ୍ତିଙ୍କ ନିକଟକୁ ଆସି କହିଲେ— ହେ ଶ୍ରୀମାନ୍ ! ମୋତେ କୁହାଯାଇଥିଲା ଯିଏ ପ୍ରତିହାର ସହ ସମ୍ବନ୍ଧ ରକ୍ଷାକାରୀ ଦେବତା ଅଟନ୍ତି ତାଙ୍କୁ ନ ଜାଣି ଯଦି ତୁମେ ପ୍ରତିହାର କ୍ରିୟା କରିବ, ତେବେ ତୁମର ଶିର ନିଶ୍ଚିତ ବିଚ୍ଛିନ୍ନ ହୋଇଯିବ । ତାହେଲେ ସେହି ଦେବତା କିଏ ଏହା ମୁଁ ଆପଣଙ୍କଠାରୁ ଜାଣିବାକୁ ଚାହୁଁଛି । ଋଷି ପ୍ରତିହର୍ତ୍ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ— ଯେଉଁ ଦେବତାଙ୍କ କଥା ତୁମେ ପଚାରୁଅଛ, ସେ ହେଉଛନ୍ତି ଅନ୍ନ । ତାଙ୍କୁ ସମଗ୍ର ଜୀବଜଗତ ଆହରଣକରି ଜୀବନ ଧାରଣ କରନ୍ତି, ତେଣୁ ସେ ପ୍ରତିହାର ରକ୍ଷାକାରୀ ଦେବତା ଅଟନ୍ତି । ତାଙ୍କୁ ନ ଜାଣି ଉପାସନାକଲେ ଅବଶ୍ୟ ପୂର୍ବଗତି ଘଟିଥାଆନ୍ତା ।।୮-୯।।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ଏକାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ପ୍ରଥମ ଅଧ୍ୟାୟ-ଦ୍ୱାଦଶ ଖଣ୍ଡ)

୧୨. ଶୈବ ଉଦ୍‌ଗୀଥର ବର୍ଣ୍ଣନା

ଅଥାତଃ ଶୈବ ଉଦ୍‌ଗୀଥସ୍ତଦ୍ଧ ବକୋ ଦାଲ୍ଭ୍ୟୋ ଗ୍ଲାବୋ ବା ମୈତ୍ରେୟଃ ସ୍ୱାଧ୍ୟାୟମୁଦ୍‌ବ୍ରାଜ ।।୧।।

ତସ୍ମୈ ଶ୍ୱା ଶ୍ୱେତଃ ପ୍ରାଦୁର୍ବଭୂବ ତମନ୍ୟେ ଶ୍ୱାନ

ଉପସମେତ୍ୟୋଚୁରନ୍ନଂ ନୋ ଭଗବାନାଗାୟତ୍ୱଶନାୟାମ ବା ଇତି ।।୨।।

ତାନ୍‌ହୋବାଚ ହୈବ ମା ପ୍ରାତରୂପସମୀୟାତେତି ତଦ୍ଧ ବକୋ ଦାଲ୍ଭ୍ୟୋ ଗ୍ଲାବୋ ବା ମୈତ୍ରେୟଃ ପ୍ରତିପାଳୟାଞ୍ଚକାର ।।୩।।

ଅଧୁନା ଏହିଠାରୁ ଶ୍ୱାନରୂପ ଧାରଣକାରୀ ଏକ ଋଷି ଯିଏକି ପ୍ରତ୍ୟକ୍ଷିତ ହୋଇଥିବା ଉଦ୍‌ଗୀଥଙ୍କର କଥା ବର୍ଣ୍ଣନା କରାଯାଉଛି । କଥିତ ଅଛି, ଦାଲଭ୍ୟ ଋଷିଙ୍କର ପୁତ୍ର ବକ ଏବଂ ମିତ୍ରାଙ୍କ ପୁତ୍ର ଗ୍ଲାବ ଋଷି ସ୍ୱାଧ୍ୟାୟ କରିବାପାଇଁ ଗ୍ରାମ ବହିଃସ୍ଥ କୌଣସି ଏକ ନିର୍ଜନ ସ୍ଥାନକୁ ଯାଇଥିଲେ । ସେହି ଋଷିଙ୍କ ଉପରେ ଅନୁଗ୍ରହ କରି ଶ୍ୱେତବର୍ଣ୍ଣର ଏକ ଅଲୌକିକ ଶ୍ୱାନ ପ୍ରକଟିତ ହେଲେ । ତାଙ୍କ ପରେ ଅନ୍ୟ କେତେଗୁଡ଼ିଏ ଶ୍ୱାନ ମଧ୍ୟ ସେଠାକୁ ଆସି ପୂର୍ବରୁ ପ୍ରସ୍ତୁତ ଥାଆନ୍ତି । ସେମାନେ ଶ୍ୱାନରୂପୀ ଋଷିଙ୍କ ନିକଟକୁ ଆସି କହିଲେ ଯେ, ହେ ଶ୍ରୀମାନ ! ଉଦ୍‌ଗୀଥ ଗାୟନକରି ଆମ୍ଭମାନଙ୍କ ପାଇଁ ଅନ୍ନ ପ୍ରସ୍ତୁତ କରନ୍ତୁ କାରଣ ଆମ୍ଭେମାନେ କ୍ଷୁଧାର୍ତ୍ତ ଅଛୁ । ଏହାଶୁଣି ଶ୍ୱେତ ଶ୍ୱାନ କହିଲେ — କାଲି ପ୍ରାତଃକାଳରେ ତୁମେମାନେ ଏହି ସ୍ଥାନରେ ମୋ' ନିକଟରେ ଉପସ୍ଥିତ ହେବ । ଏକଥା ଶୁଣି ଦାଲଭ୍ୟଙ୍କ ପୁତ୍ର ବକ ଅଥବା ମିତ୍ରା ପୁତ୍ର ଗ୍ଲାବ କୌତୁହଳି ହୋଇଉଠିଲେ । ତେଣୁ ସେମାନେ ଉକ୍ତ ନିର୍ଦ୍ଦିଷ୍ଟ ସମୟର ପ୍ରତୀକ୍ଷା କରିବାକୁ ଲାଗିଲେ ।।୧–୩।।

ତେ ହ ଯଥୈବେଦଂ ବହିଷ୍ପବମାନେନ ରତୋଷ୍ୟମାଣାଃ[୧] ସଁରବ୍ଧାଃ ସର୍ପନ୍ତୀତ୍ୟେବମାସସୃପୁସ୍ତେ ହ ସମୁପବିଶ୍ୟ ହିଂ ଚକ୍ରୁଃ ।।୪।।

ଓ ୩ ମଦା ୩ ମୋଂ ୩ ପିବା ୩ ମୋଂ ୩ ଦେବୋ ବରୁଣଃ ପ୍ରଜାପତିଃ ସବିତା ୨ ଽନ୍ନମିହା ୨ ହରଦନ୍ନପତେ ୩ ଽନ୍ନମିହା ୨ ହରା ୨ ହରୋ ୩ ମିତି ।।୫।।

ନିର୍ଦ୍ଦିଷ୍ଟ ସମୟ ଆନତ ହେବାରୁ ଶ୍ୱାନମାନେ ଏକତ୍ରିତ ହୋଇ ଯେଉଁଭଳି ଯଜ୍ଞକର୍ମରେ ଉଦ୍‌ଗାତା ବହିଷ୍ପବ ନାମକ ସ୍ତୋତ୍ର ଦ୍ୱାରା ସ୍ତୁତି ଆରମ୍ଭ କରନ୍ତି, ସେହିଭଳି ଜଣ ଜଣ ହୋଇ ସ୍ତୁତି କରିବାକୁ ଲାଗିଲେ । ଏହା ଏକତ୍ରିତ ପରିଭ୍ରମଣ କାଳରେ ମଧ୍ୟ କରାଯାଇଥାଏ । ପୁନଶ୍ଚ ଭ୍ରମଣ ସମାପନାନ୍ତେ ଗୋଟିଏ ସ୍ଥାନରେ ବସି ହିଂ–କାର ସ୍ୱରରେ ଗାନ କରିବାକୁ ଲାଗିଲେ । ଅର୍ଥାତ୍ 'ହିଂ' ସ୍ତୋଭର ପ୍ରୟୋଗପୂର୍ବକ

---

୧ ପାଠଭେଦରେ : **ସ୍ତୋଷ୍ୟମାଣାଃ**

ସାମଗାନ କଲେ ।[୧]

ଉକ୍ତ ଗାୟନର ଅର୍ଥ ହେଉଛି— ହେ ସମଗ୍ର ଜଗତ ରକ୍ଷାକାରୀ ପରମାତ୍ମା ! ଆମ୍ଭେମାନେ ଭୋଜନ ଏବଂ ଜଳପାନରେ ଆଗ୍ରହୀ ଅଛୁ । ହେ ପରମାତ୍ମନ୍ ! ଆପଣ ପ୍ରକାଶସ୍ୱରୂପ ଦେବତା ଅଟନ୍ତି, ଅଭୀଷ୍ଟ ବସ୍ତୁ ବର୍ଷଣକାରୀ ବରୁଣ ଅଟନ୍ତି, ସମଗ୍ର ପ୍ରଜାପାଳନକାରୀ ପ୍ରଜାପତି ଅଟନ୍ତି ଏବଂ ଜଗତ୍ ଉତ୍ପନ୍ନକାରୀ ସବିତା ମଧ୍ୟ ଅଟନ୍ତି । ଅତଃ ଆମ୍ଭମାନଙ୍କ ପାଇଁ ଅନ୍ନ ଆଣିଦିଅନ୍ତୁ । ହେ ପରମେଶ୍ୱର ! ଏହି ସ୍ଥାନରେ ଅନ୍ନର ବ୍ୟବସ୍ଥା କରାଇଦିଅନ୍ତୁ ।।୪-୫।।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ଦ୍ୱାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ପ୍ରଥମ ଅଧ୍ୟାୟ-ତ୍ରୟୋଦଶ ଖଣ୍ଡ)

୧୩. ସ୍ତୋଭ ତେର ପ୍ରକାର

ଅୟଂ ବାବ ଲୋକୋ ହାଉକାରୋ ବାୟୁର୍ହାଇକାରଶ୍ଚନ୍ଦ୍ରମା ଅଥକାରଃ । ଆତ୍ମେହକାରୋଽଗ୍ନିରୀକାରଃ ।।୧।।
ଆଦିତ୍ୟ ଊକାରୋ ନିହବ ଏକାରୋ ବିଶ୍ୱେଦେବା ଔହୋୟିକାରଃ ପ୍ରଜାପତିର୍ହିଙ୍କାରଃ ପ୍ରାଣଃ ସ୍ୱରୋଽନ୍ନଂ ୟା ବାଗ୍ୱିରାଟ୍ ।।୨।।
ଅନିରୁକ୍ତସ୍ତ୍ରୟୋଦଶଃ ସ୍ତୋଭଃ ସଂଚରୋ ହୁଂକାରଃ ।।୩।।

ଏହି ପ୍ରକରଣରେ ବର୍ଣ୍ଣନା କରାଯିବାକୁ ଥିବା ତେର ପ୍ରକାର ସ୍ତୋଭ ନିଶ୍ଚିତଭାବରେ 'ହାଉ' ଶବ୍ଦ ମନୁଷ୍ୟଲୋକ ବାଚକ ଅଟେ । 'ହାଇ' ବାୟୁଲୋକ ଅଟେ, 'ଅଥ' ଚନ୍ଦ୍ରଲୋକ ଅଟେ, 'ଇହ' ଆତ୍ମା ଅଟେ ଆଉ 'ଈ' ଅଗ୍ନିରୂପ ଅଟେ । ଏତଦତିରିକ୍ତ 'ଊ' ସୂର୍ଯ୍ୟରୂପ ଅଟେ, 'ଏ' ଆବାହନ ବୋଧକ ଅଟେ, 'ଔହୋୟି' ବିଶ୍ୱଦେବା ଅଟେ, 'ହିଂ' ପ୍ରଜାପତି ସ୍ୱରୂପ ଅଟେ, 'ସ୍ୱର' ପ୍ରାଣରୂପ ଅଟେ, 'ୟା' ଅନ୍ନରୂପ ଅଟେ, 'ବାକ୍' ବିରାଟ ରୂପ ଅଟେ, 'ହୁଂ' ଅନ୍ତିମ ବା ତ୍ରୟୋଦଶସ୍ତୋଭ ଅଟେ

---

୧ ସାମଗାନ କରିବା ସମୟରେ ତାର ସ୍ୱର ଏବଂ ଲୟ ପୂର୍ତ୍ତିପାଇଁ ଯେଉଁ 'ହା ୩ ଉ' ଆଦି ତ୍ରୟୋଦଶ ଶବ୍ଦର ଉପଯୋଗ କରାଯାଏ, ସେଗୁଡ଼ିକୁ ସ୍ତୋଭ କହନ୍ତି । ଏହାର ଅର୍ଥ ଆଗାମୀ ଖଣ୍ଡରେ ବର୍ଣ୍ଣନା କରାଯିବ । 'ହିଂ' ପ୍ରଜାପତି ରୂପ ଅଟନ୍ତି ଏବଂ ପ୍ରଜାପତି ହାଅନ୍ନର ସ୍ୱାମୀ ଅଟନ୍ତି । ଏଣୁ ତାଙ୍କର ପ୍ରାର୍ଥନାରେ 'ହିଂ' ପ୍ରୟୋଗ କରାଯାଏ ।

ଯାହାକି ସର୍ବତ୍ର ପରିବ୍ୟାପ୍ତ ବର୍ଣ୍ଣନାତୀତ ନିର୍ବିଶେଷ ବ୍ରହ୍ମ ଅଟେ ।।୧-୩।।

ହୁମ୍ବେଽସ୍ମୈ ବାଗ୍‌ଦୋହଂ ଯୋ ବାଚୋ ଦୋହୋଽନ୍ନବାନନ୍ନାଦୋ ଭବତି ଯ ଏତାମେବଁସାମ୍ନାମୁପନିଷଦଂ ବେଦୋପନିଷଦଂ ବେଦ ଇତି ।।୪।।

ଯିଏ ସାମଙ୍କର ଏହି ରହସ୍ୟକୁ ଜାଣିଯାଇଛନ୍ତି, ତାଙ୍କ ପାଇଁ ବାଣୀ ନିଜେ ନିଜର ରହସ୍ୟକୁ ପ୍ରକଟ କରାଇଥାଆନ୍ତି । ସେ ଭୋଗସାମଗ୍ରୀ ଦ୍ୱାରା ଏବଂ ସେଗୁଡ଼ିକୁ ଭୋଗକରିବାର ସାମର୍ଥ୍ୟଯୁକ୍ତ ହୋଇଯାଆନ୍ତି ।।୪।।

ଇତିଛାନ୍ଦୋଗ୍ୟୋପନିଷଦି ପ୍ରଥମାଧ୍ୟାୟେ ତ୍ରୟୋଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

ପ୍ରଥମୋଽଧ୍ୟାୟଃ ସମାପ୍ତଃ

ଦ୍ୱିତୀୟୋଽଧ୍ୟାୟଃ

ସାମ ଉପାସନା

(ଦ୍ୱିତୀୟ ଅଧ୍ୟାୟ-ପ୍ରଥମଖଣ୍ଡ)

୧. ସାଧୁ ଦୃଷ୍ଟିରେ ସାମଗ୍ରୀକ ସାମ ଉପାସନା

ଓଁ ସମସ୍ତସ୍ୟ ଖଲୁ ସାମ୍ନ ଉପାସନଁସାଧୁ ଯତ୍ଖଲୁ ସାଧୁ ତତ୍ସାମେତ୍ୟାଚକ୍ଷତେ ଯଦସାଧୁ ତଦସାମେତି ।।୧।।

ତଦୁତାପ୍ୟାହୁଃ ସାମ୍ନୈନମୁପାଗାଦିତି ସାଧୁନୈନମୁପାଗାଦିତ୍ୟେବ ତଦାହୁରସାମ୍ନୈନମୁ-ପାଗାଦିତ୍ୟସାଧୁନୈନମୁପାଗାଦିତ୍ୟେବ ତଦାହୁଃ ।।୨।।

ଅଥୋତାପ୍ୟାହୁଃ ସାମ ନୋ ବତେତି ଯତ୍ସାଧୁ ଭବତି ସାଧୁ ବତେତ୍ୟେବ ତଦାହୁରସାମ ନୋ ବତେତି ଯଦସାଧୁ ଭବତ୍ୟସାଧୁ ବତେତ୍ୟେବ ତଦାହୁଃ ।।୩।।

ସ ଯ ଏତଦେବଂ ବିଦ୍ୱାନ୍ସାଧୁ ସାମେତ୍ୟୁପାସ୍ତେଽଭ୍ୟାଶୋ ହ ଯଦେନଁସାଧବୋ ଧର୍ମା ଆ ଚ ଗଚ୍ଛେୟୁରୁପ ଚ ନମେୟୁଃ ।।୪।।

ନିଶ୍ଚିତଭାବେ ସାମ ଉପାସନା ସାଧୁ ଅଟେ । ଯିଏ ସାଧୁ ତାଙ୍କୁ ସାମ କହନ୍ତି । ଆଉ ଯିଏ ଅସାଧୁ ତାଙ୍କୁ ଅସାମ୍ କହନ୍ତି । ଏ ସମ୍ପର୍କରେ କୁହାଯାଇପାରେ କି, ଯେତେବେଳେ କୁହାଯାଏ ଅମୁକ ପୁରୁଷ, ଅମୁକ ରାଜାଙ୍କ ପାଖକୁ ସାମ ପୂର୍ବକ ଗମନକଲେ ତାହାର ଅର୍ଥ ହେଲା ଉକ୍ତ ବ୍ୟକ୍ତିଜଣକ ସାଧୁଭାବରେ ତାଙ୍କ ନିକଟକୁ ଗମନକଲେ । ଏଠାରେ ମଧ୍ୟ ସେହିଭଳି ଅସାମ ଗମନକୁ ଅସାଧୁ ସ୍ଥିତି ବୋଲି କୁହାଯାଇପାରେ । ଯେଉଁଭଳି ମଧ୍ୟ କୁହାଯାଇପାରେକି, ଆମର ସାମ(ଶୁଭ) ସାଧିତ ହେଲା ଅର୍ଥାତ୍ ଯେତେବେଳେ ଶୁଭ ହେଲା, ସେତେବେଳେ ଆମେ କହିଲୁ, ଆହା ! ବଡ଼ ଭଲ ହେଲା । ଯେତେବେଳେ ଖରାପ ହେଲା, ସେତେବେଳେ ଆମେ

କହିଲୁ, ଅଶୁଭ ବା ଅସାମ ସାଧିତ ହେଲା । ଏହାକୁ ଏହିଭଳି ଭାବରେ ଯିଏ ଜାଣନ୍ତି ସେହି ବ୍ୟକ୍ତି ସାମବାନ ବା ସାଧୁ ପୁରୁଷ ଅଟନ୍ତି । ଯିଏ ଏହାକୁ ଜାଣି ଉକ୍ତ ସାମଙ୍କର ଉପାସନା କରନ୍ତି, ତାଙ୍କ ନିକଟରେ ସାଧୁଧର୍ମ ଅତିଶୀଘ୍ର ପ୍ରାପ୍ତ ବା ଲାଭ ହୁଏ । ଆଉ ସେ ପ୍ରତ୍ୟେକଙ୍କ ପ୍ରତି ବିନମ୍ର ମଧ୍ୟ ହୋଇଯାଆନ୍ତି ଅର୍ଥାତ୍ ସେ ସାମମୟ ହୋଇଯାଆନ୍ତି ।।୧–୪।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ପ୍ରଥମଖଣ୍ଡଂ ସମ୍ପୂର୍ଣ୍ଣମ୍

ଦ୍ୱିତୀୟ ଅଧ୍ୟାୟ-ଦ୍ୱିତୀୟଖଣ୍ଡ

୨. ପଞ୍ଚବିଧସାମ ଉପାସନା

ଲୋକେଷୁ ପଞ୍ଚବିଧଁସାମୋପାସୀତ ପୃଥିବୀ ହିଂକାରଃ । ଅଗ୍ନିଃ ପ୍ରସ୍ତାବୋଽନ୍ତରିକ୍ଷମୁଦ୍‌ଗୀଥ ଆଦିତ୍ୟଃ ପ୍ରତିହାରୋ ଦ୍ୟୌର୍ନିଧନମିତ୍ୟୂର୍ଦ୍ଧ୍ୱେଷୁ ।।୧।।

ଅଥାବୃତ୍ତେଷୁ ଦ୍ୟୌର୍ହିଂକାର ଆଦିତ୍ୟଃ ପ୍ରସ୍ତାବୋଽନ୍ତରିକ୍ଷ–ମୁଦ୍ଗୀଥୋଽଗ୍ନିଃ ପ୍ରତିହାରଃ ପୃଥିବୀ ନିଧନମ୍ ।।୨

କଳ୍ପନ୍ତେ ହାସ୍ମୈ ଲୋକା ଊର୍ଦ୍ଧ୍ୱାଶ୍ଚାବୃତ୍ତାଶ୍ଚ ଯ ଏତଦେବଂ ବିଦ୍ୱାଁଲ୍ଲୋକେଷୁ ପଞ୍ଚବିଧଂ ସାମୋପାସ୍ତେ ।।୩।।

ପାଞ୍ଚ ପ୍ରକାର ସାମ ଉପାସନା କଥିତ ଅଟେ । ପୃଥ୍ୱୀ ହିଂ କାର, ଅଗ୍ନି ପ୍ରସ୍ତାବ, ଅନ୍ତରୀକ୍ଷ ଉଦ୍‌ଗୀଥ, ଆଦିତ୍ୟ ପ୍ରତିହାର ଏବଂ ଦ୍ୟୁଲୋକ ନିଧନ ଅଟେ । ଏହିଭଳି ଜାଣି ଊର୍ଦ୍ଧ୍ୱଲୋକକୁ ସାମଦୃଷ୍ଟି କରିବା ଦରକାର । ଅଧୁନା ଅଧୋଗତ ଲୋକକୁ କିଭଳି ସାମ ରୂପେ ନିରୂପଣ କରାଯାଇପାରିବ, ତାହା କୁହାଯାଉଛି । ଯଥା— ଦ୍ୟୁଲୋକ ହିଂ–କାର ଅଟେ, ଆଦିତ୍ୟ ପ୍ରସ୍ତାବ ଅଟେ, ଅନ୍ତରୀକ୍ଷ ଉଦ୍‌ଗୀଥ ଅଟେ, ଅଗ୍ନି ପ୍ରତିହାର ଅଟେ ଆଉ ପୃଥ୍ୱୀ ନିଧନ ଅଟେ । ଯିଏ ଏହାକୁ ଉପରୋକ୍ତ ଭଳି ଜ୍ଞାନ କରନ୍ତି ବା ଜାଣନ୍ତି, ସେ ସାମଙ୍କର ପଞ୍ଚବିଧ ଉପାସନା କରିଥାଆନ୍ତି । ତାଙ୍କ ପାଇଁ ଊର୍ଦ୍ଧ୍ୱ ବା ଅଧଃ ଲୋକ ଭୋଗ୍ୟ ହୋଇଯାଏ ।।୧–୩।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଦ୍ୱିତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ତୃତୀୟଖଣ୍ଡ)

୩. ବୃଷ୍ଟି ମାଧ୍ୟମରେ ସାମ ଉପାସନା

ବୃଷ୍ଟୌ ପଞ୍ଚବିଧଁସାମୋପାସୀତପୁରୋବାତୋ ହିଂକାରୋ ମେଘୋ ଜାୟତେ ସ ପ୍ରସ୍ତାବୋ ବର୍ଷତି ସ ଉଦ୍ଗୀଥୋ ବିଦ୍ୟୋତତେ ସ୍ତନୟତି ସ ପ୍ରତିହାରଃ ।।୧।।

ଉଦ୍‌ଗୃହ୍ଣାତି ତନ୍ନିଧନଂ ବର୍ଷତି ହାସ୍ମୈ ବର୍ଷୟତି ହ ୟ ଏତଦେବଂ ବିଦ୍ୱାନ୍‌ବୃଷ୍ଟୌ ପଞ୍ଚବିଧଁସାମୋପାସ୍ତେ ।।୨।।

ବୃଷ୍ଟିରେ ପଞ୍ଚବିଧ ସାମ ଉପାସନା ମଧ୍ୟ କରାଯାଏ । ଯଥା– ପୂର୍ବ ବାୟୁ ହିଂ–କାର ଅଟେ, ମେଘ ଯାହା ଉତ୍ପନ୍ନ ହେଉଛି ତାହାକୁ ଆମେ ପ୍ରସ୍ତାବ କହୁ, ଯାହା ବର୍ଷୁଛି ତାହାକୁ ବୃଷ୍ଟି ଉଦ୍ଗୀଥ କହୁ । ଯାହା ଚମତ୍କୃତ କରୁଛି ଏବଂ ଗର୍ଜୁଅଛି ଅର୍ଥାତ୍ ବିଜୁଳି ଓ ଘଡ଼ଘଡ଼ି, ତାହା ପ୍ରତିହାର ଅଟେ । ଜଳ ଯାହା ବୃଷ୍ଟି ହୁଏ ତାହା ନିଧନ ଅଟେ । ମେଘ ଯାହାକି ଜଳକୁ ଗ୍ରହଣ କରୁଛି, ତାହା ନିଧନ ଅଟେ । ଯିଏ ଏହାକୁ ଏହିଭଳି ଜାଣି ଉପାସନା କରିପାରନ୍ତି, ସେ ବୃଷ୍ଟିର ପଞ୍ଚବିଧ ସାମ୍‌ରୂପକୁ ଆୟତ୍ତ କରିଥାଆନ୍ତି । ତାଙ୍କ ଇଚ୍ଛାରେ ବୃଷ୍ଟିପାତ ବା ରୋଧ ହୋଇଥାଆନ୍ତି ।।୧–୨।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ତୃତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଚତୁର୍ଥଖଣ୍ଡ)

୪. ଜଳ ମାଧ୍ୟମରେ ସାମ ଉପାସନା

ସର୍ବାସ୍ୱପ୍ସୁ ପଞ୍ଚବିଧଁସାମୋପାସୀତ ମେଘୋ ଯତ୍‌ସଂପ୍ଲବତେ ସ ହିଂକାରୋ ଯଦ୍ୱର୍ଷତି ସ ପ୍ରସ୍ତାବୋ ଯାଃ ପ୍ରାଚ୍ୟଃ ସ୍ୟନ୍ଦନ୍ତେ ସ ଉଦ୍ଗୀଥୋ ଯାଃ ପ୍ରତୀଚ୍ୟଃ ସ ପ୍ରତିହାରଃ ସମୁଦ୍ରୋ ନିଧନମ୍ ।।୧।।
ନ ହାପ୍ସୁ ପ୍ରୈତ୍ୟପ୍ସୁମାନ୍‌ଭବତି ଯ ଏତଦେବଂ ବିଦ୍ୱାନ୍‌ସର୍ବାସ୍ୱପ୍ସୁ ପଞ୍ଚବିଧଁସାମୋପାସ୍ତେ ।।୨।।

ସମସ୍ତ ପ୍ରକାର ଜଳରେ ପଞ୍ଚବିଧ ସାମଙ୍କର ଉପାସନା କରାଯାଏ । ମେଘ ଯାହା ଘନୀଭାବକୁ ପ୍ରାପ୍ତ ହୁଏ, ତାହା ହିଂ–କାର ଅଟେ । ଯାହା ବୃଷ୍ଟିପାତ ହୁଏ, ତାହା

ପ୍ରସ୍ତାବ ଅଟେ । ପତିତ ବୃଷ୍ଟି ପୂର୍ବଗମନକରି ଅର୍ଥାତ୍ ନଦୀ ହୋଇ ଉଦ୍ଗୀଥ ଭାବରେ ଚାଳିତ ହୁଏ । ଆଉ ଯେଉଁଗୁଡ଼ିକ ପଶ୍ଚିମ ଦିଗକୁ ଗମନକରିଥାନ୍ତି, ସେମାନେ ପ୍ରତିହାର ହୁଅନ୍ତି । ସର୍ବୋପରି ଯେଉଁଠାରେ ମିଳିତ ହୁଅନ୍ତି ଅର୍ଥାତ୍ ସମୁଦ୍ର ନିଧନ ହୁଏ । ଯିଏ ଏହାଙ୍କୁ ଏହିଭଳି ଜାଣନ୍ତି, ସେହି ପୁରୁଷ ସବୁପ୍ରକାରେ ଜଳବାନ୍ ବା ସମ୍ପଦା ସମ୍ପନ୍ନ ହୋଇଥାଆନ୍ତି ।।୧-୨।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଚତୁର୍ଥଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ପଞ୍ଚମଖଣ୍ଡ)

୫. ଋତୁମାନଙ୍କ ମାଧମରେ ସାମ ଉପାସନା

ଋତୁଷୁ ପଞ୍ଚବିଧଁସାମୋପାସୀତ ବସନ୍ତୋ ହିଂକାରୋ ଗ୍ରୀଷ୍ମଃ ପ୍ରସ୍ତାବୋ ବର୍ଷା ଉଦ୍ଗୀଥଃ ଶରତ୍ପ୍ରତିହାରୋ ହେମନ୍ତୋ ନିଧନମ୍ ।।୧।।

କଳ୍ପନ୍ତେ ହାସ୍ମା ଋତବ ଋତୁମାନ୍‌ଭବତି ଯ ଏତଦେବଂ ବିଦ୍ୱାଙ୍କୁତୁଷୁ ପଞ୍ଚବିଧଁସାମୋପାସ୍ତେ ।।୨।।

ଋତୁମାନଙ୍କରେ ମଧ ପଞ୍ଚ ପ୍ରକାର ସାମଙ୍କର ଉପାସନା କରାଯାଏ । ବସନ୍ତ ହିଂ-କାର ଅଟେ, ଗ୍ରୀଷ୍ମ ପ୍ରସ୍ତାବ, ବର୍ଷା ଉଦ୍ଗୀଥ, ଶରତ ପ୍ରତିହାର ଆଉ ହେମନ୍ତ ନିଧନ ଅଟେ । ଯିଏ ଋତୁମାନଙ୍କୁ ଏହିଭଳି ଜାଣନ୍ତି, ସେହି ବ୍ୟକ୍ତି ଋତୁମାନଙ୍କରେ ମଧ ସାମଙ୍କର ଉପାସନା କରିପାରନ୍ତି । ଫଳତଃ ସେ ଋତୁ ଅନୁରୂପ ଭୋଗଲାଭ କରିଥାଆନ୍ତି । ତାଙ୍କୁ ଋତୁମାନ୍ କୁହାଯାଏ ।।୧-୨।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ପଞ୍ଚମଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଷଷ୍ଠଖଣ୍ଡ)

୬. ପଶୁ ବିଷୟକ ପାଞ୍ଚ ପ୍ରକାର ସାମ୍ ଉପାସନା

ପଶୁଷୁ ପଞ୍ଚବିଧଁସାମୋପାସୀତାଜା ହିଂକାରୋଽବୟଃ ପ୍ରସ୍ତାବୋ ଗାବ ଉଦ୍ଗୀଥୋଽଶ୍ୱାଃ ପ୍ରତିହାରଃ ପୁରୁଷୋ ନିଧନମ୍ ।।୧।।

ଭବନ୍ତି ହାସ୍ୟ ପଶବଃ ପଶୁମାନ୍‌ଭବତି ଯ ଏତଦେବଂ ବିଦ୍ୱାନ୍‌ପଶୁଷୁ ପଞ୍ଚବିଧଁସାମୋପାସ୍ତେ ।।୨।।

ପଶୁମାନଙ୍କ ମଧ୍ୟରେ ପାଞ୍ଚପ୍ରକାର ସାମଙ୍କର ଉପାସନା କରାଯାଇପାରେ । ଛାଗ ହିଂକାର, ମେଣ୍ଢା ପ୍ରସ୍ତାବ, ଗାଈ ଉଦ୍ଗୀଥ, ଅଶ୍ୱ ପ୍ରତିହାର ଏବଂ ପୁରୁଷ ନିଧନ ଅଟେ । ଯିଏ ଏହାକୁ ଏହିଭଳି ଜାଣନ୍ତି, ସେହି ବ୍ୟକ୍ତି ପାଞ୍ଚପ୍ରକାର ସାମଙ୍କର ଉପାସନା କରିଥାଆନ୍ତି । ତାଙ୍କୁ ସହଜରେ ପଶୁଲାଭ ହୁଏ । ଅନାୟାସରେ ସେ ଅନେକଗୁଡ଼ିଏ ପଶୁର ଅଧିକାରୀ ହୋଇପାରନ୍ତି ।।୧-୨।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଷଷ୍ଠଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ସପ୍ତମ ଖଣ୍ଡ)

୭. ପ୍ରାଣ ମାଧ୍ୟମରେ ସାମ ଉପାସନା

ପ୍ରାଣେଷୁ ପଞ୍ଚବିଧଂ ପରୋବରୀୟଃ ସାମୋପାସୀତ ପ୍ରାଣୋ ହିଂକାରୋ ବାକ୍‌ପ୍ରସ୍ତାବଶ୍ଚକ୍ଷୁରୁଦ୍ଗୀଥଃ ଶ୍ରୋତ୍ରଂ ପ୍ରତିହାରୋ ମନୋ ନିଧନଂ ପରୋବରୀୟାଁସି ବା ଏତାନି ।।୧।।

ପରୋବରୀୟୋ ହାସ୍ୟ ଭବତି ପରୋବରୀୟସୋ ହ ଲୋକାଞ୍ଜୟତି ଯ ଏତଦେବଂ ବିଦ୍ୱାନ ପ୍ରାଣେଷୁ ପଞ୍ଚବିଧଂ ପରୋବରୀୟଃ ସାମୋପାସ୍ତ ଇତି ତୁ ପଞ୍ଚବିଧସ୍ୟ ।।୨।।

ପ୍ରାଣରେ ମଧ୍ୟ ପାଞ୍ଚପ୍ରକାର ପରୋବରୀୟ(ଉତ୍ତରୋତ୍ତର ଉନ୍ନତି) ଗୁଣବିଶିଷ୍ଟ ସାମଙ୍କର ଉପାସନା କରାଯାଇପାରେ । ସେହି କ୍ଷେତ୍ରରେ ପ୍ରାଣ ହିଂକାର, ବାକ୍ ପ୍ରସ୍ତାବ, ଚକ୍ଷୁ ଉଦ୍ଗୀଥ, ଶ୍ରୋତ୍ର ପ୍ରତିହାର ଆଉ ମନ ନିଧନ ଅଟେ । ଏମାନଙ୍କୁ ଉପାସନାକରି ନିଶ୍ଚିତଭାବରେ ଉନ୍ନତି ଲାଭ କରାଯାଇପାରେ । ଯିଏ ଏହାକୁ ଏଭଳି ଜାଣନ୍ତି, ସେ ପଞ୍ଚପ୍ରକାରେ ଉତ୍କୃଷ୍ଟତର ସାମଙ୍କର ଉପାସନା କରିପାରନ୍ତି । ତାଙ୍କ ଜୀବନରେ ଉତ୍ତରୋତ୍ତର ଉତ୍କୃଷ୍ଟ ସାଧନ ହୋଇଥାଏ ଏବଂ ସେ ଉତ୍ତରୋତ୍ତର ଉତ୍କୃଷ୍ଟ ଲୋକମାନଙ୍କୁ ଗମନ କରନ୍ତି, ଏହିଭଳି ଭାବରେ ପାଞ୍ଚପ୍ରକାରର ସାମ ଉପାସନା ନିରୂପଣ କରାଯାଇଛି ।।୧-୨।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ସପ୍ତମ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଅଷ୍ଟମ ଖଣ୍ଡ)

୮. ବାଣୀ ଦ୍ୱାରା ସପ୍ତବିଧ ସାମ ଉପାସନା

ଅଥ ସପ୍ତବିଧସ୍ୟ ବାଚି ସପ୍ତବିଧଁସାମୋପାସୀତ ଯତ୍କିଂ ଚ ବାଚୋ ହୁମିତି ସ ହିଂକାରୋ ଯତ୍ପ୍ରେତି ସ ପ୍ରସ୍ତାବୋ ଯଦେତି ସ ଆଦିଃ ।।୧।।
ଯଦୁଦିତି ସ ଉଦ୍ଗୀଥୋ ଯତ୍ପ୍ରତୀତି ସ ପ୍ରତିହାରୋ ଯଦୁପେତି ସ ଉପଦ୍ରବୋ ଯନ୍ନୀତି ତନ୍ନିଧନମ୍ ।।୨।।
ଦୁଗ୍ଧେଽସ୍ମୈ ବାଗ୍‌ଦୋହଂ ଯୋ ବାଚୋ ଦୋହୋଽନ୍ନବାନନ୍ନାଦୋ ଭବତି ଯ ଏତଦେବଂ ବିଦ୍ୱାନ୍‌ବାଚି ସପ୍ତବିଧଁସାମୋପାସ୍ତେ ।।୩।।

ଏବେ ସାମଙ୍କର ସପ୍ତବିଧ ଉପାସନା ପ୍ରଣାଳୀ ବର୍ଣ୍ଣନା କରାଯାଉଛି । ବାଣୀରେ ଯେଉଁ 'ହୁଂ' ସ୍ୱରୂପ ରହିଛି, ତାହା ହିଂକାର ଅଟେ, 'ପ୍ର' ସ୍ୱରୂପ ପ୍ରସ୍ତାବ ଅଟେ, 'ଆ' ଆଦି ଅଟେ, 'ଉତ୍' ଉଦ୍ଗୀଥ ଅଟେ, 'ପ୍ରତି' ପ୍ରତିହାର ଅଟେ, 'ଉପ' ଉପଦ୍ରବ ଅଟେ ଆଉ 'ନି' ନିଧନସ୍ୱରୂପ ଅଟେ । ଯିଏ ଏମାନଙ୍କୁ ଏଭଳି ଜାଣନ୍ତି ନିଃସନ୍ଦେହରେ ସେହି ବ୍ୟକ୍ତି ବାଣୀଙ୍କୁ ଅବଗତ ହୋଇଛନ୍ତି । ତାଙ୍କୁ ବାଣୀର ସାର ବା ନିର୍ଯାସ ନିଶ୍ଚିତ ଲାଭହୁଏ ଏବଂ ସେ ପ୍ରଚୁର ଅନ୍ନସମ୍ପନ୍ନ ଓ ଭୋକ୍ତା ହୋଇଥାନ୍ତି ।।୧-୩।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଅଷ୍ଟମ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ନବମ ଖଣ୍ଡ)

୯. ଆଦିତ୍ୟ ଦୃଷ୍ଟିରେ ସପ୍ତବିଧ ସାମ ଉପାସନା

ଅଥ ଖଲ୍ୱମୁମାଦିତ୍ୟଁସପ୍ତବିଧଁସାମୋପାସୀତ ସର୍ବଦା ସମସ୍ତେନ ସାମ ମାଂ ପ୍ରତି ମାଂ ପ୍ରତୀତି ସର୍ବେଣ ସମସ୍ତେନ ସାମ ।।୧।।
ତସ୍ମିନ୍ନିମାନି ସର୍ବାଣି ଭୂତାନ୍ୟନ୍ୱାୟତ୍ତାନୀତି ବିଦ୍ୟାତ୍ତସ୍ୟ ଯତ୍ପୁରୋଦୟାତ୍ସ ହିଂକାରସ୍ତଦସ୍ୟ ପଶବୋଽନ୍ୱାୟତ୍ତାସ୍ତସ୍ମାତ୍ତେ ହିଂ କୁର୍ବନ୍ତି ହିଂକାରଭାଜିନୋ ହ୍ୟେତସ୍ୟ ସାମ୍ନଃ ।।୨।।
ଅଥ ଯତ୍ପ୍ରଥମୋଦିତେ ସ ପ୍ରସ୍ତାବସ୍ତଦସ୍ୟ ମନୁଷ୍ୟା ଅନ୍ୱାୟତ୍ତାସ୍ତସ୍ମାତ୍ତେ ପ୍ରସ୍ତୁତିକାମାଃ ପ୍ରଶଁସାକାମାଃ ପ୍ରସ୍ତାବଭାଜିନୋ ହ୍ୟେତସ୍ୟ ସାମ୍ନଃ ।।୩।।

ଅଥ ଯତ୍‌ସଙ୍ଗବବେଳାୟାଁ ସ ଆଦିସ୍ତଦସ୍ୟ ବୟାଁସ୍ୟନ୍ୱାୟତ୍ତାନି ତସ୍ମାତ୍ତାନ୍ୟନ୍ତରିକ୍ଷେଽନାରମ୍ଭଣାନ୍ୟାଦାୟାତ୍ମାନଂ ପରିପତନ୍ତ୍ୟା-ଦିଭାଜୀନି ହ୍ୟେତସ୍ୟ ସାମ୍ନଃ ।।୪।।

ଅଥ ଯତ୍‌ସମ୍ପ୍ରତି ମଧ୍ୟନ୍ଦିନେ ସ ଉଦ୍ଗୀଥସ୍ତଦସ୍ୟ ଦେବା ଅନ୍ୱାୟତ୍ତାସ୍ତସ୍ମାତ୍ତେ ସତ୍ତମାଃ ପ୍ରାଜାପତ୍ୟାନାମୁଦ୍ଗୀଥଭାଜିନୋ ହ୍ୟେତସ୍ୟ ସାମ୍ନଃ ।।୫।।

ଅଥ ଯଦୂର୍ଦ୍ଧ୍ୱଂ ମଧ୍ୟନ୍ଦିନାତ୍‌ପ୍ରାଗପରାହ୍ଣସ୍ସ ପ୍ରତିହାରସ୍ତଦସ୍ୟ ଗର୍ଭା ଅନ୍ୱାୟତ୍ତାସ୍ତସ୍ମାତ୍ତେ ପ୍ରତିହୃତା ନାବପଦ୍ୟନ୍ତେ ପ୍ରତିହାରଭାଜିନୋ ହ୍ୟେତସ୍ୟ ସାମ୍ନଃ ।।୬।।

ଅଥ ଯଦୂର୍ଦ୍ଧ୍ୱମପରାହ୍ଣାତ୍‌ପ୍ରାଗସ୍ତମୟାସ୍ସ ଉପଦ୍ରବସ୍ତଦସ୍ୟାରଣ୍ୟା ଅନ୍ୱାୟତ୍ତାସ୍ତସ୍ମାତ୍ତେ ପୁରୁଷଂ ଦୃଷ୍ଟ୍ୱା କକ୍ଷଁଶ୍ୱଭ୍ରମିତ୍ୟୁପଦ୍ରବନ୍ତ୍ୟୁପଦ୍ରବ ଭାଜିନୋ ହ୍ୟେତସ୍ୟ ସାମ୍ନଃ ।।୭।।

ଅଥ ଯତ୍‌ପ୍ରଥମାସ୍ତମିତେ ତନ୍ନିଧନଂ ତଦସ୍ୟ ପିତରୋଽନ୍ୱାୟତ୍ତା-ସ୍ତସ୍ମାତ୍ତାନ୍ନିଦଧତି ନିଧନଭାଜିନୋ ହ୍ୟେତସ୍ୟ ସାମ୍ନ ଏବଂ ଖଲ୍ୱମୁମାଦିତ୍ୟଁ ସପ୍ତବିଧଁସାମୋପାସ୍ତେ ।।୮।।

ଅଧୁନା ନିଶ୍ଚିତ ଭାବେ ଆଦିତ୍ୟଙ୍କ ଦୃଷ୍ଟିରେ ସପ୍ତବିଧ ସାମ ଉପାସନା ପ୍ରଣାଳୀ ବର୍ଣ୍ଣନା କରାଯାଉଛି । ଆଦିତ୍ୟ ସର୍ବଦା ସମ ଅଟନ୍ତି, ଏଣୁ ସେ ସାମ । ମୋ' ପ୍ରତି, ମୋ' ପ୍ରତି ଏଭଳି କହିବା ଦ୍ୱାରା ସେ ସମସ୍ତଙ୍କ ପ୍ରତି ସମାନ ହୋଇଯାଆନ୍ତି । ସେଥିପାଇଁ ମଧ୍ୟ ସାମ ବୋଲାନ୍ତି ।।୧।।

ସେହି ଆଦିତ୍ୟଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଭୂତ ଅନୁଗତ ଅଟେ— ଏଭଳି ଜାଣିନେବା ଉଚିତ । ସେହି ଆଦିତ୍ୟଙ୍କ ଉଦୟ ହେବା ପୂର୍ବରୁ ଯେଉଁ ସ୍ଥିତି ରହେ, ତାହା ହିଂକାର । ଏହି ସ୍ୱରୂପରେ ପଶୁ ଅନୁଗତ ହୋଇଥାଏ, ତେଣୁ ପଶୁମାନେ ରାତ୍ରିକାଳରେ ହିଂକାର କରନ୍ତି । ସେଇଥିପାଇଁ ସେମାନେ ଆଦିତ୍ୟରୂପ ସାମଙ୍କର ହିଂକାରଭାଜନ ଅଟନ୍ତି ।।୨।।

ସୂର୍ଯ୍ୟଙ୍କ ଉଦୟକାଳୀନ ପ୍ରାଥମିକ ରୂପ ପ୍ରସ୍ତାବ ଅଟେ । ସେହି ରୂପକୁ ମନୁଷ୍ୟ ଅନୁଗମନ କରିଥାଏ । ତେଣୁ ସେ ପ୍ରସ୍ତୁତି କରେ ଅର୍ଥାତ୍ ପ୍ରତ୍ୟକ୍ଷସ୍ତୁତି ଓ ପ୍ରଶଂସା ଅର୍ଥାତ୍ ପରୋକ୍ଷସ୍ତୁତିର କାମନା କରେ । ଏହାର କାରଣ ହେଉଛି, ସେ ସାମଙ୍କର ପ୍ରସ୍ତାବ ଭକ୍ତିକୁ ସେବନ କରିଥାଏ ।।୩।।

ତତ୍‌ପଶ୍ଚାତ୍ ଆଦିତ୍ୟଙ୍କର ଯେଉଁ ସଙ୍ଗବ ବେଳା ଅର୍ଥାତ୍ ତିନିମୁହୂର୍ତ୍ତ ପରବର୍ତ୍ତୀ କାଳିକ

ରୂପ, ତାହା ଆଦି ଅଟେ । ଏହି ରୂପର ଅନୁଗାମୀ ପକ୍ଷୀମାନେ ହୋଇଥାନ୍ତି । ତେଣୁ ସେମାନେ କଳରବକରି ଭଜନ କରନ୍ତି । ଅନ୍ତରୀକ୍ଷରେ ନିରାଧାର ରୂପରେ ସର୍ବତ୍ର ବିଚରଣକରି ସେମାନେ ଏଭଳି ସାମରବ କରିପାରନ୍ତି ।।୪।।

ଅଧୁନା ମଧ୍ୟ ଦିବସ କାଳିକ ରୂପ, ଯାହାକୁ ଉଦ୍ଗୀଥ କୁହାଯାଏ । ଏହାଙ୍କର ରୂପକୁ ଦେବଗଣ ଅନୁଗମନ କରିଥାନ୍ତି । ଏହାଙ୍କ ସାହାଯ୍ୟରେ ସେମାନେ ପ୍ରଜାପତିଙ୍କ ଦ୍ୱାରା ଉତ୍ପନ୍ନ ହୋଇ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠତା ହାସଲ କରିଥାଆନ୍ତି । ଅତଃ ସେମାନେ ଉଦ୍ଗୀଥ ଭକ୍ତିର ଭାଗୀ ଅଟନ୍ତି ।।୫।।

ଆଦିତ୍ୟଙ୍କର ଯେଉଁ ମଧ୍ୟାହ୍ନ ପରବର୍ତ୍ତୀ ଓ ଅପରାହ୍ଣ ପୂର୍ବବର୍ତ୍ତୀ ସ୍ଥିତି, ତାହା ପ୍ରତିହାର ଅଟେ । ଏହି ରୂପର ଅନୁଗାମୀ ଗର୍ଭ ଅଟନ୍ତି । ଉପର ଆଡ଼କୁ ଆକୃଷ୍ଟ ହେଉଥିବାରୁ ସେମାନେ ନିମ୍ନଗାମୀ ହୁଅନ୍ତିନାହିଁ, ତେଣୁ ସେମାନେ ପ୍ରତିହାର ଭକ୍ତିର ପାତ୍ର ଅଟନ୍ତି ।।୬।।

ଅପରାହ୍ଣ କାଳୀକ ରୂପ ଉପଦ୍ରବ ଅଟେ । ବନ୍ୟପଶୁମାନେ ଏହି ରୂପର ଅନୁଗାମୀ ଅଟନ୍ତି । ଏଣୁ ସେମାନେ ପୁରୁଷକୁ ଦେଖି ଭୟବଶତଃ ଗୁହାଗମନ କରନ୍ତି । ତେଣୁ ସେମାନେ ମଧ୍ୟ ସାମଙ୍କର ଏହି ଉପଦ୍ରବ ଭକ୍ତିରେ ଭାଗୀ ହୁଅନ୍ତି ।।୭।।

ସୂର୍ଯ୍ୟାସ୍ତ ପୂର୍ବବର୍ତ୍ତୀ ରୂପ ନିଧନ ଅଟେ । ପିତୃଗଣ ଏହାର ଅନୁଗାମୀ ହୋଇଥାନ୍ତି, ତେଣୁ ଶ୍ରାଦ୍ଧକାଳରେ ପିତୃ-ପ୍ରପିତାମହଙ୍କୁ ଗର୍ଭରେ ସ୍ଥାପିତ କରାଯାଏ । ଏହି ପିତୃଗଣ ନିଶ୍ଚିତଭାବେ ସାମଙ୍କର ନିଧନଭକ୍ତିର ପାତ୍ର ଅଟନ୍ତି । ଏହିଭଳି ଆଦିତ୍ୟଙ୍କୁ ସାତପ୍ରକାରେ ସାମ ଉପାସନା କରାଯାଏ ।।୮।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ନବମ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଦଶମ ଖଣ୍ଡ)

୧୦. ମୃତ୍ୟୁର ଅତୀତ ସପ୍ତବିଧ ସାମ ଉପାସନା

ଅଥ ଖଲ୍ୱାତ୍ମସଂମିତମତିମୃତ୍ୟୁ ସପ୍ତବିଧଁସାମୋପା-ସୀତହିଙ୍କାର ଇତି ତ୍ର୍ୟକ୍ଷରଂ ପ୍ରସ୍ତାବ ଇତି ତ୍ର୍ୟକ୍ଷରଂ ତତ୍‌ସମମ୍ ।।୧।।

ଏବେ ନିଶ୍ଚିତଭାବେ ବତାଯାଉଛି କି, ନିଜ ସମ ଅକ୍ଷରଯୁକ୍ତ ମୃତ୍ୟୁଅତୀତ ସପ୍ତବିଧ ସାମ ଉପାସନା କିପରି କରିବା । 'ହିଂକାର', 'ପ୍ରସ୍ତାବ' ଏହା ତ୍ରି ଅକ୍ଷରଯୁକ୍ତ, ଏଣୁ ସମାନ ।।୧।।

ଆଦିରିତି ଦ୍ୱ୍ୟକ୍ଷରଂ ପ୍ରତିହାର ଇତି ଚତୁରକ୍ଷରଂ ତତ ଇହୈକଂ ତତ୍ସମମ୍ ।।୨।।

'ଆଦି' ଦ୍ୱିଅକ୍ଷରଯୁକ୍ତ ଏବଂ 'ପ୍ରତିହାର' ଚତୁଃଅକ୍ଷରଯୁକ୍ତ ନାମ ଅଟେ । ଏଥିରୁ ଗୋଟିଏ ଅକ୍ଷରକୁ ବହିଷ୍କାରକରି ଏକତ୍ର କରିଦେଲେ ସମାନ ହୋଇଯାଏ ।।୨।।

ଉଦ୍‌ଗୀଥ ଇତି ତ୍ର୍ୟକ୍ଷରମୁପଦ୍ରବ ଇତି ଚତୁରକ୍ଷରଂ ତ୍ରିଭିସ୍ତ୍ରିଭିଃ ସମଂ ଭବତ୍ୟକ୍ଷରମତିଶିଷ୍ୟତେ ତ୍ର୍ୟକ୍ଷରଂ ତତ୍ସମମ୍ ।।୩।।

'ଉଦ୍ଗୀଥ' ଏହା ତ୍ରିଅକ୍ଷରଯୁକ୍ତ ଏବଂ 'ଉପଦ୍ରବ' ଏହା ଚାରିଅକ୍ଷର, ଏଥିରୁ ଗୋଟିଏ ଅକ୍ଷର ବାଦ୍‌ଦେଲେ ଉଭୟ ସମାନ ହୁଏ । ମାତ୍ର ଏସବୁ ପରେ ଗୋଟିଏ ଅକ୍ଷର ଅବଶିଷ୍ଟ ରହେ, ତେଣୁ ଅକ୍ଷର ହୋଇଥିବା କାରଣରୁ ଏହାକୁ ତିନିଅକ୍ଷରଯୁକ୍ତ ମନେକରି ସମାନ କରାଯାଇପାରେ ।।୩।।

ନିଧନମିତି ତ୍ର୍ୟକ୍ଷରଂ ତତ୍ସମମେବ ଭବତି ତାନି ହ ବା ଏତାନି ଦ୍ୱାବିଁଶତିରକ୍ଷରାଣି ।।୪।।

'ନିଧନ' ଏହା ତିନି ଅକ୍ଷରଯୁକ୍ତ । ଏମିତି ଏକତ୍ରିତ ହେଲେ ୨୨ଅକ୍ଷର ହୁଅନ୍ତି ।।୪।।

ଏକବିଁଶତ୍ୟାଽଽଦିତ୍ୟମାପ୍ନୋତ୍ୟେକବିଂଶୋ ବା ଇତୋଽସାବାଦିତ୍ୟୋ ଦ୍ୱାବିଂଶେନ ପରମାଦିତ୍ୟାଜ୍ଜୟତି ତନ୍ନାକଂ ତଦ୍ୱିଶୋକମ୍ ।।୫।।

ମାତ୍ର ୨୧ଗୋଟି ଅକ୍ଷରକୁ ନେଇ ସାଧକ ଆଦିତ୍ୟଲୋକକୁ ଗମନ କରେ । କାରଣ ଆଦିତ୍ୟ ନିଶ୍ଚିତଭାବରେ ୨୧ତମ ଅକ୍ଷର ଅଟନ୍ତି । ଅତଏବ ୨୨ତମ ଅକ୍ଷର ଦ୍ୱାରା ଏହାର ଉର୍ଦ୍ଧ୍ୱକୁ ଗମନକରିହେବ, ଯାହାକି ଦୁଃଖ-ଶୋକରହିତ ଲୋକ ଭାବରେ କଳନା କରାଯାଏ ।।୫।।

ଆପ୍ନୋତି ହାଦିତ୍ୟସ୍ୟ ଜୟଂ ପରୋ ହାସ୍ୟାଦିତ୍ୟଜୟାଜ୍ଜୟୋ ଭବତି ଯ ଏତଦେବଂ ବିଦ୍ୱାନାତ୍ମସଂମିତମତିମୃତ୍ୟୁ ସପ୍ତବିଧଁସାମୋପାସ୍ତେ ସାମୋପାସ୍ତେ ।।୬।।

ଯେଉଁ ବ୍ୟକ୍ତି ଏହି ଆଦିତ୍ୟଲୋକକୁ ଜୟପ୍ରାପ୍ତ କରିନିଏ ଏବଂ ତଦୂର୍ଦ୍ଧ୍ୱଲୋକକୁ ଯିଏ ଗମନ କରିପାରେ, ସେ ଉତ୍କୃଷ୍ଟତମ ଜୟକୁ ଭୋଗ କରିଥାଏ । ଯେଉଁ ବ୍ୟକ୍ତି ଉପାସନାର ଏହି ପ୍ରକ୍ରିୟାକୁ ଅବଗତ ହୁଏ, ସେ ଆତ୍ମସଂଯମିତ ତଥା ମୃତ୍ୟୁର ଅତୀତ ସପ୍ତବିଧ ସାମଙ୍କର ଉପାସନା କରିବାକୁ ସକ୍ଷମ ହୋଇଥାଏ । ନିଶ୍ଚିତଭାବରେ ସେ ସାମ ଉପାସନା କରିପାରେ ।।୬।।

ଇତି ଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଦଶମ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଏକାଦଶ ଖଣ୍ଡ)

୧୧. ଗାୟତ୍ର ସାମ ଉପାସନା

ମନୋ ହିଂକାରୋ ବାକ୍‌ପ୍ରସ୍ତାବଶ୍ଚକ୍ଷୁରୁଦ୍ଗୀଥଃ ଶ୍ରୋତ୍ରଂ ପ୍ରତିହାରଃ
ପ୍ରାଣୋ ନିଧନମେତଦ୍ଗାୟତ୍ରଂ ପ୍ରାଣେଷୁ ପ୍ରୋତମ୍ ।।୧।।
ସ ଯ ଏବମେତଦ୍ଗାୟତ୍ରଂ ପ୍ରାଣେଷୁ ପ୍ରୋତଂ ବେଦ ପ୍ରାଣୀ ଭବତି
ସର୍ବମାୟୁରେତି ଜ୍ୟୋଗ୍‌ଜୀବତି ମହାନ୍‌ପ୍ରଜୟା ପଶୁଭିର୍ଭବତି
ମହାନ୍‌କୀର୍ତ୍ୟା ମହାମନାଃ ସ୍ୟାଉଦ୍‌ବ୍ରତମ୍ ।।୨।।

ମନ 'ହିଂକାର', ବାକ୍ 'ପ୍ରସ୍ତାବ', ଚକ୍ଷୁ 'ଉଦ୍ଗୀଥ', ଶ୍ରୋତ୍ର 'ପ୍ରତିହାର' ଆଉ ପ୍ରାଣ 'ନିଧନ' ଅଟେ । ଏହି ଗାୟତ୍ର ସଂଜ୍ଞକ ସାମ ପ୍ରାଣରେ ପ୍ରତିଷ୍ଠିତ ଅଟେ ।।୧।।

ଯିଏ ଏହାକୁ ଏହିଭଳି ଜାଣେ, ସେ ପ୍ରାଣବାନ୍ ହୋଇଥାଏ ଅର୍ଥାତ୍ ପୂର୍ଣ୍ଣ ଆୟୁକୁ ଉପଭୋଗ କରେ । ପ୍ରଶସ୍ତ ଜୀବନଲାଭ କରି ପ୍ରଜା ତଥା ପଶୁମାନଙ୍କ ଦ୍ୱାରା ସେବିତ ହୋଇଥାଏ । କୀର୍ତ୍ତି ସର୍ବତ୍ର ବିରାଜମାନ କରେ ଓ ସେ ମନସ୍ୱୀ ହୋଇଯାଏ, ଯାହାକି ତା'ର ବ୍ରତ ବୋଲି ଖ୍ୟାତ ହୁଏ ।।୧-୨।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଏକାଦଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଦ୍ୱାଦଶ ଖଣ୍ଡ)

୧୨. ରଥନ୍ତର ସାମ ଉପାସନା

ଅଭିମନ୍ଥତି ସ ହିଂକାରୋ ଧୂମୋ ଜାୟତେ ସ ପ୍ରସ୍ତାବୋ ଜ୍ୱଳତି
ସ ଉଦ୍‌ଗୀଥୋଽଙ୍ଗାରା ଭବନ୍ତି ସ ପ୍ରତିହାର ଉପଶାମ୍ୟତି
ତନ୍ନିଧନଁସଁଶାମ୍ୟତି ତନ୍ନିଧନମେତଦ୍ରଥନ୍ତରମଗ୍ନୌ ପ୍ରୋତମ୍ ।।୧।।
ସ ଯ ଏବମେତଦ୍ରଥନ୍ତରମଗ୍ନୌ ପ୍ରୋତଂ ବେଦ ବ୍ରହ୍ମବର୍ଚସ୍ୟନ୍ନାଦୋ
ଭବତି ସର୍ବମାୟୁରେତି ଜ୍ୟୋଗ୍‌ଜୀବତି ମହାନ୍‌ପ୍ରଜୟା ପଶୁଭିର୍ଭବତି
ମହାନ୍‌କୀର୍ତ୍ୟା ନ ପ୍ରତ୍ୟଙ୍ଙଗ୍ନିମାଚାମେନ୍ନ ନିଷ୍ଠୀବେତ୍ତଦ୍‌ବ୍ରତମ୍ ।।୨

ଅଭିମନ୍ଥନ କରିବା ଯାହାକି 'ହିଂ'କାର ଅଟେ, ଧୂମ ଉତ୍ପନ୍ନ ହେବା ଯାହା ପ୍ରସ୍ତାବ ଅଟେ, ପ୍ରଜ୍ୱଳିତ ହେବା ଯାହାକି ଉଦ୍ଗୀଥ ଅଟେ, ଅଙ୍ଗାର ହେବା ପ୍ରତିହାର ଅଟେ ଏବଂ ଶାନ୍ତ ହେବା ନିଧନ ଅଟେ । ଏହି ରଥନ୍ତର ସାମ ଅଗ୍ନିରୁ ପ୍ରତିଷ୍ଠିତ ଅଟେ । ଏହାକୁ ଯେଉଁ ପୁରୁଷ ଏଭଳି ଭାବରେ ଅର୍ଥାତ୍ ରଥନ୍ତର ସାମକୁ ଅନୁସ୍ୟୁତ ଜାଣେ, ସେ ବ୍ରହ୍ମତେଜ ସମ୍ପନ୍ନ ହୋଇ ଏବଂ ଅନ୍ନଭୋକ୍ତା ହୋଇପାରିଥାଏ । ସମ୍ପୂର୍ଣ୍ଣ ଜୀବନକୁ ଉପଭୋଗ କରିଥାଏ । ଉଜ୍ଜ୍ୱଳ ଜୀବନ ବ୍ୟତୀତକରି ପ୍ରଜା ତଥା ସମ୍ପଦା ସମ୍ପନ୍ନ ହୋଇଥାଏ । କୀର୍ତ୍ତି କାରଣରୁ ମହାନ୍ ବୋଲାଇଥାଏ । ତାଙ୍କପାଇଁ ଅଗ୍ନି ପୂଜ୍ୟ ହୋଇଥିବାରୁ ତାଙ୍କଆଡ଼କୁ ମୁଖକରି ଭକ୍ଷଣକରିବା ଓ ଥୁକିବା ଆଦି କ୍ରିୟା ନ କରିବାକୁ ବ୍ରତ ଭାବରେ ଗ୍ରହଣ କରାଯାଏ । ଅର୍ଥାତ୍ ତାଙ୍କପାଇଁ ଏହା ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଦ୍ୱାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ତ୍ରୟୋଦଶ ଖଣ୍ଡ)

୧୩. ବାମଦେବ୍ୟ ସାମଉପାସନା

ଉପମନ୍ତ୍ରୟତେ ସ ହିଂକାରୋ ଜ୍ଞପୟତେ ସ ପ୍ରସ୍ତାବଃ ସ୍ତ୍ରିୟା ସହ ଶେତେ ସ ଉଦଗୀଥଃ ପ୍ରତି ସ୍ତ୍ରୀଂ ସହ ଶେତେ ସ ପ୍ରତିହାରଃ କାଳଂ ଗଚ୍ଛତି ତନ୍ନିଧନଂ ପାରଂ ଗଚ୍ଛତି ତନ୍ନିଧନମେତଦ୍ୱାମଦେବ୍ୟଂ ମିଥୁନେ ପ୍ରୋତମ୍ ।।୧।।

ସ ଯ ଏବମେତଦ୍ୱାମଦେବ୍ୟଂ ମିଥୁନେ ପ୍ରୋତଂ ବେଦ ମିଥୁନୀ ଭବତି ମିଥୁନାନ୍ମିଥୁନାତ୍ପ୍ରଜାୟତେ ସର୍ବମାୟୁରେତି ଜ୍ୟୋଗ୍‌ଜୀବତି ମହାନ୍ପ୍ରଜୟା ପଶୁଭିର୍ଭବତି ମହାନ୍‌କୀର୍ତ୍ୟା ନ କାଞ୍ଚନ ପରିହରେତ୍ତଦ୍‌ବ୍ରତମ୍ ।।୨।।

ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୁଷ ଯେଉଁ ସଙ୍କେତ କରନ୍ତି, ତାହା ହିଂକାର ଅଟେ, ପାରସ୍ପରିକ ସନ୍ତୋଷ(ସମ୍ଭାଷଣାତ୍ମକ ଆଳାପ, ମାଧୁର୍ଯ୍ୟପୂର୍ଣ୍ଣ କଥା) ପ୍ରସ୍ତାବ ଅଟେ, ସହଶୟନ ଉଦ୍ଗୀଥ ଅଟେ, ଅଭିମୁଖ ଶୟନ ପ୍ରତିହାର ଅଟେ, ସମାପ୍ତି (ମିଥୁନଜନିତ ସମୟ ଉପଯୋଗ)ନିଧନ ଅଟେ । ମିଥୁନାଦି କ୍ରିୟା ଯାହା ସମାପ୍ତି ପ୍ରଦାନକରେ, ତାହା ନିଧନ ଓତପ୍ରୋତଃ ଜଡ଼ିତ କର୍ମ ବୋଲାଏ । ଏହିଭଳି ବାମଦେବ୍ୟ ସାମ ଉପାସନା ଅଟେ । ଯେଉଁ ବ୍ୟକ୍ତି ଏହିପ୍ରକାର ମିଥୁନ ଦ୍ୱାରା

ବାମଦେବ୍ୟସାମ ସ୍ଥିତ ଅଟନ୍ତି ବୋଲି ଜାଣନ୍ତି, ସେ ସର୍ବଦା ଯୋଡିକାଉଁଳି ହୋଇ ରହିଥାଆନ୍ତି । ତାଙ୍କର କେବେହେଲେ ବିୟୋଗ ହୋଇ ନ ଥାଏ । ମିଥୁନୀ ଭାବରୁ ତାଙ୍କର ଉପଯୁକ୍ତ ସନ୍ତାନ ଉତ୍ପନ୍ନ ହୋଇଥାଆନ୍ତି । ସେ ସମ୍ପୂର୍ଣ୍ଣ ଆୟୁକୁ ଭୋଗକରି ଉଜ୍ଜ୍ୱଳ ଜୀବନ ବ୍ୟତୀତ କରନ୍ତି । ପ୍ରଜା ତଥା ପଶୁମାନଙ୍କ କାରଣରୁ କୀର୍ତ୍ତିମାନ ବୋଲାନ୍ତି । ପରସ୍ତ୍ରୀକୁ କେବେହେଲେ ଅପହରଣ କରିନଥାନ୍ତି କି କେବେହେଲେ ବ୍ୟଭିଚାର ବୃତ୍ତି ଅବଲମ୍ବନ କରନ୍ତି ନାହିଁ । ତାଙ୍କପାଇଁ ଏହା ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ତ୍ରୟୋଦଶ ଖଣ୍ଡଂ ସମ୍ପୂର୍ଣ୍ଣମ୍ ।

(ଦ୍ୱିତୀୟ ଅଧ୍ୟାୟ-ଚତୁର୍ଦ୍ଦଶ ଖଣ୍ଡ)

୧୪. ବୃହତ୍ସାମ ଉପାସନା

ଉଦ୍ୟନ୍ହିଂକାର ଉଦିତଃ ପ୍ରସ୍ତାବୋ ମଧ୍ୟନ୍ଦିନ ଉଦ୍‌ଗୀଥୋଽପରାହ୍ଣଃ ପ୍ରତିହାରୋଽସ୍ତଂଯନ୍ନିଧନମେତଦ୍‌-ବୃହଦାଦିତ୍ୟେପ୍ରୋତମ୍ ॥୧॥

ସ ଯ ଏବମେତଦ୍‌ବୃହଦାଦିତ୍ୟେ ପ୍ରୋତଂ ବେଦ ତେଜସ୍ୱ୍ୟନ୍ନାଦୋ ଭବତି ସର୍ବମାୟୁରେତି ଜ୍ୟୋଗ୍‌ଜୀବତି ମହାନ୍‌ପ୍ରଜୟା ପଶୁଭିର୍ଭବତି ମହାନ୍‌କୀର୍ତ୍ୟା ତପନ୍ତଂ ନ ନିନ୍ଦେତ୍ତଦ୍‌ବ୍ରତମ୍ ॥୨॥

ଉଦିତ ସୂର୍ଯ୍ୟ ହିଂକାର ଅଟନ୍ତି, ଉଦୟ ପରେ ପ୍ରସ୍ତାବ ହୁଅନ୍ତି, ମଧ୍ୟାହ୍ନ କାଳରେ ତାଙ୍କୁ ଉଦ୍‌ଗୀଥ କୁହାଯାଏ, ଅପରାହ୍ନ କାଳରେ ପ୍ରତିହାର ଆଉ ଅସ୍ତମିତ ସୂର୍ଯ୍ୟ ନିଧନ ଅଟନ୍ତି । ଏହି ବୃହତ୍ସାମ ସୂର୍ଯ୍ୟରେ ସ୍ଥିତ ଅଟେ । ଯେଉଁ ବ୍ୟକ୍ତି ବୃହତ୍ସାମଙ୍କୁ ସୂର୍ଯ୍ୟରେ ସ୍ଥିତ ହେବାର ଜାଣନ୍ତି, ସେ ତେଜସ୍ୱୀ ହୋଇ ଅନ୍ନ ଭୋଗ କରିଥାନ୍ତି ଅର୍ଥାତ୍ ସର୍ବଦା ଖାଦ୍ୟତୁଷ୍ଟି ଲାଭ କରନ୍ତି । ପୂର୍ଣ୍ଣ ଆୟୁକୁ ପ୍ରାପ୍ତହୋଇ ସମ୍ପୂର୍ଣ୍ଣ ଜୀବନ ଉପଭୋଗ କରନ୍ତି । ପ୍ରଜା ଏବଂ ପଶୁ ସମ୍ପନ୍ନ ହୋଇ କୀର୍ତ୍ତିମାନ୍ ହୁଅନ୍ତି । ତେଣୁ ତାପିତ ସୂର୍ଯ୍ୟଙ୍କୁ ନିନ୍ଦା କରିବା ଉଚିତ ନୁହେଁ — ଏହାହିଁ ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଚତୁର୍ଦ୍ଦଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ପଞ୍ଚଦଶ ଖଣ୍ଡ)

୧୫. ବୈରୂପ ସାମ ଉପାସନା

ଅଭ୍ରାଣି ସଂପ୍ଲବନ୍ତେ ସ ହିଂକାରୋ ମେଧୋ ଜାୟତେ ସ ପ୍ରସ୍ତାବୋ ବର୍ଷତି ସ ଉଦ୍ଗୀଥୋ ବିଦ୍ୟୋତତେ ସ୍ତନୟତି ସ ପ୍ରତିହାର ଉଦ୍‌ଗୃହ୍ଣାତି ତନ୍ନିଧନମେତଦ୍ୱୈରୂପଂ ପର୍ଜନ୍ୟେ ପ୍ରୋତମ୍ ।।୧।।
ସ ଯ ଏବମେତଦ୍ୱୈରୂପଂ ପର୍ଜନ୍ୟେ ପ୍ରୋତଂ ବେଦ ବିରୂପାଁଶ୍ଚ ସୁରୂପାଁଶ୍ଚ ପଶୂନବରୁନ୍ଧେ ସର୍ବମାୟୁରେତି ଜ୍ୟୋଗ୍‌ଜୀବତି ମହାନ୍ ପ୍ରଜୟା ପଶୁଭିର୍ଭବତି ମହାନ୍‌କୀର୍ତ୍ୟା ବର୍ଷନ୍ତଂ ନ ନିନ୍ଦେଉଦ୍‌ବ୍ରତମ୍ ।।୨

ବାଦଲ ଏକତ୍ରିତ ହେଲେ ହିଂକାର ବୋଲାଏ, ମେଘ ଉନ ହେବାକୁ ପ୍ରସ୍ତାବ କୁହାଯାଏ, ବୃଷ୍ଟିପାତକୁ ଉଦ୍ଗୀଥ, ଚମକୃତ ବିଜୁଳିକୁ ପ୍ରତିହାର, ବୃଷ୍ଟି ଦ୍ୱାରା ଯେଉଁ ଉପସଂହାର ହୁଏ, ତାକୁ ନିଧନ କୁହାଯାଏ । ଏହି ବୈରୂପ ସାମ ମେଘରେ ଅନୁସ୍ୟୁତ ହୋଇଥାଏ । ଯେଉଁ ବ୍ୟକ୍ତି ଏହିଭଳି ଭାବେ ବୈରୂପ ସାମକୁ ପର୍ଜନ୍ୟରେ ଅନୁସ୍ୟୁତ ହେବାର ଜାଣନ୍ତି, ବିରୂପ ଏବଂ ସୁରୂପ ପଶୁମାନଙ୍କୁ ଅବରୋଧ କରନ୍ତି, ସେ ପୂର୍ଣ୍ଣ ଆୟୁକୁ ପ୍ରାପ୍ତ ହୁଅନ୍ତି, ଉଜ୍ଜ୍ୱଳ ଜୀବନ ବ୍ୟତୀତ କରନ୍ତି, ପ୍ରଜା ତଥା ପଶୁମାନଙ୍କ କାରଣରୁ ମହାନ ବୋଲାନ୍ତି, ସର୍ବୋପରି କୀର୍ତ୍ତିମାନ ହୁଅନ୍ତି । ତେଣୁ ବରଷୁଥିବା ମେଘକୁ ନିନ୍ଦା କରିବା ଅନୁଚିତ, ତାଙ୍କ ପାଇଁ ଏହା ହିଁ ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ପଞ୍ଚଦଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଷୋଡ଼ଶ ଖଣ୍ଡ)

୧୬. ବୈରାଜ ସାମ ଉପାସନା

ବସନ୍ତୋ ହିଂକାରୋ ଗ୍ରୀଷ୍ମଃ ପ୍ରସ୍ତାବୋ ବର୍ଷା ଉଦ୍ଗୀଥଃ ଶରଦ୍‌ପ୍ରତିହାରୋ ହେମନ୍ତୋ ନିଧନମେତଦ୍ୱୈରାଜମୃତୁଷ୍ଣୁ ପ୍ରୋତମ୍ ।।୧।।
ସ ଯ ଏବମେତଦ୍ୱୈରାଜମୃତୁଷ୍ଣୁ ପ୍ରୋତଂ ବେଦ ବିରାଜତି ପ୍ରଜୟା ପଶୁଭିର୍ବହ୍ମବର୍ଚସେନସର୍ବମାୟୁରେତିଜ୍ୟୋଗ୍‌ଜୀବତିମହାନ୍‌ପ୍ରଜୟା ପଶୁଭିର୍ଭବତି ମହାନ୍‌କୀର୍ତ୍ୟର୍ତୂନ ନିନ୍ଦେଉଦ୍‌ବ୍ରତମ୍ ।।୨।।

ବସନ୍ତ ଋତୁ ହିଂକାର ଅଟେ, ଗ୍ରୀଷ୍ମ ପ୍ରସ୍ତାବ, ବର୍ଷା ଉଦ୍ଗୀଥ, ଶରତ ପ୍ରତିହାର ଅଟେ, ହେମନ୍ତ ନିଧନ ଅଟେ— ଏହି ବୈରାଜ ସାମ ଋତୁମାନଙ୍କରେ ଅନୁସ୍ୟୁତ ହୋଇଥାଏ । ଯେଉଁବ୍ୟକ୍ତି ବୈରାଜସାମଙ୍କୁ ଋତୁମାନଙ୍କରେ ଅନୁସ୍ୟୁତ ହେବାର ଜାଣନ୍ତି, ସେ ପ୍ରଜା, ପଶୁ, ବ୍ରହ୍ମତେଜ ଆଦିକୁ ଲାଭ କରି ପୂର୍ଣ୍ଣଆୟୁ ଭୋଗକରନ୍ତି । ଉଜ୍ଜ୍ୱଳ ଜୀବନ ଯାପନକରି କୀର୍ତ୍ତିବାନ୍ ହୋଇଯାଆନ୍ତି । ତେଣୁ ଋତୁମାନଙ୍କର ନିନ୍ଦା କରିବା ଅନୁଚିତ । ଏହା ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଷୋଡଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ସପ୍ତଦଶ ଖଣ୍ଡ)

୧୭. ଶକ୍କରୀ ସାମ ଉପାସନା

ପୃଥିବୀ ହିଂକାରୋଽନ୍ତରିକ୍ଷଂ ପ୍ରସ୍ତାବୋ ଦ୍ୟୌରୁଦ୍ଗୀଥୋ ଦିଶଃ ପ୍ରତିହାରଃ ସମୁଦ୍ରୋ ନିଧନମେତାଃ ଶକ୍ୱର୍ଯୋ ଲୋକେଷୁ ପ୍ରୋତାଃ ।।୧।।

ସ ଯ ଏବମେତାଃ ଶକ୍ୱର୍ଯୋ ଲୋକେଷୁ ପ୍ରୋତା ବେଦ ଲୋକୀଭବତି ସର୍ବମାୟୁରେତି ଜ୍ୟୋଗ୍‌ଜୀବତି ମହାନ୍‌ପ୍ରଜୟା ପଶୁଭିର୍ଭବତି ମହାନ୍‌କୀର୍ତ୍ୟା ଲୋକାନ୍ନ ନିନ୍ଦେତ୍ତଦ୍‌ବ୍ରତମ୍ ।।୨।।

ପୃଥିବୀ ହିଂକାର ଅଟେ, ଅନ୍ତରୀକ୍ଷ ପ୍ରସ୍ତାବ, ଦ୍ୟୁଲୋକ ଉଦ୍ଗୀଥ, ଦିଗଗଣ ପ୍ରତିହାର ଏବଂ ସମୁଦ୍ର ନିଧନ ଅଟେ । ଏହି ଶକ୍କରୀ ସାମ ଲୋକରେ ଅନୁସ୍ୟୁତ ହୋଇଥାଏ, ଯେଉଁବ୍ୟକ୍ତି ଏଭଳି ଜାଣନ୍ତି ସେ ଲୋକବାନ୍ ହୋଇଥାନ୍ତି । ସମଗ୍ର ଆୟୁକୁ ଭୋଗକରି ଉଜ୍ଜ୍ୱଳ ଜୀବନ ଭୋଗକରନ୍ତି । କୀର୍ତ୍ତିମାନ୍ ହୋଇ ଧନଧାନ୍ୟରେ ପରିପୂର୍ଣ୍ଣ ହୁଅନ୍ତି । ଅତଃ ଲୋକଗୁଡ଼ିକର ନିନ୍ଦାକରିବା ଅନୁଚିତ୍– ଏହା ହିଁ ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ସପ୍ତଦଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଅଷ୍ଟାଦଶ ଖଣ୍ଡ)

୧୮. ରେବତୀ ସାମ ଉପାସନା

ଅଜା ହିଂକାରୋଽବୟଃ ପ୍ରସ୍ତାବୋଗାବ ଉଦ୍ଗୀଥୋଽଶ୍ୱାଃ ପ୍ରତିହାରଃ ପୁରୁଷୋ ନିଧନମେତା ରେବତ୍ୟଃ ପଶୁଷୁ ପ୍ରୋତାଃ ।।୧।।

ସ ଯ ଏବମେତା ରେବତ୍ୟଃ ପଶୁଷୁ ପ୍ରୋତା ବେଦ ପଶୁମାନ୍ ଭବତି ସର୍ବମାୟୁରେତି ଜ୍ୟୋଗ୍‌ଜୀବତି ମହାନ୍‌ପ୍ରଜୟା ପଶୁଭିର୍ଭବତି ମହାନ୍‌କୀର୍ତ୍ୟା ପଶୂନ୍ନ ନିନ୍ଦେତ୍ତଦ୍‌ବ୍ରତମ୍ ।।୨।।

ଅଜା (ଛେଳି) ହିଂକାର ଅଟେ, ମେଣ୍ଢା ପ୍ରସ୍ତାବ ଅଟେ, ଗୋ ଉଦ୍ଗୀଥ ଅଟନ୍ତି, ଅଶ୍ୱ ପ୍ରତିହାର, ପୁରୁଷ ନିଧନ, ଏହି ରେବତୀ ସାମ ପଶୁମାନଙ୍କରେ ଅନୁସ୍ୟୂତ ହୋଇଥାନ୍ତି । ଯେଉଁବ୍ୟକ୍ତି ରେବତୀ ସାମ ପଶୁମାନଙ୍କରେ ଅନୁସ୍ୟୂତ ହେବାର ଜାଣନ୍ତି, ସେ ପଶୁମାନ୍ ହୁଅନ୍ତି । ପୂର୍ଣ୍ଣ ଆୟୁକୁ ଭୋଗକରି ଦୀପ୍ତିମନ୍ତ ହୋଇଯାଆନ୍ତି । ପ୍ରଜା ଆଦି ସମେତ ଧନଧାନ୍ୟରେ ପରିପୂର୍ଣ୍ଣ ହୁଅନ୍ତି । ସର୍ବତ୍ର କୀର୍ତ୍ତି ବିରାଜମାନ କରେ, ଅତଃ ପଶୁମାନଙ୍କର ନିନ୍ଦା ଅକରଣୀୟ । ଏହା ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଅଷ୍ଟାଦଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଏକୋନବିଂଶ ଖଣ୍ଡ)

୧୯. ଯଜ୍ଞାଯଜ୍ଞୀୟ ସାମ ଉପାସନା

ଲୋମ ହିଂକାରସ୍ତ୍ୱକ୍‌ପ୍ରସ୍ତାବୋ ମାଁସମୁଦ୍ଗୀଥୋଽସ୍ଥି ପ୍ରତିହାରୋ ମଜ୍ଜା ନିଧନମେତଦ୍ୟଜ୍ଞାୟଜ୍ଞୀୟମଙ୍ଗେଷୁ ପ୍ରୋତମ୍ ।।୧।।

ସ ଯ ଏବମେତଦ୍ୟଜ୍ଞାୟଜ୍ଞୀୟମଙ୍ଗେଷୁ ପ୍ରୋତଂ ବେଦାଙ୍ଗୀ ଭବତି ନାଙ୍ଗେନ ବିହୂର୍ଚ୍ଛତି ସର୍ବମାୟୁରେତି ଜ୍ୟୋଗ୍‌ଜୀବତି ମହାନ୍‌ପ୍ରଜୟା ପଶୁଭିର୍ଭବତି ମହାନ୍‌କୀର୍ତ୍ୟା ସଂବସ୍ତରଂ ମଜ୍ଜ୍ଞୋ ନାଶ୍ନୀୟାତ୍ତଦ୍‌ବ୍ରତଂ ମଜ୍ଜ୍ଞୋ ନାଶ୍ନୀୟାଦିତି ବା ।।୨।।

ଲୋମ ହିଂକାର, ତ୍ୱଚା ପ୍ରସ୍ତାବ, ମାଂସ ଉଦ୍ଗୀଥ, ଅସ୍ଥି ପ୍ରତିହାର ଏବଂ ମଜ୍ଜା ନିଧନ ଅଟେ । ଏହି ଯଜ୍ଞାଯଜ୍ଞୀୟ ସାମ ଅଙ୍ଗରେ ଅନୁସ୍ୟୂତ ହୁଅନ୍ତି । ଯେଉଁ ବ୍ୟକ୍ତି ଯଜ୍ଞାଯଜ୍ଞୀୟ ସାମଙ୍କୁ ଅଙ୍ଗ ଅନୁସ୍ୟୂତ ଜାଣନ୍ତି, ସେ ନିଶ୍ଚିତଭାବେ ଅଙ୍ଗବାନ୍ ହୁଅନ୍ତି ଅର୍ଥାତ୍ ସେ ସୌଷ୍ଟ ହୋଇଥାନ୍ତି ଯାହାର ଅର୍ଥ ବିକୃତବିହୀନ ଶରୀର । ସମ୍ପୂର୍ଣ୍ଣ ଆୟୁ ଭୋଗକରି ଦୀପ୍ତିମନ୍ତ ବୋଲାନ୍ତି । ପ୍ରଜା ତଥା ଧନଧାନ୍ୟାଦି ପୂର୍ଣ୍ଣ ହୋଇ କୀର୍ତ୍ତି ବିସ୍ତୃତ କରନ୍ତି । ତେଣୁ ବର୍ଷସାରା ମାଂସ ଭକ୍ଷଣ ନ କରିବା ବିଧେୟ ।

ଏହା ହିଁ ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଏକୋନବିଂଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ବିଂଶ ଖଣ୍ଡ)

୨୦. ରାଜନ ସାମ ଉପାସନା

ଅଗ୍ନିହିଂକାରୋ ବାୟୁଃ ପ୍ରସ୍ତାବ ଆଦିତ୍ୟ ଉଦ୍ଗୀଥୋ ନକ୍ଷତ୍ରାଣି ପ୍ରତିହାରଶ୍ଚନ୍ଦ୍ରମା ନିଧନମେତଦ୍ରାଜନଂ ଦେବତାସୁ ପ୍ରୋତମ୍ ।।୧।। ସ ଯ ଏବମେତଦ୍ରାଜନଂ ଦେବତାସୁ ପ୍ରୋତଂ ବେଦୈତାସାମେବ ଦେବତାନାଁସଲୋକତାଁସାର୍ଷ୍ଟିତାଁସାୟୁଜ୍ୟଂ ଗଚ୍ଛତି ସର୍ବମାୟୁରେତି ଜ୍ୟୋଗ୍ଜୀବତି ମହାନ୍ ପ୍ରଜୟା ପଶୁଭିର୍ଭବତି ମହାନ୍ କୀର୍ତ୍ୟା ବ୍ରାହ୍ମଣାନ୍ନ ନିନ୍ଦେତ୍ତଦ୍ବ୍ରତମ୍ ।।୨।।

ଅଗ୍ନି ହିଂକାର ଅଟେ, ବାୟୁ ପ୍ରସ୍ତାବ, ଆଦିତ୍ୟ ଉଦ୍ଗୀଥ, ନକ୍ଷତ୍ର ପ୍ରତିହାର, ଚନ୍ଦ୍ରମା ନିଧନ ଅଟନ୍ତି । ଏହି ରାଜନ ସାମ ଦେବତାମାନଙ୍କଠାରେ ଅନୁସ୍ୟୁତ ହୋଇଥା । ଯେଉଁ ବ୍ୟକ୍ତି ଏହିଭଳି ଜାଣନ୍ତି ସେ ଦେବଗଣଙ୍କର ସାଲୋକ୍ୟ, ସାର୍ଷ୍ଟିତ୍ୱ(ତୁ ଐଶ୍ୱର୍ଯ୍ୟ) ଏବଂ ସାୟୁଜ୍ୟକୁ ପ୍ରାପ୍ତ ହୁଅନ୍ତି । ପୂର୍ଣ୍ଣ ଆୟୁ ଭୋଗକରି ପ୍ରଭା ବିସ୍ତ କରନ୍ତି । ସପରିବାରେ ଧନଜୀବନ ସମେତ ଜୀବନ ଅତିବାହିତ କରନ୍ତି । କୀର୍ତ୍ତି ରାଜିରେ ସୁବିସ୍ତୃତ ହୋଇ ମହାନ୍ ବୋଲାନ୍ତି । ତେଣୁ ବ୍ରାହ୍ମଣମାନଙ୍କୁ ନିନ୍ଦାକରିବା ଅନୁଚିତ୍— ଏହା ହିଁ ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ବିଂଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଏକବିଂଶ ଖଣ୍ଡ)

୨୧. ସର୍ବ ଅନୁସ୍ୟୁତ ସାମ ଉପାସନା

ତ୍ରୟୀ ବିଦ୍ୟା ହିଂକାରସ୍ତ୍ରୟ ଇମେ ଲୋକାଃ ପ୍ରସ୍ତାବୋଽଗ୍ନିର୍ବାୟୁରାଦିତ୍ୟଃ ସ ଉଦ୍ଗୀଥୋ ନକ୍ଷତ୍ରାଣି ବୟାଁସି ମରୀଚୟଃ ସ ପ୍ରତିହାରଃ ସର୍ପା ଗନ୍ଧର୍ବା ପିତରସ୍ତନ୍ନିଧନମେତତ୍ସାମ

ସର୍ବସ୍ମିନ୍‌ପ୍ରୋତମ୍ ।।୧।।
ସ ଯ ଏବମେତତ୍‌ସାମ ସର୍ବସ୍ମିନ୍‌ପ୍ରୋତଂ ବେଦ ସର୍ବଗ୍ଂ ହ ଭବତି ।।୨
ତଦେଷ ଶ୍ଳୋକୋ ୟାନି ପଞ୍ଚଧା ତ୍ରୀଣି ତ୍ରୀଣି ତେଭ୍ୟୋ ନ ଜ୍ୟାୟଃ ପରମନ୍ୟଦସ୍ତି ।।୩।।
ୟସ୍ତଦ୍ବେଦ ସ ବେଦ ସର୍ବଁସର୍ବା ଦିଶୋ ବଳିମସ୍ମୈ ହରନ୍ତି ସର୍ବମସ୍ମୀତ୍ୟୁପାସୀତ ତଦ୍‌ବ୍ରତଂ ତଦ୍‌ବ୍ରତମ୍ ।।୪।।

ତ୍ରୟୀବିଦ୍ୟା ହିଂ କାର ଅଟେ । ଲୋକତ୍ରୟ ପ୍ରସ୍ତାବ ଅଟନ୍ତି । ଅଗ୍ନି-ବାୟୁ ଓ ଆଦିତ୍ୟ ଉଦ୍ଗୀଥ ଅଟନ୍ତି । ସର୍ପ, ଗନ୍ଧର୍ବ ଓ ପିତୃଗଣ ନିଧନ ଅଟନ୍ତି । ଏହି ସାମ ଉପାସନା ସବୁଥିରେ ଅନୁସ୍ୟୁତ ହୋଇଛି । ଏହାକୁ ଯିଏ ଜାଣିପାରିଛନ୍ତି, ସେ ସର୍ବରୂପ ହୋଇଥାଆନ୍ତି । ଏହି ବିଷୟରେ ଉକ୍ତ ମନ୍ତ୍ର ବର୍ଣ୍ଣନା କରେକି— ଯିଏ ପାଞ୍ଚପ୍ରକାରେ ବର୍ଣ୍ଣିତ ତ୍ରୟୀବିଦ୍ୟାକୁ ଜାଣନ୍ତି, ତାଙ୍କ ଅତିରିକ୍ତ ଆଉ କେହି ବିଦ୍ୟବାନ ହୁଅନ୍ତି ନାହିଁ । ସେ ସର୍ବଜ୍ଞ ହୁଅନ୍ତି । ତାଙ୍କୁ ସବୁଦିଗରୁ ବଳି ସମର୍ପଣ କରାଯାଏ । ସେ ମୁଁ ସବୁକିଛି ଅଟେ (ଅହଂ ସର୍ବସ୍ୱ)ବୋଲି ଉପାସ୍ୟ ହୁଅନ୍ତି । ତେଣୁ ତାଙ୍କୁ ସେହିଭଳି ଉପାସନା କରିବା ଦରକାର, ଯାହାକି ତାଙ୍କର ବ୍ରତ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଏକବିଂଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଦ୍ୱାବିଂଶ ଖଣ୍ଡ)

୨୨. ଅଗ୍ନି ସମ୍ବନ୍ଧୀ ଉଦ୍ଗୀଥ

ବିନର୍ଦି ସାମ୍ନୋ ବୃଣେ ପଶବ୍ୟମିତ୍ୟଗ୍ନେରୁଦ୍ଗୀଥଂଥୋଽନିରୁକ୍ତଃ ପ୍ରଜାପତେର୍ନିରୁକ୍ତଃ ସୋମସ୍ୟ ମୃଦୁ ଶ୍ଳକ୍ଷ୍ଣଂ ବାୟୋଃ ଶ୍ଳକ୍ଷ୍ଣଂ ବଳବଦିନ୍ଦ୍ରସ୍ୟ କ୍ରୌଞ୍ଚଂ ବୃହସ୍ପତେରପଧ୍ୱାନ୍ତଂ ବରୁଣସ୍ୟ ତାନ୍‌ସର୍ବାନେବୋପସେବେତ ବାରୁଣଂ ତ୍ୱେବ ବର୍ଜୟେତ୍ ।।୧।।

ସାମଙ୍କର 'ବିନର୍ଦି' ନାମକ ଗାନକୁ ବରଣ କରୁଅଛି, ସେ ପଶୁମାନଙ୍କ ପାଇଁ ହିତକର ଓ ଅଗ୍ନି ସମ୍ବନ୍ଧିତ ଉଦ୍ଗୀଥ ଅଟନ୍ତି । ପ୍ରଜାପତିଙ୍କ ଉଦ୍ଗୀଥ ଅନିରୁକ୍ତ ଅଟେ, ସୋମ ନିରୁକ୍ତ ଅଟେ । ବାୟୁର ମୃଦୁଳ ଆଉ ଶ୍ଳକ୍ଷ୍ଣ (ସରଳ ଭାବରେ ଉଚ୍ଚାରଣଯୋଗ୍ୟ) ଅଟେ । ଇନ୍ଦ୍ରଙ୍କର ଶ୍ଳକ୍ଷ୍ଣ ଆହୁରି ବଳବାନ୍ ଅଟେ । ବୃହସ୍ପତିଙ୍କର କ୍ରୌଞ୍ଚ (କ୍ରୌଞ୍ଚ ପକ୍ଷୀର ଶବ୍ଦସମ) ଅଟେ । ବରୁଣଙ୍କର ଅପଧ୍ୱାନ୍ତ (ଭ୍ରଷ୍ଟ) ଅଟେ । ଏ ସମସ୍ତ

ଉଦ୍ଗୀଥ ମାନଙ୍କର ସେବନ କରିବା ଦରକାର । କେବଳ ବରୁଣ ସମ୍ବନ୍ଧୀ ଉଦ୍ଗୀଥକୁ ପରିତ୍ୟାଗ କରିବା ଦରକାର ।।୧।।

ଅମୃତତ୍ୱଂ ଦେବେଭ୍ୟ ଆଗାୟାନୀତ୍ୟାଗାୟେତ୍ସ୍ୱଧାଂ ପିତୃଭ୍ୟ ଆଶାଂ ମନୁଷ୍ୟେଭ୍ୟସ୍ତୃଣୋଦକଂ ପଶୁଭ୍ୟଃ ସ୍ୱର୍ଗଂ ଲୋକଂ ଯଜମାନାୟାନ୍ନମାତ୍ମନ ଆଗାୟାନୀତ୍ୟେତାନି ମନସା ଧ୍ୟାୟନ୍ନପ୍ରମତ୍ତଃ ସ୍ତୁବୀତ ।।୨।।

ସର୍ବେ ସ୍ୱରା ଇନ୍ଦ୍ରସ୍ୟାତ୍ମନଃ ସର୍ବ ଉଷ୍ମାଣଃ ପ୍ରଜାପତେରାତ୍ମାନଃ ସର୍ବେ ସ୍ପର୍ଶା ମୃତ୍ୟୋରାତ୍ମାନସ୍ତଂ ଯଦି ସ୍ୱରେଷୂପାଲଭେତେନ୍ଦ୍ରଁଶରଣଂ ପ୍ରପନ୍ନୋଽଭୂବଂ ସ ତ୍ୱା ପ୍ରତି ବକ୍ଷ୍ୟତୀତ୍ୟେନଂ ବ୍ରୂୟାତ୍ ।।୩।।

ଅଥ ଯଦ୍ୟେନମୂଷ୍ମସୂପାଲଭେତ ପ୍ରଜାପତିଁଶରଣଂ ପ୍ରପନ୍ନୋଽଭୂବଂ ସ ତ୍ୱା ପ୍ରତି ପେକ୍ଷ୍ୟତୀତ୍ୟେନଂ ବ୍ରୂୟାଦଥ ଯଦ୍ୟେନଁସ୍ପର୍ଶେଷୂପାଲଭେତ ମୃତ୍ୟୁଁ ଶରଣଂ ପ୍ରପନ୍ନୋଽଭୂବଂ ସ ତ୍ୱା ପ୍ରତି ଧକ୍ଷ୍ୟତୀତ୍ୟେନଂ ବ୍ରୂୟାତ୍ ।।୪।।

ସର୍ବେ ସ୍ୱରା ଘୋଷବନ୍ତୋ ବଳବନ୍ତୋ ବକ୍ତବ୍ୟା ଇନ୍ଦ୍ରେ ବଳଂ ଦଦାନୀତି ସର୍ବ ଉଷ୍ମାଣୋଽଗ୍ରସ୍ତା ଅନିରସ୍ତା ବିବୃତା ବକ୍ତବ୍ୟାଃ ପ୍ରଜାପତେରାତ୍ମାତ୍ମାନଂ ପରିଦଦାନୀତି ସର୍ବେ ସ୍ପର୍ଶା ଲେଶେନାନଭିନିହିତା ବକ୍ତବ୍ୟା ମୃତ୍ୟୋରାତ୍ମାନଂ ପରିହରାଣୀତି ।।୫।।

ମୁଁ ଦେବଗଣଙ୍କ ପାଇଁ ଅମୃତତ୍ୱକୁ ଆଗାନ (ସାଧନ) କରିବି । ଏହିପ୍ରକାର ଚିନ୍ତନକରି ଗାୟନକରିବା ଦରକାର । ପିତୃଗଣଙ୍କ ପାଇଁ ସ୍ୱଧା, ମନୁଷ୍ୟ ପାଇଁ ଆଶା(ଇଷ୍ଟ ବସ୍ତୁ), ପଶୁମାନଙ୍କ ପାଇଁ ତୃଣ ଆଉ ଜଳ, ଯଜମାନ ପାଇଁ ସ୍ୱର୍ଗଲୋକ ଆଉ ନିଜ ପାଇଁ ଅନ୍ନ ଆଗାନ କରୁଅଛି— ମନ ମଧ୍ୟରେ ଏହିଭଳି ଧ୍ୟାନକରି ପ୍ରମାଦରହିତ ଭାବେ ସ୍ତୁତି କରିବା ଦରକାର ।

ସମ୍ପୂର୍ଣ୍ଣ ସ୍ୱର ଇନ୍ଦ୍ରଙ୍କର ଆତ୍ମା ଅଟେ, ଉଷ୍ମ ବର୍ଣ୍ଣ ପ୍ରଜାପତିଙ୍କର ଆତ୍ମା ଅଟେ । ସମଗ୍ର ସ୍ପର୍ଶବର୍ଣ୍ଣ ମୃତ୍ୟୁଙ୍କର ଆତ୍ମା ଅଟେ । ଏହିଭଳି ଜ୍ଞାନ ଲାଭ କରିଥିବା ଉଦ୍ଗାତା ଯଦି କୌଣସି ପୁରୁଷ ସ୍ୱର ଉଚ୍ଚାରଣରେ ଦୋଷ ପ୍ରଦର୍ଶିତ କରନ୍ତି, ତେବେ ସେ ତାଙ୍କୁ କହିବେ କି, 'ମୁଁ ଇନ୍ଦ୍ରଙ୍କର ଶରଣାପନ୍ନ ହୋଇଛି, ସେ ତୁମକୁ ଉତ୍ତର ଦିଅନ୍ତୁ' ।

ଆଉ ଯଦି କେହି ଉଷ୍ମବର୍ଣ୍ଣ ଉଚ୍ଚାରଣରେ ଦୋଷ ପ୍ରଦର୍ଶିତ କରନ୍ତି, ତେବେ ତାଙ୍କୁ

କହିବେ, 'ମୁଁ ପ୍ରଜାପତିଙ୍କର ଶରଣାପନ୍ନ ହୋଇଛି, ସେ ତୁମର ମର୍ଦ୍ଦନ କରିବେ' । ସେହିଭଳି କେହି ସ୍ପର୍ଶୋଚ୍ଚାରଣରେ ଦୋଷ ପ୍ରଦର୍ଶନ କରନ୍ତି, ତାଙ୍କୁ କହିବେ, 'ମୁଁ ମୃତ୍ୟୁଙ୍କ ଶରଣାପନ୍ନ ହୋଇଛି, ସେ ତୁମକୁ ଦଗ୍ଧ କରିବେ' ।

ତେଣୁ ସମ୍ପୂର୍ଣ୍ଣ ସ୍ୱର ଘୋଷଯୁକ୍ତ ଏବଂ ବଳଯୁକ୍ତ ଭାବେ ଉଚ୍ଚାରଣ କରିବା ଦରକାର । ଅତଃ ଉଚ୍ଚାରଣ ସମୟରେ ଇନ୍ଦ୍ରଙ୍କର ବଳର ଆଧାନ କରୁଥିବାର ଚିନ୍ତନ କରିବା ଦରକାର । ସମଗ୍ର ଉଷ୍ମବର୍ଣ୍ଣ ଅଗ୍ରସ୍ତ, ଅନିରସ୍ତ ଏବଂ ବିବୃତ ରୂପରେ ଉଚ୍ଚାରଣ କରାଯାଆନ୍ତି । ଅତଃ ତାଙ୍କୁ ଉଚ୍ଚାରଣ ସମୟରେ 'ମୁଁ ପ୍ରଜାପତିଙ୍କୁ କହି ଆତ୍ମଦାନ କରିବି' ଏଭଳି ଚିନ୍ତନ କରିବା ଦରକାର ।

ସେହିଭଳି ସମସ୍ତ ସ୍ପର୍ଶବର୍ଣ୍ଣକୁ ଗୋଟିଏ ଅନ୍ୟଟିର ମିଳନ ବ୍ୟତୀତ ଉଚ୍ଚାରଣ କରିବା ଦରକାର । ସେହି ସମୟରେ 'ମୁଁ ମୃତ୍ୟୁଙ୍କ ଠାରୁ ନିଜକୁ ପରିହାର କରାଇନେଉଛି' ଏଭଳି ଚିନ୍ତନର ଆବଶ୍ୟକ ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଦ୍ୱାବିଂଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ତ୍ରୟୋବିଂଶ ଖଣ୍ଡ)

୨୩. ଧର୍ମର ତିନିସ୍କନ୍ଧ ଏବଂ ଓମ୍‌କାରଙ୍କର ସର୍ବରୂପତା

ତ୍ରୟୋ ଧର୍ମସ୍କନ୍ଧା ଯଜ୍ଞୋଽଧ୍ୟୟନଂ ଦାନମିତି ପ୍ରଥମସ୍ତପ ଏବ ଦ୍ୱିତୀୟୋ ବ୍ରହ୍ମଚାର୍ଯ୍ୟାଚାର୍ୟକୁଳବାସୀ ତୃତୀୟୋଽତ୍ୟନ୍ତମାତ୍ମାନ-ମାଚାର୍ୟକୁଳେଽବସାଦୟନ୍‌ସର୍ବ ଏତେ ପୁଣ୍ୟଲୋକା ଭବନ୍ତି ବ୍ରହ୍ମସଁସ୍ଥୋଽମୃତତ୍ୱମେତି ॥୧॥

ପ୍ରଜାପତିର୍ଲୋକାନଭ୍ୟତପତ୍ତେଭ୍ୟୋଽଭିତପ୍ତେଭ୍ୟସ୍ତ୍ରୟୀ ବିଦ୍ୟା ସଂପ୍ରାସ୍ରବତ୍ତାମଭ୍ୟତପତ୍ତସ୍ୟା ଅଭିତପ୍ତାୟା ଏତାନ୍ୟକ୍ଷରାଣି ସଂପ୍ରାସ୍ରବନ୍ତ ଭୂର୍ଭୁବଃ ସ୍ୱରିତି ॥୨॥

ତାନ୍ୟଭ୍ୟତପତ୍ତେଭ୍ୟୋଽଭିତପ୍ତେଭ୍ୟ ଓଁକାରଃ ସଂପ୍ରାସ୍ରବତ୍ତଦ୍ୟଥା ଶଙ୍କୁନା ସର୍ବାଣି ପର୍ଣ୍ଣାନି ସଂତୃଣ୍ଣାନ୍ୟେବମୋଙ୍କାରେଣସର୍ବା ବାକ୍‌ସଂତୃଣ୍ଣୋଙ୍କାର ଏବେଦଁସର୍ବମୋଙ୍କାର ଏବେଦଁସର୍ବମ୍ ॥୩॥

ଧର୍ମର ତିନିଗୋଟି ସ୍କନ୍ଧ ରହିଛି, ଯଥା— ଯଜ୍ଞ, ଅଧ୍ୟୟନ ଓ ଦାନ ପ୍ରଥମ ସ୍କନ୍ଧ । ତପ ଦ୍ୱିତୀୟ ସ୍କନ୍ଧ । ଆଚାର୍ଯ୍ୟଙ୍କ ନିକଟରେ ବ୍ରହ୍ମଚାରୀ ଭାବରେ ଜୀବନଯାପନ

ତଥା ଆଚାର୍ଯ୍ୟକୁଳରେ ନିଜ ଶରୀରକୁ କ୍ଷୀଣ କରାଇ ବିଦ୍ୟା ଆହରଣ ତୃତୀୟସ୍କନ୍ଧ ଅଟେ ।

ଏଇମାନେ ସମସ୍ତେ ପୁଣ୍ୟଲୋକରେ ଭାଗୀଅଟନ୍ତି । ବ୍ରହ୍ମରେ ସମ୍ୟକ୍‌ରୂପେ ସ୍ଥିତ ଚତୁର୍ଥାଶ୍ରମୀ ସନ୍ନ୍ୟାସୀ ହିଁ ଏହାଙ୍କୁ ପ୍ରାପ୍ତ ହୋଇଥାଆନ୍ତି ଅର୍ଥାତ୍ ଅମୃତତ୍ତ୍ୱ ଲାଭ କରନ୍ତି । ପ୍ରଜାପତି ଲୋକମାନଙ୍କ ଉଦ୍ଦେଶ୍ୟରେ ଧ୍ୟାନ ରୂପକ ତପ ବତାଇଛନ୍ତି । ସେହି ଅଭିତପ୍ତ ଲୋକରେ ତ୍ରୟୀବିଦ୍ୟାର ଉତ୍ପତ୍ତି ହୋଇଛି । ତହିଁରୁ ଭୂଃ, ଭୂବଃ ଆଉ ସ୍ୱଃ ଅକ୍ଷର ଉନ ହୋଇଛନ୍ତି । ସେହି ପ୍ରଜାପତି ଏହାକୁ ଆଲୋଚନା କରିଛନ୍ତି । ତନ୍ମଧ୍ୟରୁ ଓମ୍‌କାର ଉନ ହୋଇଛନ୍ତି । ଯେଉଁଭଳି ଶଙ୍କୁ ଦ୍ୱାରା ସମଗ୍ର ପତ୍ର ବ୍ୟାପ୍ତ ହୋଇ ରହନ୍ତି, ସେହିଭଳି ଓମ୍‌କାରଙ୍କଠାରୁ ବାଣୀମାନେ ବ୍ୟାପ୍ତ ହୋଇଛନ୍ତି । ଓମ୍‌କାର ହିଁ ସବୁକିଛି ଅଟନ୍ତି ।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ତ୍ରୟୋବିଂଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ଦ୍ୱିତୀୟ ଅଧ୍ୟାୟ-ଚତୁର୍ବିଶ ଖଣ୍ଡ)

୨୪. କାଳତ୍ରୟର ସବନ

ବ୍ରହ୍ମବାଦିନୋ ବଦନ୍ତି ଯଦ୍‌ବସୂନାଂ ପ୍ରାତଃସବନଁରୁଦ୍ରାଣାଂ ମାଧ୍ୟନ୍ଦିନଁସବନମାଦିତ୍ୟାନାଂ ଚ ବିଶ୍ୱେଷାଂ ଚ ଦେବାନାଂ ତୃତୀୟସବନମ୍ ॥୧॥
କ୍ୱ ତର୍ହି ଯଜମାନସ୍ୟ ଲୋକ ଇତି ସ ଯସ୍ତଂ ନ ବିଦ୍ୟାତ୍କଥଂ କୁର୍ଯାଦଥ ବିଦ୍ୱାନ୍‌କୁର୍ଯାତ୍ ॥୨॥
ପୁରା ପ୍ରାତରନୁବାକସ୍ୟୋପାକରଣାଜ୍ଜଘନେନ ଗାର୍ହପତ୍ୟସ୍ୟୋଦଙ୍‌ମୁଖ ଉପବିଶ୍ୟ ସ ବାସବଁସାମାଭିଗାୟତି ॥୩॥

ବ୍ରହ୍ମବାଦୀମାନେ କହନ୍ତି— ପ୍ରାତଃସବନ ବସୁଙ୍କର, ମଧ୍ୟାହ୍ନ ରୁଦ୍ରଙ୍କର ଆଉ ସାୟାହ୍ନ ଆଦିତ୍ୟ ଓ ବିଶ୍ୱଦେବାଙ୍କର ଅଟେ । ତେବେ ଯଜମାନର ଲୋକ କେଉଁଠି ? ଯେଉଁ ଯଜମାନ ଏଭଳି ଜାଣନ୍ତିନାହିଁ, ସେ କିଭଳି ଯଜ୍ଞାନୁଷ୍ଠାନ କରିବେ ? ଅତଃ ଯିଏ ଜାଣିଛନ୍ତି, ସେ ଯଜ୍ଞ କରିପାରିବେ । ପ୍ରାତରନୁବାକ ଆରମ୍ଭ କରିବା ପୂର୍ବରୁ ସେ(ଯଜମାନ) ଗାର୍ହପତ୍ୟାଗ୍ନିଙ୍କୁ ପଛଆଡୁ ଉତ୍ତରାଭିମୁଖ ଭାବରେ ବସି ବସୁଦେବତା ସମ୍ବନ୍ଧୀ ସାମଙ୍କର ଗାନ କରିଥାନ୍ତି ॥୩॥

ଲୋ ୩ କଦ୍ୱାରମପାବା ୩ ର୍ଣ୍ଣୂ ୩୩ ପଶ୍ୟେମ ତ୍ୱା ବୟଁରା ୩୩୩୩୩ ହୁ ୩ ମ୍‌ଆ ୩୩ ଜ୍ୟା ୩ ୟୋ ୩ ଆ ୩୨୧୧୧ ଇତି ।।୪।।

ହେ ଅଗ୍ନି ! ତୁମେ ଏହିଲୋକର ଦ୍ୱାର ଖୋଲିଦିଅ, ଯାହାଦ୍ୱାରା ଆମେ ରାଜ୍ୟପ୍ରାପ୍ତି ପାଇଁ ତୁମର ଦର୍ଶନ କରିପାରିବୁ ।।୪।।

ଅଥ ଜୁହୋତି ନମୋଽଗ୍ନୟେ ପୃଥିବୀକ୍ଷିତେ ଲୋକକ୍ଷିତେ ଲୋକଂ ମେ ଯଜମାନାୟ ବିନ୍ଦେଷ ବୈ ଯଜମାନସ୍ୟ ଲୋକ ଏତାସ୍ମି ।।୫।।

ତାପରେ ଏହି ମନ୍ତ୍ର ସାହାଯ୍ୟରେ ଯଜମାନ ହବନ କରିବେ— ପୃଥିବୀରେ ନିବାସକାରୀ ଇହଲୋକନିବାସୀ ଅଗ୍ନିଦେବଙ୍କୁ ନମସ୍କାର । ମୋ'ଭଳି ଯଜମାନକୁ ଆପଣ ପୃଥିବୀଲୋକ ପ୍ରାପ୍ତ କରାନ୍ତୁ ଏହା ନିଶ୍ଚିତଭାବେ ଯଜମାନ ଲୋକ ଅଟେ, ତେଣୁ ମୁଁ ତାହାଙ୍କୁ ପ୍ରାପ୍ତ କରିବି ।।୫।।

ଅତ୍ର ଯଜମାନଃ ପରସ୍ତାଦାୟୁଷଃ ସ୍ୱାହାପଜହି ପରିଧମିତ୍ୟୁକ୍ତ୍ୱୋତ୍ତିଷ୍ଠତି ତସ୍ମୈ । ବସବଃ ପ୍ରାତଃ ସବନଁସଂପ୍ରୟଚ୍ଛନ୍ତି ।।୬।।

ଏହି ଲୋକରେ ଯଜମାନ ନିଜର ଆୟୁ ସମାପ୍ତ ହେବାପରେ ପୁଣ୍ୟଲୋକ ପ୍ରାପ୍ତ ହେବି— ଏଭଳି କହି ହବିଃ ସମର୍ପଣ କରିବେ ଏବଂ ପରିଘ(ଅର୍ଗଳା)କୁ ନଷ୍ଟକରିବେ । ଏଭଳିକରି ଉତ୍ଥାନପୂର୍ବକ ପ୍ରାତଃସବନ ସମାପ୍ତ କରିବେ ।।୬।।

ପୁରା ମାଧ୍ୟନ୍ଦିନସ୍ୟ ସବନସ୍ୟୋପାକରଣାଜ୍ଜଘନେନାଗ୍ନୀ-ଧ୍ରୀୟସ୍ୟୋଦଙ୍‌ମୁଖ ଉପବିଶ୍ୟ ସ ରୌଦ୍ରଁସାମାଭିଗାୟତି ।।୭।।

ଲୋ୩ କଦ୍ୱାରମପାବା୩ ର୍ଣ୍ଣୂ ୩୩ ପଶ୍ୟେମ ତ୍ୱା ବୟଂ ବୈରା ୩୩୩୩୩ ହୁ ୩ ମ୍ ଆ ଜ୍ୟା ୩ ଯୋ ୩ ଆ ୩୨୧୧୧ ଇତି ।।୮।।

ଅଥ ଜୁହୋତି ନମୋ ବାୟବେଽନ୍ତରିକ୍ଷକ୍ଷିତେ ଲୋକକ୍ଷିତେ ଲୋକଂ ମେ ଯଜମାନାୟ ବିନ୍ଦେଷ ବୈ ଯଜମାନସ୍ୟ ଲୋକ ଏତାସ୍ମି ।।୯।।

ଅତ୍ର ଯଜମାନଃ ପରସ୍ତାଦାୟୁଷଃ ସ୍ୱାହାପଜହି ପରିଘମିତ୍ୟୁକ୍ତ୍ୱୋତ୍ତିଷ୍ଠତି ତସ୍ମୈ ରୁଦ୍ରା ମାଧ୍ୟନ୍ଦିନଁ ସବନଁସମ୍ପ୍ରୟଚ୍ଛନ୍ତି ।।୧୦।।

ମଧ୍ୟାହ୍ନ କାଳରେ ଦକ୍ଷିଣାଗ୍ନିକୁ ପଛଆଡୁ ଉତ୍ତରାଭିମୁଖ ଭାବରେ ବସି ରୁଦ୍ରଦେବତା ସମ୍ବନ୍ଧୀ ସାମଙ୍କର ଗାନକରିବେ । କହିବେ— 'ହେ ବାୟୋ ! ତୁମେ

ଅନ୍ତରୀକ୍ଷଲୋକର ଦ୍ୱାର ଖୋଲିଦିଅ, ଯାହାଦ୍ୱାରା ବୈରାଜ୍ୟ ପଦ ପ୍ରାପ୍ତି ସହ ଆମେ ଆପଣଙ୍କ ଦର୍ଶନ କରିପାରିବୁ ।' ତଦୁପରେ— 'ଅନ୍ତରୀକ୍ଷରେ ନିବାସ କରୁଥିବା ବାୟୁଦେବଙ୍କୁ ନମସ୍କାର । ମୋ'ଭଳି ଯଜମାନଙ୍କୁ ଆପଣ ଅନ୍ତରୀକ୍ଷଲୋକ ପ୍ରାପ୍ତିକରାନ୍ତୁ । ଏହା ନିଶ୍ଚିତଭାବେ ଯଜମାନ ଲୋକ ଅଟେ, ତେଣୁ ମୁଁ ତାହାକୁ ପ୍ରାପ୍ତ ହେବି'— ଉଚ୍ଚାରଣ କରିବେ । ତାପରେ 'ମୁଁ ଆୟୁ ସମାପ୍ତାନ୍ତର ଅନ୍ତରୀକ୍ଷ ଲୋକ ପ୍ରାପ୍ତ ହେବି' ବୋଲି କାମନା କରି ହବନ ପ୍ରଦାନ କରିବେ । ତାପରେ ଲୋକଦ୍ୱାରର ଅର୍ଗଳାକୁ ଦୂରକରି ଉତ୍ଥାନ କରିବେ । ରୁଦ୍ରଗଣ ଏହାଙ୍କୁ ମଧ୍ୟାହ୍ନ ସବନ ପ୍ରଦାନ କରନ୍ତି ।

ପୁରା ତୃତୀୟସବନସ୍ୟୋପାକରଣାଜ୍ଜଘନେନାହବନୀୟସ୍ୟୋଦଙ୍‌ମୁଖ ଉପବିଶ୍ୟ ସ ଆଦିତ୍ୟଁ ସ ବୈଶ୍ୱଦେବଁ‌ସାମାଭିଗାୟତି ॥୧୧॥

ଲୋ ୩ କଦ୍ୱାରମପାବା୩ ର୍ଣୂ ୩୩ ପଶ୍ୟେମ ତ୍ୱା ବୟଁସ୍ୱାରା ୩୩୩୩୩ ହୁ ୩ ମ୍ ଆ ୩୩ ଜ୍ୟା ୩ ଯୋ ୩ ଆ ୩୨୧୧୧ ଇତି ॥୧୨॥

ଆଦିତ୍ୟମଥ ବୈଶ୍ୱଦେବଂ ଲୋ୩କଦ୍ୱାରମପାବା ୩ ର୍ଣୂ ୩୩ ପଶ୍ୟେମ ତ୍ୱା ବୟଁ ସାମ୍ରା ୩୩୩୩୩ ହୁ ୩ ମ୍ ଆ ୩୩ ଜ୍ୟା ୩ ଯୋ ୩ ଆ ୩୨୧୧୧ ଇତି ॥୧୩॥

ଅଥ କୁହୋତି ନମ ଆଦିତ୍ୟେଭ୍ୟଶ୍ଚ ବିଶ୍ୱେଭ୍ୟଶ୍ଚ ଦେବେଭ୍ୟୋ ଦିବିକ୍ଷି–ଭ୍ୟୋ ଲୋକକ୍ଷିଭେ ୍ୟା ଲୋକଂ ମେ ଯଜମାନାୟ ବିନ୍ଦତ ॥୧୪॥

ଏଷ ବୈ ଯଜମାନସ୍ୟ ଲୋକ ଏତାସ୍ମ୍ୟତ୍ର ଯଜମାନଃ ପରସ୍ତାଦାୟୁଷଃ ସ୍ୱାହାପହତ ପରିଘମିତ୍ୟୁକ୍ତ୍ୱୋତ୍ତିଷ୍ଠତି ॥୧୫॥

ତସ୍ମା ଆଦିତ୍ୟାଶ୍ଚ ବିଶ୍ୱେ ଚ ଦେବାସ୍ତୃତୀୟସବନଁ‌ସମ୍ପ୍ରଯଚ୍ଛନ୍ତ୍ୟେଷ ହ ବୈ ଯଜ୍ଞସ୍ୟ ମାତ୍ରାଂ ବେଦ ଯ ଏବଂ ବେଦ ଯ ଏବଂ ବେଦ ॥୧୬॥

ତୃତୀୟ ସବନ ଆରମ୍ଭ କରିବା ପୂର୍ବରୁ ଯଜମାନ ଆହବନୀୟ ଅଗ୍ନିଙ୍କୁ ପଛଆଡୁ ଉତ୍ତରାଭିମୁଖ ଭାବରେ ବସି ଆଦିତ୍ୟ ଏବଂ ବିଶ୍ୱେଦେବ ସମ୍ବନ୍ଧୀ ସାମଗାନ କରିବେ । ଲୋକର ଦ୍ୱାର ଖୋଲିଦିଅ ଯଦ୍ୱାରା ଆମେ ସ୍ୱରାଜ୍ୟ ପ୍ରାପ୍ତକରି ତୁମର ଦର୍ଶନ କରିପାରିବୁ । ଏହା ଆଦିତ୍ୟ ସମ୍ବନ୍ଧୀ ସାମ ଅଟେ । ଏବେ ବିଶ୍ୱେଦେବ ସମ୍ବନ୍ଧୀ ସାମ କୁହାଯାଉଛି— ଲୋକର ଦ୍ୱାର ଖୋଲିଦିଅ, ଯଦ୍ୱାରା ଆମେ ସାମ୍ରାଜ୍ୟ ପ୍ରାପ୍ତି ପାଇଁ ତୁମର ଦର୍ଶନ କରିପାରିବୁ । ତତ୍‌ପଶ୍ଚାତ୍ ଯଜମାନ ଏହି ଉପରୋକ୍ତ ମନ୍ତ୍ରୋଚ୍ଚାରଣ

କରି ହବନ କରିବେ ।

ସ୍ୱର୍ଗଲୋକରେ ରହୁଥିବା ଦ୍ୟୁଲୋକ ନିବାସୀ ଆଦିତ୍ୟ ଓ ବିଶ୍ୱେଦେବଙ୍କୁ ନମସ୍କାର । ମୋ'ଭଳି ଯଜମାନଙ୍କୁ ଆପଣ ପୁଣ୍ୟଲୋକ ପ୍ରାପ୍ତିକରାନ୍ତୁ । ଏହା ନିଶ୍ଚିତ ଅଟେ କି, ଉପରୋକ୍ତ ଲୋକଦ୍ୱୟ ଯଜମାନଙ୍କର ଅଟେ । ମୁଁ ତାହାକୁ ପ୍ରାପ୍ତ କରିବି । ଏଠାରେ ଯଜମାନ ଆୟୁସମାପ୍ତ ହେବାପରେ ତାହାକୁ ପ୍ରାପ୍ତକରିବି ବୋଲି ସ୍ୱାହା ପ୍ରଦାନ କରିଥାଆନ୍ତି ଅର୍ଥାତ୍ ଏଭଳି କହି ହବନ କରନ୍ତି ଏବଂ ଲୋକଦ୍ୱାରର ଅର୍ଗଳାକୁ ଦୂରକରାନ୍ତୁ— ଏଭଳି କହି ଉତ୍ଥାନ କରିଥାନ୍ତି । ସେହିଭଳି ଯଜମାନଙ୍କୁ ଆଦିତ୍ୟ ଓ ବିଶ୍ୱେଦେବ ତୃତୀୟ ସବନ ପ୍ରଦାନକରନ୍ତି। ଯିଏ ଏଭଳି ଜାଣନ୍ତି, ଯିଏ ଏହାକୁ ଏହିଭଳି ଭାବରେ ଅବଗତ ଅଟନ୍ତି, ସେ ନିଶ୍ଚିତଭାବରେ ଯଜ୍ଞର ମାତ୍ରା ଅର୍ଥାତ୍ ଯଜ୍ଞର ଯଥାର୍ଥ ସ୍ୱରୂପ ଅବଗତ ଅଟନ୍ତି । ସେ ହିଁ ଯଜ୍ଞ କରିବାକୁ ସକ୍ଷମ ବୋଲାଇପାରନ୍ତି ।।୧୧-୧୬।।

ଇତିଛାନ୍ଦୋଗ୍ୟୋପନିଷଦି ଦ୍ୱିତୀୟାଧ୍ୟାୟେ ଚତୁର୍ବିଂଶ ଖଣ୍ଡଂ ସମ୍ପୂର୍ଣ୍ଣମ୍

ଦ୍ୱିତୀୟୋଽଧ୍ୟାୟଃ ସମ୍ପୂର୍ଣ୍ଣଃ ।।୨।।

ତୃତୀୟୋଧ୍ୟାୟ

'ଆଦିତ୍ୟ ଓ ଅମୃତ ଉପାସନା'

(ତୃତୀୟ ଅଧ୍ୟାୟ-ପ୍ରଥମଖଣ୍ଡ)

୧. ଆଦିତ୍ୟଙ୍କୁ ମଧୁ ରୂପେ କଳ୍ପନା

ଓଁ ଅସୌ ବା ଆଦିତ୍ୟୋ ଦେବମଧୁ ତସ୍ୟ ଦ୍ୟୌରେବ ତିରଶ୍ଚୀନବଁଶୋଽନ୍ତରିକ୍ଷମପୂପୋ ମରୀଚୟଃ ପୁତ୍ରାଃ ।।୧।।
ତସ୍ୟ ଯେ ପ୍ରାଞ୍ଚୋ ରଶ୍ମୟସ୍ତା ଏବାସ୍ୟ ପ୍ରାଚ୍ୟୋ ମଧୁନାଡ୍ୟଃ । ଋଚ ଏବ ମଧୁକୃତ ଋଗ୍‌ବେଦ ଏବ ପୁଷ୍ପଂ ତା ଅମୃତା ଆପସ୍ତା ବା ଏତା ଋଚଃ ।।୨।।
ଏତମୃଗ୍‌ବେଦମଭ୍ୟତପଁସ୍ତସ୍ୟାଭିତପ୍ତସ୍ୟ ଯଶସ୍ତେଜ ଇନ୍ଦ୍ରିୟଂ ବୀର୍ଯ୍ୟମନ୍ନାଦ୍ୟଁ ରସୋଽଜାୟତ ।।୩।।
ତଦ୍ୱ୍ୟକ୍ଷରତ୍ତଦାଦିତ୍ୟମଭିତୋଽଶ୍ରୟତ୍ତଦ୍ୱାଏତଦ୍ୟଦେତଦାଦିତ ୟସ୍ୟ ରୋହିତଁରୂପମ୍ ।।୪।।

ଏହି ଆଦିତ୍ୟ ନିଶ୍ଚିତରୂପେ ଦେବଗଣଙ୍କର ମଧୁ ଅଟନ୍ତି । ଦ୍ୟୁଲୋକ ତାଙ୍କର ତୀର୍ଯ୍ୟକ୍ ବାସ ଅଟେ ଅର୍ଥାତ୍ ଯାହାଉପରେ ସେ ଓଲଟା ଭାବରେ ବିରାଜମାନ କରନ୍ତି । ଅନ୍ତରୀକ୍ଷ ଛତ୍ର ସଦୃଶ ଅଟେ ଆଉ କିରଣ ସନ୍ତାନସନ୍ତତି ସଦୃଶ ଅଟନ୍ତି ।।୧।।

ଉକ୍ତ ଆଦିତ୍ୟଙ୍କର ଯେଉଁ ପୂର୍ବଦିଗାନ୍ତବର୍ତ୍ତୀ କିରଣ ରହିଛି, ତାହା ଅନ୍ତରୀକ୍ଷ ରୂପୀ ଛତ୍ର ତଳେ ରହିଛନ୍ତି । ଋକ୍ ମଧୁକର ଅଟେ, ଋକ୍‌ବେଦ ପୁଷ୍ପ ଅଟେ । ସୋମାଦି ଅମୃତ, ଜଳ ସଦୃଶ ଅଟନ୍ତି । ତାଙ୍କର ଏହି ଋକ୍ (ରୂପା ମଧୁକର) ହିଁ ଏହି ଋକ୍‌ବେଦକୁ ଅଭିତାପ କରନ୍ତି । ସେହି ଅଭିତପ୍ତ ଋକ୍‌ବେଦରୁ ଯଶ, ତେଜ, ଇନ୍ଦ୍ରିୟ, ବୀର୍ଯ୍ୟ ଓ ଅନ୍ନାଦି ରୂପ ରସର ଉନ ହୋଇଛି ।।୨-୩।।

ଉକ୍ତ ଯଶ ଆଦି ରସ ବିଶେଷ ରୂପରେ ଆଦିତ୍ୟଙ୍କ ପୂର୍ବଭାଗରେ ଆଶ୍ରୟ ନେଇଛନ୍ତି । ଏଇ ଯେଉଁ ଆଦିତ୍ୟଙ୍କର ଲୋହିତ ଲାଲ ରୂପ ରହିଛି, ତାହା ରସ ଅଟେ ।।୧-୪।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ପ୍ରଥମ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ଦ୍ୱିତୀୟ ଖଣ୍ଡ)

୨. ଆଦିତ୍ୟଙ୍କର ଦକ୍ଷିଣସ୍ଥିତ କିରଣରେ ମଧୁନାଡୀର ପରିକଳ୍ପନା

ଅଥ ଯେଽସ୍ୟ ଦକ୍ଷିଣା ରଶ୍ମୟସ୍ତା ଏବାସ୍ୟ ଦକ୍ଷିଣା ମଧୁନାଡ୍ୟୋ ଯଜୂଁଷ୍ୟେବ ମଧୁକୃତୋ ଯଜୁର୍ବେଦ ଏବ ପୁଷ୍ପଂ ତା ଅମୃତା ଆପଃ ।।୧।।

ତାନି ବା ଏତାନି ଯଜୂଁଷ୍ୟେତଂ ଯଜୁର୍ବେଦ-ମଭ୍ୟତପଁସ୍ତସ୍ୟାଭିତପ୍ତସ୍ୟ ଯଶସ୍ତେଜ ଇନ୍ଦ୍ରିୟଂ ବୀର୍ଯ୍ୟମନ୍ନାଦ୍ୟଁ ରସୋଽଜାୟତ ।।୨।।

ତଦ୍ୱ୍ୟକ୍ଷରଉଦାଦିତ୍ୟମଭିତୋଽଶ୍ରୟଉଦ୍ୱା ଏତଦ୍ୟଦେତଦା-ଦିତ୍ୟସ୍ୟ ଶୁକ୍ଲଁ ରୂପମ୍ ।।୩।।

ତାଙ୍କର ଯେଉଁ ଦକ୍ଷିଣ ଦିଗାନ୍ତର୍ଗତ କିରଣ ରହିଛନ୍ତି ତାଙ୍କୁ ଦକ୍ଷିଣ ଦିଶାବର୍ତ୍ତିନୀ ମଧୁନାଡୀ କୁହାଯାଏ । ଏଠାରେ ଯଜୁଃ ଶ୍ରୁତି ହିଁ ମଧୁକର ଅଟେ । ଯଜୁର୍ବେଦ ପୁଷ୍ପ, ତଥା ଉକ୍ତ ସୋମାଦି ରୂପ ଅମୃତ ଜଳ ଅଟନ୍ତି ।।୧।।

ତାଙ୍କର ଏହି ଯଜୁଃଶ୍ରୁତିରେ ଯଜୁର୍ବେଦର ଅଭିତାପ କରାଯାଏ । ସେହି ଅଭିତପ୍ତ ଯଜୁର୍ବେଦରୁ ଯଶ, ତେଜ, ଇନ୍ଦ୍ରିୟ, ବୀର୍ଯ୍ୟ ଓ ଅନ୍ନାଦି ରୂପ ରସ ଉନ ହୋଇଛନ୍ତି ।।୨।।

ସେହି ରସ ବିଶେଷରୂପେ ଯାଇ ଆଦିତ୍ୟଙ୍କର ଦକ୍ଷିଣପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି । ଆଦିତ୍ୟଙ୍କର ଏହି ଯେଉଁ ଶୁକ୍ଳରୂପ ରହିଛି ତାହା ହିଁ ଏହି ପ୍ରମାଣ ଅଟେ ।।୩।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଦ୍ୱିତୀୟ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ତୃତୀୟ ଖଣ୍ଡ)

୩. ପଶ୍ଚିମ ଦିଗ କିରଣରେ ମଧୁନାଡୀର ପରିକଳ୍ପନା

ଅଥ ଯେଽସ୍ୟ ପ୍ରତ୍ୟଞ୍ଚୋ ରଶ୍ମୟସ୍ତା ଏବାସ୍ୟ ପ୍ରତୀଚ୍ୟୋ ମଧୁନାଡ୍ୟଃ ସାମାନ୍ୟେବ ମଧୁକୃତଃ ସାମବେଦ ଏବ ପୁଷ୍ପଂ ତା

ଅମୃତା ଆପ ।।୧।।
ତାନି ବା ଏତାନି ସାମାନ୍ୟେତ୍ତଁସାମବେଦ-ମଭ୍ୟତପଁସ୍ତସ୍ୟାଭିତପ୍ତସ୍ୟ ଯଶସ୍ତେଜ ଇନ୍ଦ୍ରିୟଂ ବୀର୍ଯ୍ୟମନ୍ନାଦ୍ୟଁ ରସୋଽଜାୟତ ।।୨।।
ତଦ୍ବ୍ୟକ୍ଷରଉଦାଦିତ୍ୟମଭିତୋଽଶ୍ରୟଉଦ୍ଧା ଏତଦ୍ୟଦେତଦା-ଦିତ୍ୟସ୍ୟ କୃଷ୍ଣରୂପମ୍ ।।୩।।

ପଶ୍ଚିମ ଦିଗାନ୍ତବର୍ତ୍ତୀ ଯେଉଁ କିରଣଗୁଡ଼ିକ ରହିଛନ୍ତି, ସେମାନେ ପଶ୍ଚିମୀୟ ମଧୁନାଡୀ ଅଟନ୍ତି । ସାମ ଶ୍ରୁତି ମଧୁକର ଅଟନ୍ତି, ସାମବେଦାନ୍ତର୍ଗତ କର୍ମ ପୁଷ୍ପ ଅଟେ ଏବଂ ସୋମାଦିରୂପ ଅମୃତ ଜଳ ଅଟନ୍ତି । ତାଙ୍କର ଏହି ସାମ ଶ୍ରୁତିଗଣ ଏହି ସାମବେଦ ବିହିତ କର୍ମର ଅଭିତାପ କରିଛନ୍ତି । ସେହି ଅଭିତପ୍ତ ସାମୁବେଦରୁ ଯଶ, ତେଜ, ଇନ୍ଦ୍ରିୟ, ବୀର୍ଯ୍ୟ ଓ ଅନ୍ନାଦ୍ୟ ରୂପ ରସ ଉନ ହୋଇଛନ୍ତି । ସେହି ରସ ବିଶେଷରୂପେ ଯାଇ ଆଦିତ୍ୟଙ୍କର ପଶ୍ଚିମପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି । ଆଦିତ୍ୟଙ୍କର ଏହି ଯେଉଁ କୃଷ୍ଣତେଜ ରହିଛି ତାହା ହିଁ ତାଙ୍କର ପ୍ରମାଣ ।।୧-୩।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ତୃତୀୟ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ଚତୁର୍ଥ ଖଣ୍ଡ)

୪. ଉତ୍ତରଦିଗ କିରଣରେ ମଧୁନାଡୀର ପରିକଳ୍ପନା

ଅଥ ଯେଽସ୍ୟୋଦଞ୍ଚୋ ରଶ୍ମୟସ୍ତା ଏବାସ୍ୟୋଦୀଚ୍ୟୋ ମଧୁନାଡ୍ୟୋଽଥର୍ବାଙ୍ଗିରସ ଏବ ମଧୁକୃତ ଇତିହାସପୁରାଣଂ ପୁଷ୍ପଂ ତା ଅମୃତା ଆପଃ ।।୧।।
ତେ ବା ଏତେଽଥର୍ବାଙ୍ଗିରସ ଏତଦିତିହାସପୁରାଣମଭ୍ୟ-ତପଁସ୍ତସ୍ୟାଭିତପ୍ତସ୍ୟ ଯଶସ୍ତେଜ ଇନ୍ଦ୍ରିୟଂ ବୀର୍ଯ୍ୟମନ୍ନାଦ୍ୟଁ ରସୋଽଜାୟତ ।।୨।।
ତଦ୍ବ ୟକ୍ଷରଉଦାଦିତ୍ୟମଭିତୋଽଶ୍ରୟଉଦ୍ଧା ଏତଦ୍ୟଦେତଦା-ଦିତ୍ୟସ୍ୟ ପରଂ କୃଷ୍ଣଁରୂପମ୍ ।।୩।।

ତାଙ୍କର ଯେଉଁ ଉତ୍ତରଦିଗାନ୍ତବର୍ତ୍ତୀ କିରଣ ରହିଛନ୍ତି, ତାଙ୍କୁ ଉତ୍ତରଦିଶାନ୍ତବର୍ତ୍ତୀ ମଧୁନାଡୀ କୁହାଯାଏ । ଅଥର୍ବାଙ୍ଗିରସ ଶ୍ରୁତି ହିଁ ତାଙ୍କର ମଧୁକର ଅଟନ୍ତି । ଇତିହାସ,

ପୁରାଣ ପୁଷ୍ପ ଅଟନ୍ତି । ସୋମାଦି ରୂପ ଅମୃତ ଜଳ ଅଟନ୍ତି । ସେହି ଅଥର୍ବାଙ୍ଗି ରସ ଶ୍ରୁତି ଉକ୍ତ ଇତିହାସ ପୁରାଣଙ୍କୁ ଅଭିତପ୍ତ କରିଛନ୍ତି । ସେହି ଅଭିତପ୍ତ ଇତିହାସ ପୁରାଣରୁ ଯଶ, ତେଜ, ଇନ୍ଦ୍ରିୟ, ବୀର୍ଯ୍ୟ ଓ ଅନ୍ନାଦ୍ୟ ରୂପ ରସ ଉନ ହୋଇଛନ୍ତି । ସେହି ରସ ବିଶେଷରୂପେ ଯାଇ ଆଦିତ୍ୟଙ୍କର ଉତ୍ତରପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି । ଆଦିତ୍ୟଙ୍କର ଏହି ଯେଉଁ ଅତ୍ୟନ୍ତ କୃଷ୍ଣରୂପ ରହିଛି ତାହା ହିଁ ଏହାଙ୍କର ପ୍ରମାଣ ଅଟେ ।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଚତୁର୍ଥ ଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ପଞ୍ଚମ ଖଣ୍ଡ)

୫.ଉର୍ଦ୍ଧ୍ୱରଶ୍ମିମାନଙ୍କରେ ମଧୁନାଡୀ ପରିକଳ୍ପନା

ଅଥ ଯେଽସ୍ୟୋର୍ଧ୍ୱାରଶ୍ମୟସ୍ତା ଏବାସ୍ୟୋର୍ଧ୍ୱା ମଧୁନାଡ୍ୟୋ ଗୁହ୍ୟା ଏବାଦେଶା ମଧୁକୃତୋ ବ୍ରହ୍ମୈବ ପୁଷ୍ପଂ ତା ଅମୃତା ଆପଃ ॥୧॥
ତେ ବା ଏତେ ଗୁହ୍ୟା ଆଦେଶା ଏତଦ୍‌ବ୍ରହ୍ମାଭ୍ୟତପଁସ୍ତସ୍ୟାଭିତପ୍ତ ସ୍ୟ ଯଶସ୍ତେଜ ଇନ୍ଦ୍ରିୟଂ ବୀର୍ଯ୍ୟମନ୍ନାଦ୍ୟଁ୍‌ରସୋଽଜାୟତ ॥୨॥
ତଦ୍ୱ୍ୟକ୍ଷରତ୍ତଦାଦିତ୍ୟମଭିତୋଽଶ୍ରୟତ୍ତଦ୍ୱା ଏତଦ୍ୟଦେତଦା-ଦିତ୍ୟସ୍ୟ ମଧ୍ୟେ କ୍ଷୋଭତ ଇବ ॥୩॥
ତେ ବା ଏତେ ରସାନାଁରସା ବେଦା ହି ରସାସ୍ତେଷାମେତେ ରସାସ୍ତାନି ବା ଏତାନ୍ୟମୃତାନାମମୃତାନି ବେଦା ହ୍ୟମୃତାସ୍ତେଷାମେତାନ୍ୟମୃତାନି ॥୪॥

ତାଙ୍କର ଯେଉଁ ଉର୍ଦ୍ଧ୍ୱରଶ୍ମିରୂପ କିରଣ ରହିଛନ୍ତି, ତାଙ୍କୁ ଉର୍ଦ୍ଧ୍ୱଦିଗାନ୍ତବର୍ତ୍ତୀ ମଧୁନାଡୀ କୁହାଯାଏ । ଗୁହ୍ୟ ଆଦେଶ ହିଁ ତାଙ୍କର ମଧୁକର ଅଟନ୍ତି । ପ୍ରଣବରୂପ ବ୍ରହ୍ମ ପୁଷ୍ପ ଅଟନ୍ତି । ସୋମାଦି ରୂପ ଅମୃତ ଜଳ ଅଟନ୍ତି ॥୧॥

ସେହି ଗୁହ୍ୟ ଆଦେଶ ଉକ୍ତ ପ୍ରଣବସଂଜ୍ଞକ ବ୍ରହ୍ମଙ୍କୁ ଅଭିତପ୍ତ କରିଛନ୍ତି । ସେହି ଅଭିତପ୍ତ ବ୍ରହ୍ମଙ୍କଠାରୁ ଯଶ, ତେଜ, ଇନ୍ଦ୍ରିୟ, ବୀର୍ଯ୍ୟ ଓ ଅନ୍ନାଦ୍ୟ ରୂପ ରସ ଉନ ହୋଇଛନ୍ତି ॥୨॥

ସେହି ରସ ବିଶେଷରୂପେ ଯାଇ ଆଦିତ୍ୟଙ୍କର ଉର୍ଦ୍ଧ୍ୱଭାଗରେ ଆଶ୍ରୟ ନେଇଛନ୍ତି । ଆଦିତ୍ୟଙ୍କର ଏହି ଯେଉଁ ଅତ୍ୟନ୍ତ କ୍ଷୁବ୍ଧ ରୂପ ରହିଛି ତାହା ମଧୁ ଅଟେ । ସେମାନେ

ପୂର୍ବୋକ୍ତ ଲୋହିତାଦି ରୂପରେ ରସମାନଙ୍କର ରସ ହୋଇଛନ୍ତି । ବେଦ ରସ ଅଟନ୍ତି ଆଉ ଏମାନେ ତାଙ୍କର ମଧ ରସ ଅଟନ୍ତି । ସେ ହିଁ ଉକ୍ତ ଅମୃତଙ୍କର ଅମୃତ ଅଟନ୍ତି ଅର୍ଥାତ୍ ବେଦ ହିଁ ଅମୃତ ଅଟେ ଆଉ ଏମାନେ ତାଙ୍କର ଅମୃତ ଅଟନ୍ତି ।।୩-୪।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ପଞ୍ଚମଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ଷଷ୍ଠଖଣ୍ଡ)

୬. ବସୁମାନଙ୍କ ଜୀବନ ଆଧାରରେ ପ୍ରାକ୍ ଅମୃତର ଉପାସନା

ତଦ୍ୟତ୍ପ୍ରଥମମମୃତଂ ତଦ୍ୱସବ ଉପଜୀବନ୍ତ୍ୟଗ୍ନିନା ମୁଖେନ ନ ବୈ ଦେବା ଅଶ୍ନନ୍ତି ନ ପିବନ୍ତ୍ୟେତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟନ୍ତି ।।୧।।
ତ ଏତଦେବ ରୂପମଭିସଂବିଶନ୍ତ୍ୟେତସ୍ମାଦ୍ରୂପାଦୁଦ୍ୟନ୍ତି ।।୨।।
ସ ଯ ଏତଦେବମମୃତଂ ବେଦ ବସୂନାମେବୈକୋ ଭୂତ୍ୱାଗ୍ନିନୈବ ମୁଖେନୈତଦେବାମୃତଂ ଦଷ୍ଟ୍ୱା ତୃପ୍ୟତି ସ ଏତଦେବ ରୂପମଭିସଂବିଶତ୍ୟେତସ୍ମାଦ୍ରୂପାଦୁଦେତି ।।୩।।
ସ ଯାବଦାଦିତ୍ୟଃ ପୁରସ୍ତାଦୁଦେତା ପଶ୍ଚାଦସ୍ତମେତା ବସୂନାମେବ ତାବଦାଧିପତ୍ୟଁ ସ୍ୱାରାଜ୍ୟଂ ପର୍ଯ୍ୟେତା ।।୪।।

ଏଥିରେ ଯେଉଁ ପ୍ରାକ୍ ଅମୃତ ରହିଛି, ତହିଁରେ ବସୁଗଣ ଅଗ୍ନିପ୍ରଧାନ ହୋଇ ଜୀବନଧାରଣ କରନ୍ତି । ଦେବଗଣ ନାଁ ଭୋଜନ କରନ୍ତି, ନାଁ ପାନ କରନ୍ତି । ସେମାନେ ଉକ୍ତ ଅମୃତକୁ ଦେଖି ଦେଖି ତୃପ୍ତ ହୁଅନ୍ତି ।।୧।।

ଉକ୍ତ ଦେବଗଣ ସେହି ରୂପକୁ ଲକ୍ଷ୍ୟକରି ଉଦାସୀନ ହୋଇଯାଆନ୍ତି ଆଉ ପୁନଶ୍ଚ ତହିଁରେ ଉତ୍ସାହିତ ହୁଅନ୍ତି ।।୨।।

ଯେଉଁମାନେ ତାଙ୍କୁ ଏହିଭଳି ଜାଣନ୍ତି, ସେମାନେ ଜନୈକ ବସୁ ହୋଇ ଅଗ୍ନିଙ୍କର ପ୍ରାଧାନ୍ୟତାରୁ ତହିଁରେ ବୃଷ୍ଟିପାତ କରି ତୃପ୍ତ ହୁଅନ୍ତି । ସେ ଉକ୍ତ ରୂପକୁ ଲକ୍ଷ୍ୟକରି ଉଦାସୀନ ହୋଇଯାଆନ୍ତି ଆଉ ସେହି ରୂପରେ ଉତ୍ସାହିତ ହୁଅନ୍ତି ।।୩।।

ଯେତିକି ସମୟ ବ୍ୟବଧାନରେ ଆଦିତ୍ୟ ପୂର୍ବରେ ଉଦୟ ଓ ପଶ୍ଚିମରେ ଅସ୍ତ ହୁଅନ୍ତି, ସେତିକି ସମୟ ଅବଧି (ପର୍ଯ୍ୟନ୍ତ) ବସୁମାନଙ୍କର ଆଧିପତ୍ୟ ତଥା ସ୍ୱରାଜ୍ୟ ପ୍ରାପ୍ତି

ହୁଅନ୍ତି ।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଷଷ୍ଠଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ସପ୍ତମ ଖଣ୍ଡ)

୭.ରୁଦ୍ରଙ୍କ ଜୀବନ ଆଧାରରେ ଦ୍ୱିତୀୟ ଅମୃତଙ୍କର ଉପାସନା

ଅଥ ଯଦ୍‌ଦ୍ୱିତୀୟମମୃତଂ ତଦ୍ରୁଦ୍ରା ଉପଜୀବନ୍ତୀନ୍ଦ୍ରେଣ ମୁଖେନ ନ ବୈ ଦେବା ଅଶ୍ନନ୍ତି ନ ପିବନ୍ତ୍ୟେତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟନ୍ତି ।।୧।।
ତ ଏତଦେବ ରୂପମଭିସଂବିଶନ୍ତ୍ୟେ-ତସ୍ମାଦ୍ରୂପାଦୁଦ୍ୟନ୍ତି ।।୨।।
ସ ଯ ଏତଦେବମମୃତଂ ବେଦ ରୁଦ୍ରାଣାମେବୈକୋ ଭୂତ୍ୱେନ୍ଦ୍ରେଣୈବ ମୁଖେନୈତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟତି ସ ଏତଦେବ ରୂପମଭି ସଂବିଶତ୍ୟେତସ୍ମାଦ୍ରୂପାଦୁଦେତି ।।୩।।
ସ ଯାବଦାଦିତ୍ୟଃ ପୁରସ୍ତାଦୁଦେତା ପଶ୍ଚାଦସ୍ତମେତା ଦ୍ୱିସ୍ତାବଦ୍ଦକ୍ଷିଣତ ଉଦେତୋତ୍ତରତୋଽସ୍ତମେତା ରୁଦ୍ରାଣାମେବ ତାବଦାଧିପତ୍ୟଁ ସ୍ୱାରାଜ୍ୟଂ ପର୍ଯ୍ୟେତା ।।୪।।

ଏଥିରେ ଯେଉଁ ଦ୍ୱିତୀୟ ଅମୃତ ରହିଛନ୍ତି, ତହିଁରୁ ରୁଦ୍ରଗଣ ଇନ୍ଦ୍ରପ୍ରଧାନ ହୋଇ ତାଙ୍କୁ ଆଶ୍ରାକରି ଜୀବନଧାରଣ କରନ୍ତି । ଦେବଗଣ ନାଁ ଭୋଜନ କରନ୍ତି, ନାଁ ପାନ କରନ୍ତି । ସେମାନେ ଉକ୍ତ ଅମୃତକୁ ଦେଖି ଦେଖି ତୃପ୍ତ ହୁଅନ୍ତି । ଉକ୍ତ ଦେବଗଣ ସେହି ରୂପକୁ ଲକ୍ଷ୍ୟକରି ଉଦାସୀନ ହୋଇଯାଇଛନ୍ତି ଆଉ ପୁନଶ୍ଚ ତହିଁରେ ଉଦ୍ୟମଶୀଳ ହୁଅନ୍ତି । ଯେଉଁମାନେ ତାଙ୍କୁ ଏହିଭଳି ଜାଣନ୍ତି, ସେମାନେ ରୁଦ୍ରମାନଙ୍କ ମଧ୍ୟରୁ କେହିଜଣେ ହୋଇ ଇନ୍ଦ୍ର ପ୍ରଧାନତା ପ୍ରତିପାଦନ ପୂର୍ବକ ଅର୍ଥାତ୍ ତାଙ୍କୁ ଅବଲୋକନକରି ତୃପ୍ତ ହୁଅନ୍ତି । ସେ ଉକ୍ତ ରୂପକୁ ଲକ୍ଷ୍ୟକରି ଉଦାସୀନ ହୋଇଯାଆନ୍ତି ଆଉ ସେହି ରୂପରେ ଉଦ୍ୟମଶୀଳ ହୁଅନ୍ତି । ଯେତିକି ସମୟ ବ୍ୟବଧାନରେ ଆଦିତ୍ୟ ପୂର୍ବରେ ଉଦୟ ଓ ପଶ୍ଚିମରେ ଅସ୍ତ ହୁଅନ୍ତି, ତାହାର ଦ୍ୱିଗୁଣ ସମୟ ଅବଧି ପର୍ଯ୍ୟନ୍ତ ରୁଦ୍ରମାନଙ୍କର ଆଧିପତ୍ୟ ତଥା ସ୍ୱରାଜ୍ୟ ପ୍ରାପ୍ତ ହୁଅନ୍ତି ।।୧-୪।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ସପ୍ତମଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ଅଷ୍ଟମ ଖଣ୍ଡ)

୮.ଆଦିତ୍ୟଙ୍କ ଜୀବନ ଆଧାରରେ ତୃତୀୟ ଅମୃତଙ୍କର ଉପାସନା

ଅଥ ଯତ୍ତୃତୀୟମମୃତଂ ତଦାଦିତ୍ୟା ଉପଜୀବନ୍ତି ବରୁଣେନ ମୁଖେନ ନ ବୈ ଦେବା ଅଶ୍ନନ୍ତି ନ ପିବନ୍ତ୍ୟେତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟନ୍ତି ।।୧।।

ତ ଏତଦେବ ରୂପମଭିସଂବିଶନ୍ତ୍ୟେତସ୍ମାଦ୍ରୂପାଦୁଦ୍ୟନ୍ତି ।।୨।।

ସ ଯ ଏତଦେବମମୃତଂ ବେଦାଦିତ୍ୟାନାମେବୈକୋ ଭୂତ୍ୱା ବରୁଣେନୈବ ମୁଖେନୈତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟତି ସ ଏତଦେବ ରୂପମଭି ସଂବିଶତ୍ୟେତସ୍ମାଦ୍ରୂପାଦୁଦେତି ।।୩।।

ସ ଯାବଦାଦିତ୍ୟୋ ଦକ୍ଷିଣତ ଉଦେତୋତ୍ତରତୋଽସ୍ତମେତା ଦ୍ୱିସ୍ତାବତ୍ପଶ୍ଚାଦୁଦେତା ପୁରସ୍ତାଦସ୍ତମେତଽଽଦିତ୍ୟାନାମେବ ତାବଦାଧିପତ୍ୟଁ ସ୍ୱାରାଜ୍ୟଂ ପର୍ଯ୍ୟେତା ।।୪।।

ତଦନନ୍ତର ଯେଉଁ ତୃତୀୟ ଅମୃତ ରହିଛି, ଆଦିତ୍ୟଗଣ ବରୁଣ ପ୍ରଧାନ ହୋଇ ତାହାର ଆଶ୍ରାରେ ଜୀବନ ଧାରଣ କରିଥାନ୍ତି । ଦେବଗଣ ନାଁ ତ ଖାଆନ୍ତି, ନାଁ ପିଅନ୍ତି: ସେମାନେ ସମସ୍ତେ ଅମୃତକୁ ଦେଖି ତୃପ୍ତ ହୋଇଯାଆନ୍ତି ।।୧।। ସେମାନେ ଏହି ରୂପକୁ ଲକ୍ଷିତ କରି ଉଦାସୀନ ହୁଅନ୍ତି ଆଉ ଉଦ୍ୟମଶୀଳ ମଧ ହୁଅନ୍ତି ।।୨।।

ଯିଏ ଏହି ଅମୃତକୁ ଜାଣନ୍ତି, ସେ ନିଶ୍ଚିତଭାବେ ଆଦିତ୍ୟମାନଙ୍କ ଭିତରୁ ଜଣେ ହୋଇ ବରୁଣଙ୍କ ପ୍ରଧାନତା କାରଣରୁ ଉକ୍ତ ଅମୃତକୁ ଦେଖି ତୃପ୍ତ ହୋଇଯାଆନ୍ତି । ସେମାନେ ଏହି ରୂପରେ ଉଦାସୀନ ହୁଅନ୍ତି ଆଉ ଉଦ୍ୟୋଗୀ ମଧ ହୁଅନ୍ତି ।।୩।।

ଉକ୍ତ ଆଦିତ୍ୟ ଯେତିକିବେଳେ ଦକ୍ଷିଣ ଦିଗରେ ଉଦୟ ହୁଅନ୍ତି ଆଉ ଉତ୍ତରରେ ଅସ୍ତ ଯାଆନ୍ତି, ତାହାର ଦୁଇଗୁଣ ସମୟ ପଶ୍ଚିମରେ ଉଦୟ ହୋଇ ପୂର୍ବରେ ଅସ୍ତ ଯାଆନ୍ତି । ଇତ୍ୟବସରରେ ସେ ଆଦିତ୍ୟଙ୍କର ଆଧିପତ୍ୟ ଆଉ ସ୍ୱରାଜ୍ୟକୁ ପ୍ରାପ୍ତ ହୁଅନ୍ତି ।।୪।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଅଷ୍ଟମଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ନବମ ଖଣ୍ଡ)

୯.ମରୁତଙ୍କ ଜୀବନାଧାରରେ ଚତୁର୍ଥ ଅମୃତଙ୍କ ଉପାସନା

ଅଥ ଯଚ୍ଚତୁର୍ଥମମୃତଂ ତନ୍ମରୁତ ଉପଜୀବନ୍ତି ସୋମେନ ମୁଖେନ ନ ବୈ ଦେବା ଅଶ୍ନନ୍ତି ନ ପିବନ୍ତ୍ୟେତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟନ୍ତି ।।୧।।
ତ ଏତଦେବ ରୂପମଭିସଂବିଶନ୍ତ୍ୟେତସ୍ମାଦ୍ରୂପାଦୁଦ୍ୟନ୍ତି ।।୨।।

ଅତଃ ଯେଉଁ ଚତୁର୍ଥ ଅମୃତ ରହିଛି, ମରୁତ୍‌ଗଣ ସୋମ ପ୍ରଧାନତା କାରଣରୁ ତଦାଶ୍ରିତ ହୋଇ ଜୀବନଧାରଣ କରିଥାଆନ୍ତି । ଦେବଗଣ ନାଁ ତ ଖାଆନ୍ତି, ନାଁ ପିଅନ୍ତି ସେମାନେ ଅମୃତକୁ ଦେଖି ତୃପ୍ତ ହୁଅନ୍ତି ।।୧।।

ସେମାନେ ଏହି ରୂପକୁ ଲକ୍ଷିତକରି ଉଦାସୀନ ହୋଇ ଉଦ୍ୟମଶୀଳ ହୁଅନ୍ତି ।।୨।।

ସ ଯ ଏତଦେବମମୃତଂ ବେଦ ମରୁତାମେବୈକୋ ଭୂତ୍ୱା ସୋମେନୈବ ମୁଖେନୈତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟତି ସ ଏତଦେବ ରୂପମଭି ସଂବିଶତ୍ୟେତସ୍ମାଦ୍ରୂପାଦୁଦେତି ।।୩।।

ଯିଏ ଉକ୍ତ ଅମୃତଙ୍କୁ ଜାଣନ୍ତି, ସେ ମରୁତ୍‌ଗଣଙ୍କ ମଧ୍ୟରେ ଏକ ହୋଇ ତୃପ୍ତ ହୁଅନ୍ତି । ସେ ଏହି ରୂପରେ ହିଁ ଉଦାସୀନ ହୁଅନ୍ତି ଆଉ ତହିଁରେ ଉତ୍ସାହିତ ମଧ୍ୟ ହୁଅନ୍ତି ।।୩।।

ସ ଯାବଦାଦିତ୍ୟଃ ପଶ୍ଚାଦୁଦେତା ପୁରସ୍ତାଦସ୍ତମେତା ଦ୍ୱିସ୍ତାବଦୁତ୍ତରତ ଉଦେତା ଦକ୍ଷିଣତୋଽସ୍ତମେତା ମରୁତାମେବ ତାବଦାଧିପତ୍ୟଁ ସ୍ୱାରାଜ୍ୟଂ ପର୍ୟେତା ।।୪।।

ଉକ୍ତ ଆଦିତ୍ୟ ଯେତିକି ସମୟରେ ପଶ୍ଚିମରେ ଉଦୟ ହୁଅନ୍ତି, ଆଉ ପୂର୍ବରେ ଅସ୍ତ ହୁଅନ୍ତି ତାହାର ଦୁଇଗୁଣ ସମୟନେଇ ଉତ୍ତରରେ ଉଦିତ ହୋଇ ଦକ୍ଷିଣରେ ଅସ୍ତ ଯାଆନ୍ତି । ଏତିକି କାଳ ମଧ୍ୟରେ ସେ ମରୁତ୍‌ଗଣଙ୍କର ଆଧିପତ୍ୟ ଓ ସ୍ୱରାଜ୍ୟକୁ ପ୍ରାପ୍ତ ହୁଅନ୍ତି ।।୪।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ନବମଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧାୟ-ଦଶମ ଖଣ୍ଡ)

୧୦.ସାଧଗଣଙ୍କ ଜୀବନ ଆଧାରରେ ପଞ୍ଚମ ଅମୃତଙ୍କ ଉପାସନା

ଅଥ ଯତ୍ପଞ୍ଚମମମୃତଂ ତତ୍ସାଧ୍ୟା ଉପଜୀବନ୍ତି ବ୍ରହ୍ମଣା ମୁଖେନ ନ ବୈ ଦେବା ଅଶ୍ନନ୍ତି ନ ପିବନ୍ତ୍ୟେତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟନ୍ତି ॥୧॥

ଏଇ ଯେଉଁ ପଞ୍ଚମ ଅମୃତ ରହିଛନ୍ତି, ସାଧଗଣ ବ୍ରହ୍ମାଙ୍କ ଜୀବନ ଆଧାରରେ ତଦାଶ୍ରିତ ହୋଇ ଜୀବନଧାରଣ କରନ୍ତି । ଦେବଗଣ ନାଁ ତ ଖାଆନ୍ତି, ନାଁ ପିଅନ୍ତି ସେମାନେ ଉକ୍ତ ଅମୃତକୁ ଦେଖି ତୃପ୍ତ ହୋଇଯାଆନ୍ତି ॥୧॥

ତ ଏତଦେବ ରୂପମଭିସଂବିଶନ୍ତ୍ୟେତସ୍ମାଦ୍ରୂପାଦୁଦ୍ୟନ୍ତି ॥୨॥

ସେମାନେ ଏହି ରୂପକୁ ଲକ୍ଷିତକରି ଉଦାସୀନହୋଇ ଉଦ୍ୟମଶୀଳ ହୁଅନ୍ତି ॥୨॥

ସ ଯ ଏତଦେବମମୃତଂ ବେଦ ସାଧ୍ୟାନାମେବୈକୋ ଭୂତ୍ୱା ବ୍ରହ୍ମଣୈବ ମୁଖେନୈତଦେବାମୃତଂ ଦୃଷ୍ଟ୍ୱା ତୃପ୍ୟତି ସ ଏତଦେବ ରୂପମଭି ସଂବିଶତ୍ୟେତସ୍ମାଦ୍ରୂପାଦୁଦେତି ॥୩॥

ଯିଏ ଉକ୍ତ ଅମୃତଙ୍କୁ ଜାଣନ୍ତି, ସେ ସାଧଗଣଙ୍କ ମଧ୍ୟରୁ ଏକ ହୋଇ ବ୍ରହ୍ମାଙ୍କ ପ୍ରଧାନ୍ୟ କାରଣରୁ ତାହାକୁ ଦେଖି ତୃପ୍ତ ହୁଅନ୍ତି । ସେ ଏହି ରୂପକୁ ଲକ୍ଷ୍ୟକରି ଉଦାସୀନ ହୁଅନ୍ତି ଆଉ ସେହି ରୂପରେ ଉତ୍ସାହିତ ମଧ ହୁଅନ୍ତି ॥୩॥

ସ ଯାବଦାଦିତ୍ୟ ଉତ୍ତରତ ଉଦେତା ଦକ୍ଷିଣତୋଽସ୍ତମେତା ଦ୍ୱିସ୍ତାବଦୂର୍ଧ୍ୱ ଉଦେତାର୍ବାଙସ୍ତମେତା ସାଧ୍ୟାନାମେବ ତାବଦାଧିପତ୍ୟଁ ସ୍ୱାରାଜ୍ୟଂ ପର୍ୟେତା ॥୪॥

ଉକ୍ତ ଆଦିତ୍ୟ ଯେତିକି ସମୟରେ ଉତ୍ତରରେ ଉଦୟ ହୁଅନ୍ତି, ଆଉ ଦକ୍ଷିଣରେ ଅସ୍ତ ଯାଆନ୍ତି ତହିଁର ଦୁଇଗୁଣ ସମୟରେ ପୂର୍ବଦିଗରେ ଉଦୟ ହୋଇ ପଶ୍ଚିମରେ ଅସ୍ତ ଯାଆନ୍ତି । ଉକ୍ତ ଅବଧିରେ ସେ ସାଧଗଣଙ୍କର ଆଧିପତ୍ୟ ଲାଭକରି ସ୍ୱରାଜ୍ୟକୁ ପ୍ରାପ୍ତ ହୁଅନ୍ତି ॥୪॥

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଦଶମଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ଏକାଦଶ ଖଣ୍ଡ)

୧୧. ମଧୁବିଜ୍ଞାନ ତଥା ବ୍ରହ୍ମବିଜ୍ଞାନର ଅଧିକାରୀ

ଅଥ ତତ ଊର୍ଦ୍ଧ୍ୱ ଉଦେତ୍ୟ ନୈବୋଦେତା ନାସ୍ତମେତୈକଳ ଏବ ମଧ୍ୟେ ସ୍ଥାତା ତଦେଷ ଶ୍ଳୋକଃ ।।୧।।

ନ ବୈ ତତ୍ର ନ ନିମ୍ଳୋଚ ନୋଦିୟାୟ କଦାଚନ ।
ଦେବାସ୍ତେନାହଁସତ୍ୟେନ ମା ବିରାଧିଷି ବ୍ରହ୍ମଣେତି ।।୨।।

ପୁନଶ୍ଚ ତତ୍‌ପଶ୍ଚାତ୍ ଊର୍ଦ୍ଧ୍ୱଗତ ହୋଇ ଉଦିତ ହୋଇଥିବା ଅବା ହୋଇନଥିବା ଏବଂ ଅସ୍ତ ନ ହୋଇ ବି ଏକାକୀ ତନ୍ମଧ୍ୟରେ ସ୍ଥିତ ହୋଇଥାଆନ୍ତି । ତଦ୍ ବିଷୟକ ଉକ୍ତ ଶ୍ଳୋକ ବର୍ଣ୍ଣିତ ହୋଇଛି ।।୧।।

ସେଠାରେ ନିଶ୍ଚିତଭାବରେ ଏପରି ହୁଏନାହିଁ । ସେଠାରେ (ସୂର୍ଯ୍ୟ) ଅସ୍ତ କି ଉଦୟ ହୁଅନ୍ତ ନାହିଁ । ହେ ଦେବଗଣ ! ଏହି ସତ୍ୟ ଯୋଗୁଁ ମୁଁ ବ୍ରହ୍ମଙ୍କ ସହିତ ବିରୁଦ୍ଧାଚରଣ ନ କରେ ।।୨।।

ନ ହ ବା ଅସ୍ମା ଉଦେତି ନ ନିମ୍ଳୋଚତି ସକୃଦିବା ହୈବାସ୍ମୈ ଭବତି ଯ ଏତାମେବଂ ବ୍ରହ୍ମୋପନିଷଦଂ ବେଦ ।।୩।।

ଯିଏ ଏହିଭଳି ଉକ୍ତ ବ୍ରହ୍ମୋପନିଷଦ ଅର୍ଥାତ୍ ବେଦରହସ୍ୟକୁ ଜାଣନ୍ତି, ତାଙ୍କପାଇଁ ସୂର୍ଯ୍ୟ ଉଦୟ କି ଅସ୍ତ ହୁଅନ୍ତି ନାହିଁ । ତାଙ୍କପାଇଁ ସର୍ବଦା ଦିନ ହିଁ ଦିନ ରହିଥାଏ ।।୩।।

ତଦ୍ଧୈତଦ୍‌ବ୍ରହ୍ମା ପ୍ରଜାପତୟ ଉବାଚ ପ୍ରଜାପତିର୍ମନବେ ମନୁଃ ପ୍ରଜାଭ୍ୟସ୍ତ—ଦ୍ଧୈତଦୁଦ୍ଦାଳକାୟାରୁଣୟେ ଜ୍ୟେଷ୍ଠାୟ ପୁତ୍ରାୟ ପିତା ବ୍ରହ୍ମ ପ୍ରୋବାଚ ।।୪।।

ସେହି ମଧୁଜ୍ଞାନ ସମ୍ପର୍କରେ ବ୍ରହ୍ମା ପ୍ରଜାପତିଙ୍କୁ କହିଥିଲେ । ପ୍ରଜାପତି ମନୁଙ୍କୁ ଶୁଣାଇଲେ ଏବଂ ମନୁ ପ୍ରଜାବର୍ଗଙ୍କ ପ୍ରତି ଉପଦେଶ ଭାବେ ପ୍ରଦାନ କରିଥିଲେ । ଏହି ବ୍ରହ୍ମବିଜ୍ଞାନ ମଧ ଅରୁଣନନ୍ଦନ ଉଦ୍ଦାଳକଙ୍କୁ ତଦୀୟ ପିତୃଦେବ ଶୁଣାଇଥିଲେ ।।୪।।

ଇଦଂ ବାବ ତଜ୍ଜ୍ୟେଷ୍ଠାୟ ପୁତ୍ରାୟ ପିତା ବ୍ରହ୍ମ ପ୍ରବ୍ରୂୟାତ୍ ପ୍ରଣାପ୍ୟାୟ ବାଽନ୍ତେବାସିନେ ।।୫।।

ନାନ୍ୟସ୍ମୈ କସ୍ମୈଚନ ଯଦ୍ୟପ୍ୟସ୍ମା ଇମାମଭିଃ ପରିଗୃହୀତାଂ ଧନସ୍ୟ ପୂର୍ଣ୍ଣାଂ ଦଦ୍ୟାଦେତଦେବ ତତୋ ଭୂୟ ଇତ୍ୟେତଦେବ

ତତୋ ଭୂୟ ଇତି ।।୬।।

କାରଣ ସେ ତାଙ୍କର ଜ୍ୟେଷ୍ଠପୁତ୍ରଙ୍କୁ ସୁଯୋଗ୍ୟ ମନେକରି ଏହି ଉପଦେଶ ପ୍ରଦାନ କରିଥିଲେ ।।୫।।

ଏପରିକି ତାଙ୍କୁ ସମୁଦ୍ର ପରିବେଷ୍ଟିତ ପୃଥିବୀ ପରିମାଣର ଧନ ଦେଲେ ମଧ୍ୟ ଅନୁପଯୁକ୍ତଙ୍କୁ ସେ ପ୍ରଦାନ କରିନଥିଲେ । ଏଥିରୁ ବୁଝାଯାଏ କି, ଅଯୋଗ୍ୟଙ୍କୁ ଏହିବିଦ୍ୟା କଦାପି ଦିଆଯିବା ଉଚିତନୁହେଁ । ସୁଯୋଗ୍ୟଙ୍କ ହାତରେ ଦେଲେ ଏହା ଅଧିକ ଫଳଦାୟୀ ହୋଇଥାଏ ।।୬।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଏକାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ଦ୍ୱାଦଶ ଖଣ୍ଡ)

୧୨.ଗାୟତ୍ରୀଙ୍କର ସର୍ବରୂପତା (ଗାୟତ୍ରୀଙ୍କ ଦ୍ୱାରା ବ୍ରହ୍ମଉପାସନା)

ଗାୟତ୍ରୀ ବା ଇଦଁସର୍ବଂ ଭୂତଂ ଯଦିଦଂ କିଂ ଚ ବାଗ୍ୱୈ ଗାୟତ୍ରୀ ବାଗ୍ୱା ଇଦଁସର୍ବଂ ଭୂତଂ ଗାୟତି ଚ ତ୍ରାୟତେ ଚ ।।୧।।

ଯା ବୈ ସା ଗାୟତ୍ରୀୟଂ ବାବ ସା ଯେୟଂ ପୃଥିବ୍ୟସ୍ୟାଁ ହୀଦଁସର୍ବଂ ଭୂତଂ ପ୍ରତିଷ୍ଠିତମେତାମେବ ନାତିଶୀୟତେ ।।୨।।

ଯା ବୈ ସା ପୃଥିବୀୟଂ ବାବ ସା ଯଦିଦମସ୍ମିନ୍‌ପୁରୁଷେ ଶରୀରମସ୍ମିନ୍‌ହୀମେ ପ୍ରାଣାଃ ପ୍ରତିଷ୍ଠିତା ଏତଦେବ ନାତିଶୀୟନ୍ତେ ।।୩।।

ଯଦ୍ୱୈ ତତ୍‌ପୁରୁଷେ ଶରୀରମିଦଂ ବାବ ତଦ୍ୟଦିଦମସ୍ମିନ୍ନନ୍ତଃ ପୁରୁଷେ ହୃଦୟମସ୍ମିନ୍‌ହୀମେ ପ୍ରାଣାଃ ପ୍ରତିଷ୍ଠିତା ଏତଦେବ ନାତିଶୀୟନ୍ତେ ।।୪।।

ସୈଷା ଚତୁଷ୍ପଦା ଷଡ଼୍‌ବିଧା ଗାୟତ୍ରୀ ତଦେତ ଦୃଚାଭ୍ୟନୂକ୍ତମ୍ ।।୫।।

ତାବାନସ୍ୟ ମହିମା ତତୋ ଜ୍ୟାୟାଁଶ୍ଚ ପୂରୁଷଃ । ପାଦୋଽସ୍ୟ ସର୍ବା ଭୂତାନି ତ୍ରିପାଦସ୍ୟାମୃତଂ ଦିବୀତି ।।୬।।

ଗାୟତ୍ରୀ ହିଁ ଏହି ସମଗ୍ର ଭୂତ ଜଗତ୍ ବା ପ୍ରାଣୀବର୍ଗ ଅଟନ୍ତି । ଯେଉଁ କିଛି ସ୍ଥାବର ଜଙ୍ଗମାଦି ପ୍ରାଣୀ ରହିଛନ୍ତି, ସେମାନେ ସମସ୍ତେ ଗାୟତ୍ରୀ ଅଟନ୍ତି । ବାକ୍ ଗାୟତ୍ରୀ ଅଟନ୍ତି, ବାକ୍ ହିଁ ସର୍ବପ୍ରାଣୀ ଅଟନ୍ତି କାହିଁକି ନାଁ ଏହି ଗାୟତ୍ରୀ ତାଙ୍କର ନାମୋଚ୍ଚାରଣ କରନ୍ତି ଏବଂ ତାଙ୍କର ରକ୍ଷା ମଧ୍ୟ କରନ୍ତି ।।୧।।

ଯିଏ ଏହି ଗାୟତ୍ରୀ ଅଟନ୍ତି ସେ ଏହି ଜୀବ ଅଟନ୍ତି । ସେ ମଧ୍ୟ ପୃଥିବୀ ଅଟନ୍ତି । କାହିଁକି ନାଁ ତାଙ୍କରି ଠାରେ ସମଗ୍ର ଭୂତ ସ୍ଥିତ ହୋଇଥାଏ । ଆଉ ତାଙ୍କୁ ଏମାନେ କେହି ଅତିକ୍ରମଣ କରନ୍ତି ନାହିଁ ।।୨।।

ଯିଏ ଏହି ପୃଥିବୀ ଅଟନ୍ତି, ସେ ଏହି ଗାୟତ୍ରୀ ଅଟନ୍ତି । ଯିଏକି ଏହି ପୁରୁଷରେ ଶରୀର ଅଟନ୍ତି: କାହିଁକି ନାଁ ଏହାଙ୍କ ଠାରେ ପ୍ରାଣ ସ୍ଥିତ ହୋଇଥାଏ ଏବଂ ତାଙ୍କୁ କେବେହେଲେ ଛାଡ଼ି ଯାଏନାହିଁ ।।୩।।

ଯିଏ ଏହି ପୁରୁଷରେ ଶରୀର ଅଟନ୍ତି ସେ ମଧ୍ୟ ଏହି ଅନ୍ତଃପୁରୁଷରେ ହୃଦୟ ହୋଇଛନ୍ତି, କାହିଁକି ନାଁ ଏଥିରେ ପ୍ରାଣ ପ୍ରତିଷ୍ଠିତ ହୋଇଛି ଆଉ ତାହା ତାକୁ ଅତିକ୍ରମଣ କରେନାହିଁ ।।୪।।

ସେହି ଗାୟତ୍ରୀ ଚାରିଚରଣଯୁକ୍ତ ଏବଂ ଷଟ୍‌ପ୍ରକାର ଅଟନ୍ତି । ତାହା ଏହି ଅର୍ଥାତ୍ ଗାୟତ୍ରାଖ୍ୟ ବ୍ରହ୍ମ ମନ୍ତ୍ର ଦ୍ୱାରା ପ୍ରକାଶିତ କରାଯାଇଛି ।।୫।।

ଉପରେ ଯାହାକିଛି କୁହାଯାଇଛି ତାହାହିଁ ତାଙ୍କର ମହିମା ଅଟେ ଏବଂ ନିର୍ବିକାର ପୁରୁଷ ଏହାଙ୍କ ଠାରୁ ଉତ୍କୃଷ୍ଟ ଅଟନ୍ତି । ସମ୍ପୂର୍ଣ୍ଣ ଭୂତ ଏହାଙ୍କର ଗୋଟିଏ ପାଦ ଅଟେ ଆଉ ପୁରୁଷ ସଂଜ୍ଞକ ତ୍ରିପାଦ ଅମୃତ ପ୍ରକାଶମୟ ସ୍ୱାତ୍ମାରେ ସ୍ଥିତ ଅଟେ ।।୬।।

ଯଦ୍ୱୈତଦ୍‌ବ୍ରହ୍ମେତୀଦଂ ବାବ ତଦ୍ୟୋଽୟଂ ବହିର୍ଧା ପୁରୁଷାଦାକାଶୋ
ଯୋ ବୈ ସ ବହିର୍ଧା ପୁରୁଷାଦାକାଶଃ ।।୭।।
ଅୟଂ ବାବ ସ ଯୋଽୟମନ୍ତ ପୁରୁଷ ଆକାଶୋ ଯୋ ବୈ ସୋଽନ୍ତଃ
ପୁରୁଷ ଆକାଶଃ ।।୮।।
ଅୟଂ ବାବ ସ ଯୋଽୟମନ୍ତର୍ହୃଦୟ ଆକାଶସ୍ତଦେତତ୍‌ପୂର୍ଣମପ୍ରବର୍ତି
ପୂର୍ଣାମପ୍ରବର୍ତିନୀଁଶ୍ରିୟଂ ଲଭତେ ଯ ଏବଂ ବେଦ ।।୯।।

ଯେ କୌଣସି ତ୍ରିପାଦାମୃତ ବ୍ରହ୍ମ ଅଛନ୍ତି, ସେସବୁ ଏହା ଅଟନ୍ତି, ଯିଏକି ଏହି ପୁରୁଷ ଠାରୁ ବାହାରେ ଆକାଶରେ ବିଦ୍ୟମାନ ଅର୍ଥାତ୍ ଆକାଶ ଏବଂ ତାଙ୍କ ଭିତରେ କୌଣସି ପ୍ରଭେଦ ନାହିଁ । ତେଣୁ ହୃଦୟକୁ ଆକାଶ ସହିତ ତୁଳନା କରାଯାଏ । ଏହି ହୃଦୟାକାଶ ସର୍ବଦା ପୂର୍ଣ୍ଣ ଅଟେ ଆଉ କୌଣସିଥିରେ ପ୍ରବୃତ୍ତ ହୁଏନାହିଁ । ଯେଉଁ ପୁରୁଷ ଏହାଙ୍କୁ ଏଭଳି ଜାଣନ୍ତି, ସେ ପୂର୍ଣ୍ଣ ଅଟନ୍ତି ଆଉ ଅନ୍ୟତ୍ର ପ୍ରବୃତ୍ତ ନ

ହୋଇଥିବା ସମ୍ପତ୍ତି ପ୍ରାପ୍ତ କରନ୍ତି ।।୭-୯।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେଦ୍ୱାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ତ୍ରୟୋଦଶ ଖଣ୍ଡ)

୧୩.ପଞ୍ଚପ୍ରାଣଙ୍କର ଉପାସନା

ତସ୍ୟ ହ ବା ଏତସ୍ୟ ହୃଦୟସ୍ୟ ପଞ୍ଚ ଦେବସୁଷୟଃ ସ ଯୋଽସ୍ୟ ପ୍ରାଙ୍ ସୁଷିଃ ସ ପ୍ରାଣସ୍ତଚ୍ଚକ୍ଷୁଃ ସ ଆଦିତ୍ୟସ୍ତଦେତତ୍ତେଜୋ- ଽନ୍ନାଦ୍ୟମିତ୍ୟୁପାସୀତ ତେଜସ୍ୱ୍ୟନ୍ନାଦୋ ଭବତି ଯ ଏବଂ ବେଦ ।।୧।।

ଏହା ପ୍ରସିଦ୍ଧ ଅଟେକି ହୃଦୟରେ ପାଞ୍ଚଗୋଟି ଛିଦ୍ର (ସୁଷି) ରହିଛି । ପୂର୍ବଦିଗାନ୍ତବର୍ତ୍ତୀ ସୁଷିକୁ ପ୍ରାଣ କୁହାଯାଏ । ଏହାଙ୍କୁ ଚକ୍ଷୁ, ଆଦିତ୍ୟ, ତେଜ ଓ ଅନ୍ନାଦ୍ୟ ଆଦି ନାମରେ ଉପାସନା କରାଯାଏ । ଯିଏ ଏଭଳି ଜାଣନ୍ତି ଅର୍ଥାତ୍ ତାଙ୍କୁ ଏହି ନାମରେ ଉପାସନା କରନ୍ତି, ସେ ତେଜସ୍ୱୀ ହୁଅନ୍ତି ଏବଂ ଅନ୍ନଭୋକ୍ତା ମଧ୍ୟ ହୋଇଥାଆନ୍ତି ।

ଅଥ ଯୋଽସ୍ୟ ଦକ୍ଷିଣଃ ସୁଷିଃ ସ ବ୍ୟାନସ୍ତଚ୍ଛ୍ରୋତ୍ରଁସ ଚନ୍ଦ୍ରମାସ୍ତଦେତଚ୍ଛ୍ରୀଶ୍ଚ ଯଶଶ୍ଚେତ୍ୟୁପାସୀତ ଶ୍ରୀମାନ୍ୟଶସ୍ୱୀ ଭବତି ଯ ଏବଂ ବେଦ ।।୨।।

ଏହାର ଯେଉଁ ଦକ୍ଷିଣ ଛିଦ୍ର ରହିଛି ତାହାକୁ ବ୍ୟାନ କହନ୍ତି । ସେ ଶ୍ରୋତ୍ର, ଚନ୍ଦ୍ରମା, ଶ୍ରୀ ଏବଂ ଯଶ ଆଦି ନାମରେ ମଧ୍ୟ ଉପାସିତ ହୁଅନ୍ତି । ଯିଏ ଏଭଳି ଜାଣିଛନ୍ତି, ସେ ଯଶସ୍ୱୀ ହୁଅନ୍ତି ।

ଅଥ ଯୋଽସ୍ୟ ପ୍ରତ୍ୟଙ୍ ସୁଷିଃ ସୋଽପାନଃ ସା ବାକ୍ସୋଽଗ୍ନିସ୍ତଦେତଦ୍-ବ୍ରହ୍ମବର୍ଚସମନ୍ନାଦ୍ୟମିତ୍ୟୁପାସୀତ ବ୍ରହ୍ମବର୍ଚସ୍ୟନ୍ନାଦୋ ଭବତି ଯ ଏବଂ ବେଦ ।।୩।।

ଏହାର ଯେଉଁ ପଶ୍ଚିମ ଛିଦ୍ର ରହିଛି ତାହା ଅପାନ ଅଟେ, ତାହା ବାକ୍, ତାହା ଅଗ୍ନି, ଆଉ ସେ ହିଁ ଉକ୍ତ ବ୍ରହ୍ମତେଜ ଏବଂ ଅନ୍ନାଦ୍ୟ ଅଟେ—ଏପରି ଭାବରେ ତାଙ୍କର ଉପାସନା କରାଯାଏ । ଯିଏ ଏପରି ଜାଣି ଉପାସନା କରନ୍ତି ସେ ବ୍ରହ୍ମ ତେଜସ୍ୱୀ ହୋଇଥାଆନ୍ତି ଆଉ ଅନ୍ନଭୋକ୍ତା ଅବଶ୍ୟ ହୁଅନ୍ତି।।୩।।

ଅଥ ଯୋଽସ୍ୟୋଦଙ୍ ସୁଷିଃ ସ ସମାନସ୍ତନ୍ମନଃ ସ ପର୍ଜନ୍ୟସ୍ତଦେତକ୍ରୀର୍ତିଶ୍ଚ ବ୍ୟୁଷ୍ଟିଶ୍ଚେତ୍ୟୁପାସୀତ କୀର୍ତି ମାନ୍ବ୍ୟୁଷ୍ଟିମାନ୍ ଭବତି ଯ ଏବଂ ବେଦ ।।୪।।

ପଶ୍ଚିମଦିଶାନ୍ତର୍ଗତ ଉତ୍ତରୀୟ ଛିଦ୍ରକୁ ସମାନ କହନ୍ତି । ସେ ମନ, ମେଘ, କୀର୍ତ୍ତି, ବ୍ୟୁଷ୍ଟି(ଦେହର ଲାବଣ୍ୟ) ଭାବରେ ଉପାସିତ ମଧ୍ୟ ହୁଅନ୍ତି । ଯିଏ ଏଭଳି ଜାଣନ୍ତି ସେ କୀର୍ତ୍ତିମାନ୍ ବା ବ୍ୟୁଷ୍ଟିମାନ୍ ହୋଇଥାଆନ୍ତି ।।୪।।

ଅଥ ଯୋଽସ୍ୟୋର୍ଦ୍ଧ୍ୱଃ ସୁଷିଃ ସ ଉଦାନଃ ସ ବାୟୁଃ ସ ଆକାଶସ୍ତଦେତଦୋଜଶ୍ଚ ମହଶ୍ଚେତ୍ୟୁପାସୀତୌଜସ୍ୱୀ ମହସ୍ୱାନ୍ଭବତି ଯ ଏବଂ ବେଦ ।।୫।।

ଏହାର ଯେଉଁ ଊର୍ଦ୍ଧ୍ୱଛିଦ୍ର ରହିଛି, ତାହାକୁ ଉଦାନ କୁହାଯାଏ । ସେ ବାୟୁ, ଆକାଶ, ଓଜ ବା ମହଃ ଆଦି ନାମରେ ଉପାସିତ ହୁଅନ୍ତି । ଯିଏ ତାଙ୍କୁ ଏଭଳି ଜାଣନ୍ତି, ସେ ଓଜସ୍ୱୀ ବା ବଳବାନ୍ ଏବଂ ତେଜସ୍ୱୀ ବା ମହସ୍ୱାନ୍ ହୋଇଥାଆନ୍ତି ।।୫।।

ତେ ବା ଏତେ ପଞ୍ଚ ବ୍ରହ୍ମପୁରୁଷାଃ ସ୍ୱର୍ଗସ୍ୟ ଲୋକସ୍ୟ ଦ୍ୱାରପାଃସ ଯ ଏତାନେବଂ ପଞ୍ଚ ବ୍ରହ୍ମପୁରୁଷାନ୍ସ୍ୱର୍ଗସ୍ୟ ଲୋକସ୍ୟ ଦ୍ୱାରପାନ୍ବେଦାସ୍ୟ କୁଳେ ବୀରୋ ଜାୟତେ ପ୍ରତିପଦ୍ୟତେ ସ୍ୱର୍ଗଂ ଲୋକଂ ଯ ଏତାନେବଂ ପଞ୍ଚ ବ୍ରହ୍ମପୁରୁଷାନ୍ସ୍ୱର୍ଗସ୍ୟ ଲୋକସ୍ୟ ଦ୍ୱାରପାନ୍ବେଦ ।।୬।।

ଉକ୍ତ ପଞ୍ଚ ବ୍ରହ୍ମପୁରୁଷ ସ୍ୱର୍ଗଲୋକର ଦ୍ୱାରପାଳ ଅଟନ୍ତି । ଯେକୌଣସି ସ୍ୱର୍ଗଲୋକସ୍ଥ ଦ୍ୱାରପାଳ ଏହି ପଞ୍ଚବ୍ରହ୍ମପୁରୁଷଙ୍କୁ ଜାଣନ୍ତି, ତାଙ୍କ କୁଳରେ ବୀର ଉତ୍ପନ୍ନ ହୋଇଥାଆନ୍ତି । ଯେଉଁ ଦ୍ୱାରପାଳମାନେ ଏହି ପଞ୍ଚବ୍ରହ୍ମଙ୍କୁ ଜାଣିଥାଆନ୍ତି, ସେହିମାନ୍କେ ହିଁ ସ୍ୱର୍ଗଲାଭ କରନ୍ତି ।।୬।।

ଅଥ ଯଦତଃ ପରୋ ଦିବୋ ଜ୍ୟୋତିର୍ଦୀପ୍ୟତେ ବିଶ୍ୱତଃ ପୃଷ୍ଠେଷୁ ସର୍ବତଃ ପୃଷ୍ଠେଷ୍ୱନୁତ୍ତମେଷୂତ୍ତମେଷୁ ଲୋକେଷ୍ୱିଦଂ ବାବ ତଦ୍ୟଦିଦମସ୍ମିନ୍ନନ୍ତଃ ପୁରୁଷେ ଜ୍ୟୋତିଃ ।।୭।।

ସେହିଭଳି ଦ୍ୟୁଲୋକର ଊର୍ଦ୍ଧ୍ୱରେ ଯେଉଁ ପରମଜ୍ୟୋତି ବିଶ୍ୱର ପୃଷ୍ଠ ଅର୍ଥାତ୍ ସବୁର ଉପରେ ରହିଛନ୍ତି, ଯାହାଭିନ୍ନ ଅନ୍ୟ କୌଣସି ଉତ୍ତମ ଲୋକ ନାହିଁ, ସେହିଠାରେ ପ୍ରକାଶିତ ଜ୍ୟୋତି ଏହି ପୁରୁଷ ଭିତରେ ରହିଛନ୍ତି । ଏହା ନିଶ୍ଚୟ ଅଟେ କି, ସେ ଏହି ପୁରୁଷ ଭିତରର ଜ୍ୟୋତି ଅଟନ୍ତି ।।୭।।

ତସ୍ୟୈଷା ଦୃଷ୍ଟିର୍ଯତ୍ରୈତଦସ୍ମିଞ୍ଛରୀରେ ସଁସ୍ପର୍ଶେନୋଷ୍ଣିମାନଂ ବିଜାନାତି ତସ୍ୟୈଷା ଶ୍ରୁତିର୍ଯତ୍ରୈତତ୍କର୍ଣାବପିଗୃହ୍ୟ ନିନଦମିବ ନଦଥୁରିବାଗ୍ନେରିବ ଜ୍ୱଳତ ଉପଶୃଣୋତି ତଦେତଦ୍ଦୃଷ୍ଟଂ ଚ ଶ୍ରୁତଂ ଚେତ୍ୟୁପାସୀତ ଚକ୍ଷୁଷ୍ୟଃ ଶ୍ରୁତୋ ଭବତି ଯ ଏବଂ ବେଦ ଯ ଏବଂ ବେଦ ॥୮॥

ଉକ୍ତ ହୃଦୟ ସ୍ଥିତ ପୁରୁଷଙ୍କର ଦର୍ଶନ ଉପାୟ ହେଉଛି, ଏହି ଶରୀରରେ ସ୍ପର୍ଶ ଦ୍ୱାରା ଉଷ୍ଣତାକୁ ଜାଣିବା ପୁଣି ତାଙ୍କୁ ଶୁଣିବାର ଉପାୟ ହେଉଛି କର୍ଣ୍ଣ । କର୍ଣ୍ଣକୁ ରୋଧକରି ନିନାଦବତ୍ ଅର୍ଥାତ୍ ରଥ ଘରଘର୍ ଶବ୍ଦ ଭଳି ଅନୁଭବ କରିବା ଏପରିକି ନଦଥୁ ଅର୍ଥାତ୍ ବଳଦର ହାକୁଟି ସଦୃଶ ଏବଂ ଜ୍ୱଳନ୍ତ ଅଗ୍ନିର ଶବ୍ଦ ଭଳି ଶ୍ରବଣ କରିବାକୁ କୁହାଯାଏ । ଉକ୍ତ ଜ୍ୟୋତି ଦୃଷ୍ଟ ଓ ଶ୍ରୁତ ଅଟେ— ଏହିଭଳି ଭାବରେ ତାଙ୍କର ଉପାସନା କରିବାକୁ ହୋଇଥାଏ । ଯେଉଁ ଉପାସକ ଏପରି ଜାଣିଥାନ୍ତି ଅର୍ଥାତ୍ ଏପରି ଜାଣି ଉପାସନା କରିଥାନ୍ତି, ସେ ଦର୍ଶନୀୟ ଓ ବିଶ୍ରୁତ ବା ବିଖ୍ୟାତ ହୋଇଥାନ୍ତି ॥୮॥

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ତ୍ରୟୋଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ଚତୁର୍ଦ୍ଦଶ ଖଣ୍ଡ)

୧୪.ଶାଣ୍ଡିଲ୍ୟ ବିଦ୍ୟା ବା ଜଗତ ତଥା ଆତ୍ମାଙ୍କର ବ୍ରହ୍ମ ରୂପରେ ଉପାସନା

ସର୍ବଂ ଖଲ୍ୱିଦଂ ବ୍ରହ୍ମ ତଜ୍ଜଲାନିତି ଶାନ୍ତ ଉପାସୀତ । ଅଥ ଖଳୁ କ୍ରତୁମୟଃ ପୁରୁଷୋ ଯଥାକ୍ରତୁରସ୍ମିଁଲ୍ଲୋକେ ପୁରୁଷୋ ଭବତି ତଥେତଃ ପ୍ରେତ୍ୟ ଭବତି ସ କ୍ରତୁଂ କୁର୍ବୀତ ॥୧॥

ଏହି ସମଗ୍ର ଜଗତ ନିଶ୍ଚିତଭାବରେ ବ୍ରହ୍ମ ଅଟେ । ଏହା ତହିଁରୁ ଉତ୍ପନ୍ନ ହୋଇଛି, ସେଥିରେ ଲୀନ ମଧ୍ୟ ହେବ ଏବଂ ତନ୍ମଧ୍ୟରେ ଚେଷ୍ଟିତ ଅଟେ– ଏହିଭଳି ଶାନ୍ତ ଅର୍ଥାତ୍ ରାଗଦ୍ୱେଷ ରହିତ ହୋଇ ଉପାସନା କରିବା ଦରକାର । କାହିଁକି ନାଁ ପୁରୁଷ ନିଶ୍ଚିତଭାବରେ କ୍ରତୁମୟ ଅର୍ଥାତ୍ ନିଶ୍ଚୟାତ୍ମକ ଅଟେ । ଏହି ଲୋକରେ ପୁରୁଷ ଯେଉଁଭଳି ନିଶ୍ଚୟଯୁକ୍ତ ହୋଇଥାଏ, ସେହିଭଳି ସେଠାରୁ ନାଶ ଯାଏ । ଅତଃ ତାହାକୁ ପ୍ରଥମରୁ ନିଶ୍ଚିତ କରିନେବା ଦରକାର ॥୧॥

ମନୋମୟଃ ପ୍ରାଣଶରୀରୋ ଭାରୂପଃ ସତ୍ୟସଂକଳ୍ପ ଆକାଶାତ୍ମା ସର୍ବକର୍ମା ସର୍ବକାମଃ ସର୍ବଗନ୍ଧଃ ସର୍ବରସଃ ସର୍ବମିଦମଭ୍ୟାତ୍ତୋଽ-ବାକ୍ୟନାଦରଃ ।।୨।।

ଏଷ ମ ଆତ୍ମାଽନ୍ତର୍ହୃଦୟେଽଣୀୟାନ୍‌ବ୍ରୀହେର୍ବା ଯବାଦ୍ୱା ସର୍ଷପାଦ୍ୱା ଶ୍ୟାମାକାଦ୍ୱା ଶ୍ୟାମାକତଣ୍ଡୁଳାଦ୍ୱେଷ ମ ଆତ୍ମାଽନ୍ତର୍ହୃଦୟେ ଜ୍ୟାୟାନ୍‌ପୃଥିବ୍ୟା ଜ୍ୟାୟାନନ୍ତରିକ୍ଷାଜ୍ଜ୍ୟାୟାନ୍ଦିବୋ ଜ୍ୟାୟାନେଭ୍ୟୋ ଲୋକେଭ୍ୟଃ ।।୩।।

ଉକ୍ତ ବ୍ରହ୍ମ ମନୋମୟ, ପ୍ରାଣଶରୀର, ପ୍ରକାଶସ୍ୱରୂପ, ସତ୍ୟ ସଂକଳ୍ପ, ଆକାଶ ଶରୀର, ସର୍ବକର୍ମା, ସର୍ବକାମ, ସର୍ବଗନ୍ଧ, ସର୍ବରସ ଭାବେ ଏହି ସମଗ୍ର ଜଗତକୁ ସବୁ ଦିଗରୁ ବ୍ୟାପ୍ତ କରି ରଖିଛି ଏବଂ ବାକ୍‌ରହିତ ଓ ସମ୍ଭ୍ରମ ଶୂନ୍ୟ ହୋଇଛି । ହୃଦୟ କମଳ ମଧ୍ୟରେ ମତ୍‌ଆତ୍ମା (ମୋର ଏହି ଆତ୍ମା) ଧାନ, ଯବ, ସୋରିଷ, ଶ୍ୟାମାକ, ତଣ୍ଡୁଳ ଆଦି ଠାରୁ ସୂକ୍ଷ୍ମ ଅଟେ । ପୁନଶ୍ଚ ସେହି ହୃଦୟ କମଳ ମଧ୍ୟ ମୋର ଏହି ଆତ୍ମା ପୃଥିବୀ, ଅନ୍ତରୀକ୍ଷ, ଦ୍ୟୁଲୋକ ଅବା ସମଗ୍ର ଲୋକ ଅପେକ୍ଷା ବଡ଼ ଅଟେ ।।୨-୩।।

ସର୍ବକର୍ମା ସର୍ବକାମଃ ସର୍ବଗନ୍ଧଃ ସର୍ବରସଃ ସର୍ବମିଦମଭ୍ୟାତ୍ତୋଽବାକ୍ୟନାଦର ଏଷ ମ ଆତ୍ମାନ୍ତର୍ହୃଦୟ ଏତଦ୍‌ବ୍ରହ୍ମୈତମିତଃ ପ୍ରେତ୍ୟାଭିସଂଭବିତାଽସ୍ମୀତି ଯସ୍ୟ ସ୍ୟାଦଦ୍ଧା ନ ବିଚିକିତ୍ସାଽସ୍ତୀତି ହ ସ୍ମାହ ଶାଣ୍ଡିଲ୍ୟଃ ଶାଣ୍ଡିଲ୍ୟଃ ।।୪।।

ଯେଉଁ ସର୍ବକର୍ମା, ସର୍ବକାମ, ସର୍ବଗନ୍ଧ, ସର୍ବରସ ଆଦି ଦ୍ୱାରା ସବୁଦିଗରୁ ଆଚ୍ଛାଦିତ କରି ରଖିଛି, ବାକ୍ ରହିତ ଏବଂ ସମ୍ଭ୍ରମଶୂନ୍ୟ ହୋଇଛି, ସେହି ଆତ୍ମା ମୋ' ହୃଦୟକମଳ ମଧ୍ୟରେ ସ୍ଥିତ ହୋଇଛି । ତାହା ବ୍ରହ୍ମ ଅଟେ ଏବଂ ଶରୀର ତ୍ୟାଗାନ୍ତେ ମୁଁ ତାହାକୁ ହିଁ ପ୍ରାପ୍ତ ହେବି । ଏଭଳି ଯେଉଁମାନେ ନିଶ୍ଚିତ କରିନେଇଛନ୍ତି ଏବଂ ଶଙ୍କା ଉନ୍ମୋଚନ କରିପାରିଛନ୍ତି, ତାଙ୍କୁ ଶାଣ୍ଡିଲ୍ୟ ବିଦ୍ୟାଧିକାରୀ କୁହାଯାଇପାରେ ଅର୍ଥାତ୍ ତାଙ୍କୁ ହିଁ ଈଶ୍ୱରଭାବ ପ୍ରାପ୍ତି ହୋଇପାରେ । ଏହିଭଳି ଶାଣ୍ଡିଲ୍ୟ କହିଅଛନ୍ତି ।।୪।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଚତୁର୍ଦ୍ଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ପଞ୍ଚଦଶ ଖଣ୍ଡ)

୧୫. ବିରାଟ ରୂପ କୋଶର ଉପାସନା

ଅନ୍ତରିକ୍ଷୋଦରଃ କୋଶୋ ଭୂମିବୁଧ୍ନୋ ନ ଜୀର୍ୟତି ଦିଶୋ ହ୍ୟସ୍ୟ ସ୍ରକ୍ତୟୋ ଦ୍ୟୌରସ୍ୟୋତ୍ତରଂ ବିଲଁସ ଏଷ କୋଶୋ ବସୁଧାନ ସ୍ତସ୍ମିନ୍ବିଶ୍ୱମିଦଁଶ୍ରିତମ୍ ।।୧।।

ଅନ୍ତରୀକ୍ଷ ଯାହାଙ୍କର ଉଦର ଅଟେ, ସେହି କୋଶ ପୃଥିବୀରୂପ ମୂଳବୀଜ ସଦୃଶ ଅଟେ । ତାହା ଜୀର୍ଣ୍ଣ (କ୍ଷୟ) ହୁଏନାହିଁ । ଦିଗଗଣ ତାହାଙ୍କର କୋଣ ହୋଇଥାଆନ୍ତି, ଆକାଶ ଉର୍ଦ୍ଧ୍ୱଛିଦ୍ର ହୋଇଥାଏ ଏବଂ ଉକ୍ତ କୋଶ ବସୁଧାନ ବୋଲାଇଥାଏ, ଯେଉଁଥିରେ ଏହି ସମଗ୍ର ବିଶ୍ୱ ସ୍ଥିତ ଅଟେ ।।୧।।

ତସ୍ୟ ପ୍ରାଚୀ ଦିଗ୍‌ଜୁହୂର୍ନାମ ସହମାନା ନାମ ଦକ୍ଷିଣା ରାଜ୍ଞୀନାମ ପ୍ରତୀଚୀ ସୁଭୂତା ନାମୋଦୀଚୀ ତାସାଂ ବାୟୁର୍ବସ୍ଃ ସ ଯ ଏତମେବଂ ବାୟୁଂ ଦିଶାଂ ବସଂ ବେଦ ନ ପୁତ୍ରରୋଦଁରୋଦିତି ସୋଽହମେତମେବଂ ବାୟୁଂ ଦିଶାଂ ବସଂ ବେଦ ମା ପୁତ୍ରରୋଦଁରୁଦମ୍ ।।୨।।

ଏହି କୋଶର ପୂର୍ବଦିଗ 'ଜୁହୁ' ନାମ ଯୁକ୍ତ ଅଟେ । ଦକ୍ଷିଣ 'ସହମାନା', ପଶ୍ଚିମ 'ରାଜ୍ଞୀ' ଏବଂ ଉତ୍ତର ଦିଗ 'ସୁଭୂତା' ନାମଯୁକ୍ତ ଅଟେ । ସେହି ଦିଗମାନଙ୍କର ବାୟୁ ବସ ଅଟେ । ଯିଏ ଏହିଭଳି ବସରୂପରେ ତାଙ୍କୁ ଜାଣନ୍ତି, ସେମାନେ ପୁତ୍ର ନିମିତ୍ତ ରୋଦନ କରନ୍ତି ନାହିଁ । ସେହି ମହାତ୍ମା, ମୁଁ ଏହିଭଳି ଭାବେ ଏହି ବାୟୁକୁ ଦିଗଗଣଙ୍କର ବର୍ଷରୂପରେ ଜାଣୁଅଛି ଅତଃ ପୁତ୍ର ନିମନ୍ତେ ଶୋକ କରିବି ନାହିଁ, ଏହିଭଳି ସ୍ଥିର କରିନିଅନ୍ତି ।୨

ଅରିଷ୍ଟଂ କୋଶଂ ପ୍ରପଦ୍ୟେଽମୁନାମୁନାମୁନା ପ୍ରାଣଂ ପ୍ରପଦ୍ୟେଽମୁନାମୁନାମୁନା ଭୂଃ ପ୍ରପଦ୍ୟେଽମୁନାମୁନାମୁନା ଭୁବଃ ପ୍ରପଦ୍ୟେଽମୁନାମୁନାମୁନା ସ୍ୱଃ ପ୍ରପଦ୍ୟେଽମୁନାମୁନାମୁନା ।।୩।।

ମୁଁ ଅମୁକ ଅମୁକ ସହିତ ଅବିନାଶୀ କୋଶର ଶରଣାପନ୍ନ ହୋଇଛି । ଅମୁକ ଅମୁକ ଅମୁକ (ଏଠାରେ ଯେଉଁ ଯେଉଁ ସ୍ଥାନରେ ଅମୁକ ଶବ୍ଦ ଆସୁଛି, ସେଠାରେ ନିଜ ନିଜ ପୁତ୍ରର ନାମ ଉଚ୍ଚାରଣ କରାଯିବା ଦରକାର) ସହିତ ପ୍ରାଣର ଶରଣାପନ୍ନ ହୋଇଛି, ସେହିଭଳି ଭୂଃ ଶରଣ ହୋଇଛି, ଭୁବଃ ଶରଣ ହୋଇଛି ଏବଂ ସ୍ୱଃ ଶରଣ ଯାଇଛି

।।୩।।

ସ ଯଦବୋଚଂ ପ୍ରାଣଂ ପ୍ରପଦ୍ୟ ଇତି ପ୍ରାଣୋ ବା ଇଦଁସର୍ବଂ ଭୂତଂ ଯଦିଦଂ କିଞ୍ଚ ତମେବ ତତ୍ପ୍ରାପତ୍ସି ।।୪।।
ଅଥ ଯଦବୋଚଂ ଭୂଃ ପ୍ରପଦ୍ୟ ଇତି ପୃଥିବୀଂ ପ୍ରପଦ୍ୟେଽନ୍ତରିକ୍ଷଂ ପ୍ରପଦ୍ୟେ ଦିବଂ ପ୍ରପଦ୍ୟ ଇତ୍ୟେବ ତଦବୋଚମ୍ ।।୫।।
ଅଥ ଯଦବୋଚଂ ଭୁବଃ ପ୍ରପଦ୍ୟ ଇତ୍ୟଗ୍ନିଂ ପ୍ରପଦ୍ୟେ ବାୟୁଂ ପ୍ରପଦ୍ୟ ଆଦିତ୍ୟଂ ପ୍ରପଦ୍ୟ ଇତ୍ୟେବ ତଦବୋଚମ୍ ।।୬।।
ଅଥ ଯଦବୋଚଁସ୍ୱଃ ପ୍ରପଦ୍ୟ ଇତ୍ୟୃଗ୍‌ବେଦଂ ପ୍ରପଦ୍ୟେ ଯଜୁର୍ବେଦଂ ପ୍ରପଦ୍ୟେ ସାମବେଦଂ ପ୍ରପଦ୍ୟ ଇତ୍ୟେବ ତଦବୋଚଂ ତଦବୋଚମ୍ ।।୭।।

ମୁଁ ଏଭଳି ଯେଉଁ କୁ-କଥା କହିଛି ଅର୍ଥାତ୍ ମୁଁ ପ୍ରାଣର ଶରଣାପନ୍ନ ହୋଇଛି । ତାହାର ଅର୍ଥ ହେଲା ସମ୍ପୂର୍ଣ୍ଣ ଭୂତ ସମୁଦାୟ ମୋର ପ୍ରାଣ ଅଟନ୍ତି, ଯାହାଙ୍କର ମୁଁ ଶରଣାପନ୍ନ ହୋଇଛି ।।୪।।

ସେହିଭଳି ମୁଁ ଭୂଃ ଶରଣ ଯାଇଛି ଅର୍ଥାତ୍ ପୃଥିବୀର ଶରଣାପନ୍ନ ହୋଇଛି । ସେହିଭଳି ଅନ୍ତରୀକ୍ଷ ଏବଂ ଦ୍ୟୁଲୋକର ଶରଣ ମଧ୍ୟ ଯାଇଛି ।।୫।।

ପୁଣି ମୁଁ ଯେପରି କହିଲି, ଭୁବଃ ଶରଣ ଯିବାକଥା, ସେଥିରେ ଅଗ୍ନିଙ୍କ ନିକଟବର୍ତ୍ତୀ ହେବା ଏବଂ ବାୟୁ ତଥା ଆଦିତ୍ୟଙ୍କର ଶରଣ ଯିବାକୁ ବୁଝାଉଛି।।୬।।

ସେହିଭଳି ସ୍ୱଃ ଶରଣର ଅର୍ଥ ହେଲା, ମୁଁ ଋକ୍‌ବେଦ ଆଦି ଶାସ୍ତ୍ରମାନଙ୍କର ଶରଣ ଯାଇଛି, ଯଜୁର୍ବେଦର ଶରଣ ଯାଇଛି ଆଉ ସାମ୍‌ବେଦ ଆଦିର ଶରଣ ଯାଇଛି, ଯାହା ମୁଁ କହିଅଛି । ଏହିଭଳି ବୁଝିନେବା ଦରକାର ।।୭।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ପଞ୍ଚଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ଷୋଡ଼ଶ ଖଣ୍ଡ)

୧୬. ପୁରୁଷଙ୍କୁ ଯଜ୍ଞରୂପେ ଉପାସନା

ପୁରୁଷୋ ବାବ ଯଜ୍ଞସ୍ତସ୍ୟ ଯାନି ଚତୁର୍ବିଁଶତିବର୍ଷାଣି ତତ୍ପ୍ରାତଃସବନଂ ଚତୁର୍ବିଁଶତ୍ୟକ୍ଷରା ଗାୟତ୍ରୀ ଗାୟତ୍ରଂ ପ୍ରାତଃସବନଂ ତଦସ୍ୟ

ବସବୋଽନ୍ୱାୟତ୍ତାଃ ପ୍ରାଣା ବାବ ବସବ ଏତେ ହୀଦ୍ଁସର୍ବଂ ବାସୟନ୍ତି ।।୧।।

ନିଶ୍ଚିତଭାବେ ପୁରୁଷ ଯଜ୍ଞ ଅଟନ୍ତି । ତାଙ୍କ ଆୟୁର ଚବିଶି ବର୍ଷ ପର୍ଯ୍ୟନ୍ତ ପ୍ରାତଃ ସବନ ଅଟେ । ଗାୟତ୍ରୀ ଚବିଶି ଅକ୍ଷରଯୁକ୍ତା ଅଟନ୍ତି, ତେଣୁ ଏହି ପ୍ରାତଃ ସବନ ଗାୟତ୍ରୀ ଛନ୍ଦସହ ସମ୍ବନ୍ଧ ରକ୍ଷା କଲେ । ଉକ୍ତ ପ୍ରାତଃସବନର ବସୁଗଣ ଅନୁଗତ ଅଟନ୍ତି, ପ୍ରାଣ ବସୁ ଅଟେ କାହିଁକି ନାଁ ସେ ଏମାନଙ୍କୁ ବସାଇଅଛନ୍ତି । ଯଦି ଏହି ପ୍ରାତଃସବନ ସମ୍ପନ୍ନ ଆୟୁରେ କଷ୍ଟ ଉପୁଜେ, ତେବେ ତାଙ୍କୁ କହିବାକୁ ହେବ– ।।୧।।

ତଂ ଚେଦେତସ୍ମିନ୍ବୟସି କିଞ୍ଚିଦୁପତପେତ୍ସ ବ୍ରୂୟାତ୍ପ୍ରାଣା ବସବ ଇଦଂ ମେ ପ୍ରାତଃସବନଂ ମାଧ୍ୟନ୍ଦିନ୍ଁସବନମନୁସଂତନୁତେତି ମାଽହଂ ପ୍ରାଣାନାଂ ବସୂନାଂ ମଧ୍ୟେ ଯଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ ଏତ୍ୟଗଦୋ ହ ଭବତି ।।୨।।

''ହେ ପ୍ରାଣରୂପ ବସୁଗଣ ! ମୋର ଏହି ପ୍ରାତଃସବନକୁ ମାଧ୍ୟନ୍ଦିନ ସବନ ସହିତ ଏକାକାର କରାଇଦିଅନ୍ତୁ । ଯଜ୍ଞ ସ୍ୱରୂପରେ ଆପଣ ପ୍ରାଣରୂପ ବସୁ ମଧ୍ୟରେ ବିଲୁପ୍ତ ବା ନଷ୍ଟ ନ ହୋଇଯାଏ ।'' ସେତେବେଳେ ଏହି କଷ୍ଟରୁ ମୁକ୍ତ ହୋଇ ଉକ୍ତ ବ୍ୟକ୍ତି ନୀରୋଗ ହୋଇଯାଏ ।।୨।।

ଅଥ ଯାନି ଚତୁଶ୍ଚତ୍ୱାରିଁଶଦ୍ୱର୍ଷାଣି ତନ୍ମାଧ୍ୟନ୍ଦିନ୍ଁସବନଂ ଚତୁଶ୍ଚତ୍ୱାରିଁଶଦକ୍ଷରା ତ୍ରିଷ୍ଟୁପ୍‌ତ୍ରୈଷ୍ଟୁଭଂ ମାଧ୍ୟନ୍ଦିନ୍ଁସବନଂ ତଦସ୍ୟ ରୁଦ୍ରା ଅନ୍ୱାୟତ୍ତାଃ ପ୍ରାଣା ବାବ ରୁଦ୍ରା ଏତେ ହୀଦ୍ଁସର୍ବଁରୋଦୟନ୍ତି ।।୩।।

ତଦନନ୍ତର ଯେଉଁ ଚଉରାଳିଶି ବର୍ଷ ରହିଛି, ତାହାକୁ ମାଧ୍ୟନ୍ଦିନସବନ କହନ୍ତି । ତ୍ରିଷ୍ଟୁପ୍‌ଛନ୍ଦ ଚଉରାଳିଶି ଅକ୍ଷରଯୁକ୍ତା ଅଟେ । ତେଣୁ ମାଧ୍ୟନ୍ଦିନସବନ ତ୍ରିଷ୍ଟୁପ୍‌ଛନ୍ଦ ସହିତ ସମ୍ବନ୍ଧିତ ଅଟେ । ରୁଦ୍ରଗଣ ଏହି ମାଧ୍ୟନ୍ଦିନ ସବନର ଅନୁଗତ ଅଟନ୍ତି । ପ୍ରାଣ ହିଁ ରୁଦ୍ର ଅଟେ କାହିଁକି ନାଁ ଏମାନେ ସମସ୍ତେ ସମଗ୍ର ପ୍ରାଣୀଜଗତକୁ କନ୍ଦାଇ ଥାଆନ୍ତି । ଯଦି ଉକ୍ତ ଯଜ୍ଞକର୍ତ୍ତାଙ୍କୁ ଏହି ଅବଧିରେ ରୋଗ ସନ୍ତାପ ସ୍ପର୍ଶକରେ, ତେବେ ସେ ଏହିଭଳି ପ୍ରାର୍ଥନା କରିବା ଦରକାର— ।।୩।।

ତଂ ଚେଦେତସ୍ମିନ୍ବୟସି କିଞ୍ଚିଦୁପତପେତ୍ସ ବ୍ରୂୟାତ୍ପ୍ରାଣା ରୁଦ୍ରା ଇଦଂ ମେ ମାଧ୍ୟନ୍ଦିନ୍ଁସବନଂ ତୃତୀୟସବନମନୁସଂତନୁତେତି ମାହଂ ପ୍ରାଣାନ୍ଁରୁଦ୍ରାଣାଂ ମଧ୍ୟେ ଯଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ

ଏତ୍ୟଗଦୋ ହ ଭବତି ।।୪।।

''ହେ ପ୍ରାଣରୂପ ରୁଦ୍ରଗଣ ! ମୋର ଏହି ମଧ୍ୟାହ୍ନକାଳୀକ ସବନକୁ ତୃତୀୟସବନରେ ଏକୀଭୂତ କରାଇଦିଅନ୍ତୁ । ଯଜ୍ଞସ୍ୱରୂପରେ ପ୍ରାଣରୂପ ରୁଦ୍ରଙ୍କ ମଧ୍ୟରେ କେବେ ବିଚ୍ଛିନ୍ନ ବା ନଷ୍ଟ ନ କରାନ୍ତୁ ।'' ଏଭଳି କହିବା ଦ୍ୱାରା ଉକ୍ତ କଷ୍ଟରୁ ମୁକ୍ତି ମିଳି ଆରୋଗ୍ୟ ଲାଭ ହୁଏ ।।୪।।

ଅଥ ଯାନ୍ୟଷ୍ଟାଚତ୍ୱାରିଁଶଦ୍ୱର୍ଷାଣି ତତ୍ତୃତୀୟସବନମଷ୍ଟାଚତ୍ୱାରିଁଶଦକ୍ଷରା ଜଗତୋ ଜାଗତଂ ତୃତୀୟସବନଂ ତଦସ୍ୟାଦିତ୍ୟା ଅନ୍ୱାୟତ୍ତାଃ ପ୍ରାଣା ବାବାଦିତ୍ୟା ଏତେ ହୀଦଁସର୍ବମାଦଦତେ ।।୫।।

ଏହାପରେ ଯେଉଁ ଅଠଚାଳିଶି ବର୍ଷ ଭୋଗ ହୁଏ ତାହାକୁ ତୃତୀୟସବନ କହନ୍ତି । ଜଗତୀଛନ୍ଦ ଅଠଚାଳିଶି ଅକ୍ଷରଯୁକ୍ତ ଅଟେ, ତେଣୁ ତୃତୀୟସବନ ତାହା ସହ ସମ୍ବନ୍ଧିତ ଅଟେ । ଆଦିତ୍ୟଗଣ ଏହି ସବନର ଅନୁଗତ ଅଟନ୍ତି । ପ୍ରାଣ ହିଁ ଆଦିତ୍ୟ ଅଟନ୍ତି । କାହିଁକି ନାଁ ସେ ହିଁ ଏହି ସମ୍ପୂର୍ଣ୍ଣ ବିଷୟ ଜଗତକୁ ଗ୍ରହଣ କରିଛନ୍ତି । ସେହି ଉପାସକଙ୍କୁ ଯଦି ଏହି ଅବଧିରେ ରୋଗ-ସନ୍ତାପ ଆଦି ସ୍ପର୍ଶକରେ, ତେବେ ତାଙ୍କୁ ଏଭଳି ପ୍ରାର୍ଥନା କରିବା ଦରକାର ।।୫।।

ତଂ ଚେଦେତସ୍ମିନ୍ୱୟସି କିଞ୍ଚିଦୁପତପେତ୍ସ ବ୍ରୂୟାତ୍ ପ୍ରାଣା ଆଦିତ୍ୟା ଇଦଂ ମେ ତୃତୀୟସବନମାୟୁରନୁସଂତନୁତେତି ମାହଂ ପ୍ରାଣାନାମାଦିତ୍ୟାନାଂ ମଧ୍ୟେ ଯଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ ଏତ୍ୟଗଦୋ ହୈବ ଭବତି ।।୬।।

''ହେ ପ୍ରାଣରୂପ ଆଦିତ୍ୟଗଣ ! ମୋର ଏହି ତୃତୀୟସବନକୁ ଆୟୁ ସହ ଏକୀଭୂତ କରାଇଦିଅନ୍ତୁ । ଯଜ୍ଞ ସ୍ୱରୂପ ପ୍ରାଣରୂପ ଆଦିତ୍ୟଙ୍କ ମଧ୍ୟରେ ବିନଷ୍ଟ କରାନ୍ତୁ ନାହିଁ ।'' ଏହିଭଳି କହିବା ଦ୍ୱାରା ସାଧକ କଷ୍ଟମୁକ୍ତ ହୋଇ ନୀରୋଗ ହୋଇଯାଏ ।।୬।।

ଏତଦ୍ଧ ସ୍ମ ବୈ ତଦ୍ୱିଦ୍ୱାନାହ ମହିଦାସ ଐତରେୟଃ ସ କିଂ ମ ଏତଦୁପତପସି ଯୋଽହମନେନ ନ ପ୍ରେଷ୍ୟାମୀତି ସ ହ ଷୋଡ଼ଶଂ ବର୍ଷଶତମଜୀବତ୍ପ୍ର ହ ଷୋଡ଼ଶଂ ବର୍ଷଶତଂ ଜୀବତି ଯ ଏବଂ ବେଦ ।।୭।।

ଏହି ପ୍ରସିଦ୍ଧ ବିଦ୍ୟାକୁ ଜାଣିଥିବା ଐତରେୟ ମହୀଦାସ କହିଥିଲେ— 'ଆରେ ରୋଗ ! ତୁ ମୋତେ କଷ୍ଟ କାହିଁକି ଦେଉଛୁ ? ମୁଁ ଏହି ରୋଗଦ୍ୱାରା ମୃତ୍ୟୁକୁ ପ୍ରାପ୍ତ ହେବିନାହିଁ ।' ସେ ଏହିଭଳି ଶହେଷୋହଳ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରିଥିଲେ

। ତେଣୁ ଯିଏ ଉପରୋକ୍ତ ସବନବିଦ୍ୟାକୁ ଏହିଭଳି ଭାବରେ ଜାଣନ୍ତି, ନିଶ୍ଚିତଭାବେ ସେ ଶତାଧିକ ବର୍ଷ ଜୀବିତ ରହନ୍ତି ।।୭।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଷୋଡ଼ଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ସପ୍ତଦଶ ଖଣ୍ଡ)

୧୭.ଆତ୍ମଯଜ୍ଞର ଅନ୍ୟ ଅଙ୍ଗ

ସ ଯଦଶିଶିଷତି ଯତ୍ପିପାସତି ଯନ୍ନ ରମତେ ତା ଅସ୍ୟ ଦୀକ୍ଷାଃ ।।୧।।

ଯେଉଁ ବ୍ୟକ୍ତି ଭୋଜନ ଅଭିଳାଷୀ ହୋଇଥାଏ, ଯିଏ ପାନୀୟ ଅଭିଳାଷୀ ହୋଇଥାଏ ଆଉ ଯିଏ ରମମାଣ (ପ୍ରସନ୍ନ) ହୋଇନଥାଏ— ତାହା ତାଙ୍କର ଦୀକ୍ଷା ଅଟେ ।।୧।।

ଅଥ ଯଦଶ୍ନାତି ଯତ୍ପିବତି ଯଦ୍ରମତେ ତଦୁପସଦୈରେତି ।।୨।।
ଅଥ ଯଦ୍ଧସତି ଯଜ୍ଜକ୍ଷତି ଯନ୍ମୈଥୁନଂ ଚରତି ସ୍ତୁତଶସ୍ତ୍ରୈରେବ ତଦେତି ।।୩।।

ପୁଣି ଯିଏ ଖାଏ, ଯିଏ ପିଏ ଓ ରତି ଅନୁଭବ କରେ, ସେ ଉପସଦଙ୍କର ସଦୃଶତା ପ୍ରାପ୍ତ କରେ ।।୨।।

ପୁନଶ୍ଚ ଯିଏ ହସେ, ଭକ୍ଷଣକରେ ଏବଂ ମୈଥୁନାଦି କରେ ସେ ସମସ୍ତ ସ୍ତୁତଶସ୍ତ୍ରଙ୍କ ସମାନତା ପ୍ରାପ୍ତ ହୁଏ ।।୩।।

ଅଥ ଯତ୍ତପୋ ଦାନମାର୍ଜବମହିଂସା ସତ୍ୟବଚନମିତି ତା ଅସ୍ୟ ଦକ୍ଷିଣାଃ ।।୪।।
ତସ୍ମାଦାହୁଃ ସୋଷ୍ୟତ୍ୟସୋଷ୍ଟେତି ପୁନରୁତ୍ପାଦନମେବାସ୍ୟ ତନ୍ମରଣମେବାବଭୃଥଃ ।।୫।।

ଯିଏ ତପ, ଦାନ, ଅର୍ଜବ(ସରଳତା), ଅହିଂସା ଓ ସତ୍ୟବଚନ ଆଦିର ପାଳନ କରେ, ସେ ଏ ସବୁର ଦକ୍ଷିଣା ପାଏ ।।୪।।

ଏହାକୁ କହନ୍ତି ପ୍ରସୂତା, ଯାହାକୁ କହନ୍ତି ପୁନର୍ଜନ୍ମ । ତାଙ୍କ ପାଇଁ ମରଣ ଅବଭୃଥ ସ୍ନାନ ଅଟେ ।।୫।।

ତଦ୍ଧୈତଦ୍‌ଘୋର ଆଙ୍ଗିରସଃ କୃଷ୍ଣାୟ ଦେବକୀପୁତ୍ରାୟୋକ୍ତ୍ୱୋ-

ବାଚାପିପାସ ଏବ ସ ବଭୂବ ସୋଽନ୍ତବେଳାୟାମେତତ୍ତ୍ରୟଂ ପ୍ରତିପଦ୍ୟେ ତାକ୍ଷିତମସ୍ୟଚ୍ୟୁତମସି ପ୍ରାଣସଁଶିତମସୀତି ତତ୍ରୈତେ ଦ୍ୱେ ଋଚୌ ଭବତଃ ।।୬।।

ଅଙ୍ଗିରସ ଋଷି ଦେବକୀପୁତ୍ର କୃଷ୍ଣଙ୍କୁ ଏହି ଯଜ୍ଞଦର୍ଶନ ଶୁଣାଇଥିଲେ, ଯେଉଁଥିରୁ ସେ ଅନ୍ୟ ବିଦ୍ୟାମାନଙ୍କ ପ୍ରତି ତୃଷ୍ଣାହୀନ ହୋଇଯାଇ କହିଲେ—ତାଙ୍କୁ ଅନ୍ତଃକାଳରେ ନିମ୍ନ ତିନୋଟି ମନ୍ତ୍ର ଜପ କରିବା ଦରକାର । ଯଥା—

୧) ତୁ ଅକ୍ଷିତ (ଅକ୍ଷୟ) ଅଟୁ, ୨) ଅଚ୍ୟୁତ (ଅବିନାଶୀ) ଅଟୁ ଏବଂ ୩) ଅତି ସୂକ୍ଷ୍ମ ପ୍ରାଣ ଅଟୁ । ଏଇଥିପାଇଁ ଏହି ବିଷୟରେ ଦୁଇଟି ପ୍ରସିଦ୍ଧ ଋଚ୍ଚା ରହିଛି ।।୬।।

ଯଥା— ''ଆଦିତ୍‌ପ୍ରନ୍‌ସ୍ୟ ରେତସଃ''[୧] ଗୋଟିଏ ମନ୍ତ୍ର ଏବଂ ଅନ୍ୟଟି ''ଉଦ୍ୱୟମ୍ ତମସସ୍ପରି'' । ପ୍ରଥମ ମନ୍ତ୍ରଟିର ଅର୍ଥ ହେଉଛି— ପୁରାତନ କାରଣରୁ ପ୍ରକାଶ ଦେଖାଯାଏ । ଏହି ସର୍ବବ୍ୟାପ୍ତ ପ୍ରକାଶ ଯିଏ ଯେଉଁ ପରଂବ୍ରହ୍ମଙ୍କଠାରେ ସ୍ଥିତ ପରମତେଜ ସଦୃଶ ଦେଦୀପ୍ୟମାନ ହେଉଛି, ତାହା ତାଙ୍କର ଅଟେ ।

ଆଦିତ୍‌ପନ୍‌ସ୍ୟ ରେତସଃ । ଉଦ୍ୱୟଂ ତମସସ୍ପରି ଜ୍ୟୋତିଃ ପଶ୍ୟନ୍ତ ଉତ୍ତରଁସ୍ୱଃ ପଶ୍ୟନ୍ତ ଉତ୍ତରଂ ଦେବଂ ଦେବତ୍ରା ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମିତି ଜ୍ୟୋତିରୁତ୍ତମମିତି ।।୭।।

ଏବେ ଦ୍ୱିତୀୟ ମନ୍ତ୍ରର ଅର୍ଥ କୁହାଯାଉଛି— ଅଜ୍ଞାନରୂପ ଅନ୍ଧକାରାତୀତ ଉତ୍କୃଷ୍ଟ ଜ୍ୟୋତିକୁ ଯିଏ ଦେଖି ଆତ୍ମୀୟଙ୍କ ଉତ୍କୃଷ୍ଟ ତେଜକୁ ଦେଖିପାରନ୍ତି, ଆମେ ସମ୍ପୂର୍ଣ୍ଣ ଦେବଗଣଙ୍କ ମଧ୍ୟରେ ପ୍ରକାଶମାନ୍ ସେହି ଜ୍ୟୋତିଃସ୍ୱରୂପ ସୂର୍ଯ୍ୟଙ୍କୁ ପ୍ରାପ୍ତ ହୋଇଥାଉ ।।୭।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ସପ୍ତଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

---

୧ ଆନନ୍ଦଗିରି ଟୀକାରେ ଉପଲବ୍ଧ ମୂଳମନ୍ତ୍ରଟି ହେଉଛି— ଆଦିତ୍ ପ୍ରନ୍‌ସ୍ୟ ରେତସୋ ଜ୍ୟୋତିଃ ପଶ୍ୟନ୍ତି ବାସର୍ । ପରୋ ଯଦିଧତେ ଦିବି ।।

(ତୃତୀୟ ଅଧ୍ୟାୟ-ଅଷ୍ଟାଦଶ ଖଣ୍ଡ)

୧୮. ମନ ଏବଂ ଆକାଶ ଉଭୟଙ୍କୁ ବ୍ରହ୍ମରୂପରେ ଉପାସନା

ମନୋ ବ୍ରହ୍ମେତ୍ୟୁପାସୀତେତ୍ୟଧ୍ୟାତ୍ମମଥାଧିଦୈବତମାକାଶୋ ବ୍ରହ୍ମେତ୍ୟୁଭୟମାଦିଷ୍ଟଂ ଭବତ୍ୟଧ୍ୟାତ୍ମଂ ଚାଧିଦୈବତଂ ଚ ।।୧।।

ମନ ବ୍ରହ୍ମ ଅଟେ, ଏହି ପ୍ରକାର ଉପାସନା କରିବା ଦରକାର । ଏହାକୁ ଅଧ୍ୟାତ୍ମ ଦୃଷ୍ଟି କହନ୍ତି । ସେହିଭଳି ଆକାଶ ବ୍ରହ୍ମ ଅଟେ । ଏଭଳି ଜ୍ଞାନ କରିବାକୁ ଅଧିଦୈବତ ଦୃଷ୍ଟି କୁହାଯାଏ । ଏହିଭଳି ଅଧ୍ୟାତ୍ମ ଏବଂ ଅଧିଦୈବତ ଉଭୟ ଉପାୟରେ ଅବଗତ ହେବାପାଇଁ ଉପଦେଶ ଦିଆଯାଇଛି ।।୧।।

ତଦେତଚ୍ଚତୁଷ୍ପାଦ୍‌ବ୍ରହ୍ମ । ବାକ୍‌ପାଦଃ ପ୍ରାଣଃ ପାଦଶ୍ଚକ୍ଷୁଃ ପାଦଃ ଶ୍ରୋତ୍ରଂ ପାଦ ଇତ୍ୟଧ୍ୟାତ୍ମମ୍ । ଅଥାଧିଦୈବତମଗ୍ନିଃ ପାଦୋ ବାୟୁଃ ପାଦ ଆଦିତ୍ୟଃ ପାଦୋ ଦିଶଃ ପାଦ ଇତ୍ୟୁଭୟମେବାଦିଷ୍ଟଂ ଭବତ୍ୟଧ୍ୟାତ୍ମଂ ଚୈବାଧିଦୈବତଂ ଚ ।।୨।।

ଏହି ମନସଂଜ୍ଞକ ବ୍ରହ୍ମ ଚାରିପାଦଯୁକ୍ତ ଅଟେ । ଯଥା ବାକ୍, ପ୍ରାଣ, ଚକ୍ଷୁ ଏବଂ ଶ୍ରୋତ୍ରରୂପୀ ପାଦ । ଏହା ଅଧ୍ୟାତ୍ମ ଅଟେ । ଏବେ ଅଧିଦୈବତ କଥା କୁହାଯାଉଛି । ଅଗ୍ନି ପାଦ ଅଟେ । ସେହିଭଳି ବାୟୁ, ଆଦିତ୍ୟ ଏବଂ ଦିଗଗଣଙ୍କୁ ମିଶାଇ ଚାରିପାଦ ଅଟନ୍ତି । ଏହିଭଳି ଭାବରେ ଅଧ୍ୟାତ୍ମ ଏବଂ ଅଧିଦୈବତ ଉଭୟ ପ୍ରକାରର ଉପଦେଶ ଦିଆଯାଇଛି ।।୨।।

ବାଗେବ ବ୍ରହ୍ମଣଶ୍ଚତୁର୍ଥଃ ପାଦଃ । ସୋଽଗ୍ନିନା ଜ୍ୟୋତିଷା ଭାତି ଚ ତପତି ଚ । ଭାତି ଚ ତପତି ଚ କୀର୍ତ୍ୟା ଯଶସା ବ୍ରହ୍ମବର୍ଚ୍ଚସେନ ଯ ଏବଂ ବେଦ ।।୩।।

ବାକ୍‌କୁ ବ୍ରହ୍ମଙ୍କର ଚତୁର୍ଥ ପାଦ ଭାବରେ ଗଣନା କରାଯାଏ । ଏହା ଅଗ୍ନିରୂପ ଜ୍ୟୋତିରେ ଦୀପ୍ତିମନ୍ତ ଓ ତାପିତ ହୋଇଥାଏ । ଯିଏ ଏଭଳି ଜାଣନ୍ତି, ସେ ଯଶ–କୀର୍ତ୍ତି ଓ ବ୍ରହ୍ମତେଜରେ ଦେଦୀପ୍ୟମାନ ତଥା ତାପିତ ଅର୍ଥାତ୍ ମୂର୍ତ୍ତିମନ୍ତ ହୋଇଥାଆନ୍ତି ।।୩।।

ପ୍ରାଣ ଏବ ବ୍ରହ୍ମଣଶ୍ଚତୁର୍ଥଃ ପାଦଃ । ସ ବାୟୁନା ଜ୍ୟୋତିଷା ଭାତି ଚ

ତପତି ଚ । ଭାତି ଚ ତପତି ଚ କୀର୍ତ୍ୟା ଯଶସା ବ୍ରହ୍ମବର୍ଚସେନ ଯ ଏବଂ ବେଦ ।।୪।।

ସେହିଭଳି ପ୍ରାଣକୁ ମନୋମୟ ବ୍ରହ୍ମର ଚତୁର୍ଥ ପାଦ ଭାବରେ ଗ୍ରହଣ କରାଯାଏ । ତାହା ବାୟୁରୂପ ଜ୍ୟୋତିରେ ପ୍ରକାଶିତ ହୋଇଥାଏ ଏବଂ ତାପିତ ମଧ୍ୟ ହୁଏ । ଯିଏ ଏହିଭଳି ଜାଣନ୍ତି, ସେ କୀର୍ତ୍ତି, ଯଶ ତଥା ବ୍ରହ୍ମତେଜରେ ପ୍ରକାଶିତ ହୁଅନ୍ତି ।।୪।।

ଚକ୍ଷୁରେବ ବ୍ରହ୍ମଣଶ୍ଚତୁର୍ଥଃ ପାଦଃ । ସ ଆଦିତ୍ୟେନ ଜ୍ୟୋତିଷା ଭାତି ଚ ତପତି ଚ । ଭାତି ଚ ତପତି ଚ କୀର୍ତ୍ୟା ଯଶସା ବ୍ରହ୍ମବର୍ଚସେନ ଯ ଏବଂ ବେଦ ।।୫।।

ତଦନୁରୂପ ଚକ୍ଷୁ ହିଁ ମନ ସଂଜ୍ଞକ ବ୍ରହ୍ମର ଚତୁର୍ଥ ପାଦ ଅଟେ । ସେ ଆଦିତ୍ୟରୂପ ଜ୍ୟୋତିରେ ପ୍ରକାଶିତ ଓ ତାପିତ ହୋଇଥାଆନ୍ତି । ଯିଏ ଏହିଭଳି ଜାଣନ୍ତି ସେ ମଧ୍ୟ ଯଶ, କୀର୍ତ୍ତି ଓ ତେଜ ପ୍ରାପ୍ତ ହୁଅନ୍ତି(ଅର୍ଥାତ୍ ଉକ୍ତ ତେଜରେ ପ୍ରକାଶିତ ହୋଇ ତାପିତ ହୁଅନ୍ତି) ।।୫।।

ଶ୍ରୋତ୍ରମେବ ବ୍ରହ୍ମଣଶ୍ଚତୁର୍ଥଃ ପାଦଃ । ସ ଦିଗ୍‌ଭିର୍ଜ୍ୟୋତିଷା ଭାତି ଚ ତପତି ଚ । ଭାତି ଚ ତପତି ଚ କୀର୍ତ୍ୟା ଯଶସା ବ୍ରହ୍ମବର୍ଚସେନ ଯ ଏବଂ ବେଦ ଯ ଏବଂ ବେଦ ।।୬।।

ଶ୍ରୋତ୍ର ମଧ୍ୟ ମନ ରୂପ ବ୍ରହ୍ମର ଚତୁର୍ଥ ପାଦ ଅଟେ । ତାହା ଦିଗରୂପକ ଜ୍ୟୋତିରେ ପ୍ରକାଶିତ ଓ ତାପିତ ହୋଇଥାଏ, ଯିଏ ଏହିଭଳି ଜାଣନ୍ତି ସେ ନିଃସନ୍ଦେହରେ ଯଶ, କୀର୍ତ୍ତି ଏବଂ ତେଜ ପ୍ରାପ୍ତ ହୁଅନ୍ତି ଓ ପ୍ରକାଶିତ ମଧ୍ୟ ହୁଅନ୍ତି ।।୬।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଅଷ୍ଟାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍

(ତୃତୀୟ ଅଧ୍ୟାୟ-ଏକୋନବିଂଶ ଖଣ୍ଡ)

୧୯.ଆଦିତ୍ୟଙ୍କୁ ବ୍ରହ୍ମରୂପେ ଉପାସନା

ଆଦିତ୍ୟୋ ବ୍ରହ୍ମେତ୍ୟାଦେଶସ୍ତସ୍ୟୋପବ୍ୟାଖ୍ୟାନମ- ସଦେବେଦମଗ୍ର ଆସୀତ୍ । ତତ୍‌ସଦାସୀତ୍ତତ୍‌ସମଭବତ୍ତଦାଣ୍ଡଂ ନିରବର୍ତତ ସତ୍‌ସଂବତ୍ସରସ୍ୟ ମାତ୍ରାମଶୟତ ତନ୍ନିରଭିଦ୍ୟତ ତେ

ଆଣ୍ଡକପାଲେ ରଜତଂ ଚ ସୁବର୍ଣ୍ଣଂ ଚାଭବତାମ୍ ।।୧।।

ଆଦିତ୍ୟ ବ୍ରହ୍ମ ଅଟନ୍ତି– ଏହିଭଳି ଉପଦେଶ ଦିଆଯାଇଛି, ଯାହାର ବ୍ୟାଖ୍ୟା ଏଠାରେ କରାଗଲା । ପ୍ରଥମେ ଏହା ଅସତ୍ ଥିଲା । ତାହା ସତ୍ ଅର୍ଥାତ୍ କାର୍ଯ୍ୟାଭିମୁଖ ହେଲା । ଅଙ୍କୁରିତ ହେଲା, ଏକ ଅଣ୍ଡରେ ପରିଣତ ହୋଇଗଲା । ସେହିଭଳି ଭାବରେ ଏକବର୍ଷ ପଡ଼ିରହି ତାପରେ ଫୁଟିଉଠିଲା । ଅଧୁନା ଦୁଇଖଣ୍ଡରେ ପରିଣତ ହେଲା । ଏହି ଉଭୟଖଣ୍ଡ ରଜତ ଏବଂ ସ୍ୱର୍ଣ୍ଣ ବର୍ଣ୍ଣ ଧାରଣ କଲେ ।।୧।।

ତଦ୍ୟଦ୍ରଜତଁସେୟଂ ପୃଥିବୀ ଯତ୍ସୁବର୍ଣ୍ଣଁସା ଦ୍ୟୌର୍ୟଜ୍ଜରାୟୁ ତେ ପର୍ବତା ଯଦୁଲ୍ବଁସମେଧୋ ନୀହାରୋ ଯା ଧମନୟସ୍ତା ନଦ୍ୟୋ ଯଦ୍ୱାସ୍ତେୟମୁଦକଁସ ସମୁଦ୍ରଃ ।।୨।।

ରଜତଖଣ୍ଡଟି ବର୍ତ୍ତମାନର ପୃଥିବୀ ଏବଂ ସ୍ୱର୍ଣ୍ଣଖଣ୍ଡଟି ଦ୍ୟୁଲୋକ ଭାବରେ ପରିଣତ ହେଲା । ସେହି ଅଣ୍ଡର ଯେଉଁ ଜରାୟୁ(ସ୍ଥୂଳ ଗର୍ଭବେଷ୍ଟନ) ଥିଲା, ତାହା ପର୍ବତରୂପ ଧାରଣ କରିଛି । ଯାହା ଉଲ୍ବ (ସୂକ୍ଷ୍ମ ଗର୍ଭବେଷ୍ଟନ) ଥିଲା, ତାହା ମେଘ ଭାବରେ ବିଦିତ । ଯେଉଁ ଧମନୀମାନେ ରହିଥିଲେ, ସେମାନେ ନଦୀ ତଥା ବସ୍ତିଗତ ଜଳ ଥିଲେ, ସେ ସମୁଦ୍ର ହୋଇଗଲେ ।।୨।।

ଅଥ ଯତ୍ତଦଜାୟତ ସୋଽସାବାଦିତ୍ୟସ୍ତଂ ଜାୟମାନଂ ଘୋଷା ଉଲୂଲବୋଽନୂଦତିଷ୍ଠନ୍ତ୍ସର୍ବାଣି ଚ ଭୂତାନି ସର୍ବେ ଚ କାମାସ୍ତସ୍ମାତ୍ତସ୍ୟୋଦୟଂ ପ୍ରତି ପ୍ରତ୍ୟାୟନଂ ପ୍ରତି ଘୋଷା ଉଲୂଲବୋଽନୂତ୍ତିଷ୍ଠନ୍ତି ସର୍ବାଣି ଚ ଭୂତାନି ସର୍ବେ ଚ କାମା ।।୩।।

ତହିଁରୁ ଯାହା ଉତ୍ପନ୍ନ ହେଲା, ତାହା ଆଦିତ୍ୟ ବୋଲାଇଲା । ତାଙ୍କର ଉତ୍ପନ୍ନ ହୁଅନ୍ତେ ବିଶାଳ ଏକ ଶବ୍ଦ ସୃଷ୍ଟିହେଲା । ତହିଁରୁ ସମ୍ପୂର୍ଣ୍ଣ ପ୍ରାଣୀ ଏବଂ ସେମାନଙ୍କର ସମ୍ପୂର୍ଣ୍ଣ ଭୋଗସମୂହ ଜାତହେଲେ । ଏହାପରେ ତାଙ୍କର ଉଦୟ ଏବଂ ଅନ୍ତର ଦୀର୍ଘ ଶବ୍ଦରୂପ ଘୋଷ ଜାତହେଲେ, ଯେଉଁଥିରେ ସମ୍ପୂର୍ଣ୍ଣ ପ୍ରାଣୀଜଗତ ଏବଂ ଭୋଗସାମଗ୍ରୀ ଉତ୍ପନ୍ନ ହୋଇଛନ୍ତି ।।୩।।

ସ ଯ ଏତମେବଂ ବିଦ୍ୱାନାଦିତ୍ୟଂ ବ୍ରହ୍ମେତ୍ୟୁପାସ୍ତେଽଭ୍ୟାଶୋ ହ ଯଦେନଁସାଧବୋ ଘୋଷା ଆ ଚ ଗଚ୍ଛେୟୁରୁପ ଚ ନିମ୍ରେଡେରନ୍ନିମ୍ରେଡେରନ୍ ।।୪।।

ଯିଏ ଏହାଙ୍କୁ ଏହିଭଳି ଜାଣନ୍ତି ଓ ଆଦିତ୍ୟଙ୍କୁ 'ଏହା ବ୍ରହ୍ମ ଅଟେ' ବୋଲି ବୁଝିଛନ୍ତି ଅର୍ଥାତ୍ ଆଦିତ୍ୟଙ୍କୁ ବ୍ରହ୍ମ ମନେକରିଛନ୍ତି ଏବଂ ତଦନୁରୂପେ ଉପାସନା କରୁଛନ୍ତି,

ସେ ଆଦିତ୍ୟରୂପ ହୋଇଯାଆନ୍ତି । ତାଙ୍କ ନିକଟକୁ ଖୁବ୍ ଶୀଘ୍ର ସୌନ୍ଦର୍ଯ୍ୟମୟ ଘୋଷ(ରଥ) ଆସି ପହଞ୍ଚେ ଆଉ ତହିଁରେ ସେ ସୁଖରେ ନିବାସ କରନ୍ତି ।।୪।।

ଇତିଛାନ୍ଦୋଗ୍ୟୋପନିଷଦି ତୃତୀୟାଧ୍ୟାୟେ ଏକୋନୋବିଂଶଖଣ୍ଡଂ ସମ୍ପୂର୍ଣ୍ଣମ୍

ତୃତୀୟୋଽଧ୍ୟାୟଃ ସମାପ୍ତଃ ।।୩।।

ଚତୁର୍ଥୋଽଧ୍ୟାୟଃ

ବ୍ରହ୍ମବିଦ୍ୟା ଉପଦେଶ

(ଚତୁର୍ଥ ଅଧ୍ୟାୟ -ପ୍ରଥମଖଣ୍ଡ)

୧. ରାଜା ଜାନଶ୍ରୁତି ଏବଂ ରୈକ୍ୱ ଉପାଖ୍ୟାନ

ଓଁ ଜାନଶ୍ରୁତିର୍ହ ପୌତ୍ରାୟଣଃ ଶ୍ରଦ୍ଧାଦେୟୋ ବହୁଦାୟୀ ବହୁପାକ୍ୟ ଆସ । ସ ହ ସର୍ବତ ଆବସଥାନ୍ମାପୟାଞ୍ଚକେ ସର୍ବତ ଏବ ମେଽତ୍ସ୍ୟନ୍ତୀତି ।।୧।।

ଜାନଶ୍ରୁତି କୁଳୋଦ୍ଭବ(ଜାନଶ୍ରୁତଙ୍କ ପୌତ୍ର) ଜନୈକ ମହାତ୍ମା ଗୋଟିଏ ଦେଶରେ ନିବାସ କରୁଥିଲେ । ଉକ୍ତ ବଂଶ ମହାନତାରେ ପରିପୂର୍ଣ୍ଣ ଥିଲା । ଦାନ ଦେବା, ଅନ୍ନ ପରିବେଷଣ କରିବା ତାଙ୍କର ଏକ ସହଜାତ ପ୍ରବୃତ୍ତି ଥିଲା । ଆବଶ୍ୟକ ସ୍ଥଳରେ ଧର୍ମଶାଳା ନିର୍ମାଣ କରିବା ତାଙ୍କର ଏକ ବିଶେଷ କ୍ରିୟା । ମୋଟଉପରେ କହିଲେ, ଉକ୍ତ ରାଜା ବଂଶାନୁସାରେ ଉପଯୁକ୍ତ ନାମାଧିକାରୀ ହୋଇସାରିଥିଲେ ।

ଅଥ ହ ହଁସା ନିଶାୟାମତିପେତୁସ୍ତଦ୍ଧୈବଁହଁସୋ ହଁସମଭ୍ୟୁବାଦ ହୋ ହୋଽୟି ଭଲ୍ଲାକ୍ଷ ଜାନଶ୍ରୁତେଃ ପ୍ରୌତ୍ରାୟଣସ୍ୟ ସମଂ ଦିବା ଜ୍ୟୋତିରାତତଂ ତନ୍ମା ପ୍ରସାଙ୍କ୍ଷୀସ୍ତତ୍ତ୍ୱା ମା ପ୍ରଧାକ୍ଷୀରିତି ।।୨।।

ତମୁ ହ ପରଃ ପ୍ରତ୍ୟୁବାଚ କମ୍ବର ଏନମେତସନ୍ତଁସୟୁଗ୍ୱାନମିବ ରୈକ୍ୱମାତ୍ଥେତି ଯୋ ନୁ କଥଁସୟୁଗ୍ୱା ରୈକ୍ୱ ଇତି ।।୩।।

ଯଥା କୃତାୟବିଜିତାୟାଧରେୟାଃ ସଂଯନ୍ତ୍ୟେବମେନଁସର୍ବ ତଦଭିସମେତି ଯକ୍ତିଞ୍ଚ ପ୍ରଜାଃ ସାଧୁ କୁର୍ବନ୍ତି ଯସ୍ତଦ୍ୱେଦ ଯତ୍ସ ବେଦ ସ ମୟୈତଦୁକ୍ତ ଇତି ।।୪।।

ଏକଦା ରାତ୍ରିକାଳରେ ତାଙ୍କ ପ୍ରାସାଦ ଉପର ଦେଇ କେତେକ ହଂସ ଉଡ଼ି ଯାଉଥିଲେ । ସେଥିରୁ ଗୋଟିଏ ହଂସ ଅନ୍ୟଜଣକୁ କହିଲା, ହେ ଭଲ୍ଲାକ୍ଷ ! ଦେଖ, ଜାନଶ୍ରୁତିଙ୍କ ପୌତ୍ର ଏତେ ତେଜୋବନ୍ତ ହୋଇଯାଇଛନ୍ତି ଯେ ତାଙ୍କର ଦୀପ୍ତି ସର୍ବତ୍ର ବିଚ୍ଛୁରିତ

ହୋଇଅଛି ।

ତେଣୁ ତୁମେମାନେ ତାଙ୍କ ପ୍ରାସାଦ ଉପର ଦେଇ ଉଡିଯାଇପାରିବନାହିଁ, କାରଣ ତୁମମାନଙ୍କୁ ସେହି ଜ୍ୟୋତି ଭସ୍ମ କରିଦେବ । ଏହା ଶୁଣି ଅଗ୍ରଗାମୀ ହଂସଟି କହିଲା, ଆହାଃ.. ତୁ କେଉଁ ରାଜାଙ୍କ ପ୍ରତି ଏଭଳି ସମ୍ମାନସୂଚକ ବଚନ କହୁଛୁ ? କ'ଣ ତୁ ତାଙ୍କୁ ଶଗଡ଼ିଆ ରୈକ୍ୱସମ ଭାବୁଛୁ କି ?

ଏହାଶୁଣି ସେ ପଚାରିଲା– ତାହେଲେ ସେହି ରୈକ୍ୱ ପୁଣି କିଏ ? ଯେଉଁଭଳି ଦ୍ୟୁତକ୍ରୀଡ଼ାରେ କୃତନାମକ ପଶାକୁ ଜୟ କରିପାରିଲେ, ତାଙ୍କୁ ଅନ୍ୟ ସମସ୍ତ ପଶାଗୁଡ଼ିକ ଦେଇ ଦିଆଯାଏ, ଠିକ୍ ସେହିଭଳି ପ୍ରଜାମାନଙ୍କର ସତ୍‌କର୍ମ ସେହି ରୈକ୍ୱଙ୍କୁ ପ୍ରାପ୍ତ ହୋଇଯାଉଥିଲା ଯାହାକି ରୈକ୍ୟନାମୀ ଉକ୍ତ ଶଗଡିଆ ଜୟ କରିପାରିଥିଲେ ।।୨–୪।।

ତଦୁ ହ ଜାନଶ୍ରୁତିଃ ପୌତ୍ରାୟଣ ଉପଶୁଶ୍ରାବ । ସ ହ ସଂଜିହାନ ଏବ କ୍ଷତ୍ତାରମୁବାଚାଙ୍ଗାରେ ହ ସୟୁଗ୍ୱାନମିବ ରୈକ୍ୱମାତ୍ଥେତି ଯୋ କଥଁସୟୁଗ୍ୱା ରୈକ୍ୱ ଇତି ।।୫।।

ଯଥା କୃତାୟବିଜିତାୟାଧରେୟାଃ ସଂଯନ୍ତ୍ୟେବମେନଁ ସର୍ବଂ ତଦଭିସମେତି ଯତ୍‌କିଞ୍ଚ ପ୍ରଜାଃ ସାଧୁ କୁର୍ବନ୍ତି ଯସ୍ତଦ୍ୱେଦ ଯସ୍ସ ବେଦ ସ ମୟୈତଦୁକ୍ତ ଇତି ।।୬।।

ଏହି କଥାକୁ ଜାନଶ୍ରୁତି ପୌତ୍ରାୟଣ ଶୁଣି ପକାଇଲେ । ସକାଳ ହୁଅନ୍ତେ ସେବକକୁ ଡାକି କହିଲେ, ଭାଇ ! ତୁମେ ସେହି ଶଗଡ଼ିଆ ରୈକ୍ୱଙ୍କ ଭଳି ମୋତେ କାହିଁକି ସ୍ତୁତି କରୁଛ ? ସେବକ ଜଣକ ପଚାରିଲା– ତାହେଲେ ସେ ଶଗଡ଼ିଆ ରୈକ୍ୱ କିଏ ? ରାଜା କହିଲେ, ଯେଉଁଭଳି କୃତପାଶା ଜୟକଲେ ଅନ୍ୟ ପାଶାଗୁଡ଼ିକ ଅନାୟାସରେ ଜିତିଥିବା ଲୋକର ହୋଇଯାଏ,

ସେହିଭଳି ସେହି ରୈକ୍ୱଙ୍କୁ, ପ୍ରଜାଙ୍କର ଯେଉଁକିଛି ସତ୍‌କର୍ମ ସଞ୍ଚିତ ହେଉଛି, ତାହା ତାଙ୍କୁ ଅନାୟାସରେ ପ୍ରାପ୍ତ ହେଉଛି । ଏହାର ଅର୍ଥ ହେଉଛି, ରୈକ୍ୱ ଯାହା ଜାଣିଛନ୍ତି ତାହା ଯିଏ ଜାଣିପାରିବେ, ସେ ମଧ୍ୟ ଏହିଭଳି ସତ୍‌କର୍ମର ଅଧିକାରୀ ହେବେ ।।୫–୬।।

ସ ହ କ୍ଷତ୍ତାନ୍ୱିଷ୍ୟ ନାବିଦମିତି ପ୍ରତ୍ୟେୟାୟ ତଁହୋବାଚ ଯତ୍ରାରେ ବ୍ରାହ୍ମଣସ୍ୟାନ୍ୱେଷଣା ତଦେନମର୍ଚ୍ଛେତି ।।୭।।

ସୋଽଧସ୍ତାଚ୍ଛକଟସ୍ୟ ପାମାନଂ କଷମାଣମୁପୋପବିବେଶ

ତଁହାଭ୍ୟୁବାଦ ତ୍ୱଂ ନୁ ଭଗବଃ ସୟୁଗ୍ୱା ରୈକ୍ୱ ଇତ୍ୟହଁହ୍ୟରା ୩ ଇତି ହ ପ୍ରତିଜଜ୍ଞେ ସ ହ କ୍ଷତ୍ତାବିଦମିତି ପ୍ରତ୍ୟେୟାୟ ।।୮।।

ଏହାଶୁଣି ସେବକ ଜଣକ ଉକ୍ତ ରୈକ୍ୱଙ୍କୁ ଖୋଜିବାପାଇଁ ବାହାରି ଆସିଲେ ମାତ୍ର ତାଙ୍କୁ ନ ପାଇ ଫେରିଆସିଲେ । ସେବକଙ୍କୁ ଦେଖି ପୁନଃ ରାଜା କହିଲେ, ଯେଉଁଠାରେ ବ୍ରାହ୍ମଣଙ୍କୁ ଖୋଜାଯାଏ, ସେଠାକୁ ଯାଇ ଖୋଜ, ମାତ୍ର ଫଳ କିଛି ହେଲାନାହିଁ । ଅନେକ ଖୋଜାଖୋଜି କରିବାପରେ ଗୋଟିଏ ଭଙ୍ଗା ଶଗଡ଼ ତଳୁ ଗୋଟିଏ ଅପରିଷ୍କାର ମ୍ଳେଚ୍ଛ ଲୋକକୁ ଆବିଷ୍କାର କରାଗଲା, ଯିଏ ସବୁବେଳେ ଦେହ ହାତ କୁଣ୍ଡାଉଥିଲା । ସେବକଜଣକ ଯାଇ ତାଙ୍କପାଖରେ ବସିପଡ଼ି ପଚାରିଲେ, ଭଗବାନ୍ ! ଆପଣ କ'ଣ ସେଇ ଶଗଡ଼ିଆ ରୈକ୍ୱ ? ଉତ୍ତର ଆସିଲା– ହଁ, କ'ଣ ହେଲାକି ? ଏହାଶୁଣି ସେବକ ତାଙ୍କୁ ପାଇଯାଇଥିବା ଉଲ୍ଲାସରେ ଉଆସକୁ ଫେରି ଆସିଲେ ।।୭–୮।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ପ୍ରଥମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧।।

(ଚତୁର୍ଥ ଅଧ୍ୟାୟ -ଦ୍ୱିତୀୟ ଖଣ୍ଡ)

୨. ଜାନଶ୍ରୁତିଙ୍କର ଉପଦେଶ ଗ୍ରହଣ

ତଦୁ ହ ଜାନଶ୍ରୁତିଃ ପୌତ୍ରାୟଣଃ ଷଟ୍‌ଶତାନି ଗବାଂ ନିଷ୍କମଶ୍ୱତରୀରଥଂ ତଦାଦାୟ ପ୍ରତିଚକ୍ରମେତଁହାଭ୍ୟୁବାଦ ।।୧।।
ରୈକ୍ୱମାନି ଷଟ୍‌ଶତାନି ଗବାମୟଂ ନିଷ୍କୋଽୟମଶ୍ୱତରୀରଥୋ ନୁ ମ ଏତାଂ ଭଗବୋ ଦେବତାଁଶାଧି ଯାଂ ଦେବତାମୁପାସ୍ସେ ଇତି ।।୨।।
ତମୁ ହ ପରଃ ପ୍ରତ୍ୟୁବାଚାହ ହାରେତ୍ୱା ଶୂଦ୍ର ତବୈବ ସହ ଗୋଭିରସ୍ତ୍ୱିତି ତଦୁ ହ ପୁନରେବ ଜାନଶ୍ରୁତିଃ ପୌତ୍ରାୟଣଃ ସହସ୍ରଂ ଗବାଂ ନିଷ୍କମଶ୍ୱତରୀରଥଂ ଦୁହିତରଂ ତଦାଦାୟ ପ୍ରତିଚକ୍ରମେ।।୩।।
ତଁହାଭ୍ୟୁବାଦରୈକ୍ୱେଦଁସହସ୍ରଂଗବାମୟଂନିଷ୍କୋଽୟମଶ୍ୱତରୀରଥ ଇୟଂ ଜାୟାୟଂ ଗ୍ରାମୋ ଯସ୍ମିନ୍ନାସ୍ସେଽନ୍ୱେବ ମା ଭଗବଃ ଶାଧୀତି ।।୪।।
ତସ୍ୟା ହ ମୁଖମୁପୋଦଗୃହ୍ଣନ୍ନୁବାଚାଜହାରେମାଃ ଶୂଦ୍ରାନେନୈବ ମୁଖେନାଲାପୟିଷ୍ୟଥା ଇତି ତେ ହୈତେ ରୈକ୍ୱପର୍ଣ୍ଣା ନାମ

ମହାବୃକ୍ଷେଷୁ ଯତ୍ରାସ୍ମା ଉବାସ ସ ତସ୍ମୈ ହୋବାଚ ।।୫।।

ବର୍ତ୍ତମାନ ରାଜା ଜାନଶ୍ରୁତିଙ୍କ ପୌତ୍ରାୟଣ ଛଅଶହ ଗାଈ, ଗୋଟିଏ ହାର, ଆଉ ଗୋଟିଏ ଖଚରୀ ସେବିତ ରଥକୁ ନେଇ ରୈକ୍ୱଙ୍କ ନିକଟକୁ ଯାଇ କହିଲେ— ହେ ରୈକ୍ୱ ! ଏଗୁଡ଼ିକୁ ସାଦରେ ଗ୍ରହଣକର ଏବଂ ମୋତେ ସେହି ଦେବତା ସମ୍ବନ୍ଧୀ ଉପଦେଶ ପ୍ରଦାନକର, ଯାହାକୁ ଆପଣ ଉପାସନା କରୁଅଛନ୍ତି ।' ଏହାଶୁଣି ରୈକ୍ୱ ଉତ୍ତରଦେଲେ— 'ଆରେ ଶୂଦ୍ର ! ଏଇ ଗାଈ, ହାର ଆଦି ସେବିତ ରଥ ତୋ' ପାଖରେ ରଖ ।' ଏହାଶୁଣି ରାଜା ଫେରିଯାଇ ସହସ୍ର ଗାଈ, ଅନେକ ହାର ଓ ରଥ ସମେତ ନିଜ କନ୍ୟାରତ୍ନକୁ ଆଣି ରୈକ୍ୱଙ୍କ ନିକଟରେ ପୁନଶ୍ଚ ଉପସ୍ଥିତ ହେଲେ । ରୈକ୍ୱଙ୍କୁ ଏସବୁ ଗ୍ରହଣକରିବାକୁ ନିବେଦନ କଲେ ଏବଂ ଉପଦେଶ କାମନାକଲେ । ଏସବୁ ସୁଖ-ସମୃଦ୍ଧି ଓ ଲୋଭକୁ ଦେଖି ରୈକ୍ୱ ଉତ୍ତରଦେଲେ- 'ଆରେ ଶୂଦ୍ର ! ଏଗୁଡ଼ାକ ନେଇ ତୁ ଘରକୁ ପଳା । ତୁ ଏହି ବିଦ୍ୟା ଗ୍ରହଣ କରିବାପାଇଁ ଯେଉଁ ଭାଷଣ ଦେଉଛୁ, ତାହା ମୋ'ଦ୍ୱାରା ସମ୍ଭବ ନୁହେଁ । ତଥାପି ତୁମଭିତରେ ବିଦ୍ୟା ଆହରଣର ଉତ୍କଣ୍ଠା ରହିଥିବାରୁ ମୁଁ ବୁଝାଇବାକୁ ଚେଷ୍ଟାକରୁଛି (ପରବର୍ତ୍ତୀ ଅଧ୍ୟାୟରେ ସେଗୁଡ଼ିକ ବର୍ଣ୍ଣିତ) ।

ଏହିଭଳି ଯେଉଁଠାରେ ଉକ୍ତ ରୈକ୍ୱ ରହୁଥିଲେ, ସେହି ରୈକ୍ୱପର୍ଣ୍ଣ ନାମକ ମହାବୃଷ ଦେଶ ଭାବରେ ପ୍ରସିଦ୍ଧି ଲାଭ କରିଥିଲା । ଅଧୁନା ରୈକ୍ୱ ଉପଦେଶ ଦେଇ କହିଲେ-

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ଦ୍ୱିତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨।।

(ଚତୁର୍ଥ ଅଧ୍ୟାୟ -ତୃତୀୟ ଖଣ୍ଡ)

୩. ରୈକ୍ୱଙ୍କ ଦ୍ୱାରା ସଂବର୍ଗ ବିଦ୍ୟା ଉପଦେଶ

ବାୟୁର୍ବାବ ସଂବର୍ଗୋ ଯଦା ବା ଅଗ୍ନିରୁଦ୍ୱାୟତି ବାୟୁମେବାପ୍ୟେତି ଯଦା ସୂର୍ଯ୍ୟୋଽସ୍ତମେତି ବାୟୁମେବାପ୍ୟେତି ଯଦା ଚନ୍ଦ୍ରୋଽସ୍ତମେତି ବାୟୁମେବାପ୍ୟେତି ।।୧।।

ଯଦାପ ଉଚ୍ଛୁଷ୍ୟନ୍ତି ବାୟୁମେବାପିୟନ୍ତି ବାୟୁର୍ହ୍ୟେ ବୈତାନ୍ ସର୍ବାନ୍‌ସଂବୃଙ୍କ୍ତ ଇତ୍ୟଧିଦୈବତମ୍ ।।୨।।

ବାୟୁ ହିଁ ସଂବର୍ଗ ଅଟେ । ଯେତେବେଳେ ଅଗ୍ନି ନିର୍ବାପିତ ହୁଏ, ସେତେବେଳେ ତାହା ବାୟୁରେ ଲୀନ ହୋଇଯାଏ । ଯେତେବେଳେ ସୂର୍ଯ୍ୟ ଅସ୍ତ ହୁଅନ୍ତି, ସେତେବେଳେ ମଧ୍ୟ ସେ ବାୟୁରେ ଲୀନ ହୋଇଯାଆନ୍ତି । ପୁନଃ ଚନ୍ଦ୍ର ଯେତେବେଳେ ଅସ୍ତ ହୁଅନ୍ତି, ସେତେବେଳେ ମଧ୍ୟ ବାୟୁରେ ଲୀନ ହୁଅନ୍ତି । ତଦନୁରୂପ ଜଳ ଯେତେବେଳେ ଶୁଷ୍କ ହୁଅନ୍ତି, ସେ ମଧ୍ୟ ବାୟୁରେ ଲୀନ ଯାଆନ୍ତି । ତେଣୁ ଏହା ହେଉଛି, ଅଧିଦୈବତ ଦୃଷ୍ଟି ।।୧–୨।।

ଅଥାଧ୍ୟାତ୍ମଂ ପ୍ରାଣୋ ବାବ ସଂବର୍ଗଃ ସ ଯଦା ସ୍ୱପିତି ପ୍ରାଣମେବ ବାଗପ୍ୟେତି ପ୍ରାଣଂ ଚକ୍ଷୁଃ ପ୍ରାଣଁଶ୍ରୋତ୍ରଂ ପ୍ରାଣଂ ମନଃ ପ୍ରାଣୋ ହ୍ୟେବୈତାନ୍‌ସର୍ବାନ୍ ସଂବୃଙ୍କ୍ତ ଇତି ।।୩।।
ତୌ ବା ଏତୌ ଦ୍ୱୌ ସଂବର୍ଗୌ ବାୟୁରେବ ଦେବେଷୁ ପ୍ରାଣଃ ପ୍ରାଣେଷୁ ।।୪।।

ଏବେ ଅଧ୍ୟାତ୍ମିକ ଦୃଷ୍ଟିରୁ ସଂବର୍ଗ ବର୍ଣ୍ଣନା କରାଯାଉଛି ପ୍ରାଣ ସଂବର୍ଗ ଅଟେ । ଯେତେବେଳେ ଏହି ପୁରୁଷ ସୁପ୍ତ ଥାଏ, ପ୍ରାଣକୁ ବାକ୍ ଇନ୍ଦ୍ରିୟ ପ୍ରାପ୍ତ ହୁଏ । ପ୍ରାଣକୁ ଚକ୍ଷୁ, ପ୍ରାଣକୁ ଶ୍ରୋତ୍ର ଏବଂ ପ୍ରାଣକୁ ମନ ଆଦି ପ୍ରାପ୍ତ ହୋଇଯାନ୍ତି । ପ୍ରାଣ ଏ ସମସ୍ତଙ୍କୁ ନିଜ ଭିତରେ ଲୀନ କରାଇବାକୁ ସକ୍ଷମ ହୁଏ । ଏହି ଯେଉଁ ଉଭୟ ସଂବର୍ଗ ରହିଲେ, ଦେବଗଣଙ୍କ ନିକଟରେ ସେ ମଧ୍ୟ ବିଦ୍ୟମାନ ଅଟନ୍ତି । ତେଣୁ କୁହାଯାଏ, ଦେବତାମାନଙ୍କ ମଧ୍ୟରେ ବାୟୁ ଏବଂ ଇନ୍ଦ୍ରିୟ ମଧ୍ୟରେ ପ୍ରାଣ ବିଶେଷ ରୂପେ ସଂବର୍ଗ ଅଟନ୍ତି ।।୩–୪।।

ଅଥ ହ ଶୌନକଂ ଚ କାପେୟମଭିପ୍ରତାରିଣଂ ଚ କାକ୍ଷସେନିଂ ପରିବିଷ୍ୟମାଣୌ ବ୍ରହ୍ମଚାରୀ ବିଭିକ୍ଷେ ତସ୍ମା ଉ ହ ନ ଦଦତୁଃ ।।୫।।

ଏକଦା କପି ଗୋତ୍ରଜ ଶୌନକ ଏବଂ କକ୍ଷସେନଙ୍କ ପୁତ୍ର ଅଭିପ୍ରତାରୀଙ୍କୁ ଯେତେବେଳେ ଭୋଜନ ପରିବେଷଣ କରାଯାଉଥିଲା, ସେତେବେଳେ ଜଣେ ବ୍ରହ୍ମଚାରୀ ଭିକ୍ଷା କାମନାକଲେ ମାତ୍ର ସେମାନେ ତାଙ୍କୁ ଭିକ୍ଷା ଦେଲେନାହିଁ ।।୫।।

ସ ହୋବାଚ ମହାତ୍ମନଶ୍ଚତୁରୋ ଦେବ ଏକଃ କଃ ସ ଜଗାର ଭୁବନସ୍ୟ ଗୋପାସ୍ତଂ କାପେୟ ନାଭିପଶ୍ୟନ୍ତି ମର୍ତ୍ତ୍ୟା ଅଭିପ୍ରତାରିନ୍‌ବହୁଧା ବସନ୍ତଂ ଯସ୍ମୈ ବା ଏତଦନ୍ନଂ ତସ୍ମା ଏତନ୍ନ ଦତ୍ତମିତି ।।୬।।

ତେଣୁ ସେ କହିଲେ– ଭୁବନର ରକ୍ଷକ ସେହି ଏକଦେବ ପ୍ରଜାପତି ଉକ୍ତ ଚାରି ମହାତ୍ମାଙ୍କୁ ଗ୍ରାସ କରିନେଇଛନ୍ତି । ହେ କାପେୟ ! ଅଭିପ୍ରତାରିନ୍ ! ମନୁଷ୍ୟ

ଅନେକପ୍ରକାରେ ନିବାସ କରୁଥିଲେ ମଧ୍ୟ ସେହି ଗୋଟିଏ ଦେବତାଙ୍କୁ ଜାଣେନାହିଁ ତଥା ଯାହାଙ୍କ ପାଇଁ ଏହି ଅନ୍ନ ରହିଛି ତାଙ୍କୁ ଅନ୍ନ ଦିଆଗଲା ନାହିଁ ।।୬।।

ତଦୁହଶୌନକଃକାପେୟଃପ୍ରତିମନ୍ୱାନଃପ୍ରତ୍ୟେୟାୟାତ୍ମାଦେବାନାଂ ଜନିତା ପ୍ରଜାନାଁହିରଣ୍ୟଦଁଷ୍ଟ୍ରୋ ବଭସୋଽନସୂରିର୍ମହାନ୍ତମସ୍ୟ ମହିମାନମାହୁରନଦ୍ୟମାନୋ ଯଦନନ୍ନମତ୍ତୀତି ବୈ ବୟଂ ବ୍ରହ୍ମଚାରିନ୍ନେଦମୁପାସ୍ମହେ ଦତ୍ତାସ୍ମୈ ଭିକ୍ଷାମିତି ।।୭।।

ଅର୍ଥାତ୍ ବ୍ରହ୍ମଚାରୀ ରୂପରେ ଆସିଥିବା ଭଗବାନଙ୍କୁ ସମ୍ମାନ ପ୍ରଦର୍ଶନ ହୋଇନାହିଁ । ଏହି କଥାକୁ କପିଗୋତ୍ରୋତ୍ପନ୍ନ ଶୌନକ ମନେକରି ସେହି ବ୍ରହ୍ମଚାରୀଙ୍କ ନିକଟକୁ ଆସି କହିଲେ- ହେ ବ୍ରହ୍ମଚାରୀ ! ଆମ୍ଭେ ତାହାଙ୍କୁ ଉପାସନା କରୁଛୁ, ଯିଏ ଦେବଗଣଙ୍କର ଆତ୍ମା ଅଟନ୍ତି, ପ୍ରଜାମାନଙ୍କର ଉତ୍ପତ୍ତିକର୍ତ୍ତା ଅଟନ୍ତି, ହିରଣ୍ୟଦଂଷ୍ଟ୍ର ଅଟନ୍ତି, ଭକ୍ଷଣଶୀଳ ତଥା ମେଧାବୀ ଅଟନ୍ତି ଏବଂ ଯାହାଙ୍କର ବିଶେଷ ମହିମା ଗାନ କରାଯାଇଛି, ସର୍ବୋପରି ଯିଏ ଅନ୍ୟ ଦ୍ୱାରା ପ୍ରଦତ୍ତ ଭୋଜନ ଗ୍ରହଣ କରନ୍ତି ନାହିଁ ଏମିତି କି ଯିଏ ବସ୍ତୁତଃ ଅନ୍ନ ହିଁ ନୁହଁନ୍ତି ତାଙ୍କୁ ଆମେ ମନନକରୁଛୁ । ଏହାକହି ସେ ସେବକକୁ ଆଜ୍ଞାଦେଲେ- ଉକ୍ତ ବ୍ରହ୍ମଚାରୀଙ୍କୁ ଭିକ୍ଷା ଦିଅ ।।୭।।

ତସ୍ମାଉହଦଦୁସ୍ତେବାଏତେପଞ୍ଚାନ୍ୟେପଞ୍ଚାନ୍ୟେଦଶସନ୍ତସ୍ତତ୍କୃତଂ ତସ୍ମାତ୍ସର୍ବାସୁ ଦିକ୍ଷନ୍ନମେବ ଦଶ କୃତଁସୈଷାବିରାଡନ୍ନାଦି ତୟେଦଁସର୍ବଂ ଦୃଷ୍ଟଁସର୍ବମସ୍ୟେଦଂ ଦୃଷ୍ଟଂ ଭବତ୍ୟନ୍ନାଦୋ ଭବତି ଯ ଏବଂ ବେଦ ଯ ଏବଂ ବେଦ ।।୮।।

ଏହାଶୁଣି ଭିକ୍ଷା ଦେଇ ଦିଆଗଲା । ସେ ଏହି ଅଗ୍ନି ଆଦି ବାୟୁ ତଥା ପଞ୍ଚ ବାଗାଦି ଭିନ୍ନ ଅଟନ୍ତି ଏବଂ ପଞ୍ଚ ପ୍ରାଣସ୍ୱରୂପ ଅଟନ୍ତି । ଏହିଭଳି ଭାବରେ ଦଶକୃତ (ଅର୍ଥାତ୍ କୃତନାମରେ ଉପଲକ୍ଷିତ ଦ୍ୟୁତ) ଅଟନ୍ତି । ଅତଃ ସମ୍ପୂର୍ଣ୍ଣ ଦିଗମାନଙ୍କରେ ଅନ୍ନ ହିଁ କୃତ ଅଟନ୍ତି, ବିରାଟ ଅନ୍ନାଦି (ଅନ୍ନଭକ୍ଷଣକାରୀ) ଅଟନ୍ତି । ତାଙ୍କ ଦ୍ୱାରା ଏସବୁ ଦୃଷ୍ଟହୁଏ । ଯିଏ ଏଭଳି ଜାଣନ୍ତି, ସେ ସର୍ବତ୍ର ଦର୍ଶନ କ୍ଷମ ହୋଇଥାଆନ୍ତି ଅର୍ଥାତ୍ ଜଗତ୍ ଦୃଷ୍ଟ ହୁଅନ୍ତି । ଏପରିକି ଅନ୍ନ ଭକ୍ଷଣକାରୀ ମଧ୍ୟ ହୋଇଥାଆନ୍ତି ।।୮।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ତୃତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୩।।

(ଚତୁର୍ଥ ଅଧ୍ୟାୟ -ଚ଼ତୁର୍ଥ ଖଣ୍ଡ)

୪.ଜବାଳାଙ୍କ ପୁତ୍ର ସତ୍ୟକାମ ଦ୍ୱାରା ଗୁରୁଆଜ୍ଞା ପାଳନ

ସତ୍ୟକାମୋ ହ ଜାବାଲୋ ଜବାଲାଂ ମାତରମାମନ୍ତ୍ରୟାଞ୍ଚକ୍ରେ ବ୍ରହ୍ମଚର୍ଯ୍ୟଂ ଭବତି ବିବତ୍ସ୍ୟାମି କିଂଗୋତ୍ରୋ ନ୍ୱହମସ୍ମୀତି ।।୧।।

ଜବାଳାଙ୍କ ପୁତ୍ର ସତ୍ୟକାମ ମାତାଙ୍କୁ ସମ୍ବୋଧନକରି କହିଲେ— 'ହେ ପୂଜ୍ୟେ ! ମୁଁ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ଗୁରୁକୁଳରେ ନିବାସ କରିବାକୁ ଚାହୁଁଛି । ତେଣୁ ମୋତେ ମୋର ଗୋତ୍ର ଆଦି ବିଷୟରେ ଅବଗତ କରାନ୍ତୁ ।।୧।।'

ସା ହୈନମୁବାଚ ନାହମେତଦ୍ୱେଦ ତାତ ଯଦ୍ଗୋତ୍ରସ୍ତ୍ୱମସି ବହ୍ୱହଂ ଚରନ୍ତୀ ପରିଚାରିଣୀ ଯୌବନେ ତ୍ୱାମଲଭେ ସାହମେତନ୍ନ ବେଦ ଯଦ୍ଗୋତ୍ରସ୍ତ୍ୱମସି ଜବାଲା ତୁ ନାମାହମସ୍ମି ସତ୍ୟକାମୋ ନାମ ତ୍ୱମସି ସ ସତ୍ୟକାମ ଏବ ଜାବାଲୋ ବ୍ରୁବୀଥା ଇତି ।।୨।।

ଏହାଶୁଣି ମାତା ଉତ୍ତରଦେଲେ- ପୁତ୍ର ସତ୍ୟକାମ ! ତୁମେ କେଉଁ ଗୋତ୍ରର ତାହା ମୁଁ ଜାଣିନାହିଁ । ଯୁବାବସ୍ଥାରେ ମୁଁ ଅନେକ ସ୍ଥାନରେ କାର୍ଯ୍ୟରତା ପରିଚାରିଣୀ ଭାବେ ଜୀବିକା ନିର୍ବାହ କରୁଥିଲି, ସେତେବେଳେ ତୁମ୍ଭକୁ ପ୍ରାପ୍ତ ହୋଇଥିଲି, ତେଣୁ ଗୁରୁଙ୍କୁ ତୁମେ ସତ୍ୟକାମ ଜାବାଳ ବୋଲି କହିଦେଇପାର ।।୨।।

ସ ହ ହାରିଦ୍ରୁମତଂ ଗୌତମମେତ୍ୟୋବାଚ ବ୍ରହ୍ମଚର୍ଯ୍ୟ ଭଗବତି ବତ୍ସ୍ୟାମ୍ୟୁପେୟାଂ ଭଗବନ୍ତମିତି ।।୩।।

ଅଧୁନା ପୁତ୍ର ହାରିଦ୍ରୁମତ ଗୌତମଙ୍କ ନିକଟକୁ ଯାଇ କହିଲେ- ମୁଁ ପୂଜ୍ୟବରଙ୍କ ନିକଟରେ ରହି ବ୍ରହ୍ମଚର୍ଯ୍ୟାଶ୍ରମ ପାଳନ କରିବାକୁ ଇଚ୍ଛୁକ ହୋଇଛି, ତେଣୁ ଆପଣଙ୍କ ସାନ୍ନିଧରେ ଉପନୀତ ।।୩ ।।

ତଁହୋବାଚ କିଂଗୋତ୍ରୋ ନୁ ସୋମ୍ୟାସୀତି ସ ହୋବାଚ ନାହମେତଦ୍ୱେଦ ଭୋ ଯଦ୍ଗୋତ୍ରୋଽହମସ୍ମ୍ୟପୃଚ୍ଛଂ ମାତରଁସା ମା ପ୍ରତ୍ୟବ୍ରବୀଦ୍‌ବହ୍ୱହଂ ଚରନ୍ତୀ ପରିଚାରିଣୀ ଯୌବନେ ତ୍ୱାମଲଭେ ସାହମେତନ୍ନ ବେଦ ଯଦ୍ଗୋତ୍ରସ୍ତ୍ୱମସି ଜବାଲା ତୁ ନାମାହମସ୍ମି ସତ୍ୟକାମୋ ନାମ ତ୍ୱମସୀତି ସୋଽହଁସତ୍ୟକାମୋ ଜାବାଲୋଽସ୍ମି ଭୋ ଇତି ।।୪।।

ଏହା ଶୁଣି ଗୌତମ ପଚାରିଲେ- 'ହେ ସୌମ୍ୟ ! ତୁମେ କେଉଁ ଗୋତ୍ରରେ ଜନ୍ମ

ହୋଇଛ ?' ସତ୍ୟକାମ ଉତ୍ତରଦେଲେ- ଭଗବନ୍ ! ଏହା ମୁଁ ଜାଣିନାହିଁ । ମାତାଙ୍କୁ ଜିଜ୍ଞାସା କରିବାରୁ ସେ ମୋତେ କହିଲେ ମୁଁ ତୋତେ କୌଣସିମତେ ପ୍ରାପ୍ତ ହୋଇଛି, ଅତଃ ଗୋତ୍ର ଅବଗତ ହୋଇନାହିଁ । ମୁଁ ଜବାଳା ଆଉ ତୁମେ ସତ୍ୟକାମ ଅଟ ।।୪ ।।

ତଁହୋବାଚ ନୈତଦବ୍ରାହ୍ମଣୋ ବିବକ୍ତୁମର୍ହତି ସମିଧଁସୋମ୍ୟାହରୋପ ତ୍ୱା ନେଷ୍ୟେ ନ ସତ୍ୟାଦଗା ଇତି ତମୁପନୀୟ କୃଶାନାମବଲାନାଂ ଚତୁଃଶତା ଗା ନିରାକୃତ୍ୟୋବାଚେମାଃସୋମ୍ୟାନୁସଂବ୍ରଜେତି ତା ଅଭିପ୍ରସ୍ଥାପୟନ୍ନୁବାଚ ନାସହସ୍ରେଣାବର୍ତେୟେତି ସ ହ ବର୍ଷଗଣଂ ପ୍ରୋବାସ ତା ଯଦା ସହସ୍ରଁସଂପେଦୁଃ ।।୫।।

ଏହାଶୁଣି ଗୌତମ କହିଲେ, ଏଭଳି ସ୍ପଷ୍ଟୋକ୍ତି ବ୍ରାହ୍ମଣେତର ଜୀବ କରିବା ସମ୍ଭବ ନୁହେଁ । ଅତଃ ସମିଧାଦି ଆନୟନପୂର୍ବକ ତୁମେ ଆଶ୍ରମରେ ନିବାସ କର ଏବଂ ତୁମର ଉପନୟନ ପାଇଁ ମୁଁ ପ୍ରସ୍ତୁତି କରୁଛି । ଉପନୟନାନ୍ତେ ଗୁରୁ ଗୌତମ ଚାରିଶହ ଦୁର୍ବଳ ଗାଈଙ୍କୁ ଦେଇ ସତ୍ୟକାମଙ୍କୁ କହିଲେ- ତୁମେ ଏମାନଙ୍କୁ ଅନୁଧାବନ କର । ମନେରଖ, ଏକ ସହସ୍ର ନ ହେବାଯାଏଁ ତୁମେ ଆଶ୍ରମକୁ ଫେରିବ ନାହିଁ ।।୫।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ଚତୁର୍ଥ ଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୪।।

(ଚତୁର୍ଥ ଅଧ୍ୟାୟ -ପଞ୍ଚମ ଖଣ୍ଡ)

୫.ବୃଷଭଙ୍କ ଦ୍ୱାରା ସତ୍ୟକାମଙ୍କୁ ବ୍ରହ୍ମ ସମ୍ପର୍କିତ ପ୍ରଥମପାଦର ଉପଦେଶ

ଅଥ ହୈନମୃଷଭୋଽଭ୍ୟୁବାଦ ସତ୍ୟକାମ ୩ ଇତି ଭଗବ ଇତି ହ ପ୍ରତିଶୁଶ୍ରାବ ପ୍ରାପ୍ତାଃ ସୋମ୍ୟ ସହସ୍ରଁସ୍ମଃ ପ୍ରାପୟ ନ ଆଚାର୍ଯ୍ୟକୁଳମ୍ ।।୧।।

ତେବେ ସେହି ଦିନ ଠାରୁ ସତ୍ୟକାମ ଅନେକବର୍ଷ ପର୍ଯ୍ୟନ୍ତ ବନରେ ନିବାସ କଲେ । ଏକଦା ପାଳିତ ଗାଈମାନଙ୍କ ମଧ୍ୟରେ ନିବାସକରୁଥିବା ଏକ ବୃଷଭ ସତ୍ୟକାମଙ୍କୁ କହିଲେ— ଭଗବନ୍ ! ଅଧୁନା ଆମେ ଏକ ସହସ୍ରରେ ଉପନୀତ ହୋଇଯାଇଛୁ, ତେଣୁ ତୁମେ ଆମକୁ ଆଚାର୍ଯ୍ୟଙ୍କ ନିକଟରେ ପହଞ୍ଚାଇଦିଅ ।।୧

ବ୍ରହ୍ମଣଶ୍ଚ ତେ ପାଦଂ ବ୍ରବାଣୀତି ବ୍ରବୀତୁ ମେ ଭଗବାନିତି ତସ୍ମୈ ହୋବାଚ ପ୍ରାଚୀ ଦିକ୍କଳା ପ୍ରତୀଚୀ ଦିକ୍କଳା ଦକ୍ଷିଣା ଦିକ୍କଲୋଦୀଚୀ ଦିକ୍କଲୈଷ ବୈ ସୋମ୍ୟ ଚତୁଷ୍କଳଃ ପାଦୋ ବ୍ରହ୍ମଣଃ ପ୍ରକାଶବାନ୍ନାମ ।।୨।।

ମାତ୍ର ବ୍ରହ୍ମ ସମ୍ପର୍କିତ ଏକ ଉପଦେଶ ମୁଁ ତୁମକୁ ଦେଉଅଛି । ଏହାଶୁଣି ସତ୍ୟକାମ ବିନୟପୂର୍ବକ ବୃଷଭଙ୍କ କଥା ଧ୍ୟାନ ସହକାରେ ଶୁଣିଲେ । ବୃଷଭ କହିଲେ– ପୂର୍ବ ଦିକ୍‌କଳା, ପଶ୍ଚିମ ଦିକ୍‌କଳା, ଦକ୍ଷିଣ ଏବଂ ଉତ୍ତର ଦିକ୍‌କଳା ଆଦି ଚାରିଗୋଟି କଳା ରହିଛନ୍ତି, ଯେଉଁମାନେ କି ବ୍ରହ୍ମଙ୍କର ପ୍ରକାଶବାନ ନାମକ ଚତୁଷ୍କଳା ଅଟନ୍ତି ।।୨

ସ ଯ ଏତମେବଂ ବିଦ୍ୱାଁ୍ଶ୍ଚତୁଷ୍କଳଂ ପାଦଂ ବ୍ରହ୍ମଣଃ ପ୍ରକାଶବାନିତ୍ୟୁପାସ୍ତେ ପ୍ରକାଶବାନସ୍ମିଁଲ୍ଲୋକେ ଭବତି ପ୍ରକାଶବତୋ ହ ଲୋକାଞ୍ଜୟତି ଯ ଏତମେବଂବିଦ୍ୱାଁ୍ଶ୍ଚତୁଷ୍କଳଂପାଦଂବ୍ରହ୍ମଣାଃପ୍ରକାଶବାନିତ୍ୟୁପାସ୍ତେ ।।୩।।

ଯିଏ ଏହାକୁ ଉଚିତ ଭାବରେ ଅବଗତ ହୋଇଛନ୍ତି, ଏହି ଗୁଣରେ ଉପାସନା କରନ୍ତି, ସେ ହିଁ ବ୍ରହ୍ମଙ୍କର ଚତୁଷ୍କଳାରୂପୀ ପାଦ ପ୍ରକାଶକୁ ଲାଭକରି ଗୁଣବାନ ହୋଇଛନ୍ତି । ଏହି ଲୋକରେ ସେ ହିଁ ପ୍ରକାଶିତବାନ ହୋଇ ବିଦ୍ୟମାନ ହୁଅନ୍ତି । ସେ ପ୍ରକାଶିତବାନ ଲୋକକୁ ଜୟ କରିନିଅନ୍ତି ।୩

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ପଞ୍ଚମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୫।।

(ଚତୁର୍ଥ ଅଧ୍ୟାୟ -ଷଷ୍ଠ ଖଣ୍ଡ)

୬. ଅଗ୍ନିଙ୍କ ଦ୍ୱାରା ଦ୍ୱିତୀୟପାଦର ଉପଦେଶ

ଅଗ୍ନଷ୍ଟେ ପାଦଂ ବକ୍ତେତି ସ ହ ଶ୍ୱୋଭୂତେ ଗା ଅଭିପ୍ରସ୍ଥାପୟାଞ୍ଚକାର । ତା ଯତ୍ରାଭି ସାୟଂ ବଭୂବୁସ୍ତତ୍ରାଗ୍ନିମୁପସମାଧାୟ ଗା ଉଣରୁଧ୍ୟ ସମିଧମାଧାୟ ପଶ୍ଚାଦଗ୍ନେଃ ପ୍ରାଙୁଂପୋପବିବେଶ ।।୧।।

ତମଗ୍ନିରଭ୍ୟୁବାଦ ସତ୍ୟକାମ ୩ ଇତି ଭଗବ ଇତି ହ ପ୍ରତିଶୁଶ୍ରାବ ।।୨।।

ବ୍ରହ୍ମଣଃ ସୋମ୍ୟ ତେ ପାଦଂ ବ୍ରବାଣୀତି ବ୍ରବୀତୁ ମେ ଭଗବାନିତି ତସ୍ମୈ ହୋବାଚ ପୃଥିବୀ କଳାନ୍ତରିକ୍ଷଂ କଳା

ଦେ୍ୟୌଃ କଳା ସମୁଦ୍ରଃ କଳୈଷ ବୈ ସୋମ୍ୟ ଚତୁଷ୍କଳଃ ପାଦୋ ବ୍ରହ୍ମଣୋଽନନ୍ତବାନ୍ନାମ ।।୩।।

ସ ଯ ଏତମେବଂ ବିଦ୍ୱାଁ୍ଶ୍ଚତୁଷ୍କଳଂ ପାଦଂ ବ୍ରହ୍ମଣୋଽନନ୍ତବାନିତ୍ୟୁ‌ପାସ୍ତେଽନନ୍ତବାନାସ୍ମିଁଲ୍ଲୋକେ ଭବତ୍ୟନନ୍ତବତୋ ହ ଲୋକାଞ୍ଜୟତି ଯ ଏତମେବଂ ବିଦ୍ୱାଁ୍ଶ୍ଚତୁଷ୍କଳଂ ପାଦଂ ବ୍ରହ୍ମଣୋଽନନ୍ତବାନିତ୍ୟୁପାସ୍ତେ ।।୪।।

ଏହାକହି ବୃଷଭ ତାଙ୍କୁ ଜଣାଇଦେଲେକି, ଦ୍ୱିତୀୟ ପାଦ ସମ୍ପର୍କରେ ଅଗ୍ନି ତୁମକୁ ଉପଦେଶ ଦେବେ । ଦ୍ୱିତୀୟ ଦିନ ଗାଈମାନଙ୍କୁ ନେଇ ସତ୍ୟକାମ ଗୁରୁକୁଳରେ ଉପନୀତ ହେଲେ । ସନ୍ଧ୍ୟା ସମୟରେ ଯେଉଁଠାରେ ସମସ୍ତେ ଏକତ୍ରିତ ହୁଅନ୍ତି, ସେଠାରେ ଅଗ୍ନିଙ୍କର ଆବାହନ କରାଯାଏ । ଉକ୍ତ ସ୍ଥାନରେ ସତ୍ୟକାମ ବସିପଡ଼ି ଅଗ୍ନିଦେବତାଙ୍କୁ ପ୍ରଶ୍ନକଲେ, ଭଗବନ୍ ! ମୋତେ ବ୍ରହ୍ମଙ୍କର ଆଉ ଏକ ପାଦ ସମ୍ପର୍କରେ ଅବଗତ କରାନ୍ତୁ ।।୧।।

ଉତ୍ତରରେ ଅଗ୍ନି କହିଲେ, ହେ ସତ୍ୟକାମ ! ତୁମେ ଅବଶ୍ୟ ମୋ'ଠାରୁ ଏହା ଅବଗତ ହେବ ।।୨।।

ଜାଣିରଖ ପୃଥିବୀ କଳା ଅଟେ, ଅନ୍ତରୀକ୍ଷ କଳା ଅଟେ, ଦ୍ୟୁଲୋକ ଓ ସମୁଦ୍ର ମଧ କଳା ଅଟନ୍ତି । ହେ ସୌମ୍ୟ ! ଏହା ମଧ ବ୍ରହ୍ମଙ୍କର ଚତୁଷ୍କଳାରୂପୀ ଦ୍ୱିତୀୟପାଦ ଅଟେ, ଯାହାକୁ ଅନନ୍ତବାନ ନାମରେ ଆଖ୍ୟାୟିତ କରାଯାଏ ।।୩।।

ଯିଏ ଏହାକୁ ଏହିଭଳି ଭାବେ ଜାଣନ୍ତି ସେ ବ୍ରହ୍ମଙ୍କୁ ଅବଶ୍ୟ ଅବଗତ ହୋଇଥାଆନ୍ତି । ଫଳରେ ଅନନ୍ତବାନ ଗୁଣଯୁକ୍ତ ହୋଇ ତାଙ୍କର ଉପାସନାରେ ଲାଗିପଡ଼ନ୍ତି ଏବଂ ଲୋକଗୁଡ଼ିକୁ ଜୟ କରିଥାଆନ୍ତି ।।୪।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ଷଷ୍ଠଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୬।।

(ଚତୁର୍ଥ ଅଧ୍ୟାୟ -ସପ୍ତମ ଖଣ୍ଡ)

୭. ହଂସ ଦ୍ୱାରା ତୃତୀୟପାଦ ବର୍ଣ୍ଣନା

ହଁସସ୍ତେ ପାଦଂ ବକ୍ତେତି ସ ହ ଶ୍ରୋଭୂତେ ସା ଅଭିପ୍ରସ୍ଥାପୟାଞ୍ଚକାର ତା ଯତ୍ରାଭି ସାୟଂ ବଭୂବୁସ୍ତତ୍ରାଗ୍ନୋଃ ମୁପସମାଧାୟ ଗା ଉପରୁଧ

ସମିଧମାଧାୟ ପଶ୍ଚାଦଗ୍ନିଃ ପ୍ରାଙ୍ଗୁଂପୋପବିବେଶ ॥୧॥
ତଁହଁସ ଉପନିପତ୍ୟାଭ୍ୟୁବାଦ ସତ୍ୟକାମ ୩ ଇତି ଭଗବ ଇତି ହ ପ୍ରତିଶୁଶ୍ରାବ ॥୨॥
ବ୍ରହ୍ମଣଃ ସୋମ୍ୟ ତେ ପାଦଂ ବ୍ରବାଣୀତି ବ୍ରବୀତୁ ମେ ଭଗବାନିତି ତସ୍ମୈ ହୋବାଚାଗ୍ନିଃ କଳା ସୂର୍ଯ୍ୟଃ କଳା ଚନ୍ଦ୍ରଃ କଳା ବିଦ୍ୟୁତ୍କଳୈଷ ବୈ ସୋମ୍ୟ ଚତୁଷ୍କଳଃ ପାଦୋ ବ୍ରହ୍ମଣୋ ଜ୍ୟୋତିଷ୍ମାନ୍ନାମ ॥୩॥

ଅଗ୍ନିଦେବତା ମଧ୍ୟ ହଂସଙ୍କ ଠାରୁ ତୃତୀୟପାଦ ଅବଗତ ହେବାକୁ ସୂଚନା ଦେଲେ । ତୃତୀୟ ଦିନ ପୂର୍ବବତ୍ ଗୋସେବା ଅନ୍ତେ ସାୟଂକାଳରେ ପୁନର୍ବାର ପ୍ରଜ୍ୱଳିତ ଅଗ୍ନିଙ୍କର ପଶ୍ଚିମଭାଗରେ ପୂର୍ବାଭିମୁଖୀ ହୋଇ ସତ୍ୟକାମ ବସିଯାଇଥାଆନ୍ତି ॥୧॥

ଏଠାକୁ ହଂସ ଆସି ସତ୍ୟକାମଙ୍କୁ କହିଲେ— ହେ ସୌମ୍ୟ ! ମୁଁ ତୁମକୁ ବ୍ରହ୍ମପଦ ବତାଉଅଛି, ଏବେ ମୁଁ ତୃତୀୟ ପାଦ କଥା କହୁଛି, ଧ୍ୟାନପୂର୍ବକ ଶୁଣ ॥୨॥

ଅଗ୍ନି କଳା ଅଟେ, ସୂର୍ଯ୍ୟ, ଚନ୍ଦ୍ର ତଥା ବିଦ୍ୟୁତ୍ ମଧ୍ୟ କଳା ଅଟନ୍ତି । ଏହି ଚତୁଷ୍କଳାଙ୍କୁ ଜ୍ୟୋତିଷ୍ମାନ କୁହାଯାଏ ॥୩॥

ସ ଚ ଏତମେବଂ ବିଦ୍ୱାଁଶ୍ଚତୁଷ୍କଳଂ ପାଦଂ ବ୍ରହ୍ମଣୋ ଜ୍ୟୋତିଷ୍ମାନି-ତ୍ୟୁପାସ୍ତେ ଜ୍ୟୋତିଷ୍ମାନସ୍ମିଁଲୋକେ ଭବତି ର୍ଜ୍ୟୋତିଷ୍ମତୋ ହ ଲୋକାଞ୍ଜୟତି ଯ ଏତମେବଂ ବିଦ୍ୱାଁଶ୍ଚତୁଷ୍କଳ ପାଦଂ ବ୍ରହ୍ମଣୋ ଜ୍ୟୋତିଷ୍ମାନିତ୍ୟୁପାସ୍ତେ ॥୪॥

ଯିଏ ଏହାଙ୍କୁ ଏଭଳି ଜାଣନ୍ତି, ସେ ଉକ୍ତ ଗୁଣର ଅଧିକାରୀ ହୁଅନ୍ତି ଏବଂ ତଦନୁରୂପ ଉପାସନା କରିଥାନ୍ତି । ଏପରିକି ଇହ ଓ ପରଲୋକରେ ଜ୍ୟୋତିର୍ବନ୍ତ ହୋଇ ନିବାସକରନ୍ତି । ଅବଶିଷ୍ଟ ପାଦ ସମ୍ପର୍କରେ ମଦ୍ଗୁ ଉପଦେଶ ଦେବେ ବୋଲି ସୂଚାଇଦେଇ ଚାଲିଗଲେ ॥୪॥

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ସପ୍ତମଖଣ୍ଡଂ ସମ୍ପୂର୍ଣ୍ଣମ୍ ॥୫॥

(ଚତୁର୍ଥ ଅଧ୍ୟାୟ -ଅଷ୍ଟମ ଖଣ୍ଡ)

୮. ମଦ୍ଗୁଙ୍କ ଦ୍ୱାରା ଚତୁର୍ଥ ପାଦ ଉପଦେଶ

ମଦ୍‌ଗୁଷ୍ଟେପାଦଂବକ୍ତେତିସହଶ୍ରୋଭୂତେଗାଅଭିପ୍ରସ୍ଥାପୟାଞ୍ଚକାର

ତା ଯତ୍ରାଭି ସାୟଂ ବଭୂବୁସ୍ତତ୍ରାଗ୍ନିମୁପସମାଧାୟ ଗା ଉପରୁଧ୍ୟ ସମିଧମାଧାୟ ପଶ୍ଚାଦଗ୍ନେଃ ପ୍ରାଙୁଂପୋପବିବେଶ ।।୧।।

ତଂ ମଦ୍‌ଗୁରୁପନିପତ୍ୟାଭ୍ୟୁବାଦ ସତ୍ୟକାମ ୩ ଇତି ଭଗବ ଇତି ହ ପ୍ରତିଶୁଶ୍ରାବ ।।୨।।

ବ୍ରହ୍ମଣଃ ସୋମ୍ୟ ତେ ପାଦଂ ବ୍ରବାଣୀତି ବ୍ରବୀତୁ ମେ ଭଗବାନିତି ତସ୍ମୈ ହୋବାଚ ପ୍ରାଣଃ କଳା ଚକ୍ଷୁଃ କଳା ଶ୍ରୋତ୍ରଂ କଳା ମନଃ କଳୈଷ ବୈ ସୋମ୍ୟ ଚତୁଷ୍କଳାଃ ପାଦୋ ବ୍ରହ୍ମଣ ଆୟତନବାନ୍ନାମ ।।୩।।

ସ ଯ ଏତମେବଂ ବିଦ୍ୱାଁ୍ଶ୍ଚତୁଷ୍କଳଂ ପାଦଂ ବ୍ରହ୍ମଣ ଆୟତନବାନିତ୍ୟୁପାସ୍ତ ଆୟତନବାନସ୍ମିଁଲ୍ଲୋକେ ଭବତ୍ୟାୟତନବତୋ ହ ଲୋକାଞ୍ଜୟତି ଯ ଏତମେବଂ ବିଦ୍ୱାଁଶ୍ଚତୁଷ୍କଳଂ ପାଦଂ ବ୍ରହ୍ମଣ ଆୟତନବାନିତ୍ୟୁପାସ୍ତେ ।।୪।।

ପୂର୍ବବତ୍ ତହିଁ ପରଦିନ ସନ୍ଧ୍ୟା ସମୟରେ ଅଗ୍ନିଙ୍କ ନିକଟରେ ପୂର୍ବାଭିମୁଖ ହୋଇ ସତ୍ୟକାମ ବସିଥାଆନ୍ତି ।।୧।।

ସେଠାକୁ ମୁଦ୍ଗୁ ଆସି ସୂଚାଇଦେଲେ ଏବେ ମୁଁ ତୁମକୁ ଚତୁର୍ଥପାଦ ବିଷୟରେ ବର୍ଣ୍ଣନାକରୁଛି ।।୨।।

ହେ ସତ୍ୟକାମ ! ପ୍ରାଣ କଳା ଅଟେ, ଚକ୍ଷୁ, ଶ୍ରୋତ୍ର ଓ ମନ ମଧ୍ୟ କଳା ଅଟେ । ହେ ସୌମ୍ୟ ! ବ୍ରହ୍ମଙ୍କର ଏହା ଚତୁଷ୍କଳାରୂପୀ ଚତୁର୍ଥ ପାଦ ଅଟେ । ଏହାଙ୍କୁ ଆୟତନବାନ ନାମରେ ଅଭିହିତ କରାଯାଏ ।।୩।।

ଯିଏ ଏହାଙ୍କୁ ଜାଣନ୍ତି ସେ ଆୟତନବାନ ହୁଅନ୍ତି ଏବଂ ଉକ୍ତ ଗୁଣକୁ ସମ୍ମାନ ଦେଇ ଉପାସନା କରନ୍ତି । ପରିଣତିରେ ଆୟତନବାନ ଲୋକକୁ ଜୟ କରିବାକୁ ସକ୍ଷମ ହୁଅନ୍ତି ।।୪।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେଽଷ୍ଟମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୮।।

(ଚତୁର୍ଥ ଅଧ୍ୟାୟ -ନବମ ଖଣ୍ଡ)

୯. ସତ୍ୟକାମଙ୍କର ଆଚାର୍ଯ୍ୟଙ୍କଠାରୁ ପୁନଃ ଉପଦେଶ ଗ୍ରହଣ

ପ୍ରାପ ହାଚାର୍ଯ୍ୟକୁଳଂ ତମାଚାର୍ଯ୍ୟୋଽଭ୍ୟୁବାଦ ସତ୍ୟକାମ ୩ ଇତି ଭଗବ ଇତି ହ ପ୍ରତିଶୁଶ୍ରାବ ।।୧।।

ବ୍ରହ୍ମବିଦିବ ବୈ ସୋମ୍ୟ ଭାସି କୋ ନୁ ତ୍ୱାନୁଶଶାସେତ୍ୟନ୍ୟେ ମନୁଷ୍ୟେଭ୍ୟ ଇତି ହ ପ୍ରତିଜଜ୍ଞେ ଭଗବାଁସ୍ତ୍ୱେବ ମେ କାମେ ବ୍ରୂୟାତ୍ ।।୨।।

ଶ୍ରୁତଁହ୍ୟେବ ମେ ଭଗବଦ୍ଦୃଶେଭ୍ୟ ଆଚାର୍ଯ୍ୟାଦ୍ଧୈବ ବିଦ୍ୟା ବିଦିତା ସାଧିଷ୍ଠଂ ପ୍ରାପତୀତି ତସ୍ମୈ ହୈତଦେବୋବାଚାତ୍ର ହ ନ କିଞ୍ଚନ ବୀୟାୟେତି ବୀୟାୟେତି ।।୩।।

ଅଧୁନା ସତ୍ୟକାମ ଆଚାର୍ଯ୍ୟଙ୍କ ଆଶ୍ରମରେ ଆସି ପହଞ୍ଚି ନିବାସ କରୁଥାଆନ୍ତି ।। ଶିଷ୍ୟଙ୍କର ଏତାଦୃଶ ସଫଳତା ଦେଖି ଆଚାର୍ଯ୍ୟ ସତ୍ୟକାମଙ୍କୁ ନିକଟକୁ ଡାକି କହିଲେ— 'ହେ ସୌମ୍ୟ ! ତୁମେ ଅଧୁନା ବ୍ରହ୍ମବେତ୍ତା ସଦୃଶ ପରିଦୃଷ୍ଟ ହେଉଛ । ତୁମେ କେଉଁଠାରୁ ଜ୍ଞାନଲାଭ କଲ ?' ଏହାଶୁଣି ସତ୍ୟକାମ ଉତ୍ତରଦେଲେ— 'ମନୁଷ୍ୟେତର ଜୀବ ଅର୍ଥାତ୍ ଦେବଗଣ ମୋତେ ଉପଦେଶ ଦେଇଛନ୍ତି, ଏଣୁ ଆବଶ୍ୟକତା ଅନୁସାରେ ଆପଣଙ୍କ ଇଚ୍ଛା ଅନୁସାରେ ମୋତେ ମଧ ଜ୍ଞାନପ୍ରଦାନକରନ୍ତୁ ।।୧-୨।।

କାରଣ ମୁଁ ଶୁଣିଛି ଆପଣଙ୍କ ଭଳି ଆଚାର୍ଯ୍ୟ ଋଷିଙ୍କ ନିକଟରୁ ଅଧିତ ବିଦ୍ୟା ନିଶ୍ଚିତ ସାଧୁତାପ୍ରାପ୍ତିରେ ସହାୟକ ହୋଇଥାଏ ।' ଏହାଶୁଣି ଗୌତମ ଋଷି ଉପଯୁକ୍ତ ବ୍ରହ୍ମବିଦ୍ୟାର ଉପଦେଶ ପ୍ରଦାନକରି ସତ୍ୟକାମଙ୍କ ନିକଟରେ ରହିଥିବା ଶଙ୍କାଗୁଡ଼ିକୁ ସମାଧାନ କରାଇଦେଲେ ଫଳରେ ତାଙ୍କର ଅନ୍ୟକୌଣସି ନ୍ୟୂନାତୀତ ଅଜ୍ଞାନ ମଧ ରହିଲାନାହିଁ ।।୩।।

ଏହିଭଳି ଭାବରେ ସତ୍ୟକାମ ଜ୍ଞାନଲାଭ କରି ସଂସାରାଶ୍ରମକୁ ଫେରିଆସି ସଂସାର ସେବାକଲେ ଓ ଅବଶିଷ୍ଟ ଜୀବନକୁ ସାର୍ଥକ କରାଇଥିଲେ ।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ନବମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୯।।

(ଚତୁର୍ଥ ଅଧ୍ୟାୟ -ଦଶମ ଖଣ୍ଡ)

୧୦, ଉପକୋସଲଙ୍କୁ ଅଗ୍ନିଙ୍କ ଦ୍ୱାରା ବ୍ରହ୍ମବିଦ୍ୟା ଉପଦେଶ

ଉପକୋସଲୋ ହ ବୈ କାମଲାୟନଃ ସତ୍ୟକାମେ ଜାବାଲେ ବ୍ରହ୍ମଚର୍ଯ୍ୟମୁବାସ ତସ୍ୟ ହ ଦ୍ୱାଦଶବର୍ଷାଣ୍ୟଗ୍ନୀନ୍ପରିଚଚାର ସ ହ ସ୍ମାନ୍ୟାନନ୍ତେବାସିନଃ ସମାବର୍ତୟଁସ୍ତଁହ ସ୍ମୈବ ନ ସମାବର୍ତୟତି ।।୧।।

ତଂ ଜାୟୋବାଚ ତପ୍ତୋ ବ୍ରହ୍ମଚାରୀ କୁଶଳମଗ୍ନୀନ୍ପରିଚଚାରୀନ୍ମା ତ୍ୱାଗ୍ନୟଃ ପରିପ୍ରବୋଚନ୍ପ୍ରବ୍ରୂହାସ୍ମା ଇତି ତସ୍ମୈ ହାପ୍ରୋଚ୍ୟୈବ ପ୍ରବାସାଞ୍ଚକେ ।।୨।।

ସ ହ ବ୍ୟାଧିନାନଶିତୁଂ ଦଧ୍ରେ ତମାଚାର୍ଯ୍ୟଜାୟୋବାଚ ବ୍ରହ୍ମଚାରିନ୍ନଶାନ କିଂ ନୁ ନାଶ୍ନାସୀତି । ସ ହୋବାଚ ବହବ ଇମଽସ୍ମିନ୍ପୁରୁଷେ କାମା ନାନାତ୍ୟୟା ବ୍ୟାଧିଭିଃ ପ୍ରତିପୂର୍ଣ୍ଣୋଽସ୍ମି ନାଶିଷ୍ୟାମୀତି ।।୩।।

ଉପକୋସଳ ନାମରେ ପ୍ରସିଦ୍ଧ କମଳଙ୍କ ପୁତ୍ର ସତ୍ୟକାମ ଜାବାଳଙ୍କ ନିକଟରୁ ବ୍ରହ୍ମଚର୍ଯ୍ୟ ଗ୍ରହଣପୂର୍ବକ ଆଶ୍ରମ ବାସ କରୁଥାନ୍ତି । ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ ଆଚାର୍ଯ୍ୟଙ୍କର ସେବାକରି ରହିଥିଲେ ହେଁ ତାଙ୍କର ଅନ୍ୟମାନଙ୍କ ଭଳି ସମାବର୍ତ୍ତନ ହୋଇପାରିନାହିଁ । ତେଣୁ ଆଚାର୍ଯ୍ୟଙ୍କ ପତ୍ନୀ କହିଲେ— 'ସତ୍ୟକାମଙ୍କର ଅନେକ ତପସ୍ୟା ଓ ଅଗ୍ନିହୋତ୍ର ଆଦି ରହିଥିଲେ ମଧ୍ୟ ତାଙ୍କର ସମାବର୍ତ୍ତନ ପାଇଁ ଆପଣ କାହିଁକି ଆଗ୍ରହୀ ହେଉ ନାହାଁନ୍ତି ?।।୧।।

ଦେଖନ୍ତୁ, ଅଗ୍ନିମାନେ ଆପଣଙ୍କର ନିନ୍ଦା ଯେପରି ନ କରନ୍ତି । ଅତଃ ଆପଣ ମଧ୍ୟ ବ୍ରହ୍ମଚାରୀଙ୍କୁ ଉପଯୁକ୍ତ ଉପଦେଶ ଦେଇଦିଅନ୍ତୁ ।' ଏହାଶୁଣି ମଧ୍ୟ ଜାବାଳ କୌଣସି ଏକ କାମରେ ଅନ୍ୟତ୍ର ଚାଲିଗଲେ ।।୨।।

ଏଣୁ ସତ୍ୟକାମ ଅନଶନ କରିବାପାଇଁ ଦୃଢନିଶ୍ଚୟ କରିନେଲେ । ଏହା ଦେଖି ଆଚାର୍ଯ୍ୟପତ୍ନୀ କହିଲେ— 'ହେ ବ୍ରହ୍ମଚାରୀ ! ତୁମେ ଭୋଜନ କରୁନାହଁ କାହିଁକି ?' ଉତ୍ତରରେ ସତ୍ୟକାମ କହିଲେ— 'ହେ ମାତେ ! ଏହି ମନୁଷ୍ୟ ଲୋକରେ ଅନେକ କାମନା ରହିଯାଇଛି, ଯାହାକୁ ମୁଁ ଦମନ କରିପାରିନାହିଁ । ଏମିତି ତ ବ୍ୟାଧିପୂର୍ଣ୍ଣ ଏହି ଶରୀର ଭୋଜନ ଆପ୍ୟାୟନକରି ଲାଭ ବା କ'ଣ ?' ।।୩।।

ଅଥ ହାଗ୍ନୟଃ ସମୂଦିରେ ତପ୍ତୋ ବ୍ରହ୍ମଚାରୀ କୁଶଳଂ ନଃ ପର୍ଯ୍ୟଚାରୀଦ୍ଧନ୍ତାସ୍ମୈ ପ୍ରବ୍ରବାମେତି ତସ୍ମୈ ହୋଚୁଃ ପ୍ରାଣୋ ବ୍ରହ୍ମ କଂ ବ୍ରହ୍ମ ଖଂ ବ୍ରହ୍ମେତି ।।୪।।

ସ ହୋବାଚ ବିଜାନାମ୍ୟହଂ ଯତ୍‌ପ୍ରାଣୋ ବ୍ରହ୍ମ କଂ ଚ ତୁ ଖଂ ଚ ନ ବିଜାନାମୀତି ତେ ହୋଚୁର୍ଯ୍ୟଦ୍ୱାବ କଂ ତଦେବ ଖଂ ଯଦେବ ଖଂ ତଦେବ କମିତି ପ୍ରାଣଂ ଚ ହାସ୍ମୈ ତଦାକାଶଂ ଚୋଚୁଃ ।।୫।।

ପୁନଶ୍ଚ ଅଗ୍ନିଗଣ ଏକତ୍ରହୋଇ କହିଲେ, ବ୍ରହ୍ମଚାରୀ ତ ସମସ୍ତ କ୍ରିୟା ସାଧିମତେ ସମାପ୍ତ କରିଛନ୍ତି । ତଥାପି ତାଙ୍କୁ କାହିଁକି ସମାବର୍ତ୍ତନ କରାଯାଇନାହିଁ ! ଦେଖି ଆମେ ମଧ୍ୟ କିଛି ଉପଦେଶ ଦେବା । ଏହା ନିଶ୍ଚିତକରି ସେମାନେ କହିଲେ— 'ପ୍ରାଣ' ବ୍ରହ୍ମ ଅଟେ, 'କ' ବ୍ରହ୍ମ ଅଟେ, 'ଖ' ବ୍ରହ୍ମ ଅଟେ ।।୪।।

ଏହା ଶୁଣି ବ୍ରହ୍ମଚାରୀ କହିଲେ, ଏଗୁଡ଼ିକ ମୁଁ ଜାଣିଛି । ଏହା ନିଶ୍ଚିତ ଅଟେକି ଯିଏ 'କ' ସେ 'ଖ' ଅଟନ୍ତି । ହେଲେ 'କ ଆଉ ଖ'କୁ ମୁଁ ଜାଣିନାହିଁ । ମାତ୍ର ଯିଏ 'କ ଓ ଖ', ଯିଏ 'ଖ' ସେ 'କ' ଅଟେ । ଏହିଭଳି ଭାବେ ସେ ପ୍ରାଣ ଏବଂ ତଦାଶ୍ରିତ ଆକାଶଙ୍କର ଉପଦେଶ ପ୍ରଦାନ କଲେ । ଏଥିରୁ ତାଙ୍କର ପ୍ରାଣ ଓ ତଦ୍‌ଆଶ୍ରୟଭୂତ ଆକାଶ ସମ୍ପର୍କିତ ଜ୍ଞାନ ରହିଛି ବୋଲି ବୁଝାଗଲା ।।୫।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ଦଶମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୦।।

(ଚତୁର୍ଥ ଅଧ୍ୟାୟ - ଏକାଦଶ ଖଣ୍ଡ)

୧୧. ଏକାକୀ ଗାର୍ହ୍ୟପତ୍ୟ ଅଗ୍ନିଙ୍କଠାରୁ ଶିକ୍ଷା ଗ୍ରହଣ

ଅଥ ହୈନଂ ଗାର୍ହପତ୍ୟୋଽନୁଶଶାସ ପୃଥିବ୍ୟଗ୍ନିରନ୍ନମାଦିତ୍ୟ ଇତି । ଯ ଏଷ ଆଦିତ୍ୟେ ପୁରୁଷୋ ଦୃଶ୍ୟତେ ସୋଽହମସ୍ମି ସ ଏବାହମସ୍ମୀତି ।।୧।।

ସ ଯ ଏତମେବଂ ବିଦ୍ୱାନୁପାସ୍ତେଽପହତେ ପାପକୃତ୍ୟାଂ ଲୋକୀ ଭବତି ସର୍ବମାୟୁରେତି ଜ୍ୟୋଗ୍‌ଜୀବତି ନାସ୍ୟାବରପୁରୁଷାଃ କ୍ଷୀୟନ୍ତ ଉପ ବୟଂ ତଂ ଭୁଞ୍ଜାମୋଽସ୍ମିଁଶ୍ଚ ଲୋକେଽମୁଷ୍ମିଁଶ୍ଚ ଯ

ଏତମେବଂ ବିଦ୍ୱାନୁପାସ୍ତେ ।।୨।।

ପୁନଶ୍ଚ ତାଙ୍କୁ ଗାର୍ହ୍ୟପତ୍ୟାଗ୍ନି ଶିକ୍ଷା ଦେଇ କହିଲେ— ପୃଥିବୀ, ଅଗ୍ନି, ଅନ୍ନ ଏବଂ ଆଦିତ୍ୟ ଏମାନେ ମୋର ଚାରିଗୋଟି ଶରୀର ଅଟନ୍ତି । ଆଦିତ୍ୟାନ୍ତର୍ଗତ ଯେଉଁ ପୁରୁଷ ଦୃଶ୍ୟମାନ ହେଉଛନ୍ତି, ତାହା ମୁଁ ଅଟେ ।।୧।।

ଯିଏ ତାଙ୍କୁ ଏଭଳି ଜାଣି ଉପାସନା କରନ୍ତି, ତାଙ୍କର ପାପକର୍ମସମୂହ ନଷ୍ଟ ଯାଇଥାଏ । ସେ ଅଗ୍ନିଲୋକ ଗମନ କରନ୍ତି । ପୂର୍ଣ୍ଣ ଆୟୁଷ୍କୁ ପ୍ରାପ୍ତହୋଇ ଉଜ୍ଜ୍ୱଳ ଜୀବନ ଅତିବାହିତ କରନ୍ତି । ସେତିକି ନୁହେଁ ତାଙ୍କର ଉତ୍ତରପୁରୁଷମାନେ ମଧ୍ୟ କ୍ଷୀଣ ହୁଅନ୍ତି ନାହିଁ । ଯିଏ ଏଭଳି ଜାଣି ଉପାସନା କରିପାରନ୍ତି, ତାଙ୍କର ଉପଦେଶକୁ ଆମେ ଇହ ଏବଂ ପରଲୋକରେ ମଧ୍ୟ ପାଳନ କରିଥାଉ ।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ଏକାଦଶ ଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୧।।

(ଚତୁର୍ଥ ଅଧ୍ୟାୟ -ଦ୍ୱାଦଶ ଖଣ୍ଡ)

୧୨.ଅନ୍ୱାହାର୍ଯ୍ୟପଚନ ନାମକ ଅଗ୍ନିଙ୍କଠାରୁ ଶିକ୍ଷା

ଅଥ ହୈନମନ୍ୱାହାର୍ଯ୍ୟପଚନୋଽନୁଶଶାସାପୋ ଦିଶୋ ନକ୍ଷତ୍ରାଣି ଚନ୍ଦ୍ରମା ଇତି । ଯ ଏଷ ଚନ୍ଦ୍ରମାସି ପୁରୁଷୋ ଦୃଶ୍ୟତେ ସୋଽହମସ୍ମି ସ ଏବାହମସ୍ମୀତି ।।୧।।

ସ ଯ ଏତମେବଂ ବିଦ୍ୱାନୁପାସ୍ତେଽପହତେ ପାପକୃତ୍ୟାଂ ଲୋକୀ ଭବତି ସର୍ବମାୟୁରେତି ଜ୍ୟୋଗ୍ଜୀବତି ନାସ୍ୟାବରପୁରୁଷାଃ କ୍ଷୀୟନ୍ତ ଉପ ବୟଂ ତଂ ଭୁଞ୍ଜାମୋଽସ୍ମିଁଶ୍ଚ ଲୋକେଽମୁଷ୍ମିଁଶ୍ଚ ଯ ଏତମେବଂ ବିଦ୍ୱାନୁପାସ୍ତେ ।।୨।।

ପୁନଶ୍ଚ ଅନ୍ୱାହାର୍ଯ୍ୟପଚନ ଶିକ୍ଷାଦେବାକୁ ଯାଇ କହିଲେ-ଜଳ, ଦିଗ, ନକ୍ଷତ୍ର ଓ ଚନ୍ଦ୍ରମା ଏମାନେ ମୋର ଶରୀର ଅଟନ୍ତି । ଚନ୍ଦ୍ରମାଙ୍କଠାରେ ଯେଉଁ ଶରୀର ଦୃଶ୍ୟମାନ ହେଉଛି, ତାହା ମୁଁ ଅଟେ ।।୧।।

ଉକ୍ତ ପୁରୁଷ, ଯିଏ ଏହାକୁ ଏଭଳି ଜାଣି ଚାରିଭାଗରେ ବିଭକ୍ତ ହୋଇଥିବା ଉକ୍ତ ଅଗ୍ନିଙ୍କର ଉପାସନା କରନ୍ତି, ତାଙ୍କର ପାପକର୍ମ ନାଶ ଯାଏ, ସେ ଲୋକବାନ୍

ହୁଅନ୍ତି, ପୂର୍ଣ୍ଣ ଆୟୁକୁ ପ୍ରାପ୍ତ ହୁଅନ୍ତି ଏବଂ ଉଜ୍ଜ୍ୱଳ ଜୀବନ ଅତିବାହିତ କରନ୍ତି । ତାଙ୍କ ପରବର୍ତ୍ତୀ ପୁରୁଷମାନେ ମଧ୍ୟ ବପୁଷ୍ମାନ୍ ହୋଇଥାନ୍ତି ।
ଯିଏ ଏଭଳି ଜାଣି ଉପାସନା କରିପାରନ୍ତି, ତାଙ୍କର ରକ୍ଷା ଇହ ତଥା ପରକାଳରେ ଆମେମାନେ ହିଁ କରିଥାଉ ।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ଦ୍ୱାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୨।।

(ଚତୁର୍ଥ ଅଧ୍ୟାୟ -ତ୍ରୟୋଦଶ ଖଣ୍ଡ)

୧୩.ଆହବନୀୟ ଅଗ୍ନିଙ୍କଠାରୁ ଶିକ୍ଷା

ଅଥ ହୈନମାହବନୀୟୋଽନୁଶଶାସ ପ୍ରାଣ ଆକାଶୋ ଦ୍ୟୌର୍ବିଦ୍ୟୁଦିତି । ଏଷ ବିଦ୍ୟୁତି ପୁରୁଷୋ ଦୃଶ୍ୟତେ ସୋଽହମସ୍ମି ସ ଏବାହମସ୍ମୀତି ।।୧।।
ସ ଯ ଏତମେବଂ ବିଦ୍ୱାନୁପାସ୍ତେଽପହତେ ପାପକୃତ୍ୟାଂ ଲୋକୀ ଭବତି ସର୍ବମାୟୁରେତି ଜ୍ୟୋଗ୍ଜୀବତି ନାସ୍ୟାବରପୁରୁଷାଃ କ୍ଷୀୟନ୍ତ ଉପ ବୟଂ ତଂ ଭୁଞ୍ଜାମୋଽସ୍ମିଁଶ୍ଚ ଲୋକେଽମୁଷ୍ମିଁଶ୍ଚ ଯ ଏତମେବଂ ବିଦ୍ୱାନୁପାସ୍ତେ।।୨।।

ତଦନନ୍ତର ଆହବନୀୟ ଅଗ୍ନି ଶିକ୍ଷା ଦେବାକୁ ଯାଇ ତାଙ୍କୁ କହିଲେ— ପ୍ରାଣ, ଆକାଶ, ଦ୍ୟୁଲୋକ ଏବଂ ବିଦ୍ୟୁତ୍ ଏହି ଚାରିଗୋଟି ମୋର ଶରୀର ଅଟନ୍ତି । ଏହିଯେଉଁ ଦୃଶ୍ୟମାନ ବିଦ୍ୟୁତ୍ ମଧ୍ୟସ୍ଥ ପୁରୁଷ, ତାହା ମୁଁ ଅଟେ ।।୧।।

ଉକ୍ତ ପୁରୁଷ, ଯିଏ ଏହାକୁ ଏଭଳି ଜାଣି ଚାରିଭାଗରେ ବିଭକ୍ତ ଉକ୍ତ ଅଗ୍ନିଙ୍କର ଉପାସନା କରନ୍ତି ତାଙ୍କର ପାପକର୍ମ ନାଶ ଯାଏ, ସେ ଲୋକବାନ୍ ହୁଅନ୍ତି, ପୂର୍ଣ୍ଣ ଆୟୁକୁ ପ୍ରାପ୍ତ ହୁଅନ୍ତି ଏବଂ ଉଜ୍ଜ୍ୱଳ ଜୀବନ ଅତିବାହିତ କରନ୍ତି । ତାଙ୍କର ପରବର୍ତ୍ତୀ ପୁରୁଷମାନେ ମଧ୍ୟ ବପୁଷ୍ମାନ୍ ହୁଅନ୍ତି । ଯିଏ ଏଭଳି ଜାଣି ଉପାସନା କରିଥାଆନ୍ତି, ତାଙ୍କର ରକ୍ଷା ଇହ-ପରକାଳରେ ଆମେମାନେ କରିଥାଉ ।।୨।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ତ୍ରୟୋଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୩।।

(ଚତୁର୍ଥ ଅଧାୟ -ଚତୁର୍ଦ୍ଦଶ ଖଣ୍ଡ)

୧୪.ଆଚାର୍ଯ୍ୟ ଏବଂ ଉପକୋସଲ ସମ୍ବାଦ

ତେ ହୋଚୁରୁପକୋସଲୈଷା ସୋମ୍ୟ ତେଽସ୍ମଦ୍ୱିଦ୍ୟାତ୍ମବିଦ୍ୟା ଚାଚାର୍ଯ୍ୟସ୍ତୁ ତେ ଗତି ବକ୍ତେତ୍ୟାଜଗାମ ହାସ୍ୟାଚାର୍ଯ୍ୟସ୍ତମାଚାର୍ୟୋଽ–ଭ୍ୟୁବାଦୋପକୋସଲ ୩ ଇତି ॥୧॥

ଭଗବ ଇତି ହ ପ୍ରତିଶୁଶ୍ରାବ ବ୍ରହ୍ମବିଦ ଇବ ସୋମ୍ୟ ତେ ମୁଖଂ ଭାତି କୋ ନୁ ତ୍ୱାନୁଶଶାସେତି କୋ ନୁ ମାନୁଶିଷ୍ୟାଭୋ ଇତୀହାପେବ ନିହ୍ନୁତ ଇମେ ନୂନମୀଦୃଶା ଅନ୍ୟାଦୃଶା ଇତୀହାଗ୍ନୀନଭ୍ୟୂଦେ କିଂ ନୁ ସୋମ୍ୟ କିଲଽତେ ବୋଚନ୍ନିତି ॥୨॥

ଇଦମିତି ହ ପ୍ରତିଜଜ୍ଞେ ଲୋକାନ୍ବାବ କିଲ ସୋମ୍ୟ ତେଽବୋଚନ୍ନହଂ ତୁ ତେ ତଦ୍ୱକ୍ଷ୍ୟାମି ଯଥା ପୁଷ୍କରପଲାଶ ଆପୋ ନ ଶ୍ଲିଷ୍ୟନ୍ତ ଏବମେବଂବିଦି ପାପଂ କର୍ମ ନ ଶ୍ଲିଷ୍ୟତ ଇତି ବ୍ରବୀତୁ ମେ ଭଗବାନିତି ତସ୍ମୈ ହୋବାଚ ॥୩॥

ସେମାନେ କହିଲେ– 'ହେ ଉପକୋସଲ ! ହେ ସୌମ୍ୟ ! ଏହି ନିଜ ସ୍ୱ–ବିଦ୍ୟା ଯାହାକି ଆତ୍ମବିଦ୍ୟା ତୁମକୁ କୁହାଗଲା, ତାହାର ଫଳ ପ୍ରାପ୍ତିଜନିତ ମାର୍ଗ ତୁମକୁ ଆଚାର୍ଯ୍ୟ ବତାଇଦେବେ ।' କିଛି ସମୟାନ୍ତେ ଆଚାର୍ଯ୍ୟଙ୍କର ଆଗମନ ହେଲା । ତାଙ୍କୁ ଆଚାର୍ଯ୍ୟ କହିଲେ– 'ଉପକୋସଳ !' ଏହାଶୁଣି ଛାତ୍ର ଉତ୍ତରଦେଲେ, 'ହେ ଭଗବନ୍ !' ଏଥର ଆଚାର୍ଯ୍ୟ ବୁଝିପାରିଲେ ବ୍ରହ୍ମଚାରୀଙ୍କର ନିଶ୍ଚିତ ଜ୍ଞାନ ହୋଇଛି । ତେଣୁ ସେ କହିଲେ, 'ହେ ସୌମ୍ୟ ! ତୁମର ମୁଖ ବ୍ରହ୍ମବେତ୍ତା ସମ ପରିଦୃଷ୍ଟ ହେଉଛି । ତୁମକୁ ଉପଯୁକ୍ତ ଜ୍ଞାନ କିଏ ପ୍ରଦାନକଲେ ?'

ଉପକୋସଳ କହିଲେ– 'ଗୁରୁଜୀ ! ମୋତେ କିଏ ଉପଦେଶ ଦେବେ ! ଏଭଳି କହି ସେ କଥାଟିକୁ ଲୁଚାଇବାକୁ ଚେଷ୍ଟାକଲେ ଏବଂ ଅଗ୍ନିଙ୍କ ଆଡ଼କୁ ସଙ୍କେତକରି କହିଲେ, ନିଶ୍ଚିତଭାବରେ ଏମାନେ ହିଁ ମୋତେ ଉପଦେଶ ଦେଇଥିବେ ।' ପୁନଃ ଆଚାର୍ଯ୍ୟ ପ୍ରଶ୍ନ କଲେ, ସେମାନେ ତୁମକୁ କ'ଣ କହିଲେ ? ଉତ୍ତରରେ ଉପକୋଶଳ ଯାହାସବୁ ଜ୍ଞାନ ଆହରଣ କରିଥିଲେ, ତାହା ବର୍ଣ୍ଣନା କରିଗଲେ ।

ଏହାଶୁଣି ଆଚାର୍ଯ୍ୟ ସ୍ମିତହାସ୍ୟପୂର୍ବକ କହିଲେ– 'ହେ ସୌମ୍ୟ ! ଏମାନେ ତୁମକୁ କେବଳ ଲୋକ ସମ୍ପର୍କିତ ଜ୍ଞାନ ପ୍ରଦାନ କରିଛନ୍ତି । ଅଧୁନା ମୁଁ ତୁମକୁ କହୁଛି ଯାହାଙ୍କୁ ଜାଣିଲେ ପାପକର୍ମ ସହ ସମ୍ବନ୍ଧ ରକ୍ଷା ହେବନାହିଁ, ଯେଉଁଭଳି କମଳ ପତ୍ରରେ ଜଳ

ଲିପ୍ତ ହୁଏନାହିଁ ସେହିଭଳି ଜ୍ଞାନ ନିଶ୍ଚିତ ଆହରଣ କରିବା ଦରକାର ।' ଅଧୁନା ଉପକୋସଲ କହିଲେ, ଭଗବାନ୍ ! ତାହା କ'ଣ ହୋଇପାରେ ? ତା'ପରେ ଆଚାର୍ଯ୍ୟ କହିଲେ ।।୩।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ଚତୁର୍ଦ୍ଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୪।।

(ଚତୁର୍ଥ ଅଧ୍ୟାୟ-ପଞ୍ଚଦଶ ଖଣ୍ଡ)

୧୫. ବ୍ରହ୍ମବେତ୍ତାଙ୍କର ଗତି ବର୍ଣ୍ଣନା

ଯ ଏଷୋଽକ୍ଷିଣି ପୁରୁଷୋ ଦୃଶ୍ୟତ ଏଷ ଆତ୍ମେତି ହୋବାଚୈତଦ ମୃତମଭୟମେତଦ୍‌ବ୍ରହ୍ମେତି । ତଦ୍ୟଦ୍ୟପ୍ୟସ୍ମିନ୍‌ସର୍ପିର୍ବୋଦକଂ ବା ସିଞ୍ଚତି ବର୍ତ୍ମନୀ ଏବ ଗଚ୍ଛତି ।।୧।।
ଏତ୍‌ଁସଂଯଦ୍ୱାମ ଇତ୍ୟାଚକ୍ଷତ ଏତ୍‌ଁହି ସର୍ବାଣି ବାମାନ୍ୟଭିସଂଯନ୍ତି ସର୍ବାଣ୍ୟେନଂ ବାମାନ୍ୟଭିସଂଯନ୍ତି ଯ ଏବଂ ବେଦ ।।୨।।
ଏବ ଉ ଏବ ବାମନୀରେଷ ହି ସର୍ବାଣି ବାମାନି ନୟତି ସର୍ବାଣି ବାମାନି ନୟତି ଯ ଏବଂ ବେଦ ।।୩।।
ଏଷ ଉ ଏବ ଭାମନୀରେଷ ହି ସର୍ବେଷୁ ଲୋକେଷୁ ଭାତି ସର୍ବେଷୁ ଲୋକେଷୁ ଭାତି ଯ ଏବଂ ବେଦ ।।୪।।

ଏହି ଯେଉଁ ନେତ୍ରମଧ୍ୟସ୍ଥ ଉଭୟ ପୁରୁଷ ପ୍ରତୀୟମାନ ହେଉଛନ୍ତି, ସେ ଆତ୍ମା ଅଟନ୍ତି । ଏଭଳି ସେ କହିଛନ୍ତି କି, ଏହା ଅମୃତ ଅଟେ, ଅଭୟ ଅଟେ, ବ୍ରହ୍ମ ଅଟେ । ତହିଁରେ (ପୁରୁଷ ସ୍ଥାନୀୟ ନେତ୍ରରେ) ଯଦି ଘିଅ ବା ଜଳ ଢାଳି ଦିଆଯାଏ, ତାହା ପଲକ ମଧ୍ୟରେ ଦୂରେଇଯାଏ ।।୧।।

ତାଙ୍କୁ 'ସଂଯଦ୍ୱାମ' ବୋଲି କୁହାଯାଏ କାହିଁକି ନାଁ ସମ୍ପୂର୍ଣ୍ଣ ସେବନୀୟ ବସ୍ତୁ ସବୁ ଦିଗରୁ ତାଙ୍କୁ ପ୍ରାପ୍ତ ହୁଅନ୍ତି । ତାଙ୍କୁ ଏଭଳି ଯେ ଜାଣନ୍ତି, ତାଙ୍କର ଉପଭୋଗ୍ୟ ବସ୍ତୁସମୂହ ଅନାୟାସରେ ପ୍ରାପ୍ତ ହୁଏ ।।୨।।

ଏହା ବାମନୀ ଅଟେ କାହିଁକି ନାଁ ଏହା ସମ୍ପୂର୍ଣ୍ଣ ବାମକୁ ବହନ କରିଅଛି । ଯିଏ ଏଭଳି ଜାଣନ୍ତି, ସମଗ୍ର ବାମକୁ ସେ ଲାଭ କରିପାରନ୍ତି ।।୩।।

ଏହା ଭାମନୀ ଅଟେ, କାହିଁକି ନାଁ ଏହା ସମ୍ପୂର୍ଣ୍ଣ ଲୋକରେ ଭାସମାନ ଅଟେ । ଯିଏ

ଏଭଳି ଜାଣନ୍ତି, ସେ ସମ୍ପୂର୍ଣ୍ଣ ଲୋକରେ ଭାସମାନ ସ୍ଥିତିକୁ ଲାଭ କରିପାରନ୍ତି ।।୪।।

ଅଥ ଯଦୁ ଚୈବାସ୍ମିଞ୍ଛବ୍ୟଂ କୁର୍ବନ୍ତି ଯଦି ଚ ନାର୍ଚିଷମେବା- ଭିସଂଭବନ୍ତ୍ୟର୍ଚିଷୋଽହରହ୍ନ ଆପୂର୍ୟମାଣପକ୍ଷମାପୂର୍ୟମାଣ- ପକ୍ଷାଦ୍ୟାନ୍ଷଡୁଦଙ୍ଙେତି ମାସାଁସ୍ତାନ୍ମାସେଭ୍ୟଃ ସଂବତ୍ସରଁ ସଂବତ୍ସରାଦାଦିତ୍ୟମାଦିତ୍ୟାଚ୍ଚନ୍ଦ୍ରମସଂ ଚନ୍ଦ୍ରମସୋ ବିଦ୍ୟୁତଂ ତତ୍ପୁରୁଷୋଽମାନବଃ ସ ଏନାନ୍ବ୍ରହ୍ମ ଗମୟତ୍ୟେଷ ଦେବପଥୋ ବ୍ରହ୍ମପଥ ଏତେନ ପ୍ରତିପଦ୍ୟମାନା ଇମଂ ମାନବମାବର୍ତଂ ନାବର୍ତନ୍ତେ ନାବର୍ତନ୍ତେ ।।୫।।

ଅଧୁନା ଶ୍ରୁତି ପୂର୍ବୋକ୍ତ ବ୍ରହ୍ମବେତ୍ତାଙ୍କର ଗତି ସମ୍ପର୍କରେ ବର୍ଣ୍ଣନା କରି କହନ୍ତି- ତାଙ୍କପାଇଁ ସମସ୍ତ କର୍ମ କରିବା ଅବା ନ କରିବା- ତାହା ଅର୍ଚି ଅଭିମାନୀ ଦେବତାଙ୍କୁ ପ୍ରାପ୍ତ କରିବା ଯୋଗୁଁ ହୋଇଥାଏ । ପୁନଶ୍ଚ ଅର୍ଚି ଅଭିମାନୀ ଦେବତାଙ୍କ ଠାରୁ ଦିବସ ଅଭିମାନୀ ଦେବତାଙ୍କୁ, ତାଙ୍କଠାରୁ ଶୁକ୍ଳପକ୍ଷ ଅଭିମାନୀ ଦେବତାଙ୍କ ଆଡ଼କୁ ଉତ୍ତରାୟଣର ଷଡ଼ମାସ ପର୍ଯ୍ୟନ୍ତ ପ୍ରାପ୍ତ ହୋଇଥାଏ । ମାସରୁ ସମ୍ବତ୍ସର, ସମ୍ବତ୍ସରରୁ ଆଦିତ୍ୟ, ଆଦିତ୍ୟରୁ ଚନ୍ଦ୍ରମା ଏବଂ ଚନ୍ଦ୍ରମାଙ୍କଠାରୁ ବିଦ୍ୟୁତଙ୍କୁ ପ୍ରାପ୍ତ ହୋଇଥାଏ । ସେଠାରୁ ଅମାନବ ପୁରୁଷ ଏହାଙ୍କୁ ବ୍ରହ୍ମ ପ୍ରାପ୍ତିକରାଇ ଦିଅନ୍ତି । ଏହି ଦେବମାର୍ଗ- ବ୍ରହ୍ମମାର୍ଗ ଅଟେ । ଏହାଙ୍କୁ ଜାଣିପାରିଥିବା ପୁରୁଷଏହି ମାନବମଣ୍ଡଳକୁ ପୁନର୍ବାର ଲେଉଟି ଆସନ୍ତିନାହିଁ କି ଫେରନ୍ତିନାହିଁ ।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ପଞ୍ଚଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୫।।

(ଚତୁର୍ଥ ଅଧ୍ୟାୟ-ଷୋଡ଼ଶ ଖଣ୍ଡ)

୧୬.ପବନଙ୍କୁ ଯଜ୍ଞରୂପେ ଉପାସନା

ଏଷ ହ ବୈ ଯଜ୍ଞୋ ଯୋଽୟଂ ପବତ ଏଷ ହ ଯନ୍ନିଦଁସର୍ବଂ ପୁନାତି । ଯଦେଷ ଯନ୍ନିଦଁସର୍ବଂ ପୁନାତି ତସ୍ମାଦେଷ ଏବ ଯଜ୍ଞସ୍ତସ୍ୟ ମନଶ୍ଚ ବାକ୍ଚ ବର୍ତନୀ ।।୧।।

ତୟୋରନ୍ୟତରାଂ ମନସା ସଁସ୍କରୋତି ବ୍ରହ୍ମା ବାଚା ହୋତାଧ୍ୱର୍ୟୁରୁ- ଦ୍ଗାତାନ୍ୟତରଁସ ଯତ୍ରୋପାକୃତେ ପ୍ରାତରନୁବାକେ ପୁରା ପରିଧାନୀୟାୟା ବ୍ରହ୍ମା ବ୍ୟବଦତି ।।୨।।

ଅନ୍ୟତରାମେବ ବର୍ତନୀଁସଁସ୍କରୋତି ହୀୟତେଽନ୍ୟତରା ସ ଯଥୈକପାଦବ୍ରଜନ୍‌ରଥୋ ବୈକେନ ଚକ୍ରେଣ ବର୍ତମାନୋ ରିଷ୍ୟତ୍ୟେବମସ୍ୟ ଯଜ୍ଞୋ ରିଷ୍ୟତି ଯଜ୍ଞଁରିଷ୍ୟନ୍ତଂ ଯଜମାନୋଽନୁରିଷ୍ୟତି ସ ଇଷ୍ଟ୍ୱା ପାପୀୟାନ୍ ଭବତି ।।୩।।

ଅଥ ଯତ୍ରୋପାକୃତେ ପ୍ରାତରନୁବାକେ ନ ପୁରା ପରିଧାନୀୟାୟା ବ୍ରହ୍ମା ବ୍ୟବବଦତ୍ୟୁଭେ ଏବ ବର୍ତନୀ ସଁସ୍କୁର୍ବନ୍ତି ନ ହୀୟତେଽନ୍ୟତରା ।।୪।।

ସ ଯଥୋଭୟପାଦ୍‌ବ୍ରଜନ୍‌ରଥୋ ବୋଭାଭ୍ୟାଂ ଚକ୍ରାଭ୍ୟାଂ ବର୍ତମାନଃ ପ୍ରତିତିଷ୍ଠତ୍ୟେବମସ୍ୟ ଯଜ୍ଞଃ ପ୍ରତିତିଷ୍ଠତି ଯଜ୍ଞଂ ପ୍ରତିତିଷ୍ଠନ୍ତଂ ଯଜମାନୋଽନୁପ୍ରତିତିଷ୍ଠତି ସ ଇଷ୍ଟ୍ୱା ଶ୍ରେୟାନ୍ ଭବତି ।।୫।।

ସେ, ଯିଏ ଚଳମାନ ହେଉଛନ୍ତି ନିଶ୍ଚିତଭାବେ ସେ ଯଜ୍ଞ ଅଟନ୍ତି । ଚଳନକ୍ଷମ ସେ, ସମ୍ପୂର୍ଣ୍ଣଜଗତକୁ ପବିତ୍ର କରି ରଖିଛନ୍ତି କାହିଁକି ନାଁ ସେ ଗମନ କରିବା ଯୋଗୁଁ ସର୍ବତ୍ର ପବିତ୍ରତା ବିଦ୍ୟମାନ ହେଉଛି । ମନ ଏବଂ ବାକ୍ ଉଭୟେ ତାଙ୍କର ମାର୍ଗ ବା ପଥ ଅଟନ୍ତି ।।୧।।

ତନ୍ମଧ୍ୟରୁ ଗୋଟିଏ ମାର୍ଗକୁ ବ୍ରହ୍ମା ମନ ଦ୍ୱାରା ସଂସ୍କାର କରାଇଥିଲେ ଅନ୍ୟମାର୍ଗଟି ହୋତା, ଅଧ୍ୱର୍ଯ୍ୟୁ ଏବଂ ଉଦ୍‌ଗାତା ବାଣୀ ମାଧ୍ୟମରେ ସଂସ୍କାର କରାଇଥିଲେ । ଯଦି ପ୍ରାତରନୁବାକ ଆରମ୍ଭ ହୋଇଯାଏ, ତେବେ ପରିଧାନୀୟ ଋଚା ଉଚ୍ଚାରଣ ଦ୍ୱାରା ପୂର୍ବ ବ୍ରହ୍ମା ଗାଇଉଠନ୍ତି । ସେତେବେଳେ ଗୋଟିଏ ମାର୍ଗର ସଂସ୍କାର ହୁଏ, ଅନ୍ୟ ମାର୍ଗଟି ନଷ୍ଟ ହୋଇଯାଏ ।

ଯେଉଁଭଳି ଗୋଟିଏ ଗୋଡ଼ରେ ଚାଲୁଥିବା ବ୍ୟକ୍ତି ବା ଗୋଟିଏ ଚକରେ ଗଡୁଥିବା ରଥ କେବେ ବି ଚଳନକ୍ଷମ ନୁହେଁ ଠିକ୍ ସେହିଭଳି ଏହି ଯଜ୍ଞ ମୂଲ୍ୟହୀନ ହୁଏ । ଏହି ଯଜ୍ଞ ନଷ୍ଟ ହୋଇଯିବା କାରଣରୁ ଯଜମାନ ନାଶ ଯାଆନ୍ତି । ଏଭଳି ଯଜ୍ଞ କରିବାଦ୍ୱାରା ସେ ଅଧିକ ପାପରେ ଭାଗୀ ହୁଅନ୍ତି ।।୨–୩।।

ପୁନଶ୍ଚ ଯଦି ପ୍ରାତରନୁବାକ ଆରମ୍ଭ ହେବା ଆଗରୁ ପରିଧାନୀୟା ଋଚା ସାହାଯ୍ୟରେ ପୂର୍ବବ୍ରହ୍ମା ଗାୟନ ନ କରନ୍ତି, ତେବେ ସମସ୍ତ ଋତ୍ୱିକ୍ ମିଳିତଭାବେ ଉଭୟ ମାର୍ଗର ସଂସ୍କାର କରିଥାଆନ୍ତି, ସେତେବେଳେ କୌଣସି ମାର୍ଗ ନଷ୍ଟ ହୋଇନଥାଏ । ଯେଉଁଭଳି ଉଭୟ ପାଦରେ ଚଳନକ୍ଷମ ବ୍ୟକ୍ତି ତଥା ଉପଯୁକ୍ତ ଚକବିଶିଷ୍ଟ ରଥ ଠିକ୍ ସେହିଭଳି ଯଜ୍ଞ ସମ୍ପନ୍ନ ହୁଏ ।

ଯଜ୍ଞସ୍ଥିତ ହେବା କାରଣରୁ ଯଜମାନ ଶ୍ରେଷ୍ଠ ପଦବାଚ୍ୟ ହୁଏ ଅର୍ଥାତ୍ ଏଭଳି ଯଜ୍ଞକରି ଶ୍ରେଷ୍ଠ ବୋଲାଏ ।।୪-୫।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ଷୋଡ଼ଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୬।।

(ଚତୁର୍ଥ ଅଧ୍ୟାୟ-ସପ୍ତଦଶ ଖଣ୍ଡ)

୧୭.ଯଜ୍ଞକାଳୀକ ଦୋଷ ନିବାରଣାର୍ଥେ ପ୍ରାୟଶ୍ଚିତ୍ତ ରୂପକ ଯୋଗ୍ୟ ବ୍ରହ୍ମାଙ୍କର ଆବଶ୍ୟକତା

ପ୍ରଜାପତିର୍ଲୋକାନଭ୍ୟତପତ୍ତେଷାଂ ତପ୍ୟମାନାନାଁ(ରସାନ୍ ପ୍ରାବୃହଦଗ୍ନିଂ ପୃଥିବ୍ୟା ବାୟୁମନ୍ତରିକ୍ଷାଦାଦିତ୍ୟଂ ଦିବଃ ।।୧।।

ପ୍ରଜାପତି ଲୋକମାନଙ୍କୁ ଲକ୍ଷ୍ୟକରି ଅର୍ଥାତ୍ ଲୋକମାନଙ୍କ ଉଦ୍ଦେଶ୍ୟରେ ଧ୍ୟାନରୂପକ ତପ କଲେ । ସେହି ତପ କରାଯାଇଥିବା ଲୋକରେ ସେ ରସ ନିଃସୃତ କରାଇଲେ । ପୃଥିବୀରୁ ଅଗ୍ନି, ଅନ୍ତରୀକ୍ଷରୁ ବାୟୁ ଏବଂ ଦ୍ୟୁଲୋକରୁ ଆଦିତ୍ୟଙ୍କୁ ଉଦ୍ଧୃତ କଲେ ।।୧।।

ସ ଏତାସ୍ତିସ୍ରୋ ଦେବତା ଅଭ୍ୟତପତ୍ତାସାଂ ତପ୍ୟମାନାନାଁ(ରସାନ୍ପ୍ରାବୃହଦଗ୍ନେର୍ଋଚୋ ବାୟୋର୍ୟଜୂଁଷି ସାମାନ୍ୟାଦିତ୍ୟାତ୍ ।।୨।।

ପୁନଃ ଏହି ଦେବତ୍ରୟଙ୍କୁ ଲକ୍ଷ୍ୟକରି ତପ କରିବାକୁ ଲାଗିଲେ । ସେମାନଙ୍କଠାରୁ ମଧ ରସ ନିଃସରଣ କଲେ । ଅଗ୍ନିରୁ ଋକ୍, ବାୟୁରୁ ଯଜୁଃ ଏବଂ ଆଦିତ୍ୟଙ୍କଠାରୁ ସାମ ଗ୍ରହଣ କଲେ ।।୨।।

ସ ଏତାଂ ତ୍ରୟୀଂ ବିଦ୍ୟାମଭ୍ୟତପତ୍ତସ୍ୟାସ୍ତପ୍ୟମାନାୟା ରସାନ୍-ପ୍ରାବୃହଦ୍ଭୂରିତ୍ୟୃଗ୍ଭ୍ୟୋ ଭୁବରିତି ଯଜୁର୍ଭ୍ୟଃ ସ୍ୱରିତି ସାମଭ୍ୟଃ ।।୩।। ତଦ୍ୟଦୃଚ୍ୟକ୍ତୋ ରିଷ୍ୟେଦ୍ଭୂଃ ସ୍ୱାହେତି ଗାର୍ହପତ୍ୟେ ଜୁହୁୟାଦୃଚାମେବ ତଦ୍ରସେନର୍ଚାଂ ବୀର୍ଯ୍ୟେଣର୍ଚାଂ ଯଜ୍ଞସ୍ୟ ବିରିଷ୍ଟଁ ସଂଦଧାତି ।।୪।।

ତଦନନ୍ତର ଉକ୍ତ ବିଦ୍ୟା ତ୍ରୟକୁ ଲକ୍ଷ୍ୟକରି ତପଃ ସାଧନ କରନ୍ତେ ପୁନଃ ଯେଉଁ ରସ ନିଃସୃତ ହେଲା, ସେଗୁଡ଼ିକ ନିମ୍ନପ୍ରକାରେଯ ଋକ୍ ଶ୍ରୁତିରୁ ଭୂଃ, ଯଜୁଃ ଶ୍ରୁତିରୁ ଭୁବଃ ତଥା ସାମ ଶ୍ରୁତିରୁ ସ୍ୱଃ ରସମାନଙ୍କୁ ନିଃସୃତ କରାଇଲେ । ତେଣୁ ଯଜ୍ଞରେ ଯଦି ଋକ୍ ଶ୍ରୁତି ସମ୍ବନ୍ଧରେ କ୍ଷତ ଉତ୍ପନ୍ନ ହୁଏ, ତେବେ 'ଭୂଃ ସ୍ୱାହା' ଏଭଳି କହି ଗାର୍ହ୍ୟପତ୍ୟାଗ୍ନିରେ ଆହୁତି ଦେବା ଦରକାର । ଏହିଭଳି ଉକ୍ତ ଋଚାମାନଙ୍କଠାରୁ ନିଃସୃତ ରସରୁ ଋଚାମାନଙ୍କୁ ବୀର୍ଯ୍ୟଦ୍ୱାରା ଋକ୍ ସମ୍ବନ୍ଧୀ ଯଜ୍ଞର କ୍ଷତ ପୂର୍ତ୍ତି କରାଯାଏ ।।୩-୪।।

ଅଥ ଯଦି ଯଜୁଷ୍ଟୋ ରିଷ୍ୟେଦ୍ଭୁବଃ ସ୍ୱାହେତି ଦକ୍ଷିଣାଗ୍ନୌ ଜୁହୁୟାଦ୍ୟଜୁଷାମେବ ତଦ୍ରସେନ ଯଜୁଷାଂ ବୀର୍ଯ୍ୟେଣ ଯଜୁଷାଂ ଯଜ୍ଞସ୍ୟ ବିରିଷ୍ଟଁସଂଦଧାତି ।।୫।।

ଅଥ ଯଦି ସାମତୋ ରିଷ୍ୟେତ୍ସ୍ୱଃ ସ୍ୱାହେତ୍ୟାହବନୀୟେ ଜୁହୁୟାତ୍ସାମ୍ନାମେବ ତଦ୍ରସେନ ସାମ୍ନାଂ ବୀର୍ଯ୍ୟେଣ ସାମ୍ନାଂ ଯଜ୍ଞସ୍ୟ ବିରିଷ୍ଟଁସଂଦଧାତି ।।୬।।

ପୁଣି ଯଦି ଯଜୁଃ ଶ୍ରୁତି କାରଣରୁ କ୍ଷତ ଉତ୍ପନ୍ନ ହୁଏ, ତେବେ 'ଭୁବଃ ସ୍ୱାହା' ଏଭଳି କହି ଦକ୍ଷିଣାଗ୍ନିରେ ହବନ ପ୍ରଦାନ କରାଯାଏ । ଏହିଭଳି ଭାବରେ ଉକ୍ତ ଯଜୁଃ ରସରୁ ଯଜୁବୀର୍ଯ୍ୟ ଦ୍ୱାରା ଯଜୁ ସମ୍ବନ୍ଧୀ କ୍ଷତକୁ ପୂର୍ଣ୍ଣ କରାଏ ।।୫।।

ସେହିଭଳି ଯଦି ସାମ ଶ୍ରୁତି କାରଣରୁ କ୍ଷତ ହୋଇଥାଏ, ତାହେଲେ 'ସ୍ୱଃ ସ୍ୱାହା' କହି ଆହବନୀୟ ଅଗ୍ନିରେ ଆହୁତି ପ୍ରଦାନ କରାଯାଏ । ଏହିଭଳି ଉକ୍ତ ସାମଙ୍କ ରସରୁ ସାମବୀର୍ଯ୍ୟ ଦ୍ୱାରା ଯଜ୍ଞସମ୍ବନ୍ଧୀ କ୍ଷତକୁ ପୂରଣ କରିଥାଏ ।।୬।।

ତଦ୍ୟଥା ଲବଣେନ ସୁବର୍ଣ୍ଣଁସଂଦଧ୍ୟାତ୍ସୁବର୍ଣ୍ଣେନ ରଜତଁରଜତେନ ତ୍ରପୁ ତ୍ରପୁଣା ସୀସଁସୀସେନ ଲୋହଂ ଲୋହେନ ଦାରୁ ଦାରୁ ଚର୍ମଣା ।।୭।।

ଏବମେଷାଂ ଲୋକାନାମାସାଂ ଦେବତାନାମସ୍ୟାସ୍ତ୍ରୟ୍ୟା ବିଦ୍ୟାୟା ବୀର୍ଯ୍ୟେଣ ଯଜ୍ଞସ୍ୟ ବିରିଷ୍ଟଁସଂଦଧାତି ଭେଷଜକୃତୋ ହ ବା ଏଷ ଯଜ୍ଞୋ ଯତ୍ରୈବଂବିଦ୍ବ୍ରହ୍ମା ଭବତି ।।୮।।

ଏହି ବିଷୟରେ ଏଭଳି ବୁଝିନେବା ଦରକାର କି, ଯେଉଁଭଳି ଲବଣ ଦ୍ୱାରା ସୁବର୍ଣ୍ଣକୁ, ସୁବର୍ଣ୍ଣ ଦ୍ୱାରା ରୂପାକୁ ରୂପା ଦ୍ୱାରା ତ୍ରପୁକୁ, ତ୍ରପୁ ଦ୍ୱାରା ସୀସାକୁ, ସୀସା ଦ୍ୱାରା ଲୁହାକୁ ଏବଂ ଲୁହା ଦ୍ୱାରା କାଠକୁ ଅଥବା ଚମଡ଼ା ଦ୍ୱାରା କାଠକୁ ଯୋଡ଼ା ଯାଇଥାଏ,

ଠିକ୍ ସେହିଭଳି ଏହି ଲୋକ, ଦେବତା ଏବଂ ତ୍ରୟୀବିଦ୍ୟାର ବୀର୍ଯ୍ୟ ଦ୍ୱାରା ଯଜ୍ଞର କ୍ଷତକୁ ପ୍ରତିସନ୍ଧାନ କରାଯାଇଥାଏ । ଯେଉଁଥିରେ ଏ ପ୍ରକାର ଜାଣିବା ଯୋଗ୍ୟ ବ୍ରହ୍ମ ରହିଛନ୍ତି, ଉକ୍ତ ଯଜ୍ଞ ନିଶ୍ଚିତଭାବରେ ଔଷଧୀ ଦ୍ୱାରା ସଂସ୍କୃତ ହୋଇଥାଏ ।।୭-୮।।

ଏଷ ହ ବା ଉଦକ୍ପ୍ରବଣୋ ଯଜ୍ଞୋ ଯତ୍ରୈବଂବିଦ୍ବ୍ରହ୍ମା ଭବତ୍ୟେବଂବିଦ୍ଁହ ବା ଏଷା ବ୍ରହ୍ମାଣମନୁଗାଥା ଯତୋ ଯତ ଆବର୍ତତେ ତତ୍ତଦ୍ଗଚ୍ଛତି ।।୯।।

ଯେଉଁଠାରେ ଏଭଳି ଜାଣିବାଯୋଗ୍ୟ ବ୍ରହ୍ମା ଥାଆନ୍ତି, ତାହା ଯଜ୍ଞ ଉଦକ୍ ପ୍ରବଣ ହୋଇଥାଏ । ଏଭଳି ଜାଣିଥିବା ବ୍ୟକ୍ତି ବ୍ରହ୍ମାଙ୍କ ଉଦ୍ଦେଶ୍ୟରେ ହିଁ ସବୁକିଛି ଅବଗତ ହୁଅନ୍ତି, ଏଭଳି ଗାଥା ପ୍ରସିଦ୍ଧ ଅଟେ କି, ଯେଉଁ ଯେଉଁ କର୍ମାବୃତ୍ତ ସ୍ଥିତି ଥାଏ, ସେ ସେହି ସେହି ଲୋକରେ ବା ସ୍ଥାନରେ ପହଞ୍ଚି ଯାଇଥାଆନ୍ତି ।।୯।।

ମାନବୋ ବ୍ରହ୍ମୈବୈକ ଋତ୍ୱିକ୍କୁରୂନଶ୍ୱାଭିରକ୍ଷତ୍ୟେବଂବିଦ୍ଧ ବୈ ବ୍ରହ୍ମା ଯଜ୍ଞଂ ଯଜମାନଁସର୍ବାଁଶ୍ଚର୍ତ୍ୱିଜୋଽଭିରକ୍ଷତି ତସ୍ମାଦେବଂବିଦମେବ ବ୍ରହ୍ମାଣଂ କୁର୍ବୀତ ନାନେବଂବିଦମ୍ ନା ନେବଂ ବିଦମ୍ ।।୧୦।।

ଏକ ମାନବ ବ୍ରହ୍ମା ହିଁ ଋତ୍ୱିକ୍ ଅଟନ୍ତି, ଯେଉଁଭଳି ଯୁଦ୍ଧରେ ଘୋଡି ଯୋଦ୍ଧାମାନଙ୍କର ରକ୍ଷା କରିଥାଏ, ସେହିଭଳି ଏ ପ୍ରକାର ଅବଗତ ବ୍ରହ୍ମାଙ୍କୁ ଯଜ୍ଞ, ଯଜମାନ ଏବଂ ଅନ୍ୟ ସମସ୍ତ ଋତ୍ୱିଜ୍ମାନଙ୍କର ମଧ୍ୟ ରକ୍ଷା କରିବାର ସୁଯୋଗ ମିଳିଥାଏ । ଅତଃ ଏହିଭଳି ଜାଣିଥିବା ବ୍ୟକ୍ତିଙ୍କୁ ବ୍ରହ୍ମା କରାଯାଏ, ଅଜ୍ଞମାନେ ନୁହଁନ୍ତି, କଦାପି ନୁହଁନ୍ତି ।।୧୦।।

ଇତିଛାନ୍ଦୋଗ୍ୟୋପନିଷଦି ଚତୁର୍ଥାଧ୍ୟାୟେ ସପ୍ତଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୭।।

ଚତୁର୍ଥୋଽଧ୍ୟାୟଃ ସମାପ୍ତଃ ।।୪।।

ପଞ୍ଚମୋଽଧ୍ୟାୟଃ

ପ୍ରାଣ ଓ ତାହାର ମହତ୍ତ୍ୱ

(ପଞ୍ଚମ ଅଧ୍ୟାୟ-ପ୍ରଥମ ଖଣ୍ଡ)

୧.ପ୍ରାଣଙ୍କ ଶ୍ରେଷ୍ଠତା

ଯୋ ହ ବୈ ଜ୍ୟେଷ୍ଠଂ ଚ ଶ୍ରେଷ୍ଠଂ ଚ ବେଦେ ଜ୍ୟେଷ୍ଠଶ୍ଚ ହ ବୈ ଶ୍ରେଷ୍ଠଶ୍ଚ ଭବତି ପ୍ରାଣୋ ବାବ ଜ୍ୟେଷ୍ଠଶ୍ଚ ଶ୍ରେଷ୍ଠଶ୍ଚ ।।୧।।
ଯୋ ହ ବୈ ବସିଷ୍ଠଂ ବେଦ ବସିଷ୍ଠୋ ହ ସ୍ୱାନାଂ ଭବତି ବାଗ୍ୱାବ ବସିଷ୍ଠଃ ।।୨।।
ଯୋ ହ ବୈ ପ୍ରତିଷ୍ଠାଂ ବେଦ ପ୍ରତି ହ ତିଷ୍ଠତ୍ୟସ୍ମିଁଶ୍ଚ ଲୋକେଽମୁଷ୍ମିଂଶ୍ଚ ଚକ୍ଷୁର୍ବାବ ପ୍ରତିଷ୍ଠା ।।୩।।
ଯୋ ହ ବୈ ସଂପଦଂ ବେଦ ସଁହାସ୍ମୈ କାମାଃ ପଦ୍ୟନ୍ତେ ଦୈବାଶ୍ଚ ମାନୁଷାଶ୍ଚ ଶ୍ରୋତ୍ରଂ ବାବ ସଂପଦ୍ ।।୪।।
ଯୋ ହ ବା ଆୟତନଂ ବେଦାୟତନଁହ ସ୍ୱାନାଂ ଭବତି ମନୋ ହ ବା ଆୟତନମ୍ ।।୫।।

ଯିଏ ଜ୍ୟେଷ୍ଠ ଓ ଶ୍ରେଷ୍ଠକୁ ଜାଣନ୍ତି, ସେ ନିଜେ ତାହା ହିଁ ହୋଇଯାଆନ୍ତି । ନିଶ୍ଚିତଭାବେ ଏହି ପ୍ରାଣ ଜ୍ୟେଷ୍ଠ ଓ ଶ୍ରେଷ୍ଠ ଅଟନ୍ତି ।।୧।।

ଯିଏ ବଶିଷ୍ଠଙ୍କୁ ଜାଣନ୍ତି, ସେ ସ୍ୱ-ଜାତୀୟ ମାନଙ୍କ ମଧ୍ୟରେ ବଶିଷ୍ଠ ହୋଇଯାଆନ୍ତି: ନିଶ୍ଚିତଭାବେ ବାକ୍ ହିଁ ବଶିଷ୍ଠ ଅଟନ୍ତି ।।୨।।

ଯେ କେହି ପ୍ରତିଷ୍ଠାକୁ ଜାଣନ୍ତି, ସେ ଇହ ଓ ପରଲୋକରେ ପ୍ରତିଷ୍ଠିତ ହୋଇଯାଆନ୍ତି: ଚକ୍ଷୁ ହିଁ ପ୍ରତିଷ୍ଠା ଅଟନ୍ତି ।।୩।।

ଯେ କେହି ସମ୍ପଦକୁ ଜାଣନ୍ତି, ସେ ଦୈବ ଏବଂ ମାନୁଷ ଭୋଗ ସମ୍ୟକ୍ ପ୍ରକାରେ ଲାଭକରନ୍ତି । ଶ୍ରୋତ୍ର ହିଁ ସମ୍ପଦ ଅଟେ ।।୪।।

ଯିଏ ଆୟତନଙ୍କୁ ଜାଣନ୍ତି, ସେ ସ୍ୱ-ଜାତୀୟଙ୍କ ମଧ୍ୟରେ ଆୟତନ ଆଶ୍ରୟ ହୁଅନ୍ତି । ନିଶ୍ଚିତଭାବରେ ମନ ଏହି ଆୟତନ ଅଟେ ।।୫।।

ଅଥ ହ ପ୍ରାଣା ଅହଁଶ୍ରେୟସି ବ୍ୟୂଦିରେଽହଁ ଶ୍ରେୟାନସ୍ମ୍ୟଁ ହ ଶ୍ରେୟାନସ୍ମୀତି ।।୬।।

ଏକଦା ପ୍ରାଣ(ଇନ୍ଦ୍ରିୟମାନଙ୍କ ମଧ୍ୟରେ) ମୁଁ ଶ୍ରେଷ୍ଠ ଅଟେ, ମୁଁ ଶ୍ରେଷ୍ଠ ଅଟେ- ଏହି ପ୍ରକାରେ ନିଜର ଶ୍ରେଷ୍ଠତାକୁ ଉପସ୍ଥାପନା କରି ବିବାଦୀୟ ହୋଇଯାଇଥିଲେ ।।୬

ତେ ହ ପ୍ରାଣାଃ ପ୍ରଜାପତିଂ ପିତରମେତ୍ୟୋଚୁର୍ଭଗବନ୍‌କୋ ନଃ ଶ୍ରେଷ୍ଠ ଇତି ତାନ୍‌ହୋବାଚ ଯସ୍ମିନ୍ବ ଉତ୍‌କ୍ରାନ୍ତେ ଶରୀରଂ ପାପିଷ୍ଠତରମିବ ଦୃଶ୍ୟେତ ସ ବଃ ଶ୍ରେଷ୍ଠ ଇତି ।।୭।।

ସେହି ପ୍ରାଣ ନିଜର ପିତା ପ୍ରଜାପତିଙ୍କ ନିକଟକୁ ଯାଇ ତାଙ୍କୁ କହିଲେ, ହେ ଭଗବାନ୍ ! ଆମ ଭିତରେ କିଏ ଶ୍ରେଷ୍ଠ ? ପ୍ରଜାପତି ଉତ୍ତର ଦେଲେ ତୁମମାନଙ୍କ ମଧ୍ୟରେ ଉତ୍‌କ୍ରମଣାନ୍ତେ ଶରୀର ଅତ୍ୟନ୍ତ ପାପିଷ୍ଠ ହୋଇଯାଏ । ସେ ହିଁ ପ୍ରକୃତରେ ତୁମ ମଧ୍ୟରେ ଶ୍ରେଷ୍ଠ ଅଟନ୍ତି ।।୭

ସା ହ ବାଗୁଚ୍ଚକ୍ରାମ ସା ସଂବତ୍ସରଂ ପ୍ରୋଷ୍ୟ ପର୍ଯ୍ୟେତ୍ୟୋବାଚ କଥମଶକତର୍ତେ ମଜ୍ଜୀବିତୁମିତି ? ଯଥା କଳା ଅବଦନ୍ତଃ ପ୍ରାଣନ୍ତଃ ପ୍ରାଣେନ ପଶ୍ୟନ୍ତଶ୍ଚକ୍ଷୁସା ଶୃଣ୍ୱନ୍ତଃ ଶ୍ରୋତ୍ରେଣ ଧ୍ୟାୟନ୍ତୋ ମନସୈବମିତି ପ୍ରବିବେଶ ହ ବାକ୍ ।।୮।।

ସେହି ବାକ୍ ଇନ୍ଦ୍ରିୟ ଉତ୍‌କ୍ରମଣ କଲେ । ସେ ଏକ ବର୍ଷ ପ୍ରବାସ କରିବା ପରେ ଫେରିଆସି ପଚାରିଲେ— 'ମୋ' ବିନା କିଭଳି ଜୀବିତ ରହିଲ ? ସେ କହିଲେ, ଯେଉଁଭଳି ମୂକ ବ୍ୟକ୍ତି କିଛି ନ କହି ପ୍ରାଣ ଦ୍ୱାରା ପ୍ରାଣନ କ୍ରିୟା କରି, ନେତ୍ର ଦ୍ୱାରା ଦେଖି, କର୍ଣ୍ଣ ଦ୍ୱାରା ଶୁଣି ଆଉ ମନ ଦ୍ୱାରା ଚିନ୍ତନ କରି ଜୀବିତ ରହନ୍ତି, ସେହିଭଳି(ମୁଁ ମଧ୍ୟ ଜୀବିତ ରହିଲି)' ଏହାଶୁଣି ବାକ୍ ଇନ୍ଦ୍ରିୟ ଶରୀରରେ ପ୍ରବେଶ କରିଗଲେ ।।୮।।

ଚକ୍ଷୁର୍ହୋଚ୍ଚକ୍ରାମ ତତ୍‌ସଂବତ୍ସରଂ ପ୍ରୋଷ୍ୟ ପର୍ଯ୍ୟେତ୍ୟୋବାଚ କଥମଶକତର୍ତେ ମଜ୍ଜୀବିତୁମିତି ? ଯଥାନ୍ଧା ଅପଶ୍ୟନ୍ତଃ ପ୍ରାଣନ୍ତଃ ପ୍ରାଣେନ ବଦନ୍ତୋ ବାଚା ଶୃଣ୍ୱନ୍ତଃ ଶ୍ରୋତ୍ରେଣ ଧ୍ୟାୟନ୍ତୋ ମନସୈବମିତି ପ୍ରବିବେଶ ହ ଚକ୍ଷୁଃ ।।୯।।

(ପୁନଃ) ଚକ୍ଷୁ ଉତ୍‌କ୍ରମଣ କଲେ । ସେ ଏକବର୍ଷ ପ୍ରବାସ କରିବା ଅନନ୍ତର ପୁଣି ଫେରିଆସି ପଚାରିଲେ- 'ମୋ' ବିନା ତୁମେ କିଭଳି ଜୀବିତ ରହିପାରିଲ ?'

ସେ କହିଲେ–'ଯେଉଁଭଳି ଅନ୍ଧଲୋକ କିଛି ନ ଦେଖି ପ୍ରାଣ ଦ୍ୱାରା ପ୍ରାଣନ କ୍ରିୟା କରି, ବାଣୀର ପ୍ରୟୋଗକରି, ଚକ୍ଷୁଦ୍ୱାରା ଦର୍ଶନକରି ଆଉ ମନ ଦ୍ୱାରା ଚିନ୍ତନ କରି ଜୀବିତ ରହନ୍ତି, ସେହିଭଳି(ମୁଁ ମଧ୍ୟ ଜୀବିତ ରହିଲି) ।' ଏହା ଶୁଣି ଚକ୍ଷୁ ପ୍ରବେଶ କରିଗଲେ ।।୯।।

ଶ୍ରୋତ୍ରଁହୋଚ୍ଚକ୍ରାମ ତତ୍‌ସଂବତ୍ସରଂ ପ୍ରୋଷ୍ୟ ପର୍ଯ୍ୟେତ୍ୟୋବାଚ କଥମଶକତର୍ତେ ମଜ୍ଜୀବିତୁମିତି ? ଯଥା ବଧିରା ଅଶୃଣ୍ୱନ୍ତ ପ୍ରାଣନ୍ତଃ ପ୍ରାଣେନ ବଦନ୍ତୋ ବାଚା ପଶ୍ୟନ୍ତଶ୍ଚକ୍ଷୁଷା ଧ୍ୟାୟନ୍ତୋ ମନସୈବମିତି ପ୍ରବିବେଶ ହ ଶ୍ରୋତ୍ରମ୍ ।।୧୦।।

ତଦନନ୍ତର ଶ୍ରୋତ୍ରେନ୍ଦ୍ରିୟ ଏକ ବର୍ଷ ପ୍ରବାସାନନ୍ତର ଆସି ପଚାରିଲେ, ମୋ' ବିନା କିଭଳି ଜୀବିତ ରହିଲ ? ସେ କହିଲେ, ଯେଉଁଭଳି ବଧିରମାନେ କିଛି ନ ଶୁଣି କେବଳ ବାଣୀର ପ୍ରୟୋଗକରି, ନେତ୍ରଦ୍ୱାରା ଦର୍ଶନକରି ମନରେ ଚିନ୍ତନପୂର୍ବକ ଜୀବିତ ରହନ୍ତି, ସେହିଭଳି ଆମେ ମଧ୍ୟ ରହିଲୁ । ଏହାଶୁଣି ଶରୀର ମଧ୍ୟରେ ଶ୍ରୋତ୍ର ପ୍ରବେଶ କରିଗଲେ ।।୧୦

ମନୋ ହୋଚ୍ଚକ୍ରାମ ତତ୍‌ସଂବତ୍ସରଂ ପ୍ରୋଷ୍ୟ ପର୍ଯ୍ୟେତ୍ୟୋବାଚ କଥମଶକତର୍ତେ ମଜ୍ଜୀବିତୁମିତି ? ଯଥା ବାଲା ଅମନସଃ ପ୍ରାଣନ୍ତଃ ପ୍ରାଣେନ ବଦନ୍ତୋ ବାଚା ପଶ୍ୟନ୍ତଶ୍ଚକ୍ଷୁଷା ଶୃଣ୍ୱନ୍ତଃ ଶ୍ରୋତ୍ରେଣୈବମିତି ପ୍ରବିବେଶ ହ ମନଃ ।।୧୧।।

ତା'ପରେ ମନ ଉତ୍‌କ୍ରମଣ କଲେ । ପୂର୍ବବତ୍ ଏକବର୍ଷ ପ୍ରବାସାନନ୍ତର ଫେରିଆସି ସେ ପ୍ରଶ୍ନକଲେ, ମୋ' ବିନା ତୁମେମାନେ କିଭଳି ଜୀବିତ ରହିଲ ? ଏହାର ଉତ୍ତର ମିଳିଲା– ଯେଉଁଭଳି ଶିଶୁ, ଯାହାର ମନ ବିକଶିତ ହୋଇନାହିଁ, ପ୍ରାଣ ଦ୍ୱାରା ପ୍ରାଣନ କ୍ରିୟା କରୁଛନ୍ତି, ବାଣୀର ଉପଯୋଗ ମଧ୍ୟ କରୁଛନ୍ତି, ନେତ୍ର ମାଧ୍ୟମରେ ଦର୍ଶନକରି କର୍ଣ୍ଣରେ ଶ୍ରବଣକରି ଜୀବିତ ରହିଛନ୍ତି, ଠିକ୍ ସେହିପରି ରହିଲୁ । ଏହା ଶୁଣି ମନ ମଧ୍ୟ ସ୍ୱ–ସ୍ଥାନରେ ପ୍ରବେଶକଲେ ।।୧୧

ଅଥ ହ ପ୍ରାଣ ଉଚ୍ଚିକ୍ରମିଷନ୍ସ ଯଥା ସୁହୟଃ ଷଡ୍‌ବୀଶଶଙ୍କୂନ୍‌ସଂଖିଦେ ଦେବମିତରାନ୍‌ପ୍ରାଣାନ୍‌ସମଖିଦତ୍ତଁହାଭିସମେତ୍ୟୋଚୁର୍ଭଗବନ୍ନେଧି ତ୍ୱଂ ନଃ ଶ୍ରେଷ୍ଠୋଽସି ମୋତ୍‌କ୍ରମୀରିତି ।।୧୨।।

ଏହାଦେଖି ପ୍ରାଣ ଉତ୍‌କ୍ରମଣ କରିବାକୁ ଇଚ୍ଛାକଲେ । ସେ ଯେଉଁଭଳି ଗୋଟିଏ ଭଲ ଘୋଡ଼ା ବନ୍ଧା ଯାଇଥିବା କିଲାକୁ ସାମାନ୍ୟତୟା ବଳପ୍ରୟୋଗକରି ଉପାଡ଼ି ଦେଇଥାଏ, ସେହିଭଳି ସେ ଉତ୍‌କ୍ରମଣ କରନ୍ତେ ଅନ୍ୟ ସମସ୍ତେ ଉପୁଡ଼ିବାକୁ

ଲାଗିଲେ । ଏଥିପାଇଁ ସମସ୍ତେ କହିଲେ, ହେ ଭଗବନ୍ ! ଆପଣ ଆମର ସ୍ୱାମୀ ଅଟନ୍ତି । ଆମମାନଙ୍କ ମଧ୍ୟରେ ଶ୍ରେଷ୍ଠ ଆପଣ ଅଟନ୍ତି, ତେଣୁ ଆପଣ ଉତ୍କ୍ରମଣ କରନ୍ତୁ ନାହିଁ ।।୧୨

ଅଥ ହୈନଂବାଗୁବାଚ ଯଦହଂବସିଷ୍ଠୋଽସ୍ମି ତ୍ୱଂ ତଦ୍ୱସିଷ୍ଠୋଽସୀତ୍ୟଥ ହୈନଂ ଚକ୍ଷୁରୁବାଚ ଯଦହଂ ପ୍ରତିଷ୍ଠାସ୍ମି ତ୍ୱଂ ତତ୍ପ୍ରତିଷ୍ଠାସୀତି ।।୧୩।।

ଅଥ ହୈନଁଶ୍ରୋତ୍ରମୁବାଚ ଯଦହଁସମ୍ପଦସ୍ମି ତ୍ୱଂ ତତ୍ସମ୍ପଦସୀତ୍ୟଥ ହୈନଂ ମନ ଉବାଚ ଯଦହମାୟତନମସ୍ମି ତ୍ୱଂ ତଦାୟତନମସୀତି ।।୧୪।।

ନ ବୈ ବାଚୋ ନ ଚକ୍ଷୁଁଷି ନ ଶ୍ରୋତ୍ରାଣି ନ ମନାଁସୀତ୍ୟାଚକ୍ଷତେ ପ୍ରାଣା ଇତ୍ୟେବାଚକ୍ଷତେ ପ୍ରାଣୋ ହ୍ୟେବୈତାନି ସର୍ବାଣି ଭବତି ।।୧୫।।

ଏହାଶୁଣି ବାକ୍‌ଇନ୍ଦ୍ରିୟ କହିଲେ, ମୁଁ ଯେଉଁ ବଶିଷ୍ଠ ଅଟେ, ତୁମେ ମଧ୍ୟ ସେହି ବଶିଷ୍ଠ ଅଟ । ଚକ୍ଷୁ କହିଲେ ମୁଁ ଯେଉଁ ପ୍ରତିଷ୍ଠା ଅଟେ, ତୁମେ ମଧ୍ୟ ସେହି ପ୍ରତିଷ୍ଠା ଅଟ । ଶ୍ରୋତ୍ର କହିଲେ, ମୁଁ ଯେଉଁ ସମ୍ପଦ ଅଟେ ତୁମେ ମଧ୍ୟ ତାହା ଅଟ । ମନ ମଧ୍ୟ ସେହିଭଳି କହି ଉଠିଲେ, ମୁଁ ଯେଉଁ ଆୟତନ ଅଟେ ତୁମେ ମଧ୍ୟ ସେହି ଆୟତନ ଅଟ । ଲୋକମାନଙ୍କ ମଧ୍ୟରେ ସେହି ଇନ୍ଦ୍ରିୟଗଣଙ୍କୁ ନାଁ ବାକ୍, ନାଁ ଚକ୍ଷୁ, ନାଁ ଶ୍ରୋତ୍ର, ନାଁ ମନ କିଛି ଭାବରେ ଅଭିହିତ କରାଯାଇ ନ ପାରେ । ପରନ୍ତୁ ପ୍ରାଣ ଏଭଳି କହନ୍ତି କାହିଁକି ନାଁ ସବୁକିଛି ପ୍ରାଣ ହିଁ ଅଟନ୍ତି । ଅତଃ ପ୍ରାଣମୟ ଏହି ଜଗତ୍ ।୧୩-୧୫

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ପ୍ରଥମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧।।

(ପଞ୍ଚମ ଅଧ୍ୟାୟ-ଦ୍ୱିତୀୟ ଖଣ୍ଡ)

୨.ମହତ୍ତ୍ୱ ପ୍ରାପ୍ତି ନିମିତ୍ତ ମନ୍ଥୋପାସନା

ସ ହୋବାଚ କିଂ ମେଽନ୍ନଂ ଭବିଷ୍ୟତୀତି ଯତ୍କିଞ୍ଚିଦିଦମା ଶ୍ୱଭ୍ୟ ଆ ଶକୁନିଭ୍ୟ ଇତି ହୋଚୁସ୍ତଦ୍ୱା ଏତଦନସ୍ୟାନ୍ନମନୋ ହ ବୈ ନାମ ପ୍ରତ୍ୟକ୍ଷଂ ନ ହ ବା ଏବଂବିଦିକିଞ୍ଚନାନନ୍ନଂ ଭବତୀତି ।।୧।।

ସ ହୋବାଚ କିଂ ମେ ବାସୋ ଭବିଷ୍ୟତୀତ୍ୟାପ ଇତି ହୋଚୁସ୍ତସ୍ମାଦ୍ୱା

ଏତଦଶିଷ୍ୟନ୍ତଃ ପୁରସ୍ତାଚ୍ଚୋପରିଷ୍ଟାଚ୍ଚାଦ୍‌ଭିଃ ପରିଦଧତି ଲମ୍ଭୁକୋ ହ ବାସୋ ଭବତ୍ୟନଗ୍ନୋ ହ ଭବତି ।।୨।।

ଅଧୁନା ଉକ୍ତ ପ୍ରାଣ କହିଲେ, ମୋର ଅନ୍ନ କ'ଣ ହେବ ? ବାଗାଦି ଉତ୍ତରଦେଲେ, କୁକ୍କୁର ଠାରୁ ନେଇ ପକ୍ଷୀ ପର୍ଯ୍ୟନ୍ତ ସମଗ୍ର ଜୀବଜଗତ ପାଇଁ ଯାହା କିଛି ଅନ୍ନ ଅଛି, ସବୁକିଛି ତୁମର । ଅତଃ ସବୁ ଅନ୍ନ ପ୍ରାଣର ଅନ୍ନ ଅଟେ । ଅନ୍ନ ପ୍ରାଣ ଅଟେ, ଏହା ତାଙ୍କର ପ୍ରତ୍ୟକ୍ଷ ନାମ । ଏହିଭଳି ଯେ ଜାଣନ୍ତି ତାଙ୍କପାଇଁ ଅନନ୍ନ ବା ଅଭକ୍ଷ କିଛି ନଥାଏ ।।୧।।

ସେ ପୁଣି ପଚାରିଲେ, ମୋର ବସ୍ତ୍ର କେଉଁଟି ? ବାଗାଦି ଉତ୍ତରଦେଲେ, ଜଳ । ତେଣୁ ଭୋଜନକାରୀ ବ୍ୟକ୍ତି ଭୋଜନ ପୂର୍ବ ଏବଂ ପରେ ଜଳରେ ଆଚ୍ଛାଦନ କରନ୍ତି । ଏଭଳି କରିବା ଦ୍ୱାରା ସେ ବସ୍ତ୍ରରୂପୀ ଅନଗ୍ନ ହୋଇଥାଆନ୍ତି ।।୨

ତଦ୍ଧୈତଦ୍‌ସତ୍ୟକାମୋ ଜାବାଲୋ ଗୋଶ୍ରୁତୟେ ବୈୟାଘ୍ରପଦ୍ୟାୟୋକ୍ତ୍ୱୋବାଚ ଯଦ୍ୟପ୍ୟେତଚ୍ଛୁଷ୍କାୟ ସ୍ଥାଣବେ ବ୍ରୂୟାଜ୍ଜାୟେରନ୍ନେବାସ୍ମିଞ୍ଛାଖାଃ ପ୍ରରୋହେୟୁଃ ପଲାଶାନୀତି ।।୩।।

ଏହିଭଳି ପ୍ରାଣ ଦର୍ଶନକୁ ସତ୍ୟକାମ ଜାବାଳ ବୈୟାଘ୍ରପଦ୍ୟ ଗୋ-ଶ୍ରୁତିଙ୍କ ପ୍ରତି ନିରୂପଣ କରି କହିଲେ— ଯଦି ଏହାକୁ ଶୁଷ୍କ-ସ୍ଥାଣୁ ବୃକ୍ଷ ପ୍ରତି କୁହାଯାଏ, ତେବେ ତହିଁରେ ଶାଖା ଉତ୍ପନ୍ନ ହୋଇଯିବ ଏବଂ ପତ୍ର କଅଁଳିଉଠିବ (ଅର୍ଥାତ୍ ନିର୍ଜୀବ ବସ୍ତୁରେ ଜୀବନ ଲାଭ ହୋଇପାରିବ) ।।୩।।

ଅଥ ଯଦି ମହଜ୍ଜିଗମିଷେଦମାବାସ୍ୟାୟାଂ ଦୀକ୍ଷିତ୍ୱା ପୌର୍ଣମାସ୍ୟାଁ ରାତ୍ରୌ ସର୍ବୌଷଧସ୍ୟ ମନ୍ଥଂ ଦଧିମଧୁନୋରୁପମଥ୍ୟ ଜ୍ୟେଷ୍ଠାୟ ଶ୍ରେଷ୍ଠାୟ ସ୍ୱାହେତ୍ୟଗ୍ନାବାଜ୍ୟସ୍ୟ ହୁତ୍ୱା ମନ୍ଥେ ସଂପାତମବନୟେତ୍ ।।୪।।

ଯଦି ଏବେ ସେହି ମହତ୍ତ୍ୱକୁ ପ୍ରାପ୍ତ ହେବାକୁ ଚାହୁଁଥାଅ, ତେବେ ତାଙ୍କୁ ଅମାବାସ୍ୟା ତିଥିରେ ଦୀକ୍ଷିତ କରାଇ ପୂର୍ଣ୍ଣିମା ରାତ୍ରିରେ ସର୍ବୌଷଧ ଦଧି ଓ ମଧୁ ସମ୍ବନ୍ଧୀ ମନ୍ଥକୁ ମନ୍ଥନ କର-'ଜ୍ୟେଷ୍ଠାୟ ଶ୍ରେଷ୍ଠାୟ ସ୍ୱାହା' ଏଭଳି କହି ଅଗ୍ନିରେ ଘୃତାହୁତି ଦେଇ ମନ୍ଥ ଉପରେ ତାହାଙ୍କର ଅବଶେଷକୁ ପ୍ରଦାନକର ।।୪।।

ବସିଷ୍ଠାୟ ସ୍ୱାହେତ୍ୟଗ୍ନାବାଜ୍ୟସ୍ୟ ହୁତ୍ୱା ମନ୍ଥେ ସଂପାତମବନୟେଦ୍‌ପ୍ରତିଷ୍ଠାୟୈ ସ୍ୱାହେତ୍ୟଗ୍ନାବାଜ୍ୟସ୍ୟ ହୁତ୍ୱା ମନ୍ଥେ ସଂପାତମବନୟେଦ୍‌ସଂପଦେ ସ୍ୱାହେତ୍ୟଗ୍ନାବାଜ୍ୟସ୍ୟ ହୁତ୍ୱା

ମନ୍ଥେ ସଂପାତମବନୟେଦାୟତନାୟ ସ୍ୱାହେତ୍ୟଗ୍ନାବାଜ୍ୟସ୍ୟ ହୁତ୍ୱା ମନ୍ଥେ ସଂପାତମବନୟେଦ୍ ।।୫।।

ଏହିଭଳି 'ବଶିଷ୍ଠାୟ ସ୍ୱାହା' ମନ୍ତ୍ର ସାହାଯ୍ୟରେ ଅଗ୍ନିରେ ଘୃତାହୁତି ଦେଇ ମନ୍ଥ ଘୃତର ଶ୍ରାବକୁ ଢାଳ । 'ପ୍ରତିଷ୍ଠାୟୈ ସ୍ୱାହା'– ମନ୍ତ୍ରରେ ଘୃତାହୁତି ଦେଇ ମନ୍ଥରେ ଘୃତଶ୍ରାବ ଢାଳ । 'ସମ୍ପଦେ ସ୍ୱାହା'– ଏହି ମନ୍ତ୍ରରେ ଘୃତାହୁତି ଦେଇ ମନ୍ଥ ଘୃତର ଶ୍ରାବକୁ ମଧ ଢାଳ । ତଦନନ୍ତର 'ଆୟତନାୟ ସ୍ୱାହା' ମନ୍ତ୍ରରେ ଘୃତାହୁତି ଦେଇ ମନ୍ଥରେ ଘୃତଶ୍ରାବ କର ।।୫।।

ଅଥ ପ୍ରତିସୃପ୍ୟାଞ୍ଜଲୌ ମନ୍ଥମାଧାୟ ଜପତ୍ୟମୋ ନାମାସ୍ୟମା ହି ତେ ସର୍ବମିଦଁସ ହି ଜ୍ୟେଷ୍ଠଃ ଶ୍ରେଷ୍ଠୋ ରାଜାଧିପତିଃ ସ ମା ଜ୍ୟୈଷ୍ଠ୍ୟଁ ଶ୍ରୈଷ୍ଠ୍ୟଁ ରାଜ୍ୟମାଧିପତ୍ୟଂ ଗମୟତ୍ୱହମେବେଦଁ ସର୍ବମସାନୀତି ।।୬।।

ପୁନଃ ଅଗ୍ନି ଠାରୁ କିଛି ଦୂରକୁ ଯାଇ ମନ୍ଥକୁ ଅଞ୍ଜଳିରେ ନେଇ 'ଅମୋ ନାମାସି'– ମନ୍ତ୍ରରେ ଜପ କର । ଯାହାର ଅର୍ଥ ହେଉଛି, 'ହେ ମନ୍ଥ ! ତୁମେ ଅମ୍ ନାମଯୁକ୍ତ ଅଟ କାହିଁକି ନାଁ ଏହି ସମଗ୍ର ଜଗତ୍ ନିଜର ପ୍ରାଣଭୂତ ହୋଇ ତୁମ ସହିତ ଅବସ୍ଥିତ ହୋଇଛନ୍ତି । ତୁମେ ଜ୍ୟେଷ୍ଠ ଅଟ, ଶ୍ରେଷ୍ଠ ଅଟ, ଦୀପ୍ତିମନ୍ତ ରାଜା ଅଟ ଆଉ ସମସ୍ତଙ୍କର ଅଧିପତି ଅଟ । ମୋତେ ଜ୍ୟେଷ୍ଠତ୍ୱ, ଶ୍ରେଷ୍ଠତ୍ୱ, ରାଜ୍ୟ ତଥା ଅଧିପତି ପ୍ରାପ୍ତ କରାଅ । ମୁଁ ମଧ ସେହି ସର୍ବରୂପ ହୋଇଯିବି ।।୬।।'

ଅଥ ଖଲ୍ୱେତୟର୍ଚା ପଚ୍ଛ ଆଚାମତି । ତତ୍ସବିତୁର୍ବୃଣୀମହ ଇତ୍ୟାଚାମତି । ବୟଂ ଦେବସ୍ୟ ଭୋଜନମିତ୍ୟାଚାମତି । ଶ୍ରେଷ୍ଠଁସର୍ବଧାତମମିତ୍ୟାଚାମତି । ତୁରଂ ଭଗସ୍ୟ ଧୀମହୀତି ସର୍ବଂ ପିବତି । ନିର୍ଣିଜ୍ୟ କଁସଂ ଚମସଂ ବା ପଶ୍ଚାଦଗ୍ନେଃ ସଂବିଶତି ଚର୍ମଣି ବା ସ୍ଥଣ୍ଡିଲେ ବା ବାଚଂଯମୋଽପ୍ରସାହଃ । ସ ଯଦି ସ୍ତ୍ରିୟଂ ପଶ୍ୟେତ୍ସମୃଦ୍ଧଂ କର୍ମେତି ବିଦ୍ୟାତ୍ ।।୭।।

ତଦେଷ ଶ୍ଲୋକୋ ଯଦା କର୍ମସୁ କାମ୍ୟେଷୁ ସ୍ତ୍ରିୟଁସ୍ୱପ୍ନେଷୁ ପଶ୍ୟତି ସମୃଦ୍ଧିଂ ତତ୍ର ଜାନୀୟାତ୍ତସ୍ମିନ୍‌ସ୍ୱପ୍ନନିଦର୍ଶନେ ତସ୍ମିନ୍‌ସ୍ୱପ୍ନନିଦର୍ଶନେ ।।୮।।

ପୁଣି ସେହି ଋଚାରେ ପୁନଃ 'ପାଦଶଃ...' ଉକ୍ତ ଋଚାର ଅର୍ଥ ଆମେ ପ୍ରକାଶମୟ ସବିତାଙ୍କର ସେହି ସର୍ବବିଷୟକ ଶ୍ରେଷ୍ଠତମ ଭୋଜନର ପ୍ରାର୍ଥନା କରୁଛୁ । କାମନା

କରୁଅଛୁ ଅବା ପ୍ରାର୍ଥୀ ହୋଇଛୁ ଆଉ ଅତି ଶୀଘ୍ର ଉକ୍ତ ସବିତା ଦେବତାଙ୍କର ସ୍ୱରୂପକୁ ଧ୍ୟାନ କରୁଅଛୁ । ମନ୍ତ୍ରରେ ଭକ୍ଷଣ କରାଅ । ଏଠାରେ ମନ୍ତ୍ରର ଅର୍ଥ ହେଉଛି–'ଆମେ ପ୍ରକାଶମୟ ସବିତାଙ୍କର ସେହି ସର୍ବବିଷୟକ ଶ୍ରେଷ୍ଠତମ ଭୋଜନକୁ ପ୍ରାର୍ଥନା ଜଣାଉଅଛୁ ଏବଂ ତାଙ୍କରି ସ୍ୱରୂପକୁ ଅତିଶୀଘ୍ର ଧ୍ୟାନ କରୁଅଛୁ ।' 'ତତ୍ସବିତୁର୍ବୃଣୀମହେ'– ଉଚ୍ଚାରଣକରି ଭକ୍ଷଣ କର ।

'ଶ୍ରେଷ୍ଠଁ ସର୍ବଧାତମମ୍' ଉଚ୍ଚାରଣକରି ଭୋଜନ କର । ତଦନନ୍ତର 'ତୁରଂ ଭଗସ୍ୟ ଧୀମହୀ' ମନ୍ତ୍ର ଉଚ୍ଚାରଣ କରି କଂସା ବାସନରେ କିମ୍ବା କଂସାପାତ୍ର ସାହାଯ୍ୟରେ ସେବନ କର । ତତ୍‌ପଶ୍ଚାତ୍ ଉକ୍ତ ଅଗ୍ନିଙ୍କର ପଛରେ ଚର୍ମ ଅଥବା ସ୍ଥଣ୍ଡିଳ (ପବିତ୍ର ଯଜ୍ଞଭୂମି) ଉପରେ ବାଣୀକୁ ସଂଯମପୂର୍ବକ (ଅନିଷ୍ଟ ସ୍ୱପ୍ନ ଦର୍ଶନ ଦ୍ୱାରା) ଅଭିଭୂତ ନ ହୋଇ ଶୟନ କରିଯାଅ । ଏହି ସମୟରେ ଯଦି ସ୍ୱପ୍ନବଶତଃ ସ୍ତ୍ରୀ ଦର୍ଶନ ହୁଏ, ତେବେ କର୍ମ ସଫଳ ହେଲା ବୋଲି ବୁଝିବାକୁ ହେବ । ଯେଉଁ ସମୟରେ କାମ୍ୟ କର୍ମ ପାଇଁ ସ୍ୱପ୍ନରେ ସ୍ତ୍ରୀ ଦର୍ଶନ ହୁଏ, ସେତେବେଳେ ସମୃଦ୍ଧି ଅବଶ୍ୟ ଲାଭ ହୁଏ ।।୭–୮।।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଦ୍ୱିତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨।।

(ପଞ୍ଚମ ଅଧ୍ୟାୟ-ତୃତୀୟ ଖଣ୍ଡ)

୩.ଶ୍ୱେତକେତୁ ଏବଂ ପ୍ରବାହଣ ସମ୍ବାଦ

ଶ୍ୱେତକେତୁର୍ହାରୁଣେୟଃ ପଞ୍ଚାଲାନଁସମିତିମେୟାୟ ତଁହ ପ୍ରବାହଣୋ ଜୈବଲିରୁବାଚ କୁମାରାନୁ ତ୍ୱାଶିଷତ୍ପିତେତ୍ୟନୁ ହି ଭଗବ ଇତି ।।୧।।

ଆରୁଣିଙ୍କ ପୁତ୍ର ଶ୍ୱେତକେତୁ ପଞ୍ଚାଳ ଦେଶୀୟ ଲୋକସଭାରେ ଉପସ୍ଥିତ ହେଲେ । ସେଠାରେ ଜୀବଳଙ୍କ ପୁତ୍ର ପ୍ରବାହଣ ତାଙ୍କୁ କହିଲେ– ହେ କୁମାର ! ପିତା କ'ଣ ତୁମକୁ କିଛି ଶିକ୍ଷାଦୀକ୍ଷା ଦେଇଛନ୍ତି ? ଉତ୍ତର ମିଳିଲା, ହଁ ଭଗବନ୍ ।୧।

ବେତ୍ଥ ଯଦିତୋଽଧି ପ୍ରଜାଃ ପ୍ରୟନ୍ତୀତି ? ନ ଭଗବ ଇତି । ବେତ୍ଥ ଯଥା ପୁନରାବର୍ତନ୍ତ ୩ ଇତି ? ନ ଭଗବ ଇତି । ବେତ୍ଥ ପଥୋର୍ଦେବଯାନସ୍ୟ ପିତୃୟାଣସ୍ୟ ଚ ବ୍ୟାବର୍ତନା ୩ ଇତି ? ନ

ଭଗବ ଇତି ? ।।୨।।

ବେତ୍ଥ ଯଥାସୌ ଲୋକୋ ନ ସଂପୂର୍ୟତ ୩ ଇତି ନ ଭଗବ ଇତି । ବେତ୍ଥ ଯଥା ପଞ୍ଚମ୍ୟାମାହୁତାବାପଃ ପୁରୁଷବଚସୋ ଭବନ୍ତୀତି ? ନୈବ ଭଗବ ଇତି ।।୩।।

ଅଥାନୁ କିମନୁଶିଷ୍ଟୋଽବୋଚଥା ଯୋ ହୀମାନି ନ ବିଦ୍ୟାତ୍କଥଁସୋଽନୁଶିଷ୍ଟୋ ବ୍ରୁବୀତେତି । ସ ହାୟସ୍ତଃ ପିତୁରର୍ଧ-ମେୟାୟ ବାବ କିଲ ମା ଭଗବାନବ୍ରବୀଦନୁ ତ୍ୱାଶିଷମିତି ।।୪।।

ତୁମେ କ'ଣ ଜାଣିଛ କି ପ୍ରଜାମାନଙ୍କର ଲୋକାନ୍ତର ଗତି କେଉଁଠିକୁ ହୁଏ ? ଶ୍ୱେତକେତୁ କହିଲେ, ନାଁ ଭଗବନ୍ । ତାହେଲେ ତୁମେ କ'ଣ ଜାଣିଛ ସେ ଏହି ଲୋକକୁ କିଭଳି ପ୍ରତ୍ୟାଗମନ କରନ୍ତି ? ଶ୍ୱେତକେତୁ କହିଲେ, ନାଁ ଭଗବନ୍ । ପ୍ରବାହଣ ପୁଣି କହିଲେ, ଦେବଯାନ ଏବଂ ପିତୃଯାନ ଏହି ଦୁଇଗୋଟି ମାର୍ଗର ପାରସ୍ପରିକ ବିୟୋଗ ସ୍ଥାନ ତୁମକୁ କ'ଣ ଜଣାଅଛି ? ଶ୍ୱେତକେତୁ କହିଲେ, ନାଁ ଭଗବନ୍ ।।୨।।

ପ୍ରବାହଣ ପୁନଃ ପ୍ରଶ୍ନକଲେ, ପିତୃଲୋକ ପରିପୂର୍ଣ୍ଣ ହୁଏନାହିଁ କାହିଁକି ? ଶ୍ୱେତକେତୁ କିନ୍ତୁ ଏଥର କହିଲେ, ଭଗବାନ୍ ! ମୁଁ ଜାଣିନାହିଁ । ତାହେଲେ ତୁମେ କ'ଣ ଜାଣିଛ ପଞ୍ଚମ ଆହୁତିରେ ହବନ କରିଦେବା ପରେ ଆପଣ 'ପୁରୁଷ' ସଂଜ୍ଞାକୁ କିଭଳି ପ୍ରାପ୍ତ ହୁଅନ୍ତି ? ଏଥର ମଧ୍ୟ ନିରୁତ୍ତର ରହିବାରୁ ଶ୍ୱେତକେତୁ କହିଲେ, ତୁମେ କାହିଁକି କହୁଛ ମୋତେ ଶିକ୍ଷା ଦିଆଯାଇଛି ବୋଲି ?।।୩।।

ଯିଏ ଏସବୁକଥା ଜାଣନ୍ତି ନାହିଁ, ସେ ନିଜକୁ ଶିକ୍ଷିତ ବୋଲି କହିପାରିବେ କିଭଳି ? ଏଥର ସେ ମୁହଁ ଖୋଲି କହିଲେ, ମୋତେ କହି ଦିଆଯାଇଛି କି, ତୁମକୁ ଶିକ୍ଷା ଦେଇ ଦିଆଗଲା ।।୪।।

ପଞ୍ଚ ମା ରାଜନ୍ୟବନ୍ଧୁଃ ପ୍ରଶ୍ନାନପ୍ରାକ୍ଷୀତ୍ତେଷାଂ ନୈକଞ୍ଚନାଶକଂ ବିବକ୍ତୁମିତି ସ ହୋବାଚ ଯଥା ମା ତ୍ୱଂ ତଦୈତାନବଦୋ ଯଥାହମେଷାଂ ନୈକଞ୍ଚନ ବେଦ ଯଦ୍ୟହମିମାନବେଦିଷ୍ୟଂ କଥଂ ତେ ନାବକ୍ଷ୍ୟମିତି ।।୫।।

ଏହାଶୁଣି ଉକ୍ତ କ୍ଷତ୍ରିୟ ବନ୍ଧୁ ପାଞ୍ଚଗୋଟି ପ୍ରଶ୍ନ ପଚାରିଲେ, କିନ୍ତୁ ମୁଁ ସେମାନଙ୍କ ମଧ୍ୟରୁ ଗୋଟିକୁ ମଧ୍ୟ ବିବେଚନ କରିପାରିଲି ନାହିଁ । ପିତା କହିଲେ, ତୁମେ ସେହି ସମୟରେ ଯେଉଁଭଳି ମୋତେ ସେସବୁ ପ୍ରଶ୍ନ ଶୁଣାଇଲ, ସେଥିରୁ ଗୋଟିଏ ହେଲେ

ମୁଁ ଜାଣିନାହିଁ । ଯଦି ଜାଣିଥାନ୍ତି, ତୁମକୁ କହିନଥାନ୍ତି କାହିଁକି ?।।୫।।

ସ ହ ଗୌତମୋ ରାଜ୍ଞୋଽର୍ଧମେୟାୟ ତସ୍ମୈ ହ ପ୍ରାପ୍ତାୟାର୍ହାଞ୍ଚକାର ସ ହ ପ୍ରାତଃ ସଭାଗ ଉଦେୟାୟ ତଁ୍ହୋବାଚ ମାନୁଷସ୍ୟ ଭଗବନ୍‌ଗୌତମ ବିତ୍ତସ୍ୟ ବରଂ ବୃଣୀଥା ଇତି । ସ ହୋବାଚ ତବୈବ ରାଜନ୍‌ମାନୁଷଂ ବିତ୍ତଂୟାମେବ କୁମାରସ୍ୟାନ୍ତେ ବାଚମଭାଷଥାସ୍ତାମେବ ମେ ବ୍ରୂହୀତି ସ ହ କୃଚ୍ଛ୍ରୀ ବଭୂବ ।।୬।।

ତଁ୍ହ ଚିରଂ ବସେତ୍ୟାଜ୍ଞାପୟାଞ୍ଚକାର ତଁ୍ହୋବାଚ ଯଥା ମା ତ୍ୱଂ ଗୌତମବଦୋ ଯଥେୟଂ ନ ପ୍ରାକ୍ ତ୍ୱତ୍ତଃ ପୁରା ବିଦ୍ୟା ବ୍ରାହ୍ମଣାନ୍‌ଗଚ୍ଛତି ତସ୍ମାଦୁ ସର୍ବେଷୁ ଲୋକେଷୁ କ୍ଷତ୍ରସ୍ୟୈବ ପ୍ରଶାସନମଭୂଦିତି ତସ୍ମୈ ହୋବାଚ ।।୭।।

ସେଠାରୁ ଗୌତମ ଗୋତ୍ରୋନ ଋଷି ରାଜା ଜୈବଳିଙ୍କ ନିକଟରେ ଉପସ୍ଥିତ ହେଲେ । ରାଜା ତାଙ୍କୁ ଉପଯୁକ୍ତ ସତ୍କାର କରିବାରୁ ଦ୍ୱିତୀୟ ଦିନ ପ୍ରାତଃକାଳରେ ଗୌତମ ତାଙ୍କ ନିକଟକୁ ଯାଆନ୍ତେ ରାଜା କହିଲେ, ଭଗବନ୍ ! ଆପଣ ମନୁଷ୍ୟ ସମ୍ବନ୍ଧିତ ଧନକୁ ଯାଚନା କରିପାରନ୍ତି । ସେ କହିଲେ, ରାଜନ୍ ! ଏହି ମନୁଷ୍ୟ ସମ୍ବନ୍ଧୀ ଧନ ଆପଣଙ୍କ ନିକଟରେ ରହୁ । ଆପଣ ମୋ'ପୁତ୍ରକୁ ଯେଉଁ ପ୍ରଶ୍ନଗୁଡ଼ିକ ପଚାରିଛନ୍ତି, ସେଗୁଡ଼ିକୁ କୁହନ୍ତୁ । ଏହାଶୁଣି ରାଜା ସଙ୍କଟରେ ପଡ଼ିଗଲେ ।।୬।। ତାଙ୍କୁ ଏଠାରେ ଚିରକାଳ ରହିବାପାଇଁ ଆଜ୍ଞାନ ଦେଇ ଏବଂ ତାଙ୍କୁ କହିଲେ— ହେ ଗୌତମ ! ଯେଉଁଭଳି ତୁମେ ମୋତେ କହିଲ, କି ପୂର୍ବକାଳରେ ତୁମ ଆଗରୁ ଏହି ବିଦ୍ୟା ବ୍ରାହ୍ମଣଙ୍କ ପାଖକୁ ଯାଇ ନ ଥିଲା । ତାଙ୍କଠାରୁ ସମ୍ପୂର୍ଣ୍ଣ ଲୋକରେ ଅର୍ଥାତ୍ (ଏହି ବିଦ୍ୟା ଦ୍ୱାରା) କ୍ଷତ୍ରିୟମାନଙ୍କର ଅନୁଶାସନ ଲାଭ ହୋଇଥାଏ । ଏଭଳି କହି ସେ ଗୌତମଙ୍କୁ ପୁନଃକହିଲେ,

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ତୃତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୩।।

(ପଞ୍ଚମ ଅଧ୍ୟାୟ-ଚତୁର୍ଥ ଖଣ୍ଡ)

୪.ଦ୍ୟୁଲୋକକୁ ଅଗ୍ନି ରୂପେ ଉପାସନା

ଅସୌ ବାବ ଲୋକୋ ଗୌତମାଗ୍ନିସ୍ତସ୍ୟାଦିତ୍ୟ ଏବ ସମିଦ୍ରଶ୍ମୟୋ ଧୂମୋଽହରର୍ଚିଶ୍ଚନ୍ଦ୍ରମା ଅଙ୍ଗାରା ନକ୍ଷତ୍ରାଣି ବିସ୍ଫୁଲିଙ୍ଗାଃ ।।୧।।

ତସ୍ମିନ୍ନେତସ୍ମିନ୍ନଗ୍ନୌ ଦେବାଃ ଶ୍ରଦ୍ଧାଂ ଜୁହ୍ୱତି ତସ୍ୟା ଆହୁତେଃ ସୋମୋ ରାଜା ସଂଭବତି ।।୨।।

ହେ ଗୌତମ ! ଏହି ପ୍ରସିଦ୍ଧ ଦ୍ୟୁଲୋକ ହିଁ ଅଗ୍ନି ଅଟେ । ଆଦିତ୍ୟ ତାଙ୍କର ସମିଧା ଅଟନ୍ତି । କିରଣସମୂହ ଧୂମ ଅଟନ୍ତି, ଦିନ ଜ୍ୱାଳା ଅଟନ୍ତି । ଚନ୍ଦ୍ରମା ଅଙ୍ଗାର ଅଟନ୍ତି ଆଉ ନକ୍ଷତ୍ର ବିସ୍ଫୁଲିଙ୍ଗ ବା ଚେଙ୍ଗା ଅଟେ ।।୧।। ସେହି ଉକ୍ତ ଦ୍ୟୁଲୋକରୂପୀ ଅଗ୍ନିରେ ଦେବଗଣ ଶ୍ରଦ୍ଧାକୁ ହବନ କରିଥାଆନ୍ତି । ସେହି ଆହୁତି ସାହାଯ୍ୟରେ ସୋମରାଜାଙ୍କର ଉତ୍ପତ୍ତି ହୋଇଥାଏ ।।୨।।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଚତୁର୍ଥଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୪।।

(ପଞ୍ଚମ ଅଧ୍ୟାୟ-ପଞ୍ଚମ ଖଣ୍ଡ)

୫.ପର୍ଜନ୍ୟଙ୍କର ଅଗ୍ନି ରୂପେ ଉପାସନା

ପର୍ଜନ୍ୟୋ ବାବ ଗୌତମଗ୍ନିସ୍ତସ୍ୟ ବାୟୁରେବ ସମିଦଭ୍ରଂ ଧୂମୋ ବିଦ୍ୟୁଦର୍ଚିରଶନିରଙ୍ଗାରା ହ୍ଲାଦନୟୋ ବିସ୍ଫୁଲିଙ୍ଗାଃ ।।୧।।
ତସ୍ମିନ୍ନେତସ୍ମିନ୍ନଗ୍ନୌ ଦେବାଃ ସୋମଁରାଜାନଂ ଜୁହ୍ୱତି ତସ୍ୟା ଆହୁତେର୍ବର୍ଷଁସଂଭବତି ।।୨।।

ହେ ଗୌତମ ! ପର୍ଜନ୍ୟ ହିଁ ଅଗ୍ନି ଅଟନ୍ତି । ତାଙ୍କର ସମିଧା ବାୟୁ ଅଟେ । ବାଦଲ ଧୂମ ଅଟେ, ବିଦ୍ୟୁତ୍ ଜ୍ୱାଳା ଅଟେ, ବଜ୍ର ଅଙ୍ଗାର ଅଟେ ପୁଣି ଗର୍ଜନ ବିସ୍ଫୁଲିଙ୍ଗ ଅଟେ ।।୧।। ସେହି ଅଗ୍ନିରେ ଦେବଗଣ ରାଜା ସୋମଙ୍କର ହବନ କରୁଥାନ୍ତି, ଯହିଁରୁ ବର୍ଷା ହୁଏ ।।୨।।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମଧ୍ୟାୟେ ପଞ୍ଚମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୫।।

(ପଞ୍ଚମ ଅଧ୍ୟାୟ-ଷଷ୍ଠ ଖଣ୍ଡ)

୬.ପୃଥିବୀଙ୍କୁ ଅଗ୍ନିରୂପେ ଉପାସନା

ପୃଥବୀ ବାବ ଗୌତମଗ୍ନିସ୍ତସ୍ୟାଃ ସଂବତ୍ସର ଏବ ସମିଦାକାଶୋ ଧୂମୋ ରାତ୍ରିରର୍ଚିର୍ଦିଶୋଽଙ୍ଗାରା ଅବାନ୍ତରଦିଶୋ ବିସ୍ଫୁଲିଙ୍ଗାଃ

।।୧।।
ତସ୍ମିନ୍ନେତସ୍ମିନ୍ନଗ୍ନୌ ଦେବା ବର୍ଷଂ ଜୁହ୍ୱତି ତସ୍ୟା ଆହୁତେରନ୍ନଁସଂଭବତି ।।୨।।

ହେ ଗୌତମ ! ପୃଥିବୀ ହିଁ ଅଗ୍ନି ଅଟନ୍ତି । ତାଙ୍କର ସମ୍ବତ୍ସର ସମିଧା, ଆକାଶ ଧୂମ, ରାତ୍ରି ଜ୍ୱାଳା, ଦିଗଗଣ ଅଙ୍ଗାର ହୋଇଥାଆନ୍ତି । ପୁନଶ୍ଚ ଅବାନ୍ତର ଦିଗଗଣ ବିସ୍ଫୁଲିଙ୍ଗ ବୋଲାନ୍ତି ।।୧।। ତାଙ୍କର ସେହି ଅଗ୍ନିରେ ଦେବଗଣ ବର୍ଷାଙ୍କର ହବନ କରିଥାଆନ୍ତି, ଯେଉଁ ଆହୁତିରୁ ଅନ୍ନ ଉତ୍ପନ୍ନ ହୋଇଥାଏ ।।୨।।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଷଷ୍ଠଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୬।।

(ପଞ୍ଚମ ଅଧ୍ୟାୟ-ସପ୍ତମ ଖଣ୍ଡ)

୭.ପୁରୁଷଙ୍କୁ ଅଗ୍ନିରୂପେ ଉପାସନା

ପୁରୁଷୋ ବାବ ଗୌତମାଗ୍ନିସ୍ତସ୍ୟ ବାଗେବ ସମିତ୍‌ପ୍ରାଣୋ ଧୂମୋ ଜିହ୍ୱାର୍ଚିଶ୍ଚକ୍ଷୁରଙ୍ଗାରାଃ ଶ୍ରୋତ୍ରଂ ବିସ୍ଫୁଲିଙ୍ଗାଃ ।।୧।।
ତସ୍ମିନ୍ନେତସ୍ମିନ୍ନଗ୍ନୌ ଦେବା ଅନ୍ନଂ ଜୁହ୍ୱତି ତସ୍ୟା ଆହୁତେ ରେତଃ ସଂଭବତି ।।୨।।

ହେ ଗୌତମ ! ପୁରୁଷ ହିଁ ଅଗ୍ନି ଅଟନ୍ତି । ତାଙ୍କର ବାକ୍ ସମିଧା ଅଟେ, ପ୍ରାଣ ଧୂମ ଅଟେ, ଜିହ୍ୱା ଜ୍ୱାଳା ଅଟେ, ଚକ୍ଷୁ ଅଙ୍ଗାର ଅଟେ ଆଉ ଶ୍ରୋତ୍ର ବିସ୍ଫୁଲିଙ୍ଗ ଅଟେ ।।୧।। ସେହି ଅଗ୍ନିରେ ଦେବଗଣ ଅନ୍ନକୁ ହୋମ କରିଥାଆନ୍ତି । ସେହି ଆହୁତିରୁ ବୀର୍ଯ୍ୟ ଉତ୍ପନ୍ନ ହୁଏ ।।୨।।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ସପ୍ତମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୭।।

(ପଞ୍ଚମ ଅଧ୍ୟାୟ-ଅଷ୍ଟମ ଖଣ୍ଡ)

୮.ସ୍ତ୍ରୀଙ୍କୁ ଅଗ୍ନିରୂପେ ଉପାସନା

ଯୋଷାବାବଗୌତମାଗ୍ନିସ୍ତସ୍ୟାଉପସ୍ଥଏବସମିଦ୍ୟଦୁପମନ୍ତ୍ରୟତେ ସ ଧୂମୋ ଯୋନିରର୍ଚିର୍ୟଦନ୍ତଃ କରୋତି ତେଽଙ୍ଗାରା ଅଭିନନ୍ଦା

ବିସ୍ଫୁଲିଙ୍ଗାଃ ॥୧॥
ତସ୍ମିନ୍ନେତସ୍ମିନ୍ନଗ୍ନୌ ଦେବା ରେତୋ ଜୁହ୍ୱତି ତସ୍ୟା ଆହୁତେର୍ଗର୍ଭଃ ସଂଭବତି ॥୨॥

ହେ ଗୌତମ ! ସ୍ତ୍ରୀ ଅଗ୍ନି ଅଟନ୍ତି, ତାଙ୍କର ଉପସ୍ଥ ସମିଧା ହୁଏ, ପୁରୁଷ ଯେଉଁ ଉପମନ୍ତ୍ରଣ କରେ ତାହା ଧୂମ ହୁଏ, ଯୋନି ଜ୍ୱାଳା ବୋଲାଏ ପୁଣି ଯେଉଁ ଅନ୍ତଃସ୍ଥ ଗତିକରେ, ତାହା ଅଙ୍ଗାର ହୁଏ, ପୁଣି ତହିଁରୁ ଯେଉଁ ସୁଖ ଲାଭହୁଏ, ତାକୁ ବିସ୍ଫୁଲିଙ୍ଗ କୁହାଯାଏ ॥୧॥ ସେହି ଅଗ୍ନିରେ ଦେବଗଣ ବୀର୍ଯ୍ୟଙ୍କୁ ହବନ କରନ୍ତି । ସେହି ଆହୁତି ସାହାଯ୍ୟରେ ଗର୍ଭ ଧାରଣ ହୁଏ ॥୨॥

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଅଷ୍ଟମଖଣ୍ଡଂ ସମ୍ପୂର୍ଣ୍ଣମ୍ ॥୮॥

(ପଞ୍ଚମ ଅଧ୍ୟାୟ-ନବମ ଖଣ୍ଡ)

୯.ପଞ୍ଚମ ଆହୁତିରୁ ପୁରୁଷଙ୍କର ଉତ୍ପତ୍ତି

ଇତି ତୁ ପଞ୍ଚମ୍ୟାମାହୁତାବାପଃ ପୁରୁଷବଚସୋ ଭବନ୍ତୀତି ସ ଉଲ୍ବାବୃତୋ ଗର୍ଭୋ ଦଶ ବା ନବ ବା ମାସାନନ୍ତଃ ଶୟିତ୍ୱା ଯାବଦ୍ୱାଥ ଜାୟତେ ॥୧॥
ସ ଜାତୋ ଯାବଦାୟୁଷଂ ଜୀବତି ତଂ ପ୍ରେତଂ ଦିଷ୍ଟମିତୋଽଗ୍ନୟ ଏବ ହରନ୍ତି ଯତ ଏବେତୋ ଯତଃ ସଂଭୂତୋ ଭବତି ॥୨॥

ଏହିଭଳି ପଞ୍ଚମ ଆହୁତିକୁ ପ୍ରଦାନ କରିବାପରେ ଆପଣ ପୁରୁଷ ଶବ୍ଦବାଚୀ ହୋଇଯିବେ । ସେହି ଜରାୟୁଆବୃତ ଗର୍ଭ ଦଶ ଅଥବା ନଅମାସ ଅବା ପୂର୍ଣ୍ଣାଙ୍ଗ ପ୍ରାପ୍ତି ପର୍ଯ୍ୟନ୍ତ ମାତୃକୁକ୍ଷିରେ ଶୟନ କରିବାପରେ ପୁନଃ ଉନ ହୋଇଥାଏ ॥୧॥

ଏହିଭଳି ଉତ୍ପନ୍ନ ହେବାପରେ ପୂର୍ଣ୍ଣାୟୁ ପର୍ଯ୍ୟନ୍ତ ଜୀବିତ ରହେ । ପୁନଶ୍ଚ ମୃତ୍ୟୁ ଅନନ୍ତର କର୍ମାନୁସାରେ ପରଲୋକକୁ ପ୍ରସ୍ଥିତ ହୋଇ ଅଗ୍ନି ଆଡକୁ ଗମନ କରିଥାଏ, ଯେଉଁଠାରୁ ସେ ଆସିଅଛି ବା ସୃଷ୍ଟି ହୋଇଅଛି ।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ନବମଖଣ୍ଡଂ ସମ୍ପୂର୍ଣ୍ଣମ୍ ॥୯॥

(ପଞ୍ଚମ ଅଧ୍ୟାୟ-ଦଶମ ଖଣ୍ଡ)

୧୦.ଜୀବର ତ୍ରିବିଧ ଗତି

ତଦ୍ୟ ଇତ୍ଥଂ ବିଦୁଃ । ଯେ ଚେ ମେଽରଣ୍ୟେ ଶ୍ରଦ୍ଧା ତପ ଇତ୍ୟୁପାସତେ ତେଽର୍ଚିଷମଭିସଂଭବନ୍ତ୍ୟର୍ଚିଷୋଽହରହ୍ନ ଆପୂର୍ୟମାଣପକ୍ଷ-ମାପୂର୍ୟମାଣପକ୍ଷାଦ୍ୟାନ୍‌ଷଡୁଦଙ୍ଙ୍ଗେତି ମାସାଁସ୍ତାନ୍ ॥୧॥

ମାସେଭ୍ୟଃ ସଂବତ୍ସରଁସଂବତ୍ସରାଦାଦିତ୍ୟମାଦିତ୍ୟାଚ୍ଚନ୍ଦ୍ର-ମସଂ ଚନ୍ଦ୍ରମସୋ ବିଦ୍ୟୁତଂ ତତ୍‌ପୁରୁଷୋଽମାନବଃ ସ ଏନାନ୍‌ବ୍ରହ୍ମ ଗମୟତ୍ୟେଷ ଦେବଯାନଃ ପନ୍ଥା ଇତି ॥୨॥

ଯିଏ ଏହାକୁ ଏଭଳି ଜାଣନ୍ତି ପୁଣି ଯେଉଁମାନେ ବନ ମଧ୍ୟରେ ଶ୍ରଦ୍ଧା ଏବଂ ତପ ଦ୍ୱାରା ଉପାସନା କରନ୍ତି, ସେମାନଙ୍କର ପ୍ରାଣ ପ୍ରୟାଣାନ୍ତେ ଅର୍ଚ୍ଚି ଅଭିମାନୀ ଦେବଗଣଙ୍କୁ ପ୍ରାପ୍ତି ହୁଏ । ଅର୍ଚ୍ଚି ଅଭିମାନୀ ଦେବଗଣଙ୍କ ଠାରୁ ଦିବସ ଅଭିମାନୀ ଦେବଗଣଙ୍କୁ, ଦିବସ ଅଭିମାନୀଙ୍କଠାରୁ ଶୁକ୍ଳପକ୍ଷାଭିମାନୀ ଦେବଗଣଙ୍କୁ, ତାଙ୍କଠାରୁ ଷଡ ମାସାବଧି ସୂର୍ଯ୍ୟଙ୍କର ଉତ୍ତରଆଡକୁ ଯାଇଥାଏ । ତାପରେ ଅପର ଛଅମାସରେ(ଦକ୍ଷିଣପଟକୁ) ଯାଇଥାଏ ॥୧॥ ସେହି ମାସମାନଙ୍କଠାରୁ ସମ୍ବତ୍ସରକୁ, ତହିଁରୁ ଆଦିତ୍ୟଙ୍କୁ, ଆଦିତ୍ୟଙ୍କଠାରୁ ଚନ୍ଦ୍ର, ଚନ୍ଦ୍ରଙ୍କ ଠାରୁ ବିଦ୍ୟୁତ୍ ପ୍ରାପ୍ତି ହୋଇଥାଆନ୍ତି । ସେଠାରେ ଏକ ଅମାନବ ପୁରୁଷ ରହିଛନ୍ତି, ଯିଏ କାର୍ଯ୍ୟବ୍ରହ୍ମଙ୍କୁ ପ୍ରାପ୍ତ କରାଇଥାଆନ୍ତି, ତାକୁ ଆମେ ଦେବଯାନ ମାର୍ଗ ବୋଲି କହୁ ।୧-୨

ଅଥ ଯ ଇମେ ଗ୍ରାମ ଇଷ୍ଟାପୂର୍ତେ ଦତ୍ତମିତ୍ୟୁପାସତେ ତେ ଧୂମମଭିସଂଭବନ୍ତି ଧୂମାଦ୍ରାତ୍ରି ରାତ୍ରେପରପକ୍ଷମପର-ପକ୍ଷାଦ୍ୟାନ୍‌ଷଡ୍‌ଦକ୍ଷିଣୈତିମାସାଁସ୍ତାନ୍ନୈତେସଂବତ୍ସରମଭିପ୍ରାପ୍ନୁବନ୍ତି ॥୩॥

ମାସେଭ୍ୟଃ ପିତୃଲୋକଂ ପିତୃଲୋକାଦାକାଶମାକାଶା ଚ୍ଚନ୍ଦ୍ରମସମେଷ ସୋମୋ ରାଜା ତଦ୍ଦେବାନାମନ୍ନଂ ତଂ ଦେବା ଭକ୍ଷୟନ୍ତି ॥୪॥

ଯେଉଁ ଗୃହସ୍ଥଲୋକ ଗ୍ରାମରେ ଇଷ୍ଟ, ପୂର୍ତ୍ତ ଏବଂ ଦତ୍ତ- ଏହିଭଳି ଭାବରେ ଉପାସନା କରନ୍ତି, ସେ ଧୂମପ୍ରାପ୍ତି ହୋଇଥାନ୍ତି । ଧୂମରୁ ରାତ୍ରିକୁ, ରାତ୍ରିରୁ କୃଷ୍ଣପକ୍ଷକୁ ଆଉ ସେହିଭଳି କୃଷ୍ଣପକ୍ଷରୁ ଷଡ଼ଋତୁ ଦିଗକୁ ସୂର୍ଯ୍ୟ ଦକ୍ଷିଣମାର୍ଗରେ ଗମନକରି ତାଙ୍କୁ

ପ୍ରାପ୍ତ ହୋଇଥାଆନ୍ତି । ସେହି ଲୋକମାନେ ସମ୍ବତ୍ସରକୁ ପ୍ରାପ୍ତ ହୁଅନ୍ତି ନାହିଁ ।।୩।।

ଦକ୍ଷିଣାୟନ ମାସରେ ପିତୃଲୋକକୁ, ପିତୃଲୋକଠାରୁ ଆକାଶକୁ ପୁଣି ଆକାଶରୁ ଚନ୍ଦ୍ରମାଙ୍କୁ ପ୍ରାପ୍ତ ହୋଇଥାଆନ୍ତି । ଏହି ଚନ୍ଦ୍ରମା ରାଜା ସୋମ ଅଟନ୍ତି । ସେ ଦେବଗଣଙ୍କର ଅନ୍ନ ବୋଲାନ୍ତି । ଦେବଗଣ ତାଙ୍କୁ ଭକ୍ଷଣ କରନ୍ତି ।।୪।।

ତସ୍ମିନ୍ୟାବତ୍ସଂପାତମୁଷିତ୍ୱାଥୈତମେବାଧ୍ୱାନଂ ପୁନର୍ନିବର୍ତନ୍ତେ ଯଥୈତମାକାଶମାକାଶାଦ୍ୱାୟୁଂ ବାୟୁର୍ଭୂତ୍ୱା ଧୂମୋ ଭବତି ଧୂମୋ ଭୂତ୍ୱାଭ୍ରଂ ଭବତି ।।୫।।

ଏଠାରେ କର୍ମ କ୍ଷୟହେବା ପର୍ଯ୍ୟନ୍ତ ନିବାସକରି ପୁଣି ଏହିମାର୍ଗରେ ଯେଉଁଭଳି ଯାଇଥିଲେ, ସେହିଭଳି ଲେଉଟି ଆସନ୍ତି । ସେମାନେ ପ୍ରଥମେ ଆକାଶକୁ ପ୍ରାପ୍ତ ହୁଅନ୍ତି ଆଉ ଆକାଶରୁ ବାୟୁକୁ ପ୍ରାପ୍ତ ହୁଅନ୍ତି । ବାୟୁ ହୋଇ ଧୂମ ବୋଲାନ୍ତି । ଧୂମରୁ ଅଭ୍ର ହୁଅନ୍ତି ।।୫।।

ଅଭ୍ରଂ ଭୂତ୍ୱା ମେଘୋ ଭବତି ମେଘୋ ଭୂତ୍ୱା ପ୍ରବର୍ଷତି ତ ଇହ ବ୍ରୀହିର୍ଯବା ଔଷଧିବନସ୍ପତୟସ୍ତିଳମାଷା ଇତି ଜାୟନ୍ତେଽତୋ ବୈ ଖଳୁ ଦୁର୍ନିଷ୍ପ୍ରପତରଂ ଯୋ ଯୋ ହ୍ୟନ୍ନମତ୍ତି ଯୋ ରେତଃ ସିଞ୍ଚତି ତଦ୍ଭୂୟ ଏବ ଭବତି ।।୬।।

ଅଭ୍ର ହୋଇ ମେଘ, ପୁଣି ମେଘରୁ ବର୍ଷା ହୋଇଥାଆନ୍ତି । ତହିଁରୁ ଉକ୍ତ ଜୀବ ଏହି ଲୋକରେ ଧାନ, ଯଅ, ଔଷଧ, ବନସ୍ପତି, ରାଶି ଏବଂ ସୁଆଁ ଆଦି ହୋଇ ଉତ୍ପନ୍ନ ହୁଅନ୍ତି । ଏହିଭଳି ଏହି ନିଷ୍କ୍ରମଣ ନିଶ୍ଚିତଭାବରେ ଅତ୍ୟନ୍ତ କଷ୍ଟପ୍ରଦ ଅଟେ । ଏହି ଅନ୍ନକୁ ଯିଏ ଭକ୍ଷଣକରନ୍ତି ଆଉ ଯେଉଁମାନେ ଉକ୍ତ ଅନ୍ନୋନ ବୀର୍ଯ୍ୟକୁ ସେଚନ କରନ୍ତି, ସେମାନେ ତଦ୍ରୂପ ହୋଇ ଜୀବ ବୋଲାନ୍ତି ।।୬।।

ତଦ୍ୟ ଇହ ରମଣୀୟଚରଣା ଅଭ୍ୟାଶୋ ହ ଯତ୍ତେ ରମଣୀୟାଂ ଯୋନିମାପଦ୍ୟେରନ୍‌ବ୍ରାହ୍ମଣଯୋନିଂ ବା କ୍ଷତ୍ରିୟଯୋନିଂ ବା ବୈଶ୍ୟଯୋନିଂ ବାଥ ଯ ଇହ କପୂୟଚରଣା ଅଭ୍ୟାଶୋ ହ ଯତ୍ତେ କପୂୟାଂ ଯୋନିମାପଦ୍ୟେରନ୍‌ଶ୍ୱଯୋନିଂ ବା ସୂକରଯୋନିଂ ବା ଚଣ୍ଡାଳଯୋନିଂ ବା ।।୭।।

ଏହି ଅନୁଗାମୀ ଜୀବ ମଧ୍ୟରେ ଯିଏ ଭଲ ଆଚରଣ ଯୁକ୍ତ ହୁଅନ୍ତି, ସେମାନେ ଅତିଶୀଘ୍ର ଉତ୍ତମ ଯୋନି ପ୍ରାପ୍ତ ହୁଅନ୍ତି । ସେମାନେ ବ୍ରାହ୍ମଣଯୋନି, କ୍ଷତ୍ରିୟଯୋନି ଅଥବା ବୈଶ୍ୟ ଯୋନି ପ୍ରାପ୍ତହୋଇ ମଧ୍ୟ ଯେଉଁ ଶୁଭାଶୁଭ ଆଚରଣଯୁକ୍ତ ହୁଅନ୍ତି, ତଦନୁରୂପ

ଗମନକରନ୍ତି ଅର୍ଥାତ୍ ଅଶୁଭ କର୍ମରେ ଅଶୁଭଯୋନି ଲାଭକରନ୍ତି । କୁକୁରଯୋନି, ଶୁକରଯୋନି, ଚଣ୍ଡାଳ ଯୋନି ଆଦିକୁ ଲାଭକରନ୍ତି ।।୭।।

ଅଥୈତୟୋଃ ପଥୋର୍ନ କତରେଣ ଚ ନ ତାନୀମାନି କ୍ଷୁଦ୍ରାଣ୍ୟସକୃଦାବର୍ତୀନି ଭୂତାନି ଭବନ୍ତି ଜାୟସ୍ୱ ମ୍ରିୟସ୍ୱେତ୍ୟେତ ତ୍ତୃତୀୟଁସ୍ଥାନଂ ତେନାସୌ ଲୋକୋ ନ ସମ୍ପୂର୍ୟତେ ତସ୍ମାଜ୍ଜୁଗୁପ୍ସେତ ତଦେଷ ଶ୍ଲୋକଃ ।।୮।।

ଏମାନଙ୍କ ମଧ୍ୟରୁ ସେମାନେ କୌଣସି ମାର୍ଗକୁ ଯାଆନ୍ତି ନାହିଁ । ସେମାନେ କ୍ଷୁଦ୍ର ତଥା ବାରମ୍ବାର ଆତଯାତ ହେଉଥିବା ପ୍ରାଣୀ ବୋଲାନ୍ତି । ଜନ୍ମ ହୁଅ ଆଉ ମର, ଏହା ହିଁ ତାଙ୍କର ତୃତୀୟ ସ୍ଥାନ । ଏହି କାରଣରୁ ପରଲୋକର କ୍ଷୟ ହୁଏନାହିଁ । ଅତଃ ଏହି ସଂସାର ଗତିରେ ଘୃଣା ଉତ୍ପନ୍ନ ହେବା ଆବଶ୍ୟକ । ଏହି ବିଷୟକ ଉକ୍ତ ମନ୍ତ୍ର-।।୮।।

ସ୍ତେନୋ ହିରଣ୍ୟସ୍ୟ ସୁରାଂ ପିବଁଶ୍ଚ ଗୁରୋସ୍ତଳ୍ପମାବସନ୍ବ୍ରହ୍ମହା ଚୈତେ ପତନ୍ତି ଚତ୍ୱାରଃ ପଞ୍ଚମଶ୍ଚାଚରଁସ୍ତୈରିତି ।।୯।।

ସୁନାଚୋର, ମଦ୍ୟପ, ଗୁରୁପତ୍ନୀଗାମୀ, ବ୍ରହ୍ମହତ୍ୟାକାରୀ ଆଦି ଚତୁଃ ପତିତ ସମେତ ଏମାନଙ୍କ ସଙ୍ଗେ ନିବାସ କରୁଥିବା ପଞ୍ଚମ ପତିତ ଦୁର୍ଗତିକୁ ପ୍ରାପ୍ତ ହୁଅନ୍ତି ।।୯।।

ଅଥ ହ ଯ ଏତାନେବଂ ପଞ୍ଚାଗ୍ନୀନ୍ବେଦ ନ ସହ ତୈରପ୍ୟା-ଚରନ୍ପାପ୍ମନା ଲିପ୍ୟତେ ଶୁଦ୍ଧଃ ପୂତଃ ପୁଣ୍ୟଲୋକୋ ଭବତି ଯ ଏବଂ ବେଦ ଯ ଏବଂ ବେଦ ।।୧୦।।

ମାତ୍ର ଯେଉଁମାନେ ଏହି ପଞ୍ଚାଗ୍ନିକୁ ଅବଗତହୋଇ ଆଚରଣସିଦ୍ଧ ହୁଅନ୍ତି ଏବଂ ଉକ୍ତ ପତିତଙ୍କ ସଂସର୍ଗ କରି ମଧ୍ୟ ବିଶୁଦ୍ଧ ବୋଲାଇଥାଆନ୍ତି, ସେମାନେ ପାପରେ ଲିପ୍ତ ହୁଅନ୍ତି ନାହିଁ । ସେମାନେ ଶୁଦ୍ଧ-ପବିତ୍ର ଏବଂ ପୁଣ୍ୟଲୋକରେ ଭାଗୀ ହୋଇଥାଆନ୍ତି । ଯିଏ ଏହିଭଳି ଜାଣନ୍ତି, ଯିଏ ଏହିଭଳି ଜାଣନ୍ତି, ସେମାନେ ପୁଣ୍ୟ ଲୋକକୁ ଗତି କରନ୍ତି ।।୧୦।।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଦଶମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୯।।

(ପଞ୍ଚମ ଅଧ୍ୟାୟ-ଏକାଦଶ ଖଣ୍ଡ)

୧୧.ପ୍ରାଚୀନଶାଲ ଆଦିଙ୍କର ରାଜା ଅଶ୍ୱପତିଙ୍କୁ ବୈଶ୍ୱାନର ଆତ୍ମା ସମ୍ପର୍କିତ ପ୍ରଶ୍ନ

ପ୍ରାଚୀନଶାଳ ଔପମନ୍ୟବଃ ସତ୍ୟଯଜ୍ଞଃ ପୌଲୁଷିରିନ୍ଦ୍ରଦ୍ୟୁମ୍ନୋ ଭାଲ୍ଲବେୟୋ ଜନଃ ଶାର୍କରାକ୍ଷ୍ୟୋ ବୁଡିଳ ଆଶ୍ୱତରାଶ୍ୱି ସ୍ତେ ହୈତେ ମହାଶାଳା ମହାଶ୍ରୋତ୍ରିୟାଃ ସମେତ୍ୟ ମୀମାଁସାଞ୍ଚକ୍ରୁଃ କୋ ନ ଆତ୍ମା କିଂ ବ୍ରହ୍ମେତି ।।୧।।

ଉପମନ୍ୟୁଙ୍କର ପୁତ୍ର ପ୍ରାଚୀନଶାଲ , ପୁଲୁଷଙ୍କ ପୁତ୍ର ସତ୍ୟଯଜ୍ଞ, ଭଲବୀଙ୍କ ପ୍ରପୌତ୍ର ଇନ୍ଦ୍ରଦ୍ୟୁମ୍ନ, ଶର୍କରାକ୍ଷଙ୍କ ପୁତ୍ର ଜନ ଓ ଅଶ୍ୱତରାଶ୍ୱଙ୍କ ପୁତ୍ର ବୁଡ଼ିଲ— ଏମାନେ କ୍ଷତ୍ରିୟ ତଥା ପରମ ଗୃହସ୍ଥ ଅଟନ୍ତି । ସେମାନେ ଏକତ୍ରିତ ହୋଇ ପରସ୍ପର ବିଚାରକଲେ କି, ଆମର ଆତ୍ମା କିଏ ଆଉ ବ୍ରହ୍ମ କ'ଣ ଅଟେ ? ।।୧।।

ତେ ହ ସଂପାଦୟାଞ୍ଚକ୍ରୁରୁଦ୍ଦାଲକୋ ବୈ ଭଗବନ୍ତୋଽୟମାରୁଣିଃ ସଂପ୍ରତୀମମାତ୍ମାନଂ ବୈଶ୍ୱାନରମଧ୍ୟେତି ତଁହନ୍ତାଭ୍ୟାଗଚ୍ଛାମେତି ତଁହାଭ୍ୟାଜଗ୍ମୁଃ ।।୨।।

ତେଣୁ ଉକ୍ତ ମହାନୁଭବମାନେ ସ୍ଥିରକଲେ କି, ଅରୁଣଙ୍କ ପୁତ୍ର ଉଦ୍ଦାଳକ ଏହି ସମୟରେ ବୈଶ୍ୱାନର ଆତ୍ମାଙ୍କୁ ଅବଗତ ଅଟନ୍ତି, ଅତଃ ଆମେ ତାଙ୍କ ପାଖକୁ ଯାଇ ଶଙ୍କା ସମାଧାନ କରିପାରିବା ।।୨।।

ସ ହ ସଂପାଦୟାଞ୍ଚକାର ପ୍ରକ୍ଷ୍ୟନ୍ତି ମାମିମେ ମହାଶାଲା ମହାଶ୍ରୋତ୍ରିୟାସ୍ତେଭ୍ୟୋ ନ ସର୍ବମିବ ପ୍ରତିପତ୍ସ୍ୟେ ହନ୍ତାହମନ୍ୟମଭ୍ୟନୁଶାସାନୀତି ।।୩।।

ସେ ନିଶ୍ଚୟକଲେ କି, ଏହି ପରମ ଶ୍ରୋତ୍ରିୟ ମହାଗୃହସ୍ଥମାନେ ମୋତେ ପ୍ରଶ୍ନ ପଚାରିବେ । କିନ୍ତୁ ମୁଁ ତାଙ୍କୁ ସମ୍ପୂର୍ଣ୍ଣରୂପେ ବତାଇପାରିବି କି ନାଁ, ସନ୍ଦେହ । ତେଣୁ ମୁଁ ତାଙ୍କୁ ଦ୍ୱିତୀୟ ଉପଦେଷ୍ଟାଙ୍କ ନିକଟକୁ ପଠାଇଦେବି ।।୩।।

ତାନ୍‌ହୋବାଚାଶ୍ୱପତିର୍ବୈ ଭଗବନ୍ତୋଽୟଂ କୈକେୟଃ ସଂପ୍ରତୀମମାତ୍ମାନଂ ବୈଶ୍ୱାନରମଧ୍ୟେତି ତଁହନ୍ତାଭ୍ୟାଗଚ୍ଛାମେତି ତଁହାଭ୍ୟାଜଗ୍ମୁଃ ।।୪।।

ଏଥିପାଇଁ ସେ କହିଲେ, ହେ ପୂଜନୀୟଗଣ ! ଏହି ସମୟରେ କେକୟକୁମାର

ଅଶ୍ୱପତି ଉକ୍ତ ବୈଶ୍ୱାନର ସଂଜ୍ଞକ ଆତ୍ମାଙ୍କୁ ଭଲଭାବରେ ଅବଗତ ହୋଇଛନ୍ତି । ଆସ ଆମେ ସମସ୍ତେ ତାଙ୍କ ନିକଟକୁ ଯିବା । ଏହା କହି ସମସ୍ତେ ତାଙ୍କ ନିକଟକୁ ଗଲେ ।।୪।।

ତେଭ୍ୟୋ ହ ପ୍ରାପ୍ତେଭ୍ୟଃ ପୃଥଗର୍ହାଣି କାରୟାଞ୍ଚକାର ସ ହ ପ୍ରାତଃ ସଂଜିହାନ ଉବାଚ ନ ମେ ସ୍ତେନୋ ଜନପଦେ ନ କଦର୍ୟ୍ୟୋ ନ ମଦ୍ୟପୋ ନାନାହିତାଗ୍ନିର୍ନାବିଦ୍ୱାନ୍ନ ସ୍ୱୈରୀ ସ୍ୱୈରିଣୀ କୁତୋ ଯକ୍ଷ୍ୟମାଣୋ ବୈ ଭଗବନ୍ତୋଽହମସ୍ମି ଯାବଦେକୈକସ୍ମା ଋତ୍ୱିଜେ ଧନଂ ଦାସ୍ୟାମି ତାବଦ୍ଭଗବଦ୍ଭ୍ୟୋ ଦାସ୍ୟାମି ବସନ୍ତୁ ଭଗବନ୍ତ ଇତି ।।୫।।

ନିଜପାଖକୁ ଆସିଥିବା ଋଷିଗଣଙ୍କୁ ମହାରାଜ ଭିନ୍ନ ଭିନ୍ନ ଭାବରେ ସତ୍କାରକରି ଦ୍ୱିତୀୟ ଦିନ ପ୍ରାତଃ କାଳରେ ଜିଜ୍ଞାସା କଲେ— ମୋ' ରାଜ୍ୟରେ ନାଁ କେହି ଚୋର ଅଛନ୍ତି ନାଁ ଅଦାତା, ମଦ୍ୟପ, ଅନାହିତାଗ୍ନି, ଅବିଦ୍ୱାନ୍ ଅବା ପରସ୍ତ୍ରୀଗାମୀ ବି ନାହାଁନ୍ତି ! ତଥାପି କୁଳଟା ସ୍ତ୍ରୀ ଆସିଲେ କେଉଁଠୁ ? ଅତଃ ହେ ପୂଜ୍ୟବର୍ଗ ! ମୁଁ ମଧ ଯଜ୍ଞ କରିବାକୁ ପ୍ରସ୍ତୁତ ଅଟେ । ମୁଁ ଜଣେ ଜଣେ ଋତ୍ୱିକ୍‌ଙ୍କୁ ଉପଯୁକ୍ତ ମାତ୍ରାରେ ଧନ ପ୍ରଦାନ କରିବି ଏବଂ ଆପଣମାନଙ୍କୁ ମଧ ତଦନୁରୂପ ଧନ ଦେବାକୁ ପ୍ରସ୍ତୁତ ଅଛି । ତେଣୁ ଆପଣମାନେ ଏଇଠି ରହନ୍ତୁ ।।୫।।

ତେ ହୋଚୁର୍ୟେନ ହୈବାର୍ଥେନ ପୁରୁଷଶ୍ଚରେତ୍ତଂହୈବ ବଦେଦାତ୍ମାନମେବେମଂ ବୈଶ୍ୱାନରଁସଂପ୍ରତ୍ୟଧ୍ୟେଷି ତମେବ ନୋ ବ୍ରୂହୀତି ।।୬।।

ହେଲେ ସେମାନେ କହିଲେ—'ଯେଉଁ ପ୍ରୟୋଜନ କାରଣରୁ କୌଣସି ବ୍ୟକ୍ତି ଅନ୍ୟତ୍ର ଗମନକରନ୍ତି, ସେମାନଙ୍କୁ ନିଜ ନିଜର ପ୍ରୟୋଜନ ସମ୍ପର୍କରେ ଅବଗତ କରାଇବା ଦରକାର । ଏହି ସମୟରେ ଆପଣ ବୈଶ୍ୱାନର ଆତ୍ମାଙ୍କୁ ଜାଣନ୍ତି, ଯାହା ସମ୍ପର୍କରେ ଆପଣ ଆମପାଇଁ ବର୍ଣ୍ଣନା କରନ୍ତୁ ।।୬।।'

ତାନ୍‌ହୋବାଚ ପ୍ରାତର୍ବଃ ପ୍ରତିବକ୍ତାସ୍ମୀତି ତେ ହ ସମିତ୍‌ପାଣୟଃ ପୂର୍ବାହ୍ଣେ ପ୍ରତିଚକ୍ରମିରେ ତାନ୍‌ହାନୁପନୀୟୈବୈତଦୁବାଚ ।।୭।।

ସେ ତାଙ୍କୁ କହିଲେ— 'ଆଚ୍ଛା, ମୁଁ ପ୍ରାତଃକାଳରେ ଆପଣମାନଙ୍କୁ ଏହି ପ୍ରଶ୍ନର ଉତ୍ତରଦେବି ।' ତହୁଁ ପରଦିନ ପୂର୍ବାହ୍ଣରେ ସେମାନେ ହାତରେ ସମିଧାଦି ଧାରଣକରି ରାଜାଙ୍କ ପାଖକୁ ଗଲେ । ତାଙ୍କର ଉପନୟନ ନ କରି ରାଜା ତାଙ୍କୁ ଉକ୍ତ ବିଦ୍ୟା ସମ୍ପର୍କରେ ଉପଦେଶ ପ୍ରଦାନକଲେ ।।୭।।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଏକାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୧।।

(ପଞ୍ଚମ ଅଧ୍ୟାୟ-ଦ୍ୱାଦଶ ଖଣ୍ଡ)

୧୨.ଅଶ୍ୱପତି ଏବଂ ଔପମନ୍ୟବ ସମ୍ବାଦ(ଉପମନ୍ୟୁ ସମ୍ବାଦ)

ଔପମନ୍ୟବ କଂ ତ୍ୱମାତ୍ମାନମୁପାସ ଇତି । ଦିବମେବ ଭଗବୋ ରାଜନ୍ନିତି ହୋବାଚୈଷ ବୈ ସୁତେଜା ଆତ୍ମା ବୈଶ୍ୱାନରୋ ଯଂ ତ୍ୱମାତ୍ମାନମୁପାସ୍ସେ ତସ୍ମାତ୍ତବ ସୁତଂ ପ୍ରସୁତମାସୁତଂ କୁଳେ ଦୃଶ୍ୟତେ ।।୧।।

ଅତ୍ସ୍ୟନ୍ନଂ ପଶ୍ୟସି ପ୍ରିୟମତ୍ତ୍ୟନ୍ନଂ ପଶ୍ୟତି ପ୍ରିୟଂ ଭବତ୍ୟସ୍ୟ ବ୍ରହ୍ମବର୍ଚସଂ କୁଳେ ଯ ଏତମେବମାତ୍ମାନଂ ବୈଶ୍ୱାନରମୁପାସ୍ତେ ମୂର୍ଧା ତ୍ୱେଷ ଆତ୍ମନ ଇତି ହୋବାଚ ମୂର୍ଧା ତେ ବ୍ୟପତିଷ୍ୟଦ୍ୟନ୍ମାଂ ନାଗମିଷ୍ୟ ଇତି ।।୨।।

ରାଜା କହିଲେ— ହେ ଉପମନ୍ୟୁ କୁମାର ! ତୁମେ କେଉଁ ଆତ୍ମାଙ୍କର ଉପାସନା କରୁଛ ? ପୂଜ୍ୟ ରାଜନ୍ ! ମୁଁ ଦ୍ୟୁଲୋକର ଉପାସନା କରୁଛି ।

ରାଜା କହିଲେ— ତୁମେ ଯେଉଁ ଆତ୍ମାଙ୍କର ଉପାସନା କରୁଛ, ତାହା ନିଶ୍ଚିତଭାବରେ ସୁତେଜା ନାମରେ ପ୍ରସିଦ୍ଧ ବୈଶ୍ୱାନର ଆତ୍ମା ଅଟେ । ଏହା ଯୋଗୁଁ ତୁମ କୁଳରେ ସୁତ, ପ୍ରସୁତ ଓ ଆସୁତ ଦେଖାଦେଉଛନ୍ତି ।।୧।।

ତୁମେ ଅନ୍ନ ଭକ୍ଷଣକରୁଛ ଏବଂ ପ୍ରିୟଦର୍ଶନ ମଧ୍ୟ କରୁଛ । ଯିଏ ଏହି ବୈଶ୍ୱାନର ଆତ୍ମାଙ୍କୁ ଏହିପ୍ରକାରେ ଉପାସନା କରନ୍ତି, ସେ ସର୍ବଦା ଅନ୍ନ ଭକ୍ଷଣ କରନ୍ତି, ପ୍ରିୟଦର୍ଶନ କରନ୍ତି ଏବଂ ତାଙ୍କ କୁଳରେ ବ୍ରହ୍ମତେଜ ଉତ୍ପନ୍ନ ହୁଅନ୍ତି । ଏହା ବୈଶ୍ୱାନର ଆତ୍ମାର ମସ୍ତକ ଅଟେ । ରାଜା ଏଭଳି କହିଲେ ଏବଂ ଏହା ମଧ୍ୟ କହିଲେ କି— ଯଦି ତୁମେ ମୋ'ପାଖକୁ ନ ଆସିଥାନ୍ତ, ତାହେଲେ ତୁମର ମସ୍ତକ ନତ ହୋଇଯାଇଥାଅ ।।୨।।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଦ୍ୱାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୨।।

(ପଞ୍ଚମ ଅଧ୍ୟାୟ-ତ୍ରୟୋଦଶ ଖଣ୍ଡ)

୧୩.ଅଶ୍ୱପତି ଏବଂ ସତ୍ୟଯଜ୍ଞ ସମ୍ବାଦ

ଅଥ ହୋବାଚ ସତ୍ୟଯଜ୍ଞଂ ପୌଲୁଷିଂ ପ୍ରାଚୀନଯୋଗ୍ୟ କଂ ତ୍ୱମାତ୍ମାନମୁପାସ୍ସ ଇତ୍ୟାଦିତ୍ୟମେବ ଭଗବୋ ରାଜନ୍ନିତି ହୋବାଚୈଷ ବୈ ବିଶ୍ୱରୂପ ଆତ୍ମା ବୈଶ୍ୱାନରୋ ଯଂ ତ୍ୱମାତ୍ମାନମୁପାସ୍ସେ ତସ୍ମାତ୍ତବ ବହୁ ବିଶ୍ୱରୂପଂ କୁଳେ ଦୃଶ୍ୟତେ ॥୧॥

ପ୍ରବୃତ୍ତୋଽଶ୍ୱତରୀରଥୋ ଦାସୀନିଷ୍କୋଽସ୍ୟନ୍ନଂ ପଶ୍ୟସି ପ୍ରିୟମତ୍ତ୍ୟନ୍ନଂ ପଶ୍ୟତି ପ୍ରିୟଂ ଭବତ୍ୟସ୍ୟ ବ୍ରହ୍ମବର୍ଚସଂ କୁଳେ ଯ ଏତମେବମାତ୍ମାନଂ ବୈଶ୍ୱାନରମୁପାସ୍ତେ ଚକ୍ଷୁଷ୍ଟେତଦାତ୍ମନ ଇତି ହୋବାଚାନ୍ଧୋଽଭବିଷ୍ୟୋ ଯନ୍ମାଂ ନାଗମିଷ୍ୟ ଇତି ॥୨॥

ପୁନଶ୍ଚ ସେ ପୁଲୁଷଙ୍କ ପୁତ୍ର ସତ୍ୟଯଜ୍ଞଙ୍କୁ ପଚାରିଲେ— ହେ ପ୍ରାଚୀନଯୋଗ୍ୟ ! ତୁମେ କେଉଁ ଆତ୍ମାଙ୍କର ଉପାସନା କରୁଛ ? ସେ କହିଲେ— ପୂଜ୍ୟ ରାଜନ୍ ! ମୁଁ ଆଦିତ୍ୟଙ୍କର ହିଁ ଉପାସନା କରୁଛି । ରାଜା କହିଲେ— ଏହା ନିଶ୍ଚିତଭାବେ ବିଶ୍ୱରୂପ ବୈଶ୍ୱାନର ଆତ୍ମା ଅଟେ । ଯେଉଁ ଆତ୍ମାଙ୍କର ତୁମେ ଉପାସନା କରୁଛ, ତାହା ଦ୍ୱାରା ତୁମ କୁଳରେ ଅନେକ ବିଶ୍ୱରୂପ ସାଧନ ଦେଖାଦେଉଛି ॥୧॥

ଖଚରୀ ଯୋଚାଯାଇଥିବା ରଥ ଏବଂ ଦାସୀ ସହିତ ତୁମେ ହାରମାନ ପ୍ରାପ୍ତ ହେବ । ତୁମେ ଅନ୍ନ ଭକ୍ଷଣ କରୁଛ, ପ୍ରିୟଦର୍ଶନ ମଧ୍ୟ ପାଉଛ । ଯିଏ ଏହିଭଳି ଭାବରେ ଉକ୍ତ ବୈଶ୍ୱାନର ଆତ୍ମାଙ୍କର ଉପାସନା କରନ୍ତି, ସେ ସଦା ଅନ୍ନ ଭକ୍ଷଣ କରିଥାଆନ୍ତି । ସର୍ବଦା ପ୍ରିୟଦର୍ଶନକରି କୁଳରେ ବ୍ରହ୍ମତେଜ ଉତ୍ପନ୍ନ କରାନ୍ତି । କିନ୍ତୁ ଏହା ଆତ୍ମାଙ୍କର ନେତ୍ର ଅଟେ, ଏହା ଜାଣିରଖ । ଏଭଳି କହି ରାଜା ପୁନଃ ସୂଚାଇ ଦେଲେ, ତୁମେ ଯଦି ମୋ'ପାଖକୁ ଆସି ନ ଥାନ୍ତ, ତାହେଲେ ତୁମେ ଅନ୍ଧ (ଅଜ୍ଞାନ)ହୋଇଥାଆନ୍ତ ।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ତ୍ରୟୋଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ॥୧୩॥

(ପଞ୍ଚମ ଅଧ୍ୟାୟ-ଚତୁର୍ଦ୍ଦଶ ଖଣ୍ଡ)

୧୪.ଅଶ୍ୱପତି ଏବଂ ଇନ୍ଦ୍ରଦ୍ୟୁମ୍ନ ସମ୍ବାଦ

ଅଥ ହୋବାଚେନ୍ଦ୍ରଦ୍ୟୁମ୍ନଂ ଭାଲ୍ଲବେୟଂ ବୈୟାଘ୍ରପଦ୍ୟ କଂ ତ୍ୱମାତ୍ମାନମୁପାସ୍ସ ଇତି ବାୟୁମେବ ଭଗବୋ ରାଜନ୍ନିତି ହୋବାଚୈଷ ବୈ ପୃଥଗ୍ୱର୍ତ୍ମାତ୍ମା ବୈଶ୍ୱାନରୋ ଯଂ ତ୍ୱମାତ୍ମାନମୁପାସ୍ସେ ତସ୍ମାତ୍ତ୍ୱାଂ ପୃଥଗ୍ବଳୟ ଆୟନ୍ତି ପୃଥଗ୍ରଥଶ୍ରେଣୟୋଽନୁୟନ୍ତି ।।୧।।

ତଦନନ୍ତର ରାଜା ଭାଲ୍ଲବେୟ ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଲେ, ବୈୟାଘ୍ରପଦ୍ୟ ! ତୁମେ କେଉଁ ଆତ୍ମାଙ୍କର ଉପାସନା କରୁଛ ? ସେ ଉତ୍ତରଦେଲେ— ରାଜନ୍ ! ମୁଁ ବାୟୁଙ୍କର ଉପାସନା କରୁଛି । ରାଜା କହିଲେ, ତୁମେ ଯେଉଁ ଆତ୍ମାଙ୍କର ଉପାସନା କରୁଛ, ସେ ନିଶ୍ଚିତଭାବରେ ପୃଥଗ୍ୱାତ୍ମା ବୈଶ୍ୱାନର ଆତ୍ମା ଅଟେ । ଏହା ଦ୍ୱାରା ତୁମ ପ୍ରତି ପୃଥକ୍ ପୃଥକ୍ ଉପହାର ଲାଭ ହେବ ଆଉ ତୁମେ ବିଭିନ୍ନ ରଥର ପରିଚାଳକ ହେବ ।।୧।। (ଅର୍ଥାତ୍ ତୁମେ ଯେଉଁଆଡେ ଯିବ, ତୁମ ପଛରେ ଐଶ୍ୱର୍ଯ୍ୟ, ଧନଧାନ୍ୟ ତଥା ରଥାଦି ବାହନ ସହଯୋଗ ଦେବେ)

ଅତ୍ସ୍ୟନ୍ନଂ ପଶ୍ୟସି ପ୍ରିୟମତ୍ତ୍ୟନ୍ନଂ ପଶ୍ୟତି ପ୍ରିୟଂ ଭବତ୍ୟସ୍ୟ ବ୍ରହ୍ମବର୍ଚସଂ କୁଳେ ଯ ଏତମେବମାତ୍ମାନଂ ବୈଶ୍ୱାନରମୁପାସ୍ତେ ପ୍ରାଣସ୍ତ୍ୱେଷ ଆତ୍ମନ ଇତି ହୋବାଚ ପ୍ରାଣସ୍ତ ଉଦକମିଷ୍ୟଦ୍ୟନ୍ମାଂ ନାଗମିଷ୍ୟ ଇତି ।।୨।।

ତୁମେ ଅନ୍ନ ଭକ୍ଷଣ କରୁଛ ଆଉ ପ୍ରିୟଦର୍ଶନ ମଧ୍ୟ କରିପାରୁଛ । ଯେ କେହି ବ୍ୟକ୍ତି ଏହିଭଳି ବୈଶ୍ୱାନର ଆତ୍ମାଙ୍କର ଉପାସନା କରନ୍ତି, ସେ ଅନ୍ନଭୋକ୍ତା ତଥା ପ୍ରିୟଜନ ଦର୍ଶନରେ ତୃପ୍ତିହେବା ସହିତ ବ୍ରହ୍ମତେଜ ଉତ୍ପନ୍ନ କରିବାକୁ ସମର୍ଥ ହୁଅନ୍ତି କିନ୍ତୁ ଏହା ଆତ୍ମାଙ୍କର ପ୍ରାଣ ଅଟେ, ଏହା ଜାଣିରଖ । ଯଦି ତୁମେ ଏଠାକୁ ଆସିନଥାନ୍ତ, ତେବେ ତୁମର ପ୍ରାଣ ତୁମକୁ ଉତ୍କ୍ରମଣ କରି ଚାଲିଯାଇଥାଆନ୍ତା ।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଚତୁର୍ଦ୍ଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୪।।

(ପଞ୍ଚମ ଅଧ୍ୟାୟ-ପଞ୍ଚଦଶ ଖଣ୍ଡ)

୧୫.ଅଶ୍ୱପତି ଏବଂ ଜନଙ୍କ ସମ୍ବାଦ

ଅଥ ହୋବାଚ ଜନଁଶାର୍କରାକ୍ଷ୍ୟ କଂ ତ୍ୱମାତ୍ମାନମୁପାସ୍ସ

ଇତ୍ୟାକାଶମେବ ଭଗବୋ ରାଜନ୍ନିତି ହୋବାଚୈଷ ବୈ ବହୁଳ ଆତ୍ମା ବୈଶ୍ୱନରୋ ଯଂ ତ୍ୱମାତ୍ମାନମୁପାସ୍ସେ ତସ୍ମାତ୍ତ୍ୱଂ ବହୁଲୋଽସି ପ୍ରଜୟା ଚ ଧନେନ ଚ ॥୧॥

ଏହାପରେ ରାଜା ପଚାରିଲେ— ହେ ଶାର୍କରାକ୍ଷ ! ତୁମେ କେଉଁ ଆତ୍ମାଙ୍କର ଉପାସନା କରୁଛ ? ସେ କହିଲେ, ପୂଜ୍ୟ ରାଜନ୍ ! ମୁଁ ଆକାଶଙ୍କର ଉପାସନା କରୁଛି । ରାଜା କହିଲେ— ତୁମେ ଯାହାଙ୍କର ଉପାସନା କରୁଛ, ସେ ନିଶ୍ଚିତଭାବରେ ବହୁଳ ସଂଜ୍ଞକ ବୈଶ୍ୱାନର ଆତ୍ମା ଅଟନ୍ତି । ଏହା ଦ୍ୱାରା ତୁମେ ପ୍ରଜା ଏବଂ ଧନର ପ୍ରାଚୁର୍ଯ୍ୟ ଲାଭ କରୁଛ ॥୧॥

ଅସ୍ୟନ୍ନଂ ପଶ୍ୟସି ପ୍ରିୟମତ୍ତ୍ୟନ୍ନଂ ପଶ୍ୟତି ପ୍ରିୟଂ ଭବତ୍ୟସ୍ୟ ବ୍ରହ୍ମବର୍ଚ୍ଚସଂ କୁଳେ ଯ ଏତମେବମାତ୍ମାନଂ ବୈଶ୍ୱାନରମୁପାସ୍ତେ ସଂଦେହସ୍ତ୍ୱେଷ ଆତ୍ମନ ଇତି ହୋବାଚ ସଂଦେହସ୍ତେ ବ୍ୟଶୀର୍ଯ୍ୟଦ୍ୟନ୍ମାଂ ନାଗମିଷ୍ୟ ଇତି ॥୨॥

ଅନ୍ନ ଭକ୍ଷଣକରି ପ୍ରିୟଜନଙ୍କ ମଧ୍ୟରେ ନିବାସ କରୁଛ । ଯିଏ ଏହିଭଳି ବୈଶ୍ୱାନର ଆତ୍ମାଙ୍କର ଉପାସନା କରି ଜାଣନ୍ତି, ସେ ବହୁ ଅନ୍ନ ଲାଭକରି ତଥା ପ୍ରିୟଦର୍ଶନକାରୀ ହୋଇ ନିଜ କୁଳରେ ବ୍ରହ୍ମତେଜ ଉତ୍ପନ୍ନ କରାଇପାରନ୍ତି । କିନ୍ତୁ ଏହା ଆତ୍ମାର ସନ୍ଦେହ(ଶରୀର ମଧ୍ୟଭାଗ) ଅଟେ । ରାଜା ଏଭଳି କହି ସୂଚାଇ ଦେଲେ କି, ଯଦି ତୁମେ ମୋ'ପାଖକୁ ଆସିନଥାନ୍ତ, ତେବେ ତୁମ ଶରୀରର ମଧ୍ୟଭାଗ(ସନ୍ଦେହ) ନଷ୍ଟ ହୋଇଥାଆନ୍ତା ।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ପଞ୍ଚଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ॥୧୫॥

(ପଞ୍ଚମ ଅଧ୍ୟାୟ-ଷୋଡ଼ଶ ଖଣ୍ଡ)

୧୬.ଅଶ୍ୱପତି ଏବଂ ବୁଡ଼ିଲ ସମ୍ବାଦ

ଅଥ ହୋବାଚ ବୁଡିଲମାଶ୍ୱତରାଶ୍ୱିଂ ବୈୟାଘ୍ରପଦ୍ୟ କଂ ତ୍ୱମାତ୍ମାନମୁପାସ୍ସ ଇତ୍ୟପ ଏବ ଭଗବୋ ରାଜନ୍ନିତି ହୋବାଚୈଷ ବୈ ରୟିରାତ୍ମା ବୈଶ୍ୱାନରୋ ଯଂ ତ୍ୱମାତ୍ମାନମୁପାସ୍ସେ ତସ୍ମାତ୍ତ୍ୱଁ, ରୟିମାନ୍‌ପୁଷ୍ଟିମାନସି ॥୧॥

ଅସ୍ୟନ୍ନଂ ପଶ୍ୟସି ପ୍ରିୟମତ୍ତ୍ୟନ୍ନଂ ପଶ୍ୟସି ପ୍ରିୟଂଭବତ୍ୟସ୍ୟ

ବ୍ରହ୍ମବର୍ଚସଂ କୁଳେ ଯ ଏତମେବମାତ୍ମାନଂ ବୈଶ୍ୱାନରମୁପାସ୍ତେ ବସ୍ତିସ୍ତ୍ୱେଷ ଆତ୍ମନ ଇତି ହୋବାଚ ବସ୍ତିସ୍ତେ ବ୍ୟଭେତ୍ସ୍ୟଦ୍ୟନ୍ମାଂ ନାଗମିଷ୍ୟ ଇତି ।।୨।।

ପୁଣି ସେ ଅଶ୍ୱତରାଶ୍ୱଙ୍କ ପୁତ୍ର ବୁଡ଼ିଲଙ୍କୁ କହିଲେ—'ହେ ବୈୟାଘ୍ରପଦ୍ୟ ! ତୁମେ କେଉଁ ଆତ୍ମାଙ୍କର ଉପାସନା କରୁଛ ?' ସେ ଉତ୍ତରଦେଇ କହିଲେ, 'ପୂଜ୍ୟ ରାଜନ୍ ! ମୁଁ ଜଳଙ୍କର ଉପାସନା କରୁଛି ।' (ରାଜା କହିଲେ—) ଯାହାଙ୍କର ତୁମେ ଉପାସନା କରୁଛ, ସେ ନିଶ୍ଚିତ ଭାବରେ ରୟି ସଂଜ୍ଞକ ବୈଶ୍ୱାନର ଆତ୍ମା ଅଟନ୍ତି । ଏହାଦ୍ୱାରା ତୁମେ ରୟିମାନ୍ ବା ଧନବାନ୍ ଏବଂ ପୁଷ୍ଟିମାନ୍ ହୋଇପାରିବ ।।୧।।

ତୁମେ ଅନ୍ନଭକ୍ଷଣ କରୁଛ ଏବଂ ପ୍ରିୟଦର୍ଶନ ମଧ କରୁଛ । ଯେଉଁ ପୁରୁଷ ଏହି ବୈଶ୍ୱାନର ଆତ୍ମାଙ୍କର ଏତାଦୃଶ ଉପାସନା କରନ୍ତି, ସେ ଅନ୍ନ ଭକ୍ଷଣକାରୀ ହୋଇ ପ୍ରିୟଦର୍ଶନ କରିବାକୁ ସକ୍ଷମ ହୁଅନ୍ତି । ତାଙ୍କ କୁଳରେ ବ୍ରହ୍ମତେଜ ଉତ୍ପନ୍ନ ହୁଅନ୍ତି କିନ୍ତୁ ଏହା ଆତ୍ମାଙ୍କର ବସ୍ତି ଅଟେ । ରାଜା ଏଭଳି କହି ପୁନଃ ସଙ୍କେତ ଦେଲେ କି, ଯଦି ତୁମେ ମୋ' ପାଖକୁ ନ ଆସିଥାନ୍ତ, ତେବେ ତୁମେ ଶାରୀରିକ କ୍ଳେଶ ତଥା ଦାରିଦ୍ର୍ୟତା ଭୋଗ କରିଥାନ୍ତ, ବସ୍ତିସ୍ଥାନ ଫାଟିଯାଇଥାଆନ୍ତା ।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଷୋଡ଼ଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୬।।

(ପଞ୍ଚମ ଅଧ୍ୟାୟ-ସପ୍ତଦଶ ଖଣ୍ଡ)

୧୭.ଅଶ୍ୱପତି ଏବଂ ଉଦ୍ଦାଳକ ସମ୍ବାଦ

ଅଥ ହୋବାଚୋଦ୍ଦାଳକମାରୁଣିଂ ଗୌତମ କଂ ତ୍ୱମାତ୍ମାନମୁପାସ୍ସ ଇତି ପୃଥିବୀମେବ ଭଗବୋ ରାଜନ୍ନିତି ହୋବାଚୈଷ ବୈ ପ୍ରତିଷ୍ଠାତ୍ମା ବୈଶ୍ୱାନରୋ ଯଂ ତ୍ୱମାତ୍ମାନମୁପାସ୍ସେ ତସ୍ମାତ୍ତ୍ୱଂ ପ୍ରତିଷ୍ଠିତୋଽସି ପ୍ରଜୟା ଚ ପଶୁଭିଶ୍ଚ ।।୧।।

ଅତ୍ସ୍ୟନ୍ନଂ ପଶ୍ୟସି ପ୍ରିୟମତ୍ତ୍ୟନ୍ନଂ ପଶ୍ୟତି ପ୍ରିୟଂ ଭବତ୍ୟସ୍ୟ ବ୍ରହ୍ମବର୍ଚସଂ କୁଳେ ଯ ଏତମେବମାତ୍ମାନଂ ବୈଶ୍ୱାନରମୁପାସ୍ତେ ପାଦୌ ତ୍ୱେତାବାତ୍ମନ ଇତି ହୋବାଚ ପାଦୌ ତେ ବ୍ୟମ୍ଲାସ୍ୟେତାଂ ଯନ୍ମାଂ ନାଗମିଷ୍ୟ ଇତି ।।୨।।

ତଦନନ୍ତର ରାଜା ଅରୁଣଙ୍କ ପୁତ୍ର ଉଦ୍ଦାଳକଙ୍କୁ କହିଲେ, 'ହେ ଗୌତମ ! ତୁମେ କେଉଁ ଆତ୍ମାଙ୍କର ଉପାସନା କରୁଛ ?' ସେ ଉତ୍ତର ଦେଲେ, 'ପୂଜ୍ୟ ରାଜନ୍ ! ମୁଁ

ପୃଥ୍‌ବୀଙ୍କର ଉପାସନା କରୁଛି ।' ରାଜା କହିଲେ— ଯାହାଙ୍କର ତୁମେ ଉପାସନା କରୁଛ, ସେ ନିଶ୍ଚିତପକ୍ଷେ ପ୍ରତିଷ୍ଠା ସଂଜ୍ଞକ ବୈଶ୍ୱାନର ଆତ୍ମା ଅଟନ୍ତି । ଏହାଙ୍କ ଯୋଗୁଁ ତୁମେ ପ୍ରଜା ତଥା ପଶୁମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଛ ।।୧।।

ତୁମେ ଅନ୍ନ ଆଦି ଭକ୍ଷଣକରି ପ୍ରିୟଜନଙ୍କର ଦର୍ଶନ କରୁଛ । ଯେ କେହି ବ୍ୟକ୍ତି ବୈଶ୍ୱାନର ଆତ୍ମାଙ୍କୁ ଏହିଭଳି ଭାବେ ଉପାସନା କରନ୍ତି, ସେ ତୁମପରି ଫଳ ଲାଭ କରିଥାନ୍ତି । କୁଳରେ ବ୍ରହ୍ମତେଜ ଜାତ କରାଇଥାନ୍ତି । କିନ୍ତୁ ଏହା ଆତ୍ମାଙ୍କର ଚରଣ ଅଟେ । ଯଦି ତୁମେ ଏହା ବୁଝି ଏଠାକୁ ଆସିନଥାନ୍ତ, ତେବେ ତୁମର ଚରଣ ଶିଥିଳ ହୋଇଯାଇଥାଆନ୍ତା ।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ସପ୍ତଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।୧୭।।

(ପଞ୍ଚମ ଅଧ୍ୟାୟ-ଅଷ୍ଟାଦଶ ଖଣ୍ଡ)

୧୮.ଅଶ୍ୱପତିଙ୍କର ବୈଶ୍ୱାନର ଆତ୍ମା ସମ୍ବନ୍ଧୀ ଉପଦେଶ

ତାନ୍‌ହୋବାଚୈତେ ବୈ ଖଳୁ ଯୂୟଂ ପୃଥଗିବେମମାତ୍ମାନଂ ବୈଶ୍ୱାନରଂ ବିଦ୍ୱାଁ୍‌ସୋଽନ୍ନମତ୍ଥ ଯସ୍ତ୍ୱେତମେବଂ ପ୍ରାଦେଶମାତ୍ରମଭିବିମାନମାତ୍ମାନଂ ବୈଶ୍ୱାନରମୁପାସ୍ତେ ସ ସର୍ବେଷୁ ଲୋକେଷୁ ସର୍ବେଷୁ ଭୂତେଷୁ ସର୍ବେଷ୍ୱାତ୍ମସ୍ୱନ୍ନମତ୍ତି ।।୧।। ତସ୍ୟ ହ ବା ଏତସ୍ୟାତ୍ମନୋ ବୈଶ୍ୱାନରସ୍ୟ ମୂର୍ଦ୍ଧୈବ ସୁତେଜାଶ୍ଚକ୍ଷୁର୍ବିଶ୍ୱରୂପଃ ପ୍ରାଣଃ ପୃଥଗ୍‌ବର୍ତ୍ମାତ୍ମା ସଂଦେହୋ ବହୁଳୋ ବସ୍ତିରେବ ରୟିଃ ପୃଥିବ୍ୟେବ ପାଦାବୁର ଏବ ବେଦିର୍ଲୋମାନି ବର୍ହି ର୍ହୃଦୟଂ ଗାର୍ହପତ୍ୟୋ ମନୋଽନ୍ୱାହାର୍ୟପଚନ ଆସ୍ୟମାହବନୀୟଃ ।।୨।।

ରାଜା ତାଙ୍କୁ କହିଲେ— 'ତୁମେମାନେ ସମସ୍ତେ ଏହି ବୈଶ୍ୱାନର ଆତ୍ମାଙ୍କୁ ଭିନ୍ନ ବୋଲି ଜାଣି ଅନ୍ନ ଭକ୍ଷଣ କରୁଛ । ଯେ କେହି 'ଏହା ମୁଁ ଅଟେ' ବୋଲି ଜାଣିପାରନ୍ତି ବା ଅଭିମାନ ପୋଷଣ କରନ୍ତି, ସେ ପ୍ରାଦେଶ ମାତ୍ର ବୈଶ୍ୱାନର ଆତ୍ମାଙ୍କର ଉପାସନା କରିଥାଆନ୍ତି । ସେ ସମଗ୍ର ଲୋକରେ, ପ୍ରାଣୀସମୂହ ମଧ୍ୟରେ ଏବଂ ସମସ୍ତ ଆତ୍ମା ଦ୍ୱାରା ଅନ୍ନ ଭକ୍ଷଣ କରିଥାନ୍ତି ।।୧।।

ଏହିଭଳି ଭାବରେ ସେ ଉକ୍ତ ବୈଶ୍ୱାନର ଆତ୍ମାଙ୍କର ମସ୍ତକ ହୋଇ ସୁତେଜା

(ଦ୍ୟୁଲୋକ) ହୁଅନ୍ତି । ପୁଣି ଚକ୍ଷୁ ବିଶ୍ୱରୂପ ବା ସୂର୍ଯ୍ୟ ହୁଏ । ପ୍ରାଣ ପୃଥଗ୍ୱାର୍ମ୍ମା ବାୟୁ ହୁଅନ୍ତି । ଦେହର ମଧ୍ୟଭାଗ ବହୁଳ ବା ଆକାଶ ହୁଅନ୍ତି । ବସ୍ତିଭାଗ ରୟି ବା ଜଳ ହୁଏ । ପୃଥିବୀ ଉଭୟ ଚରଣ ହୁଅନ୍ତି । ବକ୍ଷସ୍ଥଳ ବେଦି (ପ୍ରଶସ୍ତ) ସଦୃଶ ହୁଏ । ଲୋମ ଦର୍ଭ ହୁଏ, ହୃଦୟ ଗାର୍ହପତ୍ୟାଗ୍ନି ହୁଏ । ମନ ଅନ୍ୱାହାର୍ଯ୍ୟ ପଚନ ହୁଏ ଏବଂ ମୁଖ ଆହବନୀୟ ହୋଇଥାଏ ।।୨।।

ଇତିଚ୍ଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଅଷ୍ଟାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୮।।

(ପଞ୍ଚମ ଅଧ୍ୟାୟ-ଊନବିଂଶ ଖଣ୍ଡ)

୧୯.ପ୍ରାଣାୟ ସ୍ୱାହା ନାମକ ପ୍ରଥମାହୁତି

ତଦ୍ୟଦ୍ଭକ୍ତଂ ପ୍ରଥମମାଗଚ୍ଛେତ୍ତଦ୍ଧୋମୀୟଁସ ଯାଂ ପ୍ରଥମାମାହୁତିଂ ଜୁହୁୟାତ୍ତାଂ ଜୁହୁୟାତ୍ପ୍ରାଣାୟ ସ୍ୱାହେତି ପ୍ରାଣସ୍ତୃପ୍ୟତି ।।୧।।

ପ୍ରାଣେ ତୃପ୍ୟତି ଚକ୍ଷୁସ୍ତୃପ୍ୟତି ଚକ୍ଷୁଷି ତୃପ୍ୟତ୍ୟାଦିତ୍ୟସ୍ତୃପ୍ୟତ୍ୟାଦିତ୍ୟେ ତୃପ୍ୟତି ଦ୍ୟୌସ୍ତୃପ୍ୟତି ଦିବି ତୃପ୍ୟନ୍ତ୍ୟାଂ ଯତ୍କିଂ ଚ ଦ୍ୟୌଶ୍ଚା ଦିତ୍ୟଶ୍ଚାଧିତିଷ୍ଠତସ୍ତତୃପ୍ୟତି ତସ୍ୟାନୁ ତୃପ୍ତିଂ ତୃପ୍ୟତି ପ୍ରଜୟା ପଶୁଭିରନ୍ନାଦ୍ୟେନ ତେଜସା ବ୍ରହ୍ମବର୍ଚସେନେତି ।।୨।।

ଅତଃ ଯେଉଁ ଅନ୍ନ ପ୍ରଥମେ ଆସିବ, ତାକୁ ହବନ କରିବା ଦରକାର । ସେହି ସମୟରେ ଉକ୍ତ ଭୋକ୍ତା, ଯିଏ ପ୍ରଥମେ ଆହୁତି ଦେବେ, ସେ ତାଙ୍କୁ 'ପ୍ରାଣାୟ ସ୍ୱାହା' କହି ଆହୁତି ପ୍ରଦାନ କରିବେ । ଏହା ଦ୍ୱାରା ପ୍ରାଣ ତୃପ୍ତ ହୁଅନ୍ତି ।।୧।।

ପ୍ରାଣ ତୃପ୍ତ ହେବାରୁ ନେତ୍ରେନ୍ଦ୍ରିୟ ତୃପ୍ତିଲାଭ କରିଥାଆନ୍ତି । ନେତ୍ର ତୃପ୍ତ ହେବାରୁ ସୂର୍ଯ୍ୟ ପରିତୃପ୍ତ ହୋଇଥାଆନ୍ତି । ସୂର୍ଯ୍ୟଙ୍କ ଯୋଗୁଁ ଦ୍ୟୁଲୋକ ମଧ୍ୟ ତୃପ୍ତ ହୁଏ । ପରିଣତିରେ ଦ୍ୟୁଲୋକ ଏବଂ ଆଦିତ୍ୟ ଅଧିଷ୍ଠିତ ହୋଇ ଉକ୍ତ ବ୍ୟକ୍ତି ତୃପ୍ତି ତଥା ପରମ ତୃପ୍ତି ଲାଭ କରିଥାଏ । ସ୍ୱୟଂ ଭୋକ୍ତା ପ୍ରଜା, ପଶୁ, ଅନ୍ନାଦ୍ୟ, ତେଜ ଏବଂ ବ୍ରହ୍ମତେଜ ଦ୍ୱାରା ତୃପ୍ତ ହୋଇଥାଏ ।

ଇତିଚ୍ଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଏକୋନବିଂଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୯।।

(ପଞ୍ଚମ ଅଧ୍ୟାୟ-ବିଂଶ ଖଣ୍ଡ)

୨୦.ବ୍ୟାନାୟ ସ୍ୱାହା ନାମକ ଦ୍ୱିତୀୟ ଆହୁତି

ଅଥ ଯାଂ ଦ୍ୱିତୀୟାଂ ଜୁହୁୟାତ୍ତାଂ ଜୁହୁୟାଦ୍ବ୍ୟାନାୟ ସ୍ୱାହେତି ବ୍ୟାନସ୍ତୃପ୍ୟତି ।।୧।। ବ୍ୟାନେ ତୃପ୍ୟତି ଶ୍ରୋତ୍ରଂ ତୃପ୍ୟତି ଶ୍ରୋତ୍ର ତୃପ୍ୟତି ଚନ୍ଦ୍ରମାସ୍ତୃପ୍ୟତି ଚନ୍ଦ୍ରମସି ତୃପ୍ୟତି ଦିଶସ୍ତୃପ୍ୟନ୍ତି ଦିକ୍ଷୁ ତୃପ୍ୟନ୍ତୀଷୁ ଯତ୍କିଂ ଚ ଦିଶଶ୍ଚ ଚନ୍ଦ୍ରମାଶ୍ଚାଧିତିଷ୍ଠନ୍ତି ତତ୍ତୃପ୍ୟତି ତସ୍ୟାନୁ ତୃପ୍ତିଂ ତୃପ୍ୟତି ପ୍ରଜୟା ପଶୁଭିରନ୍ନାଦ୍ୟେନ ତେଜସା ବ୍ରହ୍ମବର୍ଚସେନେତି ।।୨।।

ଏହାପରେ ଦ୍ୱିତୀୟ ଆହୁତି ଦେଲାବେଳେ 'ବ୍ୟାନାୟ ସ୍ୱାହା' କହିବା ଦରକାର । ଏହାଦ୍ୱାରା ବ୍ୟାନ ତୃପ୍ତ ହୁଅନ୍ତି ।।୧।।

ବ୍ୟାନ ତୃପ୍ତ ହେଲେ ଶ୍ରୋତ୍ରେନ୍ଦ୍ରିୟ ତୃପ୍ତି ଲାଭକରେ, ଫଳରେ ଚନ୍ଦ୍ର ତୃପ୍ତ ହୁଅନ୍ତି । ଚନ୍ଦ୍ର ତୃପ୍ତହେଲେ ଦିଗଗଣ ତୃପ୍ତ ହୁଅନ୍ତି ଏବଂ ଦିଗମାନଙ୍କ ତୃପ୍ତି ଯୋଗୁଁ ସ୍ୱାମୀଭାବରେ ପ୍ରତିଷ୍ଠିତ ହୋଇ ଉକ୍ତ ବ୍ୟକ୍ତି ପରିତୃପ୍ତି ଲାଭ କରେ । ତାଙ୍କର ତୃପ୍ତି ସଂଗଠିତ ହେବାରୁ ଭୋକ୍ତା ପ୍ରଜା, ପଶୁ, ଅନ୍ନାଦ୍ୟ, ତେଜ ଏବଂ ବ୍ରହ୍ମତେଜ ଆଦି ଲାଭ କରି ଓ ସମସ୍ତେ ତୃପ୍ତି ଲାଭକରନ୍ତି ।।୨।।

ଇତିଚ୍ଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ବିଂଶଖଣ୍ଡଃ ସମ୍ପୂର୍ଣ୍ଣଃ ।।୨୦।।

(ପଞ୍ଚମ ଅଧ୍ୟାୟ-ଏକବିଂଶ ଖଣ୍ଡ)

୨୧.ଅପାନାୟ ସ୍ୱାହା ନାମରେ ତୃତୀୟ ଆହୁତି

ଅଥ ଯାଂ ତୃତୀୟାଂ ଜୁହୁୟାତ୍ତାଂ ଜୁହୁୟାଦପାନାୟ ସ୍ୱାହେତ୍ୟପାନସ୍ତୃପ୍ୟତି ।।୧।।
ଅପାନେ ତୃପ୍ୟତି ବାକ୍ତୃପ୍ୟତି ବାଚି ତୃପ୍ୟନ୍ତ୍ୟାମଗ୍ନିସ୍ତୃପ୍ୟତ୍ୟଗ୍ନୌ ତୃପ୍ୟତି ପୃଥିବୀ ତୃପ୍ୟତି ପୃଥିବ୍ୟାଂ ତୃପ୍ୟନ୍ତ୍ୟାଂ ଯତ୍କିଂ ଚ ପୃଥିବୀ ଚାଗ୍ନିଶ୍ଚାଧିତିଷ୍ଠତସ୍ତତ୍ତୃପ୍ୟତି ତସ୍ୟାନୁ ତୃପ୍ତିଂ ତୃପ୍ୟତି ପ୍ରଜୟା ପଶୁଭିରନ୍ନାଦ୍ୟେନ ତେଜସା ବ୍ରହ୍ମବର୍ଚସେନେତି ।।୨।।

ଏହାପରେ ଯେଉଁ ତୃତୀୟ ଆହୁତି ଦିଆଯିବ, ତାହା 'ଅପାନାୟ ସ୍ୱାହା' ଉଚ୍ଚାରଣ କରି ଦେବା ଦରକାର । ଏହାଦ୍ୱାରା ଅପାନ ତୃପ୍ତ ହୁଅନ୍ତି ।।୧।।

ଅପାନ ତୃପ୍ତ ହେଲେ ବାଗିନ୍ଦ୍ରିୟ ପରିତୃପ୍ତି ଲାଭ କରନ୍ତି । ବାକ୍ ତୃପ୍ତ ହେଲେ ଅଗ୍ନି ତୃପ୍ତ ହୁଅନ୍ତି, ଅଗ୍ନିରୁ ପୃଥିବୀ ଏବଂ ପୃଥିବୀରୁ ଯାହା ଉପରେ ସେ ଅଧିଷ୍ଠିତ ହୋଇଛନ୍ତି, ସେ ତୃପ୍ତ ହୁଅନ୍ତି । ସେମାନଙ୍କ ତୃପ୍ତିରେ ଭୋକ୍ତା ପ୍ରଜା, ପଶୁ, ଅନ୍ନାଦ୍ୟ, ତେଜ ଏବଂ ବ୍ରହ୍ମତେଜ ଆଦି ଦ୍ୱାରା ତୃପ୍ତ ହୁଅନ୍ତି ।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଏକବିଂଶଖଣ୍ଡଃ ସମ୍ପୂର୍ଣ୍ଣଃ ।।୨୧।।

(ପଞ୍ଚମ ଅଧ୍ୟାୟ-ଦ୍ୱାବିଂଶ ଖଣ୍ଡ)

୨୨.ସମାନାୟ ସ୍ୱାହା ନାମରେ ଚତୁର୍ଥ ଆହୁତି

ଅଥ ଯାଂ ଚତୁର୍ଥୀଂ ଜୁହୁୟାତ୍ତାଂ ଜୁହୁୟାତ୍ସମାନାୟ ସ୍ୱାହେତି ସମାନସ୍ତୃପ୍ୟତି ।।୧।।

ସମାନେ ତୃପ୍ୟତି ମନସ୍ତୃପ୍ୟତି ମନସି ତୃପ୍ୟତି ପର୍ଜନ୍ୟସ୍ତୃପ୍ୟତି ପର୍ଜନ୍ୟେ ତୃପ୍ୟତି ବିଦ୍ୟୁତ୍ତୃପ୍ୟତି ବିଦ୍ୟୁତି ତୃପ୍ୟନ୍ତ୍ୟାଂ ଯତ୍କିଂ ଚ ବିଦ୍ୟୁଚ୍ଚ ପର୍ଜନ୍ୟଶ୍ଚାଧିତିଷ୍ଠତସ୍ତତ୍ତୃପ୍ୟତି ତସ୍ୟାନୁ ତୃପ୍ତିଂ ତୃପ୍ୟତି ପ୍ରଜୟା ପଶୁଭିରନ୍ନାଦ୍ୟେନ ତେଜସା ବ୍ରହ୍ମବର୍ଚସେନେତି ।।୨।।

ଏହାପରେ ଯେଉଁ ଚତୁର୍ଥ ଆହୁତି ଦିଆଯିବ, ତାହା 'ସମାନାୟ ସ୍ୱାହା' ଉଚ୍ଚାରଣ କରି ଦେବା ଦରକାର । ଏହାଦ୍ୱାରା ସମାନ ତୃପ୍ତ ହୁଅନ୍ତି ।।୧।।

ସମାନ ତୃପ୍ତ ହେଲେ ମନ ପରିତୃପ୍ତି ଲାଭ କରିଥାଏ । ମନ ତୃପ୍ତ ହେଲେ ପର୍ଜନ୍ୟ ତୃପ୍ତ ହୁଅନ୍ତି, ପର୍ଜନ୍ୟରୁ ବିଦ୍ୟୁତ୍ ଏବଂ ବିଦ୍ୟୁତ୍‌ରୁ ଯାହା ଉପରେ ସେ ଅଧିଷ୍ଠିତ ହୋଇଛନ୍ତି, ସେ ତୃପ୍ତ ହୁଅନ୍ତି । ସେମାନଙ୍କ ତୃପ୍ତିରେ ଭୋକ୍ତା ପ୍ରଜା, ପଶୁ, ଅନ୍ନାଦ୍ୟ, ତେଜ ଏବଂ ବ୍ରହ୍ମତେଜ ଆଦି ସମସ୍ତେ ତୃପ୍ତ ହୁଅନ୍ତି ।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଦ୍ୱାବିଂଶଖଣ୍ଡଃ ସମ୍ପୂର୍ଣ୍ଣଃ ।।୨୨।।

(ପଞ୍ଚମ ଅଧ୍ୟାୟ-ତ୍ରୟବିଂଶ ଖଣ୍ଡ)

୨୩.ଉଦାନାୟ ସ୍ୱାହା ନାମରେ ପଞ୍ଚମ ଆହୁତି

ଅଥ ଯାଂ ପଞ୍ଚମୀଂ ଜୁହୁୟାତ୍ତାଂ ଜୁହୁୟାଦୁଦାନାୟ ସ୍ୱାହେତ୍ୟୁଦାନସ୍ତୃପ୍ୟତି ।।୧।।
ଉଦାନେ ତୃପ୍ୟତି ତ୍ୱକ୍ତୃପ୍ୟତି ତ୍ୱଚି ତୃପ୍ୟନ୍ତ୍ୟାଂ ବାୟୁସ୍ତୃପ୍ୟତି ବାୟୌ ତୃପ୍ୟତ୍ୟାକାଶସ୍ତୃପ୍ୟତ୍ୟାକାଶେ ତୃପ୍ୟତି ଯତ୍କିଂ ଚ ବାୟୁଶ୍ଚାକାଶଶ୍ଚାଧିତିଷ୍ଠତସ୍ତତ୍ତୃପ୍ୟତି ତସ୍ୟାନୁ ତୃପ୍ତିଂ ତୃପ୍ୟତି ପ୍ରଜୟା ପଶୁଭିରନ୍ନାଦ୍ୟେନ ତେଜସା ବ୍ରହ୍ମବର୍ଚସେନେତି ।।୨।।

ଏହାପରେ ଯେଉଁ ପଞ୍ଚମ ଆହୁତି ଦିଆଯିବ, ତାହା 'ଉଦାନାୟ ସ୍ୱାହା' ଉଚ୍ଚାରଣ କରି ଦେବା ଦରକାର । ଏହାଦ୍ୱାରା ଉଦାନ ତୃପ୍ତ ହୁଅନ୍ତି ।।୧।।

ଉଦାନ ତୃପ୍ତ ହେଲେ ତ୍ୱଚା ପରିତୃପ୍ତି ଲାଭ କରନ୍ତି । ତ୍ୱଚା ତୃପ୍ତ ହେଲେ ବାୟୁ ତୃପ୍ତ ହୁଏ, ବାୟୁରୁ ଆକାଶ ଏବଂ ଆକାଶରୁ ଯାହା ଉପରେ ସେହି ବାୟୁ ଅଧିଷ୍ଠିତ ହୋଇଛନ୍ତି, ସେ ତୃପ୍ତ ହୁଅନ୍ତି । ସେମାନେ ତୃପ୍ତିଲାଭ କଲେ ଭୋକ୍ତା ପ୍ରଜା, ପଶୁ, ଅନ୍ନାଦ୍ୟ, ତେଜ ଏବଂ ବ୍ରହ୍ମତେଜ ଆଦି ଦ୍ୱାରା ତୃପ୍ତ ହୋଇଥାନ୍ତି ।

ଇତିଚ୍ଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ତ୍ରୟୋବିଂଶଖଣ୍ଡଃ ସମ୍ପୂର୍ଣ୍ଣଃ ।।୨୩।।

(ପଞ୍ଚମ ଅଧ୍ୟାୟ-ଚତୁର୍ବିଂଶ ଖଣ୍ଡ)

୨୪. ଭୋଜନର ଅଗ୍ନିହୋତ୍ରତ୍ୱ ସିଦ୍ଧି ପାଇଁ ବିଶେଷ ହବନ ଓ ତାର ଫଳ

ସ ଯ ଇଦମବିଦ୍ୱାନଗ୍ନିହୋତ୍ରଂ ଜୁହୋତି ଯଥାଙ୍ଗାରାନପୋହ୍ୟ ଭସ୍ମନି ଜୁହୁୟାତ୍ତାଦୃକ୍ତତ୍ସ୍ୟାତ୍ ।।୧।।
ଅଥ ଯ ଏତଦେବଂ ବିଦ୍ୱାନଗ୍ନିହୋତ୍ରଂ ଜୁହୋତି ତସ୍ୟ ସର୍ବେଷୁ ଲୋକେଷୁ ସର୍ବେଷୁ ଭୂତେଷୁ ସର୍ବେଷ୍ୱାତ୍ମସୁ ହୁତଂ ଭବତି ।।୨।।

ସେ ଯିଏ ଏହି ବୈଶ୍ୱାନର ବିଦ୍ୟାକୁ ନ ଜାଣି ହବନ କରିଥାନ୍ତି, ତାଙ୍କର ହବନ ଅଙ୍ଗାର ଦୂରେଇ ଦେଇ (ଅଗ୍ନିଦ୍ୱରିହାରଚ଼ରି)ପାଉଁଶକୁ ଅଗ୍ନିସଂଯୋଗ କଲାଭଳି ହୋଇଥାଏ ।।୧।।

କାହିଁକି ନାଁ ଏହି ବୈଶ୍ୱାନରଙ୍କୁ ଜାଣିବାଭଳି ବ୍ୟକ୍ତି ହିଁ କେବଳ ଅଗ୍ନିହୋତ୍ରକାରୀ ଅଟନ୍ତି । ତାଙ୍କର ସମସ୍ତ ଲୋକ, ସମଗ୍ର ଭୂତ ଏବଂ ସମ୍ପୂର୍ଣ୍ଣ ଆତ୍ମାରେ ହବନ ପ୍ରତିଫଳିତ ହୋଇଥାଏ ।।୨।।

ତଦ୍ୟଥେଷୀକାତୂଳମଗ୍ନୌ ପ୍ରୋତଂ ପ୍ରଦୂୟେତୈବଁହାସ୍ୟ ସର୍ବେ ପାପ୍ମାନଃ ପ୍ରଦୂୟନ୍ତେ ଯ ଏତଦେବଂ ବିଦ୍ୱାନଗ୍ନିହୋତ୍ରଂ ଜୁହୋତି ।।୩।।

ତସ୍ମାଦୁ ହୈବଂବିଦ୍ୟଦ୍ୟପି ଚଣ୍ଡାଳାୟୋଚ୍ଛିଷ୍ଟଂ ପ୍ରଯଚ୍ଛେଦାତ୍ମନି ହୈବାସ୍ୟ ତଦ୍ୱୈଶ୍ୱାନରେ ହୁତଁସ୍ୟାଦିତି ତଦେଷ ଶ୍ଳୋକଃ ।।୪।।

ଯଥେହ କ୍ଷୁଧିତା ବାଳା ମାତରଂ ପର୍ଯ୍ୟୁପାସତ ଏବଁସର୍ବାଣି ଭୂତାନ୍ୟଗ୍ନିହୋତ୍ରମୁପାସତ ଇତ୍ୟଗ୍ନିହୋତ୍ରମୁପାସତ ଇତି ।।୫।।

ସେ ସମ୍ପର୍କରେ ଗୋଟିଏ ଦୃଷ୍ଟାନ୍ତ ରହିଛି, ଯେଉଁଭଳି କୁଶର ଅଗ୍ରଭାଗକୁ ଅଗ୍ନିରେ ସଂଯୋଗକଲେ ତତ୍କାଳ ସମ୍ପୂର୍ଣ୍ଣ ଭସ୍ମୀସାତ୍ ହୁଏ, ସେହିଭଳି ସର୍ବଜ୍ଞ ହୋଇ ଅଗ୍ନିହୋତ୍ର ହୋଇପାରିଲେ ତାଙ୍କର ସମସ୍ତ ପାପ ଭସ୍ମ ହୋଇଥାଏ ।।୩।।

ଅତଃ ସେ ଏହିଭଳି ଜ୍ଞାତା ହୋଇ ଯଦି ଚଣ୍ଡାଳ ଉଚ୍ଛିଷ୍ଟ ବି ସେବନ କରନ୍ତି, ତେବେ ତାଙ୍କର ଅନ୍ନ ବୈଶ୍ୱାନର ଆତ୍ମାରେ ପ୍ରବେଶକରେ । ଏହି ବିଷୟରେ ଉକ୍ତ ମନ୍ତ୍ର ବର୍ଣ୍ଣିତ ହୋଇଅଛି ।।୪।।

ଯେଉଁଭଳି ଏହି ଲୋକରେ କ୍ଷୁଧାର୍ତ୍ତ ବାଳକ ସମସ୍ତ ପ୍ରକାର ମାତାଙ୍କର ଉପାସନା କରିଥାଏ, ସେହିଭଳି ସମ୍ପୂର୍ଣ୍ଣ ପ୍ରାଣୀ ଏହି ଜ୍ଞାନୀଙ୍କର ଭୋଜନରୂପ ଅଗ୍ନିହୋତ୍ରଙ୍କୁ ଉପାସନା କରିଥାଏ, ଅଗ୍ନିହୋତ୍ର ଅଧିକାରୀଙ୍କର ଉପାସନା କରିଥାଏ ।।୫।।

ଇତିଛାନ୍ଦୋଗ୍ୟୋପନିଷଦି ପଞ୍ଚମାଧ୍ୟାୟେ ଚତୁର୍ବିଂଶଖଣ୍ଡଃ ସମ୍ପୂର୍ଣ୍ଣମ୍ ।।୨୪।।

ପଞ୍ଚମୋଽଧ୍ୟାୟଃ ସମାପ୍ତଃ ।।୫।।

ଷଷ୍ଠୋଽଧ୍ୟାୟଃ

ଜଗତ୍ ଏବଂ ତାହାର ଉତ୍ପତ୍ତି

(ଷଷ୍ଠ ଅଧ୍ୟାୟ-ପ୍ରଥମ ଖଣ୍ଡ)

୧.ଆରୁଣୀ-ଶ୍ୱେତକେତୁ ପ୍ରଶ୍ନୋତ୍ତର

ଶ୍ୱେତକେତୁର୍ହାରୁଣେୟ ଆସ ତଁ୍ହ ପିତୋବାଚ ଶ୍ୱେତକେତୋ ବସ ବ୍ରହ୍ମଚର୍ଯ୍ୟମ୍ । ନ ବୈ ସୋମ୍ୟାସ୍ମତ୍କୁଲୀନୋଽନନୂଚ୍ୟ ବ୍ରହ୍ମବନ୍ଧୁରିବ ଭବତୀତି ।।୧।।

ଆରୁଣୀ ନିଜର ପୁତ୍ର ଶ୍ୱେତକେତୁଙ୍କୁ ପଚାରିଲେ— ତୁମେ ବ୍ରହ୍ମଚର୍ଯ୍ୟ ବାସ କର, କାହିଁକି ନାଁ ହେ ସୌମ୍ୟ ! ଆମ୍ଭକୁଳରେ ଜାତ ହୋଇଥିବା କେହିହେଲେ ଅଧ୍ୟୟନ ନ କରି ବ୍ରହ୍ମବନ୍ଧୁ ଅର୍ଥାତ୍ ବ୍ରାହ୍ମଣମାନଙ୍କର ଅତି ପ୍ରିୟ ହୋଇପାରି ନାହାଁନ୍ତି ।୧।।

ସ ହ ଦ୍ୱାଦଶବର୍ଷ ଉପେତ୍ୟ ଚତୁର୍ବିଁଶତିବର୍ଷଃ ସର୍ବାନ୍ ବେଦାନଧୀତ୍ୟ ମହାମନା ଅନୂଚାନମାନୀ ସ୍ତବ୍ଧ ଏଯାୟ । ତଁ୍ହ ପିତୋବାଚ ଶ୍ୱେତକେତୋ ଯନ୍ନୁ ସୋମ୍ୟେଦଂ ମହାମନା ଅନୂଚାନମାନୀ ସ୍ତବ୍ଧୋଽସ୍ୟୁତ ତମାଦେଶମପ୍ରାକ୍ଷ୍ୟଃ ।।୨।।

ଯେନାଶ୍ରୁତଁ୍ଶ୍ରୁତଂ ଭବତ୍ୟମତଂ ମତମବିଜ୍ଞାତଂ ବିଜ୍ଞାତମିତି । କଥଂ ନୁ ଭଗବଃ ସ ଆଦେଶୋ ଭବତୀତି ।।୩।।

ଏହାଶୁଣି ଶ୍ୱେତକେତୁ ଦ୍ୱାଦଶବର୍ଷ ବୟସରେ ଉପନୟନ ପରେ ମଧ୍ୟ ପୁନର୍ବାର ଚବିଶିବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ବେଦ ଅଧ୍ୟୟନକରି ନିଜକୁ ଅତ୍ୟନ୍ତ ବୁଦ୍ଧିମାନ୍ ମଣି ଅନମ୍ର (ଉଦଣ୍ଡ) ଭାବରେ ଗୃହ ପ୍ରତ୍ୟାବର୍ତ୍ତନ କଲେ । ତାହାଙ୍କୁ ଦେଖି ପିତୃଦେବ ପ୍ରଶ୍ନକଲେ— ହେ ସୌମ୍ୟ ! ତୁମେ ଏଭଳି ଯେଉଁ ମହାମନତା ତଥା ପାଣ୍ଡିତ୍ୟର ଅଭିମାନ ସହିତ ଅବିନୀତ ଭାବରେ ବିଚରଣ କରୁଛ, ତୁମକୁ କ'ଣ ପଚରାଯାଇଛି ? ।।୨।।

ତୁମକୁ କି ପ୍ରକାର ଶିକ୍ଷା ଦିଆଯାଇଛି ତାହା ଜାଣିବାପାଇଁ ପିତୃଦେବ ପଚାରୁଛନ୍ତି—

ଯାହାଙ୍କ ଦ୍ୱାରା ଅଶ୍ରୁତ ଶ୍ରୁତ ହୋଇଯାଏ, ଅମତ-ମତ ହୋଇଯାଏ କିମ୍ବା ଅବିଜ୍ଞାତ ବିଶେଷ ରୂପେ ଜ୍ଞାତ ହୋଇଯାଏ । ସେ କିଏ ? ଏହାର ଅର୍ଥ ଯାହାକୁ ଜାଣିଲା ପରେ ବ୍ୟକ୍ତିଠାରେ କୌଣସି ପ୍ରକାର ଅବଗୁଣ ଦୃଷ୍ଟ ହୁଏନାହିଁ, ତାହା କ'ଣ ତୁମକୁ ଶିଖାଯାଇନାହିଁ ? ଏହାଶୁଣି ଶ୍ୱେତକେତୁ ପଚାରିଲେ, ହେ ଭଗବାନ୍ ! ତାହା କି ପ୍ରକାର ଆଦେଶ ?।।୩।।

ଯଥା ସୋମ୍ୟୈକେନ ମୃତ୍ପିଣ୍ଡେନ ସର୍ବଂ ମୃନ୍ମୟଂ ବିଜ୍ଞାତଁସ୍ୟାଦ୍ୱାଚାରମ୍ଭଣଂ ବିକାରୋ ନାମଧେୟଂ ମୃତ୍ତିକେତ୍ୟେବ ସତ୍ୟମ୍ ।।୪।।

ଯଥା ସୋମ୍ୟୈକେନ ଲୋହମଣିନା ସର୍ବଂ ଲୋହମୟଂ ବିଜ୍ଞାତଁସ୍ୟାଦ୍ୱାଚାରମ୍ଭଣଂ ବିକାରୋ ନାମଧେୟଂ ଲୋହମିତ୍ୟେବ ସତ୍ୟମ୍ ।।୫।।

ଯଥା ସୋମ୍ୟୈକେନ ନଖନିକୃନ୍ତନେନ ସର୍ବଂ କାର୍ଷ୍ଣାୟସଂ ବିଜ୍ଞାତଁସ୍ୟାଦ୍ୱାଚାରମ୍ଭଣଂ ବିକାରୋ ନାମଧେୟଂ କୃଷ୍ଣାୟସମିତ୍ୟେବ ସତ୍ୟମେବଁସୋମ୍ୟ ସ ଆଦେଶୋ ଭବତୀତି ।।୬।।

ପିତୃଦେବ ଉତ୍ତରଦେଲେ, ହେ ସୌମ୍ୟ (ପୁତ୍ର), ଯେଉଁଭଳି ଏକ ମୃତ୍ତିକା ପିଣ୍ଡରୁ ସମ୍ପୂର୍ଣ୍ଣ ମୃଣ୍ମୟ ପଦାର୍ଥର ଜ୍ଞାନ ହୋଇଯାଏ ଆଉ ବିକାର କେବଳ ବାଣୀର ଆଶ୍ରୟଭୂତ ନାମମାତ୍ର ହୋଇରହିଯାଏ , ସେଠାରେ ସତ୍ୟ ତ କେବଳ ମୃତ୍ତିକା ହିଁ ଅଟେ ।।୪।।

ହେ ସୌମ୍ୟ ! ଯେଉଁଭଳି ଗୋଟିଏ ଲୋହମଣିର ଜ୍ଞାନ ହୋଇଗଲେ ସମ୍ପୂର୍ଣ୍ଣ ଲୋହମୟ ବା ସୁବର୍ଣ୍ଣମୟ ପଦାର୍ଥ ଜ୍ଞାନ ହୋଇଯାଏ, କାହିଁକି ନାଁ ବିକାର କେବଳ ବାଣୀ ଅବଲମ୍ବିତ ନାମମାତ୍ର ଅଟେ, ସତ୍ୟ କେବଳ ସୁବର୍ଣ୍ଣ ହିଁ ହୋଇଥାଏ ।।୫।।

ହେ ସୌମ୍ୟ ! ଯେଉଁଭଳି ଗୋଟିଏ ନଖକୃନ୍ତନ ସମ୍ପର୍କିତ ଜ୍ଞାନ ହୋଇଗଲେ ସମ୍ପୂର୍ଣ୍ଣ ଲୌହଜ୍ଞାନ ହୋଇଯାଏ, ତହିଁରେ ବାଣୀ କେବଳ ଅବଲମ୍ବିତ ହୋଇ ସତ୍ୟ ଲୁହା ହୋଇଯାଇଥାଏ, ଠିକ୍ ସେହିଭଳି ପ୍ରତ୍ୟେକଟିର ଆଦେଶ ଓ ଆଦର୍ଶ ପ୍ରତିଫଳିତ ହୁଏ ।।୬।।

ନ ବୈ ନୂନଂ ଭଗବନ୍ତସ୍ତ ଏତଦବେଦିଷୁର୍ଯଦ୍ଧ୍ୟେତଦବେଦିଷ୍ୟନ୍ କଥଂ ମେ ନାବକ୍ଷ୍ୟନ୍ନିତି ଭଗବାଁସ୍ତ୍ୱେବ ମେ ତଦ୍ବ୍ରବୀତ୍ୱିତି ତଥା

ସୋମ୍ୟେତି ହୋବାଚ ॥୭॥

ଶ୍ୱେତକେତୁ କହିଲେ— ନିଶ୍ଚିତଭାବରେ ଏହି ସମ୍ପର୍କିତ ଜ୍ଞାନ ଆମ୍ଭ ଗୁରୁଦେବଙ୍କର ହୋଇନାହିଁ । ଯଦି ସେ ଜାଣିଥାନ୍ତେ, ତାହେଲେ ମୋତେ କହିନଥାନ୍ତେ କାହିଁକି ? ଏବେ ଆପଣ ମୋତେ ସେ ସମ୍ପର୍କରେ ଜ୍ଞାନ ଦିଅନ୍ତୁ । ଏହାଶୁଣି ପିତୃଦେବ କହିଲେ— ଆଚ୍ଛା ! ତେବେ କହୁଛି, ଶୁଣ ॥୭॥

ଇତିଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ପ୍ରଥମଖଣ୍ଡଂ ସମ୍ପୂର୍ଣ୍ଣମ୍ ॥୧॥

(ଷଷ୍ଠ ଅଧ୍ୟାୟ-ଦ୍ୱିତୀୟ ଖଣ୍ଡ)

୨.ସତ୍ ରୂପ ପରମାତ୍ମାଙ୍କଠାରୁ ଜଗତର ଉତ୍ପତ୍ତି

ସଦେବ ସୋମ୍ୟେଦମଗ୍ର ଆସୀଦେକମେବାଦ୍ୱିତୀୟମ୍ । ତଦ୍ଧୈକ ଆହୁରସଦେବେଦମଗ୍ର ଆସୀଦେକମେବାଦ୍ୱିତୀୟଂ ତସ୍ମାଦସତଃ ସଜ୍ଜାୟତ ॥୧॥

କୁତସ୍ତୁ ଖଳୁ ସୋମ୍ୟୈବଁସ୍ୟାଦିତି ହୋବାଚ କଥମସତଃ ସଜ୍ଜାୟେତେତି । ସତ୍ତ୍ୱେବ ସୋମ୍ୟେଦମଗ୍ର ଆସୀଦେକମେବାଦ୍ୱିତୀୟମ୍ ॥୨॥

ହେ ସୌମ୍ୟ ! ଜାଣିରଖ, ପ୍ରାରମ୍ଭରୁ ଏକମାତ୍ର ଅଦ୍ୱିତୀୟ ସତ୍ ହିଁ ବିଦ୍ୟମାନ ଥିଲା । ଏହାଙ୍କ ସମ୍ପର୍କରେ କେହି କେହି କହନ୍ତି, ପ୍ରାରମ୍ଭରେ ସେହି ଏକମାତ୍ର ଅଦ୍ୱିତୀୟ ଅସତ୍ ପଦାର୍ଥ ରହିଥିଲା । ଏହି ଅସତ୍‌ରୁ ସତ୍‌ର ଉତ୍ପତ୍ତି ହେଲା॥୧॥

କିନ୍ତୁ ଏଭଳି କିପରି ସମ୍ଭବ, ଅସତ୍‌ରୁ ସତ୍ ଉତ୍ପନ୍ନ କିଭଳି ହେବ ? ଏଣୁ ଜାଣିରଖ, ଆରମ୍ଭରୁ ସେହି ଅଦ୍ୱିତୀୟ ଏକମାତ୍ର ସତ୍ ହିଁ ଥିଲା ॥୨॥

ତଦୈକ୍ଷତ ବହୁ ସ୍ୟାଂ ପ୍ରଜାୟେୟେତି ତତ୍ତେଜୋଽସୃଜତ । ତତ୍ତେଜ ଏକ୍ଷତ ବହୁ ସ୍ୟାଂ ପ୍ରଜାୟେୟେତି ତଦ୍‌ପୋଽସୃଜତ । ତସ୍ମାଦ୍ୟତ୍ର କ୍ୱ ଚ ଶୋଚତି ସ୍ୱେଦତେ ବା ପୁରୁଷସ୍ତେଜସ ଏବ ତଦଧ୍ୟାପୋ ଜାୟନ୍ତେ ॥୩॥

ସେହି ସତ୍ ଈକ୍ଷଣ କରି ମୁଁ ଅନେକ ହୋଇଯିବି ବୋଲି ମନେମନେ ଚିନ୍ତାକଲେ

ଅର୍ଥାତ୍ ମୁଁ ଅନେକପ୍ରକାରେ ଉନ ହେବି ଏହି ଜ୍ଞାନ କଲେ । ଫଳରେ ତାଙ୍କଠାରେ ତେଜ ଉତ୍ପନ୍ନ ହେଲା । ସେହି ତେଜ ଈକ୍ଷଣକରି ମୁଁ ବହୁତ ହେବି, ଅନେକ ପ୍ରକାରେ ଉତ୍ପନ୍ନ ହେବି— ଏଭଳି ଚିନ୍ତନ କଲେ । ଏହିଭଳି ଈକ୍ଷଣରୁ ଜଳ ରଚିତ ହେଲା ।।୩।।

ତା ଆପ ଐକ୍ଷନ୍ତ ବହ୍ୱ୍ୟଃ ସ୍ୟାମ ପ୍ରଜାୟେମହୀତି ତା ଅନ୍ନମସୃଜନ୍ତ । ତସ୍ମାଦ୍ୟତ୍ର କ୍ୱ ଚ ବର୍ଷତି ତଦେବ ଭୂୟିଷ୍ଠମନ୍ନଂ ଭବତ୍ୟଦ୍ଭ୍ୟ ଏବ ତଦଧ୍ୟନ୍ନାଦ୍ୟଂ ଜାୟତେ ।।୪।।

ସେହିଜଳ ଈକ୍ଷଣକରି ବହୁତ ହେବାର ମାନସିକତା ରଖିଲେ । ସେହି ଜଳ ଈକ୍ଷଣ କରିବାରୁ ଅନେକରୂପରେ ଉତ୍ପନ୍ନ ହେବାର ମାନସିକତା ଜାତ ହେଲା ଫଳରେ ତହିଁରୁ ଅନ୍ନ ରଚିତ ହେଲା, ତେଣୁ ଯେତେବେଳେ ବର୍ଷାହୁଏ, ସେତେବେଳେ ଅନେକଗୁଡ଼ିଏ ଅନ୍ନ ଉତ୍ପନ୍ନ ହୁଅନ୍ତି । ଉକ୍ତ ଅନ୍ନାଦ୍ୟ ଜଳରୁ ହିଁ ଉତ୍ପନ୍ନ ହୋଇଥାନ୍ତି ।।୪।।[୧]

ଇତିଚ୍ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ଦ୍ୱିତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨।।

---

୧ ବ୍ୟକ୍ତି ଯେତେବେଳେ ଶୋକସନ୍ତାପ କରେ, ସେତେବେଳେ ତା' ଶରୀରରୁ ଜଳ ନିର୍ଗତ ହୁଏ, ଏପରିକି ଶାରୀରିକ ଶ୍ରମକାଳରେ ମଧ୍ୟ ସ୍ୱେଦ ଭାବେ ଉକ୍ତ ଜଳ ନିର୍ଗତ ହୋଇଥାଏ । ଅର୍ଥାତ୍ ତେଜରୁ ଜଳର ଉତ୍ପତ୍ତି ହୋଇଛି । ଅଧୁନା ସେହି ଜଳ ଈକ୍ଷଣକରି ଅନେକ ହେବାର ଚିନ୍ତନ କରିବା ଦ୍ୱାରା ଅନ୍ନର ରଚନା ହେଲା । ତେଣୁ ଯେତେବେଳେ ଜଳରୂପୀ ବୃଷ୍ଟି ଯେଉଁସ୍ଥାନରେ ପ୍ରତୀୟମାନ ହୁଏ, ସେଠାରେ ଅନେକ ଅନ୍ନ ଉତ୍ପନ୍ନ ହେବାର ସମ୍ଭାବନା ରହେ । ଜାଣିରଖ, ଅନ୍ନାଦ୍ୟ ଜଳରୁ ଉତ୍ପନ୍ନ ହୋଇଅଛି ।

(ଷଷ୍ଠ ଅଧ୍ୟାୟ-ତୃତୀୟ ଖଣ୍ଡ)

୩.ତ୍ରିବିଧ ସୃଷ୍ଟି

ତେଷାଂ ଖଲ୍ୱେଷାଂ ଭୂତାନାଂ ତ୍ରୀଣ୍ୟେବ ବୀଜାନି ଭବନ୍ତ୍ୟାଣ୍ଡଜଂ ଜୀବଜମୁଦ୍ଭିଜ୍ଜମିତି ।।୧।।

ସେହି ବିଖ୍ୟାତ ପ୍ରାଣୀମାନେ ପକ୍ଷୀଆଦି ତିନିଗୋଟି ବୀଜରୁ ଉତ୍ପନ୍ନ ହୋଇଥାନ୍ତି— ଅଣ୍ଡଜ, ଜୀବଜ ଓ ଉଭିଜ ।।୧।।

ସେୟଂ ଦେବତୈକ୍ଷତ ହନ୍ତାହମିମାସ୍ତିସ୍ରୋ ଦେବତା ଅନେନ ଜୀବେନାତ୍ମନାନୁପ୍ରବିଶ୍ୟ ନାମରୂପେ ବ୍ୟାକରବାଣୀତି ।।୨।।

ତାସାଂ ତ୍ରିବୃତଂ ତ୍ରିବୃତମେକୈକାଂ କରବାଣୀତି ସେୟଂ ଦେବତେମାସ୍ତିସ୍ରୋଦେବତାଅନେନୈବଜୀବେନାତ୍ମନାଽନୁପ୍ରବିଶ୍ୟ ନାମରୂପେ ବ୍ୟାକରୋତ୍ ।।୩।।

ସେହି ସତ୍ ନାମଯୁକ୍ତ ପ୍ରାଣୀ ଯେତେବେଳେ ଈକ୍ଷଣ କରେ କି, ମୁଁ ଏହି ଜୀବାତ୍ମା ରୂପରେ ଏହି ତିନି ଦେବତାଙ୍କ ମଧ୍ୟରେ ଅନୁପ୍ରବେଶକରି ନାମ ଏବଂ ରୂପର ଅଭିବ୍ୟକ୍ତି କରିବି ।।୨।।

ତହିଁରୁ ଗୋଟିଏ ଗୋଟିଏ ଦେବତାଙ୍କୁ ତ୍ରିବୃତ୍-ତ୍ରିବୃତ୍ କରିବି— ଏଭଳି ବିଚାରକରି ଦେବତା ସେହି ଜୀବାତ୍ମା ରୂପରୁ ଏହି ତିନି ଦେବତାଙ୍କ ମଧ୍ୟରେ ଅନୁପ୍ରବେଶ କରି ନାମ-ରୂପର ବ୍ୟାକରଣ କଲେ ।।୩।।

ତାସାଂ ତ୍ରିବୃତଂ ତ୍ରିବୃତମେକୈକାମକରୋଦ୍ୟଥା ତୁ ଖଳୁ ସୋମ୍ୟେମାସ୍ତିସ୍ରୋ ଦେବତାସ୍ତ୍ରିବୃତ୍ତ୍ରିବୃଦେକୈକା ଭବତି ତନ୍ମେ ବିଜାନୀହୀତି ।।୪।।

ସେହି ଦେବତା ତନ୍ମଧ୍ୟରୁ ପ୍ରତ୍ୟେକଙ୍କୁ ତ୍ରିବୃତ୍-ତ୍ରିବୃତ୍ କଲେ । ହେ ସୌମ୍ୟ ! ଯେଉଁଭଳି ଏହି ଦେବତାତ୍ରୟ ଗୋଟିଏ ଗୋଟିଏ କରି ପ୍ରତ୍ୟେକ ତ୍ରିବୃତ୍ ଅଟନ୍ତି, ସେମାନେ କେବଳ ମୋ'ଦ୍ୱାରା ଏଭଳି ହୋଇଛନ୍ତି, ଏଭଳି ତୁମେ ଜାଣିରଖ ।

ଇତିଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ତୃତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୩।।

(ଷଷ୍ଠ ଅଧ୍ୟାୟ-ଚତୁର୍ଥ ଖଣ୍ଡ)

୪.ଏକକ ଜ୍ଞାନରେ ସର୍ବଜ୍ଞାନଲାଭ

ଯଦଗ୍ନେ ରୋହିତ୍ଁରୂପଂ ତେଜସସ୍ତଦ୍ରୂପଂ ଯଚ୍ଛୁକ୍ଲଂ ତଦପାଂ ଯତ୍କୃଷ୍ଣଂ ତଦନ୍ନସ୍ୟାପାଗାଦଗ୍ନେରଗ୍ନିତ୍ୱଂ ବାଚାରମ୍ଭଣଂ ବିକାରୋ ନାମଧେୟଂ ତ୍ରୀଣି ରୂପାଣୀ ତ୍ୟେବ ସତ୍ୟମ୍ ।।୧।।

ଅଗ୍ନିଙ୍କର ଯେଉଁ ଲୋହିତ ବା ଲାଲ ରୂପ ରହିଛି, ତାହା ତେଜଙ୍କର ରୂପ ଅଟେ । ଯେଉଁ ଶୁକ୍ଲରୂପ ରହିଛି, ତାହା ଜଳ ଅଟେ ଏବଂ ଯେଉଁ କୃଷ୍ଣ ରୂପ ରହିଛି ତାହା ଅନ୍ନ ଅଟେ । ଏହିଭଳି ଭାବେ ଅଗ୍ନିଙ୍କ ଠାରୁ ଅଗ୍ନିତ୍ୱ ନିବୃତ୍ତ ହୋଇଯାଏ, କାହିଁକି ନାଁ ଅଗ୍ନିରୂପବିକାର ବାଣୀଦ୍ୱାରା କହିବାପାଇଁ କେବଳ ନାମମାତ୍ର ଅଟେ । କେବଳ ତିନିରୂପ ରହିଛି— ଏହା ସତ୍ୟଅଟେ । (ତିନିରୂପ ରହିଛି, ଯାହାକି ସତ୍ୟ)।।୧।।

ଯଦାଦିତ୍ୟସ୍ୟ ରୋହିତ୍ଁରୂପଂ ତେଜସସ୍ତଦ୍ରୂପଂ ଯଚ୍ଛୁକ୍ଲଂ ତଦପାଂ ଯତ୍କୃଷ୍ଣଂ ତଦନ୍ନସ୍ୟାପାଗାଦାଦିତ୍ୟାଦାଦିତ୍ୟତ୍ୱଂ ବାଚାରମ୍ଭଣଂ ବିକାରୋ ନାମଧେୟଂ ତ୍ରୀଣି ରୂପାଣୀତ୍ୟେବ ସତ୍ୟମ୍ ।।୨।।

ଆଦିତ୍ୟଙ୍କର ଯେଉଁ ରୋହିତ ରୂପ ରହିଛି, ତାହା ତେଜ ଅଟେ । ଯେଉଁ ଶୁକ୍ଲ ରୂପ ରହିଛି, ତାହା ଜଳ ଆଉ ଯେଉଁ କୃଷ୍ଣ ରୂପ ରହିଛି, ତାହା ଅନ୍ନ ଅଟେ । ଏହିଭଳି ଆଦିତ୍ୟଙ୍କ ଠାରୁ ଆଦିତ୍ୟତ୍ୱ ନିବୃତ୍ତ ହୋଇଯାଏ, କାହିଁକି ନାଁ ଆଦିତ୍ୟ ରୂପ ବିକାର ବାଣୀ ଉପରେ ଅବଲମ୍ବିତ ହୋଇଥିବା ନାମମାତ୍ର ଅଟେ । ତାହା ତିନିରୂପରେ ବିଦ୍ୟମାନ, ଯାହାକି ସତ୍ୟ ଅଟେ ।।୨।।

ଯଚ୍ଚନ୍ଦ୍ରମସୋ ରୋହିତ୍ଁରୂପଂ ତେଜସସ୍ତଦ୍ରୂପଂ ଯଚ୍ଛୁକ୍ଲଂ ତଦପାଂ ଯତ୍କୃଷ୍ଣଂ ତଦନ୍ନସ୍ୟାପାଗାଚ୍ଚନ୍ଦ୍ରାଚ୍ଚନ୍ଦ୍ରତ୍ୱଂ ବାଚାରମ୍ଭଣଂ ବିକାରୋ ନାମଧେୟଂ ତ୍ରୀଣି ରୂପାଣୀତ୍ୟେବ ସତ୍ୟମ୍ ।।୩।।

ଚନ୍ଦ୍ରଙ୍କର ଯେଉଁ ରୋହିତ ରୂପ ରହିଛି, ତାହା ତେଜଙ୍କର ରୂପ । ଯେଉଁ ଶୁକ୍ଲ ରୂପ ରହିଛି ତାହା ଜଳ, କୃଷ୍ଣ ରୂପ ଅନ୍ନଙ୍କର । ଏହିଭଳି ଭାବେ ଚନ୍ଦ୍ରଙ୍କଠାରୁ ଚନ୍ଦ୍ରତ୍ୱ ନିବୃତ୍ତ ହୋଇଗଲା ପରେ ବିକାର ବାଣୀରେ ଅବଲମ୍ବିତ ହୋଇ ନାମମାତ୍ର ବୋଲାଏ । ତାହାଙ୍କର ମଧ୍ୟ ତିନିରୂପ ରହିଛି, ଯାହା ସତ୍ୟ ଅଟେ ।।୩।।

ଯଦ୍ୱିଦ୍ୟୁତୋ ରୋହିତ୍ଁରୂପଂ ତେଜସସ୍ତଦ୍ରୂପଂ ଯଚ୍ଛୁକ୍ଲଂ ତଦପାଂ ଯତ୍କୃଷ୍ଣଂ ତଦନ୍ନସ୍ୟାପାଗାଦ୍ୱିଦ୍ୟୁତୋ ବିଦ୍ୟୁତ୍ତ୍ୱଂ ବାଚାରମ୍ଭଣଂ

ବିକାରୋ ନାମଧେୟଂ ତ୍ରୀଣି ରୂପାଣୀତ୍ୟେବ ସତ୍ୟମ୍ ।।୪।।

ବିଦ୍ୟୁତ୍‌ଙ୍କର ଯେଉଁ ରୋହିତ ରୂପ ରହିଛି ତାହା ତେଜରୂପ ଅଟେ, ଯେଉଁ ଶୁକ୍ଳରୂପ ରହିଛି ତାହା ଜଳଙ୍କର, ଆଉ ଯେଉଁ କୃଷ୍ଣରୂପ ରହିଛି, ତାହା ଅନ୍ନଙ୍କର ଅଟେ । ଏହିଭଳି ଭାବେ ବିଦ୍ୟୁତ୍‌ଙ୍କ ଠାରୁ ବିଦ୍ୟୁତ୍ୱ ନିବୃତ୍ତି ହୋଇଯାଇଛି । କାହିଁକି ନାଁ ବିଦ୍ୟୁତ୍‌ରୂପ ବିକାର ବାଣୀ ଉପରେ ଅବଲମ୍ବିତ ନାମମାତ୍ର ଅଟେ । ତାଙ୍କର ତିନିରୂପ ରହିଛି, ଯାହା ସତ୍ୟ ଅଟେ ।।୪।।

ଏତଦ୍ଧ ସ୍ମ ବୈ ତଦ୍ୱିଦ୍ୱାଁ୍ସ ଆହୁଃ ପୂର୍ବେ ମହାଶାଳା ମହାଶ୍ରୋତ୍ରିୟା ନ ନୋଽଦ୍ୟ କଶ୍ଚନାଶ୍ରୁତମମତମବିଜ୍ଞାତମୁଦାହରିଷ୍ୟତୀତି ହ୍ୟେଭ୍ୟୋ ବିଦାଞ୍ଚକ୍ରୁଃ ।।୫।।

ଯଦୁ ରୋହିତମିବାଭୂଦିତି ତେଜସସ୍ତଦ୍ରୂପମିତି ତଦ୍ୱିଦାଞ୍ଚକ୍ରୁର୍ଯଦୁ ଶୁକ୍ଳମିବାଭୂଦିତ୍ୟପାଁରୂପମିତି ତଦ୍ୱିଦାଞ୍ଚକ୍ରୁର୍ଯଦୁ କୃଷ୍ଣମିବାଭୂଦିତ୍ୟନ୍ନସ୍ୟ ରୂପମିତି ତଦ୍ୱିଦାଞ୍ଚକ୍ରୁଃ ।।୬।।

ଯଦ୍‌ବିଜ୍ଞାତମିବାଭୂଦିତ୍ୟେତାସାମେବ ଦେବତାନାଁସମାସ ଇତି ତଦ୍ୱିଦାଞ୍ଚକ୍ରୁର୍ଯଥା ନୁ ଖଲୁ ସୋମ୍ୟେମାସ୍ତିସ୍ରୋ ଦେବତାଃ ପୁରୁଷଂ ପ୍ରାପ୍ୟ ତ୍ରିବୃତ୍ତ୍ରିବୃଦେକୈକା ଭବତି ତନ୍ମେ ବିଜାନୀହୀତି ।।୭।।

ଏହି ତ୍ରିବୃତ୍‌କରଣକୁ ଅବଗତ ହୋଇଥିବା ପୂର୍ବବର୍ତ୍ତୀ ମହାଗୃହସ୍ଥ ଏବଂ ମହାଶ୍ରୋତ୍ରିୟମାନେ ଏହା କହିଛନ୍ତି କି, ଏହି ସମୟରେ ଆମକୁଳରେ କୌଣସି କଥା ଅଶ୍ରୁତ, ଅମତ ଅବା ଅବିଜ୍ଞାତ ଅଛି— ଏଭଳି କେହି କହିପାରିବେ ନାହିଁ । କାହିଁକି ନାଁ ଏହି ଅଗ୍ନି ଆଦିଙ୍କର ଦୃଷ୍ଟାନ୍ତ ଦ୍ୱାରା ସେ ସବୁକିଛି ଜାଣିଥାନ୍ତି ।।୫।। ଯାହାକିଛି ରୋହିତ ସଦୃଶ ରହିଛି, ତାହା ତେଜଙ୍କର ରୂପ ଅଟେ । ଏଭଳି ସେ ଜାଣିଛନ୍ତି । ଯେଉଁ ଶୁକ୍ଳ ପ୍ରତୀତି ହେଉଛନ୍ତି, ତାହା ଜଳ ଏବଂ କୃଷ୍ଣ ଅନ୍ନ ଅଟେ— ଏଭଳି ଭାବରେ ସେମାନେ ଜାଣିଅଛନ୍ତି ।।୬।।

ଯାହାକିଛି ବିଜ୍ଞାତ ଭଳି ପ୍ରତିଭାତ ହେଉଛି, ତାହା ଏହି ଦେବ ସମୁଦାୟଙ୍କର ଅଟେ — ଏହିଭଳି ସେମାନେ ଜାଣିଅଛନ୍ତି । ହେ ସୌମ୍ୟ ! ଏବେ ତୁମେ ମୋ'ଠାରୁ ଏହା ଜାଣିନିଅ କି, କୌଣସିମତେ ଏହି ତିନିଦେବତା ପୁରୁଷଙ୍କୁ ପ୍ରାପ୍ତ ହେଲାପରେ ତ୍ରିବୃତ୍-ତ୍ରିବୃତ୍ ହୋଇଯାଆନ୍ତି ।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ଚତୁର୍ଥଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୪।।

(ଷଷ୍ଠ ଅଧ୍ୟାୟ-ପଞ୍ଚମ ଖଣ୍ଡ)

୫.ମନ ଅନ୍ନମୟ, ପ୍ରାଣ ଜଳମୟ ଏବଂ ବାକ୍ ତେଜୋମୟ ଅଟେ

ଅନ୍ନମଶିତଂ ତ୍ରେଧା ବିଧୀୟତେ ତସ୍ୟ ଯଃ ସ୍ଥବିଷ୍ଠୋ ଧାତୁସ୍ତତ୍ପୁରୀଷଂ ଭବତି ଯୋ ମଧ୍ୟମସ୍ତନ୍ମାଁ୍ସଂ ଯୋଽଣିଷ୍ଠସ୍ତନ୍ମନଃ ।।୧।।
ଆପଃ ପୀତାସ୍ତ୍ରେଧା ବିଧୀୟନ୍ତେ ତାସାଂ ଯଃ ସ୍ଥବିଷ୍ଠୋ ଧାତୁସ୍ତନ୍ମୂତ୍ରଂ ଭବତି ଯୋ ମଧ୍ୟସ୍ତଲ୍ଲୋହିତଂ ଯୋଽଣିଷ୍ଠଃ ସ ପ୍ରାଣଃ ।।୨।।
ତେଜୋଽଶିତଂ ତ୍ରେଧା ବିଧୀୟତେ ତସ୍ୟ ଯଃ ସ୍ଥବିଷ୍ଠୋ ଧାତୁସ୍ତଦସ୍ଥି ଭବତି ଯୋ ମଧ୍ୟମଃ ସ ମଜ୍ଜା ଯୋଽଣିଷ୍ଠଃ ସା ବାକ୍ ।।୩।।
ଅନ୍ନମୟଁହି ସୋମ୍ୟ ମନ ଆପୋମୟଃ ପ୍ରାଣସ୍ତେଜୋମୟୀ ବାଗିତି ଭୂୟ ଏବ ମା ଭଗବାନ୍ବିଜ୍ଞାପୟତ୍ୱିତି ତଥା ସୋମ୍ୟେତି ହୋବାଚ ।।୪।।

ଭକ୍ଷିତ ଅନ୍ନ ତିନିପ୍ରକାର ହୋଇଯାଏ । ତାହାର ଯେଉଁ ଅତ୍ୟନ୍ତ ସ୍ଥୂଳଭାଗ ତାହା ମଳ ହୁଏ, ମଧ୍ୟମ ଭାଗ ମାଂସ ହୁଏ, ସୂକ୍ଷ୍ମଭାଗଟି ମନ ହୋଇଯାଏ ।।୧।।

ପାନ କରାଯାଇଥିବା ଜଳ ତିନିପ୍ରକାରେ ଉପଯୋଗ ହୁଏ । ସ୍ଥୂଳତମ ଭାଗଟି ମୂତ୍ର ହୁଏ, ମଧ୍ୟମ ଭାଗଟି ରକ୍ତ ହୁଏ, ସୂକ୍ଷ୍ମଭାଗଟି ପ୍ରାଣ ହୋଇଯାଏ ।।୨।।

ଠିକ୍ ସେହିଭଳି ଭକ୍ଷଣ କରାଯାଇଥିବା ତେଜ(ଘୃତାଦି ଦ୍ରବ୍ୟ) ତିନିପ୍ରକାରେ ଉପଯୋଗ ହୁଏ । ସ୍ଥୂଳତମ ଭାଗଟି ଅସ୍ଥି ହୁଏ, ମଧ୍ୟମ ଭାଗ ମଜ୍ଜା ଏବଂ ସୂକ୍ଷ୍ମତମ ଭାଗଟି ବାକ୍‌ରେ ପରିଣତ ହୁଏ ।।୩।।

ଏଣୁ ହେ ସୌମ୍ୟ ! ମନ ଅନ୍ନମୟ ଅଟେ, ପ୍ରାଣ ଜଳମୟ ଏବଂ ବାକ୍ ତେଜୋମୟ ହୋଇଥାଏ । ଏଭଳି ବୁଝାଇବାରୁ ଶ୍ୱେତକେତୁ କହିଲେ, ଭଗବନ୍ ! ଆପଣ ଏବେ ମୋତେ ପୁନଃ ବୁଝାଇଦିଅନ୍ତୁ । ଏହାଶୁଣି ଆରୁଣୀ କହିଲେ, ଆଚ୍ଛା ସୌମ୍ୟ ! ତେବେ (ଧ୍ୟାନପୂର୍ବକ)ଶ୍ରବଣକର ।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ପଞ୍ଚମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୫।।

(ଷଷ୍ଠ ଅଧ୍ୟାୟ-ଷଷ୍ଠ ଖଣ୍ଡ)

୬, ମନ୍ଥିତ ଦଧିର ଦୃଷ୍ଟାନ୍ତ

ଦଧ୍ନଃସୋମ୍ୟ ମଥ୍ୟମାନସ୍ୟ ଯୋଽଣିମା ସ ଉର୍ଧ୍ୱଃ ସମୁଦୀଷତି ତତ୍ସର୍ପିର୍ଭବତି ।।୧।।

ଏବମେବ ଖଲୁସୋମ୍ୟାନ୍ନସ୍ୟାଶ୍ୟମାନସ୍ୟ ଯୋଽଣିମା ସ ଉର୍ଦ୍ଧ୍ୱଃ ସମୁଦୀଷତି ତନ୍ମନୋ ଭବତି ।।୨।।

ଅପାଁସୋମ୍ୟ ପୀୟମାନାନାଂ ଯୋଽଣିମା ସ ଉର୍ଦ୍ଧ୍ୱଃ ସମୁଦୀଷତି ସ ପ୍ରାଣୋ ଭବତି ।।୩।।

ତେଜସଃସୋମ୍ୟାଶ୍ୟମାନସ୍ୟ ଯୋଽଣିମା ସ ଉର୍ଦ୍ଧ୍ୱଃ ସମୁଦୀଷତି ସା ବାଗ୍‌ଭବତି ।।୪।।

ଅନ୍ନମୟଁହିସୋମ୍ୟ ମନ ଆପୋମୟଃ ପ୍ରାଣସ୍ତେଜୋମୟୀ ବାଗିତି ଭୂୟ ଏବ ମା ଭଗବାନ୍ୱିଜ୍ଞାପୟତ୍ୱିତି ତଥା ସୋମ୍ୟେତି ହୋବାଚ ।।୫।।

ହେ ସୌମ୍ୟ ! ମନ୍ଥିତ ହୋଇଥିବା ଦଧିର ଯେଉଁ ସୂକ୍ଷ୍ମଭାଗ ରହିଛି ତାହା ଉପରକୁ ଆସି ଏକତ୍ରିତ ହୁଏ, ଯେଉଁଥିରୁ କି ଘୃତ ସଂଗ୍ରହ କରାଯାଏ ।।୧।।
ଠିକ୍ ସେହିଭଳି ହେ ସୌମ୍ୟ ! ଭକ୍ଷିତ ଅନ୍ନର ଯେଉଁ ସୂକ୍ଷ୍ମଭାଗ ରହିଛି, ତାହା ସମ୍ୟକ୍ ରୂପେ ଉର୍ଦ୍ଧ୍ୱକୁ ଆସି ମନ ହୋଇଯାଏ ।।୨।।
ପାନ କରାଯାଇଥିବା ଜଳର ଯେଉଁ ସୂକ୍ଷ୍ମଭାଗ ରହିଛି ତାହା ଏକତ୍ରିତ ହୋଇ ଉର୍ଦ୍ଧ୍ୱକୁ ଆସିଲେ ପ୍ରାଣ ବୋଲାଏ ।।୩।।
ତଦନୁରୂପ ଭକ୍ଷଣ କରାଯାଇଥିବା ତେଜର ସୂକ୍ଷ୍ମଭାଗ ଏକତ୍ରିତ ହୋଇ ଉର୍ଦ୍ଧ୍ୱଗମନ କଲେ ବାଣୀ ହୁଏ ।।୪।।
ଏହିଭଳି ହେ ସୌମ୍ୟ ! ମନ ଅନ୍ନମୟ, ପ୍ରାଣ ଜଳମୟ ଓ ବାଣୀ ତେଜୋମୟ ହୋଇଥାଏ, ହେ ଆରୁଣୀ ! ଏହିଭଳି ବୁଝିନିଅ । ଏହାଶୁଣି ଶ୍ୱେତକେତୁ କହିଲେ, ଭଗବନ୍ ! ମୋତେ ପୁନଃ ଅବଗତି କରାନ୍ତୁ ।।୫।।[୧]

---

୧ ଏହା ଅବୋଧତା ସୂଚକ ପ୍ରତ୍ୟୁତ୍ତର ହୋଇଥିବାରୁ ଆରୁଣି ପୁନର୍ବାର ବୁଝାଇବାକୁ ଚେଷ୍ଟାକଲେ

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ଷଷ୍ଠଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୬।।

(ଷଷ୍ଠ ଅଧ୍ୟାୟ-ସପ୍ତମ ଖଣ୍ଡ)

୭.ମନର ଅନ୍ନମୟତା ପ୍ରତିପାଦନ

ଷୋଡ଼ଶକଳଃ ସୋମ୍ୟ ପୁରୁଷଃ ପଞ୍ଚଦଶାହାନି ମାଶୀଃ କାମମପଃ ପିବାପୋମୟଃ ପ୍ରାଣୋ ନ ପିବତୋ ବିଚ୍ଛେତ୍ସ୍ୟତ ଇତି ।।୧।।
ସ ହ ପଞ୍ଚଦଶାହାନି ନାଶାଥ ହୈନମୁପସସାଦ କିଂ ବ୍ରବୀମି ଭୋ ଇତ୍ୟୃଚଃ ସୋମ୍ୟ ଯଜୁଁଷି ସାମାନୀତି ସ ହୋବାଚ ନ ବୈ ମା ପ୍ରତିଭାନ୍ତି ଭୋ ଇତି ।।୨।।
ତଁହୋବାଚ ଯଥା ସୋମ୍ୟ ମହତୋଽଭ୍ୟାହିତସ୍ୟୈକୋଽ-ଙ୍ଗାରଃ ଖଦ୍ୟୋତମାତ୍ରଃ ପରିଶିଷ୍ଟଃ ସ୍ୟାତ୍ତେନ ତତୋଽପି ନ ବହୁ ଦହେଦେବଁସୋମ୍ୟ ତେ ଷୋଡ଼ଶାନାଂ କଳାନାମେକା କଳାତିଶିଷ୍ଟା ସ୍ୟାତ୍ତୟୈତର୍ହି ବେଦାନ୍ନାନୁଭବସ୍ୟଶାନାଥ ମେ ବିଜ୍ଞାସ୍ୟସୀତି ।।୩।।

ହେ ସୌମ୍ୟ ! ପୁରୁଷ ଷୋଳକଳାଯୁକ୍ତ ଅଟେ । ତୁମେ ପନ୍ଦରଦିନ ଭୋଜନ ନ କରି କେବଳ ଯଥେଚ୍ଛା ଜଳ ପାନକର । ପ୍ରାଣ ଜଳମୟ ଅଟେ, ଏଣୁ ଜଳ ପାନକରିବା ଦ୍ୱାରା ତାହା ନାଶ ହୁଏନାହିଁ ।।୧।।

ଏହା ଶୁଣି ସେ ପନ୍ଦର ଦିନ ଭୋଜନ କଲେ ନାହିଁ ଏବଂ ଆରୁଣିଙ୍କ ନିକଟକୁ ଆସି କହିଲେ, ଭଗବନ୍ ! କ'ଣ କରିବି ? ପିତୃଦେବ କହିଲେ, ହେ ସୌମ୍ୟ ! ଋକ୍, ଯଜୁଃ ଏବଂ ସାମ ପାଠକର । ଏହାଶୁଣି ସେ କହିଲେ, ମୋ'ଠାରେ ସେମାନେ ସ୍ଫୁରିତ ହେଉନାହାଁନ୍ତି ।।୨।।

ଏହା ଶୁଣି ସେ ଉତ୍ତରଦେଲେ — ଯେଉଁଭଳି ଅନେକ ଇନ୍ଧନରେ ପ୍ରଜ୍ୱଳିତ ହୋଇଥିବା ଅଗ୍ନିର ଏକ କାଣିଚାଏ ଅଙ୍ଗାର ରହିଯାଏ ମାତ୍ର ତାହା କୌଣସିପ୍ରକାରେ ଉଷ୍ଣତା ପ୍ରଦାନ କରିପାରେନାହିଁ, ଠିକ୍ ସେହିଭଳି ଷୋଳକଳାଯୁକ୍ତ ଏହି ଶରୀରରେ ପନ୍ଦରଦିନ ପର୍ଯ୍ୟନ୍ତ ଭୋଜନ ନ ହୋଇଥିବାରୁ ଯେଉଁ ଏକଦିନ ଅବଶିଷ୍ଟ ରହିଲା, ତାହା ଏକ କଳା ସଦୃଶ ହୋଇଥିଲେ ହେଁ କୌଣସି ପ୍ରକାରେ ଉପଯୋଗ ହୋଇପାରେନାହିଁ । ଅର୍ଥାତ୍ ତୁମେ ସେହି ସାମର୍ଥ୍ୟକୁ ନେଇ ଋକ୍, ଯଜୁଃ, ସାମର

ଉଚ୍ଚାରଣ କରିବାକୁ ଅକ୍ଷମତା ପୋଷଣ କଲ । ଆଚ୍ଛା, ଏବେ ତାହେଲେ ଭୋଜନ କର, ତାପରେ ବୁଝିପାରିବ ମୁଁ କ'ଣ କହିବାକୁ ଚାହୁଁଛି ।।୩।।

ସ ହାଶାଥ ହୈନମୁପସସାଦ ତଁହ ଯତ୍କିଂ ଚ ପପ୍ରଚ୍ଛ ସର୍ବଁହ ପ୍ରତିପେଦେ ।।୪।।

ଅଧୁନା ଶ୍ୱେତକେତୁ ଭୋଜନକରି ଆରୁଣିଙ୍କ ନିକଟକୁ ଆସିଲେ । ସେ ଯାହା ପଚାରିଲେ ସବୁକିଛି ଉପସ୍ଥାପିତ ହୋଇପାରିଲା ।।୪।।

ତଁହୋବାଚ ଯଥା ସୋମ୍ୟ ମହତୋଽଭ୍ୟାହିତସ୍ୟୈକମଙ୍ଗାରଂ ଖଦ୍ୟୋତମାତ୍ରଂ ପରିଶିଷ୍ଟଂ ତଂ ତୃଣୈରୂପସମାଧାୟ ପ୍ରାଜ୍ୱଳୟେତ୍ତେନ ତତୋଽପି ବହୁ ଦହେତ୍ ।।୫।।

ଆରୁଣି କହିଲେ, ହେ ସୌମ୍ୟ ! ଅନେକ ଇନ୍ଧନ ଦ୍ୱାରା ବୟଃପ୍ରାପ୍ତ ହୋଇଥିବା ଅଗ୍ନିରେ ଖଦ୍ୟୋତମାତ୍ର ଅଙ୍ଗାର ରହିଯାଏ ଏବଂ ତାହା ତୃଣଟିକୁ ମଧ ଭସ୍ମୀସାତ୍ କରିପକାଏ, ଠିକ୍ ସେହିଭଳି ଏହି ପ୍ରାଣ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହୋଇଥାଏ ।।୫।।

ଏବଁସୋମ୍ୟ ତେ ଷୋଡ଼ଶାନାଂ କଳାନାମେକା କଳାତିଶିଷ୍ଟାଭୂସ୍ୱାନ୍ନେନୋପସମାହିତା ପ୍ରାଜ୍ୱାଳୀ ତୟୈତର୍ହି ବେଦାନନୁଭବସ୍ୟନ୍ନମୟଁହି ସୋମ୍ୟ ମନ ଆପୋମୟଃ ପ୍ରାଣସ୍ତେଜୋମୟୀ ବାଗିତି ତଦ୍ଧାସ୍ୟ ବିଜଜ୍ଞାବିତି ବିଜଜ୍ଞାବିତି ।।୬।।

ତେଣୁ ହେ ସୌମ୍ୟ ! ତୁମଠାରେ ଷୋଳକଳାର ଆବିଷ୍ଟ କରାଯାଇଛି, ତାହା ଅନ୍ନଦ୍ୱାରା ବୃଦ୍ଧି ପ୍ରାପ୍ତ ଅର୍ଥାତ୍ ପ୍ରଜ୍ୱଳିତ ହୋଇଥାଆନ୍ତି । ଫଳରେ ତୁମେ ବେଦାଦି ଅଧ୍ୟୟନ କରିବାକୁ ସକ୍ଷମ ହେଉଛ ଏବଂ ଅନୁଭବ କରିପାରୁଛ । ଅତଃ ହେ ସୌମ୍ୟ ! ମନ ଅନ୍ନମୟ ଅଟେ, ପ୍ରାଣ ଜଳମୟ ଏବଂ ବାକ୍ ତେଜୋମୟୀ ହୋଇଥାଏ । ଏହାଶୁଣି ଶ୍ୱେତକେତୁ ଉପରୋକ୍ତ କଥନକୁ ବୁଝିଗଲେ ବୁଝିଗଲେ ବୋଲି ସ୍ୱୀକାରୋକ୍ତି ଦେଲେ ।।୬।।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ସପ୍ତମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୭।।

(ଷଷ୍ଠ ଅଧ୍ୟାୟ-ଅଷ୍ଟମ ଖଣ୍ଡ)

୮.ସତ୍ ଆତ୍ମା ସବୁର ମୂଳ

ଉଦ୍ଦାଳକୋ ହାରୁଣିଃ ଶ୍ୱେତକେତୁଂ ପୁତ୍ରମୁବାଚ ସ୍ୱପ୍ନାନ୍ତଂ

ମେ ସୋମ୍ୟ ବିଜାନୀହୀତି ଯତ୍ରୈତପୁରୁଷଃ ସ୍ୱପିତି ନାମ ସତା ସୋମ୍ୟ ତଦା ସମ୍ପନ୍ନୋ ଭବତି ସ୍ୱମପୀତୋ ଭବତି ତସ୍ମାଦେନଁସ୍ୱପିତୀତ୍ୟାଚକ୍ଷତେ ସ୍ୱଁ ହ୍ୟପୀତୋ ଭବତି ।।୧।।

ସ ଯଥା ଶକୁନିଃ ସୂତ୍ରେଣ ପ୍ରବଦ୍ଧୋ ଦିଶଂ ଦିଶଂ ପତିତ୍ୱାନ୍ୟତ୍ରାୟତନମଲବ୍ଧ୍ୱା ବନ୍ଧନମେବୋପଶ୍ରୟତ ଏବମେବ ଖଳୁ ସୋମ୍ୟ ତନ୍ମନୋ ଦିଶଂ ଦିଶଂ ପତିତ୍ୱାନ୍ୟତ୍ରାୟତନମଲବ୍ଧ୍ୱା ପ୍ରାଣମେବୋପଶ୍ରୟତେ ପ୍ରାଣବନ୍ଧନଁହି ସୋମ୍ୟ ମନ ଇତି ।।୨।।

ଉଦ୍ଦାଳକ ନାମରେ ଖ୍ୟାତ ଅରୁଣଙ୍କ ପୁତ୍ର ନିଜପୁତ୍ର ଶ୍ୱେତକେତୁଙ୍କୁ କହିଲେ— ହେ ସୌମ୍ୟ ! ତୁମେ ସ୍ୱପ୍ନ ବା ସୁଷୁପ୍ତିକୁ ବିଶେଷରୂପେ ବୁଝିନିଅ । ଯେଉଁ ଅବସ୍ଥାରେ ଏହି ପୁରୁଷ ଶୋଇଥାଏ ବୋଲି କୁହାଯାଏ, ସେହି ସମୟରେ ସେ ସତ୍‌ସମ୍ପନ୍ନ ହୋଇଯାଏ । ଅର୍ଥାତ୍ ସେ ନିଜର ସ୍ୱରୂପକୁ ପ୍ରାପ୍ତ ହୋଇଯାଏ । ଏଣୁ ତାକୁ 'ସ୍ୱପିତି' ବୋଲି କୁହାଯାଏ । କାହିଁକିନାଁ ସେହି ସମୟରେ ଏହି ସ୍ୱ– ନିଜକୁ ହିଁ ପ୍ରାପ୍ତ ହୋଇଥାଏ ।।୧।।

ଯେଉଁଭଳି ଡୋରିରେ ବନ୍ଧାହୋଇଥିବା ପକ୍ଷୀ ଅତ୍ର ତତ୍ର ଉଡ଼ି ଉଡ଼ି ଅନ୍ୟତ୍ର ସ୍ଥାନ ନ ପାଇ ବନ୍ଧନ ସ୍ଥାନରେ ଆଶ୍ରିତ ହୋଇଥାଏ, ସେହିଭଳି ଏହି ମନ ଦିଗ–ବିଦିଗ ଭ୍ରମଣକରି କୁତ୍ରାପି ସ୍ଥାନ ନ ପାଇ ଏହି ଶରୀରରେ ଆଶ୍ରୟ ନେଇଥାଏ । ତେଣୁ ମନ ପ୍ରାଣରୂପ ବନ୍ଧନରେ ବନ୍ଧା ହୋଇଛି ।।୨।।

ଅଶନାପିପାସେ ମେ ସୋମ୍ୟ ବିଜାନୀହୀତି ଯତ୍ରୈତତ୍‌ପୁରୁଷୋ–ଽଶିଶିଷତି ନାମାପ ଏବ ତଦଶିତଂ ନୟନ୍ତେ ତଦ୍ୟଥା ଗୋନାୟୋଽଶ୍ୱନାୟଃ ପୁରୁଷନାୟ ଇତ୍ୟେବଂ ତଦପ ଆଚକ୍ଷତେଽଶନାୟେତି ତତ୍ରୈତଚ୍ଛୁଙ୍ଗମୁତ୍ପତିତଁ ସୋମ୍ୟ ବିଜାନୀହି ନେଦମମୂଳଂ ଭବିଷ୍ୟତୀତି ।।୩।।

ତସ୍ୟ କ୍ୱ ମୂଳଁସ୍ୟାଦନ୍ୟନ୍ନାନ୍ନାଦେବମେବ ଖଳୁ ସୋମ୍ୟାନ୍ନେବ ଶୃଙ୍ଗେନାପୋ ମୂଳମନ୍ୱିଚ୍ଛାଦ୍ଭିଃ ସୋମ୍ୟ ଶୃଙ୍ଗେନ ତେଜୋ ମୂଳମନ୍ୱିଚ୍ଛ ତେଜସା ସୋମ୍ୟ ଶୃଙ୍ଗେନ ସନ୍‌ମୂଳମନ୍ୱିଚ୍ଛ ସନ୍‌ମୂଳାଃ ସୋମ୍ୟେମାଃ ସର୍ବାଃ ପ୍ରଜାଃ ସଦାୟତନାଃ ସତ୍ୟପ୍ରତିଷ୍ଠାଃ ।।୪।।

ହେ ସୌମ୍ୟ ! ସେହିଭଳି ଭୋକ ଏବଂ ଶୋଷ ସମ୍ପର୍କରେ ଜାଣ । ଯେଉଁ ସମୟରେ ଏହି ବ୍ୟକ୍ତି ଅଶିଶିଷତି(କ୍ଷୁଧାର୍ତ୍ତ) ହୋଇଯାଏ, ସେତେବେଳେ ଜଳ ହିଁ ତାଙ୍କ ପାଇଁ

ଭକ୍ଷଣ ରହେ । ଅର୍ଥାତ୍ ଜଳ ଭକ୍ଷିତ ଅନ୍ନ ସ୍ଥାନ ନେଇଯାଏ । ଯେଉଁଭଳି ଏହିଲୋକରେ ଗୋପାଳ(ଗୋନାୟ), ଅଶ୍ୱପାଳ(ଅଶ୍ୱନାୟ) ତଥା ସେନାପତି(ପୁରୁଷନାୟ) ରହିଛନ୍ତି, ଠିକ୍ ସେହିଭଳି ଜଳ(ଅଶନାୟ) ରହିଛନ୍ତି । ସେହି ଜଳ ସାହାଯ୍ୟରେ ତୁମେ ଶରୀରର ରୂପ ଶୁଙ୍ଗ(ଅଙ୍କୁର) ଲାଭ ହୋଇଛି ବୋଲି ଜାଣ । କାହିଁକି ନାଁ ଏହା ନିର୍ମୂଳ ବା କାରଣରହିତ ହୋଇ ନ ପାରେ ।।୩।।

ଅନ୍ନକୁ ଛାଡ଼ି ତାହାର ମୂଳ ଅନ୍ୟତ୍ର କିଭଳି ହୋଇପାରେ ? ହେ ସୌମ୍ୟ ! ତୁମେ ଅନ୍ନରୂପ ଅଙ୍କୁର ଦ୍ୱାରା ଜଳରୂପ ମୂଳକୁ ଅନ୍ୱେଷଣ କର ଏବଂ ଜଳରୂପ ଅଙ୍କୁର ଦ୍ୱାରା ତେଜ ରୂପ ମୂଳକୁ ଅନ୍ୱେଷଣ କର ପୁଣି ତେଜୋରୂପ ଅଙ୍କୁର ଦ୍ୱାରା ସଦ୍‌ରୂପ ମୂଳକୁ ଅନୁସନ୍ଧାନ କର । ହେ ସୌମ୍ୟ ! ଏହିଭଳି ଭାବରେ ସମଗ୍ର ପ୍ରଜା ସନ୍ମୂଳକ ହୋଇଛନ୍ତି ପୁଣି ସତ୍ ତାଙ୍କର ଆଶ୍ରୟ ହୋଇଛି ଏବଂ ସତ୍ ମଧ୍ୟ ତହିଁରେ ପ୍ରତିଷ୍ଠିତ ହୋଇଛି ।।୪।।

ଅଥ ଯତ୍ରୈତତ୍‌ପୁରୁଷଃ ପିପାସତି ନାମ ତେଜ ଏବ ତତ୍‌ପୀତଂ ନୟତେ ତଦ୍ୟଥା ଗୋନାୟୋଽଶ୍ୱନାୟଃ ପୁରୁଷନାୟ ଇତ୍ୟେବଂ ତତ୍ତେଜ ଆଚଷ୍ଟ ଉଦନ୍ୟେତି ତତ୍ରୈତଦେବ ଶୁଙ୍ଗମୁତ୍‌ପତିତଁ୍ସୋମ୍ୟ ବିଜାନୀହି ନେଦମମୂଳଂ ଭବିଷ୍ୟତୀତି ।।୫।।

ଏବେ ଯେଉଁ ସମୟରେ ବ୍ୟକ୍ତି ପିପାସିତ ବୋଲାଏ, ସେତେବେଳେ ତାଙ୍କଦ୍ୱାରା ଆହୃତ ଜଳକୁ ତେଜ ହରଣ କରିନିଏ । ପୂର୍ବୋକ୍ତ କଥନ ଭଳି ସେ ଉଦନ୍ୟା ଭାବରେ ଅବଗତ ହୁଏ । ହେ ସୌମ୍ୟ ! ଏହି ଜଳରୂପ ମୂଳରୁ ଶରୀର ରୂପ ଅଙ୍କୁର ଉତ୍ପନ୍ନ ହୋଇଛି, ଏହିଭଳି ଜାଣିରଖ କାହିଁକି ନାଁ ଏହା ମୂଳରହିତ ହୋଇନପାରେ ।।୫।।

ତସ୍ୟ କ୍ୱ ମୂଲଁ୍ସ୍ୟାଦନ୍ୟତ୍ରାଦ୍ଭ୍ୟୋଽଦ୍ଭିଃ ସୋମ୍ୟ ଶୁଙ୍ଗେନ ତେଜୋ ମୂଳମନ୍ୱିଚ୍ଛ ତେଜସା ସୋମ୍ୟ ଶୁଙ୍ଗେନ ସନ୍‌ମୂଳମନ୍ୱିଚ୍ଛ ସନ୍‌ମୂଳାଃ ସୋମ୍ୟେମାଃ ସର୍ବାଃ ପ୍ରଜାଃ ସଦାୟତନାଃ ସତ୍‌ପ୍ରତିଷ୍ଠା ଯଥା ନୁ ଖଳୁ ସୋମ୍ୟେମାସ୍ତିସ୍ରୋ ଦେବତାଃ ପୁରୁଷଂ ପ୍ରାପ୍ୟ ତ୍ରିବୃତ୍ତ୍ରିବୃଦେକୈକା ଭବତି ତଦୁକ୍ତଂ ପୁରସ୍ତାଦେବ ଭବତ୍ୟସ୍ୟ ସୋମ୍ୟ ପୁରୁଷସ୍ୟ ପ୍ରୟତୋ ବାଙ୍ମନସି ସମ୍ପଦ୍ୟତେ ମନଃ ପ୍ରାଣେ ପ୍ରାଣସ୍ତେଜସି ତେଜଃ ପରସ୍ୟାଂ ଦେବତାୟାମ୍ ।।୬।।

ସ ଯ ଏଷୋଽଣିମୈତଦାତ୍ମ୍ୟମିଦଁ୍ସର୍ବଂ ତତ୍‌ସତ୍ୟଁ୍ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ଭୂୟ ଏବ ମା ଭଗବାନ୍ୱିଜ୍ଞାପୟତ୍ୱିତି

ତଥା ସୋମ୍ୟେତି ହୋବାଚ ।।୭।।

ହେ ସୌମ୍ୟ ! ଏହି ଜଳର ପରିଣାମଭୂତ ଶରୀର ବ୍ୟତୀତ ଅନ୍ୟତ୍ର ମୂଳ କେଉଁଠି ହୋଇପାରେ ? ହେ ପ୍ରିୟଦର୍ଶନ ! ଜଳରୂପ ଅଙ୍କୁର ଦ୍ୱାରା ତୁମେ ତେଜୋରୂପ ମୂଳକୁ ଅନ୍ୱେଷଣ କର । ପୁଣି ତେଜୋରୂପ ଅଙ୍କୁର ଦ୍ୱାରା ସଦ୍‌ରୂପ ମୂଳକୁ ଅନ୍ୱେଷଣ କର । ଏହି ସମ୍ପୂର୍ଣ୍ଣ ପ୍ରଜା ସନ୍ମୂଳକ ତଥା ସଦ୍‌ରୂପ ଆୟତନ ଏବଂ ସଦ୍‌ରୂପର ପ୍ରତିଷ୍ଠା(ଲୟସ୍ଥାନ) ହୋଇଥାନ୍ତି । ହେ ସୌମ୍ୟ ! ଯେଉଁଭଳି ଏହି ଦେବତ୍ରୟ ପୁରୁଷକୁ ପ୍ରାପ୍ତ ହୋଇ ସେମାନଙ୍କ ମଧ୍ୟରେ ପ୍ରତ୍ୟେକେ ତ୍ରିବୃତ୍ ହୋଇଯାଆନ୍ତି, ଯାହା ମୁଁ ପ୍ରଥମରୁ କହିଛି ତାହା ଜାଣିରଖ । ହେ ସୌମ୍ୟ ! ମରଣକୁ ପ୍ରାପ୍ତହୋଇଥିବା ଏହି ପୁରୁଷର ବାକ୍ ମନରେ ଲୀନ ହୋଇଯାଏ ପୁଣି ମନ ପ୍ରାଣରେ ଲୀନ ହୁଏ, ପ୍ରାଣ ତେଜରେ ଆଉ ତେଜ ପରଦେବତାରେ ଲୀନ ହୋଇଯାଏ ।।୬।।

ସେହି ଯେଉଁ ଅଣିମା ରହିଛି, ତାହା ଏହିଭଳି ଭାବରେ ସବୁକିଛି ଅଟେ । ତାହା ସତ୍ୟ ଅଟେ, ତାହା ଆତ୍ମା ଅଟେ ଆଉ ହେ ଶ୍ୱେତକେତୁ ! ତାହା ମଧ୍ୟ ତୁମେ ଅଟ । ଆରୁଣିଙ୍କର ଏଭଳି କଥନରୁ ଶ୍ୱେତକେତୁ ଅବଗତ ହୋଇ କହିଲେ, ହେ ଭଗବନ୍ ! ମୋତେ ତାହାଲେ ଆହୁରି ବିଶଦଭାବରେ ବୁଝାଇଦିଅନ୍ତୁ ।।୭।।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ଅଷ୍ଟମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୮।।

(ଷଷ୍ଠ ଅଧ୍ୟାୟ-ନବମ ଖଣ୍ଡ)

୯.ମଧୁର ଦୃଷ୍ଟାନ୍ତ

ଯଥା ସୌମ୍ୟ ମଧୁ ମଧୁକୃତୋ ନିସ୍ତିଷ୍ଠନ୍ତି ନାନାତ୍ୟୟାନାଂ ବୃକ୍ଷାଣାଁ ରସାନ୍‌ସମବହାରମେକତାଁରସଂ ଗମୟନ୍ତି ।।୧।।

ତେ ତଥା ତତ୍ର ନ ବିବେକଂ ଲଭନ୍ତେଽମୁଷ୍ୟାହଂ ବୃକ୍ଷସ୍ୟ ରସୋଽସ୍ମ୍ୟମୁଷ୍ୟାହଂ ବୃକ୍ଷସ୍ୟ ରସୋଽସ୍ମୀତ୍ୟେବ ଖଳୁ ସୋମ୍ୟେମାଃ ସର୍ବା ପ୍ରଜାଃସତି ସମ୍ପଦ୍ୟ ନ ବିଦୁଃ ସତି ସମ୍ପଦ୍ୟାମହ ଇତି ।।୨।।

ତ ଇହ ବ୍ୟାଘ୍ରୋ ବା ସିଁହୋ ବା ବୃକୋ ବା ବରାହୋ ବା କୀଟୋ ବା ପତଙ୍ଗୋ ବା ଦଁଶୋ ବା ମଶକୋ ଯଦ୍ୟଭବନ୍ତି ତଦାଭବନ୍ତି ।।୩।।

ହେ ସୌମ୍ୟ ! ଯେଉଁଭଳି ମଧୁମକ୍ଷିକା ମଧୁ ନିଷ୍ପନ୍ନ କରିଥାଏ ଅର୍ଥାତ୍ ନାନାଦିଗରୁ ବୃକ୍ଷମାନଙ୍କଠାରୁ ରସ ସଂଗ୍ରହକରି ଗୋଟିଏ ସ୍ଥାନରେ ସଞ୍ଚୟ କରିଥାଏ ଠିକ୍ ସେହିଭଳି ।।୧।।

ସେହି ରସ ଯେଉଁଭଳି ଉକ୍ତ ମଧୁ ମଧ୍ୟରେ ଏ ପ୍ରକାରର ବିବେକକୁ ପ୍ରାପ୍ତ କରିପାରେନାହିଁ କି ମୁଁ ଏହି ବୃକ୍ଷର ରସ ଅଟେ ବା ସେହି ବୃକ୍ଷର ରସ ଅଟେ । ଠିକ୍ ସେହିଭଳି ଏହି ସମଗ୍ର ପ୍ରଜାବର୍ଗ ସତ୍‌କୁ ପ୍ରାପ୍ତ ହୋଇ ଏହାକୁ ଜାଣିପାରନ୍ତି ନାହିଁ କି, ଆମେ ସତ୍ ପ୍ରାପ୍ତ ହୋଇଛୁ ବୋଲି ।।୨।।

ସେ ଏହି ଲୋକରେ ବ୍ୟାଘ୍ର ସିଂହ, ମେଣ୍ଢା, ଶୂକର, କୀଟ, ପତଙ୍ଗ, ଡାଉଁଶ ଅଥବା ମାଛି ଆଦି ଯାହାସବୁ ରହିଛନ୍ତି ଅର୍ଥାତ୍ ସୁଷୁପ୍ତିର ପୂର୍ବରୁ ଯେଉଁମାନେ ବିଦ୍ୟମାନ, ସେସବୁକୁ ପୁନଃ ପ୍ରାପ୍ତି ହୁଅନ୍ତି ।।୩।।

ସ ଯ ଏଷୋଽଣିମୈତଦାତ୍ମ୍ୟମିଦଁସର୍ବଂ ତତ୍‌ସତ୍ୟଁ ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ଭୂୟ ଏବ ମା ଭଗବାନ୍ବିଜ୍ଞାପୟତ୍ୱିତି ତଥା ସୋମ୍ୟେତି ହୋବାଚ ।।୪।।

ଏହି ଯେଉଁ ଅଣିମା ରହିଛି, ତାହା ଏତଦ୍‌ରୂପ ସତ୍ ଅଟେ । ତାହା ସତ୍ୟ ଅଟେ, ତାହା ଆତ୍ମା ଅଟେ ଆଉ ହେ ଶ୍ୱେତକେତୁ ତାହା ମଧ ତୁମେ ଅଟ । ଏହାଶୁଣି ଶ୍ୱେତକେତୁ କହିଲେ, ହେ ଭଗବନ୍ ! ମୁଁ ଏହି ଦୃଷ୍ଟାନ୍ତରୁ କିଛି ଅବଗତ ହୋଇପାରିଲି ନାହିଁ । ତେଣୁ ଆରୁଣି ପୁଣି କହିଲେ-(ଦଶମ ଖଣ୍ଡ ଦ୍ରଷ୍ଟବ୍ୟ)

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ନବମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୯।।

(ଷଷ୍ଠ ଅଧ୍ୟାୟ-ଦଶମ ଖଣ୍ଡ)

୧୦.ନଦୀର ଦୃଷ୍ଟାନ୍ତ

ଇମାଃ ସୋମ୍ୟ ନଦ୍ୟଃ ପୁରସ୍ତାତ୍‌ପ୍ରାଚ୍ୟଃ ସ୍ୟନ୍ଦନ୍ତେ ପଶ୍ଚାତ୍‌ପ୍ରତୀଚ୍ୟସ୍ତାଃ ସମୁଦ୍ରାତ୍ସମୁଦ୍ରମେବାପିୟନ୍ତି ସ ସମୁଦ୍ର ଏବ ଭବନ୍ତି ତା ଯଥା ତତ୍ର ନ ବିଦୁରିୟମହମସ୍ମୀୟମହମସ୍ମୀତି ।।୧।

ଏବମେବ ଖଳୁ ସୋମ୍ୟେମାଃ ସର୍ବାଃ ପ୍ରଜାଃ ସତ ଆଗମ୍ୟ ନ ବିଦୁଃ ସତ ଆଗଚ୍ଛାମହ ଇତି ତ ଇହ ବ୍ୟାଘ୍ରୋ ବା ସିଁହୋ ବା ବରାହୋ ବା କୀଟୋ ବା ପତଙ୍ଗୋ ବା ଦଁଶୋ ବା ମଶକୋ ବା ଯଦ୍ୟଦ୍‌ଭବନ୍ତି ତଦାଭବନ୍ତି ।।୨।।

ସ ଯ ଏଷୋଽଣିମୈତଦାତ୍ମ୍ୟମିଦଁ୍ସର୍ବଂ ତତ୍ସତ୍ୟଁ୍ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ଭୂୟ ଏବ ମା ଭଗବାନ୍ୱିଜ୍ଞାପୟତ୍ୱିତି ତଥା ସୋମ୍ୟେତି ହୋବାଚ ।।୩।।

ହେ ସୌମ୍ୟ ! ନଦୀମାନେ ପୂର୍ବବାହିନୀ ହୋଇ ପୂର୍ବଦିଗକୁ ଧାବିତ ହେଉଛନ୍ତି । ପଶ୍ଚିମ ବାହିନୀ ହୋଇ ପଶ୍ଚିମ ଦିଗକୁ ମଧ୍ୟ ଧାବିତ ହେଉଛନ୍ତି । ସେମାନେ ସମୁଦ୍ରରୁ ନିର୍ଗତ ହୋଇ ସମୁଦ୍ରରେ ହିଁ ଲୀନ ହେଉଛନ୍ତି । ସେମାନେ ସମସ୍ତେ ଯେଉଁଭଳି ଏହା ଜାଣନ୍ତି ନାହିଁ କି, ମୁଁ ସମୁଦ୍ର ଅଟେ ଆଉ ସମୁଦ୍ରରୁ ଆନୟନ ହୋଇ ସମୁଦ୍ରରେ ଲୀନ ହୋଇଛି ।।୧।।

ଠିକ୍ ସେହିଭଳି ହେ ସୌମ୍ୟ ! ଏହି ସମଗ୍ର ପ୍ରଜାବର୍ଗ ସତ୍‌ରୁ ଆନୟନ ହୋଇ ସତ୍‌ରେ ପ୍ରବିଷ୍ଟ ହୁଅନ୍ତି—ଏହା ଜାଣିପାରନ୍ତି ନାହିଁ । ସେଥିପାଇଁ ଏହି ଲୋକରେ ବ୍ୟାଘ୍ର ସିଂହ, ମେଣ୍ଢା, ଶୂକର, କୀଟ, ପତଙ୍ଗ, ଡାଆଁଶ, ମାଛି ଆଦି ରହିଛନ୍ତି: ସୁଷୁପ୍ତି ପୂର୍ବରୁ ସେସବୁକୁ ଯେମିତି ଥିଲେ ସେମିତି ପୁନଃ ପ୍ରାପ୍ତି ହୋଇଯାଆନ୍ତି ।।୨।।

ଏହି ଯେଉଁ ଅଣିମା ରହିଛି, ତାହା ଏତଦ୍‌ରୂପ ସତ୍ ଅଟେ । ତାହା ସତ୍ୟ ଅଟେ, ତାହା ଆତ୍ମା ଅଟେ ଆଉ ହେ ଶ୍ୱେତକେତୁ ! ତାହା ମଧ୍ୟ ତୁମେ ଅଟ । ଏହାଶୁଣି ଶ୍ୱେତକେତୁ କହିଲେ, ହେ ଭଗବନ୍ ! ମୁଁ ଏହି ଦୃଷ୍ଟାନ୍ତରୁ କିଛି ଅବଗତ ହୋଇପାରିଲି ନାହିଁ । ତେଣୁ ଆରୁଣି ପୁଣି ବୁଝାଇବାକୁ ଚେଷ୍ଟାକରି କହିଲେ— (ଏକାଦଶ ଖଣ୍ଡ ଦ୍ରଷ୍ଟବ୍ୟ)।।୩।।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ଦଶମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୦।।

(ଷଷ୍ଠ ଅଧ୍ୟାୟ-ଏକାଦଶ ଖଣ୍ଡ)

୧୧.ବୃକ୍ଷର ଦୃଷ୍ଟାନ୍ତ

ଅସ୍ୟ ସୋମ୍ୟ ମହତୋ ବୃକ୍ଷସ୍ୟ ଯୋ ମୂଲେଽଭ୍ୟାହନ୍ୟାଜ୍ଜୀବନ୍-ସ୍ରବେଦ୍ୟୋ ମଧ୍ୟେଽଭ୍ୟାହନ୍ୟାଜ୍ଜୀବନ୍ସ୍ରବେଦ୍ୟୋଽଗ୍ରେ-ଽଭ୍ୟାହନ୍ୟାଜ୍ଜୀବନସ୍ରବେତ୍ସ ଏଷ ଜୀବେନାତ୍ମନାନୁପ୍ରଭୂତଃ ପେପୀୟମାନୋ ମୋଦମାନସ୍ତିଷ୍ଠତି ।।୧।।

ହେ ସୌମ୍ୟ ! ଯଦି କେହି ମହାନ୍ (ବ୍ୟକ୍ତି) ବୃକ୍ଷର ମୂଳକୁ ଆଘାତ କରନ୍ତି, ତେବେ ଜୀବିତ ରହି ମଧ୍ୟ ସେ କେବଳ ରସସ୍ରାବ କରିବ, ଯଦି କେହି ମଧ୍ୟମ ଭାଗରେ ଆଘାତ କରେ ତେବେ ମଧ୍ୟ ସେ କେବଳ ରସସ୍ରାବ କରିବ । ପୁଣି ଯଦି କେହି

ଅଗ୍ରଭାଗରେ ଆଘାତ କରେ, ତେବେ ମଧ ସେ ଜୀବିତ ଅବସ୍ଥାରେ ରହି ମଧ ରସସ୍ରାବ କରିବ । ଏହି ବୃକ୍ଷ ଜୀବ–ଆତ୍ମା ସହିତ ଓତଃପ୍ରୋତ ଅଟେ ଏବଂ ଜଳପାନ କରି ଆନନ୍ଦରେ ନିବାସ କରେ ।।୧।।

ଅସ୍ୟ ଯଦେକାଁ ଶାଖାଂ ଜୀବୋ ଜହାତ୍ୟଥ ସା ଶୁଷ୍ୟତି ଦ୍ୱିତୀୟାଂ ଜହାତ୍ୟଥ ସା ଶୁଷତି ତୃତୀୟାଂ ଜହାତ୍ୟଥ ସା ଶୁଷ୍ୟତି ସର୍ବଂ ଜହାତିସର୍ବଃ ଶୁଷ୍ୟତି ।।୨।।

ଯଦି ଏହି ବୃକ୍ଷର ଗୋଟିଏ ଶାଖାରୁ ଜୀବ ଛାଡ଼ିଯାଏ, ତେବେ ତାହା ଶୁଖିଯାଏ । ଯଦି ଆଉଗୋଟିଏ ଶାଖାରୁ ଛାଡ଼ିଯାଏ, ତେବେ ଅନ୍ୟଟି ଶୁଖିଯାଏ । ଏହିଭଳି ସମ୍ପୂର୍ଣ୍ଣ ବୃକ୍ଷକୁ ଛାଡ଼ିଦେଲେ ପୂର୍ଣ୍ଣତୟା ବୃକ୍ଷଟି ଶୁଷ୍କ ହୋଇଯାଏ ।।୨।।

ଏବମେବ ଖଲୁ ସୋମ୍ୟ ବିଦ୍ଧୀତି ହୋବାଚ ଜୀବାପେତଂ ବାବ କିଲେଦଂ ମ୍ରିୟତ ନ ଜୀବା ମ୍ରିୟତ ଇତି ସ ଯ ଏଷୋଽଣିମୈତଦାତ୍ମ୍ୟମିଦଁସର୍ବଂ ତତ୍‌ସତ୍ୟଁ ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ଭୂୟ ଏବ ମା ଭଗବାନ୍ୱିଜ୍ଞାପୟତ୍ୱିତି ତଥା ସୌମ୍ୟେତି ହୋବାଚ ।।୩।।

ହେ ସୌମ୍ୟ ! ଠିକ୍ ସେହିଭଳି ତୁମଠାରେ ଜୀବ ରହିଛି ବୋଲି ଶରୀର ଅଛି ଏବଂ ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକ ଚଳତ୍‌କ୍ଷମ ହେଉଛନ୍ତି । ଯେଉଁ ଅଂଶରୁ ଜୀବ ଛାଡ଼ିଯାଉଛି, ତାହା ଅକର୍ମଣ୍ୟ ହୋଇଯାଉଛି । କିନ୍ତୁ ଜୀବ ସମ୍ପୂର୍ଣ୍ଣ ଚଳତ୍‌କ୍ଷମ ହେଉନାହିଁ । ଏହି ଯେଉଁ ଅଣିମା ରହିଛି, ତାହା ଏତଦ୍‌ରୂପ ହୋଇ ବିଦ୍ୟମାନ ଅଟେ । ତାହା ସତ୍ୟ ଅଟେ, ତାହା ଆତ୍ମା ଅଟେ ପୁଣି ତାହା ତୁମେ ମଧ ଅଟ । ଏହା ସତ୍ତ୍ୱେ ଶ୍ୱେତକେତୁ ଅବଗତ ହୋଇ ନ ପାରିବାରୁ ପୁନଶ୍ଚ ଆଉଗୋଟିଏ ଦୃଷ୍ଟାନ୍ତରେ ବୁଝାଉଛନ୍ତି— (ଦ୍ୱାଦଶ ଖଣ୍ଡ ଦ୍ରଷ୍ଟବ୍ୟ) ।।୩।।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ଏକାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୧।।

(ଷଷ୍ଠ ଅଧ୍ୟାୟ-ଦ୍ୱାଦଶ ଖଣ୍ଡ)

୧୨.ବଟବୀଜର ଦୃଷ୍ଟାନ୍ତ

ନ୍ୟଗ୍ରୋଧଫଳମତ ଆହରେତୀଦଂ ଭଗବ ଇତି ଭିନ୍ଦ୍ଧୀତି ଭିନ୍ନଂ ଭଗବ ଇତି କିମତ୍ର ପଶ୍ୟସୀତ୍ୟଣ୍ୱ୍ୟ ଇବେମା ଧାନା

ଭଗବ ଇତ୍ୟାସାମଙ୍ଗୈକାଂ ଭିନ୍ଦ୍ଧୀତି ଭିନ୍ନା ଭଗବ ଇତି କିମତ୍ର ପଶ୍ୟସୀତି ନ କିଞ୍ଚନ ଭଗବ ଇତି ।।୧।।

ତଁହୋବାଚ ଯଂ ବୈ ସୋମ୍ୟୈତମଣିମାନଂ ନ ନିଭାଲୟସ ଏତସ୍ୟ ବୈ ସୋମ୍ୟୈଷୋଽଣିମ୍ନ ଏବଂ ମହାନ୍ୟଗ୍ରୋଧସ୍ତିଷ୍ଠତି ଶ୍ରଦ୍ଧତ୍ସ୍ୱ ସୋମ୍ୟେତି ।।୨।।

ସ ଯ ଏଷୋଽଣିମୈତଦାତ୍ମ୍ୟମିଦଁସର୍ବଂ ତତ୍ସତ୍ୟଁସଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ଭୂୟ ଏବ ମା ଭଗବାନ୍ ବିଜ୍ଞାପୟତ୍ୱିତି ତଥା ସୋମ୍ୟେତି ହୋବାଚ ।।୩।।

ସମ୍ମୁଖସ୍ଥ ଏକ ବଟବୃକ୍ଷକୁ ଦେଖି ଆରୁଣି କହିଲେ— ସେଠାରୁ ଏକ ଫଳ ନେଇଆସ । ଶ୍ୱେତକେତୁ ଫଳଟିକୁ ଆଣି କହିଲେ, ଭଗବନ୍ ! ଏହାକୁ ନେଇ ଆସିଲି । ଆରୁଣି କହିଲେ ତାହେଲେ ଏହାକୁ ଫଟାଇଦିଅ । ତାକୁ ଭାଙ୍ଗି ସାରିବାପରେ କ'ଣ ଦେଖିଲ ? ଶ୍ୱେତକେତୁ କହିଲେ, ହେ ଭଗବନ୍ ଏଥିରେ ଅଣୁସମ ଦାନାସବୁ ରହିଛନ୍ତି । ତାହେଲେ ସେଥିରୁ ଗୋଟିକୁ ଫଟାଅ, ସେଥିରେ କ'ଣ ଦେଖିଲ ? ଶ୍ୱେତକେତୁ ଉତ୍ତରଦେଲେ, କିଛିନାହିଁ ।।୧।।

ଆରୁଣୀ କହିଲେ, ହେ ସୌମ୍ୟ ! ଏହି ବୃକ୍ଷର ଯେଉଁ ଅଣୁକୁ ତୁମେ ଦେଖିପାରୁନାହିଁ, ତନ୍ମଧ୍ୟରେ ରହୁଥିବା ଅଣୁ ଏତେବଡ଼ ବୃକ୍ଷକୁ ଜନ୍ମଦେବାରେ ସକ୍ଷମ ହେଉଛି । ତେଣୁ ତୁମେ ଏହାକୁ ଜାଣିଯାଅ ।।୨।।

ସେହି ଅଣିମା ଏତଦ୍ରୂପ ବୋଲି ବୁଝିନିଅ । ତାହା ସତ୍ୟ ଅଟେ, ତାହା ଆତ୍ମା ଅଟେ, ତାହା ତୁମେ ମଧ୍ୟ ଅଟ । ଏହା ମଧ୍ୟ ଅବୋଧ ରହିବାରୁ ପୁଣି ଗୋଟିଏ ଦୃଷ୍ଟାନ୍ତ ଦେଇ ବୁଝାଉଛନ୍ତି—(ତ୍ରୟୋଦଶ ଖଣ୍ଡ ଦ୍ରଷ୍ଟବ୍ୟ) ।।୩।।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ଦ୍ୱାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୨।।

(ଷଷ୍ଠ ଅଧ୍ୟାୟ-ତ୍ରୟୋଦଶ ଖଣ୍ଡ)

୧୩.ଲବଣପୁତ୍ତଳିକାର ଦୃଷ୍ଟାନ୍ତ

ଲବଣମେତଦୁଦକେଽବଧାୟାଥ ମା ପ୍ରାତରୁପସୀଦଥା ଇତି ସ ହ ତଥା ଚକାର ତଁହୋବାଚ ଯଦୋଷା ଲବଣମୁଦକେଽବାଧା ଅଙ୍ଗ ତଦାହରେତି ତଦ୍ଧାବମୃଶ୍ୟ ନ ବିବେଦ ।।୧।।

ହେ ସୌମ୍ୟ ! ଏହି ଲବଣ ପୁତ୍ତଳିକାଟିକୁ ନେଇ ଜଳରେ ରଖ ଏବଂ ସକାଳେ ଆସି ଏହାର ସ୍ଥିତି ସମ୍ପର୍କରେ ଅବଗତ କରାଅ । ଆରୁଣିଙ୍କ କହିବାନୁସାରେ ଶ୍ୱେତକେତୁ ପୁତ୍ତଳିକାଟିକୁ ନେଇ ଜଳରେ ରଖିଲେ ଏବଂ ସକାଳେ ଆସି କହିଲେ, ହେ ଭଗବନ୍ ! ସ୍ଥାପିତ ପୁତ୍ତଳିକାଟିକୁ ମୁଁ ପାଉନାହିଁ ।।୧।।

ଯଥା ବିଲୀନମେବାଙ୍ଗାସ୍ୟାନ୍ତାଦାଚାମେତି କଥମିତି ଲବଣମିତି ମଧ୍ୟାଦାଚାମେତି କଥମିତି ଲବଣମିତ୍ୟନ୍ତାଦାଚାମେତି କଥମିତି ଲବଣମିତ୍ୟଭିପ୍ରାସ୍ୟୈତଦଥ ମୋପସୀଦଥା ଇତି ତଦ୍ଧ ତଥାଚକାର ତଚ୍ଛଶ୍ୱତ୍ସଂବର୍ତତେ ତଁହୋବାଚାତ୍ର ବାବ କିଲ ସତ୍ସୋମ୍ୟ ନ ନିଭାଳୟସେଽତ୍ରୈବ କିଲେତି ।।୨।।

(ଆରୁଣି କହିଲେ) ଯେଉଁଭଳି ପୁତ୍ତଳିକାଟି ଜଳରେ ବିଲୀନ ହୋଇଗଲା, ତାହା ତୁମେ ଜାଣିପାରିଲ ନାହିଁ ଠିକ୍ ସେହିଭଳି ଜୀବଜଗତ୍ ଲୀନ ହୋଇଯାଆନ୍ତି । ଏବେ ସେହି ବିଲୀନ ଜଳରୁ କିଛି ଆଚମନ କର, କିଭଳି ଲାଗୁଛି ? ଶ୍ୱେତକେତୁ ଉତ୍ତର ଦେଲେ— ଲୁଣିଆ । ମଝିରୁ କିଛି ଜଳନେଇ ଆଚମନ କର, ତାହା କିଭଳି ଲାଗୁଛି ? ଉତ୍ତର ମିଳିଲା, ଲୁଣିଆ । ପୁଣି ତଳୁ କିଛି ଜଳନେଇ ଆଚମନ କର, କିଭଳି ଲାଗୁଛି ? ଉତ୍ତର ମିଳିଲା, ଲୁଣିଆ । ଆଚ୍ଛା, ଏବେ ଉକ୍ତ ଜଳକୁ ଫିଙ୍ଗିଦିଅ ଏବଂ ବୁଝିନିଅ ଜଳରେ ଲବଣ ସର୍ବଦା ବିଦ୍ୟମାନ ଥାଏ । ହେ ସୌମ୍ୟ ! ଜାଣିନିଅ ସତ୍ ମଧ୍ୟ ସେହିଭଳି ଏଥିରେ ବିଦ୍ୟମାନ ଅଟେ ।।୨।।

ସ ଯ ଏଷୋଽଣିମୈତଦାତ୍ମ୍ୟମିଦଁ ସର୍ବଂ ତତ୍ସତ୍ୟଁ ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ଭୂୟଏବ ମା ଭଗବାନ୍ୱିଜ୍ଞାପୟତ୍ୱିତି ତଥା ସୋମ୍ୟେତି ହୋବାଚ ।।୩।।

ଏହି ଯେଉଁ ଅଣିମା ରହିଛି, ତାହା ଏତଦ୍‌ରୂପ ସବୁକିଛି ଅଟେ । ତାହା ସତ୍ୟ ଅଟେ, ତାହା ଆତ୍ମା ଅଟେ, ତାହା ତୁମେ ମଧ୍ୟ ଅଟ । ଏହା ସତ୍ତ୍ୱେ ଶ୍ୱେତକେତୁ କହିଲେ— ହେ ଭଗବନ୍ ! ମୋତେ ପୁନଃ ଅବଗତି କରାନ୍ତୁ । ଏଠାରେ ତାଙ୍କର ଅବୋଧତା ପାଇଁ ଆରୁଣି ଅନ୍ୟ ଦୃଷ୍ଟାନ୍ତ ଦେଇ ବୁଝାଇବାକୁ ଚେଷ୍ଟା କରିଛନ୍ତି ।।୩।।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ତ୍ରୟୋଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୩।।

(ଷଷ୍ଠ ଅଧ୍ୟାୟ-ଚତୁର୍ଦ୍ଦଶ ଖଣ୍ଡ)

୧୪.ଆଖିରେ ପଟି ପଡ଼ିଥିବା ଲୋକର ଦୃଷ୍ଟାନ୍ତ

ଯଥା ସୋମ୍ୟ ପୁରୁଷଂ ଗନ୍ଧାରେଭ୍ୟୋଽଭିନଦ୍ଧାକ୍ଷମାନୀୟ ତଂ ତତୋଽତିଜନେ ବିସୃଜେତ୍ସ ଯଥା ତତ୍ର ପ୍ରାଙ୍ ବୋଦଙ୍ ବାଧରାଙ୍ ବା ପ୍ରତ୍ୟଙ୍ ବା ପ୍ରଧ୍ମାୟତାଭିନଦ୍ଧାକ୍ଷ ଆନୀତୋଽଭିନଦ୍ଧାକ୍ଷୋ ବିସୃଷ୍ଟ ।।୧।।

ହେ ସୌମ୍ୟ ! ଯେଉଁଭଳି କୌଣସି ଚୋର ଯାହାର ଆଖି ବାନ୍ଧିଦେଇ ଗାନ୍ଧାର ଦେଶରୁ ନେଇ ଜନଶୂନ୍ୟ ରାସ୍ତାରେ ଛାଡ଼ିଦିଆଯାଏ, ଆଉ ସେଠାରେ ସେ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ସବୁଆଡ଼କୁ ମୁହଁକରି ଯଦି ଚିତ୍କାର କରି କହେ— ମୋର ଆଖି ବନ୍ଧାଯାଇ ମୋତେ ଏଠାକୁ ଆଣି ଛାଡ଼ି ଦିଆଯାଇଛି, ତେବେ କେହିହେଲେ ତାର ବନ୍ଧନ ଖୋଲିପାରିବେ ନାହିଁ ।।୧।।

ତସ୍ୟ ଯଥାଭିନହନଂ ପ୍ରମୁଚ୍ୟ ପ୍ରବ୍ରୂୟଦେତାଂ ଦିଶଂ ଗନ୍ଧାରା ଏତାଂ ଦିଶଂ ବ୍ରଜେତି ସ ଗ୍ରାମାଦ୍‌ଗ୍ରାମଂ ପୃଛନ୍‌ପଣ୍ଡିତୋ ମେଧାବୀ ଗନ୍ଧାରାନେବୋପସମ୍ପଦ୍ୟେ ତୈବମେବେହାଚାର୍ଯ୍ୟବାନ୍‌ପୁରୁଷୋ ବେଦ ତସ୍ୟ ତାବଦେବ ଚିରଂ ଯାବନ୍ନ ବିମୋକ୍ଷ୍ୟେଽଥ ସମ୍ପତ୍‌ସ୍ୟ ଇତି ।।୨।।

ଯଦିବା କେହି ଖୋଲି ତାକୁ କହେ ଅମୁକ ଦିଗଟି ଗାନ୍ଧାରଦେଶକୁ, ତେବେ ସେ ଚେଷ୍ଟା କରି କରି ଅର୍ଥାତ୍ ପଚାରି ପଚାରି ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ଆସି ଉପଯୁକ୍ତ ଗ୍ରାମରେ ଉପନୀତ ହୋଇଯାଏ । ଠିକ୍ ସେହିଭଳି ଏହିଲୋକରେ ଆଚାର୍ଯ୍ୟବାନ ପୁରୁଷ ସତ୍‌କୁ ଜାଣିଥାଏ: ଯେ ପର୍ଯ୍ୟନ୍ତ ସେ ଦେହବନ୍ଧନରୁ ମୁକ୍ତ ନ ହୋଇଛନ୍ତି ତାଙ୍କପାଇଁ ମୋକ୍ଷ ରହି ମଧ ବିଳମ୍ବରେ ପ୍ରାପ୍ତ ହୁଏ । ତଦୁପରେ ସେ ସତ୍‌ସମ୍ପନ୍ନ ବ୍ରହ୍ମକୁ ପ୍ରାପ୍ତ ହୁଏ ।।୨।।

ସ ଯ ଏଷୋଽଣିମୈତଦାତ୍ମ୍ୟମିଦ୍ଁସର୍ବଂ ତତ୍‌ସତ୍ୟଁ ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ଭୂୟଏବ ମା ଭଗବାନ୍ ବିଜ୍ଞାପୟତ୍ୱିତି ତଥା ସୋମ୍ୟେତି ହୋବାଚ ।।୩।।

ତାଙ୍କର ଏହି ଯେଉଁ ଅଣିମା ରହିଛି, ସେହିଭଳି ହେଉଛି ସବୁକିଛି । ତାହା ସତ୍ୟ ଅଟେ, ତାହା ଆତ୍ମା ଅଟେ ଆଉ ହେ ଶ୍ୱେତକେତୁ ! ତାହା ତୁମେ ମଧ ଅଟ ।

(ଆରୁଣି ଏଭଳି କହିବାରୁ ଶ୍ୱେତକେତୁ ପଚାରିଲେ—) ହେ ଭଗବନ୍ ! ମୋତେ ପୁନର୍ବାର ବୁଝାଇଦିଅନ୍ତୁ । ଏହାଶୁଣି ଆରୁଣି କହିଲେ— ଆଚ୍ଛା, ତେବେ ଅନ୍ୟ ଏକ ଦୃଷ୍ଟାନ୍ତ ଶ୍ରବଣକର ।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ଚତୁର୍ଦ୍ଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୪।।

(ଷଷ୍ଠ ଅଧ୍ୟାୟ-ପଞ୍ଚଦଶ ଖଣ୍ଡ)

୧୫.ମୁମୂର୍ଷୁର ଦୃଷ୍ଟାନ୍ତ

ପୁରୁଷଁସୋମ୍ୟୋତୋପତାପିନଂ ଜ୍ଞାତୟଃ ପର୍ଯ୍ୟୁପାସତେ ଜାନାସି ମାଂ ଜାନାସି ମାମିତି । ତସ୍ୟ ଯାବନ୍ନ ବାଙ୍ଗ୍‌ମନସି ସମ୍ପଦ୍ୟତେ ମନଃ ପ୍ରାଣେ ପ୍ରାଣସ୍ତେଜସି ତେଜଃ ପରସ୍ୟାଂ ଦେବତାୟାଂ ତାବଜ୍ଜାନାତି ।।୧।।

ହେ ସୌମ୍ୟ ! ଜ୍ୱରାଦି ପୀଡ଼ିତ(ସନ୍ତପ୍ତ) କୌଣସି ପୁରୁଷକୁ ଚତୁର୍ଦ୍ଦିଗରୁ ବେଢିଯାଇ ତାଙ୍କ ଆତ୍ମୀୟଗଣ ପଚାରନ୍ତି, ମୋତେ ଚିହ୍ନିପାରୁଛ ? ମୋତେ ଚିହ୍ନିପାରୁଛ ? ଯେ ପର୍ଯ୍ୟନ୍ତ ତାଙ୍କର ବାଣୀ ମନରେ ଲୀନ ନ ହୋଇଛି, ମନ ପ୍ରାଣରେ ଲୀନ ନ ହୋଇଛି, ପ୍ରାଣ ତେଜରେ ଏବଂ ତେଜ ପରଦେବତାରେ ଲୀନ ନ ହୋଇଛି, ସେ ପର୍ଯ୍ୟନ୍ତ ସେ ଚିହ୍ନିପାରେ ।।୧।।

ଅଥ ଯଦାସ୍ୟ ବାଙ୍ଗ୍‌ମନସି ସମ୍ପଦ୍ୟତେ ମନଃ ପ୍ରାଣେ ପ୍ରାଣସ୍ତେଜସି ତେଜଃ ପରସ୍ୟାଂ ଦେବତାୟାମଥ ନ ଜାନାତି ।।୨।।

ପୁଣି ଯେତେବେଳେ ତାଙ୍କର ବାଣୀ ମନରେ ଲୀନ ହୋଇଯାଏ, ମନ ପ୍ରାଣରେ, ପ୍ରାଣ ତେଜରେ, ତେଜ ପରଦେବତାରେ ଲୀନ ହୁଏ, ସେତେବେଳେ ସେ ଆଉ ଚିହ୍ନିପାରେ ନାହିଁ ।।୨।।

ସ ଯ ଏଷୋଽଣିମୈତଦାତ୍ମ୍ୟମିଦଁସର୍ବଂ ତତ୍‌ସତ୍ୟଁ ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ଭୂୟ ଏବ ମା ଭଗବାନ୍ବିଜ୍ଞାପୟତ୍ୱିତି ତଥା ସୋମ୍ୟେତି ହୋବାଚ ।।୩।।

ତାଙ୍କର ଏଭଳି ଯେଉଁ ଅଣିମା, ସେହିଭଳି ଏ ସମସ୍ତ ଅଟେ । ତାହା ସତ୍ୟ ଅଟେ,

ତାହା ଆତ୍ମା ଅଟେ, ତାହା ତୁମେ ମଧ୍ୟ ଅଟ । ହେ ଶ୍ୱେତକେତୁ ! ତୁମେ ସେ ଅଟ, ଏହିଭଳି ବୁଝିନିଅ । (ଆରୁଣିଙ୍କ ଏଭଳି କଥନ ସତ୍ତ୍ୱେ ଶ୍ୱେତକେତୁ ଅବୋଧ ହୋଇ ପୁନଃ ପ୍ରଶ୍ନକଲେ—) ହେ ଭଗବନ୍ ! ମୋତେ ଆହୁରି ବିଶଦକରି ବୁଝାଇଦିଅନ୍ତୁ । ଆରୁଣି କହିଲେ, ତାହେଲେ ଶୁଣ ।।୩।।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ପଞ୍ଚଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୫।।

(ଷଷ୍ଠ ଅଧ୍ୟାୟ-ଷୋଡ଼ଶ ଖଣ୍ଡ)

୧୬.ମିଥ୍ୟାଜ୍ଞାନୀ ଏବଂ ସତ୍ୟଜ୍ଞାନୀର ପରିଚୟ

ପୁରୁଷଁ ସୋମ୍ୟୋତ ହସ୍ତଗୃହୀତମାନୟନ୍ତ୍ୟପହାର୍ଷୀଦ୍ସ୍ତେୟ- ମକାର୍ଷୀତ୍ପରଶୁମସ୍ମୈ ତପତେତି ସ ଯଦି ତସ୍ୟ କର୍ତା ଭବତି ତତ ଏବାନୃତମାତ୍ମାନଂ କୁରୁତେ ସୋଽନୃତାଭିସନ୍ଧୋଽନୃତେନାତ୍ମାନ ମନ୍ତର୍ଧାୟ ପରଶୁଂ ତପ୍ତଂ ପ୍ରତିଗୃହ୍ଣାତି ସ ଦହ୍ୟତେଽଥ ହନ୍ୟତେ ।।୧।।

ହେ ସୌମ୍ୟ ! ରାଜକର୍ମଚାରୀ କୌଣସି ଏକ ବ୍ୟକ୍ତିର ହାତକୁ ବାନ୍ଧି ନେଇ ଆସନ୍ତି, ଆଉ କହନ୍ତି— ଏହି ବ୍ୟକ୍ତି ଧନ ଅପହର୍ତ୍ତା ଅଟେ, ଚୋରି କରିଛି, ତା'ପାଇଁ ପରଶୁ ତପ୍ତ କର । ସେ ଯଦି ଏହାର ଅର୍ଥାତ୍ ଚୋରି କରାଯାଇଥିବା ବସ୍ତୁର ପ୍ରକୃତ ଅପହର୍ତ୍ତା ହୋଇଥାଏ, ତେବେ ନିଜକୁ ମିଥ୍ୟାବାଦୀ ବୋଲି ପ୍ରମାଣିତ କରିବାକୁ ଚାହେଁ । ସେହି ମିଥ୍ୟା ଅଭିନିବେଶକାରୀ ବ୍ୟକ୍ତି ନିଜକୁ ମିଥ୍ୟା ଠାରୁ ଦୂରେଇ ନେବାପାଇଁ ତପ୍ତ ପରଶୁକୁ ମଧ୍ୟ ଗ୍ରହଣ କରିପାରେ କିନ୍ତୁ ତହିଁରେ ସେ ଦଗ୍ଧୀଭୂତ ହୁଏ ଏପରିକି ମୃତ୍ୟୁକୁ ମଧ୍ୟ ବରଣ କରେ ।।୧।।

ଅଥ ଯଦି ତସ୍ୟାକର୍ତା ଭବତି ତତ ଏବ ସତ୍ୟମାତ୍ମାନଂ କୁରୁତେ ସ ସତ୍ୟାଭିସନ୍ଧଃ ସତ୍ୟେନାତ୍ମାନମନ୍ତର୍ଧାୟ ପରଶୁଂ ତପ୍ତଂ ପ୍ରତିଗୃହ୍ଣାତି ସ ନ ଦହ୍ୟତେଽଥ ମୁଚ୍ୟତେ ।।୨।।

ଯଦି ସେ ଉକ୍ତ ବସ୍ତୁର ପ୍ରକୃତ ଅପହର୍ତ୍ତା ହୋଇନଥାଏ, ତେବେ ସେ ନିଜକୁ ତହିଁରୁ ଦୂରେଇ ନେଇ ସତ୍ୟ ପ୍ରମାଣିତ କରିବାକୁ ଚେଷ୍ଟାକରେ । ଉକ୍ତ ସତ୍ୟାଭିସନ୍ଧ ନିଜକୁ ସତ୍ୟ ଦ୍ୱାରା ଆବୃତ୍ତ କରି ସେହି ତାପିତ ପରଶୁକୁ ଧରିନିଏ । ତହିଁରେ ସେ ଦଗ୍ଧ ହୁଏନାହିଁ । ଫଳରେ ତାକୁ ଛାଡ଼ି ଦିଆଯାଏ ।।୨।।

ସ ଯଥା ତତ୍ର ନାଦାହ୍ୟେତୈତଦାତ୍ମ୍ୟମିଦ୍ଁସର୍ବ ତତ୍ସତ୍ୟଁ୍ ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ତଦ୍ଧାସ୍ୟ ବିଜଜ୍ଞାବିତି ବିଜଜ୍ଞାବିତି ।।୩।।

ସେ ଯେଉଁଭଳି ଉକ୍ତ ପରୀକ୍ଷା ସମୟରେ ଦଗ୍ଧ ହୋଇଯାଏ ନାହିଁ, ସେହିଭଳି ବିଦ୍ୱାନମାନଙ୍କର ପୁନରାବର୍ତ୍ତନ ହୁଏନାହିଁ ଆଉ ଅବିଦ୍ୱାନମାନଙ୍କର ହୁଏ । ଏହିସବୁ ଏତଦ୍ରୂପ ଅଟେ । ତାହା ସତ୍ୟ ଅଟେ, ଆତ୍ମା ଅଟେ ଏବଂ ହେ ଶ୍ୱେତକେତୁ ! ତାହା ତୁମେ ଅଟ । ବର୍ତ୍ତମାନ ଶ୍ୱେତକେତୁ ଏହାକୁ ବୁଝିନେଇ କୃତ୍ୟକୃତ୍ୟ ହେଲେ ।।୩।।

ଇତି ଛାନ୍ଦୋଗ୍ୟୋପନିଷଦି ଷଷ୍ଠାଧ୍ୟାୟେ ଷୋଡ଼ଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୬।।

ଷଷ୍ଠୋଽଧ୍ୟାୟଃ ସମାପ୍ତଃ ।।୬।।

ସପ୍ତମୋଽଧ୍ୟାୟଃ

ବିବିଧ ରୂପେ ବ୍ରହ୍ମଙ୍କର ଉପାସନା

(ସପ୍ତମ ଅଧ୍ୟାୟ-ପ୍ରଥମ ଖଣ୍ଡ)

୧. ନାମଙ୍କୁ ବ୍ରହ୍ମରୂପେ ଉପାସନା
(ନାରଦଙ୍କୁ ସନତ୍‌କୁମାରଙ୍କ ଉପଦେଶ)

ଓଁ ଅଧୀହି ଭଗବ ଇତି ହୋପସସାଦ ସନତ୍କୁମାରଂ ନାରଦସ୍ତଁହୋବାଚ ଯଦ୍ୱେତ୍ଥ ତେନ ମୋପସୀଦ ତତସ୍ତ ଉର୍ଦ୍ଧ୍ୱଂ ବକ୍ଷ୍ୟାମୀତି ସ ହୋବାଚ ।।୧।।

ହେ ଭଗବନ୍ ! ମୋତେ ଉପଦେଶ ଦିଅନ୍ତୁ । ଏଭଳି କହି ନାରଦ ସନତ୍‌କୁମାରଙ୍କ ପାଖକୁ ଆସିଲେ । ତାଙ୍କୁ ସନତ୍‌କୁମାର କହିଲେ, ତୁମେ ଯାହା ଜାଣିଛ, ସେଗୁଡ଼ିକ ମୋ'ଆଗରେ ବଖାଣି ମୋ'ପ୍ରତି ଉପସନ୍ନ ହୁଅ । ତାପରେ ମୁଁ ତୁମକୁ ଯାହା ଜାଣିଛି ଆଗକୁ କହିବି ।।୧

ଋଗ୍‌ବେଦଂ ଭଗବୋଽଧ୍ୟେମି ଯଜୁର୍ବେଦଁସାମବେଦମାଥର୍ବଣଂ ଚତୁର୍ଥମିତିହାସପୁରାଣଂ ପଞ୍ଚମଂ ବେଦାନାଂ ବେଦଂ ପିତ୍ର୍ୟଁ ରାଶିଂ ଦୈବଂ ନିଧିଂ ବାକୋବାକ୍ୟମେକାୟନଂ ଦେବବିଦ୍ୟାଂ ବ୍ରହ୍ମବିଦ୍ୟାଂ ଭୂତବିଦ୍ୟାଂ କ୍ଷତ୍ରବିଦ୍ୟାଂ ନକ୍ଷତ୍ରବିଦ୍ୟାଁସର୍ପଦେବଜନବିଦ୍ୟାମେତଦ୍ଭ ଗବୋଽଧ୍ୟେମି ।।୨।।

ଭଗବନ୍ ! ମୁଁ ଋକ୍‌ବେଦ, ଯଜୁର୍ବେଦ, ସାମ୍‌ବେଦ ଏବଂ ଚତୁର୍ଥ ଅଥର୍ବ ବେଦକୁ ମଧ୍ୟ ଜାଣିଅଛି । ଏହା ବ୍ୟତୀତ ଇତିହାସ-ପୁରାଣ ରୂପ ପଞ୍ଚମ ବେଦ ତଥା ବ୍ୟାକରଣ, ଶ୍ରାଦ୍ଧକଳ୍ପ, ଗଣିତ, ଉତ୍ପାତ ଜ୍ଞାନ, ନିଧିଶାସ୍ତ୍ର, ତର୍କଶାସ୍ତ୍ର, ନୀତି, ଦେବବିଦ୍ୟା, ବ୍ରହ୍ମବିଦ୍ୟା, ଭୂତବିଦ୍ୟା, କ୍ଷେତ୍ରବିଦ୍ୟା, ନକ୍ଷତ୍ର ବିଦ୍ୟା, ସର୍ପବିଦ୍ୟା(ଗାରୁଡ଼ ମନ୍ତ୍ର) ଏବଂ ଦେବଜନ ବିଦ୍ୟା, ନୃତ୍ୟ-ସଙ୍ଗୀତ ବିଦ୍ୟା ଆଦିକୁ ଜାଣିଅଛି । ହେ ଭଗବନ୍ ! ମୁଁ କେବଳ ମନ୍ତ୍ରବେତ୍ତା ଅଟେ, ଆତ୍ମବେତ୍ତା ନୁହେଁ ।।୨

ସୋଽହଂ ଭଗବୋ ମନ୍ତ୍ରବିଦେବାସ୍ମି ନାତ୍ମବିଚ୍ଛ୍ରୁତଁହ୍ୟେବ ମେ ଭଗବଦ୍ଦୃଶେଭ୍ୟସ୍ତରତି ଶୋକମାତ୍ମବିଦିତି ସୋଽହଂ ଭଗବଃ ଶୋଚାମି ତଂ ମା ଭଗବାଞ୍ଛୋକସ୍ୟ ପାରଂ ତାରୟତ୍ୱିତି ତଁହୋବାଚ ଯଦ୍ବୈ କିଞ୍ଚୈତଦଧ୍ୟଗୀଷ୍ଠା ନାମୈବୈତତ୍ ।।୩।।

ନାମ ବା ଋଗ୍‌ବେଦୋ ଯଜୁର୍ବେଦଃ ସାମବେଦ ଆଥର୍ବଣଶ୍ଚତୁର୍ଥ ଇତିହାସପୁରାଣଃ ପଞ୍ଚମୋ ବେଦାନାଂ ବେଦଃ ପିତ୍ର୍ୟୋ ରାଶିର୍ଦୈବୋ ନିଧିର୍ବାକୋବାକ୍ୟମେକାୟନଂ ଦେବବିଦ୍ୟା ବ୍ରହ୍ମବିଦ୍ୟା ଭୂତବିଦ୍ୟା କ୍ଷତ୍ରବିଦ୍ୟା ନକ୍ଷତ୍ରବିଦ୍ୟା ସର୍ପଦେବଜନବିଦ୍ୟା ନାମୈବୈତନ୍ନାମୋପାସ୍ସ୍ୱେତି ।।୪।।

ମୁଁ ଆପଣମାନଙ୍କଠାରୁ ଶୁଣିଅଛି, ଆତ୍ମବେତ୍ତା ଶୋକକୁ ଜୟ କରିଥାନ୍ତି କିନ୍ତୁ ମୁଁ ଶୋକ କରୁଅଛି । ଏଣୁ ହେ ଭଗବନ୍ ! ମୋତେ ତହିଁରୁ ଉଦ୍ଧାର କରନ୍ତୁ । ଏହାଶୁଣି ସନତ୍‌କୁମାର କହିଲେ– ତୁମେ ଯାହାସବୁ ଜାଣିଅଛ, ତାହା କେବଳ ନାମମାତ୍ର ଅଟେ ଏ । ଋକ୍‌ବେଦ ନାମ ଅଟେ, ଯଜୁର୍ବେଦ, ସାମ୍‌ବେଦ, ଅଥର୍ବଣ ବେଦ, ଇତିହାସ–ପୁରାଣ, ବେଦର ବେଦ ବ୍ୟାକରଣ, ଶ୍ରାଦ୍ଧକଳ୍ପ, ଗଣିତ, ଉତ୍ପାତଜ୍ଞାନ, ନିଧିଜ୍ଞାନ, ତର୍କଶାସ୍ତ୍ର, ନୀତିଶାସ୍ତ୍ର, ନିରୁକ୍ତ, ବେଦବିଦ୍ୟା, ଭୂତବିଦ୍ୟା, ଧନୁର୍ବେଦ, ଜ୍ୟୋତିଷ, ଗାରୁଡ, ସଙ୍ଗୀତାଦି କଳା ଏବଂ ଶିଳ୍ପବିଦ୍ୟା ଏମାନେ ସମସ୍ତେ ନାମବାଚକ ଅଟନ୍ତି । ତୁମେ ନାମଙ୍କର ଉପାସନା କର । ତାହା ଯେଉଁ ନାମ 'ଏହା ବ୍ରହ୍ମ ଅଟେ' ଭାବରେ ବିଦିତ, ତେଣୁ ତାଙ୍କର ଉପାସନା କରିବା ଦରକାର । ଯେପର୍ଯ୍ୟନ୍ତ ନାମର ଗତି ସମ୍ପର୍କରେ ପ୍ରଶ୍ନ ଉଠୁଛି, ସେ ପର୍ଯ୍ୟନ୍ତ ତାହାର ଯଥେଚ୍ଛା ଗତି ହୋଇଯାଉଛି । ଯେତେବେଳେ ନାମର ''ଏହା ବ୍ରହ୍ମ ଅଟେ'' ଏଭଳି ଉପାସନା ଆସୁଛି, ସେତେବେଳେ ତାହା ସବୁକିଛି ହୋଇଯାଉଛି ।।୩–୪।।

ସ ଯୋ ନାମ ବ୍ରହ୍ମେତ୍ୟୁପାସ୍ତେ ଯାବନ୍ନାମ୍ନୋ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯୋ ନାମ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବୋ ନାମ୍ନୋ ଭୂୟ ଇତି ନାମ୍ନୋ ବାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍‌ବ୍ରବୀତ୍ୱିତି ।।୫।।

ନାରଦ କହିଲେ, ହେ ଭଗବନ୍ ! ତାହେଲେ କ'ଣ ନାମ ଭିନ୍ନ ଆଉ କିଛି ରହିଛି ? ସନତ୍‌କୁମାର କହିଲେ, ନାମଠାରୁ ଅଧିକ ଆହୁରି ଅନେକ କିଛି ଅଛି । ନାରଦ କହିଲେ— ତାହେଲେ ହେ ଭଗବନ୍ ! ସେ ସମ୍ପର୍କରେ ମୋତେ କିଛି ଅଧିକ ସୂଚନା ଦିଅନ୍ତୁ ।।୫

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ପ୍ରଥମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧।।

(ସପ୍ତମ ଅଧ୍ୟାୟ-ଦ୍ୱିତୀୟ ଖଣ୍ଡ)

୨.ବାକ୍ ବା ବାଣୀଙ୍କର ବ୍ରହ୍ମ ରୂପେ ଉପାସନା

ବାଗ୍‌ବାବ ନାମ୍ନୋ ଭୂୟସୀ ବାଗ୍ୱା ଋଗ୍‌ବେଦଂ ବିଜ୍ଞାପୟତି ଯଜୁର୍ବେଦଁସାମବେଦମାଥର୍ବଣଂ ଚତୁର୍ଥମିତିହାସପୁରାଣଂ ପଞ୍ଚମଂ ବେଦାନାଂ ବେଦଂ ପିତ୍ର୍ୟଁ୍ ରାଶିଂ ଦୈବଂ ନିଧିଂ ବାକୋବାକ୍ୟମେକାୟନଂ ଦେବବିଦ୍ୟାଂ ବ୍ରହ୍ମବିଦ୍ୟାଂ ଭୂତବିଦ୍ୟାଂ କ୍ଷତ୍ରବିଦ୍ୟାଂ ନକ୍ଷତ୍ରବିଦ୍ୟାଁ୍ ସର୍ପଦେବଜନବିଦ୍ୟାଂ ଦିବଂ ଚ ପୃଥିବୀଂ ଚ ବାୟୁଂ ଚାକାଶଂ ଚାପଶ୍ଚ ତେଜଶ୍ଚ ଦେବାଁଶ୍ଚ ମନୁଷ୍ୟାଁ୍ଶ୍ଚ ପଶୂଁ୍ଶ୍ଚ ବୟାଁସି ଚ ତୃଣବନସ୍ପତୀ–ଞ୍ଛ୍ୱାପଦାନ୍ୟାକୀଟପତଙ୍ଗପିପୀଲିକଂ ଧର୍ମଂ ଚାଧର୍ମଂ ଚ ସତ୍ୟଂ ଚାନୃତଂ ଚ ସାଧୁ ଚାସାଧୁ ଚ ହୃଦୟଜ୍ଞଂ ଚାହୃଦୟଜ୍ଞଂ ଚ ଯଦ୍ୱୈ ବାଙ୍‌ନାଭବିଷ୍ୟନ୍ନ ଧର୍ମୋ ନାଧର୍ମୋ ବ୍ୟଜ୍ଞାପିଷ୍ୟନ୍ନ ସତ୍ୟଂ ନାନୃତଂ ନ ସାଧୁ ନାସାଧୁ ନ ହୃଦୟଜ୍ଞୋ ନାହୃଦୟଜ୍ଞୋ ବାଗେବୈତତ୍‌ସର୍ବଂ ବିଜ୍ଞାପୟତି ବାଚମୁପାସ୍‌ସ୍ୱେତି ।।୧।।

ବାକ୍, ନାମ ଠାରୁ ବଳି ମହାନ୍ ଅଟେ । ବାକ୍ ହିଁ ଋକ୍‌ବେଦକୁ ବିଜ୍ଞାପିତ କରିଛନ୍ତି । ଯଜୁ, ସାମ୍ ଏବଂ ଚତୁର୍ଥ ଅଥର୍ବଣ ବେଦ ତଥା ପଞ୍ଚମ ବେଦ ଇତିହାସ–ପୁରାଣ, ବେଦ ମାନଙ୍କର ଜ୍ଞାତା ଯଥା– ବ୍ୟାକରଣ, ଶ୍ରାଦ୍ଧକଳ୍ପ, ଗଣିତ, ଉତ୍ପାତ ଶାସ୍ତ୍ର, ନିଧିଜ୍ଞାନ, ତର୍କଶାସ୍ତ୍ର, ନୀତି, ନିରୁକ୍ତ, ବେଦବିଦ୍ୟା, ଭୂତ ବିଦ୍ୟା, ଧନୁର୍ବେଦ, ଜ୍ୟୋତିଷ, ଗାରୁଡ, ସଙ୍ଗୀତଶାସ୍ତ୍ର, ଦ୍ୟୁଲୋକ, ପୃଥିବୀ, ବାୟୁ, ଆକାଶ, ଜଳ, ତେଜ, ଦେବ, ମନୁଷ୍ୟ, ପଶୁ, ପକ୍ଷୀ, ତୃଣ, ବନସ୍ପତି, ଶ୍ୱାପଦ(ହିଂସ୍ରଜନ୍ତୁ), କୀଟପତଙ୍ଗ, ପିପ୍ପିଳିକା ଆଦି ପର୍ଯ୍ୟନ୍ତ ପ୍ରାଣୀ, ଧର୍ମ–ଅଧର୍ମ, ସତ୍ୟ–ଅସତ୍ୟ, ସାଧୁ–ଅସାଧୁ, ମନୋଜ୍ଞ–ଅମନୋଜ୍ଞ ଯାହାକିଛି ଅଛନ୍ତି, ସମସ୍ତଙ୍କୁ ବାଣୀ ବିଜ୍ଞାପିତ କରିଥାଆନ୍ତି । ଯଦି ବାଣୀ ନ ଥାନ୍ତା, ତେବେ ଧର୍ମ କି ଅଧର୍ମ ଜ୍ଞାନ ହୋଇନଥାନ୍ତା । ସତ୍ୟ–ଅସତ୍ୟ, ସାଧୁ–ଅସାଧୁ, ମନୋଜ୍ଞ–ଅମନୋଜ୍ଞ ଆଦିଙ୍କର ଜ୍ଞାନ ମଧ୍ୟ ହୋଇନଥାନ୍ତା । ବାଣୀ ହିଁ ସେ ସମସ୍ତଙ୍କର ଜ୍ଞାନ କରାଉଛନ୍ତି । ଏଣୁ ତୁମେ ତାଙ୍କର ଉପାସନା କର ।।୧।।

ସ ଯୋ ବାଚଂ ବ୍ରହ୍ମେତ୍ୟୁପାସ୍ତେ ଯାବଦ୍ୱାଚୋ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯୋ ବାଚଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବୋ ବାଚୋ ଭୂୟ ଇତି ବାଚୋ ବାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍ବ୍ରବୀତ୍ୱିତି ।।୨।।

ଯିଏ ବାଣୀଙ୍କୁ ବ୍ରହ୍ମ ରୂପେ ପ୍ରାର୍ଥନା କରନ୍ତି, ସେ ବାଣୀର ଗତି ଭଳି ସର୍ବତ୍ର ଗମନ କରିପାରନ୍ତି । ସ୍ୱଚ୍ଛନ୍ଦରେ ଗମନକରି ବାଣୀବଦ୍ ହୁଅନ୍ତି ।

ନାରଦ କହିଲେ— ଭଗବନ୍ ! କ'ଣ ବାଣୀଠାରୁ ଆଉ କିଛି ବଡ ଅଛି ? ସନତ୍‌କୁମାର କହିଲେ— ହଁ, ବାଣୀଠୁ ମହାନ୍ ଆହୁରି ଅନେକ ଅଛି ।

ନାରଦ କହିଲେ— ତାହେଲେ ମୋତେ ବତାଇଦିଅନ୍ତୁ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଦ୍ୱିତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨।।

(ସପ୍ତମ ଅଧ୍ୟାୟ-ତୃତୀୟ ଖଣ୍ଡ)

୩.ମନର ବ୍ରହ୍ମ ରୂପେ. ଉପାସନା

ମନୋ ବାବ ବାଚୋ ଭୂୟୋ ଯଥା ଵୈ ଦ୍ୱେ ବାମଲକେ ଦ୍ୱେ ବା କୋଲେ ଦ୍ୱୌ ବାକ୍ଷୌ ମୁଷ୍ଟିରନୁଭବତ୍ୟେବଂ ବାଚଂ ଚ ନାମ ଚ ମନୋଽନୁଭବତି ସ ଯଦା ମନସା ମନସ୍ୟତି ମନ୍ତ୍ରାନଧୀୟୀୟେତ୍ୟଥାଧୀତେ କର୍ମାଣି କୁର୍ବୀୟେତ୍ୟଥ କୁରୁତେ ପୁତ୍ରାଁଶ୍ଚ ପଶୂଁଶ୍ଚେଚ୍ଛେୟେତ୍ୟଥେଚ୍ଛତ ଇମଂ ଚ ଲୋକମମୁଂ ଚେଚ୍ଛେୟେତ୍ୟଥେଚ୍ଛତେ ମନୋ ହ୍ୟାତ୍ମା ମନୋ ହି ଲୋକୋ ମନୋ ହି ବ୍ରହ୍ମ ମନ ଉପାସ୍ୱେତି ।।୧।।

ମନ, ବାଣୀଠାରୁ ଉତ୍କୃଷ୍ଟ ଅଟେ । ଯେଉଁଭଳି ଦୁଇଟି ଅଁଳା, ଦୁଇଟି ବରଫଳ ଅବା ଦୁଇଟି ବାହାଡା ହାତମୁଠା ଭିତରେ ରହିଯାଆନ୍ତି, ଠିକ୍ ସେହିଭଳି ବାକ୍ ଏବଂ ନାମ ମନ ମଧ୍ୟରେ ଅନ୍ତର୍ଭାବ ହୋଇଯାଆନ୍ତି । ଏହି ପୁରୁଷ ଯେଉଁ ସମୟରେ ମନ ବିଚାର କରେକି, ମୁଁ ମନ୍ତ୍ରପାଠ କରିବି ସେତେବେଳେ ସେ ମନ୍ତ୍ରପାଠରେ ନିବେଶ ହୋଇଯାଏ । ଠିକ୍ ସେହିଭଳି ଯେତେବେଳେ କାମ କରିବାପାଇଁ ଚିନ୍ତାକରେ, ସେତେବେଳେ ସେ କର୍ମକ୍ଷମ ହୁଏ । ପୁତ୍ର ତଥା ପଶୁର କାମନା କଲେ ମଧ୍ୟ

ତଦନୁରୂପ କରାଇପାରେ । ତେବେ ଏଇ ଯେଉଁ ମନ ସଂକଳ୍ପରେ ରୂପାୟିତ ହୋଇ କାମନାଗୁଡ଼ିକୁ ପୂର୍ତ୍ତି କରାଏ, ତାହା କେବଳ ମନ କାରଣରୁ । ଇହଲୋକ ଏବଂ ପରଲୋକର କାମନା ମଧ୍ୟ ମନ ଯୋଗୁଁ ସମ୍ଭବ । ତେଣୁ ମନ ଆତ୍ମା ଅଟେ । ମନ ଲୋକ ଅଟେ । ଆଉ ମନ ବ୍ରହ୍ମ ଅଟେ । ତୁମେ ମନଙ୍କର ଉପାସନା କର ।।୧।।

ସ ଯୋ ମନୋ ବ୍ରହ୍ମେତ୍ୟୁପାସ୍ତେ ଯାବନ୍ମନସୋ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯୋ ମନୋ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବୋ ମନସୋ ଭୂୟ ଇତି ମନସୋ ବାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍ ବ୍ରବୀତ୍ୱିତି ।।୨।।

ଯିଏ ମନକୁ ବ୍ରହ୍ମରୂପେ ଜାଣି ଉପାସନା କରନ୍ତି, ସେ ମନୋବତ୍ ଗମନ କରିପାରନ୍ତି ଅର୍ଥାତ୍ ମନ ଭଳି ଅବାଧରେ ସ୍ୱେଚ୍ଛାଗତି ଲାଭ କରନ୍ତି ।

ନାରଦ ଏହାଶୁଣି କହିଲେ— ଏହାଠାରୁ ବଡ଼ ଆଉ କ'ଣ ଅଛି ?

ସନତ୍କୁମାର କହିଲେ— ହଁ ଆହୁରି ଅଛି । ତେବେ ତାହା ମୋତେ କୁହନ୍ତୁ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ତୃତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୩।।

(ସପ୍ତମ ଅଧ୍ୟାୟ-ଚତୁର୍ଥ ଖଣ୍ଡ)

୪.ସଂକଳ୍ପକୁ ବ୍ରହ୍ମରୂପେ ଉପାସନା

ସଂକଳ୍ପୋ ବାବ ମନସୋ ଭୂୟାନ୍ୟଦା ବୈ ସଂକଳ୍ପୟତେଽଥ ମନସ୍ୟତ୍ୟଥ ବାଚମୀରୟତି ତାମୁ ନାମ୍ନୀରୟତି ନାମ୍ନି ମନ୍ତ୍ରା ଏକଂ ଭବନ୍ତି ମନ୍ତ୍ରେଷୁ କର୍ମାଣି ।।୧।।

ତାନି ହ ବା ଏତାନି ସଂକଳ୍ପୈକାୟନାନି ସଂକଳ୍ପାତ୍ମକାନି ସଂକଳ୍ପେ ପ୍ରତିଷ୍ଠିତାନି ସମକ୍ଳ୍ପତାଂ ଦ୍ୟାବାପୃଥିବୀ ସମକଳ୍ପେତାଂ ବାୟୁଶ୍ଚାକାଶଂ ଚ ସମକଳ୍ପନ୍ତାପଶ୍ଚ ତେଜଶ୍ଚ ତେଷାଁସଂକ୍ଳୃପ୍ତ୍ୟୈ ବର୍ଷଁସଂକଳ୍ପତେ ବର୍ଷସ୍ୟ ସଂକ୍ଳୃପ୍ତ୍ୟା ଅନ୍ନଁସଂକଳ୍ପତେଽନ୍ନସ୍ୟ ସଂକ୍ଳୃପ୍ତ୍ୟୈ ପ୍ରାଣାଃ ସଂକଳ୍ପନ୍ତେ ପ୍ରାଣାନାଁସଂକ୍ଳୃପ୍ତ୍ୟୈ ମନ୍ତ୍ରାଃ ସଂକଳ୍ପନ୍ତେ ମନ୍ତ୍ରାଣାଂ ସଂକ୍ଳୃପ୍ତ୍ୟୈ କର୍ମାଣି ସଂକଳ୍ପନ୍ତେ କର୍ମଣାଁସଂକ୍ଳୃପ୍ତ୍ୟୈ ଲୋକଃ ସଂକଳ୍ପତେ ଲୋକସ୍ୟ ସଂକ୍ଳୃପ୍ତ୍ୟୈ

ସର୍ବଁ ସଂକଳ୍ପତେ ସ ଏଷ ସଂକଳ୍ପଃ ସଂକଳ୍ପମୁପାସ୍ସ୍ୱେତି ।।୨।।
ସ ଯଃ ସଂକଳ୍ପଂ ବହ୍ମେତ୍ୟୁପାସ୍ତେ କ୍ଲୃପ୍ତାନ୍ ବୈ ସ ଲୋକାନ୍ ଧ୍ରୁବାନ୍ ଧ୍ରୁବଃ ପ୍ରତିଷ୍ଠିତାନ୍ ପ୍ରତିଷ୍ଠିତୋଽବ୍ୟଥମାନାନବ୍ୟଥମାନୋଽଭି ସିଧ୍ୟତି । ଯାବତ୍ସଂକଳ୍ପସ୍ୟ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯଃ ସଂକଳ୍ପଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବଃ ସଂକଳ୍ପା-ଭୂୟ ଇତି ସଂକଳ୍ପାଦ୍ୱାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍ ବ୍ରବୀତ୍ୱିତି ।।୩।।

ସଂକଳ୍ପ ହିଁ ମନ ଠାରୁ ବଡ଼ ଅଟେ । ଯେଉଁ ସମୟରେ ପୁରୁଷ ସଂକଳ୍ପ କରେ, ସେତେବେଳେ ସେ ମନସ୍ୟନ କରେ ଏବଂ ବାଣୀକୁ ପ୍ରେରଣ କରେ । ସେ ତାଙ୍କୁ ନାମ ଆଡ଼କୁ ପ୍ରବୃତ୍ତ କରାଏ । ନାମରେ ସମସ୍ତ ମନ୍ତ୍ର ଏକରୂପ ହୋଇଯାଆନ୍ତି ଆଉ ମନ୍ତ୍ରରେ କର୍ମମାନଙ୍କର ଅନ୍ତର୍ଭାବ ହୁଏ ।।୧।।

ଉକ୍ତ ମନ ଏକମାତ୍ର ସଂକଳ୍ପରୂପ ଲୟସ୍ଥାନଯୁକ୍ତ ସଂକଳ୍ପମୟ ତଥା ସଂକଳ୍ପରେ ପ୍ରତିଷ୍ଠିତ ଅଟନ୍ତି । ଦ୍ୟୁ ତଥା ପୃଥିବୀ ସଂକଳ୍ପ କରିଥିବାରୁ ତିଷ୍ଠି ରହିଛନ୍ତି । ସେହିଭଳି ବାୟୁ ଓ ଆକାଶ, ଜଳ ଓ ତେଜ ସଂକଳ୍ପ କରିଥାନ୍ତି । ତାଙ୍କ ସଂକଳ୍ପ ଯୋଗୁଁ ବୃଷ୍ଟି ହେଉଛି । ପରିଣତିରେ ଅନ୍ନ ମଧ୍ୟ ସମ୍ଭବ ହେଉଛି ।

ଅନ୍ନର ସଂକଳ୍ପ ପାଇଁ ପ୍ରାଣ ସମର୍ଥ ହୋଇଛି, ପ୍ରାଣର ସଂକଳ୍ପ ପାଇଁ ମନ୍ତ୍ର ସମର୍ଥ ହୋଇଛି, ମନ୍ତ୍ରର ସଂକଳ୍ପ ପାଇଁ କର୍ମ ସମର୍ଥ ହୋଇଛି, କର୍ମର ସଂକଳ୍ପ ପାଇଁ ଲୋକ ବା ଫଳ ସମର୍ଥ ହୋଇଛି, ଲୋକର ସଂକଳ୍ପ ପାଇଁ ସବୁକିଛି ସମର୍ଥ ହୋଇପାରିଛି । ଏହିଭଳି ଉକ୍ତ ସଂକଳ୍ପମାନ ବିଦ୍ୟମାନ ହୋଇଛି । ତୁମେ ସଂକଳ୍ପଙ୍କର ଉପାସନା କର ।

ଯିଏ ସଂକଳ୍ପଙ୍କୁ ବ୍ରହ୍ମରୂପେ ଜାଣନ୍ତି, ସେ ବିଧାତାଙ୍କ ଦ୍ୱାରା ରଚିତ ହୋଇଥିବା ଧ୍ରୁବ ଲୋକକୁ ନିଜେ ଧ୍ରୁବ ହୋଇ ଗମନ କରିପାରନ୍ତି । ନିଜେ ପ୍ରତିଷ୍ଠିତ ହୋଇ କାମନାରହିତ ଭାବେ ଯେ କୌଣସି ଲୋକକୁ ଗମନ କରିପାରନ୍ତି । ଯିଏ ସଂକଳ୍ପଙ୍କୁ ବ୍ରହ୍ମରୂପେ ଜାଣନ୍ତି ଏବଂ ଉପାସନା କରନ୍ତି, ସେ ଉପରୋକ୍ତ ଫଳ ମାନ ଲାଭ କରିପାରନ୍ତି ।

ନାରଦ ଏହା ଶୁଣି କହିଲେ— ସଂକଳ୍ପ ଠାରୁ ବଡ଼ ଆଉ କ'ଣ ଅଛି ?

ସନତ୍କୁମାର କହିଲେ— ହଁ ଆହୁରି ଅଛି ।

ତେବେ ତାହା ମୋତେ କୁହନ୍ତୁ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଚତୁର୍ଥଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୪।।

(ସପ୍ତମ ଅଧ୍ୟାୟ-ପଞ୍ଚମ ଖଣ୍ଡ)

୫.ଚିତ୍ତକୁ ବ୍ରହ୍ମ ରୂପେ ଉପାସନା

ଚିତ୍ତଂ ବାବ ସଂକଳ୍ପାଦ୍‌ଭୂୟୋ ଯଦା ବୈ ଚେତୟତେଽଥ ସଂକଳ୍ପୟତେଽଥ ମନସ୍ୟତ୍ୟଥ ବାଚମୀରୟତି ତାମୁ ନାମ୍ନୀରୟତି ନାମ୍ନି ମନ୍ତ୍ରା ଏକଂ ଭବନ୍ତି ମନ୍ତ୍ରେଷୁ କର୍ମାଣି ।।୧।।

ଚିତ୍ତ ମଧ୍ୟ ସଂକଳ୍ପ ଠାରୁ ଉତ୍କୃଷ୍ଟ ଅଟନ୍ତି । ଯେଉଁ ସମୟରେ ବ୍ୟକ୍ତି ଚେତନାବାନ୍ ହୁଏ ସେତେବେଳେ ସେ ସଂକଳ୍ପ କରେ । ତା'ପରେ ମନନ କରେ । ତଦୁପରେ ବାଣୀକୁ ପ୍ରେରିତ କରିଥାଏ । ତାହାକୁ ମଧ୍ୟ ନାମରେ ପ୍ରବୃତ୍ତ କରାଏ । ନାମରେ ମନ୍ତ୍ର ଏକରୂପ ହୁଏ, ମନ୍ତ୍ରରେ ପୁଣି କର୍ମ ।।୧।।

ତାନି ହ ବା ଏତାନି ଚିତ୍ତୈକାୟନାନି ଚିତ୍ତାତ୍ମାନି ଚିତ୍ତେ ପ୍ରତିଷ୍ଠିତାନି ତସ୍ମାଦ୍ୟଦ୍ୟପି ବହୁବିଦଚିତ୍ତୋ ଭବତି ନାୟମସ୍ତୀତ୍ୟେବୈନମାହୁର୍ୟଦୟଂ ବେଦ ଯଦ୍ୱା ଅୟଂ ବିଦ୍ୱାନ୍ନେତ୍ଥମଚିତ୍ତଃ ସ୍ୟାଦିତ୍ୟଥ ଯଦ୍ୟଳ୍ପବିଚ୍ଛିତ୍ତବାନ୍‌ଭବତି ତସ୍ମା ଏବୋତ ଶୁଶ୍ରୂଷନ୍ତେ ଚିତ୍ତଁହ୍ୟେବୈଷାମେକାୟନଂ ଚିତ୍ତମାତ୍ମା ଚିତ୍ତଂ ପ୍ରତିଷ୍ଠା ଚିତ୍ତମୁପାସ୍ୱେତି ।।୨।।

ଏହି ଯେଉଁ ସଂକଳ୍ପାଦି ଏକମାତ୍ର ଚିତ୍ତରୂପ ଲୟସ୍ଥାନଯୁକ୍ତ ଚିତ୍ତମୟ ତଥା ଚିତ୍ତରେ ପ୍ରତିଷ୍ଠା ଲାଭ କରିଛି, ତାହାଙ୍କର ତୁମେ ଉପାସନା କର । ଏହାଦ୍ୱାରା ଯଦି କୌଣସି ବ୍ୟକ୍ତି ବହୁଜ୍ଞ ହୋଇ ମଧ୍ୟ ଚିତ୍ତ ଶୂନ୍ୟ ହୁଏ, ବା ଅଚିତ୍ତ ହୋଇଥାଏ, ତେବେ ତାଙ୍କୁ ଲୋକେ କିଛିନୁହେଁ ବୋଲି ଆକଳନ କରିଥାନ୍ତି । କୁହନ୍ତି, ଯଦି କିଛି ଜାଣିଥାନ୍ତା, ତେବେ ଏଭଳି ଅଚିତ୍ତ (ଚିତ୍ତଶୂନ୍ୟ)ହୋଇନଥାନ୍ତା । ପୁଣି ଯଦି କେହି ଅଳ୍ପଜ୍ଞ ହୋଇ ମଧ୍ୟ ଚିତ୍ତବାନ୍ ହୋଇଥାଏ, ତେବେ ସେ ବହୁଜନଗ୍ରାହ୍ୟ ହୋଇ ପ୍ରଶଂସାର ପାତ୍ର ହୁଏ । ଏହିଗୁଣ ଲାଗି ସେ ସବୁକିଛି ଶ୍ରବଣ କରିବାକୁ ସମର୍ଥ ହୁଏ । ଅତଃ ଚିତ୍ତ ହିଁ ତାଙ୍କର ଏକମାତ୍ର ଆଶ୍ରୟସ୍ଥଳୀ । ଚିତ୍ତ ଆତ୍ମା ଅଟନ୍ତି, ପ୍ରତିଷ୍ଠା ଅଟନ୍ତି । ତେଣୁ ତୁମେ ଚିତ୍ତଙ୍କର ଉପାସନା କର ।।୨।।

ସ ଯଶ୍ଚିତ୍ତଂ ବ୍ରହ୍ମେତ୍ୟୁପାସ୍ତେ ଚିତ୍ତାନ୍ୱୈ ସ ଲୋକାନ ଧ୍ରୁବାନ୍ଧ୍ରୁବଃ

ପ୍ରତିଷ୍ଠିତାନ୍‌ପ୍ରତିଷ୍ଠିତୋଽବ୍ୟଥମାନାନବ୍ୟଥମାନୋଽଭି ସିଦ୍ଧ୍ୟତି । ଯାବଚ୍ଚିତ୍ତସ୍ୟ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯଶ୍ଚିତ୍ତଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବଶ୍ଚିତ୍ତାଦ୍‌ଭୂୟ ଇତି ଚିତ୍ତାଦ୍ୱାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍‌ବ୍ରବୀତ୍ୱିତି ।।୩।।

ଯିଏ ଚିତ୍ତଙ୍କୁ ବ୍ରହ୍ମରୂପେ ଜାଣନ୍ତି, ସେ ନିଜପାଇଁ ଉପଚିତ୍ତ ହୋଇ ଧ୍ରୁବଲୋକକୁ ଧ୍ରୁବବତ୍ ଗମନ କରନ୍ତି । ପ୍ରତିଷ୍ଠିତ ଲୋକମାନଙ୍କୁ ନିଜେ ପ୍ରତିଷ୍ଠା କରାଇ ବ୍ୟଥାଶୂନ୍ୟ ଭାବେ ସବୁକିଛିକୁ ପ୍ରାପ୍ତ ହୁଅନ୍ତି । ଯେ ପର୍ଯ୍ୟନ୍ତ ଚିତ୍ତର ଗତି ଯାଇପାରୁଛି, ସେତେଦୂର ପର୍ଯ୍ୟନ୍ତ ଗମନ କରନ୍ତି ଉପରୋକ୍ତ ମତେ ଯିଏ ଚିତ୍ତଙ୍କୁ ଅବଗତ ହୋଇଛନ୍ତି, ସେ ନିଃସନ୍ଦେହରେ ସବୁକିଛିକୁ ଉପଭୋଗ କରନ୍ତି ।

ନାରଦ ଏହାଶୁଣି କହିଲେ—ହେ ଭଗବନ୍ ! ଚିତ୍ତ ଠାରୁ ବଡ଼ ଆଉ କ'ଣ ଅଛି ? ସନତ୍‌କୁମାର କହିଲେ— ହଁ ଚିତ୍ତ ଠାରୁ ବଳି ଆହୁରି ଅନେକ ଅଛି ।

ତେବେ ତାହା ମୋତେ କୁହନ୍ତୁ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ପଞ୍ଚମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୫।।

(ସପ୍ତମ ଅଧ୍ୟାୟ-ଷଷ୍ଠ ଖଣ୍ଡ)

୬.ଧ୍ୟାନକୁ ବ୍ରହ୍ମ ରୂପେ ଉପାସନା

ଧ୍ୟାନଂ ବାବ ଚିତ୍ତାଦ୍‌ଭୂୟୋ ଧ୍ୟାୟତୀବ ପୃଥିବୀ ଧ୍ୟାୟତୀବାନ୍ତରିକ୍ଷଂ ଧ୍ୟାୟତୀବ ଦ୍ୟୌର୍ଧ୍ୟାୟନ୍ତୀବାପୋ ଧ୍ୟାୟନ୍ତୀବ ପର୍ବତା ଧ୍ୟାୟନ୍ତୀବ ଦେବମନୁଷ୍ୟାସ୍ତସ୍ମାଦ୍ୟ ଇହ ମନୁଷ୍ୟାଣାଂ ମହତାଂ ପ୍ରାପ୍ନୁବନ୍ତି ଧ୍ୟାନାପାଦାଁଶା ଇବୈବ ତେ ଭବନ୍ତ୍ୟଥ ଯେଽଳ୍ପାଃ କଳହିନଃ ପିଶୁନା ଉପବାଦିନସ୍ତେଽଥ ଯେ ପ୍ରଭବୋ ଧ୍ୟାନାପାଦାଁଶା ଇବୈବ ତେ ଭବନ୍ତି ଧ୍ୟାନମୁପାସ୍ୱେତି ।।୧।।

ଧ୍ୟାନ ଚିତ୍ତ ଠାରୁ ଶ୍ରେଷ୍ଠ ଅଟେ । ଜାଣିନିଅ, ପୃଥିବୀ ଧ୍ୟାନ କରୁଅଛି, ଅନ୍ତରୀକ୍ଷ ଧ୍ୟାନ କରୁଅଛି, ଦ୍ୟୁଲୋକ ଧ୍ୟାନ କରୁଅଛି, ଜଳ ଧ୍ୟାନ କରୁଅଛି, ପର୍ବତ ଧ୍ୟାନ କରୁଅଛି ଆଉ ଦେବତା ଓ ମନୁଷ୍ୟ ମଧ୍ୟ ଧ୍ୟାନ କରୁଅଛନ୍ତି । ଅତଃ ଯେଉଁଲୋକ ଏଠାରେ ଅର୍ଥାତ୍ ମନୁଷ୍ୟମାନଙ୍କ ମଧ୍ୟରେ ମହତ୍ତ୍ୱ ପ୍ରାପ୍ତ କରିବାକୁ ଚାହୁଁଛନ୍ତି, ସେ ମଧ୍ୟ ଧ୍ୟାନର ଲାଭକୁ

ଉପଯୋଗ କରିବାକୁ ଆଗ୍ରହୀ । କିନ୍ତୁ ଯିଏ କଳହପ୍ରିୟ, ପରନିନ୍ଦାକାରୀ ଏବଂ ଚିଗୁଲି ଆଦି କରିବାକୁ ପସନ୍ଦ କରନ୍ତି, ସେମାନେ ଏଥିରୁ ବଞ୍ଚିତ ହୁଅନ୍ତି । ଯେଉଁ ସାମର୍ଥ୍ୟବାନ୍ ବ୍ୟକ୍ତି ରହିଛନ୍ତି, ସେମାନେ ଧ୍ୟାନର ଲାଭକୁ ଅଳ୍ପମାତ୍ରାରେ ହେଲେ ବି ଉପଭୋଗ କରୁଛନ୍ତି । ତେଣୁ ତୁମେ ଧ୍ୟାନର ଉପାସନା କର ।।୧।।

ସ ଯୋ ଧ୍ୟାନଂ ବ୍ରହ୍ମେତ୍ୟୁପାସ୍ତେ ଯାବଦ୍ଧ୍ୟାନସ୍ୟ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯୋ ଧ୍ୟାନଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବୋ ଧ୍ୟାନାଦ୍‌ଭୂୟ ଇତି ଧ୍ୟାନାଦ୍ବାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍‌ବ୍ରବୀତ୍ୱିତି ।।୨।।

ଯିଏ ଧ୍ୟାନକୁ ବ୍ରହ୍ମ ବୋଲି ଉପାସନା କରନ୍ତି, ଧ୍ୟାନର ଗତି ଯେତେ ଦୂରବ୍ୟାପୀ ହୁଏ, ସେତେଦୂର ପର୍ଯ୍ୟନ୍ତ ସେ ସ୍ୱେଚ୍ଛାଗମନ କରିପାରନ୍ତି । ଏହାଶୁଣି ନାରଦ କହିଲେ— ହେ ଭଗବନ୍ ! ଧ୍ୟାନ ଠାରୁ ଉତ୍କୃଷ୍ଟ ଅନ୍ୟ କିଛି ରହିଛି କି ? ତାକୁ ମୋତେ ବୁଝାଇଦିଅନ୍ତୁ । ସନତ୍‌କୁମାର କହିଲେ— ହଁ, ରହିଛି । ତେବେ ତାହା ଶୁଣ ।।୨।।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଷଷ୍ଠଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୬।।

(ସପ୍ତମ ଅଧ୍ୟାୟ-ସପ୍ତମ ଖଣ୍ଡ) ୭.ବିଜ୍ଞାନକୁ ବ୍ରହ୍ମରୂପେ ଉପାସନା

ବିଜ୍ଞାନଂ ବାବ ଧ୍ୟାନାଦ୍‌ଭୂୟୋ ବିଜ୍ଞାନେନ ବା ଋଗ୍‌ବେଦଂ ବିଜାନାତି ଯଜୁର୍ବେଦଁ୍‌ସାମବେଦମାଥର୍ବଣଂ ଚତୁର୍ଥମିତିହାସପୁରାଣଂ ପଞ୍ଚମଂ ବେଦାନାଂ ବେଦଂ ପିତ୍ର୍ୟଁ୍‌ରାଶିଂ ଦୈବଂ ନିଧିଂ ବାକୋବାକ୍ୟମେକାୟନଂ ଦେବବିଦ୍ୟାଂ ବ୍ରହ୍ମବିଦ୍ୟାଂ ଭୂତବିଦ୍ୟାଂ କ୍ଷତ୍ରବିଦ୍ୟାଂ ନକ୍ଷତ୍ରବିଦ୍ୟାଁ୍‌ସର୍ପଦେବଜନବିଦ୍ୟାଂ ଦିବଂ ଚ ପୃଥିବୀଂ ଚ ବାୟୁଂ ଚାକାଶଂ ଚାପଶ୍ଚ ତେଜଶ୍ଚ ଦେବାଁଶ୍ଚ ମନୁଷ୍ୟାଁ୍‌ଶ୍ଚ ପଶୂଁ୍‌ଶ୍ଚ ବୟାଁସି ଚ ତୃଣବନସ୍ପତୀ–ଞ୍ଛ୍ୱାପଦାନ୍ୟାକୀଟପତଙ୍ଗ–ପିପୀଲିକଂ ଧର୍ମଂ ଚାଧର୍ମଂ ଚ ସତ୍ୟଂ ଚାନୃତଂ ଚ ସାଧୁ ଚାସାଧୁ ଚ ହୃଦୟଜ୍ଞଂ ଚାହୃଦୟଜ୍ଞଂ ଚାନ୍ନଂ ଚ ରସଂ ଚେମଂ ଚ ଲୋକମମୁଂ ଚ ବିଜ୍ଞାନେନୈବ ବିଜାନାତି ବିଜ୍ଞାନମୁପାସ୍ସ୍ୱେତି ।।୧।।

ବିଜ୍ଞାନ ଧ୍ୟାନ ଠାରୁ ଶ୍ରେଷ୍ଠ ଅଟେ । ବିଜ୍ଞାନ ଦ୍ୱାରା ପୁରୁଷ ଋକ୍‌ବେଦକୁ ବୁଝିବାକୁ ସକ୍ଷମ ହୁଏ । ବିଜ୍ଞାନ ଦ୍ୱାରା ଯଜୁର୍ବେଦ, ସାମ୍‌ବେଦ ଓ ଅଥର୍ବବେଦ, ଏପରିକି ପଞ୍ଚମବେଦ ଇତିହାସ-ପୁରାଣ ଏବଂ ବ୍ୟାକରଣ, ଶ୍ରାଦ୍ଧକଳ୍ପ, ଗଣିତ, ଉତ୍ପାତ ଜ୍ଞାନ, ନିଧିଜ୍ଞାନ, ତର୍କଶାସ୍ତ୍ର, ନୀତି, ଦେବବିଦ୍ୟା(ନିରୁକ୍ତ), ବ୍ରହ୍ମବିଦ୍ୟା, ଭୂତବିଦ୍ୟା, ଧନୁର୍ବେଦ, ଜ୍ୟୋତିଷ, ଗାରୁଡ ଓ ଶିଳ୍ପବିଦ୍ୟା ଏପରିକି ଦ୍ୟୁଲୋକ, ପୃଥିବୀ, ବାୟୁ, ଆକାଶ, ଜଳ, ତେଜ, ଦେବ, ମନୁଷ୍ୟ, ପଶୁ, ପକ୍ଷୀ, ତୃଣ, ବନସ୍ପତି, ଶ୍ୱାପଦ, କୀଟପତଙ୍ଗ, ପିପୀଲିକା ପର୍ଯ୍ୟନ୍ତ ସମଗ୍ର ଜୀବ ଧର୍ମ, ଅଧର୍ମ, ସତ୍ୟ, ଅସତ୍ୟ, ସାଧୁ, ଅସାଧୁ, ମନୋଜ୍ଞ, ଅମନୋଜ୍ଞ, ଅନ୍ନ, ରସ, ତଥା, ଇହଲୋକ, ପରଲୋକ ଆଦିକୁ ଜାଣିଥାନ୍ତି । ତେଣୁ ତୁମେ ବିଜ୍ଞାନଙ୍କର ଉପାସନା କର ।।୧।।

ସ ଯୋ ବିଜ୍ଞାନଂ ବ୍ରହ୍ମେତ୍ୟୁପାସ୍ତେ ବିଜ୍ଞାନବତୋ ବୈ ସ ଲୋକାଞ୍ଜ୍ଞାନବତୋଽଭିସିଦ୍ଧ୍ୟତି ଯାବଦ୍ୱିଜ୍ଞାନସ୍ୟ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯୋ ବିଜ୍ଞାନଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବୋ ବିଜ୍ଞାନାଦ୍‌ଭୂୟ ଇତି ବିଜ୍ଞାନାଦ୍ୱାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍‌ବ୍ରବୀତ୍ୱିତି ।।୨।।

ସେ ଯିଏ ବିଜ୍ଞାନଙ୍କୁ ବ୍ରହ୍ମବୋଲି ଜାଣନ୍ତି, ସେ ବିଜ୍ଞାନବାନ ଏବଂ ଜ୍ଞାନବାନ ଲୋକର ପ୍ରାପ୍ତି ହୁଅନ୍ତି । ବିଜ୍ଞାନର ଗତି ଯେ ପର୍ଯ୍ୟନ୍ତ ରହିଛି, ସେତେବାଟ ପର୍ଯ୍ୟନ୍ତ ସ୍ୱେଚ୍ଛାଚାରଣ କରନ୍ତି । ଯିଏ ବିଜ୍ଞାନକୁ ଏହିଭଳି ଜାଣନ୍ତି, ସେ ବ୍ରହ୍ମଜ୍ଞ ହୋଇ ବ୍ରହ୍ମୋପାସନା କରନ୍ତି । ନାରଦ ପୁନଃ ପ୍ରଶ୍ନକଲେ— ହେ ଭଗବନ୍ ! ଏହାଠାରୁ ଶ୍ରେଷ୍ଠ ଆଉ କ'ଣ ରହିଛି ? ସନତ୍‌କୁମାର ଉତ୍ତରଦେଲେ— ହଁ ରହିଛି, ତାହା ଶୁଣ ।।୨।।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ସପ୍ତମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୭।।

(ସପ୍ତମ ଅଧ୍ୟାୟ-ଅଷ୍ଟମ ଖଣ୍ଡ)

୮.ବଳକୁ ବ୍ରହ୍ମରୂପେ ଉପାସନା

ବଳଂ ବାବ ବିଜ୍ଞାନାଦ୍‌ଭୂୟୋଽପି ହ ଶତଂ ବିଜ୍ଞାନବତାମେକୋ ବଳବାନାକମ୍ପୟତେ । ସ ଯଦା ବଳୀ ଭବତ୍ୟଥୋତ୍ଥାତା

ଭବତ୍ୟୁତ୍ତିଷ୍ଠନ୍ ପରିଚରିତା ଭବତି ପରିଚରନ୍ନୁପସତ୍ତା ଭବତ୍ୟୁପସୀଦନ୍ ଦ୍ରଷ୍ଟା ଭବତି ଶ୍ରୋତା ଭବତି ମନ୍ତା ଭବତି ବୋଦ୍ଧା ଭବତି କର୍ତା ଭବତି ବିଜ୍ଞାତା ଭବତି । ବଳେନ ବୈ ପୃଥିବୀ ତିଷ୍ଠତି ବଳେନାନ୍ତରିକ୍ଷଂ ବଳେନ ଦ୍ୟୌର୍ବଳେନ ପର୍ବତା ବଳେନ ଦେବମନୁଷ୍ୟା ବଳେନ ପଶବଶ୍ଚ ବୟାଁସି ଚ ତୃଣ ବନସ୍ପତୟଃ ଶ୍ୱାପଦାନ୍ୟାକୀଟପତଙ୍ଗପିପୀଲିକଂ ବଳେନ ଲୋକାସ୍ତିଷ୍ଠତି ବଳମୁପାସ୍ସ୍ୱେତି ।।୧।।

ବଳ ମଧ୍ୟ ବିଜ୍ଞାନ ଅପେକ୍ଷା ଉତ୍କୃଷ୍ଟ । ଶହେ ବିଜ୍ଞାନବାନଙ୍କୁ ଜଣେ ବଳବାନ୍ ଦୋହଲାଇ ଦେଇଥାଏ । ଯେଉଁ ସମୟରେ ଏହି ପୁରୁଷ ବଳବାନ୍ ହୋଇଯାଏ, ସେଠାରୁ ଉଠିବାକୁ ସକ୍ଷମ ହୁଏ, ଉଠି ପରିଚର୍ଯ୍ୟା କରିବାକୁ ସକ୍ଷମ ହୁଏ, ଏପରିକି ପରିଚର୍ଯ୍ୟାକାରୀ ହୋଇମଧ୍ୟ ଉପସଦନ(ସମୀପ ଗମନ କରିବା) କ୍ଷମହୁଏ ଏବଂ ତଦୁପରେ ଦର୍ଶନକାରୀ ହୋଇଯାଏ, ଶ୍ରବଣକାରୀ ହୁଏ, ମନନକାରୀ ହୁଏ, ବୋଧବାନ୍ ହୁଏ, କର୍ତ୍ତା ହୁଏ ଏବଂ ବିଜ୍ଞାତା ହୁଏ । ଅର୍ଥାତ୍ ଏହି ସବୁ ଗୁଣର ଅଧିକାରୀ ହୋଇଯାଏ । ବଳ ଦ୍ୱାରା ପୃଥିବୀ ସ୍ଥିର ହୋଇ ରହିଛି । ସେହି ବଳ ଦ୍ୱାରା ଅନ୍ତରୀକ୍ଷ, ଦ୍ୟୁଲୋକ, ପର୍ବତ, ଦେବତା, ମନୁଷ୍ୟ, ପଶୁପକ୍ଷୀ, ତୃଣ, ବନସ୍ପତି, ଶ୍ୱାପଦ, କୀଟପତଙ୍ଗ ଏବଂ ପିପିଲୀକା ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ସ୍ଥିତ ହୋଇ ରହିଛନ୍ତି । ତେଣୁ ତୁମେ ବଳର ଉପାସନା କର ।।୧।।

ସ ଯୋ ବଳଂ ବ୍ରହ୍ମେତ୍ୟୁପାସ୍ତେ ଯାବଦ୍ବଳସ୍ୟ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯୋ ବଳଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବୋ ବଳାଦ୍ଭୂୟ ଇତି ବଳାଦ୍ୱାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍ ବ୍ରବୀତ୍ୱିତି ।।୨।।

ଯିଏ ଏହି ବଳକୁ ବ୍ରହ୍ମ ବୋଲି ଜାଣି ଉପାସନା କରନ୍ତି, ସେ ବଳର ଗତି ସଦୃଶ ସ୍ୱେଚ୍ଛାଗମନ କରିପାରନ୍ତି । ବଳଙ୍କୁ ବ୍ରହ୍ମ ଅଟନ୍ତି ବୋଲି ଜାଣିନେବା ପାଇଁ ଉପାସନା କରନ୍ତି । ଏହା ଶୁଣି ନାରଦ ପୁନଃ ପ୍ରଶ୍ନକଲେ— ଏହାଠାରୁ ଉତ୍କୃଷ୍ଟ ଆଉ କ'ଣ ରହିଛି ? ସନତ୍କୁମାର କହିଲେ, ହଁ ରହିଛି । ତେବେ ଶୁଣ ।।୨।।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଅଷ୍ଟମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୮।।

(ସପ୍ତମ ଅଧ୍ୟାୟ-ନବମ ଖଣ୍ଡ)

୯.ଅନ୍ନଙ୍କୁ ବ୍ରହ୍ମରୂପେ ଉପାସନା

ଅନ୍ନଂ ବାବ ବଲାଭୂୟସ୍ତସ୍ମାଦ୍ୟଦ୍ୟପି ଦଶରାତ୍ରୀର୍ନାଶ୍ନୀୟାଦ୍ୟଦ୍ୟୁ ହ ଜୀବେଦଥବାଽଦ୍ରଷ୍ଟାଽଶ୍ରୋତାଽମନ୍ତାଽବୋଦ୍ଧାଽକର୍ତାଽବିଜ୍ଞା । ଭବତ୍ୟଥାନ୍ନସ୍ୟାୟୈ ଦ୍ରଷ୍ଟା ଭବତି ଶ୍ରୋତା ଭବତି ମନ୍ତା ଭବତି ବୋଦ୍ଧା ଭବତି କର୍ତା ଭବତି ବିଜ୍ଞାତା ଭବତ୍ୟନ୍ନମୁପାସ୍ୱେତି ।।୧।।

ଅନ୍ନ ହିଁ ବଳ ଠାରୁ ଉତ୍କୃଷ୍ଟ ଅଟନ୍ତି । ଏହା ଦ୍ୱାରା ଯଦି ଦଶ ଦିନ ଭୋଜନ ନ କରି ଜୀବିତ ରହିହୁଏ, ତାହେଲେ ମଧ୍ୟ ଅଦ୍ରଷ୍ଟା, ଅଶ୍ରୋତା, ଅମନ୍ତା, ଅବୋଧା, ଅକର୍ତ୍ତା ଓ ଅବିଜ୍ଞାତା ହୋଇ ଯାଆନ୍ତି । ପୁଣି ଅନ୍ନ ପ୍ରାପ୍ତି ହେବା ପରେ ସେ ଦ୍ରଷ୍ଟା ଶ୍ରୋତା, ମନନକର୍ତ୍ତା, ବୋଧବ୍ୟ, କର୍ତ୍ତା ଓ ବିଜ୍ଞାତା ଆଦି ହୋଇଯାଆନ୍ତି । ତେଣୁ ତୁମେ ଅନ୍ନବ୍ରହ୍ମଙ୍କର ଉପାସନା କର ।।୧।।

ସ ଯୋଽନ୍ନଂ ବ୍ରହ୍ମେତ୍ୟୁପାସ୍ତେଽନ୍ନବତୋ ବୈ ସ ଲୋକାନ୍‌ପାନବତୋଽଭିସିଦ୍ଧ୍ୟତି ଯାବଦନ୍ନସ୍ୟ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯୋଽନ୍ନଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବୋଽନ୍ନା-ଭୂୟ ଇତ୍ୟନ୍ନାଦ୍ୱାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍‌ବ୍ରବୀତ୍ୱିତି ।।୨।।

ସିଏ, ଯିଏ ଅନ୍ନଙ୍କୁ ବ୍ରହ୍ମ ବୋଲି ଜାଣି ଉପାସନା କରନ୍ତି, ସେ ଅନ୍ନବାନ୍ ତଥା ପାନୀୟବାନ୍ ହୋଇ ଲୋକକୁ ପ୍ରାପ୍ତି ହୁଅନ୍ତି । ଯେପର୍ଯ୍ୟନ୍ତ ଅନ୍ନର ଗତି ରହିଛି, ସେତେଦୂର ପର୍ଯ୍ୟନ୍ତ ସ୍ୱେଚ୍ଛାରେ ଗମନ କରିପାରନ୍ତି । ଯିଏ ବ୍ରହ୍ମଙ୍କୁ ଅନ୍ନ ରୂପେ ଉପାସନା କରନ୍ତି, ସେ ବ୍ରହ୍ମଙ୍କୁ ବୁଝିବାକୁ ସକ୍ଷମ ହୁଅନ୍ତି । ଏହାଶୁଣି ନାରଦ ପୁନଃ ପ୍ରଶ୍ନକଲେ— ଭଗବନ୍ ! ଏହାଠାରୁ ଶ୍ରେଷ୍ଠ ଆଉ କ'ଣ ରହିଛି ? ସନତ୍‌କୁମାର କହିଲେ— ହଁ, ରହିଛି । ତାହା ଶୁଣ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ନବମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୯।।

(ସପ୍ତମ ଅଧ୍ୟାୟ-ଦଶମ ଖଣ୍ଡ)

୧୦.ଜଳକୁ ବ୍ରହ୍ମରୂପେ ଉପାସନା

ଆପୋ ବାବାନ୍ନାଦ୍‌ଭୂୟସ୍ୟସ୍ତସ୍ମାଦ୍ୟଦା ସୁବୃଷ୍ଟିର୍ନ ଭବତି ବ୍ୟାଧୀୟନ୍ତେ ପ୍ରାଣା ଅନ୍ନଂ କନୀୟୋ ଭବିଷ୍ୟତୀତ୍ୟଥ ଯଦା ସୁବୃଷ୍ଟିର୍ଭବତ୍ୟାନନ୍ଦିନଃ ପ୍ରାଣା ଭବନ୍ତ୍ୟନ୍ନଂ ବହୁ ଭବିଷ୍ୟତୀତ୍ୟାପ ଏବେମା ମୂର୍ତା ଯେୟଂ ପୃଥିବୀ ଯଦନ୍ତରିକ୍ଷଂ ଯଦ୍‌ଦ୍ୟୌର୍ଯଦ୍‌ପର୍ବତା ଯଦ୍ଦେବମନୁଷ୍ୟା ଯଦ୍‌ପଶବଶ୍ଚ ବୟାଁସି ଚ ତୃଣବନସ୍ପତୟଃ ଶ୍ୱାପଦ ାନ୍ୟାକୀଟପତଙ୍ଗପିପୀଲିକମାପ ଏବେମା ମୂର୍ତା ଅପ ଉପାସ୍ସ୍ୱେତି ।।୧।।

ଜଳ ହିଁ ଅନ୍ନ ଅପେକ୍ଷା ଉତ୍କୃଷ୍ଟ ଅଟେ । ଏହା ସାହାଯ୍ୟ ବ୍ୟତିରେକ ଯେତେବେଳେ ସୁବୃଷ୍ଟି ହୁଏନାହିଁ, ସେତେବେଳେ ପ୍ରାଣ ଦୁଃଖୀ ହୋଇଯାଏ । କାରଣ ସେ ମନେକରେ, ଏଥର ଅନ୍ନ କମ୍ ହେବ । ଯଦି ସୁବୃଷ୍ଟି ହୋଇଥାନ୍ତା, ତାହେଲେ ଅଧିକମାତ୍ରାରେ ଅନ୍ନ ହେବା ଆଶାରେ ସେ ପ୍ରସନ୍ନ ହୋଇପାରିଥାନ୍ତା । ଏହି ଯେଉଁ ପୃଥିବୀ ରହିଛି, ମୂର୍ତ୍ତିମାନ୍ ଜଳ ରହିଛି, ଅନ୍ତରୀକ୍ଷ, ଦ୍ୟୁଲୋକ, ପର୍ବତ, ଦେବ-ମନୁଷ୍ୟ, ପଶୁ-ପକ୍ଷୀ, ତରୁ-ତୃଣ, ଶ୍ୱାପଦ ତଥା କୀଟପତଙ୍ଗ ଏପରିକି ପିପୀଲିକା ପର୍ଯ୍ୟନ୍ତ ପ୍ରାଣୀ ରହିଛନ୍ତି, ସମସ୍ତେ ଜଳ କାରଣରୁ ବିଦ୍ୟମାନ ହୁଅନ୍ତି । ଅତଃ ତୁମେ ମଧ୍ୟ ଜଳର ଉପାସନା କର ।।୧।।

ସ ଯୋଽପୋ ବ୍ରହ୍ମେତ୍ୟୁପାସ୍ତ ଆପ୍ନୋତି ସର୍ବାନ୍‌କାମାଁସ୍ତୃପ୍ତିମାନ୍ ଭବତି ଯାବଦପାଂ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯୋଽପୋ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବୋଽଦ୍ଭ୍ୟୋ ଭୂୟ ଇତ୍ୟଦ୍ଭ୍ୟୋ ବାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍ ବ୍ରବୀତ୍ୱିତି ।।୨।।

ଯିଏ ଜଳକୁ ବ୍ରହ୍ମ ବୋଲି ମନେକରି ଉପାସନା କରନ୍ତି, ସେ ସମ୍ପୂର୍ଣ୍ଣ କାମନାମାନଙ୍କୁ ପରିତୃପ୍ତ କରାଇବା ସହିତ ତୃପ୍ତିମାନ୍ ହୋଇଯାଆନ୍ତି । ଜଳକୁ ବ୍ରହ୍ମ ବୋଲି ଜାଣି ଯିଏ ଉପାସନା କରନ୍ତି, ଯେ ପର୍ଯ୍ୟନ୍ତ ଜଳର ଗତି ରହିଛି, ସେତେଦୂର ପର୍ଯ୍ୟନ୍ତ ସେ ସ୍ୱେଚ୍ଛାଗମନ କରିପାରନ୍ତି । ନାରଦ— ଭଗବନ୍ ! ତାହେଲେ କ'ଣ ଜଳ ଠାରୁ ଶ୍ରେଷ୍ଠ ଆଉ କିଛି ନାହିଁ ? ସନତ୍‌କୁମାର— ତା'ଠାରୁ ଶ୍ରେଷ୍ଠ ମଧ୍ୟ ରହିଛି । ନାରଦ— ତେବେ ସେ ସମ୍ପର୍କରେ ଅଧିକ ତଥ୍ୟ ଦିଅନ୍ତୁ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଦଶମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୦।।

(ସପ୍ତମ ଅଧ୍ୟାୟ-ଏକାଦଶ ଖଣ୍ଡ)

୧୧.ତେଜକୁ ବ୍ରହ୍ମରୂପେ ଉପାସନା

ତେଜୋ ବାବାଭ୍ୟୋ ଭୂୟସ୍ତଦ୍ୱା ଏତଦ୍ୱାୟୁମାଗୃହ୍ୟାକାଶମଭିତପତି ତଦାହୁର୍ନିଶୋଚତି ନିତପତି ବର୍ଷିଷ୍ୟତି ବା ଇତି ତେଜ ଏବ ତତ୍ପୂର୍ବଂ ଦର୍ଶୟିତ୍ୱାଥାପଃ ସୃଜତେ ତଦେତଦୂର୍ଧ୍ୱାଭିଶ୍ଚ ତିରଶ୍ଚୀଭିଶ୍ଚ ବିଦ୍ୟୁଦ୍ଭିରାହ୍ଲାଦାଶ୍ଚରନ୍ତି ତସ୍ମାଦାହୁର୍ବିଦ୍ୟୋତତେ ସ୍ତନୟତି ବର୍ଷିଷ୍ୟତି ବା ଇତି ତେଜ ଏବ ତତ୍ପୂର୍ବଂ ଦର୍ଶୟିତ୍ୱାଥାପଃ ସୃଜତେ ତେଜ ଉପାସ୍ସ୍ୱେତି ।।୧।।

ତେଜ ଜଳ ଅପେକ୍ଷା ଶ୍ରେଷ୍ଠତର ବା ଉତ୍କୃଷ୍ଟ ଅଟେ । ଏହି ତେଜ ବାୟୁକୁ ନିଶ୍ଚଳକରି ଯେତେବେଳେ ଆକାଶକୁ ସବୁଦିଗରୁ ଉତ୍ତପ୍ତ କରାଇଥାଏ, ସେହି ସମୟରେ ଲୋକ କହନ୍ତି— ଗରମ ହେଉଛି, ଉତ୍ତାପ ବଢୁଛି, ବର୍ଷା ହେବ । ଏହିଭଳି ତେଜ ହିଁ ପ୍ରଥମେ ନିଜକୁ ଉଦ୍ଭୂତ କରାଇ ଉପଲବ୍ଧ କରାଇବା ପରେ ଜଳର ଉତ୍ପତ୍ତି କରିଥାଏ । ଏହି ତେଜ ଉର୍ଦ୍ଧ୍ୱଗାମୀ ଏବଂ ତୀର୍ଯ୍ୟକ୍ ଗାମୀ ବିଦ୍ୟୁତ୍ ସହିତ ଆଘାତପ୍ରାପ୍ତ ହୋଇ ଶବ୍ଦ ବିକିରଣ କରିଥାଏ । ଏହାକୁ ଲୋକେ କହନ୍ତି, ବିଜୁଳି ଓ ଘଡ଼ଘଡ଼ି, ଯାହା କ୍ଷଣ ସମୟ ପାଇଁ ହେଲେ ବି ଚମତ୍କୃତ କରାଇ ଶବ୍ଦ ଉତ୍ପନ୍ନ କରେ । ପରିଣତିରେ ବର୍ଷାର ଆବିର୍ଭାବ ହୁଏ । ଏହିଭଳି ତେଜ ନିଜକୁ ପ୍ରଦର୍ଶିତ କରାଇ ପରେ ଜଳକୁ ଉତ୍ପନ୍ନ କରାଇଥାନ୍ତି । ଅତଃ ତେଜକୁ ବ୍ରହ୍ମ ବୋଲି ଉପାସନା କର ।।୧।।

ସ ଯସ୍ତେଜୋ ବ୍ରହ୍ମେତ୍ୟୁପାସ୍ତେ ତେଜସ୍ୱୀ ବୈ ସ ତେଜସ୍ୱତୋ ଲୋକାନ୍‌ଭାସ୍ୱତୋଽପହତତମସ୍କାନଭିସିଦ୍ଧ୍ୟତି ଯାବତ୍ତେଜସୋ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି । ଯସ୍ତେଜୋ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବସ୍ତେଜସୋ ଭୂୟ ଇତି ତେଜସୋ ବାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍‌ବ୍ରବୀତ୍ୱିତି ।।୨।।

ତେଜକୁ ବ୍ରହ୍ମ ବୋଲି ଜାଣି ଯିଏ ଉପାସନା କରନ୍ତି, ସେ ତେଜସ୍ୱୀ ହୋଇଥାନ୍ତି ଓ ତେଜସମ୍ପନ୍ନ ହୋଇ ପ୍ରକାଶମାନ ଏବଂ ତମୋହୀନ ଲୋକକୁ ପ୍ରାପ୍ତ ହୁଅନ୍ତି । ଯେ

ପର୍ଯ୍ୟନ୍ତ ତେଜର ଗତି ରହିଛି, ସେତେଦୂର ପର୍ଯ୍ୟନ୍ତ ସ୍ୱେଚ୍ଛାଗମନ କରିପାରନ୍ତି । ଏହାଶୁଣି ନାରଦ କହିଲେ— ଭଗବନ୍ ! ତାହେଲେ କ'ଣ ତେଜ ଠାରୁ ଶ୍ରେଷ୍ଠ ଆଉ କିଛି ନାହିଁ ? ସନତ୍‌କୁମାର ଉତ୍ତରଦେଲେ— ତା'ଠାରୁ ଶ୍ରେଷ୍ଠ ମଧ୍ୟ ରହିଛି । ନାରଦ(ନିବେଦନ କଲେ)—ତେବେ ସେ ସମ୍ପର୍କରେ ଅଧିକ ତଥ୍ୟ ଦିଅନ୍ତୁ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଏକାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୧।।

(ସପ୍ତମ ଅଧ୍ୟାୟ-ଦ୍ୱାଦଶ ଖଣ୍ଡ)

୧୨.ଆକାଶକୁ ବ୍ରହ୍ମରୂପେ ଉପାସନା

ଆକାଶୋ ବାବ ତେଜସୋ ଭୂୟାନାକାଶେ ବୈ ସୂର୍ଯ୍ୟାଚନ୍ଦ୍ରମସାବୁଭୌ ବିଦ୍ୟୁନ୍ନକ୍ଷତ୍ରାଣ୍ୟଗ୍ନିରାକାଶେନାହ୍ୱୟତ୍ୟାକାଶେନ ଶୃଣୋତ୍ୟାକାଶେନ ପ୍ରତିଶୃଣୋତ୍ୟାକାଶେ ରମତ ଆକାଶେ ନ ରମତ ଆକାଶେ ଜାୟତ ଆକାଶମଭିଜାୟତ ଆକାଶମୁପାସ୍ସ୍ୱେତି ।।୧।।

ଆକାଶ ମଧ୍ୟ ତେଜଠାରୁ ଶ୍ରେଷ୍ଠ ଅଟେ । ଆକାଶରେ ସୂର୍ଯ୍ୟ, ଚନ୍ଦ୍ର ତଥା ବିଦ୍ୟୁତ୍, ନକ୍ଷତ୍ର ଏବଂ ଅଗ୍ନି ଆଦି ସ୍ଥିତ ହୋଇଅଛନ୍ତି ଓ ଆକାଶ ମାଧ୍ୟମରେ ଅନ୍ୟ ସହିତ ସମ୍ବନ୍ଧ ରକ୍ଷାକରନ୍ତି । ତାଙ୍କ ଦ୍ୱାରା ଶ୍ରବଣ କରନ୍ତି, ପ୍ରତିଶ୍ରବଣ କରନ୍ତି ଏପରିକି ସେହି ଆକାଶରେ ରମଣ ମଧ୍ୟ କରନ୍ତି । ସେହି ଆକାଶରୁ ସମସ୍ତ ପଦାର୍ଥର ଉତ୍ପନ୍ନ ହୋଇଥାଏ । ଏପରିକି ଜୀବ ତଥା ସେମାନଙ୍କର ଅଙ୍କୁର ମଧ୍ୟ ତହିଁରୁ ଲାଭ ହୋଇଥାଏ । ଏଣୁ ତୁମେ ଆକାଶର ଉପାସନା କର ।।୧।।

ସ ଯ ଆକାଶଂ ବ୍ରହ୍ମେତ୍ୟୁପାସ୍ତ ଆକାଶବତୋ ବୈ ସ ଲୋକାନ୍‌ପ୍ରକାଶବତୋଽସମ୍ବାଧାନୁରୁଗାୟବତୋଽଭିସିଦ୍ଧ୍ୟତି ଯାବଦାକାଶସ୍ୟ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯ ଆକାଶଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବ ଆକାଶାଦ୍‌ଭୂୟ ଇତ୍ୟାକାଶାଦ୍ୱାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍‌ବ୍ରବୀତ୍ୱିତି ।।୨।।

ଆକାଶକୁ ବ୍ରହ୍ମ ବୋଲି ଜାଣି ଯିଏ ଉପାସନା କରନ୍ତି, ସେ ଆକାଶବାନ୍ ତଥା ପ୍ରକାଶବାନ୍, ପୀଡ଼ାରହିତ ଏବଂ ବିସ୍ତୃତଲୋକକୁ ପ୍ରାପ୍ତ ହୁଅନ୍ତି । ଯେ ପର୍ଯ୍ୟନ୍ତ ଆକାଶର

ଗତି ରହିଛି(ବ୍ୟାପୀରହିଛି), ସେତେଦୂର ପର୍ଯ୍ୟନ୍ତ ସେ ସ୍ୱେଚ୍ଛାଗମନ କରିପାରନ୍ତି । ନାରଦ କହିଲେ— ଭଗବନ୍ ! ତାହେଲେ କ'ଣ ଆକାଶ ଠାରୁ ଶ୍ରେଷ୍ଠ ଆଉ କିଛି ନାହିଁ ? ସନତ୍‌କୁମାର କହିଲେ— ତା'ଠାରୁ ଶ୍ରେଷ୍ଠ ମଧ୍ୟ ରହିଛି । ନାରଦ ନିବେଦନ କଲେ— ତେବେ ସେ ସମ୍ପର୍କରେ ଅଧିକ ତଥ୍ୟ ଦିଅନ୍ତୁ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଦ୍ୱାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୨।।

(ସପ୍ତମ ଅଧ୍ୟାୟ-ତ୍ରୟୋଦଶ ଖଣ୍ଡ)

୧୩. ସ୍ମରଣ(ହେତୁ)କୁ ବ୍ରହ୍ମରୂପେ ଉପାସନା

ସ୍ମରୋ ବାବାକାଶାଦ୍‌ଭୂୟସ୍ତସ୍ମାଦ୍‌ଯଦ୍ୟପି ବହବ ଆସୀରନ୍ନ ସ୍ମରନ୍ତୋ ନୈବ ତେ କଞ୍ଚନ ଶୃଣୁୟୁର୍ନ ମନ୍ୱୀରନ୍ନ ବିଜାନୀରନ୍ୟଦା ବାବ ତେ ସ୍ମରେୟୁରଥ ଶୃଣୁୟୁରଥ ମନ୍ୱୀରନ୍ନଥ ବିଜାନୀରନ୍‌ସ୍ମରେଣ ବୈ ପୁତ୍ରାନ୍ୱିଜାନାତି ସ୍ମରେଣ ପଶୂନ୍‌ସ୍ମରମୁପାସ୍ୱେତି ।।୧।।

ସ୍ମର (ସ୍ମରଣ) ଆକାଶ ଠାରୁ ମଧ୍ୟ ଶ୍ରେଷ୍ଠ ଅଟେ । ଯଦିଓ ଏହା ସାହାଯ୍ୟରେ ବହୁତ ଲୋକ ଗୋଟିଏ ଜାଗାରେ ବସନ୍ତି, ସ୍ମରଣ ନ କରିପାରିଲେ କିଛି ବି ଶୁଣିବାକୁ ସକ୍ଷମ ହୁଅନ୍ତି ନାହିଁ । ଏପରିକି ମନନ ମଧ୍ୟ କରିପାରନ୍ତି ନାହିଁ । ଚିହ୍ନିବା ତଥା ହେତୁମଧ୍ୟକୁ ଆନୟନ କରିବା ଅସମ୍ଭବ ହୋଇଉଠେ । ଯେଉଁ ସମୟରେ ସେ ସ୍ମରଣ କରନ୍ତି, ସେତିକିବେଳେ ଶୁଣିବାକୁ ସକ୍ଷମ ହୁଅନ୍ତି । ଅତଃ ଜାଣିବାକୁ ଚାହିଁଲେ ସ୍ମରଣ ହିଁ ନିତାନ୍ତ ଆବଶ୍ୟକ । ସ୍ମରଣ କରିବା ଯୋଗୁଁ ପୁରୁଷ ପୁତ୍ରକୁ ଚିହ୍ନିପାରେ । ଏପରିକି ପଶୁମାନଙ୍କୁ ମଧ୍ୟ । ଅତଃ ତୁମେ ସ୍ମରଣକୁ ଉପାସନା କର ।

ସ ଯଃ ସ୍ମରଂ ବ୍ରହ୍ମେତ୍ୟୁପାସ୍ତେ ଯାବତ୍‌ସ୍ମରସ୍ୟ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯଃ ସ୍ମରଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବଃ ସ୍ମରାଦ୍ଭୂୟ ଇତି ସ୍ମରାଦ୍ୱାବ ଭୂୟୋଽସ୍ତୀତି ତନ୍ମେ ଭଗବାନ୍‌ବ୍ରବୀତ୍ୱିତି ।।୨।।

ସ୍ମରଣକୁ ବ୍ରହ୍ମ ବୋଲି ଜାଣି ଯିଏ ଉପାସନା କରନ୍ତି, ଯେ ପର୍ଯ୍ୟନ୍ତ ସ୍ମରଣର ଗତି ରହିଛି, ସେତେଦୂର ପର୍ଯ୍ୟନ୍ତ ସେ ସ୍ୱେଚ୍ଛାଗମନ କରିପାରନ୍ତି । ନାରଦ ପଚାରିଲେ— ଭଗବନ୍ ! ତାହେଲେ କ'ଣ ସ୍ମରଣ ଠାରୁ ଶ୍ରେଷ୍ଠ ଆଉ କିଛି ନାହିଁ ? ସନତ୍‌କୁମାର କହିଲେ— ତା'ଠାରୁ ଶ୍ରେଷ୍ଠ ମଧ୍ୟ ରହିଛି । ନାରଦ ନିବେଦନ କଲେ— ତେବେ

ସେ ସମ୍ପର୍କରେ ଅଧିକ ତଥ୍ୟ ଦିଅନ୍ତୁ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ତ୍ରୟୋଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୩।।

(ସପ୍ତମ ଅଧ୍ୟାୟ- ଚତୁର୍ଦ୍ଦଶ ଖଣ୍ଡ)

୧୪, ଆଶାକୁ ବ୍ରହ୍ମରୂପେ ଉପାସନା

ଆଶା ବାବ ସ୍ମରାଦ୍‌ଭୂୟସ୍ୟାଶେଦ୍ଧୋ ବୈ ସ୍ମରୋ ମନ୍ତ୍ରାନଧୀତେ କର୍ମାଣି କୁରୁତେ ପୁତ୍ରାଁଶ୍ଚ ପଶୂଁଶ୍ଚେଚ୍ଛତ ଇମଂ ଚ ଲୋକମମୁଂ ଚେଚ୍ଛତ ଆଶାମୁପାସ୍ୱେତି ।।୧।।

ଆଶା ସ୍ମରଣ ଠାରୁ ମଧ୍ୟ ଉତ୍କୃଷ୍ଟତର ଅଟେ । ଆଶା ଦ୍ୱାରା ଦୀପ୍ତିମାନ୍ ହୋଇଥିବା ସ୍ମରଣ ହିଁ ମନ୍ତ୍ରପାଠ କରିପାରେ । କର୍ମସାଧନ କରେ, ପୁତ୍ର ଏବଂ ପଶୁମାନଙ୍କର ଇଚ୍ଛା ପୂରଣ କରେ । ଇହ-ପର କାଳକୁ କାମନା କରେ । ଅତଃ ତୁମେ ଆଶାର ଉପାସନା କର । ଏଭଳି ଉପାସନା କରିବା ଦ୍ୱାରା ତୁମର ସମସ୍ତ କାମନା ଆଶା ଦ୍ୱାରା ପରିତୃପ୍ତ ବା ସମୃଦ୍ଧ ହୋଇଯିବ । ପ୍ରାର୍ଥନା ସଫଳ ହେବ ।

ସ ଯ ଆଶାଂ ବ୍ରହ୍ମେତ୍ୟୁପାସ୍ତ ଆଶୟାସ୍ୟ ସର୍ବେ କାମାଃ ସମୃଧ୍ୟନ୍ତ୍ୟମୋଘା ହାସ୍ୟାଶିଷୋ ଭବନ୍ତି ଯାବଦାଶାୟା ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ଯ ଆଶାଂ ବ୍ରହ୍ମେତ୍ୟୁପାସ୍ତେଽସ୍ତି ଭଗବ ଆଶାୟା ଭୂୟ ଇତ୍ୟାଶାୟା ବାବ ଭୂୟୋଽସ୍ତୀତି ତନ୍ମେ ଭଗବନ୍‌ବ୍ରବୀତ୍ୱିତି ।।୨।।

ଆଶାକୁ ବ୍ରହ୍ମ ବୋଲି ଜାଣି ଯିଏ ଉପାସନା କରନ୍ତି, ଯେ ପର୍ଯ୍ୟନ୍ତ ଆଶାର ଗତି ରହିଛି, ସେତେଦୂର ପର୍ଯ୍ୟନ୍ତ ସେ ସ୍ୱେଚ୍ଛାଗମନ କରିପାରନ୍ତି । ଅଧୁନା ନାରଦ ପଚାରିଲେ— ଭଗବନ୍ ! ତାହେଲେ କ'ଣ ଆଶା ଠାରୁ ଶ୍ରେଷ୍ଠ ଆଉ କିଛି ନାହିଁ ? ସନତ୍‌କୁମାର କହିଲେ— ତା'ଠାରୁ ଶ୍ରେଷ୍ଠ ମଧ୍ୟ ରହିଛି । ନାରଦ ଅନୁନୟ କଲେ, ତେବେ ସେ ସମ୍ପର୍କରେ ଅଧିକ ତଥ୍ୟ ଦିଅନ୍ତୁ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଚତୁର୍ଦ୍ଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୪।।

(ସପ୍ତମ ଅଧ୍ୟାୟ-ପଞ୍ଚଦଶ ଖଣ୍ଡ)

୧୫, ପ୍ରାଣଙ୍କୁ ବ୍ରହ୍ମ ରୂପେ ଉପାସନା

ପ୍ରାଣୋ ବା ଆଶାୟା ଭୂୟାନ୍ୟଥା ବା ଅରା ନାଭୌ ସମର୍ପିତା ଏବମସ୍ମିନ୍‌ପ୍ରାଣେ ସର୍ବଂ ସମର୍ପିତମ୍ । ପ୍ରାଣଃ ପ୍ରାଣେନ ଯାତି ପ୍ରାଣଃ ପ୍ରାଣଂ ଦଦାତି ପ୍ରାଣାୟ ଦଦାତି । ପ୍ରାଣୋ ହ ପିତା ପ୍ରାଣୋ ମାତା ପ୍ରାଣୋ ଭ୍ରାତା ପ୍ରାଣଃ ସ୍ୱସା ପ୍ରାଣ ଆଚାର୍ଯ୍ୟଃ ପ୍ରାଣୋ ବ୍ରାହ୍ମଣଃ ।।୧।।

ପ୍ରାଣ ଆଶା ଠାରୁ ବଳି ଶ୍ରେଷ୍ଠ ଅଟେ । ଯେଉଁଭଳି ରଥ ଚକର ନାଭିରେ ଅର ସମର୍ପିତ ହୋଇ ରହିଥାଏ, ସେହିଭଳି ଏହି ପ୍ରାଣରେ ସମଗ୍ର ଜଗତ ସମର୍ପିତ ହୋଇରହିଛି । ପ୍ରାଣ, ପ୍ରାଣ ଦ୍ୱାରା ଅର୍ଥାତ୍ ନିଜ ଶକ୍ତି ଦ୍ୱାରା ଗମନ କରିବାକୁ ସକ୍ଷମ ହୁଏ । ସେହି ପ୍ରାଣ ପ୍ରାଣକୁ ହିଁ ଦେବାକୁ ସକ୍ଷମ ହୁଏ, ପ୍ରାଣ ପାଇଁ ହିଁ ସବୁକିଛି ଦେଇଥାଏ । ପ୍ରାଣ ପାଇଁ ପ୍ରାଣ ହିଁ ପିତା, ପ୍ରାଣ ହିଁ ମାତା, ପ୍ରାଣ ଭାଇ, ଭଉଣୀ, ଆଚାର୍ଯ୍ୟ ଓ ବ୍ରାହ୍ମଣଦେବତା ମଧ୍ୟ ଅଟନ୍ତି ।।୧।।

ସ ଯଦି ପିତରଂ ବା ମାତରଂ ବା ଭ୍ରାତରଂ ବା ସ୍ୱସାରଂ ବାଽଽଚାର୍ଯ୍ୟଂ ବା ବ୍ରାହ୍ମଣଂ ବା କିଞ୍ଚିଦ୍‌ଭୃଶମିବ ପ୍ରତ୍ୟାହ ଧିକ୍ତ୍ୱାସ୍ତିତ୍ୟେବୈନମାହୁଃ ପିତୃହା ବୈ ତ୍ୱମସି ମାତୃହା ବୈ ତ୍ୱମସି ଭ୍ରାତୃହା ବୈ ତ୍ୱମସି ସ୍ୱସୃହା ବୈ ତ୍ୱମସ୍ୟାଚାର୍ୟହା ବୈ ତ୍ୱମସି ବ୍ରାହ୍ମଣହା ବୈ ତ୍ୱମସୀତି ।।୨।।

ଯଦି କୌଣସି ବ୍ୟକ୍ତି ନିଜର ବାପା, ମାଆ, ଭାଇ, ଭଉଣୀ, ଆଚାର୍ଯ୍ୟ ଅବା ବ୍ରାହ୍ମଣଙ୍କ ଉଦ୍ଦେଶ୍ୟରେ କୌଣସି ଅନୁଚିତ୍ ବାକ୍ୟ ପ୍ରୟୋଗ କରନ୍ତି, ତେବେ ନିକଟସ୍ଥ ଲୋକମାନେ ତାଙ୍କୁ କହନ୍ତି— ତୁମକୁ ଧିକ୍, ତୁମେ ନିଶ୍ଚିତଭାବେ ପିତୃ ହନନକାରୀ ଅଟ, ମାତୃହନ୍ତା ଅଟ, ଭ୍ରାତୃ ହତ୍ୟାକାରୀ, ଭଗ୍ନୀ ହତ୍ୟାକାରୀ ଅବା ଆଚାର୍ଯ୍ୟଘାତୀ ଅଟ । ତୁମେ ନିଶ୍ଚିତଭାବେ ବ୍ରହ୍ମଘାତୀ ଅଟ ।।୨।।

ଅଥ ଯଦ୍ୟପ୍ୟେନାନୁତ୍କ୍ରାନ୍ତପ୍ରାଣାନ୍ଛୂଲେନ ସମାସଂ ବ୍ୟତିଷଂଦହେନ୍ନୈବୈନଂ ବ୍ରୂୟୁଃ ପିତୃହାସୀତି ନ ମାତୃହାସୀତି ନ ଭ୍ରାତୃହାସୀତି ନ ସ୍ୱସୃହାସୀତି ନାଚାର୍ୟହାସୀତି ନ ବ୍ରାହ୍ମଣହାସୀତି ।।୩।।

ହେଲେ ଯାହାଙ୍କର ପ୍ରାଣ ଉତ୍କ୍ରମଣ କରିଯାଏ, ତାଙ୍କର ପିତୃ ଆଦି ପ୍ରାଣହୀନ

ଶରୀରଙ୍କ ସମ୍ପର୍କରେ ଶୂଳଯୁକ୍ତ ଛିନ୍ନଭିନ୍ନ ବା ଏକତ୍ରିତ ଭାବେ କଠିନ ଶବ୍ଦର କିଛି ମାନେନାହିଁ । ତାଙ୍କୁ ଯିଏ ଯାହା କୁହନ୍ତୁ ନାଁ କାହିଁକି ବାସ୍ତବରେ ପ୍ରାଣ ହିଁ ପ୍ରାଣଙ୍କର ନିନ୍ଦା ବା ପ୍ରଶଂସା କରୁଥିବାରୁ କୌଣସି ମାନେ ରଖେନାହିଁ । ସେ ପିତୃହା ଅଟନ୍ତି, ମାତୃହା ଅଟନ୍ତି, ଭ୍ରାତୃହା ଅଟନ୍ତି, ଭଗ୍ନୀହା ଅଟନ୍ତି ଏବଂ ଆଚାର୍ଯ୍ୟଘାତୀ ଅଟନ୍ତି ଅଥବା ତୁମେ ବ୍ରହ୍ମଘାତୀ ଅଟ, ଏଭଳି କୁହନ୍ତି ନାହିଁ ।।୩।।

ପ୍ରାଣୋ ହ୍ୟେବୈତାନି ସର୍ବାଣି ଭବତି ସ ବା ଏଷ ଏବଂ ପଶ୍ୟନ୍ନେବଂ ମନ୍ୱାନ ଏବଂ ବିଜାନନ୍ନତିବାଦୀ ଭବତି ତଂ ଚେଦ୍‌ବ୍ରୂୟୁରତିବାଦ୍ୟ-ସୀତ୍ୟତିବାଦ୍ୟସ୍ମୀତି ବ୍ରୂୟାନାପହ୍ନୁବୀତ ।।୪।।

ଯିଏ ପ୍ରାଣଙ୍କୁ ଏହିଭଳି ଅବଗତ ହୋଇଛନ୍ତି, ତାଙ୍କର ଚିନ୍ତନ କରିପାରୁଛନ୍ତି ଏବଂ ତାଙ୍କୁ ସର୍ବତୋରୂପେ ବୋଧ ହୋଇଛନ୍ତି, ଅତିବାଦୀ ହୋଇଛନ୍ତି, ସେ ହିଁ ପ୍ରାଣଙ୍କୁ ଠିକ୍ ଭାବେ ଜାଣିବାକୁ ସକ୍ଷମ ହୋଇଛନ୍ତି । ତାଙ୍କୁ ଯଦି କେହି କୁହନ୍ତି, ତୁମେ ଅତିବାଦୀ ଅଟ, ତାହେଲେ ଉତ୍ତରରେ ତାଙ୍କୁ ଜଣାଇଦେବା ଉଚିତ କି, ହଁ, ଅତିବାଦୀ ହିଁ ତ ଅଟେ । କୌଣସି ଦୃଷ୍ଟିରୁ ତାଙ୍କୁ କିଛି ଲୁଚାଇ ରଖିବାର ଆବଶ୍ୟକତା ନାହିଁ ।।୪।।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ପଞ୍ଚଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୫।।

(ସପ୍ତମ ଅଧ୍ୟାୟ-ଷୋଡ଼ଶ ଖଣ୍ଡ)

୧୬. ସତ୍ୟ ବିଶେଷ ରୂପେ ଜିଜ୍ଞାସ୍ୟ ଅଟେ

ଏଷ ତୁ ବା ଅତିବଦତି ଯଃ ସତ୍ୟେନାତିବଦତି ସୋଽହଂ ଭଗବଃ ସତ୍ୟେନାତିବଦାନୀତି ସତ୍ୟଂ ତ୍ୱେବ ବିଜିଜ୍ଞାସିତବ୍ୟମିତି ସତ୍ୟଂ ଭଗବୋ ବିଜିଜ୍ଞାସ ଇତି ।।୧।।

ସନତ୍ କୁମାର ପ୍ରଶ୍ନ କଲେ, ଯିଏ ସତ୍ୟ ଅର୍ଥାତ୍ ପରମାର୍ଥସ୍ୱରୂପ ଏବଂ ଆତ୍ମବିଜ୍ଞାନ(ଆତ୍ମା ବିଷୟକ ଜ୍ଞାନ) ପ୍ରଦାନ କରିଛନ୍ତି, ସେ ଅତିବଦନ କାରଣରୁ ଏହା କରିପାରନ୍ତି । କଥାଟି କେବଳ ଅତିବଦନକୁ ହିଁ ନିର୍ଦ୍ଦେଶ କରୁଛି । ନାରଦ କହିଲେ, ହେ ଭଗବନ୍ ! ମୁଁ ତ ପରମାର୍ଥ ସତ୍ୟ ବିଜ୍ଞାନ କାରଣରୁ ଅତିବଦନ ହିଁ କରୁଛି । ସନତ୍‌କୁମାର କହିଲେ— ସତ୍ୟର ବିଶେଷ ରୂପରେ ଜିଜ୍ଞାସା କରିବା ଆବଶ୍ୟକ ।

ନାରଦ କହିଲେ—ତେବେ ମୁଁ ହିଁ ଉକ୍ତ ସତ୍ୟ ସମ୍ପର୍କରେ ବିଶେଷ ରୂପେ ଜିଜ୍ଞାସା ପ୍ରକଟ କରୁଅଛି ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଷୋଡ଼ଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୬।।

(ସପ୍ତମ ଅଧ୍ୟାୟ-ସପ୍ତଦଶ ଖଣ୍ଡ)

୧୭. ବିଜ୍ଞାନ ବିଶେଷ ରୂପେ ଜିଜ୍ଞାସ୍ୟ ଅଟେ

ଯଦା ବୈ ବିଜାନାତ୍ୟଥ ସତ୍ୟଂ ବଦତି ନାବିଜାନନ୍ ସତ୍ୟଂ ବଦତି ବିଜାନନ୍ନେବ ସତ୍ୟଂ ବଦତି ବିଜ୍ଞାନଂ ତ୍ୱେବ ବିଜିଜ୍ଞାସିତବ୍ୟମିତି ବିଜ୍ଞାନଂ ଭଗବୋ ବିଜିଜ୍ଞାସ ଇତି ।।୧।।

ସନତ୍କୁମାର କହିଲେ— ଯେଉଁ ସମୟରେ ପୁରୁଷ ସତ୍ୟକୁ ବିଶେଷ ରୂପେ ଜାଣିପାରେ, ସେତେବେଳେ ସେ କେବଳ ସତ୍ୟ କହେ । ବିନା ଅବଗତରେ କେହି କେବେ ସତ୍ୟ କହିପାରେ ନାହିଁ ବରଂ ବିଶେଷ ଜାଣିଥିବା ବ୍ୟକ୍ତିଙ୍କ ମୁଖରୁ ହିଁ ସତ୍ୟ ଉଦ୍‌ଭାସିତ ହୋଇଥାଏ । ଅତଃ ବିଜ୍ଞାନକୁ ବିଶେଷ ରୂପେ ଜିଜ୍ଞାସା କରିବା ଦରକାର ।

ନାରଦ କହିଲେ— ଭଗବନ୍ ! ତେବେ ମୁଁ ବିଜ୍ଞାନକୁ ବିଶେଷରୂପେ ଜାଣିବାକୁ ଚାହୁଁଅଛି ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ସପ୍ତଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୭।।

(ସପ୍ତମ ଅଧ୍ୟାୟ-ଅଷ୍ଟାଦଶ ଖଣ୍ଡ)

୧୮. ମତି ବିଶେଷରୂପେ ଜିଜ୍ଞାସ୍ୟ ଅଟେ

ଯଦା ବୈ ମନୁତେଽଥ ବିଜାନାତି ନାମତ୍ୱା ବିଜାନାତି ମତ୍ୱୈବ ବିଜାନାତି ମତିସ୍ତ୍ୱେବ ବିଜିଜ୍ଞାସିତବ୍ୟେତି । ମତିଂ ଭଗବୋ ବିଜିଜ୍ଞାସ ଇତି ।।୧।।

ସନତ୍କୁମାର— ଯେଉଁ ସମୟରେ ମନୁଷ୍ୟ ମନନ କରେ, ସେତେବେଳେ ସେ ମନନୀୟ ବସ୍ତୁକୁ ଅବଗତ ହୋଇଥାଏ । ମନନ ବ୍ୟତିରେକ କିଛି ବି ବସ୍ତୁ ଜ୍ଞେୟ ନୁହେଁ । ମନନ ଦ୍ୱାରା ହିଁ ସବୁକିଛି ଜ୍ଞାତବ୍ୟ ଅଟେ । ଅତଃ ମତିକୁ ବିଶେଷ ରୂପେ ଜିଜ୍ଞାସା କରିବା ଦରକାର । ନାରଦ କହିଲେ— ଭଗବାନ୍ ! ମୁଁ ମତିର ବିଜ୍ଞାନ ଇଚ୍ଛା କରୁଛି ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଅଷ୍ଟାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୮।।

(ସପ୍ତମ ଅଧ୍ୟାୟ-ଊନବିଂଶ ଖଣ୍ଡ)

୧୯, ଶ୍ରଦ୍ଧା ବିଶେଷରୂପେ ଜିଜ୍ଞାସ୍ୟ ଅଟେ

ଯଦା ବୈ ଶ୍ରଦ୍ଦଧାତ୍ୟଥ ମନୁତେ ନାଶ୍ରଦ୍ଦଧନ୍ମନୁତେ ଶ୍ରଦ୍ଦଧଦେବ ମନୁତେ ଶ୍ରଦ୍ଧା ତ୍ୱେବ ବିଜିଜ୍ଞାସିତବ୍ୟେତି । ଶ୍ରଦ୍ଧାଂ ଭଗବୋ ବିଜିଜ୍ଞାସ ଇତି ।।୧।।

ସନତ୍କୁମାର—ଯେଉଁ ସମୟରେ ମନୁଷ୍ୟ ଶ୍ରଦ୍ଧା କରେ, ସେତେବେଳେ ସେ ମନନ କରିବାକୁ ସକ୍ଷମ ହୁଏ । ଶ୍ରଦ୍ଧା ବିନା ମନନ ଅସମ୍ଭବ । ବରଂ ଶ୍ରଦ୍ଧା ଦ୍ୱାରା ମନନ କରାଯାଇପାରେ । ତେଣୁ ଶ୍ରଦ୍ଧାକୁ ବିଶେଷରୂପେ ଜିଜ୍ଞାସା(ଅବଗତ ହେବା) ଦରକାର ।

ନାରଦ କହିଲେ— ତାହେଲେ ମୁଁ ଶ୍ରଦ୍ଧାର ବିଜ୍ଞାନ (ବିଶେଷ ରୂପେ) କାମନା କରୁଛି ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଏକୋନବିଂଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୯।।

(ସପ୍ତମ ଅଧ୍ୟାୟ-ବିଂଶ ଖଣ୍ଡ)

୨୦. ନିଷ୍ଠା ବିଶେଷ ରୂପେ ଜିଜ୍ଞାସ୍ୟ ଅଟେ

ଯଦା ବୈ ନିସ୍ତିଷ୍ଠତ୍ୟଥ ଶ୍ରଦ୍ଦଧାତି ନାନିସ୍ତିଷ୍ଠନ୍ଛ୍ରଦ୍ଦଧାତି ନିସ୍ତିଷ୍ଠନ୍ନେବ ଶ୍ରଦ୍ଦଧାତି ନିଷ୍ଠା ତ୍ୱେବ ବିଜିଜ୍ଞାସିତବ୍ୟେତି । ନିଷ୍ଠାଂ ଭଗବୋ ବିଜିଜ୍ଞାସ ଇତି ।।୧।।

ସନତ୍କୁମାର— ଯେତେବେଳେ ବ୍ୟକ୍ତିଠାରେ ନିଷ୍ଠା ଜନ୍ମେ, ସେତେବେଳେ ହିଁ ସେ ଶ୍ରଦ୍ଧା କରିପାରେ । ବିନା ନିଷ୍ଠାରେ ଶ୍ରଦ୍ଧା ସମ୍ଭବ ନୁହେଁ । ବରଂ ନିଷ୍ଠାକାରୀ ହିଁ ଶ୍ରଦ୍ଧା କରିବାକୁ ସମର୍ଥ ହୋଇଥାଏ । ତେଣୁ ନିଷ୍ଠାକୁ ବିଶେଷ ରୂପେ ଜାଣିବାର ଇଚ୍ଛା ପ୍ରକଟ କରିବା ଦରକାର ।

ନାରଦ କହିଲେ — ଭଗବନ୍ ! ତାହେଲେ ମୁଁ ନିଷ୍ଠାକୁ ବିଶେଷ ରୂପେ ଜାଣିବାକୁ ଚାହୁଁଛି ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ବିଂଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨୦।।

(ସପ୍ତମ ଅଧ୍ୟାୟ-ଏକବିଂଶ ଖଣ୍ଡ)

୨୧. କୃତି ହିଁ ବିଶେଷ ରୂପେ ଜିଜ୍ଞାସ୍ୟ ଅଟେ

ଯଦା ବୈ କରୋତ୍ୟଥ ନିସ୍ତିଷ୍ଠତି ନାକୃତ୍ୱା ନିସ୍ତିଷ୍ଠତି କୃତ୍ୱୈବ ନିସ୍ତିଷ୍ଠତି କୃତିସ୍ତ୍ୱେବ ବିଜିଜ୍ଞାସିତବ୍ୟେତି । କୃତିଂ ଭଗବୋ ବିଜିଜ୍ଞାସ ଇତି ।।୧।।

ସନତ୍କୁମାର— ଯେଉଁ ସମୟରେ ମନୁଷ୍ୟ କିଛି କରେ, ସେତେବେଳେ ସେ କେବଳ ନିଷ୍ଠା ସମ୍ପାଦନ କରିଥାଏ । ବିନା ନିଷ୍ଠାରେ କେହି କେବେ କିଛି କରିପାରନ୍ତି ନାହିଁ ବରଂ ବିଶେଷ ଭାବେ ନିଷ୍ଠାପର ବ୍ୟକ୍ତି ହିଁ କୃତିବାନ୍ ହୋଇଥାନ୍ତି । ଅତଃ କୃତିକୁ ବିଶେଷ ରୂପେ ଜିଜ୍ଞାସା କରିବା ଦରକାର ।

ନାରଦ କହିଲେ — ଭଗବନ୍ ! ତେବେ ମୁଁ କୃତିକୁ ବିଶେଷରୂପେ ଜାଣିବାକୁ ଚାହୁଁଛି ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଏକବିଂଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨୧।।

(ସପ୍ତମ ଅଧ୍ୟାୟ-ଦ୍ୱାବିଂଶ ଖଣ୍ଡ)

୨୨. ସୁଖ ହିଁ ବିଶେଷ ରୂପେ ଜିଜ୍ଞାସ୍ୟ ଅଟେ

ଯଦା ବୈ ସୁଖଂ ଲଭତେଽଥ କରୋତି ନାସୁଖଂ ଲବ୍ଧ୍ୱା କରୋତି ସୁଖମେବ ଲବ୍ଧ୍ୱା କରୋତି ସୁଖଂ ତ୍ୱେବ ବିଜିଜ୍ଞାସିତବ୍ୟମିତି । ସୁଖଂ

ଭଗବୋ ବିଜିଜ୍ଞାସ ଇତି ।।୧।।

ସନତ୍‌କୁମାର— ଯେଉଁ ସମୟରେ ମନୁଷ୍ୟ ସୁଖକୁ ବିଶେଷ ରୂପେ ଲାଭକରେ, ସେତେବେଳେ ସେ କେବଳ ସୁଖ ବୋଧକରେ । ବିନା ସୁଖରେ କେହି କେବେ ଆନନ୍ଦ ପାଇପାରେ ନାହିଁ ବରଂ ସୁଖଲାଭ ପରେ ସେ ସବୁକିଛି କରିପାରେ । ଅତଃ ସୁଖକୁ ବିଶେଷ ରୂପେ ଜିଜ୍ଞାସା କରିବା ଦରକାର ।

ନାରଦ— ଭଗବନ୍ ! ତେବେ ମୁଁ ସୁଖକୁ ବିଶେଷରୂପେ ଜାଣିବାକୁ ଚାହୁଁଛି ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଦ୍ୱାବିଂଶ ଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨୨।।

(ସପ୍ତମ ଅଧ୍ୟାୟ-ତ୍ରୟବିଂଶ ଖଣ୍ଡ)

୨୩, ଭୂମା ବିଶେଷ ରୂପେ ଜିଜ୍ଞାସ୍ୟ ଅଟେ

ଯୋ ବୈ ଭୂମା ତତ୍‌ସୁଖଂ ନାଲ୍ପେ ସୁଖମସ୍ତି ଭୂମୈବ ସୁଖଂ ଭୂମା ତ୍ୱେବ ବିଜିଜ୍ଞାସିତବ୍ୟ ଇତି । ଭୂମାନଂ ଭଗବୋ ବିଜିଜ୍ଞାସ ଇତି ।।୧।।

ସନତ୍‌କୁମାର— ନିଶ୍ଚିତଭାବେ ଯାହା ଭୂମା, ତାହା ସୁଖ ଅଟେ । ଅଳ୍ପରେ ସୁଖ ନାହିଁ । ଭୂମା ହିଁ ସୁଖର କାରଣ ଅଟେ । ତେଣୁ ଭୂମାଂକୁ ବିଶେଷ ରୂପେ ଜିଜ୍ଞାସା କରିବା ଦରକାର ।

ନାରଦ— ଭଗବନ୍ ! ତେବେ ମୁଁ ଭୂମାକୁ ବିଶେଷରୂପେ ଜାଣିବାକୁ ଚାହୁଁଛି ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ତ୍ରୟୋବିଂଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨୩।।

(ସପ୍ତମ ଅଧ୍ୟାୟ-ଚତୁର୍ବିଶ ଖଣ୍ଡ)

୨୪, ଭୂମା ହିଁ ଅମୃତ ଅଟେ

ଯତ୍ର ନାନ୍ୟତ୍‌ପଶ୍ୟତି ନାନ୍ୟଚ୍ଛଣୋତି ନାନ୍ୟଦ୍ୱିଜାନାତି ସ ଭୂମାଥ ଯତ୍ରାନ୍ୟତ୍‌ପଶ୍ୟତ୍ୟନ୍ୟଚ୍ଛଣୋତ୍ୟନ୍ୟଦ୍ୱିଜାନାତି ତଦଳ୍ପଂ ଯୋ ବୈ

---

୧ ଏଠାରେ ଭୂମା ଶବ୍ଦ ମହାନ୍, ନିରତିଶୟ ଓ ବହୁ ଅର୍ଥରେ ପ୍ରୟୋଗ କରାଯାଇଛି ।

ଭୂମା ତଦମୃତମଥ ଯଦଳ୍ପଂ ତନ୍ମର୍ତ୍ୟମ୍ । ସ ଭଗବଃ କସ୍ମିନ୍ପ୍ରତିଷ୍ଠିତ ଇତି ସ୍ୱେ ମହିମ୍ନି ଯଦି ବା ନ ମହିମ୍ନୀତି ॥୧॥

ସନତ୍କୁମାର— ଯେଉଁଠାରେ ଆଉକିଛି ଦେଖାଯାଏ ନାହିଁ, କିଛି ଶୁଣାଯାଏ ନାହିଁ କି ଜାଣିବାକୁ କିଛି ବାକି ରହେନାହିଁ, ତାହା ଭୂମା ଅଟେ । କିନ୍ତୁ ଯେଉଁଠାରେ ଆଉ କିଛି ଦେଖିବାକୁ ହୁଏ, ଶୁଣିବାକୁ ହୁଏ, ଜାଣିବାକୁ ହୁଏ, ତାହା ସବୁ ଅଳ୍ପ ବୋଲାଇଥାଏ । ଯାହା ଭୂମା ଅଟେ, ତାହା ଅମୃତ ଅଟେ । ଯାହା ଅଳ୍ପ ତାହା ମର୍ତ୍ତ୍ୟ ଅଟେ ।

ନାରଦ—ଭଗବାନ୍ ସେହି ଭୂମା କେଉଁଥିରେ ପ୍ରତିଷ୍ଠିତ ?

ସନତ୍କୁମାର— ସ୍ୱ-ମହିମାରେ, ଅବା ମହିମାବିହୀନ ଭାବରେ ॥୧॥

ଗୋ-ଅଶ୍ୱମିହ ମହିମେତ୍ୟାଚକ୍ଷତେ ହସ୍ତିହିରଣ୍ୟଂ ଦାସଭାର୍ଯ୍ୟଂ କ୍ଷେତ୍ରାଣ୍ୟାୟତନାନୀତି ନାହମେବଂ ବ୍ରବୀମି ବ୍ରବୀମୀତି ହୋବାଚାନ୍ୟୋ ହ୍ୟନ୍ୟସ୍ମିନ୍ପ୍ରତିଷ୍ଠିତ ଇତି ॥୨॥

ଏହି ଲୋକରେ ଗୋ, ଅଶ୍ୱ ଆଦିଙ୍କର ମହିମା ଗାନକରୁଅଛେ ଏବଂ ହାତୀ, ସୁନା, ଦାସଦାସୀ, ଭାର୍ଯ୍ୟା, ଘରବାଡ଼ି ଆଦିଙ୍କର ମହିମା ଗାନ କରୁଛେ, ହେଲେ ମୋର କଥନ ତାହା ନୁହେଁ । କାହିଁକି ନାଁ ଅନ୍ୟ ପଦାର୍ଥ ଅନ୍ୟରେ ପ୍ରତିଷ୍ଠିତ ହୋଇଥାଏ । ମୁଁ ତାହା କହୁଛି— ସନତ୍ କୁମାର କହିଲେ ॥୨॥

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଚତୁର୍ବିଂଶ ଖଣ୍ଡଂ ସମ୍ପୂର୍ଣ୍ଣମ୍ ॥୨୪॥

(ସପ୍ତମ ଅଧ୍ୟାୟ-ପଞ୍ଚବିଂଶ ଖଣ୍ଡ)

୨୫, ଭୂମା ହିଁ ସର୍ବତ୍ର ବିଦ୍ୟମାନ ଏବଂ ଆତ୍ମା ଅଟେ

ସ ଏବାଧସ୍ତାତ୍‌ସ ଉପରିଷ୍ଟାତ୍‌ସ ପଶ୍ଚାତ୍ସ ପୁରସ୍ତାତ୍ସ ଦକ୍ଷିଣତଃ ସ ଉତ୍ତରତଃ ସ ଏବେଦଁସର୍ବମିତ୍ୟଥାତୋଽହଙ୍କାରାଦେଶ ଏବାହମେବାଧସ୍ତାଦହମୁପରିଷ୍ଟାଦହଂ ପଶ୍ଚାଦହଂ ପୁରସ୍ତାଦହଂ ଦକ୍ଷିଣତୋଽହମୁତ୍ତରତୋଽହମେବେଦଁସର୍ବମିତି ॥୧॥

ତାହା ନିମ୍ନରେ ରହିଛି, ଉର୍ଦ୍ଧ୍ୱରେ ରହିଛି, ପଛରେ ରହିଛି, ଆଗରେ ରହିଛି । ବାମ, ଡାହାଣ ସର୍ବତ୍ର ବିଦ୍ୟମାନ । ଏବେ ତହିଁରେ ଅହଂକାର କରାଯାଉଛି । ମୁଁ ତଳେ

ଅଛି, ମୁଁ ଉପରେ ଅଛି, ମୁଁ ପଛରେ ଅଛି, ମୁଁ ଆଗରେ ଅଛି, ମୁଁ ବାମ, ଡାହାଣ ସର୍ବତ୍ର ରହିଛି ।

ଅଥାତ ଆତ୍ମାଦେଶ ଏବ ଆତ୍ମୈବାଧସ୍ତାଦାତ୍ମୋପରିଷ୍ଟାଦାତ୍ମା ପଶ୍ଚାଦାତ୍ମା ପୁରସ୍ତାଦାତ୍ମା ଦକ୍ଷିଣତ ଆତ୍ମୋତ୍ତରତ ଆତ୍ମୈବେଦ୍ଁସର୍ବମିତି । ସ ବା ଏଷ ଏବଂ ପଶ୍ୟନ୍ନେବଂ ମନ୍ୱାନ ଏବଂ ବିଜାନନ୍ନାତ୍ମରତିରାତ୍ମକ୍ରୀଡ଼ ଆତ୍ମମିଥୁନ ଆତ୍ମାନନ୍ଦଃ ସ ସ୍ୱରାଡ୍‌ଭବତି ତସ୍ୟ ସର୍ବେଷୁ ଲୋକେଷୁ କାମଚାରୋ ଭବତି ଅଥ ଯେଽନ୍ୟଥାତୋ ବିଦୁରନ୍ୟରାଜାନସ୍ତେ କ୍ଷୟ୍ୟଲୋକା ଭବନ୍ତି ତେଷାଁସର୍ବେଷୁ ଲୋକେଷ୍ୱକାମଚାରୋ ଭବତି ।।୨।।

ଏବେ ଆତ୍ମା ରୂପରେ ହିଁ ଭୂମାଙ୍କୁ ଆଦେଶ କରାଯାଉଛି । ଆତ୍ମା ତଳେ ଅଛନ୍ତି, ଉପରେ ଅଛନ୍ତି, ପଛରେ ଅଛନ୍ତି, ଆଗରେ ଅଛନ୍ତି, ବାମ, ଡାହାଣ ସର୍ବତ୍ର ରହିଛନ୍ତି । ଆଉ ସେ ହିଁ ଆତ୍ମା ରୂପରେ ବିଦ୍ୟମାନ ଅଟନ୍ତି । ସେହି ଆତ୍ମାଙ୍କୁ ଭୂମା ରୂପେ ଦେଖିଥିବା ବ୍ୟକ୍ତି, ମନନକରୁଥିବା ବ୍ୟକ୍ତି, ବିଶେଷ ରୂପେ ଅବଗତ ହୋଇଥିବା ବ୍ୟକ୍ତି ଆତ୍ମରତି, ଆତ୍ମକ୍ରୀଡ଼, ଆତ୍ମ ମିଥୁନ ଓ ଆତ୍ମନନ୍ଦୀ ହୋଇଥାନ୍ତି । ତାହା ସ୍ୱରାଟ ଅଟେ । ସମ୍ପୂର୍ଣ୍ଣ ଲୋକରେ ତାଙ୍କର ଯଥେଚ୍ଛାଗମନ ସମ୍ଭବ । କିନ୍ତୁ ତାଙ୍କୁ ବିପରୀତ ରୂପେ ଅବଗତ ହୋଇଥିବା ବ୍ୟକ୍ତି ସେ ଅନ୍ୟରାଟ୍ ହୋଇଥାନ୍ତି । ଅର୍ଥାତ୍ ତାଙ୍କର ନିଜ ଭିନ୍ନ ଅନ୍ୟ କେହି ରାଜ୍ୟ ଶାସନ କରୁଥାନ୍ତି । ସେ କ୍ଷୟଲୋକ ଅର୍ଥାତ୍ କ୍ଷୟଶୀଳ ଲୋକକୁ ପ୍ରାପ୍ତ ହୁଅନ୍ତି । ତାଙ୍କର ଗତି ସୀମିତ ହୋଇଯାଇଥାଏ ।

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ପଞ୍ଚବିଂଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨୫।।

(ସପ୍ତମ ଅଧ୍ୟାୟ-ଷଡବିଂଶ ଖଣ୍ଡ)

୨୬, ଉପରୋକ୍ତ ଜିଜ୍ଞାସ୍ୟମାନଙ୍କର ଫଳ

ତସ୍ୟ ହ ବା ଏତସ୍ୟୈବଂ ପଶ୍ୟତ ଏବଂ ମନ୍ୱାନସ୍ୟୈବଂ ବିଜାନତ ଆତ୍ମନଃପ୍ରାଣଆତ୍ମତଆଶାତ୍ମତଃସ୍ମରଆତ୍ମତଆକାଶଆତ୍ମତସ୍ତେଜ ଆତ୍ମତ ଆପ ଆତ୍ମତ ଆବିର୍ଭାବତିରୋଭାବାବାତ୍ମତୋଽନ୍ନମ ।ତ୍ମତୋ ବଲମାତ୍ମତୋ ବିଜ୍ଞାନମାତ୍ମତୋ ଧ୍ୟାନମାତ୍ମତଶ୍ଚିତ୍ତମାତ୍ମତଃ ସଙ୍କଳ୍ପ ଆତ୍ମତୋ ମନ ଆତ୍ମତୋ ବାଗାତ୍ମତୋ ନାମାତ୍ମତୋ ମନ୍ତ୍ରା

ଆତ୍ମତଃ କର୍ମାଣ୍ୟାତ୍ମତ ଏବେଦ୍ଁସର୍ବମିତି ॥୧॥

ଆତ୍ମଦର୍ଶନରେ ସବୁକିଛି ଲାଭହୁଏ, ଆହାରଶୁଦ୍ଧିରେ ଅବିଦ୍ୟା ନିବୃତ୍ତି ହୁଏ । ତାଙ୍କୁ ଏଭଳି ଭାବରେ ଦେଖିଥିବା ବ୍ୟକ୍ତି, ମନନ କରୁଥିବା ବ୍ୟକ୍ତି, ଜାଣିପାରୁଥିବା ବ୍ୟକ୍ତି, ଏହି ବିଦ୍ୱାନଙ୍କ ପାଇଁ ଆତ୍ମାଠାରୁ ପ୍ରାଣ, ଆଶା, ସ୍ମୃତି, ଆକାଶ, ତେଜ, ଜଳ, ଆବିର୍ଭାବ-ତିରୋଭାବ, ଅନ୍ନ, ବଳ, ବିଜ୍ଞାନ, ଧ୍ୟାନ, ଚିତ୍ତ, ସଂକଳ୍ପ, ମନ, ବାକ୍, ନାମ, ମନ୍ତ୍ର, କର୍ମ ଓ ସବୁକିଛି ହୋଇଯାଇଥାଏ ।

ତଦେଷ ଶ୍ଳୋକୋ ନ ପଶ୍ୟୋ ମୃତ୍ୟୁଂ ପଶ୍ୟତି ନ ରୋଗଂ ନୋତ ଦୁଃଖତାଁସର୍ବ ଁହ ପଶ୍ୟଃ ପଶ୍ୟତି ସର୍ବମାପ୍ନୋତି ସର୍ବଶ ଇତି । ସ ଏକଧା ଭବତି ତ୍ରିଧା ଭବତି ପଞ୍ଚଧା ସପ୍ତଧା ନବଧା ଚୈବ ପୁନଶ୍ଚୈକାଦଶଃ ସ୍ମୃତଃ ଶତଂ ଚ ଦଶ ଚୈକଶ୍ଚ ସହସ୍ରାଣି ଚ ବିଁଶତିରାହାରଶୁଦ୍ଧୌ ସତ୍ତ୍ୱଶୁଦ୍ଧିଃ ସତ୍ତ୍ୱଶୁଦ୍ଧୌ ଧ୍ରୁବା ସ୍ମୃତିଃ ସ୍ମୃତିଲମ୍ଭେ ସର୍ବଗ୍ରନ୍ଥୀନାଂ ବିପ୍ରମୋକ୍ଷସ୍ତସ୍ମୈ ମୃଦିତକଷାୟାୟ ତମସସ୍ପାରଂ ଦର୍ଶୟତି ଭଗବାନ୍‌ସନତ୍କୁମାରସ୍ତଁସ୍କନ୍ଦ ଇତ୍ୟାଚକ୍ଷତେ ତଁସ୍କନ୍ଦ ଇତ୍ୟାଚକ୍ଷତେ ॥୨॥

ଏହି ବିଷୟରେ ମନ୍ତ୍ର ହେଉଛି— ବିଦ୍ୱାନ ନାଁ ତ ମୃତ୍ୟୁକୁ ଦେଖେ, ନାଁ ରୋଗ ବା ଦୁଃଖକୁ ଦେଖିପାରେ । ସେହି ବିଦ୍ୱାନ ସମସ୍ତଙ୍କୁ ଆତ୍ମା ରୂପରେ ଦେଖିଥାଏ ଫଳରେ ସମସ୍ତଙ୍କୁ ପ୍ରାପ୍ତ ହୋଇଯାଏ । ସେ ଏକ ହୋଇଥାଏ ପୁଣି ତିନି, ପାଞ୍ଚ, ସାତ, ନଅ ହୋଇଯାଏ । ପୁଣି ଏଗାର କୁହାଯାଏ । ସେ ଶହେ, ଦଶ, ଏକସହସ୍ର ଏବଂ କୋଡ଼ିଏ ମଧ୍ୟ ହୋଇପାରେ ।

ଆହାର ଶୁଦ୍ଧି ଅର୍ଥାତ୍ ବିଷୟ ଉପଲବ୍ଧରୂପ ବିଜ୍ଞାନର ଶୁଦ୍ଧତା ହେବା ଦ୍ୱାରା ଅନ୍ତଃକରଣ ଶୁଦ୍ଧ ହୁଏ ଫଳରେ ନିଶ୍ଚଳ ସ୍ମୃତି ଜାଗ୍ରତ ହୁଏ । ଉକ୍ତ ସ୍ମୃତି ସାହାଯ୍ୟରେ ସମ୍ପୂର୍ଣ୍ଣ ଗ୍ରନ୍ଥିମାନଙ୍କର ନିବୃତ୍ତି ହୋଇଯାଏ । ଯାହାଙ୍କର ବାସନାଗଣ କ୍ଷୀଣ ହୋଇଯାଇଛନ୍ତି, ସେହି ବ୍ୟକ୍ତି ଅର୍ଥାତ୍ ନାରଦଙ୍କୁ ଭଗବାନ୍ ସନତ୍‌କୁମାର ଅଜ୍ଞାନାନ୍ଧକାର ଦୂର କରିବାପାଇଁ ଉପରୋକ୍ତ ରାସ୍ତା ସମୂହ ଦର୍ଶାଇଛନ୍ତି । ସେହି ସନତ୍‌କୁମାରଙ୍କୁ ସ୍କନ୍ଦ ଏଭଳି କହିଛନ୍ତି, ସ୍କନ୍ଦ ଏଭଳି କହିଛନ୍ତି ।

(ଦ୍ୱିରୁକ୍ତି ଅଧ୍ୟାୟ ସମାପ୍ତିର ସୂଚନା ପ୍ରଦାନ କରୁଛି ।)

ଇତି ଛାନ୍ଦୋଗ୍ୟୋପନିଷଦି ସପ୍ତମାଧ୍ୟାୟେ ଷଡ୍‌ବିଂଶଖଣ୍ଡଂ ସମ୍ପୂର୍ଣ୍ଣମ୍ ॥୨୬॥

ସପ୍ତମୋଽଧ୍ୟାୟଃ ସମାପ୍ତଃ ॥୭॥

ଅଷ୍ଟମୋଽଧ୍ୟାୟଃ

ନଶ୍ୱର ଆତ୍ମାର ସତ୍ୟତା ପ୍ରତିପାଦନ

(ଅଷ୍ଟମ ଅଧ୍ୟାୟ-ପ୍ରଥମ ଖଣ୍ଡ)

୧, ଆତ୍ମା ସତ୍ୟ ଅଟେ

ହରିଃ ଓଁ ଅଥ ଯଦିଦମସ୍ମିନ୍‌ବ୍ରହ୍ମପୁରେ ଦହରଂ ପୁଣ୍ଡରୀକଂ ବେଶ୍ମ ଦହରୋଽସ୍ମିନ୍ନନ୍ତରାକାଶସ୍ତସ୍ମିନ୍ୟଦନ୍ତସ୍ତଦନ୍ୱେଷ୍ଟବ୍ୟଂ ତଦ୍ୱାବ ବିଜିଜ୍ଞାସିତବ୍ୟମିତି ।।୧।।

ଏବେ ଆମେ ବ୍ରହ୍ମପୁର ମଧ୍ୟରେ ଯେଉଁ ସୂକ୍ଷ୍ମ କମଳ ଆକୃତିର ସ୍ଥାନ ରହିଛି, ତହିଁରେ ଯେଉଁ ସୂକ୍ଷ୍ମ ଆକାଶ ରହିଛି ପୁଣି ତନ୍ମଧ୍ୟସ୍ଥ ଯେଉଁ ବସ୍ତୁସବୁ ରହିଛି, ସେଗୁଡ଼ିକର ଅନ୍ୱେଷଣ କରିବା ଦରକାର । ସେ ସମ୍ପର୍କରେ ଜିଜ୍ଞାସା ପ୍ରକଟ କରିବା ଆବଶ୍ୟକ ।।୧।।

ତଂ ଚେଦ୍‌ବ୍ରୂୟୁର୍ଯଦିଦମସ୍ମିନ୍‌ବ୍ରହ୍ମପୁରେ ଦହରଂ ପୁଣ୍ଡରୀକଂ ବେଶ୍ମ ଦହରୋଽସ୍ମିନ୍ନନ୍ତରାକାଶଃ କିଂ ତଦତ୍ର ବିଦ୍ୟତେ ଯଦନ୍ୱେଷ୍ଟବ୍ୟଂ ଯଦ୍ୱାବ ବିଜିଜ୍ଞାସିତବ୍ୟମିତି ସ ବ୍ରୂୟାଦ୍ ।।୨।।

ଯଦି ତାଙ୍କ(ଗୁରୁଙ୍କ)ଠାରୁ ଶିଷ୍ୟ ଉପରୋକ୍ତ ପ୍ରଶ୍ନକୁ ଉପସ୍ଥାପିତ କରନ୍ତି, ତେବେ ଆଚାର୍ଯ୍ୟ ତାଙ୍କୁ ବୁଝାଇଦେବା ଦରକାର । ତାହେଲେ ଆଚାର୍ଯ୍ୟ ଶିଷ୍ୟମାନଙ୍କ ପ୍ରତି ଲକ୍ଷ୍ୟକରି କି ଉପଦେଶ ସବୁ ଦିଅନ୍ତି, ତାହା ପାଠକରିବା ।।୨।।

ଯାବାନ୍ୱା ଅୟମାକାଶସ୍ତାବାନେଷୋଽନ୍ତର୍ହୃଦୟ ଆକାଶ ଉଭେ ଅସ୍ମିନ୍‌ଦ୍ୟାବାପୃଥିବୀ ଅନ୍ତରେବ ସମାହିତେ ଉଭାବଗ୍ନିଶ୍ଚବାୟୁଶ୍ଚ ସୂର୍ଯ୍ୟଚନ୍ଦ୍ରମସାବୁଭୌ ବିଦ୍ୟୁନ୍ନକ୍ଷତ୍ରାଣି ଯଚ୍ଚାସ୍ୟେହାସ୍ତି ଯଚ୍ଚ ନାସ୍ତି ସର୍ବଂ ତଦସ୍ମିନ୍‌ସମାହିତମିତି ।।୩।।

ଯେତେବଡ଼ ଏହି ଭୌତିକ ଆକାଶ ବିଦ୍ୟମାନ, ତଦନୁରୂପ ହୃଦୟାକାଶ । ଦ୍ୟୁଲୋକ ଏବଂ ପୃଥିବୀଲୋକ – ଏହି ଉଭୟଲୋକ ତନ୍ମଧ୍ୟରେ ସ୍ଥିତ ଅଟନ୍ତି ।

ସେହିଭଳି ଅଗ୍ନି ଏବଂ ବାୟୁ ଉଭୟେ ସୂର୍ଯ୍ୟ ଚନ୍ଦ୍ର ହୋଇ ବିଦ୍ୟମାନ ହୋଇଛନ୍ତି । ପୁନଶ୍ଚ ବିଦ୍ୟୁତ୍ ଏବଂ ନକ୍ଷତ୍ର ଯାହାକିଛି ଏହି ଲୋକରେ ବିଦ୍ୟମାନ ଏବଂ ଯାହା ଅବିଦ୍ୟମାନ, ସବୁକିଛି ସମ୍ୟକ୍ ପ୍ରକାରେ ତହିଁରେ ସ୍ଥିତ ହୋଇଅଛନ୍ତି ।।୩।।

ତଂ ଚେଦ୍‌ବ୍ରୂୟୁରସ୍ମିଁଶ୍ଚେଦିଦଂ ବ୍ରହ୍ମପୁରେ ସର୍ବଁ‌ସମାହିତଁ‌ ସର୍ବାଣି ଚ ଭୂତାନି ସର୍ବେ ଚ କାମା ଯଦୈତଜ୍ଜରା ବାପ୍ନୋତି ପ୍ରଧ୍ୱଁ‌ସତେ ବା କିଂ ତତୋଽତିଶିଷ୍ୟତ ଇତି ।।୪।।

ସେହି ଆଚାର୍ଯ୍ୟଙ୍କୁ ଯଦି ଶିଷ୍ୟଗଣ ପଚାରନ୍ତି କି, ଏହି ବ୍ରହ୍ମପୁରରେ ଯାହାସବୁ ସମାହିତ ହୋଇଛନ୍ତି ଏବଂ ସମ୍ପୂର୍ଣ୍ଣ ଭୂତ ତଥା କାମନାଗଣ ସମ୍ୟକ୍‌ରୂପେ ଯେଉଁଥିରେ ବିଦ୍ୟମାନ ଅଟନ୍ତି ପୁଣି ଯିଏ ବୃଦ୍ଧାବସ୍ଥାକୁ ପ୍ରାପ୍ତ ହୋଇ କ୍ଷୟପ୍ରାପ୍ତ ହୁଅନ୍ତି, ତାଙ୍କଠାରୁ ଅବଶିଷ୍ଟ ଆଉ କ'ଣ ରହିଯାଏ ?

ସ ବ୍ରୂୟାନ୍ନାସ୍ୟ ଜରୟୈତଜ୍ଜୀର୍ୟତି ନ ବଧେନାସ୍ୟ ହନ୍ୟତ ଏତତ୍ସତ୍ୟଂ ବ୍ରହ୍ମପୁରମସ୍ମିନ୍‌କାମାଃ ସମାହିତା ଏଷ ଆତ୍ମାପହତପାପ୍ମା ବିଜରୋ ବିମୃତ୍ୟୁର୍ବିଶୋକୋ ବିଜିଧତ୍ସୋଽପିପାସଃ ସତ୍ୟକାମଃ ସତ୍ୟସଂକଳ୍ପୋ ଯଥା ହ୍ୟେବେହ ପ୍ରଜା ଅନ୍ୱାବିଶନ୍ତି ଯଥାନୁଶାସନଂ ଯଂ ଯମନ୍ତମଭିକାମା ଭବନ୍ତି ଯଂ ଜନପଦଂ ଯଂ କ୍ଷେତ୍ରଭାଗଂ ତଂ ତମେବୋପଜୀବନ୍ତି ।।୫।।

ତାହେଲେ ତାଙ୍କୁ (ଶିଷ୍ୟଙ୍କୁ) ଆଚାର୍ଯ୍ୟ କହିବେ— ଏହି ଦେହ ଜରାବସ୍ଥା ପ୍ରାପ୍ତ ହୋଇ ଜୀର୍ଣ୍ଣ ହେଲେ ମଧ୍ୟ ଆକାଶରୂପୀ ବ୍ରହ୍ମଭଳି କ୍ଷୟପ୍ରାପ୍ତ ହୁଅନ୍ତି ନାହିଁ । ଏହାଙ୍କର ବଧରେ(ଶରୀର ନାଶ ଗଲେ) ତାଙ୍କର ନାଶ ହୁଏନାହିଁ । ଏହି ବ୍ରହ୍ମପୁର ସତ୍ୟ ଅଟେ । ଏଥିରେ ସମଗ୍ର କାମନାଗଣ ସମ୍ୟକ୍‌ରୂପେ ସ୍ଥିତ ହୋଇଛନ୍ତି । ତାହା ଆତ୍ମା ଅଟେ, ଧର୍ମାଧର୍ମ ଶୂନ୍ୟ ଅଟେ । ଜରାହୀନ, ମୃତ୍ୟୁହୀନ, ଶୋକରହିତ, ଭୋଜନେଚ୍ଛାରହିତ, ପିପାସାଶୂନ୍ୟ, ସତ୍ୟକାମ ଏବଂ ସତ୍ୟ ସଂକଳ୍ପଯୁକ୍ତ ଅଟେ । ଯେଉଁଭଳି ଏହି ଲୋକରେ ପ୍ରଜା, ରାଜାଙ୍କର ଆଜ୍ଞାକୁ ଅନୁବର୍ତ୍ତନ କରନ୍ତି, ଠିକ୍ ସେହିଭଳି ତଦ୍‌ତଦ୍‌ନିହିତ ବସ୍ତୁମାନଙ୍କର କାମନା କରିବା ଦରକାର । ଯେଉଁ ଯେଉଁ ଦେଶ ବା ଭୂଭାଗର ଇଚ୍ଛା ପ୍ରକଟ ହୁଏ, ସେଗୁଡ଼ିକ ଆଶ୍ରୟକରି ଜୀବନଧାରଣ କରିବାକୁ ହୋଇଥାଏ ।।୫।।

ତଦ୍ୟଥେହ କର୍ମଜିତୋ ଲୋକଃ କ୍ଷୀୟତ ଏବମେବାମୁତ୍ର ପୁଣ୍ୟଜିତୋ ଲୋକଃ କ୍ଷୀୟତେ ତଦ୍ୟ ଇହାତ୍ମାନମନନୁବିଦ୍ୟ ବ୍ରଜନ୍ତ୍ୟେତାଁଶ୍ଚ ସତ୍ୟାନ୍ କାମାଁସ୍ତେଷାଁ ସର୍ବେଷୁ ଲୋକେଷ୍ୱକାମଚାରୋ

ଭବତ୍ୟଥ ଯ ଇହାତ୍ମାନମନୁବିଦ୍ୟ ବ୍ରଜନ୍ତ୍ୟେତାଁଶ୍ଚ ସତ୍ୟାନ୍ କାମାଁସ୍ତେଷାଁସର୍ବେଷୁ ଲୋକେଷୁ କାମଚାରୋ ଭବତି ।।୬।।

ଯେଉଁପ୍ରକାରେ ଏଠାରେ କର୍ମ କାରଣରୁ ପ୍ରାପ୍ତ ଲୋକ କ୍ଷୟ ଯାଏ, ସେହିଭଳି ପରଲୋକରେ ପୁଣ୍ୟ ଉପାର୍ଜିତ ଲୋକ କ୍ଷୀଣ ହୋଇଯାଏ । ଯେଉଁଲୋକ ଏହି ଲୋକରେ ଆତ୍ମାକୁ ଏବଂ ସତ୍ୟକାମନାକୁ ନ ଜାଣି ପରଲୋକଗାମୀ ହୁଏ, ତାଙ୍କର ସମ୍ପୂର୍ଣ୍ଣ ଲୋକରେ ଯଥେଚ୍ଛାଗତି ସମ୍ଭବ ହୋଇନଥାଏ । କିନ୍ତୁ ଯିଏ, ଏହି ଲୋକରେ ଆତ୍ମାକୁ ଏବଂ ସତ୍ୟକାମନାସମୂହ ଅବଗତ ହୋଇ ପରଲୋକ ଗମନ କରେ, ସେ ସମଗ୍ର ଲୋକକୁ ସ୍ୱେଚ୍ଛାରେ ଗମନ କରିପାରେ ।।୬।।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ପ୍ରଥମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧।।

(ଅଷ୍ଟମ ଅଧ୍ୟାୟ-ଦ୍ୱିତୀୟ ଖଣ୍ଡ)

୨, ଆତ୍ମ ଜ୍ଞାନୀଙ୍କର ସଂକଳ୍ପ ସିଦ୍ଧି(ଦହର ବ୍ରହ୍ମ ଉପାସନାର ଫଳ)

ସ ଯଦି ପିତୃଲୋକକାମୋ ଭବତି ସଂକଳ୍ପାଦେବାସ୍ୟ ପିତରଃ ସମୁତ୍ତିଷ୍ଠନ୍ତି ତେନ ପିତୃଲୋକେନ ସମ୍ପନ୍ନୋ ମହୀୟତେ ।।୧।।

ସେ ଯଦି ପିତୃଲୋକକାମୀ ହୋଇଥାନ୍ତି, ତେବେ ତାଙ୍କର ସଂକଳ୍ପରେ ପିତୃଗଣ ଆସି ସେହିଠାରେ ଉପସ୍ଥିତ ହୋଇଯାଆନ୍ତି ଅର୍ଥାତ୍ ତାଙ୍କର ଆତ୍ମସମ୍ବନ୍ଧୀଗଣ ତାଙ୍କ ସହିତ ବିଚରଣ କରନ୍ତି । ସେହି ପିତୃଲୋକରୁ ଉତ୍ପନ୍ନ ହୋଇ ସେ ମହିମାନ୍ୱିତ ହୋଇଯାଆନ୍ତି ।।୧।।

ଅଥ ଯଦି ମାତୃଲୋକକାମୋ ଭବତି ସଂକଳ୍ପାଦେବାସ୍ୟ ମାତରଃ ସମୁତ୍ତିଷ୍ଠନ୍ତି ତେନ ମାତୃଲୋକେନ ସମ୍ପନ୍ନୋ ମହୀୟତେ ।।୨।।

ପୁଣି ଯଦି ମାତୃଲୋକର କାମନା ହୋଇଥାଏ, ତେବେ ସେହି ସଂକଳ୍ପ କାରଣରୁ ମାତାଗଣ ଉପସ୍ଥିତ ହୋଇଯାଆନ୍ତି । ସେ ମାତୃଲୋକ ସମ୍ପର୍କିତ ହୋଇ ଉକ୍ତ ମହିମାକୁ ପ୍ରାପ୍ତ ହୁଅନ୍ତି ।।୨।।

ଅଥ ଯଦି ଭ୍ରାତୃଲୋକକାମୋ ଭବତି ସଂକଳ୍ପାଦେବାସ୍ୟ ଭ୍ରାତରଃ ସମୁତ୍ତିଷ୍ଠନ୍ତି ତେନ ଭ୍ରାତୃଲୋକେନ ସମ୍ପନ୍ନୋ ମହୀୟତେ ।।୩।।

ଯଦି ସେ ଭ୍ରାତୃଲୋକକାମୀ ହୋଇଥାଆନ୍ତି, ତେବେ ତାଙ୍କ ସଂକଳ୍ପ ଯୋଗୁଁ ଭ୍ରାତାଗଣ ଉପସ୍ଥିତ ହୁଅନ୍ତି । ସେହି ଭ୍ରାତୃସମ୍ପନ୍ନ ହୋଇ ସେ ଉକ୍ତ ମହିମାକୁ ପ୍ରାପ୍ତ କରନ୍ତି ।।୩।।

ଅଥ ଯଦି ସ୍ୱସୃଲୋକକାମୋ ଭବତି ସଂକଳ୍ପାଦେବାସ୍ୟ ସ୍ୱସାରଃ ସମୁତ୍ତିଷ୍ଠନ୍ତି ତେନ ସ୍ୱସୃଲୋକେନ ସମ୍ପନ୍ନୋ ମହୀୟତେ ।।୪।।

ଆଉ ଯଦି ସେ ଭଗିନୀଲୋକକାମୀ ହୋଇଥାନ୍ତି, ତେବେ ତାଙ୍କ ସଂକଳ୍ପ କାରଣରୁ ଭଗିନୀଗଣ ଆସି ଉପସ୍ଥିତ ହୁଅନ୍ତି । ସେ ଭଗିନୀଲୋକ ସମ୍ପନ୍ନ ହୋଇ ମହିମାକୁ ପ୍ରାପ୍ତ କରନ୍ତି ।।୪।।

ଅଥ ଯଦି ସଖିଲୋକକାମୋ ଭବତି ସଂକଳ୍ପାଦେବାସ୍ୟ ସଖାୟଃ ସମୁତ୍ତିଷ୍ଠନ୍ତି ତେନ ସଖିଲୋକେନ ସମ୍ପନ୍ନୋ ମହୀୟତେ ।।୫।।

ପୁନଶ୍ଚ ଯଦି ସେ ସଖାମାନଙ୍କର କାମନା କରନ୍ତି, ତେବେ ସଂକଳ୍ପ କାରଣରୁ ସଖାଲୋକ ସମ୍ପନ୍ନ ହୋଇ ମହିମା ପ୍ରାପ୍ତ ହୁଅନ୍ତି ।।୫।।

ଅଥ ଯଦି ଗନ୍ଧମାଲ୍ୟଲୋକକାମୋ ଭବତି ସଂକଳ୍ପାଦେବାସ୍ୟ ଗନ୍ଧମାଲ୍ୟେ ସମୁତ୍ତିଷ୍ଠତସ୍ତେନ ଗନ୍ଧମାଲ୍ୟଲୋକେନ ସମ୍ପନ୍ନୋ ମହୀୟତେ ।।୬।।

ସେହିଭଳି ଯଦି ସେ ଗନ୍ଧମାଲ୍ୟଲୋକ କାମନା କରନ୍ତି, ତେବେ ଉକ୍ତ ସଂକଳ୍ପ କାରଣରୁ ଗନ୍ଧମାଲ୍ୟାଦି ଲାଭ କରନ୍ତି । ଗନ୍ଧମାଲ୍ୟ ସମ୍ପନ୍ନ ହୋଇ ମହିମାନ୍ୱିତ ହୁଅନ୍ତି ।।୬।।

ଅଥ ଯଦି ଯଦ୍ୟନ୍ନପାନଲୋକକାମୋ ଭବତି ସଂକଳ୍ପା-ଦେବାସ୍ୟାନ୍ନପାନେ ସମୁତ୍ତିଷ୍ଠତସ୍ତେନାନ୍ନପାନଲୋକେନ ସମ୍ପନ୍ନୋ ମହୀୟତେ ।।୭।।

ଯଦି ଅନ୍ନପାନ ସମ୍ପନ୍ଧୀ ଲୋକର କାମନା କରନ୍ତି, ତେବେ ସଂକଳ୍ପତଃ ଅନ୍ନପାନ ଲାଭକରି ଉକ୍ତ ମହିମାକୁ ପ୍ରାପ୍ତ ହୁଅନ୍ତି । ସେ ଉକ୍ତ ଲୋକ ଲାଭକରି ମହିମାନ୍ୱିତ ହୋଇଥାନ୍ତି ।।୭।।

ଅଥ ଯଦି ଗୀତବାଦିତ୍ରଲୋକକାମୋ ଭବତି ସଂକଳ୍ପାଦେବାସ୍ୟ ଗୀତବାଦିତ୍ରେ ସମୁତ୍ତିଷ୍ଠତସ୍ତେନ ଗୀତବାଦିତ୍ରଲୋକେନ ସମ୍ପନ୍ନୋ ମହୀୟତେ ।।୮।।

ଯଦି ସେ ଗୀତବାଦ୍ୟ ସମ୍ବନ୍ଧୀଲୋକ କାମନା କରନ୍ତି ତେବେ ଉକ୍ତ ସଂକଳ୍ପ କାରଣରୁ ଗୀତବାଦ୍ୟ ଆଦି ଲାଭ କରି ଉକ୍ତ ମହିମା ପ୍ରାପ୍ତ କରନ୍ତି ।।୮।।

ଅଥ ଯଦି ସ୍ତ୍ରୀଲୋକକାମୋ ଭବତି ସଂକଳ୍ପାଦେବାସ୍ୟ ସ୍ତ୍ରିୟଃ ସମୁତ୍ତିଷ୍ଠନ୍ତି ତେନ ସ୍ତ୍ରୀଲୋକେନ ସମ୍ପନ୍ନୋ ମହୀୟତେ ।।୯।।

ଯଦି ସ୍ତ୍ରୀ କାମନା କରନ୍ତି, ତେବେ ମଧ୍ୟ ସଂକଳ୍ପ କାରଣରୁ ତାଙ୍କପାଖରେ ସ୍ତ୍ରୀ ଆସି ଉପନୀତ ହୁଅନ୍ତି । ସେ ସ୍ତ୍ରୀ ସମ୍ପନ୍ନ ହୋଇ ଉକ୍ତ ମହିମାରେ ମଣ୍ଡିତ ହୁଅନ୍ତି । ସେହି ସେହି ଲୋକ ସମୂହକୁ ଲାଭକରି ମହିମାନ୍ୱିତ ହୋଇଉଠନ୍ତି ।।୯।।

ଯଂ ଯମନ୍ତମଭିକାମୋ ଭବତି ଯଂ କାମଂ କାମୟତେ ସୋଽସ୍ୟ ସଂକଳ୍ପାଦେବ ସମୁତ୍ତିଷ୍ଠତି ତେନ ସମ୍ପନ୍ନୋ ମହୀୟତେ ।।୧୦।।

ଅତଃ ସଂକଳ୍ପ ଯୋଗୁଁ ଆତ୍ମଜ୍ଞାନୀମାନେ ସିଦ୍ଧିଲାଭ କରିଥାନ୍ତି । ସେ ଯେଉଁ ଯେଉଁ ପ୍ରଦେଶ ବା ଲୋକମାନଙ୍କର କାମନାକାରୀ ହୋଇଥାନ୍ତି ଆଉ ଯେଉଁ ଯେଉଁ ଭୋଗମାନଙ୍କର ଇଚ୍ଛା କରନ୍ତି ତାଙ୍କ ସଙ୍କଳ୍ପ କାରଣରୁ ସେଗୁଡ଼ିକୁ ପ୍ରାପ୍ତ ହୁଅନ୍ତି । ସେ ସମସ୍ତ ବସ୍ତୁ ସମ୍ପନ୍ନ ହୋଇ ସେ ମହିମାମଣ୍ଡିତ ହୋଇଯାଆନ୍ତି ।।୧୦।।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ଦ୍ୱିତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୨।।

(ଅଷ୍ଟମ ଅଧ୍ୟାୟ-ତୃତୀୟ ଖଣ୍ଡ)

୩, ବ୍ରହ୍ମପ୍ରାପ୍ତିରେ ସବୁକିଛି ପ୍ରାପ୍ତି, ସେ ହୃଦୟରେ ସ୍ଥିତ ହୋଇଥାଆନ୍ତି

ତ ଇମେ ସତ୍ୟାଃ କାମା ଅନୃତାପିଧାନାସ୍ତେଷାଁ ସତ୍ୟାନାଁ ସତାମନୃତମପିଧାନଂ ଯୋ ଯୋ ହ୍ୟସ୍ୟେତଃ ପ୍ରୈତି ନ ତମିହ ଦର୍ଶନାୟ ଲଭତେ ।।୧।।

ଉକ୍ତ ସେହି ସତ୍ୟକାମ ଅନୃତ ଦ୍ୱାରା ଆଚ୍ଛାଦିତ ହୋଇଛନ୍ତି । ସତ୍ୟ ହୋଇ ମଧ୍ୟ ଅନୃତ(ମିଥ୍ୟା) ତାଙ୍କର ଅପିଧାନ ଅର୍ଥାତ୍ ଆଚ୍ଛାଦନକାରୀ ହୋଇଛି । କାହିଁକି ନାଁ ଏହି ପ୍ରାଣୀଙ୍କର ଯେଉଁ ଯେଉଁ ସମ୍ବନ୍ଧୀ ଏଠାରୁ ମୃତ୍ୟୁବରଣ କରୁଛନ୍ତି, ସେମାନେ ତାଙ୍କୁ ଦେଖିବାପାଇଁ ପୁନର୍ବାର ଆସନ୍ତି ନାହିଁ ।।୧।।

ଅଥ ଯେ ଚାସ୍ୟେହ ଜୀବା ଯେ ଚ ପ୍ରେତା ଯଚ୍ଚାନ୍ୟଦିଚ୍ଛନ୍ନ ଲଭତେ ସର୍ବଂ ତଦତ୍ର ଗତ୍ୱା ବିନ୍ଦତେଽନ୍ନ ହ୍ୟସ୍ୟୈତେ ସତ୍ୟାଃ କାମା ଅନୃତାପିଧାନାସ୍ତଦ୍ୟଥାପି ହିରଣ୍ୟନିଧିଂ ନିହିତମକ୍ଷେତ୍ରଜ୍ଞା

ଉପର୍ଯ୍ୟୁପରି ସଞ୍ଚରନ୍ତୋ ନ ବିନ୍ଦେୟୁରେବମେବେମାଃ ସର୍ବାଃ ପ୍ରଜା ଅହରହର୍ଗଚ୍ଛନ୍ତ୍ୟ ଏତଂ ବ୍ରହ୍ମଲୋକଂ ନ ବିନ୍ଦନ୍ତ୍ୟନୃତେନ ହି ପ୍ରତ୍ୟୂଢାଃ ।।୨।।

ଏହିଲୋକରେ ନିଜର ଯେଉଁ ଜୀବିତ ଅଥବା ମୃତକ(ପୁତ୍ରାଦି)ଙ୍କୁ ଆଉ ଯେଉଁ ଅନ୍ୟ ପଦାର୍ଥମାନଙ୍କୁ ସେ ଇଚ୍ଛାକରି ଲାଭ କରିପାରିନଥାଏ, ସେସବୁକୁ ଏହି ହୃଦୟାକାଶସ୍ଥିତ ବ୍ରହ୍ମରେ ଲାଭ କରିଥାଏ । କାହିଁକି ନାଁ ଏଠାରେ ତାଙ୍କର ସେହି ସତ୍ୟକାମ ଅନୃତ ଦ୍ୱାରା ଢାଙ୍କି ହୋଇ ରହିଛି । ଏହି ବିଷୟରେ ଗୋଟିଏ ଦୃଷ୍ଟାନ୍ତ ଦିଆଯାଉଛି ଯେଉଁଭଳି ପୃଥିବୀରେ ପୋତି ହୋଇ ରହିଥିବା ସୁବର୍ଣ୍ଣକୁ ଖୋଜିବା ପାଇଁ କୌଣସି ଅନଭିଜ୍ଞ ବ୍ୟକ୍ତି ତା'ଉପରେ ବିଚରଣ କରୁଥିଲେ ମଧ୍ୟ ଜାଣିପାରିନଥାନ୍ତି, ସେହିଭଳି ଏହି ସମଗ୍ର ପ୍ରଜାଗଣ ନିତିପ୍ରତି ବ୍ରହ୍ମଲୋକକୁ ଗମନ କରୁଥିଲେ ମଧ୍ୟ ତାକୁ ଜାଣିପାରନ୍ତି ନାହିଁ, କାହିଁକିଁ ଏହା ଅନୃତ ଦ୍ୱାରା ଆଚ୍ଛାଦିତ ହୋଇଯାଇଛି ।।୨।।

ସ ବା ଏଷ ଆତ୍ମା ହୃଦି ତସ୍ୟୈତଦେବ ନିରୁକ୍ତଁହୃଦ୍ୟମିତି ତସ୍ମାଦ୍ଧୃଦୟମହରହର୍ବା ଏବଂବିସ୍ୱର୍ଗଂ ଲୋକମେତି ।।୩।।

ଏହି ଆତ୍ମା ହୃତ୍‌ଦେଶରେ ବିରାଜମାନ କରିଛନ୍ତି । 'ହୃଦି ଅୟଂ' (ଏହି ହୃଦୟରେ ଅବସ୍ଥିତ) ଏହା ହେଉଛି ନିରୁକ୍ତ ଅର୍ଥାତ୍ ବ୍ୟୁତ୍ପତ୍ତି । ତହିଁରୁ ଏହି ହୃଦୟ— ଏପରି ଜାଣିଥିବା ଲୋକ ପ୍ରତିଦିନ ସ୍ୱର୍ଗଲୋକକୁ ଗମନ କରନ୍ତି ।।୩।।

ଅଥ ଯ ଏଷ ସମ୍ପ୍ରସାଦୋଽସ୍ମାଚ୍ଛରୀରାତ୍‌ସମୁତ୍ଥାୟ ପରଂ ଜ୍ୟୋତିରୂପସମ୍ପଦ୍ୟ ସ୍ୱେନ ରୂପେଣାଭିନିଷ୍ପଦ୍ୟତ ଏଷ ଆତ୍ମେତି ହୋବାଚୈତଦମୃତମଭୟମେତଦବ୍ରହ୍ମେତି ତସ୍ୟ ହ ବା ଏତସ୍ୟ ବ୍ରହ୍ମଣୋ ନାମ ସତ୍ୟମିତି ।।୪।।

ଏହି ଯେଉଁ ସମ୍ପ୍ରସାଦ ରହିଛି, ତାହା ଏହି ଶରୀରରୁ ଉତ୍ଥାନପୂର୍ବକ ପରମ ଜ୍ୟୋତିକୁ ପ୍ରାପ୍ତ ହୋଇ ନିଜ ସ୍ୱରୂପରେ ଯୁକ୍ତ ହୋଇଯାଏ । ଏହା ଆତ୍ମା ଅଟେ, ଏହା ଅମୃତ ଅଟେ ଏବଂ ଅଭୟ ଅଟେ, ଏହା ବ୍ରହ୍ମ ଅଟେ— ଏହିଭଳି ଆଚାର୍ଯ୍ୟମାନେ କହିଥାନ୍ତି । ଉକ୍ତ ବ୍ରହ୍ମ ସତ୍ୟ ନାମରେ ନାମିତ ହୁଏ ।।୪।।

ତାନି ହ ବା ଏତାନି ତ୍ରୀଣ୍ୟକ୍ଷରାଣି ସତୀୟମିତି ତଦ୍ୟସତ୍ତଦମୃତମଥ ଯତ୍ତି ତନ୍ମର୍ତ୍ୟମଥ ଯଦ୍ୟଂ ତେନୋଭେ ଯଚ୍ଛତି ଯଦନେନୋଭେ ଯଚ୍ଛତି ତସ୍ମାଦ୍ୟମହରହର୍ବା ଏବଂବିସ୍ୱର୍ଗଂ ଲୋକମେତି ।।୫।।

ସେ ହିଁ 'ସ'-କାର, 'ତ'-କାର ଏବଂ 'ୟମ୍' - ଏହିଭଳି ଭାବେ ତିନି ଅକ୍ଷର ଅଟନ୍ତି । 'ସ'-କାର ଅମୃତ ଅଟେ, 'ତ'-କାର ମର୍ତ୍ତ୍ୟ ଅଟେ, 'ୟମ୍' ଉଭୟଙ୍କୁ ନିୟମନକାରୀ ହୋଇଥାଏ । କାହିଁକି ନାଁ ସେ ହିଁ ଉଭୟଙ୍କର ନିୟମନ କରିବାକୁ ସକ୍ଷମ ହୋଇଥାଏ । ତେଣୁ ୟମ୍ କୁ ଜାଣିଥିବା ଲୋକ ନିତିପ୍ରତି ସ୍ୱର୍ଗଲୋକ ଗମନ କରିଥାଏ ।।୫।।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ତୃତୀୟଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୩।।

(ଅଷ୍ଟମ ଅଧ୍ୟାୟ-ଚତୁର୍ଥ ଖଣ୍ଡ)

୪. ଆତ୍ମାର ମହିମା ଏବଂ ବ୍ରହ୍ମଚର୍ଯ୍ୟ ଦ୍ୱାରା ବ୍ରହ୍ମଲୋକ ପ୍ରାପ୍ତି

ଅଥ ୟ ଆତ୍ମା ସ ସେତୁର୍ବିଧୃତିରେଷାଂ ଲୋକାନାମସମ୍ଭେଦାୟ ନୈତଁସେତୁମହୋରାତ୍ରେ ତରତୋ ନ ଜରା ନ ମୃତ୍ୟୁର୍ନ ଶୋକୋ ନ ସୁକୃତଂ ନ ଦୁଷ୍କୃତଁସର୍ବେ ପାପ୍ମାନୋଽତୋ ନିବର୍ତନ୍ତେଽପହତପାପ୍ମା ହ୍ୟେଷ ବ୍ରହ୍ମଲୋକଃ ।।୧।।

ୟାହା ଆତ୍ମା ଅଟେ, ତାହା ଏହିଲୋକରେ ଅସମ୍ଭେଦ ଅର୍ଥାତ୍ ପାରସ୍ପରିକ ଅସଂଘର୍ଷ ଜନିତ ବିଶେଷରୂପ ଧାରଣକାରୀ ସେତୁ ହୋଇଥାଏ । ଏହି ସେତୁକୁ ଦିବାନିଶି ଅତିକ୍ରମଣ କରାୟାଏ ନାହିଁ । ତାଙ୍କୁ ନାଁ ଜରା, ନାଁ ମୃତ୍ୟୁ, ନାଁ ଶୋକ, ନାଁ ସୁକୃତ ଅବା ଦୁଷ୍କୃତ ପ୍ରାପ୍ତ ହୋଇଥାଏ । ସମ୍ପୂର୍ଣ୍ଣ ପାପ ଏହା ଦ୍ୱାରା ନିବୃତ୍ତ ହୋଇୟାଆନ୍ତି । କାହିଁକି ନାଁ ଏହି ବ୍ରହ୍ମଲୋକ ପାପଶୂନ୍ୟ ଅଟେ ।।୧।।

ତସ୍ମାଦ୍ୱା ଏତଁସେତୁଂ ତୀର୍ତ୍ୱାନ୍ଧଃ ସନ୍ନନନ୍ଧୋ ଭବତି ବିଦ୍ଧଃ ସନ୍ନବିଦ୍ଧୋ ଭବତ୍ୟୁପତାପୀ ସନ୍ନନୁପତାପୀ ଭବତି ତସ୍ମାଦ୍ୱା ଏତଁ ସେତୁଂ ତୀର୍ତ୍ୱାପି ନକ୍ତମହରେବାଭିନିଷ୍ପଦ୍ୟତେ ସକୃଦ୍ୱିଭାତୋ ହ୍ୟେବୈଷ ବ୍ରହ୍ମଲୋକଃ ।।୨।।

ଏଣୁ ଏହି ସେତୁକୁ ତରିଗଲେ ବ୍ୟକ୍ତି ଅନ୍ଧ ହୋଇଥିଲେ ମଧ୍ୟ ଦେଖିପାରେ । ବିଦ୍ଧ ହୋଇଥିଲେ ମଧ୍ୟ ଅବିଦ୍ଧ ଘୋଷିତ ହୁଏ । ଉପତାପୀ ହୋଇଥିଲେ ମଧ୍ୟ ଅନୁପତାପୀ ବୋଲାଏ । ଏହି ସେତୁକୁ ତରିଗଲେ ଅନ୍ଧକାରରୂପୀ ରାତ୍ରି ମଧ୍ୟ ଦିନ ହୋଇୟାଏ । କାହିଁକି ନାଁ ଏହି ବ୍ରହ୍ମଲୋକ ସର୍ବଦା ପ୍ରକାଶ ସ୍ୱରୂପ ଅଟେ ।।୨।।

ତଦ୍ୟ ଏବୈତଂବ୍ରହ୍ମଲୋକଂବ୍ରହ୍ମଚର୍ଯ୍ୟେଣାନୁବିନ୍ଦନ୍ତିତେଷାମେବୈଷ

ବ୍ରହ୍ମଲୋକସ୍ତେଷାଁ ସର୍ବେଷୁ ଲୋକେଷୁ କାମଚାରୋ ଭବତି ।।୩।।

ଏଭଳି ହୋଇଥିବା କାରଣରୁ ଯିଏ ଏହି ବ୍ରହ୍ମଲୋକରେ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ଶାସ୍ତ୍ର ଏବଂ ଆଚାର୍ଯ୍ୟଙ୍କର ଉପଦେଶକୁ ଗ୍ରହଣକରି ଅବଗତ ହୁଅନ୍ତି, ତାଙ୍କୁ ଉକ୍ତ ବ୍ରହ୍ମଲୋକ ଲାଭହୁଏ । ପରିଣତିରେ ସେ ସମଗ୍ର ଲୋକକୁ ସ୍ୱେଚ୍ଛାରେ ଗମନ କରିପାରନ୍ତି ।।୩।।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧାୟେ ଚତୁର୍ଥଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୪।।

(ଅଷ୍ଟମ ଅଧାୟ-ପଞ୍ଚମ ଖଣ୍ଡ)

୫. ବ୍ରହ୍ମଚର୍ଯ୍ୟ ମହିମା

ଅଥଯଦ୍ୟଜ୍ଞଇତ୍ୟାଚକ୍ଷତେବ୍ରହ୍ମଚର୍ଯ୍ୟମେବତଦ୍‌ବ୍ରହ୍ମଚର୍ଯ୍ୟେଣହ୍ୟେବ ଯୋ ଜ୍ଞାତା ତଂ ବିନ୍ଦତେଽଥ ଯଦିଷ୍ଟମିତ୍ୟାଚକ୍ଷତେ ବ୍ରହ୍ମଚର୍ଯ୍ୟମେବ ତଦ୍‌ବ୍ରହ୍ମଚର୍ଯ୍ୟେଣ ହ୍ୟେବେଷ୍ଟ୍ୱାତ୍ମାନମନୁବିନ୍ଦତେ ।।୧।।

ଏହି ଲୋକରେ ଯାହାକୁ ଯଜ୍ଞ ଅର୍ଥାତ୍ ପରମ ପୁରୁଷାର୍ଥ ସାଧନ ବୋଲି କୁହାଯାଏ, ତାହା ହେଉଛି ବ୍ରହ୍ମଚର୍ଯ୍ୟ । କାହିଁକି ନାଁ ଯିଏ ଜ୍ଞାତା ହୋଇଛନ୍ତି, ସେ ବ୍ରହ୍ମଚର୍ଯ୍ୟ ଦ୍ୱାରା ସେହି ବ୍ରହ୍ମଲୋକକୁ ପ୍ରାପ୍ତ ହୋଇଥାଆନ୍ତି । ଆଉ ଯାହାକୁ ଇଷ୍ଟ କୁହାଯାଏ, ତାହା ମଧ୍ୟ ବ୍ରହ୍ମଚର୍ଯ୍ୟ କାରଣରୁ । କାରଣ ବ୍ରହ୍ମଚର୍ଯ୍ୟ ପରାୟଣ ହୋଇ ପୂଜନ କରୁଥିବା ବ୍ୟକ୍ତି ଆତ୍ମାକୁ ପ୍ରାପ୍ତ ହୁଅନ୍ତି ।।୧।।

ଅଥ ଯଦ୍‌ସତ୍ତ୍ରାୟଣମିତ୍ୟାଚକ୍ଷତେ ବ୍ରହ୍ମଚର୍ଯ୍ୟମେବ ତଦ୍‌ବ୍ରହ୍ମଚର୍ଯ୍ୟେଣ ହ୍ୟେବ ସତ ଆତ୍ମନସ୍ତ୍ରାଣଂ ବିନ୍ଦତେଽଥ ଯନ୍ମୌନମିତ୍ୟାଚକ୍ଷତେ ବ୍ରହ୍ମଚର୍ଯ୍ୟମେବ ତଦ୍‌ବ୍ରହ୍ମଚର୍ଯ୍ୟେଣ ହ୍ୟେବାତ୍ମାନମନୁବିଦ୍ୟ ମନୁତେ ।।୨।।

ସୁତରାଂ ଯାହାକୁ ସତ୍ତ୍ରାୟଣ କୁହାଯାଏ, ତାହା ମଧ୍ୟ ବ୍ରହ୍ମଚର୍ଯ୍ୟ ଯୋଗୁଁ ସମ୍ଭବ ହୁଏ । ଏହାଦ୍ୱାରା ସତ୍ ଅର୍ଥାତ୍ ପରମାତ୍ମାଙ୍କ ସହ, ନିଜର ତ୍ରାଣପ୍ରାପ୍ତି ହୋଇଥାଏ । ଏହା ବ୍ୟତୀତ ଯାହାକୁ ମୌନ କୁହାଯାଏ, ତାହା ମଧ୍ୟ ବ୍ରହ୍ମଚର୍ଯ୍ୟ କାରଣରୁ । କାହିଁକି ନାଁ ଏହି ବ୍ରହ୍ମଚର୍ଯ୍ୟ ଦ୍ୱାରା ଆତ୍ମାକୁ ଅବଗତ ହୋଇ ପୁରୁଷ ମନନକ୍ଷମ ହୋଇଥାଏ ।

ଅଥ ଯଦନାଶକାୟନମିତ୍ୟାଚକ୍ଷତେ ବ୍ରହ୍ମଚର୍ଯ୍ୟମେବ ତଦେଷ ହ୍ୟାତ୍ମା ନ ନଶ୍ୟତି ଯଂ ବ୍ରହ୍ମଚର୍ଯ୍ୟେଣାନୁବିନ୍ଦତେଽଥ

ଯଦରଣ୍ୟାୟନମିତ୍ୟାଚକ୍ଷତେ ବ୍ରହ୍ମଚର୍ଯ୍ୟମେବ ତତ୍ତଦରଶ୍ଚ ହ ବୈ ଣ୍ୟଶ୍ଚାର୍ଣବୌ ବ୍ରହ୍ମଲୋକେ ତୃତୀୟସ୍ୟାମିତୋଦିବି ତେଦୈରଂମଦୀୟଁସରସ୍ତଦଶ୍ୱତ୍ଥଃ ସୋମସବନସ୍ତଦପରାଜିତା ପୂର୍ବ୍ରହ୍ମଣଃ ପ୍ରଭୁବିମିତଁହିରଣ୍ମୟମ୍ ।।୩।।

ଯାହାକୁ ଅନାଶକାୟନ ଅର୍ଥାତ୍ କ୍ଷୟଶୂନ୍ୟ କୁହାଯାଏ, ତାହା ମଧ୍ୟ ବ୍ରହ୍ମଚର୍ଯ୍ୟ ଯୋଗୁଁ ଲାଭ ହୁଏ । ଯେଉଁ ସାଧକ ବ୍ରହ୍ମଚର୍ଯ୍ୟ ପରାୟଣ ହୋଇ ଏସବୁର ପ୍ରାପ୍ତ ହୁଅନ୍ତି, ତାଙ୍କର ଆତ୍ମା ନଷ୍ଟ ହୋଇନଥାଏ ।[୧]

ତଦ୍ୟ ଏବୈତାବରଂ ଚ ଣ୍ୟଂ ଚାର୍ଣବୌ ବ୍ରହ୍ମଲୋକେ ବ୍ରହ୍ମଚର୍ଯ୍ୟେଣାନୁବିନ୍ଦନ୍ତି ତେଷାମେବୈଷ ବ୍ରହ୍ମଲୋକ-ସ୍ତେଷଁସର୍ବେଷୁ ଲୋକେଷୁ କାମଚାରୋ ଭବତି ।।୪।।

ଏହି ବ୍ରହ୍ମଲୋକରେ ଯେଉଁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ 'ଅର' ଏବଂ 'ଣ୍ୟ' ଉଭୟ ସମୁଦ୍ରକୁ ପ୍ରାପ୍ତ କରିପାରନ୍ତି, ତାଙ୍କୁ ବ୍ରହ୍ମଲୋକ ୭ପ୍ରାପ୍ତି ହୋଇଥାଏ । ତାଙ୍କର ସମ୍ପୂର୍ଣ୍ଣ ଲୋକରେ ଯଥେଚ୍ଛା ଗମନ ସମ୍ଭବ ହୋଇଥାଏ ।।୪।।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ପଞ୍ଚମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୫।।

(ଅଷ୍ଟମ ଅଧ୍ୟାୟ-ଷଷ୍ଠ ଖଣ୍ଡ)

୬. ହୃଦ୍‌ଗତ ନାଡୀମାନେ ଉତ୍‌କ୍ରମଣର ମାର୍ଗ ହୋଇଥାଆନ୍ତି

ଅଥ ଯା ଏତା ହୃଦୟସ୍ୟ ନାଡ୍ୟସ୍ତାଃ ପିଙ୍ଗଳସ୍ୟାଣିମ୍ନସ୍ତିଷ୍ଠନ୍ତି ଶୁକ୍ଳସ୍ୟ ନୀଳସ୍ୟ ପୀତସ୍ୟ ଲୋହିତସ୍ୟେତ୍ୟସୌ ବା ଆଦିତ୍ୟଃ ପିଙ୍ଗଳ ଏଷ ଶୁକ୍ଳ ଏଷ ନୀଳ ଏଷ ପୀତ ଏଷ ଲୋହିତଃ ।।୧।।
ତଦ୍ୟଥା ମହାପଥ ଆତତ ଉଭୌ ଗ୍ରାମୌ ଗଚ୍ଛତୀମଂ ଚାମୁଂ

---

୧ ଯାହାକୁ ଅରଣ୍ୟାୟନ ବୋଲି କୁହାଯାଏ, ତାହା ମଧ୍ୟ ବ୍ରହ୍ମଚର୍ଯ୍ୟ ଯୋଗୁଁ ସମ୍ଭବ ହୁଏ । କାହିଁକି ନାଁ ଏହି ବ୍ରହ୍ମଲୋକରେ 'ଏରଂମଦୀୟ' ସରୋବର ରହିଛି । ଏହା ବ୍ରହ୍ମଲୋକସ୍ଥ 'ଅର' ଏବଂ 'ଣ୍ୟ' ଉଭୟ ସମୁଦ୍ରରୁ ନିଃସୃତ ହୋଇଛନ୍ତି । ସେଠାରେ ସୋମସବନ ନାମ୍ନୀ ଅଶ୍ୱତ୍ଥ ରହିଛି । ସେଠାରେ ମଧ୍ୟ ବ୍ରହ୍ମଙ୍କର ଅପରାଜିତାପୁରୀ ରହିଛି ଏବଂ ପ୍ରଭୁଙ୍କର ବିଶେଷରୂପେ ନିର୍ମିତ ସୁବର୍ଣ୍ଣମୟ ମଣ୍ଡପ ରହିଛି ।

ତୈବମେବୈତା ଆଦିତ୍ୟସ୍ୟ ରଶ୍ମୟ ଉଭୌ ଲୋକୌ ଗଚ୍ଛନ୍ତୀମଂ ଚାମୁଂ ଚାମୁଷ୍ମାଦାଦିତ୍ୟାତ୍ପ୍ରତାୟନ୍ତେ ତା ଆସୁ ନାଡୀଷୁ ସୃପ୍ତା ଆଭ୍ୟୋ ନାଡୀଭ୍ୟଃ ପ୍ରତାୟନ୍ତେ ତେଽମୁଷ୍ମିନ୍ନାଦିତ୍ୟେ ସୃପ୍ତା ॥୨॥

ଅଧୁନା ଜାଣିନେବା ହୃଦୟଭିତରେ ଯେଉଁ ନାଡୀ ରହିଛନ୍ତି, ସେମାନେ ପିଙ୍ଗଳ ବର୍ଣ୍ଣ ତଥା ସୂକ୍ଷ୍ମ ରସଯୁକ୍ତ ଅଟନ୍ତି । ସେମାନେ ଶୁକ୍ଳ, ନୀଳ, ପୀତ ଏବଂ ଲୋହିତ ରସ ମଧ ହୋଇଥାଆନ୍ତି । କାହିଁକି ନାଁ ଏହି ଆଦିତ୍ୟ ପିଙ୍ଗଳବର୍ଣ୍ଣ ଅଟନ୍ତି, ସେ ଶୁକ୍ଳ ଅଟନ୍ତି, ସେ ନୀଳ ଅଟନ୍ତି, ସେ ପୀତ ଅଟନ୍ତି ଆଉ ଲୋହିତ ବର୍ଣ୍ଣ ମଧ ଅଟନ୍ତି । ତତ୍ ସମ୍ପର୍କରେ ଦୃଷ୍ଟାନ୍ତ ହେଉଛି କି, ଯେଉଁଭଳି କୌଣସି ବିସ୍ତୀର୍ଣ୍ଣ ମହାପଥ ସମୀପବର୍ତ୍ତୀ ଏବଂ ଦୂରବର୍ତ୍ତୀ ଉଭୟ ପଡା ଆଡ଼େ ଗମନ କରିଥାଏ, ସେହିଭଳି ସୂର୍ଯ୍ୟକିରଣ ଏହି ପୁରୁଷ ମଧରେ ଏବଂ ସେହି ଆଦିତ୍ୟମଣ୍ଡଳ ମଧରେ ଉଭୟ ସ୍ଥାନରେ ପ୍ରବିଷ୍ଟ ହୋଇଥାଆନ୍ତି । ସେମାନେ ନିରନ୍ତର ଆଦିତ୍ୟଙ୍କ ଠାରୁ ନିଃସୃତ ହୋଇଥାଆନ୍ତି ଏବଂ ଉକ୍ତ ନାଡୀମାନଙ୍କ ମଧରେ ବ୍ୟାପ୍ତ ହୋଇ ରହିଛନ୍ତି । ସେହିଭଳି ଏହି ନାଡୀରୁ ଯାହାକିଛି ନିଃସୃତ ହୋଇଥାଏ, ତାହା ଆଦିତ୍ୟଙ୍କ ଭିତରେ ମଧ ବ୍ୟାପ୍ତ ହୋଇଛନ୍ତି ॥୨॥

ତଦ୍ୟତ୍ରୈତତ୍ସୁପ୍ତଃ ସମସ୍ତଃ ସମ୍ପ୍ରସନ୍ନଃ ସ୍ୱପ୍ନଂ ନ ବିଜାନାତ୍ୟାସୁ ତଦା ନାଡୀଷୁ ସୃପ୍ତୋ ଭବତି ତଂ ନ କଶ୍ଚନ ପାପ୍ମା ସ୍ପୃଶତି ତେଜସା ହି ତଦା ସମ୍ପନ୍ନୋ ଭବତି ॥୩॥

ଏହି ସ୍ଥିତିରେ ଯେଉଁ ସୁପ୍ତଅବସ୍ଥା ପ୍ରତୀତ ହୁଏ— ଭଲ ଭାବେ ଲୀନ ହୋଇଥିବା ବ୍ୟକ୍ତି ସମ୍ୟକ୍ ପ୍ରକାରେ ପ୍ରସନ୍ନ ହୋଇ ସ୍ୱପ୍ନ ଦେଖିନଥାନ୍ତି, ସେହି ସମୟରେ ଏହି ନାଡୀମାନଙ୍କ ମଧରେ ପ୍ରବାହିତ ହୋଇଥାନ୍ତି ଫଳରେ ତାଙ୍କୁ କୌଣସି ପାପ ସ୍ପର୍ଶ କରିନଥାନ୍ତି ଏବଂ ଉକ୍ତ ତେଜରେ ସେ ପରିବ୍ୟାପ୍ତ ହୋଇରହିଥାନ୍ତି ।

ଅଥ ଯତ୍ରୈତଦବଲିମାନଂ ନୀତୋ ଭବତି ତମଭିତ ଆସୀନା ଆହୁର୍ଜାନାସି ମାଂ ଜାନାସି ମାମିତି ସ ଯାବଦସ୍ମାଚ୍ଛରୀରାଦନୁତ୍କ୍ରାନ୍ତୋ ଭବତି ତାବଜ୍ଜାନାତି ॥୪॥

ଏବେ ଯେଉଁ ସମୟରେ ଏହି ଜୀବ ଶରୀରର ଦୁର୍ବଳତାକୁ ପ୍ରାପ୍ତ ହୁଏ, ସେହି ସମୟରେ ତା' ଚାରିପାଖରେ ଏବଂ ଚତୁର୍ପାର୍ଶ୍ୱସ୍ଥ ବନ୍ଧୁ-ପରିଜନମାନେ କହିଥାନ୍ତି— କ'ଣ ତୁମେ ମୋତେ ଚିହ୍ନିଛ ? କ'ଣ ତୁମେ ମୋତେ ଚିହ୍ନିପାରୁଛ ? ସେ ଯେପର୍ଯ୍ୟନ୍ତ ଏହି ଶରୀରରୁ ଉତ୍କ୍ରମଣ କରିନାହାନ୍ତି, ସେତେବେଳ ପର୍ଯ୍ୟନ୍ତ ସମସ୍ତଙ୍କୁ ଜାଣିପାରନ୍ତି ॥୪॥

ଅଥ ଯତ୍ରୈତଦସ୍ମାଚ୍ଛରୀରାଦୁତ୍କ୍ରାମତ୍ୟଥୈତୈରେବ ରଶ୍ମି-ଭିରୂର୍ଧ୍ୱମାକ୍ରମତେ । ସ ଓମେତି ବା ହୋଦ୍ୱା ମୀୟତେ । ସ ଯାବତ୍କ୍ଷିପ୍ୟେନ୍ମନସ୍ତାବଦାଦିତ୍ୟଂ ଗଚ୍ଛତ୍ୟେତଦ୍ୱୈ ଖଲୁ ଲୋକଦ୍ୱାରଂ ବିଦୁଷାଂ ପ୍ରପଦନଂ ନିରୋଧୋଽବିଦୁଷାମ୍ ।।୫।।

ଉତ୍କ୍ରମଣ ହୋଇଗଲା ପରେ ଅର୍ଥାତ୍ କିରଣମାନେ ଉପରକୁ ଚାଲିଗଲା ପରେ ଆଉ ଅବଗତ ହେବା ସମ୍ଭବ ହୁଏନାହିଁ । 'ଓମ୍' ଏଭଳି କହି ଅର୍ଥାତ୍ ଆତ୍ମାଙ୍କର ଧ୍ୟାନକରି ଉର୍ଦ୍ଧ୍ୱ ବା ଅଧଃ ଲୋକକୁ ଗମନ କରିପାରିଲେ ଭଲ । ଯଦି ଏହି ସ୍ଥିତି ଲାଭ ହୋଇଥାଏ, ତେବେ ଯେତେ ସମୟ ପର୍ଯ୍ୟନ୍ତ ଏହି ସ୍ଥିତି ଉପଲବ୍ଧ ହୁଏ ସେତିକି ସମୟରେ ଆଦିତ୍ୟଲୋକରେ ପହଞ୍ଚିହୁଏ । ବିଦ୍ୱାନମାନଙ୍କ ପାଇଁ ଏହା ବ୍ରହ୍ମଲୋକ ପ୍ରାପ୍ତିର ଦ୍ୱାର ହୋଇଥିଲା ବେଳେ ଅବିଦ୍ୱାନମାନଙ୍କ ପାଇଁ ଏହା ନିରୋଧ ସ୍ଥାନ ଅଟେ ।।୫।।

ତଦେଷ ଶ୍ଳୋକଃ । ଶତଂ ଚୈକା ଚ ହୃଦୟସ୍ୟ ନାଡ୍ୟସ୍ତାସାଂ ମୂର୍ଧାନମଭିନିଃସୃତୈକା । ତୟୋର୍ଧ୍ୱମାୟନ୍ନମୃତତ୍ୱମେତି ବିଷ୍ୱଙ୍ଙନ୍ୟା ଉତ୍କ୍ରମଣେ ଭବନ୍ତ୍ୟୁତ୍କ୍ରମଣେ ଭବନ୍ତି ।।୬।।

ଏହି ବିଷୟରେ ଉକ୍ତ ମନ୍ତ୍ର— ହୃଦୟରେ ଶହେଏକ ନାଡୀ ରହିଛନ୍ତି । ତନ୍ମଧ୍ୟରୁ ଗୋଟିଏ ମସ୍ତକ ଆଡ଼କୁ ଗମନ କରିଛି । ଏହାଦ୍ୱାରା ଉପର ଆଡ଼କୁ ଯାଉଥିବା ଜୀବ ଅମରତ୍ୱ ପ୍ରାପ୍ତ ହୁଏ । ଅବଶିଷ୍ଟ ଏପଟ ବା ସେପଟ ଗତି କରିଥିବା ନାଡୀମାନେ କେବଳ ଉତ୍କ୍ରମଣର କାରଣ ହୋଇଥାନ୍ତି । ଉତ୍କ୍ରମଣର କାରଣ ହୋଇଥାଆନ୍ତି । ଏହାଦ୍ୱାରା ସେମାନଙ୍କର ଅମରତ୍ୱ ପ୍ରାପ୍ତି ହୋଇ ପାରିନଥାଏ ।।୬।।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ଷଷ୍ଠଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୬।।

(ଅଷ୍ଟମ ଅଧ୍ୟାୟ-ସପ୍ତମ ଖଣ୍ଡ)

୭. ଆତ୍ମତତ୍ତ୍ୱ ନିମନ୍ତେ ଇନ୍ଦ୍ର ଏବଂ ବିରୋଚନଙ୍କର ପ୍ରଜାପତିଙ୍କ ଠାରୁ ଉପଦେଶ କାମନା-

ଯ ଆତ୍ମାପହତପାପ୍ମା ବିଜରୋ ବିମୃତ୍ୟୁର୍ବିଶୋକୋ ବିଜିଘତ୍ସୋଽପିପାସଃ ସତ୍ୟକାମଃ ସତ୍ୟସଂକଳ୍ପଃ ସୋଽନ୍ୱେଷ୍ଟବ୍ୟଃ ସ ବିଜିଜ୍ଞାସିତବ୍ୟଃ ସ ସର୍ବାଁଶ୍ଚ ଲୋକାନାପ୍ନୋତି

ସର୍ବାଁଶ୍ଚ କାମାନ୍ୟସ୍ତମାତ୍ମାନମନୁବିଦ୍ୟ ବିଜାନାତୀତି ହ ପ୍ରଜାପତିରୁବାଚ ।।୧।।

ଯେଉଁ ଆତ୍ମା ପାପଶୂନ୍ୟ(ଅର୍ଥାତ୍ ଧର୍ମଅଧର୍ମାଦି ରୂପ ବିହୀନ), ଜରାରହିତ, ମୃତ୍ୟୁରହିତ, ଶୋକରହିତ, କ୍ଷୁଧାରହିତ, ପିପାସାରହିତ, ସତ୍ୟକାମ ଓ ସତ୍ୟସଂକଳ୍ପଯୁକ୍ତ (ଏହି ଅଷ୍ଟସ୍ୱରୂପଭୂତ ଗୁଣରେ ଯୁକ୍ତ) ତାଙ୍କୁ ଅନ୍ୱେଷଣ କରିବା ଦରକାର ଏବଂ ବିଶେଷରୂପେ ଜାଣିବାର ଇଚ୍ଛା ପ୍ରକଟ କରିବା ଦରକାର । ଯିଏ ଏହି ଆତ୍ମାକୁ ଶାସ୍ତ୍ର ଏବଂ ଗୁରୁ ଉପଦେଶ ଅନୁସାରେ ଅନ୍ୱେଷଣ କରି ଜାଣିନିଏ, ସେ ସମ୍ପୂର୍ଣ୍ଣ ଲୋକ ତଥା ସମଗ୍ର କାମନାମାନଙ୍କୁ ପ୍ରାପ୍ତ ହୋଇଥାଏ— ଏହିଭଳି ପ୍ରଜାପତି କହିଛନ୍ତି ।।୧।।

ତଦ୍ଧୋଭୟେ ଦେବାସୁରା ଅନୁବୁବୁଧିରେ ତେ ହୋଚୁର୍ହନ୍ତ ତମାତ୍ମାନମନ୍ୱିଚ୍ଛାମୋ ଯମାତ୍ମାନମନ୍ୱିଷ୍ୟ ସର୍ବାଂଶ୍ଚ ଲୋକାନାପ୍ନୋତି ସର୍ବାଁଶ୍ଚ କାମାନିତୀନ୍ଦ୍ରୋ ହୈବ ଦେବାନାମଭିପ୍ରବବ୍ରାଜ ବିରୋଚନୋଽସୁରାଣାଂ ତୌ ହାସଂବିଦାନାବେବ ସମିତ୍ପାଣୀ ପ୍ରଜାପତି ସକାଶମାଜଗ୍ମତୁଃ ।।୨।।

ପ୍ରଜାପତିଙ୍କର ଏଭଳି କଥନ ଦେବତା ଏବଂ ଅସୁର ଉଭୟେ ପରମ୍ପରାବଶତଃ ଅବଗତ ହେଲେ । ସେ କହିବାକୁ ଲାଗିଲେ— ଆମେ ଏହି ଆତ୍ମାକୁ ଜାଣିବାକୁ ଚାହୁଁଅଛୁ, ଯାହାଙ୍କୁ ଜାଣିଗଲେ ଜୀବ ସମ୍ପୂର୍ଣ୍ଣ ଲୋକ ତଥା ଭୋଗ ସମୂହକୁ ପ୍ରାପ୍ତ କରିପାରେ । ଏଭଳି କଥନକୁ ନିଶ୍ଚୟ କରିବାପାଇଁ ଦେବଗଣଙ୍କର ରାଜା ଇନ୍ଦ୍ର ଏବଂ ଅସୁର ରାଜା ବିରୋଚନ ଉଭୟେ ପରସ୍ପର ମଧ୍ୟରେ ଇର୍ଷାପରାୟଣ ହୋଇ ହାତରେ ସମିଧାଦି ଧରି ପ୍ରଜାପତିଙ୍କ ନିକଟକୁ ଗଲେ ।।୨।।

ତୌ ହ ଦ୍ୱାତ୍ରିଁଶତଂ ବର୍ଷାଣି ବ୍ରହ୍ମଚର୍ଯ୍ୟମୂଷତୁସ୍ତୌ ହ ପ୍ରଜାପତିରୁବାଚ କିମିଚ୍ଛନ୍ତାବବାସ୍ତମିତି ତୌ ହୋଚତୁର୍ଯ୍ୟ ଆତ୍ମାପହତପାପ୍ମା ବିଜରୋ ବିମୃତ୍ୟୁର୍ବିଶୋକୋବିଜିଧତ୍ସୋଽପିପାସଃସତ୍ୟକାମଃସତ୍ୟସଂକଳ୍ପଃ ସୋଽନ୍ୱେଷ୍ଟବ୍ୟଃ ସ ବିଜିଜ୍ଞାସିତବ୍ୟଃ ସ ସର୍ବାଁଶ୍ଚ ଲୋକାନାପ୍ନୋତି ସର୍ବାଁଶ୍ଚ କାମାନ୍ ଯସ୍ତମାତ୍ମାନମନୁବିଦ୍ୟ ବିଜାନାତୀତି ଭଗବତୋ ବଚୋ ବେଦୟନ୍ତେ ତମିଚ୍ଛନ୍ତାବବାସ୍ତମିତି ।।୩।।

ସେଠାରେ ବତିଶି ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ବାସ କଲେ । ସେଠାରୁ ପ୍ରଜାପତି ତାଙ୍କୁ ପ୍ରଶ୍ନକଲେ, ତୁମେ କ'ଣପାଇଁ ଏଠାକୁ ଆସିଅଛ ? ସେମାନେ କହିଲେ— ଯେଉଁ ଆତ୍ମା ପାପରହିତ, ଜରାରହିତ, ମୃତ୍ୟୁରହିତ, ଶୋକରହିତ,

କ୍ଷୁଧାହୀନ, ତୃଷାହୀନ, ସତ୍ୟକାମ ଓ ସତ୍ୟସଂକଳ୍ପ ଅଟେ, ତାହାର ଅନ୍ୱେଷଣ କରିବାପାଇଁ ଏବଂ ତାଙ୍କୁ ବିଶେଷଭାବେ ଅବଗତ ହେବାପାଇଁ ଇଚ୍ଛା ପ୍ରକଟ ହୋଇଛି । ଏହାଙ୍କୁ ଯିଏ ଅନ୍ୱେଷଣକରି ବିଶେଷରୂପେ ଅବଗତ ହୁଅନ୍ତି, ସେ ସମଗ୍ର ଲୋକ ତଥା ଭୋଗକୁ ପ୍ରାପ୍ତ ହୋଇପାରନ୍ତି ବୋଲି ଶିଷ୍ଟଜନମାନେ ମତବ୍ୟକ୍ତ କରିଛନ୍ତି । ତେଣୁ ସେହି ଆତ୍ମାଙ୍କୁ ଅବଗତ ହେବାପାଇଁ ଇଚ୍ଛାପ୍ରକଟକରି ଆମେ ଏଠାକୁ ଆସିଅଛୁ ।

ତୌ ହ ପ୍ରଜାପତିରୁବାଚ ଯ ଏଷୋଽକ୍ଷିଣି ପୁରୁଷୋ ଦୃଶ୍ୟତ ଏଷ ଆତ୍ମେତି ହୋବାଚୈତଦମୃତମଭୟମେତଦ୍ ବ୍ରହ୍ମେତ୍ୟଥ ଯୋଽୟଂ ଭଗବୋଽପ୍ସୁ ପରିଖ୍ୟାୟତେ ଯଶ୍ଚାୟମାଦର୍ଶେ କତମ ଏଷ ଇତ୍ୟେଷ ଉ ଏବୈଷୁ ସର୍ବେଷ୍ୱନ୍ତେଷୁ ପରିଖ୍ୟାୟତ ଇତି ହୋବାଚ ॥୪॥

ସେମାନଙ୍କୁ ପ୍ରଜାପତି କହିଲେ— ଏହି ଯେଉଁ ପୁଅ ଆଖି ଭିତରେ ଦେଖାଯାଉଛି, ତାହା ଆତ୍ମା ଅଟେ, ଅମୃତ ଅଟେ, ଅଭୟ ଅଟେ, ବ୍ରହ୍ମ ଅଟେ । ତାପରେ ଏମାନେ ପଚାରିଲେ, ହେ ଭଗବନ୍ ! ଜଳ ମଧ୍ୟରେ ଯାହା ଯେଉଁ ସର୍ବତ୍ର ପ୍ରତୀତ ହେଉଛି, ଆଉ ଦର୍ପଣରେ ଯାହା ପ୍ରତିବିମ୍ବିତ ହେଉଛି, ତନ୍ମଧ୍ୟରୁ ଆତ୍ମା କିଏ ? ଏହାର ଉତ୍ତର ଦେବାକୁ ଯାଇ ପ୍ରଜାପତି କହିଲେ, ମୁଁ ଯେଉଁ ନେତ୍ରାନ୍ତର୍ଗତ ପୁଅ କଥା କହିଲି, ସେ ହିଁ ସମସ୍ତଙ୍କ ମଧ୍ୟରେ ସବୁଦିଗରୁ ପ୍ରତୀତ ହୋଇଥାନ୍ତି ।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ସପ୍ତମଖଣ୍ଡଂ ସମ୍ପୂର୍ଣ୍ଣମ୍ ॥୭॥

(ଅଷ୍ଟମ ଅଧ୍ୟାୟ-ଅଷ୍ଟମ ଖଣ୍ଡ)

୮. ବିରୋଚନଙ୍କର ଭ୍ରମପୂର୍ଣ୍ଣ ସିଦ୍ଧାନ୍ତ ଗ୍ରହଣ

ଉଦଶରାବ ଆତ୍ମାନମବେକ୍ଷ୍ୟ ଯଦାତ୍ମନୋ ନ ବିଜାନୀଥସ୍ତନ୍ମେ ପ୍ରବ୍ରୂତମିତି ତୌ ହୋଦଶରାବେଽବେକ୍ଷାଞ୍ଚକ୍ରାତେ ତୌ ହ ପ୍ରଜାପତିରୁବାଚ କିଂ ପଶ୍ୟଥ ଇତି ତୌ ହୋଚତୁଃ ସର୍ବମେବେଦମାବାଂ ଭଗବ ଆତ୍ମାନଂ ପଶ୍ୟାବ ଆ ଲୋମଭ୍ୟ ଆ ନଖେଭ୍ୟଃ ପ୍ରତିରୂପମିତି ॥୧॥

ଜଳପୂର୍ଣ୍ଣ ପାତ୍ରରେ ନିଜକୁ ଦେଖି ତୁମେ ଆତ୍ମା ବିଷୟରେ ଯେଉଁ ଅବଗତି ଲାଭ କରିପାରୁନାହଁ, ତାହା ମୋତେ କହ, ଏଭଳି ପ୍ରଜାପତି କହିଲେ । ସେମାନେ ଜଳପାତ୍ରରେ ନିଜର ପ୍ରତିବିମ୍ବ ଦେଖିଲେ । ତେଣୁ ତାଙ୍କୁ ପ୍ରଜାପତି ପୁନର୍ବାର ପ୍ରଶ୍ନକଲେ, ତୁମେ କ'ଣ ଦେଖୁଛ ? ସେମାନେ ଉତ୍ତରଦେଲେ, ଭଗବନ୍ ! ଆମେ ନିଜେ ସମଗ୍ର ଆତ୍ମାକୁ ଲୋମ ଠାରୁ ନେଇ ନଖ ପର୍ଯ୍ୟନ୍ତ ଯେମିତି ସେମିତି ଦର୍ଶନ କରୁଅଛୁ ।।୧।।

ତୌ ହ ପ୍ରଜାପତିରୁବାଚ ସାଧ୍ୱଲଙ୍କୃତୌ ସୁବସନୌ ପରିଷ୍କୃତୌ ଭୂତ୍ୱୋଦଶରାବେଽବେକ୍ଷେଥାମିତି ତୌ ହ ସାଧ୍ୱଲଙ୍କୃତୌ ସୁବସନୌ ପରିଷ୍କୃତୌ ଭୂତ୍ୱୋଦଶରାବେଽବେକ୍ଷାଞ୍ଚକ୍ରାତେ ତୌ ହ ପ୍ରଜାପତିରୁବାଚ କିଂ ପଶ୍ୟଥ ଇତି ।।୨।।

ତୌ ହୋଚତୁର୍ଯଥୈବେଦମାବାଂ ଭଗବଃ ସାଧ୍ୱଲଙ୍କୃତୌ ସୁବସନୌ ପରିଷ୍କୃତୌ ସ୍ୱ ଏବମେବେମୌ ଭଗବଃ ସାଧ୍ୱଲଙ୍କୃତୌ ସୁବସନୌ ପରିଷ୍କୃତାବିତ୍ୟେଷ ଆତ୍ମେତି ହୋବାଚୈତଦମୃତମଭୟମେତଦ୍ ବ୍ରହ୍ମେତି ତୌ ହ ଶାନ୍ତହୃଦୟୌ ପ୍ରବବ୍ରଜତୁଃ ।।୩।।

ଏହା ଶୁଣି ପ୍ରଜାପତି କହିଲେ – ତୁମେ ଭଲଭାବରେ ଅଳଙ୍କୃତ ହୋଇ, ସୁନ୍ଦର ବସ୍ତ୍ର ପରିଧାନ କରି, ପରିଷ୍କାର ଭାବରେ ଜଳକୁ ନିରୀକ୍ଷଣ କର । ଏହାଶୁଣି ସେମାନେ ମଧ୍ୟ ସେହିଭଳି କଲେ । ଏଥର ପ୍ରଜାପତି ପୁଣି ପଚାରିଲେ, ତୁମେ କ'ଣ ଦେଖୁଛ ? ଉଭୟେ ଉତ୍ତରଦେଲେ– ଭଗବନ୍ ! ଯେଉଁଭଳି ଆମେ ଉତ୍ତମ ଅଳଙ୍କାରାଦିରେ ଆଭୂଷିତ ହୋଇଛୁ, ତାହାକୁ ହିଁ ଜଳ ମଧ୍ୟରେ ଦେଖିବାକୁ ପାଉଛୁ । ଏହାଶୁଣି ପ୍ରଜାପତି କହିଲେ– ଏହା ଆତ୍ମା ଅଟେ, ଏହା ଅମୃତ ଏବଂ ଅଭୟ ଅଟେ, ଏହା ବ୍ରହ୍ମ ଅଟେ । ଏହାଶୁଣି ଉଭୟେ ଶାନ୍ତଚିତ୍ତରେ ପ୍ରତ୍ୟାବର୍ତ୍ତନ କଲେ ।।୨–୩।।

ତୌ ହାନ୍ୱୀକ୍ଷ୍ୟ ପ୍ରଜାପତିରୁବାଚାନୁପଲଭ୍ୟାତ୍ମାନମନୁ- ବିଦ୍ୟ ବ୍ରଜତୋ ଯତର ଏତଦୁପନିଷଦୋ ଭବିଷ୍ୟନ୍ତି ଦେବା ବାସୁରା ବା ତେ ପରାଭବିଷ୍ୟନ୍ତୀତି ସ ହ ଶାନ୍ତହୃଦୟ ଏବ ବିରୋଚନୋଽସୁରାଞ୍ଜଗାମ ତେଭ୍ୟୋ ହୈତାମୁପନିଷଦଂ ପ୍ରୋବାଚାତ୍ମୈବେହ ମହୟ୍ୟ ଆତ୍ମା ପରିଚର୍ଯ୍ୟ ଆତ୍ମାନମେବେହ ମହୟନ୍ନାତ୍ମାନଂ ପରିଚରନ୍ନୁଭୌ ଲୋକାବବାପ୍ନୋତୀମଂ ଚାମୁଂ ଚେତି ।।୪।।

ପ୍ରଜାପତି ଏମାନଙ୍କୁ ଚାଲିଯିବାର ଦେଖି ବୁଝିପାରିଲେ କି, ଏମାନେ ଆତ୍ମାଙ୍କୁ ଉପଲବ୍ଧ

ନ କରି, ସାକ୍ଷାତ୍କାର ନ କରି ଚାଲିଯାଉଛନ୍ତି । ସେ ଦେବ ହୁଅନ୍ତୁ କି ଦାନବ । ଯିଏ ଏଭଳି ଅନୁପଲବ୍ଧ ଭାବେ ନିଶ୍ଚୟ କରିନିଅନ୍ତି, ତାଙ୍କର ପରାଭବ ହେବ । ବିରୋଚନ ଶାନ୍ତଚିତ୍ତରେ ଅସୁରମାନଙ୍କ ନିକଟରେ ଯାଇ ପହଞ୍ଚି ଏହି ଆତ୍ମବିଦ୍ୟା ଶୁଣାଇଲେ— ଏହି ଲୋକରେ ଏହି ଆତ୍ମା ବା ଶରୀର ହିଁ ପୂଜନୀୟ ଅଟେ ଏବଂ ସେହି ଶରୀର ସେବ୍ୟ ମଧ୍ୟ ଅଟେ । ଏହି ଶରୀରକୁ ପୂଜା ତଥା ପରିଚର୍ଯ୍ୟାକାରୀ ପୁରୁଷ ଏହିଲୋକ ତଥା ପରଲୋକ ଉଭୟ ଲୋକକୁ ଲାଭ କରିପାରେ ।।୪।।

ତସ୍ମାଦପ୍ୟଦ୍ୟେହାଦଦାନମଶ୍ରଦ୍ଦଧାନମୟଜମାନମାହୁ – ରାସୁରେ । ବତେତ୍ୟସୁରାଣାଁହ୍ୟେଷୋପନିଷତ୍ପ୍ରେତସ୍ୟ ଶରୀରଂ ଭିକ୍ଷୟା ବସନେନାଲଙ୍କାରେଣେତି ସଁସ୍କୁର୍ବନ୍ତ୍ୟେତେନ ହ୍ୟମୁଂ ଲୋକଂ ଜେଷ୍ୟନ୍ତୋ ମନ୍ୟନ୍ତେ ।।୫।।

ଏହାଦ୍ୱାରା ଇହ ଲୋକରେ ଯେଉଁ ଦାନ ବିହୀନ, ଶ୍ରଦ୍ଧାଶୂନ୍ୟ, ଯଜନପରାୟଣ ବିହୀନ ବ୍ୟକ୍ତି ରହିଛନ୍ତି, ତାଙ୍କୁ ଶିଷ୍ଟଜନ କହନ୍ତି— ଆରେ ! ଏମାନେ ତ ଅସୁର ସ୍ୱଭାବର । ଏହି ଉପନିଷଦ ଅସୁରମାନଙ୍କର ଅଟେ । ଏମାନେ ହିଁ ମୃତ ବ୍ୟକ୍ତିର ଶରୀରକୁ ଭିକ୍ଷା(ଗନ୍ଧ-ପୁଷ୍ପ-ଅନ୍ନାଦି ଦ୍ୱାରା), ବସ୍ତ୍ର ଏବଂ ଅଳଙ୍କାର ଆଦିରେ ସୁସଜ୍ଜିତ କରାଇଥାଆନ୍ତି । ଆଉ ତାଙ୍କ ଦ୍ୱାରା ଆମେ ପରଲୋକ ପ୍ରାପ୍ତ ହେବୁ ଏଭଳି ସ୍ୱୀକାର କରିନେଇଥାଆନ୍ତି ।। ୫

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେଽଷ୍ଟମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୮।।

(ଅଷ୍ଟମ ଅଧ୍ୟାୟ-ନବମ ଖଣ୍ଡ)

୯. ଇନ୍ଦ୍ରଙ୍କର ପ୍ରଜାପତିଙ୍କ ନିକଟକୁ ପୁନରାଗମନ ତଥା ଜିଜ୍ଞାସା

ଅଥ ହେନ୍ଦ୍ରୋଽପ୍ରାପ୍ୟୈବ ଦେବାନେତଦ୍ଭୟଂ ଦଦର୍ଶ ଯଥୈବ ଖଲ୍ୱୟମସ୍ମିଞ୍ଛରୀରେ ସାଧ୍ୱଲଙ୍କୃତେ ସାଧ୍ୱଲଙ୍କୃତୋ ଭବତି ସୁବସନେ ସୁବସନଃ ପରିଷ୍କୃତେ ପରିଷ୍କୃତ ଏବମେବାୟମସ୍ମିନ୍ନନ୍ଧେଽନ୍ଧୋ ଭବତି ସ୍ରାମେ ସ୍ରାମଃ ପରିବୃକ୍ଣେ ପରିବୃକ୍ଣୋଽସ୍ୟୈବ ଶରୀରସ୍ୟ ନାଶମନ୍ୱେଷ ନଶ୍ୟତି ।।୧।।

ହେଲେ ଦେବାଧିଦେବ ଇନ୍ଦ୍ର ଦେବଗଣଙ୍କ ପାଖକୁ ନ ଯାଇ ଭୟଭୀତ ହୋଇଗଲେ ।

ଯେଉଁଭଳି ଏହି ଶରୀରକୁ ଭଲ ଭାବରେ ଅଳଙ୍କୃତ କରିଦେବାପରେ ଛାୟାତ୍ମା ଅଳଙ୍କୃତ ପ୍ରତିବୋଧ ହୁଏ, ସୁନ୍ଦର ବସ୍ତ୍ର ଧାରଣ କରିବାପରେ ବସ୍ତ୍ରଧାରୀ ହୋଇଯାଏ, ଶୁଦ୍ଧ କରିଦେଲାପରେ ପରିଷ୍କୃତ ହୋଇଯାଏ, ସେହିଭଳି ଅନ୍ଧ ହୋଇଗଲା ପରେ ଅନ୍ଧ ହୋଇ ରହିଯାଏ । ସ୍ରାମ ହୋଇଯିବାପରେ ସ୍ରାମ ହୋଇରହେ । ଖଣ୍ଡିତ ହୋଇଗଲାପରେ ଖଣ୍ଡିତ ହୋଇ ରହେ ତଥା ଏହି ଶରୀର ନାଶ ହୋଇଗଲା ପରେ ନଷ୍ଟ ବା କ୍ଷୟପ୍ରାପ୍ତ ହୁଏ ।।୧।।

ନାହମତ୍ର ଭୋଗ୍ୟଂ ପଶ୍ୟାମୀତି ସ ସମିତ୍ପାଣିଃ ପୁନରେୟାୟ ତଁହ ପ୍ରଜାପତିରୁବାଚ ମଘବନ୍ୟଚ୍ଛାନ୍ତହୃଦୟଃ ପ୍ରାବ୍ରାଜୀଃ ସାର୍ଧଂ ବିରୋଚନେନ କିମିଚ୍ଛନ୍ ପୁନରାଗମ ଇତି ସ ହୋବାଚ ଯଥୈବ ଖଲ୍ୱୟଂ ଭଗବୋଽସ୍ମିଞ୍ଛରୀରେ ସାଧ୍ୱଳଙ୍କୃତେ ସାଧ୍ୱଳଙ୍କୃତୋ ଭବତି ସୁବସନେ ସୁବସନଃ ପରିଷ୍କୃତେ ପରିଷ୍କୃତଃ ଏବମେବାୟମସ୍ମିନ୍ନନ୍ଧେଽନ୍ଧୋ ଭବତି ସ୍ରାମେ ସ୍ରାମଃ ପରିବୃକ୍ଣେ ପରିବୃକ୍ଣୋଽସ୍ୟୈବ ଶରୀରସ୍ୟ ନାଶମନ୍ୱେଷ ନଶ୍ୟତି ନାହମନ୍ୱେଷ ନଶ୍ୟତି ନାହମତ୍ର ଭୋଗ୍ୟଂ ପଶ୍ୟାମୀତି ।।୨।।

ତାହେଲେ ଏହି ଛାୟାତ୍ମା ଦର୍ଶନରେ ମୁଁ କୌଣସି ଭୋଗ୍ୟ ଦେଖିପାରୁନାହିଁ । ଏହା ଭାବି ଇନ୍ଦ୍ର ସମିତ୍ପାଣି ହୋଇ ପୁନର୍ବାର ପ୍ରଜାପତିଙ୍କ ନିକଟରେ ଆସି ଉପସ୍ଥିତ ହେଲେ । ତାଙ୍କୁ ପ୍ରଜାପତି ପଚାରିଲେ— ଇନ୍ଦ୍ର ! ତୁମେ ବିରୋଚନଙ୍କ ସାଙ୍ଗରେ ଶାନ୍ତଚିତ୍ତ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲ, ଅଧୁନା କେଉଁ ଇଚ୍ଛାରେ ପୁନରାଗମନ କଲ ? ସେ କହିଲେ ଭଗବାନ୍ ! ଯେଉଁଭଳି ଏହି ଛାୟାତ୍ମା ଏହି ଶରୀରକୁ ଭଲଭାବରେ ଅଳଙ୍କାରାଦି ଆଭୂଷଣ କରାଇଦେବା ଦ୍ୱାରା ଆଭୂଷିତ ହୋଇଯାଏ, ସେହିଭଳି ଅନ୍ଧ ହୋଇଗଲା ପରେ ଅନ୍ଧ ହୋଇରହେ । ପୁଣି ଖଣ୍ଡିଆ ହୋଇଗଲେ ଖଣ୍ଡି ହୋଇରହେ । ତେବେ ଏହି ଶରୀର ନାଶ ହେଲାପରେ ସେହିଭଳି ନଷ୍ଟ ମଧ୍ୟ ହୋଇଯାଏ । ଆଉ ଏଥିରେ କୌଣସି ଫଳ ପ୍ରତିବୋଧ ହୁଏନାହିଁ କାହିଁକି ?

ଏବମେବୈଷ ମଘବନ୍ନିତି ହୋବାଚୈତଂ ତ୍ୱେବ ତେ ଭୂୟୋଽନୁବ୍ୟାଖ୍ୟାସ୍ୟାମି ବସାପରାଣି ଦ୍ୱାତ୍ରିଁଶତଂ ବର୍ଷାଣୀତି ସ ହାପରାଣି ଦ୍ୱାତ୍ରିଁଶତଂ ବର୍ଷାଣ୍ୟୁବାସ ତସ୍ମୈ ହୋବାଚ ।।୩।।

ପ୍ରଜାପତି କହିଲେ— ହେ ଇନ୍ଦ୍ର ! ଏହିକଥା ଏପରି ଅଟେ । ଯାହାକି ବର୍ତ୍ତମାନ ମୁଁ ତୁମକୁ ବୁଝାଇବାକୁ ଚେଷ୍ଟାକରିବି । ଅଧୁନା ତୁମେ ବତିଶି ବର୍ଷ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଏଠାରେ ନିବାସ କର । ଏହିଭଳି ବତିଶି ବର୍ଷ ଗତ ହୁଅନ୍ତେ ପ୍ରଜାପତି ତାଙ୍କୁ

ଶଙ୍କାନିବାରଣାର୍ଥେ ବୁଝାଇଦେଲେ ଓ କହିଲେ -

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ନବମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୯।।

(ଅଷ୍ଟମ ଅଧ୍ୟାୟ-ଦଶମ ଖଣ୍ଡ)

୧୦. ସ୍ୱପ୍ନ ଦୃଷ୍ଟାନ୍ତରେ ଆତ୍ମସ୍ୱରୂପ କଥନ

ଯ ଏଷ ସ୍ୱପ୍ନେ ମହୀୟମାନଶ୍ଚରତ୍ୟେଷ ଆତ୍ମେତି ହୋବ ।ଚୈତଦମୃତମଭୟମେତଦ୍‌ବ୍ରହ୍ମେତି ସ ହ ଶାନ୍ତହୃଦୟଃ ପ୍ରବବ୍ରାଜ ସ ହାପ୍ରାପ୍ୟୈବ ଦେବାନେତଭୟଂ ଦଦର୍ଶ ତଦ୍ୟଦ୍ୟପୀଦଁଶରୀରମନ୍ଧଂ ଭବତ୍ୟନନ୍ଧଃ ସ ଭବତି ଯଦି ସ୍ରମମସ୍ରାମୋ ନୈବୈଷୋଽସ୍ୟ ଦୋଷେଣ ଦୁଷ୍ୟତି ।।୧।।

ଯିଏ ଏହିଭଳି ସ୍ୱପ୍ନରେ ପୂଜିତ ହୋଇ ବିଚରଣକରେ, ତାହା ଆତ୍ମା ଅଟେ– ଏହିଭଳି ପ୍ରଜାପତି କହିଲେ । ତାହାକୁ ଅମୃତ, ଅଭୟ ତଥା ବ୍ରହ୍ମ ବୋଲି ମଧ୍ୟ କହିଲେ । ଏଭଳି ଶୁଣି ସେ (ଇନ୍ଦ୍ରଦେବ) ଶାନ୍ତ ହୃଦୟରେ ଚାଲିଗଲେ କିନ୍ତୁ ଦେବତାମାନଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ତାଙ୍କ ଭିତରେ ଭୟ ଜାତହେଲା । ଯଦିଓ ଏହି ଶରୀର ଅନ୍ଧ ହୋଇଥାଏ, ତାହେଲେ ମଧ୍ୟ ସ୍ୱପ୍ନ ଶରୀର ଅନନ୍ଧ ହେବ ଏବଂ ଯଦି ଏହା ସ୍ରାମ ହୋଇଥାଏ, ତେବେ ତାହା ଅସ୍ରାମ ହେବ । ଏହିଭଳି ଏହା ତାଙ୍କ ଦୋଷରୁ ଦୂଷିତ ହୋଇନଥାନ୍ତି ।।୧।।

ନ ବଧେନାସ୍ୟ ହନ୍ୟତେ ନାସ୍ୟ ସ୍ରାମ୍ୟେଣ ସ୍ରାମୋ ଘ୍ନନ୍ତି ତ୍ୱେବୈନଂ ବିଚ୍ଛାଦୟନ୍ତୀବାପ୍ରିୟବେତ୍ତେବ ଭବତ୍ୟପି ରୋଦିତୀବ ନାହମତ୍ର ଭୋଗ୍ୟଂ ପଶ୍ୟାମୀତି ।।୨।।

ଏହା ଉକ୍ତ ଦେହବଦ୍ଧରେ ନଷ୍ଟ ମଧ୍ୟ ହୁଏନାହିଁ କି ରୁଗ୍ଣତା କାରଣରୁ ରୋଗୀ ହୋଇଯାଏ ନାହିଁ କିନ୍ତୁ ମାନିନିଅ ତାଙ୍କୁ କିଏ ମାରୁଛନ୍ତି, ଆଉ କେହି ତାଡ଼ନ ଦେଉଛନ୍ତି । ଏପରିକି ଅପ୍ରିୟର ଅନୁଭବ ହେଉଛି ଏବଂ ରୋଦନ କ୍ରିୟା ମଧ୍ୟ ହେଉଛି—ଏହିଭଳି ହୋଇଯାଉଛି ତାହାହେଲେ ଏଥିରେ କି ଫଳ ହେଉଛି ଅର୍ଥାତ୍ କିଛି ଫଳ ଦେଖାଯାଉନାହିଁ ଅର୍ଥାତ୍ ଏହିପ୍ରକାର ଆତ୍ମଦର୍ଶନରେ କୌଣସି ଫଳ

ଦୃଶ୍ୟ ହେଉନାହିଁ ।।୨

ସ ସମିତ୍ପାଣିଃ ପୁନରେୟାୟ ତଁହ ପ୍ରଜାପତିରୁବାଚ ମଘବନ୍ୟଚ୍ଛାନ୍ତହୃଦୟଃ ପ୍ରାବ୍ରାଜୀଃ କିମିଚ୍ଛନ୍ପୁନରାଗମ ଇତି ସ ହୋବାଚ ତଦ୍ୟଦ୍ୟପୀଦଂ ଭଗବଃ ଶରୀରମନ୍ଧଂ ଭବତ୍ୟନନ୍ଧଃ ସ ଭବତି ଯଦି ସ୍ରାମମସ୍ରାମୋ ନୈବୈଷୋଽସ୍ୟ ଦୋଷେଣ ଦୁଷ୍ୟତି ।।୩।।

ଅତଃ ସେ ସମିତ୍ପାଣି ହୋଇ ପୁନର୍ବାର ପ୍ରଜାପତିଙ୍କ ନିକଟକୁ ଆସିଲେ । ପ୍ରଜାପତି ତାଙ୍କୁ କହିଲେ, ଇନ୍ଦ୍ର ! ତୁମେ ତ ଶାନ୍ତଚିତ୍ତ ହୋଇ ଫେରିଯାଇଥିଲ, ଏବେ କି ଇଚ୍ଛାରେ ପୁନରାଗମନ କଲ ? ଇନ୍ଦ୍ର କହିଲେ— ହେ ଭଗବାନ୍ ! ଯଦି ଏହି ଶରୀର ଅନ୍ଧ ହୁଏ, ତେବେ ସ୍ୱପ୍ନ ଶରୀର ଅନନ୍ଧ ହୋଇରହେ । ଯଦି ଏହା ରୁଗ୍ଣ ହୋଇଯାଏ, ତେବେ ମଧ୍ୟ ତାହା ନୀରୋଗ ରହେ । ତାହେଲେ ଏହିଭଳି ଭାବେ ତାଙ୍କୁ କୌଣସି ଦୋଷ ଦୂଷିତ କରିପାରେନାହିଁ ।।୩।।

ନ ବଧେନାସ୍ୟ ହନ୍ୟତେ ନାସ୍ୟ ସ୍ରାମ୍ୟେଣ ସ୍ରାମୋ ଘ୍ନନ୍ତି ତ୍ୱେବୈନଂ ବିଚ୍ଛାଦୟନ୍ତୀବାପ୍ରିୟବେତ୍ତେବ ଭବତ୍ୟପି ରୋଦିତୀବ ନାମମତ୍ର ଭୋଗ୍ୟଂ ପଶ୍ୟାମୀତ୍ୟେବମେବୈଷ ମଘବନ୍ନିତି ହୋବାଚୈତଂ ତ୍ୱେବ ତେ ଭୂୟୋଽନୁବ୍ୟାଖ୍ୟାସ୍ୟାମି ବସାପରାଣି ଦ୍ୱାତ୍ରିଁଶତଂ ବର୍ଷାଣୀତି ସ ହାପରାଣି ଦ୍ୱାତ୍ରିଁଶତଂ ବର୍ଷାଣ୍ୟୁବାସ ତସ୍ମୈ ହୋବାଚ ।।୪।।

ଏପରିକି ରୁଗ୍ଣତାବଶତଃ ରୋଗ ସ୍ପର୍ଶ କରେନାହିଁ । ଯଦି ତାଙ୍କୁ କେହି ମାରନ୍ତି, କେହି ତାଡ଼ିତ କରନ୍ତି ଅବା ଯଦି କେହି ଅପ୍ରିୟର ଅନୁଭବ କରନ୍ତି, କୌଣସିଥିରେ କିଛି ଫଳ ହୁଏନାହିଁ । ସେଠାରୁ ପ୍ରଜାପତି କହିଲେ, ହେ ଇନ୍ଦ୍ର ! ଉକ୍ତ କଥାଟି ଏହିଭଳି ଅଟେ ଯାହାକି, ମୁଁ ତୁମ ନିକଟରେ (ଏହିଭଳି ଆତ୍ମତତ୍ତ୍ୱକୁ) ପୁନର୍ବାର ବ୍ୟାଖ୍ୟା କରି କହିବି । ଅତଃ ତୁମେ ପୁନର୍ବାର ୩୨ବର୍ଷ ବ୍ରହ୍ମଚର୍ଯ୍ୟ ବାସକର । ସେଠାରୁ ଇନ୍ଦ୍ର ୩୨ବର୍ଷ ନିବାସ କରିବାପରେ ପ୍ରଜାପତି ତାଙ୍କୁ ବୁଝାଇଦେଇଥିଲେ– ।।୪।।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ଦଶମଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୦।।

(ଅଷ୍ଟମ ଅଧ୍ୟାୟ-ଏକାଦଶ ଖଣ୍ଡ)

୧୧, ଇନ୍ଦ୍ର ୧୦୧ ବର୍ଷ ବ୍ରହ୍ମଚର୍ଯ୍ୟ ବାସପରେ ପୁନଃ ଉପଦେଶର ଅଧିକାରୀ ହୋଇଥିଲେ —

ତଦ୍ୟତ୍ରୈତତ୍ ସୁପ୍ତଃ ସମସ୍ତଃ ସମ୍ପ୍ରସନ୍ନଃ ସ୍ୱପ୍ନଂ ନ ବିଜାନାତ୍ୟେଷ ଆତ୍ମେତି ହୋବାଚୈତଦମୃତମଭୟମେତଦ୍‌ବ୍ରହ୍ମେତି ସ ହ ଶାନ୍ତହୃଦୟଃ ପ୍ରବବ୍ରାଜ ସ ହାପ୍ରାପ୍ୟୈବ ଦେବାନେତଭୟଂ ଦଦର୍ଶ ନାହ ଖଲ୍ୱୟମେବଁସମ୍ପ୍ରତ୍ୟାତ୍ମାନଂ ଜାନାତ୍ୟୟମହମସ୍ମୀତି ନୋ ଏବେମାନି ଭୂତାନି ବିନାଶମେବାପୀତୋ ଭବତି ନାହମତ୍ର ଭୋଗ୍ୟଂ ପଶ୍ୟାମୀତି ।।୧।।

ଯେଉଁ ଅବସ୍ଥାରେ ଏହା ସୁପ୍ତ ଦର୍ଶନବୃତ୍ତି ରହିତ ଏବଂ ସମ୍ୟକ୍ ରୂପେ ଆନନ୍ଦିତ ହୋଇ ସ୍ୱପ୍ନକୁ ଅନୁଭବ କରିପାରେ ନାହିଁ, ତାହା ଆତ୍ମା ଅଟେ । ଏହା ଅମୃତ ଅଟେ । ଏହା ଅଭୟ ଅଟେ । ଏହା ବ୍ରହ୍ମ ଅଟେ । ଏହା ଶୁଣି ଇନ୍ଦ୍ର ଶାନ୍ତ ଚିତ୍ତରେ ପୁନଃ ପ୍ରତ୍ୟାଗମନ କଲେ କିନ୍ତୁ ଦେବଗଣଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଭୟଭୀତ ହୋଇଗଲେ । ସେହି ଅବସ୍ଥାରେ ତ ତାଙ୍କୁ ଏହି ଜ୍ଞାନ ହେଉନାହିଁ କି, ଏହା ମୁଁ ଅଟେ ଏବଂ ନାଁ ସେ ଅନ୍ୟ ଭୂତକୁ ଜାଣିପାରୁଛନ୍ତି । ସେହି ସମୟରେ ସତେ ଯେମିତି ସେ ବିନାଶ ପ୍ରାପ୍ତ ହେଉଛନ୍ତି । ଏଥିରେ ମୋତେ ଇଷ୍ଟଫଳ ଦେଖାଯାଉନାହିଁ । (ତେଣୁ ପୁନର୍ବାର ସମିତ୍‌ପାଣି ହୋଇ ସେ ପ୍ରଜାପତିଙ୍କ ନିକଟରେ ଆସି ଉପସ୍ଥିତ ହେଲେ ।) ।।୧।।

ସ ସମିତ୍ପାଣିଃ ପୁନରେୟାୟ ତଁହ ପ୍ରଜାପତିରୁବାଚ ମଘବନ୍ୟଚ୍ଛାନ୍ତହୃଦୟଃ ପ୍ରାବ୍ରାଜୀଃ କିମିଚ୍ଛନ୍‌ପୁନରାଗମ ଇତି ସ ହୋବାଚ ନାହ ଖଲ୍ୱୟଂ ଭଗବ ଏବଁସମ୍ପ୍ରତ୍ୟାତ୍ମାନଂ ଜାନାତ୍ୟୟମହମସ୍ମୀତି ନୋ ଏବେମାନି ଭୂତାନି ବିନାଶମେବାପୀତୋ ଭବତି ନାହମତ୍ର ଭୋଗ୍ୟଂ ପଶ୍ୟାମୀତି ।।୨।।

ପୁନଃ ସମିତ୍‌ପାଣି ହୋଇ ପୁନର୍ବାର ପ୍ରଜାପତିଙ୍କ ପାଖକୁ ଆସିବାରୁ ତାଙ୍କୁ ପ୍ରଜାପତି କହିଲେ, ତୁମେ ତ ଶାନ୍ତ ଚିତ୍ତରେ ଫେରି ଯାଇଥିଲ ପୁଣି କେଉଁ ଇଚ୍ଛାରେ ପ୍ରତ୍ୟାଗମନ କଲ ? ଇନ୍ଦ୍ର କହିଲେ, ଭଗବନ୍ ! ଏହି ଅବସ୍ଥାରେ ତ ନିଶ୍ଚିତଭାବେ ତାଙ୍କୁ ଏହି ଜ୍ଞାନ ହୋଇପାରୁନାହିଁ କି ଏହା ମୁଁ ଅଟେ । କିମ୍ବା ଏହା ଅନ୍ୟଭୂତମାନଙ୍କୁ ମଧ

ଜାଣିପାରୁନାହିଁ । ସତେଯେମିତି ବିନାଶକୁ ପ୍ରାପ୍ତହେଉଛି । ପରିଣତିରେ ମୋତେ ଇଷ୍ଟଫଳ ପରିଦୃଷ୍ଟ ହୋଇପାରୁନାହିଁ ।।୨।।

ଏବମେବୈଷ ମଘବନ୍ନିତି ହୋବାଚୈତଂ ତ୍ୱେବ ତେ ଭୂୟୋଽନୁବ୍ୟାଖ୍ୟାସ୍ୟାମି ନୋ ଏବାନ୍ୟତ୍ରୈତସ୍ମାଦ୍ୱସାପରାଣି ପଞ୍ଚବର୍ଷାଣୀତି ସ ହାପରାଣି ପଞ୍ଚ ବର୍ଷାଣ୍ୟୁବାସ ତାନ୍ୟେକଶତଁ ସମ୍ପେଦୁରେତତ୍ତଦାହୁରେକଶତଁ ହ ବୈ ବର୍ଷାଣି ମଘବାନ୍ପ୍ରଜାପତୌ ବ୍ରହ୍ମଚର୍ଯ୍ୟମୁବାସ ତସ୍ମୈ ହୋବାଚ ।।୩।।

ପ୍ରଜାପତି କହିଲେ, ହେ ଇନ୍ଦ୍ର ! ସେହିକଥାଟି ଏହିଭଳି ଅଟେ— ତୁମକୁ ମୁଁ ଆହୁରି ବିଶଦଭାବରେ ବୁଝାଇ କହିବି । ଆତ୍ମା ଏହାଠାରୁ କିଛି ଭିନ୍ନ ନୁହେଁ । ତୁମେ ୫ବର୍ଷ ପୁନଃ ବ୍ରହ୍ମଚର୍ଯ୍ୟ ବାସକର । ଇନ୍ଦ୍ର ପୁନର୍ବାର ୫ବର୍ଷ ସେହିଭଳି ନିବାସକଲେ । ଏହିଭଳି ସବୁକୁ ମିଶାଇ ସେ ୧୦୧ବର୍ଷ ବ୍ରହ୍ମଚର୍ଯ୍ୟ ବାସ କଲେ । ଏଥିରୁ ଏହା କୁହାଯାଏ କି, ଇନ୍ଦ୍ର ପ୍ରଜାପତିଙ୍କ ନିକଟରେ ୧୦୧ ବର୍ଷ ବ୍ରହ୍ମଚର୍ଯ୍ୟ ବାସ କରିବାରୁ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଏଥର ତାଙ୍କୁ ପ୍ରଜାପତି ବୁଝାଇଦେଲେ ଯେ–

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ଏକାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୧।।

(ଅଷ୍ଟମ ଅଧ୍ୟାୟ-ଦ୍ୱାଦଶ ଖଣ୍ଡ)

୧୨. ଇନ୍ଦ୍ରଙ୍କୁ ପ୍ରଜାପତିଙ୍କ ମର୍ତ୍ତ୍ୟଶରୀର ସମ୍ପର୍କିତ ଉପଦେଶ

ମଘବନ୍ମର୍ତ୍ତ୍ୟ ବା ଇଦଁ ଶରୀରମାତ୍ତଂ ମୃତ୍ୟୁନା ତଦସ୍ୟାମୃତସ୍ୟା ଶରୀରସ୍ୟାତ୍ମନୋଽଧିଷ୍ଠାନମାତ୍ତୋ ବୈ ସଶରୀରଃ ପ୍ରିୟାପ୍ରିୟାଭ୍ୟାଂ ନ ହ ବୈ ସଶରୀରସ୍ୟ ସତଃ ପ୍ରିୟାପ୍ରିୟୟୋ- ରପହତିରସ୍ତ୍ୟଶରୀରଂ ବାବ ସନ୍ତଂ ନ ପ୍ରିୟାପ୍ରିୟେ ସ୍ପୃଶତଃ ।।୧।।

ହେ ଇନ୍ଦ୍ର ! ଏହି ଶରୀର ମରଣଶୀଳ, ଯାହା ମୃତ୍ୟୁ ଦ୍ୱାରା ଆକ୍ରାନ୍ତ । ଏହା ଏହି ଅମୃତ, ଅଶରୀରୀ ଆତ୍ମାର ଅଧିଷ୍ଠାନ ଅଟେ । ସଶରୀରୀ ଆତ୍ମା ନିଶ୍ଚିତଭାବେ ପ୍ରିୟ ଏବଂ ଅପ୍ରିୟଗ୍ରସ୍ତ ଅଟେ । ସଶରୀରରେ ରହି ଏହାର ପ୍ରିୟାପ୍ରିୟ ନାଶ ଯାଏ ନାହିଁ ଏବଂ ଅଶରୀର ହୋଇଯିବା ଦ୍ୱାରା ତାକୁ ପ୍ରିୟ, ଅପ୍ରିୟ ସ୍ପର୍ଶ କରିପାରେନାହିଁ ।।୧।।

ଅଶରୀରୋ ବାୟୁରଭ୍ରଂ ବିଦ୍ୟୁଦ୍ ସ୍ତନୟିତ୍ନୁରଶରୀରାଣ୍ୟେତାନି ତଦ୍ୟଥୈତାନ୍ୟମୁଷ୍ମାଦାକାଶାତ୍ସମୁତ୍ଥାୟ ପରଂ ଜ୍ୟୋତି– ରୁପସମ୍ପଦ୍ୟ ସ୍ୱେନ ରୂପେଣାଭିନିଷ୍ପଦ୍ୟନ୍ତେ ।।୨।।

ବାୟୁ ଅଶରୀର ଅଟେ । ଅଭ୍ର, ବିଦ୍ୟୁତ୍ ଏବଂ ମେଘଧ୍ୱନି ଏମାନେ ସବୁ ଅଶରୀରୀ ଅଟନ୍ତି । ଯେଉଁଭଳି ଏମାନେ ସମସ୍ତେ ସେହି ଆକାଶରୁ ଉତ୍ପନ୍ନ ହୋଇ ସୂର୍ଯ୍ୟଙ୍କର ପରମଜ୍ୟୋତିକୁ ପ୍ରାପ୍ତ ହୁଅନ୍ତି ଏବଂ ନିଜ ସ୍ୱରୂପରେ ସ୍ଥିତ ହୋଇଯାଆନ୍ତି, ସେହିଭଳି ଏହି ସଂପ୍ରସାଦ ଉକ୍ତ ଶରୀର ଠାରୁ ସମୁତ୍ଥାନ କରି ପରମଜ୍ୟୋତିକୁ ପ୍ରାପ୍ତ ହୁଅନ୍ତି ଏବଂ ନିଜ ସ୍ୱରୂପରେ ସ୍ଥିତ ହୋଇଯାଆନ୍ତି ।।୨।।

ଏବମେବୈଷ ସମ୍ପ୍ରସାଦୋଽସ୍ମାଚ୍ଛରୀରାତ୍ସମୁତ୍ଥାୟ ପରଂ ଜ୍ୟୋତିରୁପସମ୍ପଦ୍ୟ ସ୍ୱେନ ରୂପେଣାଭିନିଷ୍ପଦ୍ୟତେ ସ ଉତ୍ତମପୁରୁଷଃ ସ ତତ୍ର ପର୍ଯ୍ୟେତି ଜକ୍ଷତ୍କ୍ରୀଡନ୍‌ରମମାଣଃ ସ୍ତ୍ରୀଭିର୍ବା ଯାନୈର୍ବା ଜ୍ଞାତିଭିର୍ବା ନୋପଜନଁସ୍ମରନ୍ନିଦଁଶରୀରଁସ ଯଥା ପ୍ରୟୋଗ୍ୟ ଆଚରଣେ ଯୁକ୍ତ ଏବମେବାୟମସ୍ମିଚ୍ଛରୀରେ ପ୍ରାଣୋ ଯୁକ୍ତଃ ।।୩।।

ସେ ଉତ୍ତମ ପୁରୁଷ ଅଟନ୍ତି । ସେହି ଅବସ୍ଥାରେ ସେ ହସନ୍ତି, କ୍ରୀଡ଼ା କରନ୍ତି ଏବଂ ସ୍ତ୍ରୀ, ଯାନ ଅଥବା ଜ୍ଞାତିଜନଙ୍କ ସହିତ ରମଣ କରନ୍ତି ଏବଂ ନିଜ ସହିତ ଉତ୍ପନ୍ନ ହୋଇଥିବା ସେହି ଶରୀରକୁ ସ୍ମରଣ ନ କରି ସର୍ବତ୍ର ବିଚରଣ କରିଥାନ୍ତି । ଯେଉଁଭଳି ଘୋଡ଼ା ଅବା ବଳଦ ଗାଡ଼ିରେ ଯୋଚାହୋଇ ରହିଥାଏ, ସେହିଭଳି ଏହି ପ୍ରାଣ ଶରୀରରେ ଯୋଚା ହୋଇ ରହିଛି ।।୩।।

ଅଥ ଯତ୍ରୈତଦାକାଶମନୁବିଷଣ୍ଣଂ ଚକ୍ଷୁଃ ସ ଚାକ୍ଷୁଷଃ ପୁରୁଷୋ ଦର୍ଶନାୟ ଚକ୍ଷୁରଥ ଯୋ ବେଦେଦଂ ଜିଘ୍ରାଣୀତି ସ ଆତ୍ମା ଗନ୍ଧାୟ ଘ୍ରାଣମଥ ଯୋ ବେଦେଦମଭିବ୍ୟାହରାଣୀତି ସ ଆତ୍ମାଭିବ୍ୟାହାରାୟ ବାଗଥ ଯୋ ବେଦେଦଁଶୃଣବାନୀତି ସ ଆତ୍ମାଶ୍ରବଣାୟ ଶ୍ରୋତ୍ରମ୍ ।।୪।।

ଯହିଁରେ ଏହା ଚକ୍ଷୁ ଯୋଗୁଁ ଉପଲକ୍ଷିତ ଆକାଶ ଅନୁଗତ ଅଟେ, ତାହା ଚାକ୍ଷୁଷ ପୁରୁଷ: ତାଙ୍କର ରୂପଗ୍ରହଣ ପାଇଁ ନେତ୍ରେନ୍ଦ୍ରିୟ ରହିଛି । ଯିଏ ଏଭଳି ଅନୁଭବ କରନ୍ତି କି, ମୁଁ ଏହା ଦ୍ୱାରା ତାଙ୍କୁ ଶୁଙ୍ଘିବି, ସେ ଆତ୍ମା ଅଟନ୍ତି । ତାଙ୍କର ଗନ୍ଧ ଗ୍ରହଣପାଇଁ ନାସିକା ରହିଛି । ଯିଏ ଏଭଳି ବୁଝନ୍ତି କି, ମୁଁ ଏଭଳି ଶବ୍ଦ କହିବି, ତାହା ଆତ୍ମା ଅଟେ

। ତାଙ୍କର ଶବ୍ଦ ଉଚ୍ଚାରଣ ପାଇଁ ବାଗେନ୍ଦ୍ରିୟ ରହିଛି । ଯିଏ ଏଭଳି ଜାଣନ୍ତି କି, ମୁଁ ଶ୍ରବଣ କରିବି ତାହା ମଧ୍ୟ ଆତ୍ମା ଅଟେ । ଶ୍ରବଣ କରିବାପାଇଁ ଶ୍ରୋତ୍ରେନ୍ଦ୍ରିୟ ରହିଛି ।।୪।।

ଅଥ ଯୋ ବେଦେଦଂ ମନ୍ୱାନୀତି ସ ଆତ୍ମା ମନୋଽସ୍ୟ ଦୈବଂ ଚକ୍ଷୁଃ ସ ବା ଏଷ ଏତେନ ଦୈବେନ ଚକ୍ଷୁଷା ମନସୈତାନ୍‌କାମାନ ୍‌ପଶ୍ୟନ୍‌ରମତେ ।।୫।।

ଆଉ ଯିଏ ଏଭଳି ଜାଣନ୍ତି କି, ମୁଁ ମନନ କରିବି ତାହା ମଧ୍ୟ ଆତ୍ମା ଅଟେ । ମନ ତାଙ୍କର ଦିବ୍ୟ ନେତ୍ର ଅଟେ । ତାଙ୍କର ଏହି ଆତ୍ମା ଏହି ଦିବ୍ୟ ଚକ୍ଷୁ ଦ୍ୱାରା ଭୋଗକୁ ଦେଖି ରମଣ କରିଥାଏ ।।୫।।

ଯ ଏତେ ବ୍ରହ୍ମଲୋକେ ତଂ ବା ଏତଂ ଦେବା ଆତ୍ମାନମୁପାସତେ ତସ୍ମାତ୍ତେଷାଁସର୍ବେ ଚ ଲୋକା ଆତ୍ତାଃ ସର୍ବେ ଚ କାମାଃ ସ ସର୍ବାଁଶ୍ଚ ଲୋକାନାପ୍ନୋତି ସର୍ବାଁଶ୍ଚ କାମାନ୍ୟସ୍ତମାତ୍ମାନମନୁବିଦ୍ୟ ବିଜାନାତୀତି ହ ପ୍ରଜାପତିରୁବାଚ ପ୍ରଜାପତିରୁବାଚ ।।୬।।

ଏହି ଭୋଗ ଯାହା ବ୍ରହ୍ମ ଲୋକରେ ରହିଛି ବୋଲି ଜାଣି, ସେ ଏହାକୁ ଦେଖି ଦେଖି ରମଣ କରିଥାନ୍ତି । ଏହି ଆତ୍ମାଙ୍କର ଉପାସନା ଦେବଗଣ କରନ୍ତି । ଏହା ଦ୍ୱାରା ତାଙ୍କୁ ସମ୍ପୂର୍ଣ୍ଣ ଲୋକ ଏବଂ ସମଗ୍ର ଭୋଗ ପ୍ରାପ୍ତ ହୁଏ । ଯିଏ ସେହି ଆତ୍ମାକୁ ଶାସ୍ତ୍ର ଏବଂ ଆଚାର୍ଯ୍ୟଙ୍କ ଉପଦେଶ ଅନୁସାରେ ବୁଝି ସାକ୍ଷାତ୍‌ରୂପେ ଅନୁଭବ କରନ୍ତି, ସେ ସମ୍ପୂର୍ଣ୍ଣ ଲୋକ ଏବଂ ଭୋଗକୁ ପ୍ରାପ୍ତ ହୁଅନ୍ତି । ଏହିଭଳି ପ୍ରଜାପତି ବର୍ଣ୍ଣନାକଲେ ।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ଦ୍ୱାଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୨।।

(ଅଷ୍ଟମ ଅଧ୍ୟାୟ-ତ୍ରୟୋଦଶ ଖଣ୍ଡ)

୧୩. ଶ୍ୟାମବ୍ରହ୍ମ ଦ୍ୱାରା ସବଳ ବ୍ରହ୍ମ ପ୍ରାପ୍ତିର ଉପଦେଶ

ଶ୍ୟାମାଚ୍ଛବଳଂ ପ୍ରପଦ୍ୟେ ଶବଳାଚ୍ଛ୍ୟାମଂ ପ୍ରପଦ୍ୟେଽଶ୍ୱ ଇବ ରୋମାଣି ବିଧୂୟ ପାପଂ ଚନ୍ଦ୍ର ଇବ ରାହୋର୍ମୁଖାତ୍‌ପ୍ରମୁଚ୍ୟ ଧୂତ୍ୱା ଶରୀରମକୃତଂ କୃତାତ୍ମା ବ୍ରହ୍ମଲୋକମଭିସମ୍ଭବାମୀତ୍ୟଭି

ସମ୍ଭବାମୀତି ।।୧।।

ମୁଁ ଶ୍ୟାମ(ହୃଦୟସ୍ଥ) ବ୍ରହ୍ମ ଦ୍ୱାରା ସବଳ ବ୍ରହ୍ମକୁ ପ୍ରାପ୍ତ ହେବି ଏବଂ ସବଳ ବ୍ରହ୍ମ ଦ୍ୱାରା ଶ୍ୟାମଙ୍କୁ ପ୍ରାପ୍ତ ହେବି । ଅଶ୍ୱ ଯେଉଁଭଳି ରୁମକୁ ଝାଡ଼ି ନିର୍ମଳ ହୋଇଯାଏ, ସେହିଭଳି ମୁଁ ପାପମାନଙ୍କୁ ଝାଡ଼ି ରାହୁ ମୁଖରୁ ନିଃସୃତ ଚନ୍ଦ୍ରମାସମ ଶରୀରକୁ ତ୍ୟାଗକରି କୃତକୃତ୍ୟ ହୋଇ ଅକୃତ ବା ନିତ୍ୟ ବ୍ରହ୍ମଲୋକକୁ ପ୍ରାପ୍ତ ହେବି । ବ୍ରହ୍ମ ଲୋକକୁ ପ୍ରାପ୍ତ ହେବି । ଅର୍ଥାତ୍ ଉକ୍ତ ବ୍ରହ୍ମଲୋକକୁ ନିଶ୍ଚିତ ପ୍ରାପ୍ତ ହେବି ।।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ତ୍ରୟୋଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୩।।

(ଅଷ୍ଟମ ଅଧ୍ୟାୟ-ଚତୁର୍ଦ୍ଦଶ ଖଣ୍ଡ)

୧୪, କାରଣ ରୂପରେ ଆକାଶନାମକ ବ୍ରହ୍ମଙ୍କର ଉପଦେଶ

ଆକାଶୋ ବୈ ନାମ ନାମରୂପୟୋର୍ନିର୍ବହିତା ତେ ଯଦନ୍ତରା ତଦ୍‌ବ୍ରହ୍ମ ତଦମୃତଁସ ଆତ୍ମା ପ୍ରଜାପତେଃ ସଭାଂ ବେଶ୍ମ ପ୍ରପଦ୍ୟେ ଯଶୋଽହଂ ଭବାମି ବ୍ରାହ୍ମଣାନାଂ ଯଶୋ ରାଜ୍ଞାଂ ଯଶୋ ବିଶାଂ ଯଶୋଽହମନୁପ୍ରାପତ୍ସି ସ ହାହଂ ଯଶସାଂ ଯଶଃ ଶ୍ୟେତମଦତ୍କଁଶ୍ୟେତଂ ଲିନ୍ଦୁ ମାଭିଗାଂ ଲିନ୍ଦୁ ମାଭିଗାମ୍ ।।୧।।

ଆକାଶ ନାମରେ ପ୍ରସିଦ୍ଧ ଆତ୍ମା ନାମ ଓ ରୂପର ନିର୍ବାହକାରୀ ଅଟେ । ସେ (ନାମ ଓ ରୂପ) ଯାହାଙ୍କ ଅନ୍ତର୍ଗତ ହୋଇଛନ୍ତି, ସେ ବ୍ରହ୍ମ ଅଟନ୍ତି । ସେ ହିଁ ଅମୃତ ଅଟନ୍ତି, ସେ ଆତ୍ମା ଅଟନ୍ତି । ମୁଁ ପ୍ରଜାପତିଙ୍କ ସଭାଗୃହକୁ ପ୍ରାପ୍ତ ହେବି । ମୁଁ ଯଶ ସଂଜ୍ଞକ ଆତ୍ମା ଅଟେ । ମୁଁ ବ୍ରାହ୍ମଣଙ୍କର ଯଶ, କ୍ଷତ୍ରିୟଙ୍କର ଯଶ ଏବଂ ବୈଶ୍ୟଙ୍କର ଯଶ ଆଦିକୁ ପ୍ରାପ୍ତ ହେବାକୁ ଚାହୁଁଛି । ମୁଁ ସେହି ଯଶମାନଙ୍କର ଯଶ ଅଟେ । ମୁଁ ଦନ୍ତ ବ୍ୟତୀତ ଭକ୍ଷଣକାରୀ ରୋହିତବର୍ଣ୍ଣ, ପିଚ୍ଛିଳ, ସ୍ତ୍ରୀ-ଚିହ୍ନ ପ୍ରାପ୍ତ କରିବି ନାହିଁ, ପ୍ରାପ୍ତ ହେବି ନାହିଁ ।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ଚତୁର୍ଦ୍ଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୪।।

(ଅଷ୍ଟମ ଅଧ୍ୟାୟ-ପଞ୍ଚଦଶ ଖଣ୍ଡ)

୧୫. ଆତ୍ମଜ୍ଞାନର ପରମ୍ପରା, ନିୟମ ଏବଂ ତହିଁର ଫଳ

ତଦ୍ଧୈତଦ୍ବ୍ରହ୍ମା ପ୍ରଜାପତୟ ଉବାଚ ପ୍ରଜାପତିର୍ମନବେ ମନୁଃ ପ୍ରଜାଭ୍ୟ ଆଚାର୍ଯ୍ୟକୁଲାଦ୍ବେଦମଧୀତ୍ୟ ଯଥାବିଧାନଂ ଗୁରୋଃ କର୍ମାତିଶେଷେଣାଭିସମାବୃତ୍ୟ କୁଟୁମ୍ବେ ଶୁଚୌ ଦେଶେ ସ୍ୱାଧ୍ୟାୟମଧୀୟାନୋ ଧାର୍ମିକାନ୍ବିଦଧଦାତ୍ମନି ସର୍ବେନ୍ଦ୍ରିୟାଣି ସମ୍ପ୍ରତିଷ୍ଠାପ୍ୟାହିଁସନ୍ସର୍ବଭୂତାନ୍ୟନ୍ୟତ୍ର ତୀର୍ଥେଭ୍ୟଃ ସ ଖଲ୍ୱେବଂ ବର୍ତୟନ୍ୟାବଦାୟୁଷଂ ବ୍ରହ୍ମଲୋକମଭିସମ୍ପଦ୍ୟତେ ନ ଚ ପୁନରାବର୍ତତେ ନ ଚ ପୁନରାବର୍ତତେ ।।୧।।

ଏହି ପୂର୍ବୋକ୍ତ ଆତ୍ମଜ୍ଞାନକୁ ବ୍ରହ୍ମା ପ୍ରଜାପତିଙ୍କ ଆଗରେ ବର୍ଣ୍ଣନା କରିଥିଲେ । ପ୍ରଜାପତି ମନୁଙ୍କୁ ବର୍ଣ୍ଣନାକରି କହିଥିଲେ । ମନୁ ପ୍ରଜାବର୍ଗଙ୍କୁ ଶୁଣାଇଥିଲେ । ନିୟମାନୁସାରେ ଗୁରୁଙ୍କ କର୍ତ୍ତବ୍ୟକର୍ମକୁ ସମାପନକରି ବେଦାଧ୍ୟୟନ ପୂର୍ବକ ଆଚାର୍ଯ୍ୟ କୁଳରୁ ପ୍ରତ୍ୟାଗମନକରି ଗୃହସ୍ଥାଶ୍ରମରେ ସ୍ଥିତ ହୋଇଥିଲେ, ପୁଣି ପବିତ୍ର ସ୍ଥାନରେ ସ୍ୱାଧ୍ୟାୟକରି (ପୁତ୍ର ଏବଂ ଶିଷ୍ୟ ଆଦିଙ୍କୁ ଧାର୍ମିକ କରାଇ) ସମଗ୍ର ଇନ୍ଦ୍ରିୟମାନଙ୍କୁ ନିଜ ଅନ୍ତଃକରଣରେ ସ୍ଥାପିତକରି ଶାସ୍ତ୍ର ଆଜ୍ଞାରେ ଅନ୍ୟତ୍ର ପ୍ରାଣୀମାନଙ୍କୁ ହିଂସା ନ କରି ଏବଂ ଆୟୁ ସମାପ୍ତି ହେବା ପର୍ଯ୍ୟନ୍ତ ଏହିଭଳି ବର୍ତ୍ତାଯାଇଥିବା ଉକ୍ତ ଜ୍ଞାନ ନିଶ୍ଚିତଭାବରେ ବ୍ରହ୍ମଲୋକକୁ ପ୍ରାପ୍ତ କରାଏ । ସେ ପୁନର୍ବାର ସଂସାରକୁ ଲେଉଟି ଆସେନାହିଁ । ତା'ର ଆଉ ପୁନରାବର୍ତ୍ତନ ହୁଏ ନାହିଁ ।

ଇତି ଛାନ୍ଦୋଗ୍ୟୋପନିଷଦ୍ୟଷ୍ଟମାଧ୍ୟାୟେ ପଞ୍ଚଦଶଖଣ୍ଡଂ ସମ୍ପୂର୍ଣ୍ଣମ୍ ।।୧୫।।

।। ଛାନ୍ଦୋଗ୍ୟୋପନିଷଦ୍ ସମାପ୍ତମ୍ ।।

।। ଓଁ ତତ୍ସତ୍ ।।

ଛାନ୍ଦୋଗ୍ୟ ଉପନିଷଦ

ସାରାଂଶ

ସାମବେଦୀୟ ଛାନ୍ଦୋଗ୍ୟ ବ୍ରାହ୍ମଣ ଅନ୍ତର୍ଗତ ଉପନିଷଦ ଭାଗଟି **'ଛାନ୍ଦୋଗ୍ୟଉପନିଷଦ'** ଭାବରେ ପ୍ରସିଦ୍ଧ ଅଟେ । ସାମବେଦ ତଲବକାର ଶାଖାର ଶେଷ ଆଠଗୋଟି ଅଧ୍ୟାୟକୁ ନେଇ ଏହି ଉପନିଷଦର ମାନ୍ୟତା ଉପସ୍ଥାପନ ହୋଇଛି । ଆଜିକାଲିର ବହୁଳ ବ୍ୟବହୃତ ତଥା ଅନୁମୋଦିତ ଏକାଦଶ ଉପନିଷଦ ମଧ୍ୟରୁ ଏହା ଦ୍ୱିତୀୟ ବୃହତ୍ ଉପନିଷଦ । ନାମାନୁସାରେ ଏହି ଉପନିଷଦଟିର ଆଧାର ଛନ୍ଦ ଅଟେ, ଯାହାକୁ ଉକ୍ତ ଉପନିଷଦରେ ବ୍ୟାପକ ଅର୍ଥରେ ପ୍ରୟୋଗ କରାଯାଇଛି । ପୁନଶ୍ଚ ବ୍ୟାପକାର୍ଥେ ଏହା ଆଚ୍ଛାଦନୀୟ ବା ଆଚ୍ଛାଦନ କରି ରଖିଥିବାକୁ ସ୍ୱୀକାର କରାଯାଏ । ସାହିତ୍ୟିକ ତଥା କବିମାନଙ୍କ ଭଳି ଋଷି ମଧ୍ୟ ମୂଳ ସତ୍ୟକୁ ବିବିଧ ମାଧ୍ୟମରେ ଉକ୍ତ ଉପନିଷଦ ଗ୍ରନ୍ଥରେ ଅଭିବ୍ୟକ୍ତ କରାଇଅଛନ୍ତି । ପ୍ରକୃତି ମାଧ୍ୟମରେ ପରମ ସତ୍ତାଙ୍କର ଉପଲବ୍ଧି କରାଇବାକୁ ଋଷି ଏହି ଉପନିଷଦଟିରେ ପର୍ଯ୍ୟାପ୍ତ ପ୍ରୟାସ କରିଥିବାର ବେଶ୍ ଅନୁମେୟ । ଅନେକ ରସ ମଧ୍ୟରୁ ଓମ୍‌କାରକୁ ଶ୍ରେଷ୍ଠ ରସ ମାନ୍ୟତା ଦେବାକୁ ଏହି ଉପନିଷଦ ପ୍ରସ୍ତୁତ ହୋଇଛି ।

ପ୍ରଥମ ଅଧ୍ୟାୟ

୧୩ ଖଣ୍ଡ ବା ଭାଗ ବିଶିଷ୍ଟ ଏହି ଅଧ୍ୟାୟଟିରେ 'ସାମ'ର ସାର 'ଓମ୍'ଙ୍କୁ ପ୍ରତିପାଦନ କରାଯାଇଛି । 'ଓମ୍'ର ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ଉପାସନାକୁ ବୁଝାଇ ବିଭିନ୍ନ ସ୍ୱରୂପମାନଙ୍କୁ ସ୍ପଷ୍ଟ କରିଦିଆଯାଇଛି । ଅଧ୍ୟାୟର ପ୍ରଥମ ଖଣ୍ଡରେ ଋଷି ଓମ୍‌କାରକୁ ଶ୍ରେଷ୍ଠ ରସ ଭାବରେ ପ୍ରତିପାଦନ କରିଅଛନ୍ତି, ଯେଉଁଥିପାଇଁ ଉଦ୍ଗାତା ସର୍ବାଗ୍ରେ ଓଁ ଉଚ୍ଚାରଣ କରି ହିଁ ସାମଗାନ ଆରମ୍ଭ କରିଥାନ୍ତି । ଏଠାରେ କୁହାଯାଇଛି ସମଗ୍ର ବାଣୀ ତଥା ପଦାର୍ଥର ରସ ବା ସାର ଅଥବା ଶ୍ରେଷ୍ଠାଂଶ ପୃଥ୍ୱୀ ଅଟେ । ପୃଥ୍ୱୀର ସାର ଜଳ ଅଟେ । ଜଳର ସାର ଔଷଧୀ, ତାହାର ସାର ପୁରୁଷ, ତହିଁର ସାର ବାଣୀ ଆଉ ସେହି ବାଣୀର ସାର ବା ରସ ହେଉଛି 'ସାମ' । ସାମର ରସ ବା ସାର 'ଓଁକାର' ଅଟେ । ଏଥିରୁ ସିଦ୍ଧ ହେଲାକି ରସଶ୍ରେଷ୍ଠ ବା ସାର ଓମ୍‌କାର ଅଟେ, ଯାହାକୁ ଆମେ ପରମାତ୍ମାଙ୍କର ପ୍ରତୀକ ଭାବରେ ସ୍ୱୀକାର

କରୁଅଛୁ । ତେଣୁ ଉପାସ୍ୟ । ଯେଉଁଭଳି ସ୍ତ୍ରୀ-ପୁରୁଷଙ୍କର ମିଳନରେ ଉଭୟଙ୍କର କାମନା ପୂର୍ତ୍ତି ହେଉଅଛି, ସେହିଭଳି ବାଣୀ, ପ୍ରାଣ ଓ ଲୟ ତଥା ସାମଗାୟନ କରିବା ଦ୍ୱାରା ଓଁକାର ସୃଜନ ହୋଇଅଛନ୍ତି । ସେଥିପାଇଁ ଆମେ କହିପାରୁ ଓମ୍‌କାର ଅନୁଭୂତି ଜନିତ ଅଟନ୍ତି ଅର୍ଥାତ୍ ଅନୁଭବରୁ ଜାତ ହୋଇଅଛନ୍ତି । ଏହି ଅକ୍ଷରକୁ ଉଚ୍ଚାରଣ କରିବା ଦ୍ୱାରା ଗାୟନର ଅନୁଭବ ଏବଂ ଗାୟନକରିବା ଦ୍ୱାରା ଶ୍ରେଷ୍ଠତାର ଅନୁଭବ କରାଯାଇଥାଏ । ଏହା ଅକ୍ଷର ବ୍ରହ୍ମଙ୍କର ଆଖ୍ୟା ଅଟେ ।

ଦ୍ୱିତୀୟ ଅଧ୍ୟାୟ

୨୪ ଖଣ୍ଡରେ ପୁଷ୍ଟ ଏହି ଅଧ୍ୟାୟଟିରେ ସାମଙ୍କ ଶ୍ରେଷ୍ଠତାକୁ ବ୍ୟାପକ କରିବାପାଇଁ ବିଭିନ୍ନ ପ୍ରକାର ଉପାସନା କଥା କୁହାଯାଇଛି । ଏଥିରେ ସାମଙ୍କର 'ପଞ୍ଚବିଧ'– 'ସପ୍ତବିଧ' ଉପାସନା ପ୍ରଣାଳୀର ବର୍ଣ୍ଣନ ହୋଇଛି । ଏହି ଅଧ୍ୟାୟର ପ୍ରଥମ ଖଣ୍ଡରେ ସାମ ଉପାସନାକୁ ହିଁ ଶ୍ରେଷ୍ଠ କୁହାଯାଇଛି । ସଂସାରରେ ଯାହାକିଛି ଶ୍ରେଷ୍ଠ ରହିଛି, ତାହା ସାମ ଅଟେ । ତେଣୁ ଯିଏ ସାମଙ୍କର ଉପାସନା କରନ୍ତି ତାଙ୍କୁ ଧର୍ମର ଶ୍ରେଷ୍ଠତା ବା ଶ୍ରେଷ୍ଠଗତି ସହଜରେ ଓ ଶୀଘ୍ର ଉପଲବ୍ଧ ହୋଇଥାଏ । ଦ୍ୱିତୀୟ ଖଣ୍ଡରେ ସାମଙ୍କର ଭାବକୁ ସାଧୁତାପୂର୍ଣ୍ଣ ତଥା ସଦାସୟତାପୂର୍ଣ୍ଣ ବୋଲି କୁହାଯାଇଛି । ଉଦ୍ଗୀଥ ହିଁ ସାମ୍ । ଉର୍ଦ୍ଧ୍ୱଲୋକରେ ପାଞ୍ଚପ୍ରକାର ସାମ ଉପାସନା କରାଯାଇପାରେ । ପୃଥ୍ୱୀକୁ **ହିଂକାର**, ଅଗ୍ନିକୁ **ପ୍ରସ୍ତାବ**, ଅନ୍ତରୀକ୍ଷକୁ **ଉଦ୍ଗୀଥ** ଆଉ ଆଦିତ୍ୟକୁ **ପ୍ରତିହାର** ତଥା ଦ୍ୟୁଲୋକକୁ **ନିଧନ** ଭାବରେ ସ୍ୱୀକାର କରାଯାଏ । ଏହିଭଳି ଅଧୋମୁଖ ଲୋକରେ ମଧ ପାଞ୍ଚ ପ୍ରକାର ସାମ ଉପାସନା କରାଯାଇପାରେ । ଏଠାରେ ସ୍ୱର୍ଗ ହିଂକାର, ଆଦିତ୍ୟ ପ୍ରସ୍ତାବ, ଅନ୍ତରୀକ୍ଷ ଉଦ୍ଗୀଥ, ଅଗ୍ନି ପ୍ରତିହାର ଆଉ ପୃଥିବୀ ନିଧନ ଅଟନ୍ତି । ପଞ୍ଚବିଧ ସାମ ଉପାସନା ଦ୍ୱାରା ଉର୍ଦ୍ଧ୍ୱ ତଥା ଅଧଃଲୋକ ଅର୍ଥାତ୍ ଇହକାଳ ଓ ପରକାଳରେ ସମସ୍ତ ଭୋଗ ସହଜରେ ପ୍ରାପ୍ତ କରାଯାଇପାରେ । ଅତଃ ଉଦ୍ଗୀଥ ବା ଓମ୍‌କାର ଉପାସନୀୟ ।

ତୃତୀୟ ଅଧ୍ୟାୟ

୧୯ଖଣ୍ଡ ଯୁକ୍ତ ଏହି ଅଧ୍ୟାୟଟିରେ ଆଦିତ୍ୟଙ୍କୁ ପରବ୍ରହ୍ମର ମାନ୍ୟତା ଦିଆଯାଇଛି । ତାଙ୍କୁ ବିବିଧ ରୂପରେ ବ୍ୟକ୍ତ କରାଯାଇ ସ୍ୱରୂପ ବିସ୍ତୃତ କରାଯାଇଛି । ପ୍ରଥମରୁ ୫ଖଣ୍ଡ ପର୍ଯ୍ୟନ୍ତ ଏହି ଆଦିତ୍ୟ ବିଷୟକ ପରବ୍ରହ୍ମ ତତ୍ତ୍ୱ ଦିଆଯାଇଛି । ପୂର୍ବ, ଦକ୍ଷିଣ, ଉତ୍ତର ଭାଗ ତଥା ଉର୍ଦ୍ଧ୍ୱସ୍ଥ ରସର ବ୍ୟାଖ୍ୟା ମହୁମାଛିର ଭୋରା ବା ମହୁଫେଣା ସହ ତୁଳନା କରାଯାଇଛି । ଋଷିଙ୍କର କହିବାନୁସାରେ ସୂର୍ଯ୍ୟ ହିଁ ସମସ୍ତ ଦୃଶ୍ୟ, ସ୍ଥୂଳରଙ୍ଗ ଯାହାକି ସପ୍ତରଙ୍ଗ ସହିତ ସୂକ୍ଷ୍ମଭାବେ ଚେତନା ପ୍ରବାହ ସହିତ ଜଡିତ ଥିବାର

ସ୍ପଷ୍ଟୀକରଣ ଦିଆଯାଇଛି । ଓମ୍‌କାର ରୂପା ଏହି ଆଦିତ୍ୟ ହେଉଛନ୍ତି ଦେବଗଣଙ୍କର ମଧୁ, ସମସ୍ତ ବେଦ(ଋକ୍, ଯଜୁଃ, ସାମ, ଅଥର୍ବ)ର ଋଚାଗଣ ମଧୁମକ୍ଷୀ ଆଉ ସେହି ଚତୁର୍ବେଦ ପୁଷ୍ପ ଅଟନ୍ତି ତହିଁରୁ ନିର୍ଗତ ସୋମ ଅମୃତରୂପା ଜଳ ଅଟେ । ଏହି ବ୍ରହ୍ମାଣ୍ଡରେ ଆଦିତ୍ୟଙ୍କର ଯେଉଁ ମତାମତ ବା ଦୃଶ୍ୟମାନତା ରହିଛି, ତାହା ପଛରେ ଚୈତନ୍ୟର ସଂକଳ୍ପ ଅବା ଆଦେଶ କାର୍ଯ୍ୟରତ । ତେଣୁ ସାମାଶ୍ରୟୀ ଆଦିତ୍ୟଙ୍କୁ ପରବ୍ରହ୍ମ ଜ୍ଞାନରେ ଉଦ୍ଗୀଥ ମାଧ୍ୟମରେ ଉପାସନା କରିଥାନ୍ତି ।

ଚତୁର୍ଥ ଅଧ୍ୟାୟ

ଏହି ଅଧ୍ୟାୟରେ ୧୭ ଗୋଟି ଖଣ୍ଡ ଅଛି । ପ୍ରଥମରୁ ୩ୟ ଖଣ୍ଡ ପର୍ଯ୍ୟନ୍ତ ରାଜା ଜାନଶ୍ରୁତି ଓ ଗାଡିଚାଳକ ରୈକ୍ୟ ସମ୍ବାଦ ରହିଛି । ଉକ୍ତ ସମ୍ବାଦ ମାଧ୍ୟମରେ ରାଜା ଜାନଶ୍ରୁତିଙ୍କୁ ବାୟୁ ଏବଂ ପ୍ରାଣ ଶ୍ରେଷ୍ଠ ବୋଲି ବ୍ୟକ୍ତ କରାଯାଇଛି । ୪ର୍ଥରୁ ୯ମ ଖଣ୍ଡ ପର୍ଯ୍ୟନ୍ତ ଜାବାଳଙ୍କ ପୁତ୍ର ସତ୍ୟକାମଙ୍କର କଥା ରହିଛି । ଏଥିରେ ବୃଷଭ, ଅଗ୍ନି, ହଂସ ଆଉ ଜଳପକ୍ଷୀ ମାଧ୍ୟମରେ ବ୍ରହ୍ମ ଉପଦେଶ ଦିଆଯାଇଛି । ଅବଶିଷ୍ଟ ଖଣ୍ଡମାନଙ୍କରେ ସତ୍ୟକାମ ଜାବାଳଙ୍କ ଶିଷ୍ୟ ଉପକୋଶଳଙ୍କୁ ବିବିଧ ଅଗ୍ନି ମାଧ୍ୟମରେ ଉକ୍ତ ବ୍ରହ୍ମଜ୍ଞାନ ପ୍ରଦାନ କରାଯାଉଛି । ଏଥିରେ ଆଉ ଗୋଟିଏ କଥା ସ୍ପଷ୍ଟ କରାଯାଇଛିକି, ଯଜ୍ଞର ବ୍ରହ୍ମା କିଏ ଅଟନ୍ତି ?

ପଞ୍ଚମ ଅଧ୍ୟାୟ

ଏହି ଅଧ୍ୟାୟରେ ପ୍ରାଣର ସର୍ବଶ୍ରେଷ୍ଠତା ଏବଂ ପଞ୍ଚାଗ୍ନି ବିଦ୍ୟାର ବିଶଦ ବର୍ଣ୍ଣନ ରହିଛି । ଏହା ସହିତ ଅଗ୍ନିଙ୍କର ମହତ୍ତ୍ୱ, ଜୀବର ଗତି ଆମ୍ଭା ଉପରେ ସତ୍ୟକାମ ଜାବାଳ, ଶ୍ୱେତକେତୁ ଏବଂ ପ୍ରବାହଣ ସମ୍ବାଦ ତଥା ଜୀବ-ଜଗତର ଗୁଢତମ ବିଷୟମାନଙ୍କୁ ସରଳ ଭାବରେ ପ୍ରସ୍ତୁତ କରାଯାଇଛି । ୨୪ଖଣ୍ଡ ଯୁକ୍ତ ଏହି ଅଧ୍ୟାୟରେ ପ୍ରାଣତତ୍ତ୍ୱର ଶ୍ରେଷ୍ଠତା ପ୍ରଥମ ଖଣ୍ଡରେ ସ୍ପଷ୍ଟ କରିଦିଆଯାଇଛି । ଏହି ଶରୀରରେ ଯେଉଁ ସ୍ଥାନ ପ୍ରାଣର ରହିଛି, ତାହା ଅନ୍ୟକେଉଁ ଇନ୍ଦ୍ରିୟର ନାହିଁ । ଏକଦା ସମସ୍ତ ଇନ୍ଦ୍ରିୟମାନଙ୍କ ମଧ୍ୟରେ ସ୍ୱ-ସ୍ୱ ଶ୍ରେଷ୍ଠତା ନିମନ୍ତେ ବିବାଦ ସୃଷ୍ଟିହେଲା । ତେଣୁ ସମସ୍ତେ ପ୍ରଜାପତି ବ୍ରହ୍ମାଙ୍କ ଠାରୁ ନିର୍ଣ୍ଣୟ ପାଇବା ପାଇଁ ଚାହିଁଲେ । ଏହା ସମ୍ବନ୍ଧରେ ପ୍ରଜାପତି କହିଲେ କି, ତୁମମାନଙ୍କ ମଧ୍ୟରୁ ଯାହାଙ୍କର ଶରୀର ଛାଡିଦେବାପରେ ଜୀବ ନିଶ୍ଚେଷ୍ଟ ହୋଇଯିବ, ସେ ହିଁ ଶ୍ରେଷ୍ଠ । ସର୍ବପ୍ରଥମେ ବାଣୀ, ତାପରେ ଚକ୍ଷୁ, ପରେ ପରେ କର୍ଣ୍ଣ, ମନ ଓ ଶରୀର ଥରକୁ ଥର ଶରୀର ତ୍ୟାଗକରି ଜାଣିଲେ କି ଜୀବ ନିଶ୍ଚେଷ୍ଟ ହେଉନାହିଁ ବରଂ ଶରୀର ସକ୍ରିୟ ରହିପାରୁଛି । ଯେମିତିକି ବାଣୀ

ହରାଇ ଜୀବ ମୂକ ହେଉଛି, ଶ୍ରୁତି ହରାଇ ବଧିର, ଦୃଷ୍ଟି ହରାଇ ଅନ୍ଧ, ମନ ହରାଇ ବାଳକବତ୍ ହୋଇଯାଉଛି । ମାତ୍ର ଅବଶିଷ୍ଟ ଅଙ୍ଗ ସମୂହ କାର୍ଯ୍ୟକ୍ଷମ ରହିପାରୁଛନ୍ତି । ହେଲେ ଯେତେବେଳେ ପ୍ରାଣବାୟୁ ଉତ୍କ୍ରମଣ ହେବାକୁ ଚାହିଁଲେ, ସେତେବେଳେ ଅବଶିଷ୍ଟ ଅଙ୍ଗ ଶିଥିଳ ହେବାକୁ ଲାଗିଲେ । ସମସ୍ତେ ବିଚଳିତ ହୋଇ ପ୍ରାଣଙ୍କୁ ରୋଧକରି ତାଙ୍କର ଶ୍ରେଷ୍ଠତାକୁ ସ୍ୱୀକାର କଲେ । ଅତଃ ଅଧ୍ୟାୟଟି ପ୍ରାଣଙ୍କ ଶ୍ରେଷ୍ଠତା ଆଉ ତାଙ୍କ ଉପାସନା ନିମନ୍ତେ ଉପଦେଶ ପ୍ରଦାନ କରିଅଛନ୍ତି ।

ଷଷ୍ଠଅଧ୍ୟାୟ

ଏହି ଅଧ୍ୟାୟରେ ୧୬ଗୋଟି ଖଣ୍ଡ ରହିଛି ଯାହାର ପ୍ରଥମ ୨ଖଣ୍ଡ ଜଗତର ଉତ୍ପତ୍ତି ବିଷୟରେ ବ୍ୟକ୍ତ କରିଛନ୍ତି । ବ୍ରହ୍ମର୍ଷି ଆରୁଣିଙ୍କ ପୁତ୍ର ଉଦ୍ଦାଳକ ନିଜ ପୁତ୍ର ଶ୍ୱେତକେତୁଙ୍କୁ ସତ୍ୟ-ସ୍ୱରୂପ ବ୍ରହ୍ମଙ୍କୁ ବିବିଧ ଉଦାହରଣ ମାଧ୍ୟମରେ ବୁଝାଇଥିଲେ ଆଉ ସୃଷ୍ଟିର ସୃଜନର ବିଧିବଦ୍ଧ ବ୍ୟାଖ୍ୟା କରିଅଛନ୍ତି । ସେ କହିଛନ୍ତି ସୃଷ୍ଟି ପ୍ରାରମ୍ଭରୁ ସତ୍ ହିଁ ବିଦ୍ୟମାନ ଥିଲେ । ପୁଣି କୌଣସି ଏକ ସମୟରେ ନିଜେ ନିଜକୁ ଅନେକ ରୂପରେ ବିଭକ୍ତ କରିବାର ସଂକଳ୍ପ କଲେ । ତାଙ୍କ ସଂକଳ୍ପ ମାତ୍ରକେ ତେଜ ପ୍ରକଟିତ ହେଲେ । ତେଜରୁ ଜଳ ପ୍ରକଟ ହେଲେ । ତେଣୁ ସଂକଳ୍ପ ଜାତ ତେଜକୁ ବେଦରେ ହିରଣ୍ୟଗର୍ଭ କୁହାଯାଇଛି । ସୃଷ୍ଟିର ମୂଳ କ୍ରିୟାଶୀଳ ପ୍ରବାହ ଏହି ଜଳତତ୍ତ୍ୱ ହିଁ ଅଟେ, ଯିଏକି ତେଜରୁ ପ୍ରକଟ ହୋଇଛନ୍ତି । ସେହି ଜଳର ପ୍ରବାହରୁ ଅତି ସୂକ୍ଷ୍ମକଣାର ନିର୍ମାଣ ହୋଇଛି ଆଉ କାଳାନ୍ତରରେ ଏହି ସୂକ୍ଷ୍ମକଣାଗୁଡିକ ଏକତ୍ରିତ ହୋଇ ପୃଥିବୀର କାରଣ ହେଲେ । ପ୍ରାରମ୍ଭରୁ ସୃଷ୍ଟି ସୃଜନର ପ୍ରଥମାହୁତି ଦ୍ୟୁଲୋକରେ ହୋଇଥିଲା । ତହିଁରେ ବିଦ୍ୟମାନ ସତ୍‌ରୁ ତେଜ, ଆଉ ତେଜରୁ ଜଳର ବ୍ୟୁତ୍ପତ୍ତି ହୋଇଛି । ପୁଣି ଜଳର ସୂକ୍ଷ୍ମ ରୂପରୁ ଜଳକଣା, ଯାହାର ସମ୍ମେଳନରୁ ପୃଥିବୀର ନିର୍ମାଣ ହୋଇଥିଲା । ଫଳରେ ଧରିତ୍ରୀରେ ଅନ୍ନର ଉତ୍ପାଦନ ହେଲା, ସେହିଭଳି ଅନ୍ୟ ପାଦମାନଙ୍କରେ ସୂର୍ଯ୍ୟ ଉତ୍ପନ୍ନ ହେଲା । ଏ ପ୍ରକାର ବର୍ଣ୍ଣନା ରହିଛି ।

ସପ୍ତମ ଅଧ୍ୟାୟ

୨୬ କାଣ୍ଡ ସମ୍ବଳିତ ଏହି ୭ମ ଅଧ୍ୟାୟରେ ଶବ୍ଦ ମାଧ୍ୟମରେ ବ୍ରହ୍ମଙ୍କ ଠାରୁ ପ୍ରାଣ ପର୍ଯ୍ୟନ୍ତ ବ୍ୟାଖ୍ୟା କରାଯାଇଛି । ବ୍ରହ୍ମଙ୍କର ବାସ୍ତବିକ ସ୍ଥିତି କଣ ଅଟେ, ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି । ପ୍ରଥମରୁ ୧୫ଖଣ୍ଡ ପର୍ଯ୍ୟନ୍ତ ବ୍ରହ୍ମଙ୍କର ଯଥାର୍ଥ ରସ କଣ, ଏହାକୁ ବ୍ୟକ୍ତ କରାଯାଇଛି । ଏହି ଖଣ୍ଡମାନଙ୍କରେ ଋଷି ସନତକୁମାର ନାରଦଙ୍କୁ ପ୍ରାଣଙ୍କର ସତ୍ୟ ସ୍ୱରୂପକୁ ଅବଗତ କରାଇଅଛନ୍ତି । ନାରଦ ଯିଏକି ଚତୁର୍ବେଦ, ପୁରାଣ, ଇତିହାସ, ନୃତ୍ୟ, ସଙ୍ଗୀତ ଆଦି ବିଦ୍ୟାରେ ପାରଙ୍ଗତ ବା ଜ୍ଞାତା,

ସେ ନିଜ ପାଇଁ ଗର୍ବିତ । ଏକଦା ସନତକୁମାରଙ୍କୁ ବ୍ରହ୍ମଙ୍କ ସମ୍ପର୍କରେ ପ୍ରଶ୍ନକଲେ, ସେ ନାରଦଙ୍କୁ କହିଲେ- ଆଜି ପର୍ଯ୍ୟନ୍ତ ଆପଣ ଯେଉଁ ଜ୍ଞାନ ପ୍ରାପ୍ତ କରିଅଛନ୍ତି, ସେଗୁଡିକ ବ୍ରହ୍ମଙ୍କର ନାମ ମାତ୍ର ଅଟନ୍ତି । ସେ କହିଲେ ନାମ ଉପରେ ବାଣୀ, କାହିଁ କି ନାଁ ବାଣୀ ଦ୍ୱାରା ନାମୋଚ୍ଚାରଣ ହୁଏ । ତେଣୁ ତାକୁ ବ୍ରହ୍ମଙ୍କର ଏକ ରୂପ ଭାବରେ ସ୍ୱୀକାର କରାଯାଏ । ବାଣୀର ଉପରେ ସଂକଳ୍ପ, କାରଣ ସେହିଁ ତ ମନକୁ ପ୍ରେରିତ କରେ । ତଦୁପରେ ଚିତ୍ତ, କାରଣ ଚିତ୍ତ ସଂକଳ୍ପକୁ ପ୍ରେରିତ କରେ ବା ପ୍ରେରଣା ଦିଏ । ଚିତ୍ତର ଊର୍ଦ୍ଧ୍ୱରେ ଧ୍ୟାନ କାରଣ ଧ୍ୟାନ ଲାଗିଲେ ତ ଯାଇ ଚିତ୍ତ ସଂକଳ୍ପକୁ ବୁଝିବ । ଧ୍ୟାନୋପରି ବିଜ୍ଞାନ, କାରଣ ବିଜ୍ଞାନର ଜ୍ଞାନ ହେଲେ ଯାଇ ଆମେ ସତ୍ୟ-ଅସତ୍ୟକୁ ଜାଣିପାରୁ । ତେଣୁ ଯୁକ୍ତିଯୁକ୍ତ ସ୍ଥାନରେ ଧ୍ୟାନକୁ କେନ୍ଦ୍ରୀତ କରୁ । ବିଜ୍ଞାନରୁ ଶ୍ରେଷ୍ଠ ବଳ ଆସେ, ତା'ଠାରୁ ଶ୍ରେଷ୍ଠ ଅନ୍ନ । କାରଣ ଭୋକିଲା ପେଟରେ ବଳ ଆସେ ନାହିଁ କି ବିଜ୍ଞାନ, ଏପରିକି ଅନ୍ୟମାନେ କାର୍ଯ୍ୟକ୍ଷମ ହୁଅନ୍ତି ନାହିଁ । ଏଣୁ ଅନ୍ନକୁ ମାନ୍ୟତା ଦେଇ ଉପାସନା କରି ସାମୋଗାନ କରାଯାଇପାରେ ।

ଅଷ୍ଟମ ଅଧ୍ୟାୟ

ଏହି ଅଧ୍ୟାୟରେ ଶରୀରସ୍ଥ ଆତ୍ମାର ଅଜର-ଅମରତାକୁ ବିବେଚନ କରାଯାଇଛି । ୧୫ଖଣ୍ଡରେ ବର୍ଣ୍ଣିତ ଏହି ଅଧ୍ୟାୟ ଷଷ୍ଠଖଣ୍ଡ ପର୍ଯ୍ୟନ୍ତ ଶରୀରରେ ଆତ୍ମାର ସ୍ଥିତି ସମ୍ପର୍କରେ ବତାଇଅଛନ୍ତି । ଏହି ଷଟ୍‌ଖଣ୍ଡରେ ଶରୀରର ଭୌତିକ ସ୍ୱରୂପରେ ଆତ୍ମାର ସ୍ଥିତି ଆଉ ହୃଦୟ ତଥା ଅକାଶ ସହିତ ତୁଳନା କରାଯାଇଛି । ଏଠାରେ ଆତ୍ମାକୁ ଏହି ପ୍ରସଙ୍ଗରେ ଗୁରୁ-ଶିଷ୍ୟ ପରମ୍ପରା ମାଧ୍ୟମରେ ଅଭିଷିକ୍ତ କରାଯାଇଛି । ଗୁରୁ ନିଜ ଶିଷ୍ୟକୁ କହିଛନ୍ତି—''ମାନବ ହୃଦୟରେ ଅତ୍ୟନ୍ତ ସୂକ୍ଷ୍ମ ରୂପରେ ବ୍ରହ୍ମ ବିଦ୍ୟମାନ ।'' ୭/୭ ମନ୍ତ୍ରାନୁସାରେ ଆତ୍ମା ହୃଦୟରେ ସ୍ଥିତ । ହୃଦୟର ଅର୍ଥ- ହୃଦି ଅୟାମ- ସେ ହୃଦୟରେ ଅଛନ୍ତି । ଏହା ଆତ୍ମାର ବ୍ୟୁତ୍ପତ୍ତି । ଏହିଭଳି ଯିଏ ଆତ୍ମତତ୍ତ୍ୱକୁ ହୃଦୟରେ ରହିଛନ୍ତି ବୋଲି ଜାଣନ୍ତି । ସେ ପ୍ରତ୍ୟହ ସ୍ୱର୍ଗଲୋକ ଗମନ କରନ୍ତି । ବାସ୍ତବରେ ଯେତେ ବଡ ଏହି ଆକାଶ, ସେତେ ବଡ ଏହି ହୃଦୟ । ତଦ୍ରୂପ ବିସ୍ତୃତ ଏଇ ହୃଦଦେଶ । ତେଣୁ ସେ ହୃଦୟରେ, ସେ ସୂକ୍ଷ୍ମ ରୂପରେ, ଆତ୍ମା ନାମରେ ନିବାସ କରୁଅଛନ୍ତି । ଏହି ଶରୀର ସମୟାନ୍ତରରେ ଜର୍ଜର ହୋଇଚାଲେ । ଆଉ ଦିନେ ବୃଦ୍ଧତ୍ୱ ପ୍ରାପ୍ତ ହୋଇ ନିଃଶେଷ ହୁଏ । ଏଣୁ ଶରୀରକୁ ନୁହେଁ ବରଂ ତଦ୍ ମଧ୍ୟସ୍ଥ ଆତ୍ମାକୁ ନଶ୍ୱର କୁହାଯାଏ ।